ଆଚାର୍ଯ୍ୟ ମୋତିରାବଣ କଙ୍ଗାଲିଙ୍କର

ଗୋଁଡ଼ନାଂଗ ସୁର୍ଯ୍ୟାଲ ଭିଡ଼ାର ପୁନମାଡ଼



# ଗୋଁଡ଼ ମାନଙ୍କର ମୂଳ ନିବାସ ସ୍ଥଳ ପରିଚୟ

ଶ୍ରୀ ବିରଞ୍ଚି ନାୟକ

ଗୋଁଡ଼ ମାନଙ୍କର ମୂଳ ନିବାସ ସ୍ଥଳ ପରିଚୟ ଶ୍ରୀ ବିରଞ୍ଚି ନାୟକ

# ଗୋଁଡ଼୍‌ନାଂଗ୍ ସୂର୍ଯ୍ୟାଲ ଭିଡ଼ାର ପୁନମାଡ଼୍

## ଗୋଁଡ଼୍ ମାନଙ୍କର ମୂଳ ନିବାସ ସ୍ଥଳ ପରିଚୟ


ମୂଳହିନ୍ଦୀ
ଆଚାର୍ଯ୍ୟ ମୋତିରାବଣ କଂଗାଲୀ



**ପ୍ରକାଶକ**

**ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା**

ଓଡ଼ିଶା ପ୍ରଦେଶ

ଗୋଁଣ୍ଡ ଭବନ, କାପୁମାଲ୍, ଇଣ୍ଡଷ୍ଟ୍ରିୟାଲ୍ ଇଷ୍ଟେଟ୍, ଝାରସୁଗୁଡ଼ା

# ଗୋଁଡ୍‌ନାଂଗ ସୁର୍ଯ୍ୟାଲ ଭିଡ଼ାର ପୁନମାଡ଼ ବା
# "ଗୋଁଡ଼ୋଁ କା ମୂଲ ନିବାସ ସ୍ଥଳ ପରିଚୟ"


| | | |
|---|---|---|
| ଲେଖକ | : | ୰ ଆଚାର୍ଯ୍ୟ ମୋତିରାବଣ କଙ୍ଗାଲୀ<br>ନାଗପୁର |
| ପ୍ରକାଶକ | : | **ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା**<br>ଓଡ଼ିଶା ପ୍ରଦେଶ<br>ଗୋଁଣ୍ଡ ଭବନ, କାପୁମାଲ୍, ଇଣ୍ଡଷ୍ଟ୍ରିୟାଲ୍ ଇଷ୍ଟେଟ୍, ଝାରସୁଗୁଡ଼ା |
| ଓଡ଼ିଆ ଅନୁବାଦ | : | **ଶ୍ରୀ ବିରଞ୍ଚି ନାୟକ** |
| ପ୍ରଚ୍ଛଦ | : | **ପ୍ରମୋଦ କୁମାର ବେହେରା**<br>ତୃପ୍ତୀ କମୁନିକେଶନ, ବଇଣ୍ଡା,ଅନୁଗୋଳ |
| ମୂଦ୍ରଣ | : | **ପ୍ରଶାନ୍ତ କୁମାର ସେନାପତି**<br>ଫୋନ୍-୮୭୬୩୨୧୬୬୪୯ |
| ମୂଲ୍ୟ | : | ୧୦୦/- (ଏକଶତ ଟଙ୍କା ମାତ୍ର) |


*Gondnang Suryal Vidar Punmad* or
*Gondo ka Mul Niwas Sthal Parichay*


| | | |
|---|---|---|
| Writer | : | Late Achary Motiraban Kangali,<br>Nagpur |
| Publisher | : | Akhila Bharatiya Gondwana Gond Mahasabha<br>Odisha Pradesh<br>Gond Bhawan, Kapumal, Industrial Estate, Jharsuguda |
| Translated by | : | Sri Biranchi Nayak. |
| Cover Design | : | Pramod Kumar Behera<br>Trupti Communication,Boinda,Angul |
| Printed at | : | Prasanta Kumar Senapati<br>Ph: 8763216649 |
| Price | : | Rs. 100/- (Rupees One Hundred Only) |

# ଉତ୍ସର୍ଗ

ଓଡ଼ିଶାର ଗୋଁଡ଼ ଭାଇଭଉଣୀ ମାନଙ୍କ
ଉଦ୍ଦେଶ୍ୟରେ............ ।

ଅନୁବାଦକ

# ସମର୍ପଣ

ଗୋଁଡ଼୍ଓ୍ୱନା ମହାସଭାର ସମଗ୍ର କାନ୍ତି

ଆନ୍ଦୋଳନ

ସ୍ୱାଭିମାନ, ସମ୍ମାନ ଓ ସ୍ୱାବଲମ୍ବନ

ଉଦ୍ଦେଶ୍ୟରେ

ସାଦର ସମର୍ପଣ

ଆଚାର୍ଯ୍ୟ ମୋତିରାବଣ କଂଗାଲୀ

# ପ୍ରାକ୍ କଥନ

## ଜୟସେବା

ଗୋଁଡ଼ିନାଂଗ ସୂର୍ୟାଲ ଭିଡ଼ାର ପୁନମାଡ଼ ଅର୍ଥାତ୍ ଗୋଁଡ଼ ମାନଙ୍କର ମୂଳ ବସତି ପରିଚୟ ଅର୍ଥାତ୍ ମୂଳନିବାସ ସ୍ଥଳ ଦର୍ଶନ । ଗୋଁଡ଼ ଭାଷାରେ "ନାଂଗ" ଷଷ୍ଠୀ ବିଭକ୍ତିରେ ବହୁବଚନ ଅଟେ । ଯାହାକୁ "ସଂଗୋଡ଼ ଇଟୁକ୍ ପସ୍ତୋରୀ" (ଷଷ୍ଠକାରକ ପ୍ରତ୍ୟୟ) କୁହାଯାଏ । ଯେ କୌଣସି ନାମବାଚକ ବିଶେଷ୍ୟ କୁ, ଗୋଁଡ଼ି ଭାଷାର ବ୍ୟାକରଣ ଅନୁସାରେ, 'ନାଂଗ' ପ୍ରତ୍ୟୟ ଲଗାଇବା ଦ୍ୱାରା ଏଇ ବିଶେଷ୍ୟ ପଦର ଷଷ୍ଠୀ ବିଭକ୍ତି ରୂପ ହୁଏ । ଯେମିତି ଏକନାଂଗ ମାନେ ଏହାର, ଆୟାନାଂଗ ମାନେ ତାହାର, କୋଂଦାନାଂଗ ମାନେ ବଳଦମାନଙ୍କର, ମୂଡ଼ାନାଂଗ ମାନେ ଗାଈ ମାନଙ୍କର, ଆର୍ୟାନାଂଗ ମାନେ ଆର୍ଯ୍ୟମାନଙ୍କର ଅର୍ଥ ହୋଇଥାଏ । ଠିକ୍ ଏଇଭଳି ଗୋଁଡ଼ିନାଂଗ ଭିଡ଼ାର ଅର୍ଥାତ୍ ଗୋଁଡ଼ମାନଙ୍କ ବସତି ଅର୍ଥ ହୋଇଥାଏ । 'ଭିଡ଼ାର' ଏହା ନିବାସସ୍ଥଳ ବୋଧକ ଶବ୍ଦ ଅଟେ । ଯାହାର ବ୍ୟୁତ୍ପତ୍ତି ଭିଡ଼ା ଧାତୁରୁ ହୋଇଛି ଯାହା ଠାନା, ଠିୟା, ଢ଼ାନା ଅର୍ଥାତ୍ ସ୍ଥଳ ଅର୍ଥ ବୋଧକ ଅଟେ ।

ଗୋଁଡ଼ୀନାଂଗ ଭିଡ଼ାର ର ଅନ୍ୟଅର୍ଥ ଗୋଁଡ଼୍‌ସଂପ୍ରଦାୟର ବୃତ୍ତି ବା କୁଣ୍ଡଳୀ ଗଣ୍ଡଚିହ୍ନ (ଟୋଟେମ୍) ଧାରକ ଗଣ୍ଡଜୀବ ମାନଙ୍କର ନିବାସ ମଧ୍ୟ ହୋଇଥାଏ । କୋୟା ବଂଶୀୟ ଗୋଁଡ଼୍ ସମୁଦାୟର ପ୍ରଥମ ଶମ୍ଭୁମାଦାବ (ଶମ୍ଭୁ ମହାଦେବ) ନାଂଗଦୁଆର (ନାଗଦ୍ୱାର) ଗଡ଼ର ଗଣ୍ଡ ପ୍ରମୁଖ କୁଲୀତରାଙ୍କ ପୁତ୍ର ନିଜେ ଗଣ୍ଡଚିହ୍ନ ଧାରକ ଥିଲେ । ଯିଏ ସତ୍‌ପୁଡ଼ାର ପେଙ୍କ୍‌ମେଢ଼ୀ (ପେଞ୍ଚମେଢ଼ୀ)ର ପଞ୍ଚଖଣ୍ଡ ପୃଥିବୀ ଉପରେ ନିଜର ଆଧିପତ୍ୟ ସ୍ଥାପିତ କରିଥିଲେ । ଏହି ସତ୍‌ପୁଡ଼ାର ପାର୍ଶ୍ୱବର୍ତ୍ତୀ ପ୍ରଦେଶରେ ଅନାଦିକାଳରୁ ନାଂଗ ଗଣ୍ଡଚିହ୍ନ ଧାରଣ କରୁଥିବା ଗୋଁଡ଼୍ ମାନଙ୍କର ବାସସ୍ଥାନ ରହି ଆସିଛି । ଏଥିପାଇଁ ଏହି କ୍ଷେତ୍ରାଞ୍ଚଳକୁ ଗୋଁଡ଼ ଭାଷାରେ ନାଂଗ ଭିଡ଼ାର ବା ନାଂଗ ଭିଡ଼ି କୁହାଯାଏ । ବର୍ତ୍ତମାନ ଏଇ କ୍ଷେତ୍ରାଞ୍ଚଳକୁ ଆର୍ଯ୍ୟ ଇତିହାସକାର ମାନଙ୍କ ଦ୍ୱାରା ବିଦର୍ଭ ସଂବୋଧନ କରି ଏହାର ସମ୍ବନ୍ଧ ପୌରାଣିକ ବିଦର୍ଭି ସହ ସଂପୃକ୍ତ କରିବାର ଉଦ୍ୟମ କରାଯାଇଛି ।

ବାସ୍ତବିକତା ଏୟା ଯେ ବର୍ତ୍ତମାନର ମଧ୍ୟପ୍ରଦେଶର ମହାକୋଶଳ ଓ ମହାରାଷ୍ଟ୍ରର ନାଂଗ ଭିଡ଼ାର ଅଂଚଳରେ ଗୋଁଡ଼ିନାଂଗ ଡୁଆର୍ ଗୋଁଡ଼ୀନାଂଗପୁର, ଗୋଁଡ଼ୀନାଂଗ ଭିଡ଼ା, ଗୋଁଡ଼ୀନାଂଗ ଢ଼ାନା, ଗୋଁଡ଼ିନାଂଗ ବାଡ଼ି, ଗୋଁଡ଼ୀନାଂଗ୍ ଗୁଡ଼ା ଆଦି ଏମିତି ପ୍ରାଚୀନ ସ୍ଥାନ ରହିଚି । ଯାହା ବର୍ତ୍ତମାନ ନାଗଦ୍ୱାର ଗୋଂଡ଼ୀନାପୁର, ନାଗପୁର,ନାଗଭିଡ଼ା, ନାଗଠାନା, ନାଗଝିରା, ନାଗେଲବାଡ଼ି,ନାଗୁଡ଼ାର ଆଦି ନାମରେ ଯଥାକ୍ରମେ ଚିହ୍ନିତ ହେଉଛନ୍ତି । ଏହା ବ୍ୟତୀତ ପେଙ୍କମେଢ଼ୀ (ପେଞ୍ଚମେଢ଼ୀ) ସତ୍‌ପୁଡ଼ା (ରକ୍ଷପର୍ବତ) କୋରାଇ ମେଟ୍ଟା (କୁରଇପର୍ବତ), ସଲ୍ଲେମେଟ୍ଟା (ସାଲେଟେବରୀ) ବାକାଲମେଟ୍ଟା (ବକ୍କାପର୍ବତ) ଝେଣ୍ଡୀମେଟ୍ଟା, ପେନ୍‌ଗଙ୍ଗା, ବେନ୍‌ଗଙ୍ଗା ବରଦାଉ ଡ଼ୋଡ଼ା (କହ୍ନାନ ନଦୀ) ତାପି ଡ଼ୋଡ଼ା (ତାପ୍ତିନଦୀ), ପେଙ୍ଗ୍ ଡ଼ୋଡ଼ା (ପେଞ୍ଚନଦୀ) ଆଦି ପାହାଡ଼ ପର୍ବତ ଓ ନଦୀ ନାଳ ମାନଙ୍କର ଅନାଦି କାଳରୁ ପ୍ରଚଳିତ ଗୋଁଡ଼ୀ ନାମ ଏକଥାର ପ୍ରତ୍ୟକ୍ଷ ପ୍ରମାଣ ଏହା ଯେ ଏହି ଗୋଁଡ଼ିନାଂଗ ଭିଡ଼ାର କ୍ଷେତ୍ରାଞ୍ଚଳରେ ପ୍ରାଗୈତିହାସିକ କାଳରୁ କୋୟା ବଂଶୀୟ ଗୋଁଡ୍ ସମ୍ପ୍ରଦାୟର ଗୋଣ୍ଡଜୀବ ମାନଙ୍କ ବସତି ରହିଥିଲା ଏବଂ ଆଜି ମଧ୍ୟ ଅଛି ।

ଗୋଁଡ୍‌ୱାନାର ଗୋଁଡ଼ିନାଂଗ ଭିଡ଼ାର ଦର୍ଶନ ଅର୍ଥାତ୍ ଆଧୁନିକ ସତପୁଡ଼ା, ବିନ୍ଧ୍ୟ, ଅମରକଣ୍ଟକ ଆଦି ପର୍ବତ ଗୁଡ଼ିକର ପାର୍ଶ୍ୱବର୍ତ୍ତୀ ପ୍ରଦେଶରେ ଥିବା ହୋସଂଗାବାଦ୍, ବୈତୁଲ, ଛିନ୍ଦବାଡ଼ା, ସିଉନୀ, ନରସିଂହପୁର, ଜବଲପୁର, ମଣ୍ଡଲା, ବାଲାଘାଟ୍, ଶହଡ଼ୋଲ, ସୀଘୀ, ସରଗୁଜା, ବିଲାସପୁର, ରାୟପୁର, ଦୁର୍ଗ, ବସ୍ତର, ଭଣ୍ଡାରା, ଚାନ୍ଦା,ବର୍ଦ୍ଧା, ନାଗପୁର, ଯବତ୍‌ମାଲ, ଅକୋଲା, ଅମରାବତୀ, କୋରାପୁଟ, ନବରଂଗପୁର, ସମ୍ବଲପୁର, ରାୟଗଡ଼, ସୁନ୍ଦରଗଡ଼ ଆଦି ଜିଲ୍ଲା ଗୁଡ଼ିକରେ ପ୍ରାଗୈତିହାସିକ ଏବଂ ଐତିହାସିକ କାଳୀନ ପ୍ରାଚୀନ ସ୍ଥଳ, ନଦୀନାଳ ଓ ପାହାଡ଼ ପର୍ବତ ସେ ସମ୍ବନ୍ଧିତ ଗୋଁଡ଼ସଂପ୍ରଦାୟର ସ୍ଥାଂସ୍କୃତିକ ଗୋଁଡ୍ ଗାଥାର ପରିଚୟ କେବଳ ଆଜିକାର ନୂତନ ପିଢ଼ୀଙ୍କୁ କରାଇବା ଉଦ୍ଦେଶ୍ୟରେ ନୁହେଁ ଅଧିକନ୍ତୁ ବିଦେଶରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ଜଣାଇ ଦେବା ଉଦ୍ଦେଶ୍ୟରେ ଏହି ସାହିତ୍ୟକୃତି ପ୍ରସ୍ତୁତ କରାଯାଇଛି ।

# କାର୍ଯ୍ୟସୂଚୀ


| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୧. | ଅନୁବାଦ କରାଯାଇଛି କାହିଁକି | ୮ |
| ୨. | ହୋସଂଗାବାଦ୍ ଜିଲ୍ଲା | ୧୧ |
| ୩. | ବୈତୁଲ୍ ଜିଲ୍ଲା | ୧୮ |
| ୪. | ଛିନ୍ଦବାଡ଼ା ଜିଲ୍ଲା | ୨୯ |
| ୫. | ନରସିଂହପୁର ଜିଲ୍ଲା | ୩୩ |
| ୬. | ସିଓନୀ ଜିଲ୍ଲା | ୩୫ |
| ୭. | ବାଲାଘାଟ ଜିଲ୍ଲା | ୪୨ |
| ୮. | ଜବଲପୁର ଜିଲ୍ଲା | ୪୯ |
| ୯. | ମଣ୍ଡଲାଜିଲ୍ଲା | ୬୧ |
| ୧୦. | ସରଗୁଜା ଜିଲ୍ଲା | ୭୪ |
| ୧୧. | ରୀବାସିଧି, ସିଂରୋଲି, ସହଡ଼ୋଲ କ୍ଷେତ୍ର | ୮୪ |
| ୧୨. | ବିଲାସପୁର, ରାୟପୁର ଏବଂ ଦୁର୍ଗ ଜିଲ୍ଲା | ୮୯ |
| ୧୩. | ବସ୍ତର ଜିଲ୍ଲା | ୧୦୯ |
| ୧୪. | ଭଣ୍ଡାରା ଜିଲ୍ଲା | ୧୧୭ |
| ୧୫. | ନାଗପୁର ଜିଲ୍ଲା | ୧୨୨ |
| ୧୬. | ବର୍ଦ୍ଧା ଜିଲ୍ଲା (ୱାର୍ଦ୍ଧା ଜିଲ୍ଲା) | ୧୩୪ |
| ୧୭. | ଚାନ୍ଦା ଜିଲ୍ଲା | ୧୩୮ |
| ୧୮. | ଯବତମାଲ ଜିଲ୍ଲା | ୧୪୯ |
| ୧୯. | ଅକୋଲା ଜିଲ୍ଲା | ୧୫୪ |
| ୨୦. | ଅମରାବତୀ ଜିଲ୍ଲା | ୧୫୮ |

# ଅନୁବାଦ କରାଯାଇଛି କାହିଁକି

ପ୍ରାୟ ୫ ବର୍ଷ ହେବ ମୁଁ ଏବଂ ଆଠମଲ୍ଲିକ ଅଂଚଳର କେତେକ ବନ୍ଧୁ ଛତିଶଗଢ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରର ବିଭିନ୍ନ ଅଂଚଳ ଗସ୍ତକରି ଗୋଁଡ଼୍ ସଭ୍ୟତାର ପ୍ରାଚୀନ କେନ୍ଦ୍ର ସବୁ ଦେଖି ଆସୁଛୁ । ତନ୍ମଧ୍ୟରେ ଅମରକଣ୍ଟକ,ନର୍ମଦା ନଦୀ,ଗଢ଼ମଣ୍ଡଲା, ରାମଗଢ, ଜବଲପୁର ଆଦି ମଧ୍ୟପ୍ରଦେଶର ଚନ୍ଦ୍ରପୁର, (ଚାନ୍ଦାଗଢ), ଗଢ଼ଚିରୋଲି, ଚାର୍ମୋଶୀ,ମାର୍କଣ୍ଡା,ଆରମୋରୀ ଗୋଁଡିୟା, ଲାଂଜୀଗଢ଼, କଚାରଗଢ଼, ଡ଼ୋଙ୍ଗର ଗଢ଼, ଧମଧାଗଢ଼ ଆଦି ମହାରାଷ୍ଟ୍ରର ବିଭିନ୍ନ ସ୍ଥାନ ବୁଲି ଦେଖିଥିଲୁ । ପୂର୍ବ ସୂଚନା ଅଭାବରୁ ଅନେକ ସ୍ଥାନ ବଲିଥିଲେ ମଧ୍ୟ ସେଥିରେ ଗୋଁଡ଼୍ ସଭ୍ୟତାର ପ୍ରତ୍ନତାତ୍ତ୍ୱିକ ଅବଶେଷ ରହିଚି ଏକଥା ଆମେ ଜାଣିପାରି ନଥିଲୁ । ଲୋହାଗଢ଼ କଚାରଗଢ଼ର ପ୍ରସିଦ୍ଧ ମେଳା ଦେଖିବା ବେଳେ "ଗୋଁଡ଼ନାଂଗ ସୂର୍ଯ୍ୟାଲଭିଡ଼ାର ପୁନମାଡ଼" ବା ଗୋଁଡ଼୍ ମାନଙ୍କର ମୂଳନିବାସ ପରିଚୟ ଲେଖକ ଆଚାର୍ଯ୍ୟ ମୋତି ରାବଣ କଂଗାଲୀ ପୁସ୍ତକଟି କିଣିଲି । ଏହାକୁ ପଢ଼ିବାପରେ ଚଳିତ ବର୍ଷ ବଲାଙ୍ଗୀର ଠାରେ ଅଖିଳ ଭାରତୀୟ ଗୋଁଡଓ୍ୱାନା ଗୋଁଡ଼୍ ମହାସଭା ଅନୁଷ୍ଠିତ ହୋଇଥିବା ଜାଣି ଏହାକୁ ଓଡ଼ିଆରେ ଅନୁବାଦ କରିବାର ଆବଶ୍ୟକତା ଅନୁଭବ କଲି ।

ଆମେ ଓଡ଼ିଶାରେ ବସବାସ କରୁଥିବା ଗୋଁଡ଼୍ ସଂପ୍ରଦାୟର ଲୋକେ ମୁଖ୍ୟତଃ ମଧ୍ୟଭାରତର ଗୋଁଡ଼ଓ୍ୱାନା ଅଂଚଳରୁ ସ୍ଥାନାନ୍ତରିତ ହୋଇ ଆସିଛୁ । ଆମର ପୂର୍ବଜ ମାନଙ୍କ ପାଖରୁ ଗୋଁଡ଼୍ ସଂପ୍ରଦାୟର ଇତିବୃତ୍ତ ସଂପର୍କରେ ଆମେ ପାଇଥିବା ସୂଚନା ଅତ୍ୟନ୍ତ ନଗଣ୍ୟ । ଗୋଁଡ଼୍ ସମାଜର ରୀତିନୀତି ଧାର୍ମିକ ପରମ୍ପରା ପୂଜା ପାର୍ବଣ ଓ ବିବାହାଦି ସାମାଜିକ ଅନୁଷ୍ଠାନ ସଂପର୍କରେ ଆମ ମାନଙ୍କର ଜ୍ଞାନ ନିହାତି ସୀମିତ । ଆମ ଭାରତୀୟ ଆଧ୍ୟାତ୍ମ ଶାସ୍ତ୍ରରେ ଏକ ଉକ୍ତି ଅଛି । ଯେ "ଭଗବାନଙ୍କୁ ଜାଣିଥିବାର କଥା କହନ୍ତି ସେ ଭଗବାନଙ୍କୁ ଜାଣିନାହାନ୍ତି ଯେ ଭଗବାନଙ୍କୁ ଜାଣି ନାହାନ୍ତି ବୋଲି କହନ୍ତି ସେ ଭଗବାନଙ୍କୁ ଜାଣନ୍ତି ।" ଏହି

ଆପ୍ତବାକ୍ୟଟି ଗୋଁଡ଼ ସଂପ୍ରଦାୟ ପ୍ରତି ମଧ୍ୟ ପ୍ରଯୁଜ୍ୟ । କହିବାର ଅର୍ଥ ହେଲା ଗୋଁଡ଼ ସଂପ୍ରଦାୟର ଆଧ୍ୟାତ୍ମିକ ଜୀବନ, ସଗାବେନ ବ୍ୟବସ୍ଥା, ୭୫୦ ପ୍ରକାରର ଗୋଣ୍ଡଚିହ୍ନ, ବୈବାହିକ ରୀତିନିତୀ ସାମାଜିକ ସଂସ୍କୃତି ସଂପର୍କରେ ବର୍ତ୍ତମାନର ପୀଢ଼ିର କାହାରି ସମ୍ୟକଜ୍ଞାନ ଥିବାର ମୁଁ ଉପଲବ୍ଧି କରିପାରୁ ନାହିଁ । ଓଡ଼ିଶାରେ ବସବାସ କରୁଥିବା ତଥାକଥିତ ଶିକ୍ଷିତ ଗୋଷ୍ଠୀ ସାମାଜିକ ରୀତିନୀତି ପ୍ରତି ଆଗ୍ରହ ପ୍ରକାଶ ନକରି ଅନ୍ୟାନ୍ୟ ଗୋଣ୍ଡେତର ରୀନିନୀତ ପ୍ରତି ଆଗ୍ରହୀ । ସେମାନଙ୍କ ପିଲାମାନେ ସମାଜ କହିଲେ କିଛି ବୁଝନ୍ତି ନାହିଁ । ମୋଟାମୋଟି କହିବାକୁ ଗଲେ ଗୋଁଡ଼ୀ ପୁନେମର ମୁଠ୍ବା (ଧର୍ମଗୁରୁ) ରୂପୋଲଙ୍ଗ ପହାନ୍ଦି ପାରୀ କୁପାରୀ ଲିଂଗୋ ପ୍ରବର୍ତ୍ତନ କରିଥିବା ସଗାବେନ ବ୍ୟବସ୍ଥା ସଂପର୍କରେ ସମ୍ୟକ୍ ଜ୍ଞାନ ରଖିଥିବା ସମଗ୍ର ଭାରତ ବର୍ଷରେ ୨/୪ ଜଣ ଲୋକ ରହିଥାଇପାରନ୍ତି । ଗୋଁଡ଼ ସଂପ୍ରଦାୟର ସାମାଜିକ ରୀତିନୀତି,ସଂସ୍କୃତି,ଐତିହ୍ୟ,ପରମ୍ପରା ଧର୍ମୀୟବିଶ୍ୱାସ,ବିବାହ ମୃତକର୍ମ ଆଦି ବିଷୟରେ ଆଜି ମଧ୍ୟ ଗବେଷଣା କରିବାର ଆବଶ୍ୟକତା ଅଛି । ଏ ସଂବନ୍ଧୀୟ ବ୍ୟାପକ ଗବେଷଣା କରିବା ନିମନ୍ତେ ବିଭିନ ସ୍ତରରୁ ସୂଚନା ମିଳିବା (Feed back) କଷ୍ଟ ସାଧ୍ୟ । ଏ ସଂପର୍କରେ ପ୍ରଥମ ପଦକ୍ଷେପ ଭାବେ (ଗୋଁଡ଼୍ନାଂଗ ସୂର୍ୟାଲ ଭିଡ଼ାର ପୁନ୍ମାଡ଼) ବା ଗୋଁଡ଼ ମାନଙ୍କର ମୂଳ ନିବାସ ସ୍ଥଳ ପରିଚୟ ପୁସ୍ତକର ଓଡ଼ିଆ ଅନୁବାଦ ଅଖିଳ ଭାରତୀୟ ଗୋଁଡ଼ୱାନା ଗୋଁଡ଼ ମହାସଭା,ଓଡ଼ିଶା ତରଫରୁ କରାଯିବା ଆନନ୍ଦର ବିଷୟ । ଆଚାର୍ଯ୍ୟ ମୋତୀରାବଣ କଂଗାଲୀ ଙ୍କ ଜୀବନ ବ୍ୟାପୀ ଗବେଷଣାର ଫଳଶ୍ରୁତି ଏଇ ପୁସ୍ତକ । ଆଚାର୍ଯ୍ୟ କଂଗାଲୀ ଜଣେ ବିଶ୍ୱସ୍ତରୀୟ ଗବେଷକ । ତାଙ୍କର ରଚନାବଳୀ ଭାରତର ଟାଟା ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ ମୁମ୍ବଇ ତଥା ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଗବେଷଣାର ସାମଗ୍ରୀ ହୋଇ ରହିଛି । ଆଚାର୍ଯ୍ୟ କଂଗାଲୀଙ୍କ ସବୁ ଗୋଁଡ଼ୀ ଶବ୍ଦର ଅର୍ଥ ମୋର ପ୍ରାୟ ବୋଧଗମ୍ୟ ହୋଇନାହିଁ ତଥାପି ମୁଁ ବାକ୍ୟର ମର୍ମ ଅନୁସାରେ ଏହାର ଅନୁବାଦକରି ପଠନ ଯୋଗ୍ୟ କରିଛି । ତେଣୁ ଏ ପୁସ୍ତକର ଓଡ଼ିଆ କରଣକୁ ଆକ୍ଷରିକ ଅନୁବାଦ ନକହି ମର୍ମା ନୁବାଦ କହିଲେ ଅଧିକ ଗ୍ରହଣୀୟ ହେବ ।

ପୁସ୍ତକରେ ସନ୍ନିବେଶିତ ସମସ୍ତ ତଥ୍ୟ ଜନଶ୍ରୁତି,କିମ୍ବଦନ୍ତୀ ତଥା ଐତିହାସିକ ଉପାଦାନ ସଂଗ୍ରହ ନିମନ୍ତେ ଆଚାର୍ଯ୍ୟ କଂଗାଲୀ ସମଗ୍ର ଗୋଁଡ଼ୱାନା ଅଂଚଳ ତାଙ୍କ

ଜୀବଦ୍ଦଶାରେ  ପରିଭ୍ରମଣ ତଥା ବିଭିନ୍ନ ଜିଲ୍ଲାର ଗେଜେଟିୟରର ଆଦି ପାଠକରି ଯେଉଁ ତଥ୍ୟ ଭବିଷ୍ୟତର ଗବେଷକ ବିଦେଶୀ ପର୍ଯ୍ୟଟକ ସର୍ବୋପରି ଗୋଁଡ଼ ସଂପ୍ରଦାୟ ନିମନ୍ତେ ରଖିଯାଇଛନ୍ତି ତାର ପ୍ରଶସ୍ତି ଯେତେ କଲେ ମଧ୍ୟ କମ୍ ହେବ ।

ଏ ଅନୁବାଦ ଓଡ଼ିଆ ଭାଷାଭାଷୀ ଗୋଁଡ଼ ସଂପ୍ରଦାୟ ଅଧ୍ୟାପକ ଗବେଷକ ମାନଙ୍କ ପାଇଁ ଉପଲବ୍ଧ । ଏହା ପାଠକରି ଓଡ଼ିଶାର ଗୋଁଡ଼୍ ଭାଇଭଉଣୀ ମାନେ ନିଜ ସାଂସ୍କୃତିକ ଐତିହ୍ୟ ସଂପର୍କରେ କିଛି ଜ୍ଞାନାର୍ଜନ କରିପାରିଲେ ମୋର ଶ୍ରମ ସାର୍ଥକ ହେଲା ବୋଲି ମନେ କରିବି ।

ଜୟସେବା
ଅନୁବାଦକ
**ବିରଞ୍ଚି ନାୟକ**
ସେବାନିବୃତ୍ତ ପ୍ରକଳ୍ପ ନିର୍ଦ୍ଦେଶକ
ପୁନର୍ବାସ ଓ ଥଇଥାନ, ଅନୁଗୋଳ

# ଗୋଁଡ଼୍ ମାନଙ୍କର ମୂଳ ନିବାସସ୍ଥଳ ପରିଚୟ

## ହୋସଙ୍ଗାବାଦ ଜିଲ୍ଲା

ହୋସଂଗାବାଦ୍ ଏହି ଜିଲ୍ଲାର ସଦରମହକୁମା, ଯାହା ନାଗପୁର ଭୋପାଲ ମଧ ରେଳବାଇ ପାର୍ଶ୍ୱବର୍ତ୍ତୀ ନର୍ମଦାନଦୀର ଦକ୍ଷିଣ କୂଳରେ ଅବସ୍ଥିତ ଏକ ନଗର ଅଟେ । ଏହାର ଉତ୍ତରଦିଗରେ ବିନ୍ଧ୍ୟ ଓ ଦକ୍ଷିଣରେ ସତପୁଡ଼ା ପର୍ବତ ଶ୍ରେଣୀ ରହିଅଛି । ହୋସଂଗାବାଦକୁ ବସାଇଥିବା ସୁଲତାନ୍ ହୋସଂଗସାହ ଘୋରୀଙ୍କ ପୂର୍ବରୁ ଏହା ଗଡ଼ମଣ୍ଡଲାର ଗୋଁଡ଼୍ ରାଜା ସଂଗ୍ରାମସାହଙ୍କ କରଦ ମାଲ୍‌ଗୁଜାରୀ ଗଡ଼ବୀରାର ନର୍ମଦାପୁର ନଗରୀ ଥିଲା । ପଞ୍ଚଦଶ ଶତାବ୍ଦୀରେ ମାଲୱାର ସୁଲତାନ୍ ହୋସଂଗସାହ ଘୋରୀ ଏହାକୁ ଆକ୍ରମଣ କରି ନିଜର ଆଧିପତ୍ୟ ଜାରୀ କଲେ ଓ ପୁରାତନ ନର୍ମଦାପୁର ନାମକୁ ବଦଳାଇ ହୋସଂଗା ବାଦ୍ କରାଇଲେ ଏହା ବର୍ତ୍ତମାନ ଏହି ନାମ ପ୍ରଚଳିତ ହେଉଛି ।

ହୋସଂଗାବାଦ ଜିଲ୍ଲାରେ ପ୍ରବାହିତ ନର୍ମଦା ଓ ଏହାର ଉପନଦୀଗୁଡ଼ିକର କୂଳରେ ଅନାଦିକାଳରୁ ହିଁ କୋୟାବଂଶୀୟ ଗୋଁଡ଼୍ ସମ୍ପ୍ରଦାୟର ଗୋଣ୍ଡ ଜୀବମାନଙ୍କର ବସତି ରହିଆସିଛି । ଗୋଁଡ଼ୀ ଗୋଣ୍ଡ ଗାଥା ଅନୁସାରେ ଅମୁରକୋଟ୍ (ଅମରକଣ୍ଟକ)ରୁ ବାହାରିଥିବା ନର୍ମଦା ନଦୀ କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗୋଣ୍ଡଜୀବ ମାନଙ୍କର ବଡ଼ାଦେବ ଶକ୍ତି ଫରାପେନ୍ ଗୋଁଡ଼୍ ସଂପ୍ରଦାୟର ଗୋଣ୍ଡଜୀବ ମାନଙ୍କର ସାଲାଂଗାଗରାଙ୍କ ପ୍ରତୀକ ଅଟେ । ଯିଏକି ନିଜ ଗର୍ଭରୁ ଜନ୍ମିତ ସଂତାନ ମାନଙ୍କର ପବିତ୍ର ଧାରାକୁ ନେଇ ପ୍ରବାହିତ ହେଉଛି । ଯେଉଁ ଯେଉଁ ଅଂଚଳଦେଇ ଏହାର ପବିତ୍ର ଧାରା ପ୍ରବାହିତ ହୋଇଛି ସେହି ସେହି ଅଂଚଳରେ ଏହାର ଉଭୟ କୂଳରେ କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗୋଣ୍ଡଜୀବମାନଙ୍କର ବିସ୍ତୃତି ହୋଇ ଚାଲିଥିଲା । ଯାହାର ଧ୍ୱଂସାବଶେଷ ଆଜିମଧ ନର୍ମଦା ଓ ଏହାର ଉପନଦୀ ମାନଙ୍କର କୂଳରେ ଦେଖାଯାଏ । ନର୍ମଦା ନଦୀର ଉପନଦୀ ମାନଙ୍କ ଭିତରେ ମଣ୍ଡଲା ଜିଲ୍ଲାର ବଂଜର ନରସିଂହପୁର ଜିଲ୍ଲାର ଶର

ଓ ସକର, ହୋସଂଗାବାଦ୍ ଜିଲ୍ଲାର ଢ଼ାବା ଓ ଗଂଜାଲ୍, ନିମାଡ଼୍ ଜିଲ୍ଲାର ସାନ ଢ଼ାବା ଆଦି ପ୍ରମୁଖ ଅଟେ । ଯାହାର କୂଳରୁ ପ୍ରାଗୌତିହାସିକ କାଳୀନ ଧ୍ୱଂସାବଶେଷ ପ୍ରତ୍ନତତ୍ତ୍ୱବିଦ୍ ମାନଙ୍କୁ ପ୍ରାପ୍ତ ହୋଇସାରିଛି ।

ହୋସଂଗାବାଦର ତେରଟି ସ୍ଥାନ ଉପରେ ଏଲ୍‌ସିଂକୀ, କେମ୍ବ୍ରିଜ ଓ ବନାରସ୍ ହିନ୍ଦୁବିଶ୍ୱ ବିଦ୍ୟାଳୟ ମାନଙ୍କ ଦ୍ୱାରା କରାଯାଇଥିବା ଗବେଷଣାରୁ ପ୍ରଚୁର ପରିମାଣରେ ପ୍ରାଚୀନ ପ୍ରସ୍ତର ଯୁଗର ବ୍ୟବହୃତ ଗୃହଉପକରଣ ମିଳିଛି । ଏହି ଜିଲ୍ଲାର ପୁରା ଦକ୍ଷିଣୀଭାଗ ସତପୁଡ଼ାର ପାର୍ବତୀୟ ଶୃଙ୍ଖଳାରେ ବ୍ୟାପ୍ତ ହୋଇଛି । ଯାହାର ଛିନ୍ଦ୍‌ଗାବ୍, ଡ଼ୋଂଗଧାର, ଧମାସା, ଭତରା ଆଦି ସ୍ଥାନ ମନଙ୍କର ପ୍ରାଗୌତିହାସିକ ତଥା ଆଦି ଐତିହାସିକ ପ୍ରତ୍ନତାତ୍ତ୍ୱିକ ଅବଶେଷ ମିଳିଛି । ଆଦମଗଡ଼ରେ ଥିବା ଚିତ୍ରିତ ଶୀଳାଲେଖ ସମୂହ, ଝଲଇରୁ ମିଳିଥିବା ଚିତ୍ରିତ ଶୀଳାଲେଖ, ପେଙ୍କମେଢ଼ୀ (ଫେଚ୍‌ମେଢ଼ୀ)ର ଚତୁପାର୍ଶ୍ୱରେ ୭୦ କିମି କ୍ଷେତ୍ରାଞ୍ଚଳରେ ବିସ୍ତୃତ ଅନେକ ଚିତ୍ର ତଥା ପାର୍ବତ୍ୟ ଗୁମ୍ଫା ଅଛି । ତନ୍ମଧ୍ୟରୁ ଡ଼ୋରୋଥୀ ଦ୍ୱୀପ, ଜମ୍ବୁଦୀପ, ବିଦାମ, ବୋରି, ବେନିଆବେରୀ, ମେଝୁଦ୍ୱିପ,ଛୋଟାମହାଦେବ ଓ ବଡ଼ା ମହାଦେବଙ୍କର ଗୁମ୍ଫା ଗୁଡ଼ିକ ମହତ୍ୱପୂର୍ଣ୍ଣ ଅଟେ । ଏହାଛଡ଼ା ପାତାଳକୋଟ, ତାମିୟା ଓ ପେଞ୍ଚମେଢ଼ୀ ମଧ୍ୟରେ ଥିବା ପାହାଡ଼ିଆ ଇଲାକାରେ ଯେଉଁଠାରେ ଲାଲ ଓ ଧଳାରଂଗର ଚିତ୍ରକଳାସହ ଶିଳାଲେଖ ବହୁ ସଂଖ୍ୟାରେ ରହିଛି । ଏସବୁ ପ୍ରମାଣ କରନ୍ତି ଯେ ହୋସଂଗାବାଦ୍ ଜିଲ୍ଲାରେ ପ୍ରାଗୈହାତିସିକ କାଳରୁ ପ୍ରାଚୀନ ଗୋଣ୍ଡଜୀବ ମାନଙ୍କର ବସତି ରହିଥିଲା । ଏହାକୁହିଁ ଗୋଁଡ଼ୀଭାଷାରେ ଗୋଁଡ଼ୀନାଂଗ ଭିଡ଼ାର ଅର୍ଥାତ୍ ଗୋଁଡ଼୍ ସମୁଦାୟର ଗୋଣ୍ଡଜୀବ ମାନଙ୍କର ନିବାସ ସ୍ଥାନ କୁହାଯାଏ ।

୧. **ଆଦମଗଡ଼** - ହୋସଙ୍ଗାବାଦ ନଗରର ବାହାରସୀମା ରେ ନିର୍ମଦା ନଦୀର ଦକ୍ଷିଣ କୂଳରେ ଥିବା ଆଦମଗଡ଼ର କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗଣ୍ଡଜୀବ ମାନଙ୍କର ବଡ଼ ପିତୃ ମାତୃଶକ୍ତି ଫାରାପେନ୍ ସଲ୍ଲାଂଗାଗରାଙ୍କ ପ୍ରଥମ ସନ୍ତାନ ଆଂଦି ରାବେନ୍ ପରିୟାର ଓ ଆଂଦି ସୁକମା ପେରୀଙ୍କର ବାସସ୍ଥାନ ଅଟେ । ଏଣୁ ଏହି ସମ୍ପ୍ରଦାୟଙ୍କ ମତ ଯେ ଏଠାରେ ବିଶ୍ୱବିଖ୍ୟାତ ଚିତ୍ରିତ ଗୁମ୍ଫାମାନ ଅଛି । ଏହାର ମହତ୍ତ୍ୱ ଉପଲବ୍ଧି କରି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଏଠାରେ

ଆର୍.ଭି.ଜୋଷୀ ତଥା ଏମ୍.ଡ଼ି. ଖରେଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେସନରେ ୧୯୬୦-୬୧ରେ ଖନନ କରାଯାଇଥିଲା ।

ଉକ୍ତ ପ୍ରତ୍ନତାତ୍ତ୍ୱିକ ଖନନରୁ ଅତିପ୍ରାଚୀନ ଗୃହଉପକରଣ ଓ ପ୍ରାଚୀନପ୍ରସ୍ତର ଯୁଗୀୟ ହାତକୁରାଢ଼ୀ, ରାମ୍ପୁଡ଼ା ଯନ୍ତ୍ର, ଅଣ୍ଡାକାର, ଚାରିକୋଣିଆ ଉପକରଣ, ଖୁରଚୀ ଶଲ୍‌କ ଓ କ୍ରୋଡ଼ ମିଳିଛି । ଏଠାରେ ଯୁଗଅନୁସାରେ ତିନି ସ୍ତର ମିଳିଛି । ସର୍ବୋପରି ଦୁଇସ୍ତରରେ କାଚର ଖଣ୍ଡ ଓ କଳାମାଟି ସ୍ତରରୁ ପ୍ରଚୁର ପରିମାଣର ହାଲୁକା ପଥରର ଉପକରଣ ମିଳିଛି । କଳାମାଟିର ଉପରଅଂଶରେ କିଛି ମାଟିହାଣ୍ଡିର ଖଣ୍ଡ ତଥା ମଣିଷହାଡ଼ର ଟୁକୁରା ମିଳିଛି । ଏହି ଅବଶେଷରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଛିଯେ ଏଠାରେ ଅନାଦିକାଳରୁ କୋୟାବଂଶୀୟ ଗୋଁଡ଼୍ ସମୁଦାୟର ଗଣ୍ଡଜୀବମାନଙ୍କର ବାସସ୍ଥାନ ଥିଲା । ଆଜମଗଡ଼ ନାମରୁ ହିଁ ଆଦିମାନବର ବାସସ୍ଥାନର ସୂଚନାମିଳେ । ପ୍ରାଚୀନ କାଳରେ ଏଭଳି ପାର୍ବତ୍ୟ ଆଶ୍ରୟସ୍ଥଳ ଏବଂ ଗୁମ୍ଫା ମାନଙ୍କର ଗୋଁଡ଼୍ ସଂପ୍ରଦାୟର ଗଣ୍ଡଜୀବମାନେ ରହୁଥିଲେ । ଏଥିଲାଗି ସେମାନେ ନିଜକୁ "କୋୟାମନ୍ୱାଲ" କହୁଥିଲେ ଯା'ର ଅର୍ଥ ଗୁମ୍ଫାରେ ରହୁଥିବା ଅଧିବାସୀ ।

୨. **ସତ୍‌ପୁଡ଼ାର ପେଙ୍କ୍‌ମେଢ଼ୀ କୋଟ୍** - ପ୍ରାଚୀନ କାଳରେ ପୃଥିବୀର ଦକ୍ଷିଣ ଗୋଲାର୍ଦ୍ଧ ଯେଉଁଥିରେ "ସଂଯୁଭୂଇ" (ପଞ୍ଚଖଣ୍ଡ ଦୀପ) ସମାହିତ ଥିଲା । ଗୋଁଡ଼୍‌ୱାନା ନାମରୁ ଏହାଜଣାପଡ଼େ ଯେ ଏହାର "ଯେର୍‌ଗୁଟ୍ଟା କୋର୍" ଉପଖଣ୍ଡରେ ଥିବା ସତ୍‌ପୁଡ଼ା ଏହି ଦକ୍ଷିଣ ଗୋଲାର୍ଦ୍ଧର ପଞ୍ଚଖଣ୍ଡ ଦୀପାଞ୍ଚଳର କେନ୍ଦ୍ର ବିନ୍ଦୁ ଥିଲା । ପାର୍ବତ୍ୟ ଶ୍ରେଣୀ ପ୍ରାକୃତିକ ଗୁମ୍ଫା ଓ ବର୍ଷ ସାରା ଝରଝର ବହୁଥିବା ଅସଂଖ୍ୟ ଝରଣା ବିମଣ୍ଡିତ ସତପୁଡ଼ା ପ୍ରାଚୀନକାଳରୁ ହିଁ କୋୟା ବଂଶୀୟ ଗୋଁଡ଼୍ ସମ୍ପ୍ରଦାୟର ନାଂଗ (ବୃତ୍ତ) ଗଣ୍ଡଚିହ୍ନ ଧାରୀଗଣ୍ଡ ଜୀବ ମାନଙ୍କର ବାସସ୍ଥାନ ଥିଲା । ସତ୍‌ପୁଡ଼ା ଅର୍ଥାତ୍ ବସତି ବା ବସତିସମୁହର କେନ୍ଦ୍ର । ଗୋଁଡ଼୍ ଭାଷାରେ ଏହାର ଅର୍ଥ ହେଲା, ସତ୍‌ପୁଡ଼ା ଏହା ଏକ ଗୋଁଡ଼ୀ ଶଦ୍ଦ ଅଟେ । ଗୋଁଡ଼ୀ ଭାଷାରେ ସତ୍‌ଅର୍ଥ ସତ୍ତା ବା ଅଧିସତ୍ତା ପଡ଼ା ଅର୍ଥାତ୍ ପୂରା,ପରା,ଠିୟା,ଠାନା ବା କେନ୍ଦ୍ର ହୋଇଥାଏ । ଯେମିତି ଯେରପଡ଼ା ଅର୍ଥାତ୍ ଜଳାଶୟ,ପେନ୍‌ପଡ଼ା ମାନେ ଶକ୍ତିସ୍ଥଳ, କିସ୍‌ପଡ଼ା ମାନେ ଅଗ୍ନିର କେନ୍ଦ୍ର ସୂର୍ଯ୍ୟ, କୋଲପଡ଼ା ମାନେ କୋଲସମ୍ପ୍ରଦାୟ ବା

କୋଲିସ୍ଥାନ ବୀଲପଡ଼ା ମାନେ ବୀଲସମ୍ପ୍ରଦାୟର ବୀଲବାଡ଼ ବାଭୀଲବାଡ଼ା ଓ ଧୁର୍ରେପଡ଼ା ବା ରେଗିସ୍ତାନ ବା ମରୁସ୍ଥଳ ସେମିତି ସତ୍‌ପଡ଼ା ଅର୍ଥାତ୍ ସତ୍ତା ବା କେନ୍ଦ୍ର, ଠିଆ, ଠାନା ବା ସ୍ଥଳ ଭଳି ଅର୍ଥ ହୋଇଥାଏ ।

କିଛି ବିଦ୍ୱାନ ମାନଙ୍କର ମତ ହେଲା ଯେ ସାତ ପର୍ବତ ଶ୍ରେଣୀ ଯୋଗୁଁ ଏହାକୁ ସତପୁଡ଼ା କୁହାଯାଏ ଏବଂ ସତପୁଡ଼ା ଏକ ସଂସ୍କୃତ ଶବ୍ଦ ଅଟେ । କିନ୍ତୁ ସତପୁଡ଼ାର ପର୍ବତଶ୍ରେଣୀ ଗୁଡ଼ିକର ପରିଭ୍ରମଣ କଲେ ଏହା ଦେଖିବାକୁ ମିଳେ ଯେ ସେଠାରେ ସାତରୁ ଅଧିକ ପର୍ବତ ଶ୍ରେଣୀ ଅଛି ଓ ସଂସ୍କୃତରେସାତ କୁ ସତ ନୁହେଁ ବରଂ ସପ୍ତ କୁହାଯାଏ । ଯେମିତି ସପ୍ତଗିରି, ସପ୍ତର୍ଷି, ସପ୍ତସିନ୍ଧୁ, ସପ୍ତରଂଗୀ, ସପ୍ତଖଣ୍ଡ, ସପ୍ତପୁର, ସପ୍ତପଦୀ ଆଦି । ଏହି ଯୁକ୍ତିରେ ସାତପର୍ବତ ଶ୍ରେଣୀ ବିଶିଷ୍ଟ ଏଇ ପର୍ବତର ନାମ ସଂସ୍କୃତରେ ସପ୍ତଗିରି ବା ସପ୍ତପର୍ବତ ହେବା କଥା କିନ୍ତୁ ସତପୁଡ଼ା ନୁହେଁ । ପୁରାଣ ମାନଙ୍କର ଏହି ପର୍ବତକୁ ଋକ୍ଷପର୍ବତ କୁହାଯାଇଛି । ତେଣୁ ଏକଥା ସ୍ପଷ୍ଟ ଯେ ସତପୁଡ଼ା ସଂସ୍କୃତ ଶବ୍ଦ ନୁହେଁ ।

ଆଉ କିଛି ବିଦ୍ୱାନ ସତପୁଡ଼ାକୁ ଇଂରାଜୀ ଭାଷାର ବୋଲି ଦାବୀ କରନ୍ତି । ସେମାନଙ୍କ ମତରେ ସତପୁଡ଼ା ଏଇ ନର୍ମଦାନଦୀର ଦକ୍ଷିଣୀ ଉପଖଣ୍ଡ ଯୋଗୁଁ ଇଂରେଜମାନଙ୍କ ବ୍ୟବହୃତ ଶବ୍ଦ ବୋଲି ଜଣାପଡେ । ହୋସଂଗାବାଦ ଜିଲ୍ଲାର ଗେଜେଟିୟର ରେ ଠିକ୍ ଏଇ ଉଦ୍ଦେଶ୍ୟରେ ମନ୍ତବ୍ୟ ଦିଆଯାଇଛି ଯେ -

It may be noticed that the use of the word Satpuda to denote the whole range of hills along the South of Nerbuda seems to be purlly European and the name should properly be confined to the block which lies to the South west of the District in Nimar.

ଏଇ ଯୁକ୍ତିର ସମର୍ଥନରେ ଗେଜେଟିୟରର ପ୍ରକାଶକ ରାଜଭାଷା ଓ ସଂସ୍କୃତି ସଂଚାଳନାଳୟ, ମଧ୍ୟପ୍ରଦେଶଙ୍କ ତରଫରୁ କୌଣସି ବଳିଷ୍ଠ ଯୁକ୍ତି ଉପସ୍ଥାପିତ କରାଯାଇନାହିଁ । ଏଭଳି କହି ସତପୁଡ଼ା ଶବ୍ଦର ପ୍ରାଚୀନତା ଉପରେ ସନ୍ଦେହ ପ୍ରକଟ କରାଯାଇଛି । ଆଉ କିଛି ବିଦ୍ୱାନ ମାନଙ୍କମତରେ ସତପୁଡ଼ା, ସପ୍ତପୁତ୍ରର ଅପଭ୍ରଂଶ । ଯାହା ବିନ୍ଧ୍ୟପର୍ବତର ସାତ ପୁତ୍ରଙ୍କ ନିମନ୍ତେ ପ୍ରୟୋଗ କରାଯାଇଛି ।

କିନ୍ତୁ ନିଜର ଏଇ ଯୁକ୍ତିପଛରେ ସେମାନଙ୍କ ପାଖରେ ଅନୁମାନ ବ୍ୟତୀତ ଆଉ କିଛି ପ୍ରମାଣ ନାହିଁ । ଏକ ମାତ୍ର ଗୋଁଡ଼୍ ସଂପ୍ରଦାୟର ପ୍ରାଚୀନ ଗୋଁଡ଼ୀ ଗାଥା ହିଁ ଏହାର ବଳିଷ୍ଠ ପ୍ରମାଣ, ଯେଉଁ ଅନୁସାରେ ସତପୁଡ଼ା ଅର୍ଥାତ୍ ସତ୍ତାର କେନ୍ଦ୍ର ଏହି ଅର୍ଥ ହୋଉଚି । ସେଠାର ପେଙ୍କମେଢ଼ୀ (ପେଞ୍ଚମେଢ଼ୀ) ପର୍ବତରୁ ଏହି ପାଞ୍ଚଖଣ୍ଡ ଭୂଭାଗ ଉପରେ ସଂଭୁମାଦାବ (ଶମ୍ଭୁମହାଦେବ)ଙ୍କ ଦ୍ୱାରା ନିଜର ଆଧିପତ୍ୟ ସ୍ଥାପନ କରିଥିଲେ । ସତପୁଡ଼ାର ମେଲଘାଟ୍ , ପେଙ୍କମେଢ଼ୀ, ସଲ୍ଲେଟେକରୀ, ଅମୁରକୋଟ୍ (ଅମରକଣ୍ଟକ), କୈମୁର, ସିୟାରପାଠ ଓ ଭୀମଲାଟ ଆଦି ଏମିତି ଅନେକ ପ୍ରାଚୀନ ସ୍ଥାନ ଅଛି ଯେଉଁଠି କୋୟା ବଂଶୀୟ ଗୋଁଡ଼୍ ସମୁଦାୟର ପ୍ରାଗୈତିହାସିକ, ଧାର୍ମିକ, ସାଂସ୍କୃତିକ ଏବଂ ଆଧିପତ୍ୟର କେନ୍ଦ୍ରସ୍ଥଳ ଅଟେ । ଠିକ୍ ଏହି କଥାକୁ ପାଠକରି ଭାରତୀୟ ନାଗରୀ ସେବାର ଅଧିକାରୀ ସି.ୟୁ.ବିଲ୍ସ ମନ୍ତବ୍ୟ ରଖିଛନ୍ତି ଯେ -

In the central provinces the Satpura is applied to the tract of hill country Strecting from Amarkanty to the melghat and roughly comprising the modern plateau district of Hosangabad, Betul,Chindwara,Seoni,Mandlam Balaghat and Narasingpur and attributed to the authority of Swayambhu Mahadev since time immeorial.

ଏହି ସତପୁଡ଼ା ଅଂଚଳରେ ସମ୍ରାଟ ଅଶୋକଙ୍କ ସମୟରେ କୋୟାବଂଶୀୟ ଗୋଁଡ଼୍ ସମ୍ପ୍ରଦାୟର ଗଣ୍ଡଜୀବମାନଙ୍କର ଅଠରଟି ଗୋଣ୍ଡରାଜ୍ୟ ଥିଲା, ଯାହା ସଂପର୍କରେ ଅଶୋକଙ୍କ ଶିଳାଲେଖ କ୍ର. ୧୩ରେ ଏହା ଉଲ୍ଲେଖ ଅଛି ଯେ ସତପୁରାଙ୍କ ଦେଶ ଯାହା ଅଶୋକଙ୍କ ସାମ୍ରାଜ୍ୟର ବାହାରେ ଥିଲା କିନ୍ତୁ ଏହାର ପଡ଼ୋଶୀ ରେ ଥିଲା କିନ୍ତୁ ଅଶୋକଙ୍କ ପ୍ରତ୍ୟକ୍ଷ ଶାସନାଧୀନ ନଥିଲା । ଏଥିରୁ ଏହା ସ୍ପଷ୍ଟ ହେଉଛିଯେ ସତପୁଡ଼ା ସଂସ୍କୃତ ଶବ୍ଦ ନୁହେଁ, ନା ଏହା ଆଧୁନିକ ନା ଏହା ୟୁରୋପୀୟ ଶବ୍ଦ ଉପରନ୍ତୁ ଏହା ଶୁଦ୍ଧ ଗୋଁଡ଼ୀଭାଷାର ଶବ୍ଦ ଅଟେ ।

ଗୋଁଡ଼ୀ ଗୋଁଡ଼୍‌ଗାଥା ଅନୁସାରେ ଏହି ସତପୁଡ଼ାର ପେଞ୍ଚମେଢ଼ୀ ପର୍ବତରୁ ଗୋଁଡ଼ୀ ବେନ ମାନଙ୍କର ଗୋଁଡ଼୍‌ୱାନା ରୂପକ ପାଞ୍ଚଖଣ୍ଡ ପୃଥିବୀ ଉପରେ କୁଲୀତରା ପୁତ୍ର କୋସୋଡୁମ୍ ହିଁ ସର୍ବ ପ୍ରଥମେ ନିଜର ଆଧିପତ୍ୟ ପ୍ରଗୈତିହାସିକ କାଳରେ

ସ୍ଥାପନ କରିଥିଲେ, ଯାହାକୁ "ସଂଭୁମାଦାବ" ଉପାଧିରେ ସମ୍ମାନିତ କରାଯାଇଥିଲା । ସଂଭୁମାଦାବର ଅର୍ଥ ପାଞ୍ଚଖଣ୍ଡ ଦୀପସମୂହର ଆମର ପିତା ଏମିତି ଅଟନ୍ତି । ଏହି ସଂଭୂ ମାଦାବ ଉପରେ ପ୍ରାକୃତ ଭାଷାରେ ସମ୍ଭୁ ମହାଦେବ ଶବ୍ଦ ସୃଷ୍ଟି ହୋଇଛି । ପେଙ୍କମେଢ଼ୀ (ପେଞ୍ଚମେଢ଼ୀ) ସତପୁଡ଼ାର ସର୍ବୋଚ୍ଚ ଶୃଙ୍ଗ ଅଟେ । ଯାର ଅର୍ଥ ଦେବତା ମାନଙ୍କର କେନ୍ଦ୍ରଭୂମି । ଗୋଁଡ଼ୀ ପୁନେମ୍ ଦର୍ଶନ ଅନୁସାରେ ଯେପର୍ଯ୍ୟନ୍ତ ଗଣ୍ଡଜୀବ ବଂଚିଥାଏ ଏହାକୁ ବେନ୍ କୁହାଯାଏ ଏବଂ ମୃତ୍ୟୁପରେ ପେନ ରୂପ ବା ଦେବରୂପ ହୋଇଯାଏ । ଏହି ସତପୁଡ଼ାର ପେଙ୍କ୍‌ମେଢ଼ୀ ସେ ଜଣକ ପରେ ଜଣେ ଅନେକ ସଂଭୁ ମାଦାବମାନେ ନିଜର ଆଧିପତ୍ୟ ଜାରୀ ରଖିଥିଲେ । ଯେ ପର୍ଯ୍ୟନ୍ତ ବଂଚିଥିଲେ ବେନ୍ ରୂପରେ ଥିଲେ ଏବଂ ମୃତ୍ୟୁ ପରେ ସେ ପେନ୍ (ଦେବ) ରୂପ ହୋଇ ଯାଉଥିଲେ । ଏଭଳି ଏହି ପେନ୍ ମାନଙ୍କର (ଦେବତା ମାନଙ୍କର) ମେଢ଼ୀ ଅର୍ଥାତ୍ କେନ୍ଦ୍ରକୁ ଗୋଁଡ଼ୀ ଭାଷାରେ ପେଙ୍କମେଢ଼ୀ କୁହାଯାଏ । ପେଙ୍କ୍ ଶବ୍ଦ ପେନ୍ ଶବ୍ଦର ବହୁବଚନ ରୂପ ଅଟେ ।

ସତପୁଡ଼ାର ପେଙ୍କମେଢ଼ୀ ଶୃଙ୍ଗକୁ ସଂଭୁମାଦାବି ମେଟ୍ଟା (ସଂଭୁ ମହାଦେବ ଟେକରୀ) କୁହାଯାଏ, ଯାହା ଢ଼େନୱାଲ ଓ ସୋନ୍ ଭଦ୍ରାଲ ନଦୀଦ୍ୱୟର ମଧ୍ୟବର୍ତ୍ତୀ ଅଂଚଳରେ ଅବସ୍ଥିତ । ସଂଭୁ ମାଦାବ ଟେକରୀର ପାଦଦେଶରେ ପ୍ରଥମ ସଂଭୂ ମାଦାବଙ୍କର ଗୁମ୍ପା ଅଛି; ଏହି ଗୁମ୍ପାର କର୍ଣ୍ଣନା କ୍ୟାପଟେନ୍ ଫୋରିସ୍ଥିଥ ଏହିଭଳି କରିଛନ୍ତି ।

The cave itself open through a lafty natural arch in vertical sand stone cliff and for above the three hundred feet runs straight into the bowels of the hill. It is wilthout doubt natural and a considerable stream of clean cold water issues from a cliff at further end. Here is set up a little conical stone which represents the 'pen' (God) and attracts all the pilgrims once a year no temple made with hands, no graven image, nothing of the usual pomp and ceremony worship, adorns the forest shrine. There is no officiating priest hut a retainer of the aborignical chief of Gond tribe. Who acts as a custodian of the shrine from time immemorial and receive the offerings of piligrims.

Thus into a remote the desolate valley sorrounded by the eternal hills, where the sambhu Mahadev has chiefest dwelling place. The pathways leading to the place are ture tracks, scariely disearnible in the rank jungle. The final act of worship which only reached by difficult and precipitoses path. The top to the mountain is almost rectangular space stopping upwords from all sights of the centre.

ଗୋଁଡ଼ୀ ଗଣ୍ଡଲୋକକଥା ଅନୁସାରେ ଏହି ପେଙ୍କମେଢ଼ୀ ରୁ ମୋଟ ଅଠାଅଶୀ ସଂଭୁ ମାଦାବଗଣ ଗୋଁଡ଼ୱାନର ପାଞ୍ଚଖଣ୍ଡ ପୃଥିବୀ ଉପରେ ନିଜର ଆଧିପତ୍ୟ ଚଳାଇଥିଲେ । କୁଲୀତରାଙ୍କ ପୁତ୍ର କୋସୋଡୁମ୍ ଯେକି ପ୍ରଥମ ସଂଭୁମାଦାବ ଥିଲେ ସେ ତନ୍ଦରୀ ଯୋଗ ଦ୍ୱାରା ସମସ୍ତଜୀବଜଗତର ସାମଗ୍ରିକ କଲ୍ୟାଣ ନିମନ୍ତେ "ମୁଂଦ୍‌ଶୂଲ" (ତ୍ରିଶୁଲ) ମାର୍ଗ ପ୍ରତିପାଦିତ କରିଥିଲେ । ଏଥିନିମନ୍ତେ ପେଙ୍କମେଢ଼ୀର ଗୁମ୍ଫାରେ ସେ ସାଧନା କରିଥିଲେ । ଏହାର ମୂଂଦଶୂଲ ମାର୍ଗ ହିଁ କୋୟା ବଂଶୀୟ ଗୋଁଡ଼ୀବେନ ସଂପ୍ରଦାୟର ଗଂଡ଼ଜୀବମାନଙ୍କର ପୁନେମ ମୁଠବା (ଧର୍ମଗୁରୁ) ରୂପୋଲଂଗ ପହାଂଦି ପାରୀକୁପାର ଲିଂଗୋ ଙ୍କ "ଗୋଁଡ଼ୀ ପୁନେମ ଜୟସେବା" ଦର୍ଶନ ଅଟେ । ଯାହା ଗୋଁଡ୍‌ଜୀବ ମାନଙ୍କର ବୌଦ୍ଧିକ, ମାନସିକ ଓ ଶାରୀରିକ ଅଂଗମାନଙ୍କ ସହିତ ସମନ୍ଧିତ ଅଟେ । ଏହି ମୂଂଦ୍‌ଶୂଲ (ତ୍ରିଶୁଲ) ମାର୍ଗର ବାହକ ମୋଟ ଅଠାଅଶି ସଂଭୁମାଦାବଗଣ ଏହି ପେଙ୍କମେଢ଼ୀ ପର୍ବତରୁ ଶାସନ କରିଥିଲେ । ସେମାନଙ୍କ ମଧ୍ୟରୁ ସର୍ବଶେଷ ସଂଭୁମାଦାବ ଆର୍ଯ୍ୟକନ୍ୟା ପାର୍ବତୀଙ୍କର ମାୟାଜାଲରେ ପଡ଼ି ନିଶାଦ୍ରବ୍ୟ ସେବନରେ ଆସକ୍ତ ହୋଇଗଲେ ଏବଂ ସଚେତନ,ସକ୍ରିୟ ଏବଂ ତୃତୀୟ ନେତ୍ରର ସ୍ୱାମୀ ସଂଭୁମାଦାବ ସୁପ୍ତ ଅବସ୍ଥାରେ ପହଞ୍ଚିଗଲେ ଏବଂ ନିଜର ଆଧିପତ୍ୟ ହରାଇ ବସିଲେ । ଏହି ସୁପ୍ତ ଅବସ୍ଥାରୁ ସଂଭୁମାଦାବଙ୍କୁ ଚେତନ ଅବସ୍ଥାକୁ ଆଣିବା ନିମନ୍ତେ ପ୍ରତିବର୍ଷ ସଂଭୁଜାଗରଣ (ମହାଶିବରାତ୍ରୀ) ପର୍ବରେ ଏହାଙ୍କର ପେଙ୍କମେଢ଼ୀକୁ ଯାଇ ତ୍ରିଶୁଳ ଅର୍ପଣର ପରମ୍ପରା ଆରମ୍ଭ ହେଲା । ଯାହା ଆଜି ଯାଏ ଚାଲିଛି ।

ସତପୁଡ଼ାର ପେଙ୍କମେଢ଼ୀ ଶୃଙ୍ଗରେ ନାଂଗଡୁଆର, ଧୂପଗଡ଼, ଚୌରାଗଡ଼, ଛାତରଗଡ୍, ଡ଼ୋରୀୟାଗଡ଼, ସୀରୀପେନଗଡ଼, ରାଜା ବୋରାରୀଗଡ଼, କଡ଼ୀୟାଲ,

ଭୀତିଗଡ଼ ଆଦି ଅନେକ ସ୍ଥାନ ଅଛି । ଯେଉଁଠାରେ ଗୋଁଡ଼୍‌ୱାନାର ନାଗ ଗଣ୍ଡଚିହ୍ନ ଧାରୀ ଗଣ୍ଡଜୀବମାନଙ୍କ ଅନାଦିକାଳରୁ ବସତି ରହିଆସିଛି ଏବଂ ଆଜି ମଧ୍ୟ ରହିଛି । ଏହା ବ୍ୟତୀୟ ଭାମରାଗଡ଼, ବିନ୍ଦରାବନଗଡ଼, ବରୀୟମ ପଗାରା, ଛାତରଗଡ଼, ମକଡ଼ାଇଗଡ଼ ଆଦି ସ୍ଥାନଗୁଡ଼ିକର କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ରାଜା ମହାରାଜା ମାନଙ୍କର ଗଡ଼, ଦୁର୍ଗ ଆଦିର ପ୍ରାଚୀନ ଅବଶେଷ ଆଦି ମଧ୍ୟ ବିଦ୍ୟମାନ ଅଛି ।

## ବୈତୁଲ୍ ଜିଲ୍ଲା

ବୈତୁଲ ଅର୍ଥାତ୍ ବିନାତୁଲ ଅର୍ଥାତ୍ ବିନାବସ୍ତ୍ରଧାରୀ ଲୋକଙ୍କ ବସତି । ଯାହାକୁ ଗୋଁଡ଼ୀ ଭାଷାରେ ବଦ୍‌ନୂର (ବଦ୍‌ନୂଲ) ଢ଼ାନା କୁହାଯାଏ । ଏଠାରେ ଅଧିକ ପୁରାତନ ସ୍ଥାନ ରହିଛି, ଯେଉଁଠାରେ କିଛି ଦିଗମ୍ବର ଜୈନ ବିଚାରଧାରର ସାଧୁସନ୍ଥ ମାନଙ୍କୁ ସେଠାରେ ଥିବା ଗଡ଼ର ଗଣ୍ଡାସୁର ନାମକ ଗୋଁଡ଼୍ ରାଜା ଆଶ୍ରୟ ପ୍ରଦାନ କରିଥିଲେ । ଏଥିପାଇଁ ସେହି ସ୍ଥାନକୁ ବଦ୍‌ନୂର ଢ଼ାନା କୁହାଯାଏ । ପରବର୍ତ୍ତୀ ସମୟରେ ଏହାର ରୂପାନ୍ତର ବୈତୁଲ ହୋଇଗଲା । ଆଜି ଏଇ ଜିଲ୍ଲାର ଏହା ସଦରମହକୁମାନଗର ଅଟେ । ପ୍ରଥମେ ଏଠାରେ କହି ବଜାର (ସିଂଧ ପତ୍ରର ଆସନିର ବଜାର) ବସୁଥିଲା । ଏଥିଲାଗି ଏହାକୁ କହିବଜାର ମଧ୍ୟ କୁହାଯାଉଥିଲା ।

ଭୌଗୋଳିକ ଦୃଷ୍ଟିରୁ ବୈତୁଲ ଜିଲ୍ଲାର କ୍ଷେତ୍ରାଞ୍ଚଳ ସତ୍‌ପୁଡ଼ା ପର୍ବତ ମାଳା ଦ୍ୱାରା ପରିବେଷ୍ଟିତ । ଏଠାକାର ସବୁ ପର୍ବତ ଶିଖର ଉପରେ ଅନାଦି କାଳରୁ ହିଁ କୋୟା ବଂଶୀୟ ଗୋଁଡ଼୍ ସମ୍ପ୍ରଦାୟର ନାଗ, କୋରକୁ ଓ ବଳଦ ଗୋଣ୍ଡଚିହ୍ନ ଧାରୀ ଗୋଁଡ଼୍ ରଜାମାନଙ୍କର ଆଧିପତ୍ୟ ଥିଲା ।

Among the numerous peaks of the Satpara ranges of the District Deveral are marked with the remains of old forts. In the past these were the strong holds of the local Gond chiefs bearing the totems of Naga, Koraku and bull.

ଗୋଁଡ଼୍‌ୱାନାର ଏଇ ବୈତୁଲ ଜିଲ୍ଲାର କ୍ଷେତ୍ରାଞ୍ଚଳରେ ଥିବା ସତପୁଡ଼ାର ଶିଖରମାନଙ୍କରେ ବିଦ୍ୟମାନ ଦରୟାଖୋହଗଡ଼, ପୋଫିଲାଗଡ, ଶହପୁଡ଼ା ଗଡ,

ସଂଭୁଦୀପଗଡ଼,ହରାଇଗଡ଼,ଭାନ୍‌ୱାଡ଼ ଗଡ, କିଲେନଦେବଗଡ, ମୁଣ୍ଡଦେବଗଡ଼, ଖେଡ଼ଲାଗଡ଼ ଆଦି ଏବଂ ସେଠାରୁ ପ୍ରବାହିତ ନାଗୁନାତାପି ଢ଼ୋଡ଼ା (ତାପିନଦୀ) ବରୁଦାଭଢ଼ୋଡ଼ା (ଓ୍ୱର୍ଦ୍ଧାନଦୀ) ପୂରାନାଢ଼ୋଡ଼ା (ପୂର୍ଣ୍ଣନଦୀ), ମଚନାଢ଼ୋଡ଼ା, ସପନା ଢ଼ୋଡ଼ା ଓ ତାବାଢ଼ୋଡ଼ା ଆଜି ମଧ୍ୟ କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ପ୍ରାଚୀନ ଐତିହାସିକ ଏବଂ ସାଂସ୍କୃତିକ ମୂଲ୍ୟର ପ୍ରତ୍ୟକ୍ଷ ପ୍ରମାଣ ଦେଉଛି । ଗୋଁଡ଼୍ ଗୋଁଡ଼୍‌ଗାଥାର ଅନୁସାରେ ନାଗୁନାତାପି ଢ଼ୋଡ଼ା (ନାଗୁ ର ତାପିନଦୀ) ଏହି ପେଙ୍କମେଢ଼ୀ (ଫେଚ୍‌ମେଢ଼ୀ) ପର୍ବତର ପ୍ରଥମ ସଂଭୁମାଦାବ(ସଂଭୁ ମହାଦେବ)ଙ୍କ ଅର୍ଦ୍ଧାଙ୍ଗିନୀ ମୂଲାଦାଇ (ଆଦିମାତା)ଙ୍କ ତପସାଧନାରେ ଉଦ୍‌ଗମିତ ଜଳକୁଣ୍ଡ ମୂଲାତାପି (ମୂଲତାଇ)ରୁ ପ୍ରବାହିତ ହେଉଛି । ମୂଲାଦାଇର ମୂଲାତାପିଜଳ କୂଣ୍ଡର ଉଦଗମ୍ ହୋଇ ଥିବା ତାପିନଦୀର ପୌରାଣିକ କାହାଣୀର ବର୍ଣ୍ଣନା କରୁଥିବା ଲୋକଗୀତ ଆଜିମଧ୍ୟ ଗୋଁଡ଼୍ ସଂପ୍ରଦାୟରେ ପ୍ରଚଳିତ ହେଉଛି । ମେଲକୋଟ୍ ଅର୍ଥାତ୍ ବର୍ତ୍ତମାନର ମେଲଘାଟର ମୂଲାଦାଇ ର ପୁରୁଣା ଝରଣା (ସ୍ନାନକୁଣ୍ଡ)ରୁ ଉଦଗମ ହୋଇ ପୂରାନା (ପୂର୍ଣ୍ଣା) ଢ଼ୋଡ଼ା ପ୍ରବାହିତ ହେଉଛି । ତେଣୁ ସଂଭୁମାଦାବଙ୍କ ଦାଉଡ଼ା ଢ଼ାନା (ପୂର୍ବପୁରୁଷଙ୍କ ସ୍ଥାନ)ରୁ ବରଦାଉ ଢ଼ୋଡ଼ା (ବରଦାନଦୀ) ପ୍ରବାହିତ ହେଉଛି । ସେଇଭଳି ମୂଲାଦାଇର ମୁରାଂଗଣ୍ଡ ଝିରି (ମବେଶୀକୁଣ୍ଡ)ରୁ ମୂରାଣ୍ଡ ନଦୀ ଓ ହିରଦା ଡ଼ୋହରୁ ତାବାଢ଼ୋଡ଼ା (ଗରମପାଣିର ନଦୀ ବା ଉଷ୍ଣପ୍ରସ୍ରବଣ) ଉଦ୍‌ଗମ ହୋଇ ପ୍ରବାହିତ ହେଉଛି । ତାବା,ମୁରାଣ୍ଡ,ବରଦା ଏବଂ ତାପି ନଦୀ ସମୂହ ସହ ଗୋଁଡ଼ ସଂପ୍ରଦାୟର ଅତି ପ୍ରାଚୀନ କାଳରୁ ସଂବନ୍ଧ ଅଛି ଯାହାକି ବୈତୁଲ ଜିଲ୍ଲା ଦେଇ ପ୍ରବାହିତ ହୋଉଛି । ଏହି ନଦୀକୂଳ ଗୁଡ଼ିକରେ ସେମାନଙ୍କର ବସତି ଥିଲା । ଏହି କ୍ଷେତ୍ରାଞ୍ଚଳରେ ଆଜି ମଧ୍ୟ ନାଗ ଗଣ୍ଡଚିହ୍ନ ଧାରୀ କୋଂଦାଲିର (ବଳଦ) ଗଣ୍ଡ ଚିହ୍ନ ଧାରୀ କୋରକୁ (କୁକୁଡ଼ା) ଗଣ୍ଡ ଚିହ୍ନ ଧାରୀ ଓ ଏଟି (ଛେଳି) ଗଣ୍ଡଚିହ୍ନ ଧାରୀ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବାସସ୍ଥାନ ରହିଛି ।

୧. **ଆମଲା** - ଆମଲା ଗ୍ରାମ ବୈତୁଲ ଜିଲ୍ଲାର ମୂଲତାଇ ତହସିଲରେ ଅବସ୍ଥିତ । ଏଠାରେ ମାଡ୍ରାସ୍ ଦିଲ୍ଲୀ ରେଳପଥର ଏକ ଜଂକସନ୍ ଅଛି । ଏହି

ଗ୍ରାମରେ ଗୋଁଡ଼ରାଜା ମାନଙ୍କର ପ୍ରାଚୀନ ସମାଧି ସବୁ ରହିଛି । ଯାହାର ମାମୁଲାଦାଇ କୋଟ (ଦୁର୍ଗର) ଅବଶେଷ ଆଜି ମଧ୍ୟ ଭଗ୍ନ ଅବସ୍ଥାରେ ବିଦ୍ୟମାନ ଅଛି । ଗଡ଼କୋଟର ଅବଶେଷ ଖନନ କରାଗଲେ ଏଠାରେ ଶାସନ କରୁଥିବା ରାଜାମାନଙ୍କ ସଂପର୍କରେ ଅଧିକ ସୂଚନା ମିଳିପାରିବ ।

୨. **ଅସୀରଗଡ଼** - ଏହା ବୈତୁଲ ତହସିଲରେ ଅବସ୍ଥିତ । ଯେଉଁଠାରେ ଗୋଁଡ଼୍ ରାଜାମାନଙ୍କର ପ୍ରାଚୀନ ଦୁର୍ଗର ଭଗ୍ନାବିଶେଷ ବିଦ୍ୟାମାନ ଅଛି । ମୋଗଲ ସମୟ ପୂର୍ବରୁ ଏଠାରେ ଗୋଁଡ଼୍ ମାନଙ୍କର ଆଧିପତ୍ୟ ଥିଲା । ଗୋଁଡ଼୍ ସଂପ୍ରଦାୟରେ ପ୍ରଚଳିତ ଜନଶ୍ରୁତି ଆଧାରରେ ଏହି ଗଡ଼ର ପ୍ରଥମ ରାଜା ମାଂଗାଡ଼ୂର କୋରକାଲ ଥିଲେ ଯେ କି ଅସୀରଗଡ଼ (ଅଭେଦ୍ୟଗଡ଼) ନିର୍ମାଣ କରିଥିଲେ । ଏହି ଦୁର୍ଗର ପ୍ରାଚୀନତା ପ୍ରମାଣ କରିବା ଲାଗି କୌଣସି ଲିଖିତ ପ୍ରମାଣ ଉପଲବ୍ଧ ହେଉନାହିଁ କିନ୍ତୁ ଦୁଇଟି ରମଣୀୟ ପାହାଡ଼ ଦ୍ୱାରା ପରିବେଷ୍ଟିତ ଅଜେୟ ସୁହତ ଏବଂ ଅଭେଦ୍ୟ ସ୍ଥିତିକୁ ଦେଖି କୁହାଯାଉପାରିବ ଯେ ଯେକେହି ଏଇ ଦୁର୍ଗ ନିର୍ମାଣ କରାଇଥିଲେ ସେ ବହୁତ ଦୂରଦର୍ଶୀଥିଲେ । ଏହା ଦୀନାନାଥ ପାଣ୍ଡେଙ୍କ ମତ ।

ମଧ୍ୟ ରେଳପଥର ଖଣ୍ଡଓ୍ୱା ବୁରହାନପୁରର ମଧ୍ୟରେ ଥିବା ଅସୀରଗଡ଼ ରେଳଷ୍ଟେସନରୁ ୨୫ କି.ମି.ଦୂରବର୍ତ୍ତୀ ସତପୁଡ଼ା ପାର୍ବତମାଳାର ଏକ ଶିଖରରେ ଅବସ୍ଥିତି ଯାହା ସମୁଦ୍ର ପଉନରୁ ପାଖାପାଖି ୭୬୧ ମିଟର ଉଚ୍ଚସ୍ଥାନରେ ଏହି ଦୁର୍ଗ ଅବସ୍ଥିତ । ଇତିହାସରେ ଏହାକୁ ଦକ୍ଷୀଣଦ୍ୱାର କୁହାଯାଇଛି । ଦକ୍ଷିଣ ଭାରତ ବିଜୟ ନିମନ୍ତେ ଅସୀରଗଡ଼ ଉପରେ ବିଜୟ ପ୍ରାପ୍ତ କରିବା ଅନିର୍ବାର୍ଯ୍ୟ ଥିଲା । ଦୁର୍ଗର ଉଚ୍ଚତା ସଂପର୍କରେ ଏକ କିମ୍ୱଦନ୍ତୀ ଏ ଅଂଚଳର ଗୋଁଡ଼୍ ସଂପ୍ରଦାୟରେ ପ୍ରଚଳିତ ଅଛି ଯେ ହିଜରାଙ୍କ ୮୬୬ରେ ମହମ୍ମଦଖିଲଜୀ ଅସୀରଗଡ଼କୁ ଘେରାଉ କରି ନିଜ ଅଧୀନକୁ ନେବା ଚେଷ୍ଟାରେ ଯୁଦ୍ଧଶିବିର ସ୍ଥାପନ କରିଥିଲେ । ରାତିରେ ମୋହମ୍ମଦର ନିଦ ଭାଂଗିଗଲା ସେ ଦେଖିଲା ଅନ୍ଧାର ଭିତରେ ପାହାନ୍ତି ତରା ଚକ୍‌ଚକ୍ କରୁଛି । ସକାଳ ହେବା ଅନୁମାନ କରି ମୁହଁ ଧୋଇବାଲାଗି ଚାକରକୁ ପାଣି ଆଣିବାକୁ ଡ଼ାକିଲେ । ଚାକର କହିଲା ହଜୁର ରାତି ବହୁତ ବାକି ଅଛି ଆପଣ ଯାହାକୁ ଭୋରର ତରା ଭାବୁଛନ୍ତି ସେ ଅସୀରଗଡ଼ର ରାତି ସାରା ଜଳୁଥିବା

ମଶାଲ । ଏତେ ଉଚ୍ଚତା ଦେଖି ମହମ୍ମଦ ଅବାକ୍ ହୋଇଗଲେ । ସେ ଭାବିଲା ଦୁର୍ଗକୁ ଘେରାଉ କରିବା ନିରର୍ଥକ, ଏତେ ଉଚ୍ଚରେ ଥିବା ଦୁର୍ଗକୁ ଜିତିବା ଅସମ୍ଭବ ତେଣୁ ଆକ୍ରମଣ ନକରି ଫେରିଗଲେ ।

ଦୁର୍ଗର ପ୍ରବେଶ ଦ୍ୱାରରେ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଲଗାଯାଇଥିବା ସୂଚନା ଫଳକରେ କୁହାଯାଇଛିଯେ ଉତ୍ତର ଭାରତ ରୁ ଦକ୍ଷିଣ ଭାରତକୁ ସଂଯୋଗ କରୁଥିବା ପ୍ରାଚୀନ ମାର୍ଗରେ ଏହି ଦୁର୍ଗ ସବୁଠାରୁ ଉଚ୍ଚ ଓ ଶକ୍ତିଶାଳୀ ଦୁର୍ଗମାନଙ୍କ ମଧ୍ୟରୁ ଅନ୍ୟତମ । ଏହାର ତିନୋଟି ଦୁର୍ଗ ବେଷ୍ଟନୀ ରହିଥିଲା । ସବାଉପରେ ଅସୀରଗଡ଼, ମଝିରେ କମରଗଡ଼, ଏବଂ ପାଦଦେଶରେ ମଳୟଗଡ଼ । ପୂର୍ବରୁ ପଶ୍ଚିମ ଦୁର୍ଗର ଲମ୍ବ ଓ ଓସାର ଯଥାକ୍ରମେ ୭୫୦ ମି. ଓ ୧୨୦୦ ମି. । ପ୍ରାୟ ୮୦ ଏକର ଜମି ଉପରେ ଦୃଢ଼ ପାଚେରୀ ଦ୍ୱାରା ଅବରୁଦ୍ଧ ହୋଇଛି ।

ଐତିହାସିକ ଫରିସ୍ତା ଲେଖିଛନ୍ତି, ଏହି ଦୁର୍ଗ ଅଷ୍ଟମ ଶତାବ୍ଦୀରେ ଆସରା ଅହିର ଅର୍ଥାତ୍ ଆସରା ନାଗ ଗୋଁଡ଼୍ ଚିହ୍ନ ଧାରୀ ରାଜାଦ୍ୱାରା ନିର୍ମାଣ କରାଯାଇଥିଲା । ତାଙ୍କ ନାମାନୁସାରେ ଏହାର ନାମ ଆସରାଗଡ଼ (ଆସୀରଗଡ଼) କୁହାଯାଏ । ଏହି ଦୁର୍ଗରେ ଆସରଗଡ଼ ପରି ଗୋଁଡ଼୍‌ୱାନାରେ ଦେବଗଡ଼, ଶାବୀଲଗଡ଼, ନରମାଲାଗଡ଼, ଖେଡ଼ଲାଗଡ଼, ଆଦି ଅନେକ ଏଭଳି ଦୁର୍ଗ ଥିଲା ଯାହା ଜନଜାତି ଯଥା ଗୋଁଡ଼୍, କୋହ୍ଲ,କୋରକୁ ଆଦି ଦ୍ୱାରା ନିର୍ମିତ ହୋଇଥିଲା ।

୮୧୩ ଖ୍ରୀ.ରେ ଖଲିଫା ହାରୁନ୍ ଅଲ୍ ରସିଦଙ୍କ ପୁତ୍ର ଅଲମାନୁନ୍ ଚିତ୍ତୋର ଦୁର୍ଗଉପରେ ଆକ୍ରମଣ କରିଥିଲା । ଏହି ସମୟରେ ଚିତୋର ଗଡ଼କୁ ସହାୟତା ଦେବାପାଇଁ ଅସୀରଗଡ଼ର ଗୋଁଡ଼୍ ରାଜାଙ୍କ ସେନା ମଧ୍ୟ ଯାଇ ଥିଲା । ଏଥିରୁ ଜଣାପଡ଼େଯେ ଏ ଦୁର୍ଗର ଅସ୍ତିତ୍ୱ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ଥିଲା । ଆଲ୍ଲାଉଦ୍ଦିନ ଖିଲ୍‌ଜୀ ୧୩୯୫ରେ ଦେବଗିରି ଉପରେ ବିଜୟ ଲାଭକରି ଫେରିବା ବେଳେ ଅସୀରଗଡ଼ ଦଖଲ କରିଥିଲା ଏହାପରେ ଏହି ଦୁର୍ଗ ଦେବଗଡ଼ର ଗୋଁଡ଼୍‌ରାଜା ଜାଟବା ର ଅଧୀନ ହୋଇଗଲା । ଏବଂ ଏହାପରେ ଏହା ଆକବରଙ୍କ ଅଧୀନକୁ ଚାଲିଗଲା ।

୩. **ଭାଂବରଗଡ଼** - ଭାଂବରଗଡ଼ ବୈତୁଲ ଜିଲ୍ଲାର ଶହନୂର ର ପଶ୍ଚିମ ଦିଗରେ ଅବସ୍ଥିତ ଏକ ପାହାଡ଼ିଆ ଦୁର୍ଗ । ଏହାକୁ ଗୋଁଡ଼୍ ରାଜା ମଂଗାସୁର ନାମକ ଗୋଁଡ଼୍ ରାଜାକୁ ଏହାକୁ ନିର୍ମାଣ କରାଇଥିଲେ । ଏଭଳି ଲୋକ କଥା ସେ ଅଂଚଳର ଗୋଁଡ଼୍ ସଂପ୍ରଦାୟ ମଧ୍ୟରେ ପ୍ରଚଳିତ ଅଛି । ବର୍ତ୍ତମାନ ଏହା ଧ୍ୱଂସ ସ୍ତୁପରେ ପରିଣତ ହୋଇ ଯାଇଛି । ଏହି ଦୁର୍ଗର ପ୍ରବେଶ ଦ୍ୱାର ଏବେ ମଧ୍ୟ ସୁରକ୍ଷିତ ଅଛି । ଏହି ଅଂଚଳର କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ଲୋକେ ସେଠାକୁ ଯାଇ ରାଜାଙ୍କ ଅଧିଷ୍ଠାତ୍ରୀ ଦେବତା 'ଭାଂବର'ଙ୍କ ପୂଜା କରନ୍ତି । ସେଠାରେ ରାଜାଙ୍କର ଯେଉଁ ଗୋଁଡ଼୍ ଚିହ୍ନ ଥିଲା ତାକୁ ଆଗ୍ୟାଲ ବୀସି କୁହାଯାଉଥିଲା ।

୪. **ଭୁଇପାଲୀ** – ଭୁଇପାଲୀକୁ ବର୍ତ୍ତମାନ ଭୋପାଲୀ କୁହାଯାଉଛି । ଏହା ବୈତୁଲ ଜିଲ୍ଲାର ଘୋଡ଼ାଡ଼ୋଁଗରୀ ରେଳଷ୍ଟେସନ ପାଶରେ ଅଛି । ସେଠାରେ ଥିବା ପାହାଡ଼ରେ ତିନି ପ୍ରାକୃତିକ ଗୁମ୍ଫା ଅଛି । ଏହା ପେଙ୍କମେଡ଼ୀ କୋଟର ଶେଷ ସଂଭୁମାଦାବଙ୍କ ତପସାଧନା ସ୍ଥଳ, ଏଠାରେ ମଧ୍ୟ ସଂଭୁଜାଗରଣ ମେଳା ଆୟୋଜିତ ହୁଏ । ସେଠାରେ ବସ ବାସ କରୁଥିବା କୋୟା ବଂଶୀୟ ଗୋଁଡ଼୍ ସମୁଦାୟର ଗୋଁଡ଼୍‌ଜୀବ  ନିଜର ସଂଭୂମହାଦେବଙ୍କୁ ସୁପ୍ତ ଅବସ୍ଥାରୁ ଜାଗ୍ରତ ଅବସ୍ଥାକୁ ଆଣିବାକୁ ସେଠାକୁ ଯାଆନ୍ତି । ଏହି ପାହାଡ଼ର ଶିଖରରୁ ପେଙ୍କମେଡ଼ୀର ଚୌରାଗଡ଼ର ଶିଖର ଦେଖାଯାଏ ।

୫. **ଖେରଲାଗଡ଼** – ବୈତୁଲ ଜିଲ୍ଲାର ସଦର ମହକୁମାର ଉତ୍ତରପୂର୍ବ ଦିଗରେ ସାତ କିଲୋମିଟର ଦୂରରେ ଖେରଲାଗଡ଼ ଅବସ୍ଥିତ । ଏହା ମଧ୍ୟଯୁଗର ଏକ ପ୍ରସିଦ୍ଧ ଗଡ଼ଥିଲା, ଯାହା ମଚନା ଓ ସପନା ନଦୀର ମଧ୍ୟବର୍ତ୍ତୀ ଅଂଚଳରେ ଥିବା ପାହାଡ଼ ଉପରେ ତିଆରି  ହୋଇଥିଲା । ଏହି ଗଡ଼ର ପଛଭାଗରେ ଏକ ବଡ଼ପୋଖରୀ ଅଛି । ସେଠାରେ ସଂଭୁମହାଦେବଙ୍କର ମନ୍ଦିର ଅଛି । ଏହି ଗଡ଼ର ନିର୍ମାଣ ଖେରଲାଲ୍ କୁମରା ନାମକ ଗୋଁଡ଼୍ ରାଜା କରାଇଥିଲେ । ତାଙ୍କ ପରେ ସେଠାରେ ଶିବନାଥ,ରତନଲା. ନାଗପାଲ,ରାଜପାଲ,ଗଜରାଜ, ଭଗତରାଜ, ଜୟପାଲ, ନରସିଂହ ରାୟ,ଗୋପାଲ ଆଦି ଗୋଁଡ଼୍ ରାଜାମାନେ ଶାସନ କରିଥିଲେ ।

ଖରେଲାଗଡ଼ ବିଷୟରେ ହୀରାଲାଲ ନିଜର ଇନ୍ସକ୍ରିପସନ୍ସ ଇନ୍ ସେଣ୍ଟ୍ରାଲ ପ୍ରୋବିନ୍ସସ ଆଣ୍ଡ ବେରାର୍ ପୁସ୍ତକରେ ନିମ୍ନମତେ ମନ୍ତବ୍ୟ ଦେଇଛନ୍ତି –

On all sides of the hill, around which the fort was built there is a space sufficient to accomodate a large garrson. At the fort of the hill there is a tank covering an area of about 2.50 hectors. This open space including is enclosed by an inner wall width of which is nearly two meters. For a considrable hight the wall is built of massins stones. Some of which apparandently belonged to some older building like temples in the locality. The present position of many carred and designed stones in the outer face of this wal clearly shoros that they were taken out from the ruined structurs. Thus on the casterm wall of the fort an inseribg stone which apparently belonged to a stup well is fixed. The seventh line of it mentims that the illustratims Hardeva castuted a vapi to the north of Khetakapura, which is apparantly the old name of Kherla. The inscription Sambat 1420 and Sakabd 1285 corresponding to 1363 AD. It contains a sort geneology of local Gond kings but the record being in a much mutilated condition can yield no reliable deta. The inner wall has some gates which are now in ruins. The outer wall of the fort is also in a ruinous condition and appears to be older than the inner wall. The fort has been rebuilt after the several sieges. Which it under weut it witnessed several struggles between the sultans of Malwa and Bahamanis of Berar till it was annexed by the Mughals.

ଗୋଁଡ଼୍‌ବୀର ମାନଙ୍କର ଗୌରବ କଥା ଅନୁସାରେ ଖୋରଲାଲ୍ କୁମରା ନାମକ କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ରାଜାଙ୍କ ଦ୍ୱାରା ଖେରଲାଗଡ଼ର ନିର୍ମାଣ ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀରେ କରାଯାଇଥିଲା । ଏହାପୂର୍ବରୁ ହରଦେବା ନାମକ ଏହାଙ୍କର ଜଣେ ପୂର୍ବପୁରୁଷଙ୍କ ଗଡ଼ ଖେଟକପୁରାରେ ଥିଲା । ଖେରଲାଲ କୁମରାଙ୍କ ପରେ ଯେଉଁ ନାଗପାଲ ନାମକ ରାଜାଥିଲେ ତାଙ୍କ ଶାସନ କାଳରେ ରାଜ୍ୟକୁ ଜୈନଧର୍ମର ପ୍ରଚାରକ ମାନେ ଆସିଥିଲେ । ଯାହାଙ୍କୁ ରାଜା ବଦନୂର ବସତିରେ ଆଶ୍ରୟ ଦେଇଥିଲେ । ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀ ପୂର୍ବରୁ ଏହି କ୍ଷେତ୍ରାଞ୍ଚଳରେ

ସରଗଡ଼ର ଭିକାସିଂହ ନାମକ ରାଜାଙ୍କ ପୁତ୍ର ଯଜନସେନ ହାତରେ ଶାସନ କ୍ଷମତା ଥିଲା । ଖେରଲାଗଡର ରାଜାମାନଙ୍କ ଅଧିନରେ ଯେଉଁ କ୍ଷେତ୍ରାଞ୍ଚଳ ଥିଲା ତାର ପଶ୍ଚିମରେ ବୁରହାନପୁର ପୂର୍ବରେ ନାଂଦପୁର, ଦକ୍ଷିଣରେ ନରନାଲା ଓ ଉତ୍ତରରେ ହୋସଂଗାବାଦର ସୀମା ପର୍ଯ୍ୟନ୍ତ ତାହା ବ୍ୟାପ୍ତ ଥିଲା ।

The tank has been popularly supposed to be the Origin of river Tapi. On qccount of this popular belif the place was originalli called mulatapi, the soures at Tapi. The present name multai is apparently a corruption of Mulatapi. ମୂଲାତାପି କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗୋଣ୍ଡଜୀବ ମାନଙ୍କର ପବିତ୍ରପାବନ ପୁନେମୀ(ଧାର୍ମିକ) କୁଣ୍ଡ ଅଟେ । ଏହି ମୂଲାତାପିରୁ ଉଦଗମ ହୋଇ ଥିବା ତାପି ନଦୀର ପୌରାଣିକ ଗୀତିକାବ୍ୟ ଆଜି ମଧ ଗୋଁଡ଼୍ ସଂପ୍ରଦାୟର ଲୋକଗୀତ ରୂପରେ ପ୍ରଚଳିତ ଅଛି ।

ଗୋଁଡ଼ୀ ଗୋଁଡ଼୍ ଗୀତିକାବ୍ୟ ଅନୁସାରେ ତାପିନଦୀ ପେଙ୍କମେଢ଼ୀ (ପେଁଚମେଢ଼ୀ) ପର୍ବତର ପ୍ରଥମ ସଂଭୁମାଦାବ (ମହାଦେବ)ଙ୍କ ଅର୍ଦ୍ଧାଙ୍ଗିନୀ ମୂଲାଦାଇ (ଆଦିମାତା) ମେଲକୋଟ (ମେଲଘାଟ)ର ଗୋଁଡ଼୍ ପ୍ରମୁଖ ଢ଼ୋମାରେ ରାଜାଙ୍କ କନ୍ୟାଥିଲେ । ସେ ଆଜି ମଧ ମେଲଘାଟ ପର୍ବତୀୟ ଶୃଙ୍ଖଳାରେ ଆଧୁନିକ ଅମରାବୀ ଓ ବୈତୁଲ ଜିଲ୍ଲାର ସୀମାବର୍ତ୍ତୀ ସ୍ଥାନରେ ଅବସ୍ଥିତ । ଯେଉଁ ଠାରୁ ପୁରାନା ଢ଼ୋଡ଼ା (ପୂର୍ଣ୍ଣନଦୀ)ର ଉଦଗମ ହୋଇଛି । ମୂଲାଦାଇଙ୍କ ସେଇସ୍ନାନ କୁଣ୍ଡକୁ ଗୋଁଡ଼ୀଭାଷାରେ ମୂଲାଦାଇନା ପୂରାନା ଝିରିୟା) କୁହାଯାଏ । ଏହି ପୂରାନା ଝିରିଆ ରୁ ପୂରାନା ଢ଼ୋଡ଼ା (ପୂର୍ଣ୍ଣନଦୀ)ର ଉଦଗମ ହୋଇ ପ୍ରବାହିତ ହେଉଛି । ମୂଲାଦାଇ ଯେତେବେଳେ ବୟଃପ୍ରାପ୍ତ ହୋଇଥିଲେ ସେତେବେଳେ ତାଙ୍କର ବୈବାହିକ ସଂବନ୍ଧ ପେଙ୍କମେଢ଼ୀର (ପେଞ୍ଚମେଢ଼ୀ)ର ପ୍ରଥମ ସଂଭୁ ମାଦାବ (ମହାଦେବ)ଙ୍କ ସହିତ କରାଯାଇଥିଲା ।

ଗୋଁଡ଼୍ ସଂପ୍ରଦାୟରେ ପ୍ରଚଳିତ ପୌରାଣିକ କଥା ଅନୁସାରେ ସଂଭୁ ମାଦାବଙ୍କ ସହ ବିବାହ ବନ୍ଧନ ନିମନ୍ତେ ମୂଲାଦାଇଙ୍କ ବରଯାତ୍ରୀ ମେଲକୋଟରୁ ପେଙ୍କମେଢ଼ୀ ଯାଇଥିଲା । ଯେତେବେଳେ ବରଯାତ୍ରୀ ଯାଉଥିଲା, ସେତେବେଳେ ସେଁଦଉରଜନ୍ ଘାଟର ପର୍ବତମାଳା ଅତିକ୍ରମକରି ପାହାଡ଼ ଉପରେଥିବା ସମତଳ

ଭୂଭାଗରେ ପହଞ୍ଚିଲେ । ପ୍ରଚଣ୍ଡ ଖରା ଯୋଗୁଁ ରାସ୍ତାରେ ଶୋଷରେ ଆଉଟୁପାଉଟୁ ହୋଇଗଲେ । ପାଣିର କୋଉଠି ଚିହ୍ନବର୍ଣ୍ଣ ନଥିଲା । ସାହସକରି ବରଯାତ୍ରୀ ପାଣି ସନ୍ଧାନରେ ଆଗକୁ ଚାଲିଲେ କିଛି ଦୂର ଗଲାପରେ ସମସ୍ତେ ଥକି ପଡ଼ିଲେ ଓ ଏବଂ ଗୋଟିଏ ଗଛମୂଳେ ଅଟକି ଗଲେ । ମୂଲାଦାଇଙ୍କ ପିତା ନିଜର ସୈନିକ ମାନଙ୍କୁ ପାଣି ଖୋଜିବାକୁ ଚାରିପାଖକୁ ପଠାଇଲେ କିନ୍ତୁ ସେମାନେ ମଧ୍ୟ ଖାଲି ହାତରେ ଫେରିଲେ । ଚାରି ପାଖ ବହୁତ ଦୂର ପର୍ଯ୍ୟନ୍ତ ଖୋଜିବାପରେ ବି ପାଣିମିଳିବାର ସୂଚନା ମିଳିଲା ନାହିଁ । ମୂଲାଦାଇଙ୍କର ପିତା ମାତା ଚିନ୍ତିତ ହୋଇ ପଡ଼ିଲେ । କିନ୍ତୁ ମୂଲାଦାଇ ଧୈର୍ଯ୍ୟ ହରାଇଲେ ନାହିଁ । ସେ ସଂଭୁ ମାଦାବଙ୍କ ତରଫରୁ ନିଯୁକ୍ତ ସରବତଲାଲକୁ ଡ଼କାଇଲେ ଓ କହିଲେ ତୁମେ ଆମ ବରଯାତ୍ରୀର ମାର୍ଗଦର୍ଶକ ତଥାପି ତୁମେ ବରଯାତ୍ରୀକୁ ଏପରି ଏକ ବାଟରେ ଆଣିଲ ଯେ ପାଣି ବୁନ୍ଦେ ପିଇବାକୁ ବି ମିଳୁନାହିଁ । ଗୋଁଡ଼୍ ସଂପ୍ରଦାୟର ରୀତିନୀତି ଅନୁସାରେ ବଧୂର ବରଯାତ୍ରୀ ରାସ୍ତାରେ କୌଣସି ଅସୁବିଧା ଯେପରି ନ ହେବ ସେଥିପାଇଁ ବରପକ୍ଷରୁ ଏକ ମାର୍ଗଦର୍ଶକ ନିଯୁକ୍ତି କରାଯାଏ । ଏହି କାର୍ଯ୍ୟଲାଗି ସଂଭୁମାଦାବ ନିଜର ନାଗଡୁଆର (ନାଗଦ୍ୱାର)ର ଜଣେ ନାଗୁନାଲକୁ ନିଯୁକ୍ତ କରିଥିଲେ । ଏହି ମାର୍ଗଦର୍ଶକ ଓ ସେବକକୁ ଗୋଁଡ଼ୀ ଭାଷାରେ ସରବତଲାଲ କୁହାଯାଏ । ମାର୍ଗଦର୍ଶକ ନାଗୁନାଲ୍ ମୂଲାଦାଇଙ୍କୁ ପରାମର୍ଶ ଦେଲାଯେ ସେ ନାଂଗଡୁଆରର ନାଂଗରାଜାଙ୍କୁ ମନମଧ୍ୟରେ ସ୍ମରଣକରି ଏରତାପି (ଜଳସ୍ରୋତ)ର ସଂଧାନରେ ତନ୍ଦରୀ ଯୋଗ ଲଗାଇ ନିବେଦନ କରନ୍ତୁ । ସେ ଜଳସ୍ରୋତ ନେଇ ଆସିବେ । ସରବତଲାଲର ପରାମର୍ଶ ଅନୁସାରେ ମୂଲାଦାଇ ସଂଭୁମାଦାବଙ୍କ ଗଣ୍ଡଶକ୍ତି ନାଂଗଡୁଆର ଦୁର୍ଗର ନାଂଗରାଜାଙ୍କ ଆରାଧନା କଲେ ଓ ନିଜର ତନ୍ଦରୀ ଯୋଗ ଶକ୍ତିଦ୍ୱାରା ଭୂଗଭିରେ ପ୍ରବାହିତ (ଏରତାପି) ଜଳସ୍ରୋତର ଅନୁସଂଧାନ କଲେ ଓ ତାକୁ ଭୂପୃଷ୍ଠକୁ ନେଇ ଆସିବାକୁ ନାଗୁନାଲକୁ ଆଦେଶ ଦେଲେ । ଯଥାଶୀଘ୍ର ନାଗୁନାଲ ଏକ ଗର୍ତ୍ତଦେଇ ଭୂଗଭିକୁ ପ୍ରବେଶ କଲେ ଓ ଜଳସ୍ରୋତକୁ ଉପରକୁ ନେଇ ଆସିଲା । ମୂଲାଦାଇଙ୍କ ବରଯାତ୍ରୀ ଯୋଉଠି ବିଶ୍ରାମ ନେଉଥିଲା ସେଠାରେ ଏକ ଜଳଧାରା ବାହାରି ଆସିଲା । ସେହି ଜଳରେ ସମସ୍ତେ ନିଜର ତୃଷା ମେଣ୍ଟାଇଲେ ଓ ପେଙ୍କମେଢ଼ୀ ଦିଗରେ ପ୍ରସ୍ଥାନ କରିଗଲେ ।

ମୂଲାଦାଇଙ୍କ ତନ୍ଦଲିଯୋଗ ଶକ୍ତି ଓ ନାଗୁନାଲର ପରିଶ୍ରମ ଫଳରେ ଯେଉଁ ଜଳଧାରା ଭୂପୃଷ୍ଠରେ ପ୍ରକଟିତ ହେଲା ତାକୁ ଗୋଁଡ଼୍ ସଂପ୍ରଦାୟର ଲୋକମାନେ ମୂଲାତାପି (ମୂଲାଦାଇଙ୍କ ଜଳକୁଣ୍ଡ) କହନ୍ତି । ସେହି ମୂଲାତାପି କୁଣ୍ଡରୁ ଯେଉଁ ଜଳଧାରା ପ୍ରବାହିତ ହୋଇ ଏକ ନଦୀରୂପ ଧାରଣକଲା ତାକୁ ନାଗୁନା ତାପିଢ଼ୋଡ଼ା(ନାଗୁର ତାପିନଦୀ) କହିଲେ ଓ ସମୟକ୍ରମେ ମୂଲାତାପିର ଅପଭ୍ରଂମ ମୂଲାଦାଇ ଓ ନାଗୁନାତାପି ଢ଼ୋଡ଼ାର ନାମାନ୍ତର ତାପିନଦୀ ହୋଇଗଲା ।

ମୂଲାଦାଇର ମୂଲାତାପି ଜଳକୁଣ୍ଡ ଓ ସେଠାରୁ ନିର୍ଗମିତ ତାପି ନଦୀର ପୌଣିକ ଧାର୍ମିକ ଗୀତି ବର୍ଣ୍ଣନା କରୁଥିବା ଅନେକ ଲୋକଗୀତ ଗୋଁଡ଼୍ ସଂପ୍ରଦାୟରେ ଆଜି ମଧ୍ୟ ପ୍ରଚଳିତ ହେଉଛି । ଯାର ଏକ ସଂକଳନ ଏହି ଲେଖକ ନିଜର "ସତପୁଡ଼ା କେ ତାପିନଦୀ କି ପୌରାଣିକ ଗୋଁଡ଼ୀ ଗାଥା" ପୁସ୍ତକରେ କରିଛନ୍ତି ।

ମୂଲାତାପିର ମୂଲାଦାଇଙ୍କ ବରଯାତ୍ରୀ ଆଗକୁ ଯାଇ "ଦାବଡ଼ା ଢ଼ାନା" ପହଞ୍ଚିଲା । "ଦାବଡ଼ା ଢ଼ାନା" ବି କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗଣ୍ଡଜୀବ ମାନଙ୍କର ଧାର୍ମିକ ସ୍ଥଳ ଅଟେ । ସେଠାରୁ ବରଦାଉ ଢ଼ୋଡ଼ା (ବରଦାନଦୀ)ର ଉଦ୍‌ଗମ ହୋଇଛି । ଗୋଁଡ଼ୀଭାଷାରେ ଦାବୁଡ଼ାଢ଼ାନାର ଅର୍ଥ ପୂର୍ବପୁରୁଷଙ୍କ ସ୍ଥାନ ଓ ବରଦାଉ ଢ଼ୋଡ଼ାର ଅର୍ଥ ପୂର୍ବପୁରୁଷଙ୍କ ଝରଣା ହୋଇଥାଏ । ଦାବୁଡ଼ାଢ଼ାନାରେ ନିଜର ପୂର୍ବପୁରୁଷଙ୍କୁ ଦର୍ଶନ କରି ମୂଲାଦାଇଙ୍କ ବରଯାତ୍ରୀ ପେଙ୍କ୍‌ମେଢ଼ୀ ନିକଟରେ ପହଞ୍ଚିବାରୁ ତାଙ୍କର କୋହଉଠିଲା । ମାତା ପିତାଙ୍କ ଠାରୁ ଅଲଗା ହୋଇଯିବାର ବିଚାର ଆସିବାରୁ ତାଙ୍କ ଆଖିରୁ ଅଶ୍ରୁଧାର ବାହାରି ଆସିଲା ଓ ପୃଥିବୀ ପୃଷ୍ଠରେ ଯେଉଁଠାରେ ପଡ଼ିଲା ଦେଖୁଦେଖୁ ସେଠାରୁ ଏକ ଜଳଧାରା ପ୍ରବାହିତ ହେଲା । ଯାହାକୁ ଗୋଁଡ଼ୀ ଭାଷାରେ "କନ୍‌କନାଣ୍ଡ ଧାର" ଅର୍ଥାତ୍ ଅଶ୍ରୁଧାର କୁହାଯାଏ । ଏହି କନକନାଣ୍ଡ ଧାର ରୁ କନ୍ନାଣ୍ଡ ବା ବର୍ତ୍ତମାନର କନ୍ନାନ ନଦୀର ଉଦ୍‌ଗମ ହୋଇଛି । ଏହି କନକନାଣ୍ଡ ଧାର ବର୍ତ୍ତମାନର ଆମଲା ଜୁନ୍ନାର ଦେବ ରେଳପଥରେ ଥିବା ହରୟାଗଡ଼ ରେଳ ଷ୍ଟେସନର ଉତ୍ତରଦିଗରେ ୧୨ କି.ମି ଦୂରରେ ଅବସ୍ଥିତ ।

କନ୍‌କନାଣ୍ଡ ଧାର ଠାରୁ ମୂଲାଦାଇଙ୍କ ବରଯାତ୍ରୀ ଆଗକୁ ଚାଲିଲା ଆଉ କିଛି ବାଟ ଯିବାପରେ ସଂଧ୍ୟା ହୋଇଯିବା କାରଣରୁ ଏକ ସ୍ଥାନରେ ବିଶ୍ରାମ କରିବାକୁ ଅଟକିଲା । ମୂଲାଦାଇ ସେଠାରେ ମଧ୍ୟ ଭିତରେ ଭିତରେ କାନ୍ଦୁଥିଲେ । ଆତ୍ମୀୟସ୍ୱଜନଙ୍କ ବିଚ୍ଛେଦ ଯୋଗୁଁ ତାଙ୍କର ହୃଦୟଫାଟି ଯାଉଥିଲା । ହୃଦୟର ଏହି ଅବସ୍ଥାକୁ ଗୋଁଡ଼ୀଭାଷାରେ "ହିରଦାଓରାନା" କୁହାଯାଏ । ସେଠାରେ ତାଙ୍କ ଆଖିରୁ ଅଶ୍ରୁଧାରା ବହି ଚାଲିଲା । ଏହି ଅଶ୍ରୁଧାର ଏତେ ଗରମ ଥିଲା ଯେ ଭୂପୃଷ୍ଠରେ ଯେଉଁଠି ପଡ଼ିଲା ସେଠାରୁ ଗରମପାଣିର ଏକ ଝରଣା ସୃଷ୍ଟିହୋଇ ବହିବାକୁ ଲାଗିଲା । ଏହି ସ୍ଥାନକୁ ମୂଲାଦାଇନା "ହିରଦା ଡ଼ୋହୋ" କୁହାଯାଏ । ଏଥିରୁ ଯେଉଁ ଉଷ୍ଣପ୍ରସ୍ରବଣ ବାହାରିଲା ତାହା ଆଗକୁ ଯାଇ ଏକ ନଦୀର ରୂପ ଧାରଣ କଲା ଓ ଏହି ନଦୀକୁ ଗୋଁଡ଼ୀଭାଷାରେ ଡ଼ାବା ଡ଼ୋଡ଼ା କୁହାଯାଏ । ଏଭଳିଭାବରେ ଚମତ୍କାରୀ ମୂଲାଦାଇଙ୍କ ବରଯାତ୍ରୀ ସେଠାରୁ ଜୁନ୍ନୋରପେନ୍ (ଜୁନ୍ନୋରଦେବ) ଡ଼ାନା ବା ସ୍ଥାନରେ ପହଞ୍ଚିଲେ । ସେଠାରେ ସମ୍ଭୁମାଦାବଙ୍କ ପୂର୍ବପୁରୁଷଙ୍କ ସ୍ଥାନଥିଲା । ସେଠାରେ ସଂଭୁମାଦାବଙ୍କର ବିବାହ ମଣ୍ଡପ ସ୍ଥାପନ କରାଗଲା । ଜୁନ୍ନୋରଦେବ ଡ଼ାନାର ଅର୍ଥ ପୂର୍ବପୁରୁଷଙ୍କ ଦେବ କୁଟୀର । ଏହି ଜୁନ୍ନୋରଦେବ ଡ଼ାନାରେ ପ୍ରଥମ ସଂଭୁମାଦାବ କୋସୋଡ୍ଡୁମ ଓ ମୂଲାଦାଇ ବିବାହର ବନ୍ଧନରେ ବାନ୍ଧି ହେଲେ । ବୈବାହିକ ରୀତିନୀତି ସରିବାପରେ ମୂଲାଦାଇ ସମ୍ଭୁମାଦାବଙ୍କ ସହ ପୂର୍ବପୁରୁଷଙ୍କ ମଠିୟା ବା କୁଟୀରକୁ ଯାଇ ସେଠାକାର ଦୈବୀ ଶକ୍ତି ମାନଙ୍କୁ ଜଳାର୍ପଣ କଲେ । ଏହି ଜଳଧାରରୁ ଯେଉଁ ଧାରା ପ୍ରବାହିତ ହେଲା ତାକୁ ଗୋଁଡ଼ୀ ଭାଷାରେ ପେଙ୍କଡ଼ୋଡ଼ା କୁହାଯାଏ । ବର୍ତ୍ତମାନ ପେଙ୍କଡ଼ୋଡ଼ା ପେଞ୍ଚନଦୀ ନାମରେ ପରିଚିତ ଓ ପେଙ୍କମେଡ଼ୀ ପେଁଚମେଡ଼ି ନାମରେ ପରିଚିତ ହେଇଛି । ଏହି ପରି ଚମତ୍କାରୀ ମୂଲାଦାଇର ମୂଲାତାପି,ମୂଲତାଇରେ ଆଜି ସ୍ଥାପିତ ହୋଇଛନ୍ତି ଯେଉଁଠାରେ ନଭେମ୍ବର ମାସରେ ୧୫ ଦିନ ବ୍ୟାପି ମେଳା ଅନୁଷ୍ଠିତ ହୁଏ ।

୭. **ସାଲବର୍ଡ଼** - ବୈତୁଲ ଜିଲ୍ଲାର ମୂଲତାଇ ତହସିଲର ମୂଲତାଇର ଦକ୍ଷିଣପୂର୍ବ ଦିଗରେ ମୁରାନଦୀ କୂଳରେ ସାଲବର୍ଡ଼ ନାମରେ ଗୋଟିଏ ପର୍ବତ ଅଛି । ସେଠାକାର ଗୁମ୍ଫାରେ ସଂଭୁମାଦାବଙ୍କର ମୂର୍ତ୍ତି ସ୍ଥାପିତ ହୋଇଛି । ଗୋଁଡ଼ୀ ପୌରାଣିକ ଗୀତିକାବ୍ୟ ଅନୁସାରେ ଯେତେବେଳେ ମୂଲାଦାଇଙ୍କ ବରଯାତ୍ରୀ

ସେଁଦଉରଜନ ଘାଟରେ ଥିବା ସାଲବର୍ଡ଼ୀ ପର୍ବତ ପାର୍ଶ୍ୱକୁ ଆସିଲା ସେତେବେଳେ ମୂଲାଦାଇ ସଂଭୁ ମାଦାବଙ୍କୁ ସ୍ମରଣକରି ଜଳାର୍ପଣ କଲେ । ଏହି ଜଳାର୍ପଣରୁ ମୂଳାନଦୀ ପ୍ରବାହିତ ହେଲା, ଯାହାକୁ ଏବେ ମୂରାନଦୀ କୁହାଯାଉଛି । ଏଭଳି ମଧ୍ୟ କୁହାଯାଏଯେ ପେଙ୍କମେଢ଼ୀଙ୍କ କ୍ରୋଧ ଯୋଗୁଁ ସଂଭୁମାଦାବ ମାଟି ତଳେ ତଳେ ଯାଇ ମୂଳାଦାଇଙ୍କୁ ଦର୍ଶନ ଦେବାକୁ ସାଲବଡ଼ି ଯାଇଥିଲେ । ସାଲବର୍ଡିଙ୍କ କ୍ରୋଧ ଯୋଗୁଁ ମାଟିତଳେ ଏକ ସୁଡ଼ଙ୍ଗ ପେଙ୍କମେଢ଼ୀ ପର୍ଯ୍ୟନ୍ତ ଯାଇ ସେଠାରେ ବାହାରିଛି । କୁହାଯାଏ ଏଠାରେ ସଂଭୁଜାଗରଣ (ମହାଶିବରାତ୍ରୀ) ଅବସରରେ ୧୦ ଦିନ ବ୍ୟାପୀ ମେଳା ଅନୁଷ୍ଠିତ ହୁଏ । ଏହି ମେଳାରେ ଗୋଁଡ଼ ସଂପ୍ରଦାୟର ଲୋକମାନେ କୂଳ ଦେବତାଙ୍କ ସୂତ୍ର ନେଇ ସଂଭୁଙ୍କ ଚୈତନ୍ୟାବସ୍ଥାକୁ ଆସିବାକୁ ପ୍ରାର୍ଥନା କରନ୍ତି ।

୮. **ସାଓଲୀଗଢ଼** – ସାଓଲୀଗଢ଼ ବୈତୁଲ ଜିଲ୍ଲାର ବୈତୁଲ ତହସିଲରେ ପାଖାପାଖି ୮୦ କି.ମି. ଦୂରରେ ଚିଚୋଲୀ ହରଦା ରୋଡ଼ ଠାରେ ଏକ ପାର୍ବତ୍ୟ ଦୁର୍ଗ ଅଛି । ଗୋଁଡ଼ୀ ପୌରାଣୀକ ଗୀତିକାବ୍ୟ ଅନୁସାରେ ଏହା ନାଂଗୁ ପତାରୀ ନାମକ ରାଜାଙ୍କର ପୂରାତନ ଦୁର୍ଗ ଥିଲା । ଏବେ ଏହା ଭଗ୍ନାବଶେଷରେ ପରିଣତ ହେଲାଣି । ଏଠାରେ କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ସାତବଂଶର ସାତଟି ଜଳସ୍ରୋତ ନିରନ୍ତର ପ୍ରବାହିତ ହେଉଛି ।

୯. **ଶେରଗଢ଼** – ବୈତୁଲ ଜିଲ୍ଲାର ମୂଲତାଇ ତହସିଲ ସଦର ମହାକୁମାରୁ ପ୍ରାୟ ୧୫ କି.ମି. ଦୂରେ ବେରଗାବ ନାମକ ଗାଁ ଅଛି । ସେଠାରେ ଏକ ଦୁର୍ଗ ଅଛି । ଯାହାକୁ ଅତୀତରେ ଡୁବାଲସିଂହ ନାମକ ଗୋଁଡ଼୍ ରାଜା ନିର୍ମାଣ କରିଥିଲେ । ଆଓରଙ୍ଗଜେବଙ୍କ ସମୟରେ ତାଙ୍କର ଜଣେ ସର୍ଦାର ଶେରଖାନ୍ ଏହି ଦୁର୍ଗ ଦଖଲ କରି ସେଠାରେ ନିଜର ନୂଆ ଦୁର୍ଗ ନିର୍ମାଣ କଲେ ।

୧୦. **ଶିଳାଶ୍ରୟ** – ବୈତୁଲ ଜିଲ୍ଲାର ଅନେକ ସ୍ଥାନରେ ପୁରାତନ ଓ ନୂତନ ଯୁଗର ଶୀଳାଶ୍ରୟ (ଗୁମ୍ଫା) ମାନ ଅଛି । ଧନୋରା ନାଗାଝିରୀ, ଭୋପାଲୀ,ଝାପଲ ଓ ଲାଲବାଡ଼ୀର ପାହାଡ଼ମାନଙ୍କର ନୂତନ ପ୍ରସ୍ତର ଯୁଗର ପଥରଗୁମ୍ଫା ଅଛି । ଏଠାରେ ଅନାଦୀ କାଳରୁ କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗୋଁଡ଼୍‌ଜୀବ ମାନଙ୍କର

ବସତି ରହିଥିଲା । ବୈତୁଲ ଜିଲ୍ଲାର ସଂପୂର୍ଣ୍ଣ କ୍ଷେତ୍ରରେ ଆଜିମଧ୍ୟ ଗୋଁଡ଼୍ ସଂପ୍ରଦାୟ ଅଧିକ ସଂଖ୍ୟାରେ ଅଛନ୍ତି । ସେଠାକାର ସବୁ କୋଣ ଅନୁକୋଣରେ ଗୋଁଡ଼ୀ ସଂସ୍କୃତିର ଚିହ୍ନ ରହିଅଛି ।

## ଛିନ୍ଦବାଡ଼ା ଜିଲ୍ଲା

ଛିନ୍ଦବାଡ଼ାର ନାମ ସଇଁଦବାଡ଼ା ଥିଲା । ଯାର ଅର୍ଥ ସଇଁଦ୍ ନାଗମାନଙ୍କର ବାଡ଼ା ବା ଛିନ୍ଦରା ନାଗମାନଙ୍କର ବାଡ଼ା । ସେଠାରେ ଅନାଦି କାଳରୁ ସଇଁଦ୍ ନାଗ ଗୋଣ୍ଡଚିହ୍ନ ଧାରକ କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗୋଣ୍ଡଜୀବ ମାନଙ୍କର ବାସ ସ୍ଥାନଥିଲା । ଗୋଁଡ଼୍ ସଂପ୍ରଦାୟର ଲୋକେ ପ୍ରାଚୀନ କାଳରୁ ହିଁ ୧୨ ପ୍ରକାର ନାଗଙ୍କ ଉପାସନା କରିଆସୁଛନ୍ତି । ଗୋଁଡ଼ୀ ପୌରାଣିକ ଗୀତିକାବ୍ୟ ଅନୁସାରେ ପ୍ରଚଳିତ ଅଛିଯେ ନାଂଗଡୁଆର କୋଟ୍ (ନାଗଦ୍ୱାର କୋଟ)ରେ ଛିନ୍ଦକନାଂଗ,ଭୂରନାଂଗ,ଅମୁରନାଂଗ,କେରଲନାଂଗ, ବେଲୟାନାଂଗ, କରିୟାନାଂଗ, ଗାଦୁରନାଂଗ, ଫିବୁରନାଂଗ, ସୀରନାଂଗ, ବିସନାଂଗ, ୟେରନାଂଗ,ଦୂରନାଂଗ ଆଦି ଗୋଁଡ଼୍ ଚିହ୍ନ ଧାରୀ କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗୋଁଡ଼୍ ଜୀବ ମାନଙ୍କର ବାସସ୍ଥାନ ଥିଲା । ଯେଉଁଠାରୁ ସେମାନଙ୍କର ବଂଶବିସ୍ତାର ଢ଼ାବା, ତାପି, ପୂରାନା, ବରୁଦା, କନ୍ହାଣ୍ଡ (କହ୍ନାନ) ପେଙ୍ଗ (ପେଞ୍ଚ) ବେନଗଙ୍ଗା, ପେନ୍ଗଙ୍ଗା ଆଦି ନଦୀ କୂଳରେ ହୋଇଚାଲିଲା । ଛିନ୍ଦବାଡ଼ା,ଅମୁରବାଡ଼ା,ଗାଦୂରବାଡ଼ା,ସୀରବାଡ଼ା, ବିଲବାଡ଼ା ଆଦି ସ୍ଥାନ ଏହି ନାଂଗ ଚିହ୍ନ ଧାରୀ ମାନଙ୍କର ନିବାସ ସ୍ଥାନର ଚିହ୍ନ ଅଟେ ।

ଛିନ୍ଦବାଡ଼ା ଜିଲ୍ଲା ସତପୁଡ଼ାର ପାଦ ଦେଶରେ ଅବସ୍ଥିତ । ଏହାର ସୀମା ସଂଲଗ୍ନ ମହାଦେବ ପର୍ବତ ଅଛି । ସେଠାରେ ସଂଭୁମହାଦେବଙ୍କ ଗୁମ୍ଫା ଅଛି, ଯାହାକୁ ଗୋଁଡ଼ୀଭାଷାରେ "ଫଡ଼ୋର ସଂଭୁମାଦାବ ନା ଭୂୟାର"(ବଡ଼ ସଂଭୁ ମହାଦେବଙ୍କ ଗୁମ୍ଫା) କୁହାଯାଏ । ସେଠାରେ ଅଠାଅଶୀ ସଂଭୁ ମାଦାବ ମାନଙ୍କର ଅଠାଅଶୀ ଗୁମ୍ଫା ଅଛି । ଏହି ସଂଭୁମାଦାବମାନେ ଏହି ପଞ୍ଚଖଣ୍ଡ ଦ୍ୱୀପରେ ନିଜର ଆଧିପତ୍ୟ ଚଳାଇଥିଲେ । ସେମାନେ କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ପୂର୍ବପୁରୁଷ ଥିଲେ । ଯାହାଙ୍କ ଉପାସନା ଅଠାଅଶୀ

ମାଦାବଗଣଙ୍କ ରୂପରେ ସେମାନେ କରୁଥିଲେ । ସେମାନେ ଯେପର୍ଯ୍ୟନ୍ତ ଜୀବିତଥିଲେ ବେନ୍ ରୂପରେ (ମଣିଷ) ଥିଲେ ମୃତ୍ୟୁପରେ ପେନ୍ରୂପ(ଦେବତା) ହୋଇଗଲେ । ଏଥି ପାଇଁ ଏହି ସ୍ଥାନକୁ ପେନ୍କମେଢ଼ୀ (ଦେବଭୂମୀ) କୁହାଯାଏ । ଏହି ପେନ୍କମେଢ଼ୀର ଅପଭ୍ରଂଶ ପେଂଚ୍‌ମେଢ଼ୀ ହୋଇଗଲା । ସଂଭୁ ମାଦାବ ମାନଙ୍କର ପୂର୍ବପୁରୁଷ ପୁରାତନ ଢ଼ାନା ଜୁନ୍ନାର ଦେବ ଅଟନ୍ତି । ଯାହାକୁ ଗୋଡ଼ୀ ଭାଷାରେ ଜୁନ୍ନୋର ପେନ୍ଢ଼ାନା କୁହାଯାଏ ।

ହୋସଂଗାବାଦ ଜିଲ୍ଲାରେ ଥିବା ପେନ୍କମେଢ଼ୀ ପବଙତମାଳା ଠାରୁ ଛିନ୍ଦବାଡ଼ା ଜିଲ୍ଲାରେ ଥିବା ପର୍ବତମାଳା ଉଚ୍ଚତାରେ କମ୍ । ସେଠାରେ ମୋହୀ ଢ଼ାନା, ଛିନ୍ଦଢ଼ାନା, ଖୁଦରାଢ଼ାନା, କୋଦାଝିରୀ, ରାଜଢ଼ାନା, ଡୁଡ଼ୀସିକରୀ, ଥନକେରା, ଦୁଲାରାଢ଼ାନା ଆଦି ପର୍ବତ ଶିଖରରେ କୋୟାବଂଶୀୟ ଗୋଣ୍ଡସଂପ୍ରଦାୟର ଦେବସ୍ଥଳ ଅଛି । ଛିନ୍ଦବାଡ଼ା ଜିଲ୍ଲାର ଦକ୍ଷୀଣରେ ଯେଉଁ ସୋଁସରସମତଳ ଅଂଚଳଅଛି ସେଠାରେ ପେନ୍କ କନ୍ନାଣ୍ଡ (କହ୍ନାନ) କୁଲବେହରା, ଜାମ, ବରଦାଉ (ବରଦା) ଆଦି ନଦୀ ମାନେ ପ୍ରବାହିତ ହେଉଛନ୍ତି । ସେମାନେ ଗୋଦାବରୀ ନଦୀର ଉପନଦୀ ସମୂହ ଅଟନ୍ତି । ଉତ୍ତର ସମତଳ ଅଂଚଳରୁ ସକ୍କର, ଚୀତାରେବା, ଦୁଧି, ତାବା,ଢ଼େନବା, ବାଗରା ଆଦି ନଦୀ ପ୍ରବାହିତ ହେଉଛି । ତାବା,ବରଦାଉ,କନ୍ନାଣ୍ଡ ଓ ପେନ୍କ ଆଦି ନଦୀସମୂହ ସହ କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ଧାର୍ମିକ ସଂବନ୍ଧ ରହିଛି ।

ସଂପୂର୍ଣ୍ଣ ଛିନ୍ଦବାଡ଼ା, ବୈତୁଲ,ନରସିଂହପୁର, ହୋସଙ୍ଗାବାଦ ସିଓନୀ ଜିଲ୍ଲାର କ୍ଷେତ୍ରାଞ୍ଚଳରେ ବହୁସ୍ଥାନ ମାନଙ୍କରେ କୋୟା ବଂଶୀୟ ଗୋଁଡ଼୍ ସମ୍ପ୍ରଦାୟର ଜଳବାହିନୀଶକ୍ତି ନବନାଂଦେରୋଂ ସ୍ଥାପନ କରିଥିବାରେ ଦେଖାଯାଏ । ଯାହା ପ୍ରାଚୀନ ପ୍ରସ୍ତର ଯୁଗର ଅବଶେଷ । ଛିନ୍ଦବାଡ଼ାର ଟ୍ରାଇବାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ନିକଟସ୍ଥ ଏକ ସ୍ଥାନରୁ ବହୁପରିମାଣର ନୂତନ ପ୍ରସ୍ତରଯୁଗର ଗୃହଉପକରଣ ମିଳୁଛି । ଯାହା ଏହି ତଥ୍ୟକୁ ପ୍ରମାଣିତ କରୁଛିଯେ ଏହି କ୍ଷେତ୍ରରେ ଅନାଦିକାଳରୁ ଗୋଂଡ଼ିନାଗ୍ ଭିଡ଼ାର ବା ଗୋଁଡ଼ୀମାନଙ୍କର ବସତି ସ୍ଥଳ ଥିଲା ।

୧. **ଅମୁରବାଡ଼ା** - ଏହାକୁ ଅମରବାଡ଼ା କୁହାଯାଏ । ଏହା ଏମିତି ଏକ ସ୍ଥାନ ଯେଉଁଠାରେ କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ଅମୁର ନାଂଗ ଗୋଁଡ଼୍

ଚିହ୍ନ ଧାରୀ ଗୋଣ୍ଡଜୀବ ମାନଙ୍କର ବାସସ୍ଥାନ ଅନାଦି ଯୁଗରୁ ରହି ଆସିଛି । ଅମରବାଡ଼ା କ୍ଷେତ୍ରରେ ଅନେକ ଏମିତି ପ୍ରାଚୀନ ସ୍ଥାନ ଅଛି ଯେଉଁଠାରୁ ପ୍ରସ୍ତର ଯୁଗୀୟ ଧ୍ୱଂସାବଶେଷ ମିଳୁଛି । ଯାହାକୁ ସଂଗ୍ରହ କରାଯାଇ ଛିନ୍ଦବାଡ଼ାର ଟ୍ରାଇବାଲ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ସଂଗ୍ରହାଳୟରେ ସୁରକ୍ଷିତ ରଖାଯାଇଛି ।

୨. **ଦେବଗଡ଼** – ଦେବଗଡ଼ ଏକ ଛୋଟ ଗାଁ । ସେଠାରେ ଗୋଁଡ଼୍ ରାଜା ଜାଟବାଙ୍କର ଦୁର୍ଗ ଅଛି । ଛିନ୍ଦବାଡ଼ା ତହସିଲରେ ସତପୁଡ଼ା ର ଦକ୍ଷିଣ ପର୍ବତ ଶୃଙ୍ଖଳାରେ ନିର୍ମିତ ଏହି ଦେବଗଡ଼ ଦୁର୍ଗ । ଦୁର୍ଗର ପାର୍ବତ୍ୟ ପୃଷ୍ଠଭାଗରେ ବୁଢ଼ାତାଲ ପାଖରେ ଜାଟବା ରାଜାଙ୍କର ରଙ୍ଗମହଲ ଓ ରାଜାଙ୍କ ସମାଧି ରହିଛି । ଜାଟବା ଓ ଏହାଙ୍କ ବଂଶଧର ମାନେ ଦେବଗଡ଼ ଓ ନାଗପୁର ଠାରେ ଖ୍ରୀ ୧୫୬୪ ରୁ ୧୭୩୬ ପର୍ଯ୍ୟନ୍ତ ସଫଳତାର ସହ ଶାସନ କରିଥିଲେ ।

୩. **ଛିନ୍ଦବାଡ଼ା** – ଛିନ୍ଦକ ନାଗ ଗୋଣ୍ଡଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗଣ୍ଡଜୀବ ମାନଙ୍କର ବାଡ଼ା ବା ନିବାସ ସ୍ଥଳକୁ ଛିନ୍ଦବାଡ଼ା କୁହାଯାଇଛି । ଏହି ସହର ବୋଦରୀ ନଦୀର କୂଳରେ ଅବସ୍ଥିତ । ଏହି ସହରକୁ ରଗୋନାରାଘୁ ନାମକ ସଇଁଦନାଗ ଗୋଁଡ଼୍‌ଚିହ୍ନ ଧାରକ ଗୋଁଡ଼୍ ରାଜା ବସାଇ ଥିଲେ । ଗୋଁଡ଼୍ ସଂପ୍ରଦାୟରେ ଲୋକକଥା ପ୍ରଚଳିତ ଅଛିଯେ ଛିନ୍ଦବାଡ଼ାରେ ମାଟିର ଏକ ପୁରାତନ ଦୁର୍ଗଥିଲା ଯାହାର ଧ୍ୱଂଶାବଶେଷ ଆଜିମଧ୍ୟ ଅଛି । ସେଠାକାର ରେଳଷ୍ଟେସନର ପୂର୍ବଦିଗରେ ଗୋଁଡ଼୍ ରାଜାଙ୍କ ଦ୍ୱାରା ନିର୍ମିତ ସଂଭୁମହାଦେବଙ୍କ ପ୍ରାଚୀନ ମନ୍ଦିର ଅଛି । ସେଠାରେ ପୋଲା ପର୍ବରେ ମେଳା ଆୟୋଜିତ ହୁଏ ।

୪. **ହର୍ରଇ** – ଦେବଗଡ଼ ରାଜ୍ୟର ଏକ ଜମିଦାରୀ ହର୍ରଇରେ ଥିଲା । ଏହା ଅମରବାଡ଼ା ନରସିଂହପୁର ରୋଡ଼ ଉପରେ ଅବସ୍ଥିତ । ସେଠାରେ ଏକ ପ୍ରାଚୀନ ଦୁର୍ଗଅଛି । ସେଠାରେ ଜମିଦାର ରହୁଥିଲେ । ଜମିଦାରଙ୍କ ନାମ ନାରାୟଣ ରାଓ ଗୋଁଡ଼୍ ଥିଲା ଆଜିମଧ୍ୟ ତାଙ୍କର ବଂଶଧର ମାନେ ଛିନ୍ଦବାଡ଼ାରେ ରହୁଛନ୍ତି ।

୫. **ଲୋନିଆଁକଲା** – ଏହି ଗ୍ରାମ ପେଞ୍ଚନଦୀ କୂଳରେ ଅବସ୍ଥିତ । ଏହି ଗ୍ରାମର ପରିସରରେ ଅନେକ ସ୍ଥାନରେ ପ୍ରସ୍ତର ଯୁଗର ଧ୍ୱଂସାବଶେଷ ମିଳିଅଛି । ଏଠାରେ ଲୁଣିଆ ପାଣିର ଝରଣା ଅଛି । ସେଥିରେ ସ୍ନାନ କଲେ ସବୁପ୍ରକାର ଚର୍ମ

ରୋଗରୁ ମୁକ୍ତି ମିଳେ ବୋଲି ଏଠାରେ ବାସ କରୁଥିବା ଗୋଁଡ଼୍ ସଂପ୍ରଦାୟର ଲୋକମାନେ ବିଶ୍ୱାସ କରନ୍ତି ।

୬. **ଭୋବରାଗଡ଼** –ଅମରବାଡ଼ା ତହସିଲରେ ଭସେଗାଉଁ ହରବାରଖେଡ଼ି ରାସ୍ତାରେ ନୀଲକଣ୍ଠ ନାମକ ଗୋଁଡ଼୍ ରାଜାଙ୍କ ରାଜଧାନୀ ଥିଲା । ତାଙ୍କର ମୂର୍ତ୍ତି ସେଠାକାର ସଂଭୁମହାଦେବଙ୍କ ମନ୍ଦିର ପାଖରେ ଏକ କଳାପଥର ରୂପରେ ଅଛି । ଗୋଁଡ଼୍ ସଂପ୍ରଦାୟରେ କିମ୍ବଦନ୍ତୀ ଅଛି ଯେ ଯେତେବେଳେ ରାଜା ସଂଭୁ ମହାଦେବଙ୍କ ପୂଜାରେ ମଗ୍ନଥିଲେ, ସେତେବେଳେ ତାଙ୍କର ଶତ୍ରୁମାନେ ତାଙ୍କ ଉପରେ ଆଘାତ କଲେ ଓ ମାରି ଦେଲେ । ରାଜାଙ୍କ ଶରୀର ମନ୍ଦିର ପାଖରେ ପଡ଼ିରହିଲା କିନ୍ତୁ ମୁଣ୍ଡ ଚାନ୍ଦନୀ କୁବଡ଼ିରେ ପଡ଼ିଲା ।

୭. **ସଉସର** – ନାଗପୁର ଛିନ୍ଦବାଡ଼ା ରୋଡ଼ରେ ଥିବା ସଉସର ତହସିଲର ମହକୁମା ସହର ଅଟେ । ଏଠି ଏକ ଦୁର୍ଗ ଅଛି, ଏଠାରେ ଗୋଁଡ଼୍‌ରାଜାଙ୍କ ଏକ ଦୁର୍ଗପତି ରହୁଥିଲେ ।

୮. **ପାଂଢୁରଣା** – ନାଗପୁର ବୈତୁଲ ରାସ୍ତାରେ ପାଂଢୁରଣା ଗ୍ରାମ ଅବସ୍ଥିତ । ସେଠାରେ ପ୍ରବାହିତ ଜାମନଦୀ ମଧ୍ୟରେ ପୋଲା ପର୍ବ ସମୟରେ ଏକ ପଳାଶ ଡ଼ାଳ ପୋତି ଦିଆଯାଏ । ଏହାକୁ ପାଇବା ଲାଗି ପାଂଢୁରଣା ଓ ସାଉର ଗାଁରେ ଲୋକ ମାନେ ଚେଷ୍ଟାକରନ୍ତି ଏଥିଲାଗି ଉଭୟପକ୍ଷ ପରସ୍ପର ଉପରେ ପଥରରେ ଆଘାତକରନ୍ତି । ଏହି ଗୋଟ୍‌ମାର ମେଳା ପୋଲା ସମୟରେ ଆୟୋଜିତ ହୁଏ । ସେଠାରେ କଂକାଲୀ ଦେବୀଙ୍କ ଆସ୍ଥାନ ଅଛି । ତାଙ୍କୁ ପ୍ରସନ୍ନ କରିବାଲାଗି ଏହି ଗୋଟମାର ମେଳା ଦେବଗଡ଼ର ଗୋଁଡ଼ରାଜା ଜାଟବାଙ୍କ ସମୟରୁ ପ୍ରତିବର୍ଷ ଆୟୋଜିତ ହୁଏ ।

୯. **ରଘଦେବୀ** – ସଉସର ତହସିଲରେ ଥିବା ରଘଦେବୀଗ୍ରାମରେ ପ୍ରାଚୀନ ଗୁମ୍ଫା ଅଛି ସେଠାରେ ସଂଭୁମହାଦେବଙ୍କ ମନ୍ଦିର ଅଛି । ମହାଶିବରାତ୍ରୀ ସମୟରେ ଏଠାରେ ତ୍ରିଦିବସୀୟ ମେଳା ଆୟୋଜିତ ହୁଏ ।

୧୦. **ତାମିୟା** – ଛିନ୍ଦବାଡ଼ା ଜିଲ୍ଲାରେ ଛିନ୍ଦବାଡ଼ା ପିପରିୟା ରୋଡ଼ ଉପରେ ତାମିୟା ନାମକ ଏକ ଛୋଟ ଗ୍ରାମ ଅଛି । ଏହି ଗ୍ରାମ ସତପୁଡ଼ା ପର୍ବତ ଶୃଙ୍ଖଳାରେ

ଅବସ୍ଥିତ । ଏଠାରୁ ପେଙ୍କମେଡ଼ୀର ସଂଭୁମାଦାବଙ୍କ ପାହାଡ଼ ଦେଖାଯାଏ । ଏଠାକାର ପର୍ବତ ଶୃଙ୍ଖଳାରେ ବିଚିତ୍ର ପଥର ଖୋଲସବୁ ରହିଛି । ସେଠାରେ ପ୍ରସ୍ତର ଯୁଗ ପୂର୍ବରୁ କୋୟାବଂଶୀୟ ଗୋଁଡ୍ ସଂପ୍ରଦାୟର ଗୋଁଡ୍ ଜୀବ ମାନଙ୍କର ବାସ ସ୍ଥାନ ଥିଲା ଏହି ଅଂଚଳ ପୂର୍ଣ୍ଣରୂପେ ଜନଜାତୀୟ ବ୍ଲକ ଅଟେ ।

୧୧. **ନବନାଂଦେର** - ଛିନ୍ଦବାଡ଼ା ଜିଲ୍ଲାର ଅମରବାଡ଼ା, ସଉସର, ବିଛବା, ପାଂଢୁରଣା ଆଦି ସବୁ ଅଂଚଳର ପୁରାତନ ପ୍ରସ୍ତର ଯୁଗର "ନବନାଂଦେର" ଦେବାଳୟ ସ୍ଥାପିତ ହେବାର ଦେଖାଯାଏ । ନବନାଂଦେର କୋୟାବଂଶୀୟ ଗୋଁଡ୍ ସଂପ୍ରଦାୟର ଜଳଦେବତା ଅଟନ୍ତି । ସେହି ପରି ସବୁ ଗ୍ରାମରେ ଖଡ଼େରାବଣୀଙ୍କ ପୂଜା ହୁଏ । ଯେ କି ଲଙ୍କାଗଡ଼ରାଜା ଥିଲେ ଓ ନିଜର ମର୍ଯ୍ୟାଦା ଧର୍ମ, ସ୍ୱାଭିମାନର ଓ ପ୍ରଜା ତଥା ରାଜଗାଦୀର ସୁରକ୍ଷା ଲାଗି ଆତ୍ମବଳୀ ଦେଇଥିଲେ ।

## ନରସିଂହପୁର ଜିଲ୍ଲା

ମଧ୍ୟପ୍ରଦେଶରେ ଥିବା ନରସିଂହପୁର ସହର ଜିଲ୍ଲା ମହକୁମା ଅଟେ ଯାହା ସତପୁଡ଼ାର ଉତ୍ତର ଦିଗରେ ନର୍ମଦା ନଦୀର ଦକ୍ଷିଣ କୂଳରେ ଅବସ୍ଥିତ । ନରସିଂହପୁର ଜିଲ୍ଲାରେ ପ୍ରବାହିତ ନର୍ମଦା ନଦୀର ବରମନ ଘାଟ ଠାରୁ ଝାନ୍‌ସୀଘାଟ ମଧ୍ୟରେ ଥିବା ଅନେକ ସ୍ଥାନ ପ୍ରତ୍ନତତ୍ତ୍ୱ ବିଭଗ କର୍ମକର୍ତ୍ତାଙ୍କ ଦ୍ୱାରା ଖନନ କରାଯାଇ ପ୍ରାଗୈତିହାସିକ ଏବଂ ଐତିହାସିକ ଯୁଗର ଗୋଣ୍ଡଜୀବ ମାନଙ୍କର ସଭ୍ୟତାର ଧ୍ୱଂସାବଶେଷ ମିଳିଛି । ସେପରି ଦେବ କଛାର,ରତିକରାର,ସଘୌନା ଘାଟ ତଥା ମହାଦେବ ପିପରିୟା ବ୍ୟତୀତ ନର୍ମଦାର ଅନ୍ୟାନ୍ୟ ଉପନଦୀ ଯଥା ଶେର,ଉମର ଓ ଶକ୍କର କୂଳରେ ବି ଆଦି ଗୋଁଡ଼୍‌ଜୀବ ମାନଙ୍କ ସଭ୍ୟତାର ଧ୍ୱଂସବଶେଷ ମିଳିଛି । ଯାହା ପ୍ରମାଣ କରୁଛି ଯେ ଅମରକଣ୍ଟକରୁ ଉଦଗମ ହୋଇଥିବା ନର୍ମଦା ନଦୀର କୂଳେ କୂଳେ କୋୟା ବଂଶୀୟ ଗୋଁଡ୍ ସମ୍ପ୍ରଦାୟର ଗୋଣ୍ଡଜୀବ ମାନଙ୍କର ବାସସ୍ଥାନ ଅନାଦୀକାଳରୁ ରହିଆସିଛି । ଏହାକୁ ହିଁ ଗୋଁଡ଼ୀନାଂଗ ଭିଡ଼ାର (ଗୋଁଡ଼ମାନଙ୍କର ନିବାସସ୍ଥଳ) କୁହାଯାଏ ।

ନରସିଂହପୁର ଜିଲ୍ଲାର ମଛା ନଦୀ କୂଳରେ ବିଜୋରୀ ନାମକ ସ୍ଥାନରେ ଏକ ଶିବମନ୍ଦିର ଅଛି । ସେଥିରେ ଲାଲଗେରୁରେ ଷଣ୍ଢ,ହାତୀ,କୁକୁଡ଼ା ଆଦି ଚିତ୍ର

କରାଯାଇଛି । ଏହା ଉପରକୁ ଧଳାରଙ୍ଗରେ ଶିକାର ଦୃଶ୍ୟ, ଘୋଡ଼ାଚଢ଼ା ଦୃଶ୍ୟ ଯୁଦ୍ଧ, ନୃତ୍ୟ,ସଂଗୀତ, ପଳାୟନ ଆଦି ଦୃଶ୍ୟ ଅଛି । ଏହା ସହିତ ସିଂହ ଉପରେ ବସିଥିବା ଜଣେ ନାରୀଙ୍କର ପ୍ରତିମୂର୍ତ୍ତି ଅଛି । ଏହା ପାଖରୁ ଚାଟ ଓ ଯାସ୍ପର ପଥରର ଫଳକ ମିଳିଛି, ଏହା ପ୍ରମାଣ କରେ ଯେ ଏଠାରେ ଅନାଦୀ କାଳରୁ କୋୟାବଂଶୀୟ ଗୋଁଡ଼୍ ସମ୍ପ୍ରଦାୟର ଗୋଁଡ଼୍‌ଜୀବମାନଙ୍କର ଏଠାରେ ବସତି ରହିଥିଲା ।

୧. **ମହାଦେବ ପିପରିୟା** - ନରସିଂହପୁର ଜିଲ୍ଲାର ନର୍ମଦାନଦୀର ବାମ ତଟରେ ଥିବା ମହାଦେବ ପିପରିଆ ନାମକ ସ୍ଥାନକୁ ୧୯୬୨-୬୩ ଓ ୬୩-୬୪ ମସିହା ବେଳକୁ ଶ୍ରୀ ଜି.ଏସ୍.ସୁପେକରଙ୍କ ତତ୍ତ୍ୱବଧାନରେ ଖନନ କରାଯାଇଥିଲା । ଏଥିରୁ ପ୍ରାଚୀନ ପ୍ରସ୍ତର ଯୁଗର, ମଧ୍ୟପ୍ରସ୍ତର ଯୁଗୀୟ ନୂତନ ପ୍ରସ୍ତରଯୁଗର ଗୃହଉପକରଣ ମିଳିଥିଲା । ସେଠାରେ ଭୂପୃଷ୍ଠର ଆଠୋଟି ସ୍ତର ମିଳିଥିଲା ଏବଂ ଅଷ୍ଟମ ସ୍ତରରେ ନୂତନ ପ୍ରସ୍ତରଯୁଗର ଗୋଁଡ଼୍‌ଜୀବ ସଂପ୍ରଦାୟର ଅସ୍ତ୍ରଶସ୍ତ୍ର ମିଳିଥିଲା । ଏହି ସ୍ଥାନ ଓ ଅଂଚଳରେ ଅନାଦୀକାଳରୁ କୋୟାବଂଶୀୟ ଗୋଁଡ଼୍‌ଜୀବ ମାନଙ୍କର ନିବାସଥିଲା ବୋଲି ପ୍ରମାଣ ମିଳୁଛି ।

୨. **ଚୌରାଗଢ଼** - ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାରେ ଥିବା ଚୌରାଗଢ଼ର ଦୁର୍ଗ ଗୋଁଡ଼୍‌ୱାନାର ବିଶାଳ ଏବଂ ପ୍ରାଚୀନତମ ଗଡ଼ ମଧ୍ୟରୁ ଅନ୍ୟତମ । ନରସିଂହପୁର ଜିଲ୍ଲାର ଗାଦରବାଡ଼ା ତହସିଲରେ ସତ୍‌ପୁଡ଼ାର ସୁରମ୍ୟ ପର୍ବତ ଶୃଙ୍ଖଳାରେ ଅବସ୍ଥିତ ଏହି ଦୁର୍ଗ ବର୍ତ୍ତମାନ ଧ୍ୱଂସସ୍ତୁପରେ ପରିଣତ ହୋଇଗଲାଣି । ଗାଦରବାଡ଼ା ଠାରୁ ୩୫ କି.ମି. ଦୂରରେ ଉଚ୍ଚ ପର୍ବତ୍ୟ ଘାଟରେ ଏହି ଦୁର୍ଗ ନିର୍ମିତ ହୋଇଥିଲା । ଗଢ଼ମଣ୍ଡଳାର ଗୋଁଡ଼୍‌ରାଜାଙ୍କ ଏହି ଦୁର୍ଗ ସମ୍ବନ୍ଧରେ ଲୋକକଥା ଶୁଣାଯାଏ ଯେ ଏହାକୁ ଦଶଜଣ ଗୋଁଡ଼୍‌ରାଜାମାନେ ନିର୍ମାଣ କରିଥିଲେ । ଗୋପାଳସିଂହ ଏହାର ନିଅଁ ଖୋଳିଥିଲେ, ଜାସୁକରନା ଏହାକୁ ସଂପୂର୍ଣ୍ଣ କରିଥିଲେ ଏବଂ ଅମନରାଜା ଶାସନ କରିଥିଲେ । ଏହି ଜନଶୃତି ଅନୁସାରେ ଗଢ଼ମଣ୍ଡଳାର ଗୋଁଡ଼୍ ରାଜବଂଶ ର ଅମନରାଜା ଗୋପାଳସିଂହ, ରମୋଚନ୍ଦରା, ସୁରତାନସିଂହ ଓ ଜାସୁକରନା ଏହି ପାଞ୍ଚଜଣ ଏ ଦୁର୍ଗର ନିର୍ମାଣ କରିଥିଲେ ଓ ସଂଗ୍ରାମସାହଙ୍କ ଶାସନ କାଳରେ ଏହା ଗୋଣ୍ଡୱାନା ରାଜ୍ୟର ଚାରି ସୁବା ମଧ୍ୟରୁ ଏକ ମହତ୍ତ୍ୱପୂର୍ଣ୍ଣ ସୁବା ଥିଲା ।

୩. **ନରସିଂହପୁର** - ନର୍ମଦା ନଦୀର ଉପକୂଳରୁ ପ୍ରାଗ୍‌ଐତିହାସିକ ସଭ୍ୟତାର ଗୋଁଡ଼ ଜୀବଙ୍କର ଗୃହୋପକରଣ ମିଳିଚି, ସେହିଭଳି ଏଠାରେ ଗୋଁଡ଼୍ ରାଜାମାନଙ୍କର ପ୍ରାଚୀନ ଦିର୍ଗର ଭଗ୍ନାବଶେଷ ରହିଛି ଯାହା ପ୍ରମାଣ କରୁଛି ଯେ ନର୍ମଦାନଦୀର ଉପକୂଳରେ ଅନାଦିକାଳରୁ କୋୟାବଂଶୀୟ ଗୋଁଡ଼୍ ସମ୍ପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବସତି ସ୍ଥାନ ରହି ଆସିଥିଲା ।

୪. **ବରମନ ଘାଟ** - ନର୍ମଦା ନଦୀ କୂଳରେ ଥିବା କରମନଘାଟରେ ବି ପ୍ରତ୍ନତତ୍ତ୍ୱ ବିତ୍ ମାନଙ୍କୁ ପ୍ରାକ୍ ଐତିହାସିକ ସ୍ତନ୍ୟପାୟୀ ଜୀବଙ୍କ ଜୀବାଶ୍ମ ଓ ଶିଳ୍ପଉପକରଣ ମିଳିଛି । ଏଠାରେ ମଧ୍ୟ ଏକ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ମିଳିଛି, ଯାହା ଗୋଁଡ଼୍‌ରାଜାଙ୍କ ସହ ସମନ୍ଧିତ । ଏଠାରେ ସମ୍ଭୁମହାଦେବଙ୍କ ମନ୍ଦିର ଅଛି । ଏଠାରେ ମହାଶିବରାତ୍ରୀରେ ମେଳା ଅନୁଷ୍ଠିତ ହୁଏ ।

୫. **ବବଇ** - ନରସିଂହପୁର ଜିଲ୍ଲାର ବବଇ ଗ୍ରାମରେ ଗୋଁଡ଼ ରାଜାମାନଙ୍କର ଏକ ପ୍ରାଚୀନ ଦୁର୍ଗ ଅଛି । ସେଠାରେ ସମ୍ଭୁମହାଦେବଙ୍କର ମନ୍ଦିର ଅଛି । ଏହା ପ୍ରାୟ ଭାଙ୍ଗିଗଲାଣି । ଏହାବ୍ୟତୀତ ଧିଲବାରରେ ଗୋଁଡ଼ରାଜାମାନଙ୍କର ଏକ ପୁରାତନ ଦୁର୍ଗର ଅବଶେଷ ଓ ଅନେକ ମନ୍ଦିର ଅଛି । ଯାହା ପ୍ରମାଣ କରୁଛିଯେ ପୁରାନରସିଂହପୁର ଜିଲ୍ଲାରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼୍‌ଜୀବ ମାନଙ୍କର ଅନାଦୀକାଳରୁ ବସତି ରହିଥିଲା ।

## ସିଓନୀ ଜିଲ୍ଲା

ମଧ୍ୟପ୍ରଦେଶର ନାଗପୁର ଜବଲପୁର ଜାତୀୟ ରାଜପଥ ପ୍ରାନ୍ତରେ ସତପୁଡ଼ା ମାଳଅଂଚଳରେ ଥିବା ସିଓନୀ ନଗର ଜିଲ୍ଲାର ମୁଖ୍ୟାଳୟ ଅଟେ । ଯେତେବେଳେ ଗଡ଼ମଣ୍ଡଳାର ଗୋଣ୍ଡରାଜା ଦେବଗଡ଼ର ଗୋଁଡ଼୍‌ରାଜା ବକ୍ତବୁଲନ୍ଦ ସାହଙ୍କୁ ନିଜ ରାଜ୍ୟର ଦକ୍ଷିଣ ପ୍ରାନ୍ତରେ ଥିବା ଛନ୍‌ବାରୀ, ଛପରା କଟଙ୍ଗୀ, ଡ଼ୋଙ୍ଗରତାଲ ଓ ଘନସୋର ଆଦି ପାଞ୍ଚଟି ପ୍ରଗଣାର ଶାସନ ଭାର ଦେଲେ ସେତେବେଳେ ବକ୍ତବୁଲନ୍ଦ ସାହଙ୍କ ସୁବେଦାର ରାମସିଂହ ଏହି ପାଞ୍ଚ ପ୍ରଗଣାର ଶାସନକାର୍ଯ୍ୟ ପରିଚାଳନା ପାଇଁ ଏଠାରେ ନିଜର ସୈବାନୀ (ନିବାସ ସ୍ଥାନ) ତିଆରି କଲେ ।

ଏହି ସୈବାନୀ ଆଧାରରେ ଏଇ ସହରର ନାମ ସିଓନୀ ହୋଇଛି । ସିଓନୀ ଜିଲ୍ଲାର ସମ୍ପୂର୍ଣ୍ଣ ପରିସୀମା ସତଗୁଡ଼ା ମାଳଅଂଚଳରେ ଅବସ୍ଥିତ ।

ସିଓନୀ, ଲଖନାଦୌନ ଓ ଅମରବାଡ଼ାର ମଧ୍ୟସ୍ଥଳରେ ମନୋରୀ ପର୍ବତ, ପଶ୍ଚିମ ଦିଗରେ ସାଲୀବାରା, ପୁତାରା ଓ ଧ୍ୱନ୍ୱା ପର୍ବତ ଶ୍ରେଣୀ, ଦକ୍ଷୀଣରେ ଚୌରାଇ କରୀୟା ପାହାଡ଼, ସୋନାବାନୀ ଓ ବେହରାଇ ପର୍ବତ ଅଛି । ସିଓନୀ ଜିଲ୍ଲାର ମୁଖ୍ୟନଦୀ ବେନଗଙ୍ଗା । ବାବନଥଡ଼ି, ଭଗୋରା, ତେମୁର, ଶେର ଓ ଗୁରୁଡ଼ା ଆଦି ଛୋଟ ଛୋଟ ନଦୀ ମଧ ପ୍ରବାହିତ ହେଉଛି । ଶେର ନଦୀର ଉତ୍ପତ୍ତି ସ୍ଥଳ ବଟକା ନାମକ କୁଣ୍ଡରୁ ହୋଇଛି । ସେଠାରେ କୋୟାବଂଶୀୟ ଗୋଁଡ଼୍ ମାନଙ୍କର ଧାର୍ମିକ ସ୍ଥଳ ଅଛି । ବଟକା କୁଣ୍ଡ ସଂପର୍କରେ ଏକ ଗୋଁଡ଼ୀ ଧାର୍ମିକ ଲୋକ କଥା ଅଛିଯେ ଅତୀତ କାଳରେ ବର୍ତ୍ତମାନର ଲଖନାଦୌନର ଉତ୍ତର ପଶ୍ଚିମ ଭାଗରେ ଅନାବୃଷ୍ଟି ଯୋଗୁଁ ମରୁଡ଼ି ପଡ଼ିଥିଲା । ଏ ଅଂଚଳରେ ବାସକରୁଥିବା କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗୋଁଡ଼୍ ଜୀବଗଣ ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ମରୁଡ଼ି ପରିସ୍ଥିତିରେ ବଟକାକୁଣ୍ଡ ହିଁ ଏକମାତ୍ର ସ୍ଥାନ ଥିଲା ଯେଉଁଠାରେ ପାଣିମିଳୁଥିଲା । ଲୋକେ ସେଠାରୁ ପାଣି ନେଇ ନିଜର ଆବଶ୍ୟକତା ପୂରଣ କରୁଥିଲେ । ଲୋକମାନଙ୍କର ଅସୁବିଧାକୁ ଲକ୍ଷ୍ୟକରି ଗୋଁଡ଼୍ ସଂପ୍ରଦାୟର ଜଳଦେବତା ଭୀମାଲପେନ ନିଜ ଶେର (ଆଂଜୁଳାରେ) ଜଳ ନେଲେ ତାକୁ କୁଣ୍ଡ ବାହାରକୁ ଫିଙ୍ଗି ଦେଲେ । ଯେଉଁ ଦିଗକୁ ଆଂଜୁଳାଭର୍ତ୍ତି ଜଳ ଫିଙ୍ଗିଲେ ସେଇ ଦିଗରେ ବଟୁକା କୁଣ୍ଡରୁ ଏକ ଜଳଧାରା ପ୍ରବାହିତ ହେବାକୁ ଲାଗିଲା । ଏହି ଜଳଧାରାକୁ ଗୋଣ୍ଡ ସମ୍ପ୍ରଦାୟର ଲୋକମାନେ ନିଜ ଭାଷାରେ ଶେରଟୋଡ଼ା (ଶେରନଦୀ) କହନ୍ତି । ଆଗକୁ ଯାଇ ଏଇନଦୀ ଗୁରଡ଼ା,କନେରା, ମୋଚେରେବା, ବାରୁ, ରେବା ଉମାର ଆଦି ନଦୀର ଜଳକୁ ନିଜ ସହିତ ମିଶାଇ ରତିକରାର ଠାରେ ନର୍ମଦାନଦୀ ସହ ମିଶିଯାଇଛି ।

ସିଓନୀ ଜିଲ୍ଲାର ସବୁଠାରୁ ବଡ଼ନଦୀ ବେନ୍‌ଗଙ୍ଗା । ଏହା ପରତାପୁର ରଜୋଲା ଗ୍ରାମ ମଧରେ ଥିବା କୁଣ୍ଡରୁ ବାହାରି ପ୍ରଥମ ଏହା ପଶ୍ଚିମ ଦିଗରେ ପ୍ରବାହିତ ହୋଇ ନାଗପୁର ସିଓନୀ ରାସ୍ତା ପାରି ହୋଇ ଅମରବାଡ଼ା ପର୍ବତ ଶୃଙ୍ଗଳରୁ ବାହାରିଥିବ । ବେନ୍‌ଗୋଦା, ଥାଡ଼କା ଓ ଥାଲ ନଦୀ ମାନଙ୍କୁ ଲଖନବାଡ଼ା ଠାରେ ନିଜ ସହିତ ସାମିଲ କରି ଉତ୍ତର ଦିଗକୁ ପ୍ରବାହିତ ହୋଇଛି ଆଗକୁ ଯାଇ ପୂର୍ବ

ଦିଗକୁ ପ୍ରବାହିତ ହୋଇ ସିଓନୀ ଜବଲପୁର ରାସ୍ତାକୁ ଛପାରା ପାଖ ଓ ସିଓନୀ ମଣ୍ଡଲା ରାସ୍ତାକୁ କେବଲାରୀ ପାଖରେ ପାର କରି କିଛିଦୂର ଆଗକୁ ଯାଇ ଦକ୍ଷିଣ ଦିଗକୁ ଗତି ବଦଳାଇ ବାଟରେ ଅନେକ ଛୋଟ ନଦୀମାନଙ୍କୁ ନିଜସହିତ ମିଶାଇ ମହାରାଷ୍ଟ୍ରରେ ପ୍ରବେଶ କରିଛି । ମହାରାଷ୍ଟ୍ରରେ ବାବନଥଡ଼ି,ପେନକ (ପେଁଚ), କନ୍ନାଣ୍ଡ (କନ୍ନାନ) ବରୁଦାଉ (ବରଦା) ପେନଗଙ୍ଗା ଆଦିକୁ ସାମଲ କରି ପ୍ରଥମେ ପରାଣହିତା ଓ ପରେ ଗୋଦାବରୀ (ଗୋଏନ୍ଦାରୀ)ରେ  ମିଶିଯାଇଛି ।

ବେନଗଙ୍ଗା ନଦୀର ଉତ୍ପତ୍ତିସ୍ଥଳ ପରତାପୁର ରାଜୋଲାର ମୁଣ୍ଡରା ହୀରୋ ଗଙ୍ଗା କୁଣ୍ଡ ସହ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଅତୁଟ ସମ୍ବନ୍ଧ ରହିଛି । ବେନଗଙ୍ଗାର ଉତ୍ପତି ସମ୍ବନ୍ଧୀୟ ଗୋଁଡ଼ୀ ପୌରାଣିକ ଗାଥାର ବିସ୍ତୃତ ବିବରଣୀ ଲେଖକ (କଙ୍ଗାଲୀଜୀ) ନିଜର ମୁଣ୍ଡରା ହୀରୋଗଙ୍ଗାରୁ ବେନଗଙ୍ଗା) ପୁସ୍ତିକାରେ ଦେଇଛନ୍ତି । ସିଓନୀ ଜିଲ୍ଲାର ଗେଜେଟିୟରରେ ମଧ୍ୟ ଗୋଁଡ଼ୀ ପୌରାଣିକ ଗାଥାର ଉଲ୍ଲେଖ ଅଛି ।

The village Rajola and Partabpur contains a spot named “Mundara” from where the river wenganga originates in a pool of water. A local story current about the source is that once there lived a Gond girl named Hiro. She was bethro thed to a youth of her caste named Ganga who came to sevne at her Fathers place before wedding. Oneday while he was digging a well water rushed ant and floated him away. Hero came to the spot in qwest of her fiance and noticed two hands rising up from the water level. She recoqnised those as belonging  to her lover and plunged her self into water. The hands there upon clasped her body and the couple was wasced away. Thus the river Hiro ganga came in to existence. The big annual religious fair is held near the spot. The hiroganga river meets the river wenganga at lakhanwara where from the joint river is known as venganga instead of Hiroganga. The Lakhanwara is also religious place of Gond tribe.

ସିଓନୀ ଜିଲ୍ଲାରେ ବେନଗଙ୍ଗା ଓ ଏହାର ଉପନଦୀ ମାନଙ୍କ କୂଳରେ ମୁଣ୍ଡରା, ଲଖନବାଡ଼ା, ଛପାରା, ଗଙ୍ଗାଟୋଲା ଆଦି ସ୍ଥାନରେ ଐତିହାସିକ ଯୁଗର ଗୋଁଡ଼ଜୀବମାନଙ୍କର ସଭ୍ୟତାର ଧ୍ୱଂସାବଶେଷ ବହୁପରିମାଣରେ ପ୍ରତ୍ନତତ୍ତ୍ୱବିଦ୍ ମାନଙ୍କୁ ମିଳିଛି । ବେନଗଙ୍ଗା ନଦୀର କୂଳରେ ଥିବା ବଂଡ଼ୋଲ, ପରତାବପୁର, ସୁଆଖେଡ଼ା, କାହ୍ନୀବାଡ଼ା ଆଦି ସ୍ଥାନରେ ପ୍ରସ୍ତର ଯୁଗର ଗୃହ ଉପକରଣ ଓ ସିଓନୀ ଠାରେ ମଧ୍ୟ ପ୍ରସ୍ତରଯୁଗର ଗୃହ ଉପକରଣ ମିଳିଛି । ଯାହା ପ୍ରମାଣ କରୁଛି ଯେ ଏ କ୍ଷେତ୍ରରେ ଅନାଦୀ ଯୁଗରୁ ଗୋଁଡ଼ମାନଙ୍କର ବିବାସ ସ୍ଥଳ ଥିଲା ।

୧. **ଆଡ଼େଗାଓ** - ସିଓନୀ ଜିଲ୍ଲାର ଲଖନାଦୌନ ତହସିଲରେ ଥିବା ଅଡ଼େଗାଓରେ ଏକ ଛୋଟ ଦୁର୍ଗ ଅଛି ଓ କାଳଭୈରବଙ୍କ ମନ୍ଦିର ମଧ୍ୟ ଅଛି । ସେଠାରେ ଦେବଗଡ଼ର ରାଜା ବକ୍ତକୁଲନ୍ଦସାହଙ୍କ ସଂପର୍କୀୟଙ୍କ ରାଜତ୍ୱ ଚାଲିଥିଲା ଏହି ଗ୍ରାମରେ ପ୍ରାଚୌତିହାସିକ ଯଗର ଅବଶେଷ ଏଠି ସେଠି ପଡ଼ିଛି । ଏହାର ଖନନ କରାଗଲେ ପ୍ରାଚୀନ ଗୋଁଡ଼୍ ସଂପ୍ରଦାୟଙ୍କର ସଭ୍ୟତା ଉପରେ ଆଲୋକ ପାତ କରାଯାଇ ପାରନ୍ତା ।

୨. **ଆଷ୍ଟା** - ସିଓନୀ ତହସିଲରେ ଆଷ୍ଟା ନାମରେ କଲିକଂକାଲୀମାତାଙ୍କ ମନ୍ଦିର ଅଛି । ଯାହାକୁ ଗଡ଼ମଣ୍ଡଲାର ଗୋଁଡ଼ ରାଜାମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ପରବର୍ତ୍ତୀ ଶାସକ ମାନଙ୍କ ଦ୍ୱାରା ଅନେକ ଦେବାଦେବୀ ମନ୍ଦିର ନିର୍ମିତ ହୋଇଥିଲା । ଏବେ ଏଗୁଡ଼ିକର ଭଗ୍ନାବଶେଷ ଅଛି ।

୩. **ଭୈରବଠାନା** - ଲଖନା ଦୌନ ତହସିଲ ଥିବା ଏହି ଗ୍ରାମ ପାଖରେ ଧୋଗରାମଂ ନାମକ ଗୁମ୍ଫା ଅଛି । ସେଠାରେ ଛୋଟ ମହାଦେବଙ୍କ ଆସ୍ଥାନ ସ୍ଥାପିତ ହୋଇଛି । ସେଠାରେ ପ୍ରତିବର୍ଷ ସଂଭୁଜାଗରଣ ପର୍ବ (ମହାଶିବରାତ୍ରୀ)ରେ ମେଳା ବସେ ।

୪. **ଚଣ୍ଡୀ** - ସିଓନୀ ଜିଲ୍ଲାର ଏହାଏକ ମହତ୍ୱପୂର୍ଣ୍ଣ ଗ୍ରାମ ଅଟେ । ଏଠାରେ ଦେବଗଡ଼ର ଗୋଁଡ଼ ରାଜା ବକ୍ତକୁଲନ୍ଦସାହଙ୍କର ଏକ ପ୍ରଗନା ମୁଖ୍ୟାଳୟ ଥିଲା । ରାମସିଂହ ନାମକ ପ୍ରଗନା ପ୍ରମୁଖଙ୍କ ବାସସ୍ଥାନ ଛପାରା ପୂର୍ବରୁ ଏହି ଗ୍ରାମରେ ଥିଲା । ଏଠାକାର ଦୁର୍ଗର ଭଗ୍ନାବଶେଷ ଆଜି ମଧ୍ୟ ଅଛି ।

୫. **ଛପରା** – ବେନଗଙ୍ଗା ଓ ମୋତିନାଳାର ସଂଗମ ସ୍ଥଳରେ ଛପରା ସହର ନାଗପୁର ଜବଲପୁର ରୋଡ଼ ପାର୍ଶ୍ୱରେ ଅବସ୍ଥିତ । ଏଠାକାର ୬ ଗ୍ରାମ ମଧ୍ୟରେ ଥିବା ଦେବଗଡ଼ର ରାଜା ବକ୍ତବୁଲନ୍ଦ ସାହଙ୍କ ଚଣ୍ଡୀ ପ୍ରଗଣାର ମୁଖ୍ୟ ରାମସିଂହ ଏଠାରେ ଏକଦୁର୍ଗ ନିର୍ମାଣ କରାଇଥିଲେ ଓ ନିଜର କାର୍ୟ୍ୟବିଧି ଚଣ୍ଡୀ ଠାରୁ ଛପରା ଯାଏ ଖ୍ରୀଷ୍ଟାବ୍ଦ ୧୭୦୩ ସ୍ଥାନାନ୍ତରିତ କରିଥିଲେ । ଏଠାକାର ପ୍ରଗଣା ପ୍ରମୁଖ ଖ୍ରୀଷ୍ଟିୟ ୧୭୫୭ର ସ୍ୱାଧିନତା ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ ।

୬. **ଭୀମଗଢ଼** – ଭୀମଗଡ଼ର ଅର୍ଥ ଗୋଁଡ଼ ସମ୍ପ୍ରଦାୟର ଭିମାଲପେନ୍ (ଶକ୍ତି)ଙ୍କ ଗଢ଼ । ଏହା ଲଖନାଦୌନ ତହସିଲରୁ ୪୦ କି.ମି ଦୂରରେ ଅବସ୍ଥିତ । ସେଠାକାର ପାହାଡ଼ ଉପରେ ଗୋଁଡ଼ ସମ୍ପ୍ରଦାୟର ରାଜା ଗଙ୍ଗାଙ୍କ ଦୁର୍ଗ ଅଛି । ଏଥିରେ ଭିମାଲପେନଙ୍କ ସ୍ଥାପନ କରାଯାଇଛି । ଏଠାରେ ପୁରାତନ ଦୁର୍ଗର ଭଗ୍ନାବଶେଷ ଅଛି, ଯାହା ପ୍ରମାଣ କରୁଛି ସେଠାକାର ରାଜା ଓ ସେନା ବାହିନୀ ନିଜରାଜ୍ୟର ସୁରକ୍ଷା ନିମନ୍ତେ ନିଜର ବଳିଦାନ ଦେଇଥିଲେ ।

୭. **ଧୂମା** – ଧୂମାଗ୍ରାମ ସିଓନୀ ନୈନପୁର ରାସ୍ତାକଡ଼ରେ ଅବସ୍ଥିତ । ସେଠାରେ ଦେବଗଡ଼ର ଗୋଁଡ଼ରାଜା ବକ୍ତବୁଲନ୍ଦ ସାହଙ୍କ ନାରାୟଣ ସିଂ ଅରମାଚୀ ନାମକ ପ୍ରଗଣା ପ୍ରମୁଖ ରହୁଥିଲେ । ତାଙ୍କ ବଂଶର ଧନ୍ନା ସିଂହ ଖ୍ରୀଷ୍ଟିୟ ୧୮୫୭ର ସ୍ୱାଧୀନତା ସଂଗ୍ରାମରେ ନିଜର ବଳିଦାନ ଦେଇଥିଲେ । ବର୍ତ୍ତମାନ ସେଠାକାର ଡ଼ାକବଙ୍ଗଳା ସ୍ଥାନରେ ଗୋଁଡ଼ରାଜା ମାନଙ୍କ ସମୟର ଏକ ପୁରାତନ ଦୁର୍ଗଥିଲା ଯାହା ଧନ୍ନା ସିଂହଙ୍କ ପୂର୍ବ ପୁରୁଷମାନଙ୍କର ନିବାସ ସ୍ଥଳ ଥିଲା ।

୮. **ଦୀଘୋରୀ** – ସିଓନୀ ତହସିଲର ଏହା ଏକ ଛୋଟ ଗାଁ, ଯାହା ଥାଲ ନଦୀ କୂଳରେ ଅବସ୍ଥିତ । ଗାଁ ପାଖରେ ଏକ ଗୁମ୍ଫାଅଛି । ଏହା କାନ୍ଥର ମୂର୍ତ୍ତିକଳା ନିମନ୍ତେ ବିଖ୍ୟାତ । ଏହି ଗୁମ୍ଫା କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ପବିତ୍ର ଧାର୍ମିକ ସ୍ଥଳ ଅଟେ, ଏଠାରେ ଗୋଁଡ଼ୀ ପୁନେମ (ଧର୍ମ)ର ଏକ ମୁଠବା (ଧର୍ମଗୁରୁ) ମୀନଲିଂଗୋ ତପସ୍ୟା କରିଥିଲେ । ଗୋଁଡ଼ ସଂପ୍ରଦାୟର ବିଶ୍ୱାସ ଯେ ଏହି ସ୍ଥାନରେ ଥାଳ ନଦୀର ଗଣ୍ଡ (ଦରହ) ସେଠାର ମାଛ ମାନଙ୍କ ମୁହଁରେ ସୁନାର ବଳା ଅଛି, ଯାହା ମୀନ ଲିଂଗଙ୍କ ସଂକେତ ବହନକରେ ।

୯. **ଘନସୋର** - ଲଖନାଦୌନ ତହସିଲରେ ଥିବା ଘନସୋର ଗାଁ ପାଖରେ ପ୍ରବାହିତ ଲାନେତୀ ନାଳ କୂଳରେ କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗୋଁଡ଼୍‌ଜୀବ ମାନଙ୍କର ବସତି ଅନାଦି କାଳରୁ ଥିଲା । ଗଡ଼ ମଣ୍ଡଲାର ଗୋଁଡ଼ରାଜା ରମେଚନ୍ଦରାଙ୍କ ଶାସନ କାଳରେ ଗୋଁଡ଼୍‌ୱାନା ଭିତରକୁ ଜୈନ ଧର୍ମ ପ୍ରଚାରକ ତୀର୍ଥଙ୍କର ମାନେ ଆସିଥିଲେ । ସେମାନଙ୍କୁ ରାଜାଙ୍କ ଦ୍ୱାରା ଆଶ୍ରୟ ଦିଆଯାଇଥିଲା । ଏଠାରେ କେବଳ ଗୋଁଡ଼୍ ଦେବାଦେବୀ ନୁହନ୍ତି ଜୈନ ଧର୍ମା ବଲମ୍ବୀମାନଙ୍କର ମନ୍ଦିରର ଅବଶେଷ ଦେଖିବାକୁ ମିଳେ ।

୧୦. **ଲଖନାଦୌନ** - ଏହା ଜିଲ୍ଲାର ଏକ ତହସିଲର ମହକୁମା । ଏହି ଗ୍ରାମ ଭିତରେ ଏକ ରାନୀତାଲ (ରାଣୀପୋଖରୀ) ଅଛି । ସେଠାରେ ଲାଖନ କୁମାର ନାମକ ଗୋଁଡ଼ ରାଜାଙ୍କ ପ୍ରତିମୂର୍ତ୍ତି ଅଛି । ନରସିଂହପୁର ଗୋଁଡ଼୍ ରାଜା ତାରୁସିଂହଙ୍କ ପୁତ୍ର ଲାଖନକୁମାରଙ୍କ ରାଣୀ ସୋନାତାରୀ ରାଜଙ୍କ କନ୍ୟା ଥିଲେ । ଲଘନାଦୌନର ପ୍ରାଚୀନ ନାମ ସୋନୋତାରୀ ଗଡ଼ ଥିଲା । ଗୋଁଡ଼ୀ କିମ୍ବଦନ୍ତୀ କହେ ଥରେ ଲାଖନକୁମାର ନିଜରାଣୀଙ୍କ ସହ ସୋନୋତାରୀଗଡ଼କୁ ଆସିଥିଲେ । ରାଣୀଙ୍କର ରାନୀତାଲ (ରାଣୀ ପୋଖରୀରେ) ନୌବିହାର କରିବାକୁ ଇଚ୍ଛା ହେଲା । ସେ ନିଜ ଦାସୀମାନଙ୍କ ସହ ନୌବିହାର କରିବାକୁ ଗଲେ । ଦୁର୍ଘଟଣାବଶତଃ ନୌକା ଓଲଟି ପଡ଼ିବାରୁ ରାଣୀବୁଡ଼ିଯାଇ ପ୍ରାଣ ହରାଇଲେ । ଏ ଘଟଣାଶୁଣି ଲାଖନକୁମାର ରାଣୀଙ୍କ ବିଚ୍ଛେଦରେ ପାଗଳ ହୋଇଗଲେ । ନିଜର ରାଜ୍ୟଶାସନ ତ୍ୟାଗକରି ସେହି ପୋଖରୀ କୂଳରେ ବସିରହିଲେ । ସେଇ ପୋଖରୀର ପାଣି ପିଇ ଅନେକ ଦିନଯାଏ ଏଣେତେଣେ ବୁଲିବା ପରେ ତାଙ୍କର ମୃତ୍ୟୁ ହୋଇଗଲା । ଏହି ରାଣୀତାଲ ବା ରାଣୀପୋଖରୀ କୂଳରେ ଗଢ଼ିଉଠିଥିବା ଗ୍ରାମର ନାମ ଲାଖନକୁମାରଙ୍କ ନାମାନୁସାରେ ଲଖନାଦୌନ କୁହାଗଲା । ଏହାର ଅର୍ଥ ଲଖନକୁମାରଙ୍କ ପାନ କରିଥିବା କୁଣ୍ଡ । ଲଖନାଦୌନର ଅଳ୍ପ ଦୂରରେ ସୋନୋତାରୀ ପାହାଡ଼ ଅଛି ସେଠାରେ ଲଖନକୁମାରଙ୍କ ଦୁର୍ଗ ଥିଲା । ବର୍ତ୍ତମାନ ଏହି ସୋନୋତାରୀ ଟେକରୀକୁ ସୋନଟବରୀ କୁହାଯାଉଛି ।

୧୧. **ସୋନଗଡ଼** - ବେନଗଙ୍ଗା ଓ ଥାଲ ନଦୀର ସଂଗମ ସ୍ଥଳରେ ସୋନଗଡ଼ ଅବସ୍ଥିତ । ସୋନଗଡ଼ରେ କୋକାସିଂହ ନାମକ ଗୋଁଡ଼୍‌ରାଜାଙ୍କ ପ୍ରାଚୀନ ଦୁର୍ଗ ଅଛି । କୁହାଯାଏ ଏଠାକାର ରାଜାଙ୍କ ଶାସନକାଳରେ ସୁନାବର୍ଷା ହୋଇଥିଲା ।

୧୨. **ସରେଖା** - ବେନଗଙ୍ଗା ଓ ହୀରୀ ନଦୀର ସଂଗମ ସ୍ଥଳରେ ସରେଖା ଗ୍ରାମ ଅବସ୍ଥିତ । ଏଠାରେ ଅଲୌକିକ ପଥରର ବଳୟ ମିଳେ । ଯାହାକି ପ୍ରସ୍ତର ଯୁଗର । ଏ ବିଷୟରେ ଗୋଁଡ଼ ସମ୍ପ୍ରଦାୟରେ ପୌରାଣିକ କଥା ଶୁଣାଯାଏ ଯେ ଏଠାରେ ଡ଼ାଂଗୁରଦେବ (ବନଦେବତା), ସୁଣ୍ଡେରଦେବ (ଅନ୍ନଦେବତା) ଗୁଣ୍ଡେର ଦେବ (ଗାଈଦେବତା) କୁକରା ଦେବ (କୁକୁଡ଼ା ଦେବତା) ଓ ଭିମାଲ ଦେବ (ଜଳଦେବତା)ଙ୍କ ବାସ ସ୍ଥାନ ଥିଲେ । ସେଠାରେ ବେନ୍‌ଗଙ୍ଗାର ପ୍ରବାହ ବନ୍ଦ କରିବା ଲାଗି ଭିମାଲ ଦେବ ଗୋଟିଏ ବନ୍ଧ ବାନ୍ଧିବାକୁ ସ୍ଥିର କଲେ ଓ ଏହି କାର୍ଯ୍ୟ ସୂର୍ଯ୍ୟୋଦୟ ପୂର୍ବରୁ ଶେଷ କରିବାକୁ ଥିଲା । ଏଥିନିମନ୍ତେ ସେ ବହୁତ ଶୀଘ୍ର ନିଜକାର୍ଯ୍ୟ ଆରମ୍ଭ କଲେ ଏବଂ ପାହାଡ଼ରୁ ପଥର ଖୋଳି ନଦୀରେ ଫିଙ୍ଗିବାକୁ ଲାଗିଲେ । ଏହାଦ୍ୱାରା ନଦୀର ଶଯ୍ୟା ଛୋଟ ହେବାକୁ ଲାଗିଲା, ପଥର ଖୋଳିବା ଦ୍ୱାରା ନୂଆ ଜଳ ସ୍ରୋତ ବାହାରି ବେନଗଙ୍ଗାରେ ମିଶିଲା । ଏହି ସଂଗମକୁ ଦେଖିବାଲାଗି ସବୁ ଦେବଗଣ ସେଠାରେ ଏକତ୍ରିତ ହେଲେ କିନ୍ତୁ କୁକୁଡ଼ା ଦେବଙ୍କୁ କେହି ଡ଼ାକିଲେ ନାହିଁ । ସେ ଅସନ୍ତୁଷ୍ଟ ହୋଇ ନିଜର ସମସ୍ତ ମାଇ କୁକୁଡ଼ାଙ୍କୁ ନେଇ ବେନଗଙ୍ଗାରେ ଧାରାରେ ଝାସ ଦେଲେ । କୁକୁଡ଼ା ଦେବଙ୍କର ଜଳରେ ଝାସ ଦେବା ଦେଖି ବେନଗଙ୍ଗା ଓ ହିରୀ ନଦୀର ମିଳନ ଦେଖୁଥିବା ସବୁ ଦେବତା ପଥରରେ ପରିବର୍ତ୍ତିତ ହୋଇଗଲେ । ଆଜି ମଧ୍ୟ ପଥର ରୂପରେ ସେଠାରେ ବଳୟାକାର ଧାଡ଼ିରେ ଛିଡ଼ା ହୋଇଛନ୍ତି । ଏହା ଗୋଁଡ଼ ସଂପ୍ରଦାୟର ଏକ ଧାର୍ମିକ ସ୍ଥାନ ଅଟେ । ପ୍ରତ୍ନତତ୍ତ୍ୱ ବିଦ୍ ମାନେ ସୁରେଖାରୁ ପ୍ରାଚୀନ ପ୍ରସ୍ତର ଯୁଗର ଗୋଁଡ଼୍ ଜୀବ ମାନଙ୍କର ଅସ୍ତ୍ରଶସ୍ତ୍ର ପାଇଛନ୍ତି ।

୧୩. **କୁରାଇ ମେଟ୍ଟା** - କୁରାଇ ମେଟ୍ଟା ର ଅର୍ଥ କୁରଇ ପାହାଡ଼ ଯାହାକୁ କରିଆ ପାହାଡ଼ ବି କୁହାଯାଏ । ଏଠାରେ ଅନେକ ସ୍ଥାନରେ ପଥରର ଆଶ୍ରୟସ୍ଥଳୀ ଅଛି, ଯେଉଁଠାରେ ଆଦିଗୋଣ୍ଡଜୀବମାନଙ୍କର ବାସସ୍ଥାନ ଥିଲା । କୁମରା ଗଡ଼, ରୁଖଡ଼ଢ଼ାଲ,ରାଜାଢ଼ାନା,ରାନୀଢ଼ାନା ଆଦି ପ୍ରାଚୀନ ସ୍ଥାନ ଅଛି । ସେଠାରେ କୋୟା ବଂଶୀୟ ଗୋଣ୍ଡ ସମ୍ପ୍ରଦାୟର କୁମରା ଗୋତ୍ରୀୟ ଏବଂ ଏଟୀ (ଛେଳି) ଗଣ୍ଡଚିହ୍ନ ଧାରୀ ରାଜାମାନଙ୍କର ଶାସନ ଚାଲିଥିଲା । ସେମାନଙ୍କ ଗଡ଼ର ଭଗ୍ନାବଶେଷ ଆଜି ମଧ୍ୟ ଦେଖିବାକୁ ମିଳେ ।

୧୪. **ଆଲୀକୋଟ** - ଆଲୀକୋଟକୁ ଏବେ ଆଲୀକଟ୍ଟା କୁହାଯାଉଛି । ଏହା ସିଓନୀ ଜିଲ୍ଲା ପାଖରେ ଖବାସାଟୁରୀୟା କ୍ଷେତ୍ରାଞ୍ଚଳରେ ଥିବା ପୁରାତନ ସଂଭୁମାହାଦେବଙ୍କର ଆସ୍ଥାନ ଅଛି । ସେଠାରେ ସଂଭୁଜାଗରଣ (ମହାଶିବରାତ୍ରୀ) ପର୍ବରେ ଗୋଁଡ଼ ସମ୍ପ୍ରଦାୟର ମେଳା ଅନୁଷ୍ଠିତ ହୁଏ । ଏଠାରୁ ସେମାନେ ନିଜ ଦେବତା ମାନଙ୍କର ସୂତ୍ର ନେଇ ଯାନ୍ତି । ଆଲିକୋଟ ପାଖରେ ବୋଦାଲଝିରି, ଚିଖଲଖାରୀ,ଖମ୍ମା ଖାମରୀଟ ଆଦି ସ୍ଥାନର ପୁରାତନ ପ୍ରସ୍ତର ଯୁଗର ଧ୍ୱଂସାବଶେଷ ପ୍ରତ୍ନତତ୍ତ୍ୱ ବିଦ୍ ମାନଙ୍କୁ ମିଳିଛି । ପେଙ୍କ ନଦୀ କୂଳରେ ଥିବା ଏହି କ୍ଷେତ୍ରାଞ୍ଚଳରେ ଅନାଦିକାଳରୁ କୋୟା ବଂଶୀୟ ଗୋଁଡ଼ ସମ୍ପ୍ରଦାୟର ଗଣ୍ଡଜୀବ ମାନଙ୍କ ବସତି ଥିଲା । ଏହି କ୍ଷେତ୍ରାଞ୍ଚଳର ବାବନ ଥଡ଼ୀ, ନଦୀକିନାରେ, ବୟଦାବାଦ, ପାଉଲୀ, ସିଟେକ୍ସା ଆଦି ସ୍ଥାନରୁ ବହୁ ପରିମାଣରେ ପାଗୈତିହାସିକ ଧ୍ୱଂସାବଶେଷ ଏଠି ସେଠି ବିଛେଇ ହୋଇ ପଡ଼ିଛି ।

## ବାଲାଘାଟ ଜିଲ୍ଲା

ବାଲାଘାଟର ପୁରାତନ ନାମ ବରହାଘାଟ ଥିଲା । ଯାର ଅର୍ଥ ଉପରିଭାଗ । ଏହା ଗୋଁଡ଼ୀଭାଷାର ଶବ୍ଦ । ଏହା ଉଚ୍ଚସ୍ଥାନରେ ଥିବା ପ୍ରାନ୍ତ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ । ଏଣୁ ଘାଟୀର ଉପରଭାଗକୁ ବରହାଘାଟ କୁହାଯାଏ । ଏବେ ତାକୁ ବାଲାଘାଟ କୁହାଯାଉଛି । ବାଲାଘାଟ ଜିଲ୍ଲାର ସଦର ମହକୁମା ସହର ଅଟେ ଯାହା ଗୋନ୍ଦିଆ ନୈନପୁର ରାସ୍ତା ଉପରେ ଅବସ୍ଥିତ । ଏହି ଜିଲ୍ଲା କଟଂଗୀ, କରୋଲା, ମଉ, ଧନସୁଆ ଓ ହଟ୍ଟା, କିରନାପୁର, ଲାଂଜି, ସାଲେଟକରୀ, ବେହର ଓ ପରସବାଡ଼ା, ରାୟଗଡ଼ ଆଦି ପ୍ରଗଣାରେ ବିଭକ୍ତ ।

ବାଲାଘାଟ ଜିଲ୍ଲାର ଦୁଇ ତୃତୀୟାଂଶ କ୍ଷେତ୍ର ବେନଗଙ୍ଗା ନଦୀ ସ୍ରୋତ ଦ୍ୱାରା ପ୍ରଭାବିତ ଓ ଅବଶିଷ୍ଟ ନର୍ମଦା ଅବବାହିକା ଦ୍ୱାରା ଘେରି ରହିଛି । ସିଓନୀ ମାଳ ଅଂଚଳରୁ ବାହାରିଥିବା ସରାଟି ଓ ଚୁନାଇ ନଦୀ ଦ୍ୱୟ କଟଂଗୀ ଓ କରୋଲା ପ୍ରଗଣା ଗୁଡ଼ିକ ମଧ୍ୟଦେଇ ବେନଗଙ୍ଗାରେ ମିଶିଛନ୍ତି । ଭୋଁଡ଼ବା ଘାଟରୁ ସାବରଝୋରୀ ନଦୀ ବାହାରି ବେନଗଙ୍ଗାରେ ମିଶିଛି । ବୈହର ମାଳଅଂଚଳରୁ ମାନକରୀ ନଦୀ, ଧନସୁଆ ଜଙ୍ଗଲରୁ ନାହାଡ଼ା ଓ ଉସ୍‌କାଲ ନଦୀ ନିର୍ଗତ ହୋଇ

ବେନ୍‌ଗଙ୍ଗାରେ ମିଶିଛି । ଦେବନଦୀ ଛବରିୟା ପର୍ବତରୁ ବାହାରି ବାଘନଦୀରେ ମିଶିଛି ଓ ସୋନନଦୀ ଭାନପୁର ଜମିଦାରୀରୁ ବାହାରି ସାଲେଟେକରୀ ଓ ଠାକୁର ଟୋଲା ଜମିଦାରୀ ଦେଇ ମୁଣ୍ଡେସାରାରେ ବାଘନଦୀରେ ମିଶିଛି । ଏହି ନଦୀ ବ୍ୟତୀତ ବଂଜର ନଦୀ ଠଟଟାକୁରଟୋଲା ଜମିଦାରୀରୁ ବାହାରି ସାଲେଟେକରୀର ଉତ୍ତର ଦିଗରେ ଭୀମଲାଟ ଦେଇ ନର୍ମଦାରେ ମିଶିଛି ।

ବାଲାଘାଟ ଜିଲ୍ଲାରେ ପ୍ରବାହିତ ବେନ୍‌ଗଙ୍ଗା ଲାଂଜିଗଡ଼, ଭୈସାଗଡ଼, ଭୀମଲାଟ, ରମରମା ଓ ହଟ୍ଟାଟେକରୀ ର କୋୟାବଂଶୀୟ ଗୋଁଡ଼ ସମ୍ପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବହୁତ ନିକଟ ସମ୍ପର୍କ ଅଛି । ବେନଗଙ୍ଗା ନଦୀ ଗୋଁଡ଼ ସମ୍ପ୍ରଦାୟର ସଗା ଲୋକଙ୍କ ପ୍ରବାହ ଅଟେ । ଅତୀତକାଳରେ ଗୋଁଡ଼ ସମ୍ପ୍ରଦାୟର ଧର୍ମଗୁରୁ ରୂପୋଲଂଗ ପହାନ୍ଦୀ ପାରୀକୁପାର ଲିଂଗୋ ମା କଲୀକଙ୍କାଲୀଙ୍କର ତେତିଶି ପ୍ରକାର ପୁତ୍ର ମାନଂକୁ କୋୟଲୀକ ଚାଡ଼ ଲୋହଗଡ଼ ବା କଚାର ଗଡ଼ ପର୍ବତର ଗୁମ୍ଫାରୁ ମୁକୁଳେଇ ନିଜର ଶିଷ୍ୟ କଲେ ଓ ଲାଂଜୀଗଡ଼କୁ ନେଇ ଯାଇ ଶିମୁଳୀ ଗଛତଳେ ସେମାନଙ୍କୁ ଗୋଁଡ଼ୀ ପୁନେମ ବା ଗୋଁଡ଼ୀ ଧର୍ମ ଦର୍ଶନର ଶିକ୍ଷାଦେଲେ । ଏବଂ ସେମାନଙ୍କୁ ମୋଟ ୧୨ଟି ସଗା ବା ବେନ୍ ଶାଖାରେ ବିଭକ୍ତ କରି ସେମାନଙ୍କ ମାଧ୍ୟମରେ କୋୟାସୁରୀ ଦ୍ୱୀପରେ ସପୂର୍ଣ୍ଣ କୋୟା ବଂଶୀୟ ଗୋଁଡ଼୍‌ଦୀବ ମାନଙ୍କୁ ୧୨ ସଗା ଶାଖାରେ ବିସ୍ତାରିତ କଲେ । ଏଇ କାର୍ଯ୍ୟ ନିମନ୍ତେ ପହାଂଦୀ ପାରିକୁପାରୀ ଲିଂଗୋ ପ୍ରଥମେ ନିଜର ୩୩ଗୋଟି ଶିଷ୍ୟଙ୍କୁ ମୁଣ୍ଡରାରୁ ନିର୍ଗମ ହୋଇ ପ୍ରବାହିତ ହୋଇଥିବା ହୀରେଗଙ୍ଗା ନଦୀର ସ୍ରୋତରେ ଠିଆ କରାଇ ସେମାନଙ୍କୁ ଗୋଁଡ଼ୀ ଧର୍ମର ଶପଥ ପାଠ କରାଇଲେ । ଏଥିପାଇଁ ହୀରେ ଗଙ୍ଗା ନଦୀ ଗୋଁଡ଼ୀ ବେନୋର ବେନ୍‌ଗଙ୍ଗା ନାମରେ ପ୍ରସିଦ୍ଧ କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ୧୨ ସଗା କୁଳ ଉଁଦୀବେନ୍, ରଂଡ଼ବେନ, ମୁଁଦବେନ, ନାଲବେନ୍, ସୟବେନ୍, ସାରବେନ୍, ୟେର୍‌ବେନ, ଅରବେନ୍, ନରବେନ୍, ପଦବେନ୍, ପାରୁନ୍ଦବେନ ଓ ପାରଣ୍ଡବେନ୍‌ଙ୍କର ପରିଚୟ ତିଆରି କରିବାର ନଦୀ ବେନ୍‌ଗଙ୍ଗା ଅଟେ । ଏହା ଗୋଁଡ଼ୀ ସଗାବୋନା ମାନଙ୍କର ପ୍ରତୀକ ଅଟେ ।

କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ଧର୍ମୀୟ ବିଶ୍ୱାସ ଅଛିଯେ ଲାଂଜିଗଡ଼ ସେମାନଙ୍କର ଗୋଁଡ଼ୱାନାର ନାଭୀ(କେନ୍ଦ୍ର ବିନ୍ଦୁ) ଅଟେ । ଯେଉଁଠାରେ

ସେମାନଙ୍କର ଗୋଁଡ଼ୀ ଧର୍ମର ଧର୍ମଗୁରୁ ସେମାନଙ୍କୁ ଗୋଁଡ଼ୀ ଧର୍ମର ଶିକ୍ଷା ଦେଇଥିଲେ । ଏଇ ଲାଂଜି ଓ ବୈହର ଅଂଚଳରେ ମୋହଭାଟରେ ସେମାନଙ୍କର ଭୀମାଲ ପେନ (ଜଳଦେବତା) ଓ ତାଙ୍କର ୬ (ଛଅ) ଭାଇ ଜାଟବା,ହୀରବା,କେଶବା,ବାନା,ଭାଜୀ ଓ ମୁକୋସା ତଥା ପାଞ୍ଚଭଉଣୀ ପଂଡ଼ରୀ,ପଂଗାର,ମୁଂଗୁର,କୁସାର ଓ ଦାଈ ଓ ସେମାନଙ୍କର ପିତା ଭୂରା ଭଗତ ଓ ମା କୋଇତମାଙ୍କ ରାଜାଧାନୀ ଥିଲା । ଆଜିମଧ ବୈହରର ମୋହଭାଟାରେ ଭୀମାଲପେନଙ୍କ ପୂର୍ବପୁରୁଷ ମାନଙ୍କର ରାଜଧାନୀର ଭଗ୍ନାବଶେଷ ଅଛି ।

ଏହା ବ୍ୟତୀତ ଭୈସାଗଡ଼,ରମରମା ଓ ହଟ୍ଟା ଠାରେ ଏଭଳିପୁରାତନ ଗୁମ୍ଫା ରହିଛି, ଯେଉଁ ଠାରେ ଗୋଁଡ଼୍ ସଂପ୍ରଦାୟର ଦେବୀ ଦେବତାଙ୍କର ନିବାସ ସ୍ଥଳୀ ଅଛି । ଏଥିରୁ ଏହା ସ୍ୱଷ୍ଟ ଜଣାପଡ଼େ ଯେ ଏହି କ୍ଷେତ୍ରାଞ୍ଚଳର ପ୍ରାକ୍ ଐତିହାସିକ କାଳରୁ ଏଠି କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବମାନେ ବସତି ସ୍ଥାପନ କରିଥିଲେ ।

ଐତିହାସିକ କାଳରେ ଖ୍ରୀଷ୍ଟପୂର୍ବ ୨୩୦ରୁ ୨୫୮ ମଧରେ ଭାରତର ଯେତେବେଳେ ସମ୍ରାଟ ଅଶୋକଙ୍କ ରାଜପଣ ଥିଲା ଯାହାଙ୍କ ଅଧିନରେ ମଧଭାରତର ୧୮ଟି ଗୋଁଡ଼୍ ରାଜ୍ୟ ଥିଲା । ସେଥିରେ ଲାଂଜୀଗଡ଼ ମଧ ଏକ ଥିଲା । ସେହି ସମୟରେ ଲାଂଜୀଗଡ଼ରେ କଇଛ ଗୋଁଡ଼ଚିହ୍ନ ଧାରୀ ନେକାମ ଗୋତ୍ରୀୟ କେସୁବା ରାଜା ଙ୍କ ଶାସନ ଥିଲା । ଖ୍ରୀଷ୍ଟିୟ ୩୫୮ ବେଳକୁ ଗଡ଼ମଣ୍ଡଳାର ରାବେନ (ନୀଳକଣ୍ଠ) ଗୋଁଡ଼ଚିହ୍ନ ଧାରୀ ମଡ଼ାବୀ ଗୋତ୍ରୀୟ ରାଜା ମାନଙ୍କର ମୂଳ ପୁରୁଷ ଯଦୁରାୟ ଲାଂଜୀଗଡ଼ର ରାଜା ଭୂରାସିଂହ ନେକାମ୍ ଙ୍କ ରାଜ ଦରବାରରେ ପ୍ରତିନିଧି ନିଯୁକ୍ତ କରିଥିଲେ । ଲାଂଜୀଗଡ଼ରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କର ରାଜତ୍ୱ ଚାଲିଥିଲା ।

୧. **ବୈହର** – ବାଲାଘାଟ ଜିଲ୍ଲାର ବୈହର ତହସିଲର ସଦର ମହକୁମା ଅଟେ । ଏଠାରେ ଗୋଁଡ଼ ରାଜା କୋଟେସୁର ଟେକାମ ଦ୍ୱାରା ନିର୍ମିତ ଦୁଇଟି ମନ୍ଦିର ଅଛି । ବୈହରରୁ ଏକ କି.ମି. ଦୂରରେ ଗୋଁଡ଼୍ୱାନାର ରଜଚିହ୍ନ "ସିଂଆରପାଠ ଓ ସିଂହ ବାଘ"ର ମୂର୍ତ୍ତି ଏକ ବିଶାଳ ପ୍ରସ୍ତରଖଣ୍ଡ ଉପରେ ଉତ୍କୀର୍ଣ୍ଣ ହୋଇଛି । ସେଥିରେ ସିଂହ ନିଜର ପଞ୍ଝା ଦ୍ୱାରା ହାତୀକୁ ଦବାଇ ତା ପିଠିରେ ବସିଛି । ଏ

ଅଂଚଳର କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟ ଏ ମୂର୍ତ୍ତିର ପୂଜା କରନ୍ତି । ଗୋଁଡ଼ ସଂପ୍ରଦାୟର ଏ ବିଶ୍ୱାସ ରହିଛି ଯେ ସେମାନଙ୍କର ଧର୍ମଗୁରୁ ପହାଂଦୀ ପାରି କୁମାରୀ ଲିଂଗୋ ଗୋଁଡ଼ ସଂପ୍ରଦାୟର ଜାତି ଦେବତା ମାନଙ୍କୁ କୋୟଲୀ କଚାର ଲୋହଗଡ଼ ଗୁମ୍ଫାରୁ ମୁକ୍ତ କରି ପ୍ରଥମେ ସେମାନଙ୍କୁ ଗୋଁଡ଼ୀ ଧର୍ମ ନୀତିରେ ଲାଂଜୀଗଡ଼ରେ ଦୀକ୍ଷିତ କରାଇଲେ ଓ ବେନଗଙ୍ଗା ନଦୀରେ ପ୍ରତିଜ୍ଞା କରାଇ ବୈହରମେଟ୍ଟାକୁ ନେଇ ରାଜଧର୍ମର ଶିକ୍ଷା ଦେଲେ । ଏହି ଗୋଁଡ଼ୀ ରାଜଧର୍ମର ପ୍ରତୀକ୍ "ସିୟାରପାଟ ଓ ସିଂଗବାଗ" ସେଠାରେ ଖୋଦିତ ହୋଇଛି । ଅତୀତ କାଳରେ ଏହି ବୈହର ଗୋଁଡ଼ୱାନା ଶାସନର କେନ୍ଦ୍ରଥିଲା ଯେଉଁଠାରେ ଅନେକ ପୁଷ୍କରୀଣି ଓ ମନ୍ଦିରର ଭଗ୍ନାବଶେଷ ଅଛି । ଗୋଁଡ୍ ସଂପ୍ରଦାୟର ଶକ୍ତିମାନ ଗୋଁଡ଼ଜୀବ ଭୀମାଲପେନ୍‌ଙ୍କର ପୂର୍ବପୁରୁଷ ମାନଙ୍କର ରାଜଧାନୀ ଏହି ବୈହରରେ ଥିଲା । ଏଠାରୁ ୧୫ କି.ମି. ଦୂରରେ ଭୀମାଲପେନ୍ ଭାଇମାନଙ୍କ ଦ୍ୱାରା ନିର୍ମିତ ଏକାଶମ ମାଡ଼ିଆ ମୋହଭାଟାରେ ଆଜି ମଧ୍ୟ ରହିଛି ।

୨. **ଭୈସାଗଡ** - ବୈହରରୁ ୨୦ କି.ମି. ଦୂରରେ ଉତ୍ତର ଦିଗରେ ଥିବା ପର୍ବତ ଉପରେ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ଭୈସାପାଠ ଦେବତା ଅଛନ୍ତି । ଏହା ମଧ୍ୟ ଗୋଁଡ଼ ସଂପ୍ରଦାୟର ପୁରାତନ ଧାର୍ମିକ ସ୍ଥଳ ଅଛି । ଏଠାରେ ଚୈତ୍ର ମାସପୂର୍ଣ୍ଣିମାରେ ମେଳା ଅନୁଷ୍ଠିତ ହୁଏ ।

୩. **ଭୀମଲାତ** - ବୈହର ଠାରୁ ଉତ୍ତର ଦିଗରେ ୨୨ କି.ମି. ଦୂରରେ ବଂଜର ନଦୀ କୂଳରେ ଭୀମଲାତ ଗାଁ ଅଛି । ଏଠାରେ ଏକ ବିଶାଳ ଶୀଳାଖଣ୍ଡର ସ୍ତମ୍ଭ ଅଛି । ଏହାର ଲମ୍ବ ୧ ଫୁଟ ଓ ୨.୫ ଫୁଟ ମୋଟାର । ଗୋଁଡ଼ୀ ଭାଷାରେ ଏହାକ "ଭୀମାଲ ପେନତା ଲାତ୍" ବା ଭୀମାଲ ଦେବତାଙ୍କ ପାଦ ବୋଲି କୁହାଯାଏ । ଏ ପ୍ରସଂଗରେ ଗୋଁଡ଼ ସଂପ୍ରଦାୟର ଏକ କଥା ଅଛିଯେ ନିଜର ବୈହରରେ ଥିବା ମହଲ ନିର୍ମାଣ ପାଇଁ ଭୀମାଲପେନ୍ ସେଇ ପର୍ବତରୁ ପଥର ଆଣୁଥିଲେ । ମହଲର କାର୍ଯ୍ୟ ଶେଷ ହେବ ଯୋଗୁଁ ସେ ଏହି ସ୍ତମ୍ଭ ସେଠାରେ ଲାତ ମାରି ପକେଇ ଦେଇଥିଲେ । ଯାହାକି ଆଜି ମଧ୍ୟ ସେଠାରେ ରହିଛି । ସେଠାରେ କାର୍ତ୍ତିକ ଶୁକ୍ଳପକ୍ଷରେ ମେଳା ଅନୁଷ୍ଠିତ ହୋଇଥାଏ ।

୪. **ଭୀରି** – ଏହି ଗ୍ରାମ ପାଖରେ କିଛି ପୁରାତନ ମନ୍ଦିର ରହିଛି । ଯାହା କି ଗୋଁଡ଼ ରାଜାମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଭୀରି ଠାରୁ ୬ କି.ମି. ଦୂରରେ ଥିବା କଟାଲ ବୋରୀ ଗ୍ରାମ ପାଖରେ ଅତୀତ କାଳର ଗୋଁଡ଼ରାଜା ମାନଙ୍କର ସୈନିକ ମାନଙ୍କର ପଥର ମୂର୍ତ୍ତି ଅଛି । ସେଠାରୁ ଅଳ୍ପ ଦୂରରେ ଭୀରିନଦୀ କୂଳରେ ଏକ ଗୁମ୍ଫା ଅଛି, ଯେଉଁ ଠାରେ ପାଞ୍ଚଖଣ୍ଡ ପୃଥିବୀର ରାଜା ସଂଭୁ ମହାଦେବଙ୍କର ଆସ୍ଥାନ ଅଛି । ସେଠାରେ ମଧ୍ୟ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଲୋକମାନେ ମହାଶିବରାତ୍ରୀ ପର୍ବରେ ନିଜର ସଂଭୂ ମହାଦେବଙ୍କ ଦର୍ଶନ କରିବାକୁ ଯାଆନ୍ତି । ଭୀରି ଭୀମାଲପେନ୍‌ଙ୍କ ପିତାଙ୍କର ଜନ୍ମସ୍ଥାନ ହୋଇଥିବାରୁ ଗୋଁଡ଼ ସଂପ୍ରଦାୟର ଭୀମାଲ ଠାକୁରଙ୍କ ଭାଇ ମାନଙ୍କର ଏହା ବଂଶସ୍ଥଳୀ ହୋଇଥିବା ହେତୁ ତାକୁ ଭୀରି (ଭିଡ଼ି) କୁହାଯାଏ ।

୫. **ଠେମା** – ପରମବାଡ଼ା ପାଖରେ ଥିବା ଠେମା ଗ୍ରାମ ଏକ ସତୀ ସ୍ମୃତିସ୍ଥଳ ଅଟେ । ଯେଉଁଠାରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଧର୍ମଗୁରୁ (ପୁନେମ୍‌ମୁଠ୍‌ୱା) ଓ ପୁନେମ୍‌ଦାଇ ବା (ଧର୍ମଗୁରୁ ମାତା)ଙ୍କୁ ପୋତୁ ନଲେଞ୍ଜ ବା ସୂର୍ଯ୍ୟଚନ୍ଦ୍ରଙ୍କ ପ୍ରତୀକ ଭାବେ ଖୋଦନ କରା ଯାଇଛି । ସେଠାରେ ମଧ୍ୟ ଏକ ସଂଭୁ ମହାଦେବଙ୍କର ଏକ ମନ୍ଦିର ଅଛି ଯାହା ଅତି ପୁରାତନ କାଳର ବୋଲି କୁହାଯାଏ ।

୬. **ମାଉ** – ପରସବାଡ଼ା ପ୍ରଗଣାରେ ମାଉ ଗ୍ରାମ ନିକଟରେ ଗୋଟିଏ ନାଗ ଦେବତାଙ୍କ ଚାନ୍ଦନୀ ଅଛି ଯାହା ଏକ ପୋଖରୀ ଭିତରେ ଅଛି । ତା'ର ଉତ୍ତର ଦିଗରେ ସଂଭୁଗବରାଙ୍କ ପିଣ୍ଡି ଅଛି । ପାଖରେ ଏକ ଦୁର୍ଗର ଭଗ୍ନାବଶେଷ ରହିଛି । ଯାହାକୁ ଭୀମାଲ ଭାଇମାନେ ନିର୍ମାଣ କରିଥିଲେ । ଏଠାରେ ବୁନ୍ଦେଲଖଣ୍ଡର କିଛି ଲୋକ ସ୍ଥାନାନ୍ତର ହୋଇ ବସବାସ କରିଥିଲେ ଓ ସେମାନେ ନିଜର କୌଳିକ ଠାକୁରଙ୍କ ପ୍ରାଚୀନ ଲୋକ କଥା ଏ ସ୍ଥାନ ସହ ଜୋଡ଼ିବାକୁ ଉଦ୍ୟମ କରିଥିଲେ ମାତ୍ର ସେମାନଙ୍କର ଏସ୍ଥାନ ସହ କୌଣସି ପ୍ରକାର ସଂବନ୍ଧ ନାହିଁ ।

ମାଉର ୧୨ କି.ମି. ଦୂରରେ ଥିବା ସୋନାଖାରରେ ଗୋଁଡ଼ରାଜା ମାନଙ୍କର ପୁରୁଣା ଦୁର୍ଗ ରହିଛି । ସେଠାରେ ଅନେକ ଭଗ୍ନାବଶେଷ ମଧ୍ୟ ଅଛି । ଏ ସଂପର୍କରେ କୋୟାବଂଶିୟ ଗୋଁଡ଼ ସଂପ୍ରଦାୟର ଲୋକମାନଙ୍କ ବିଶ୍ୱାସ ଯେ ତାଙ୍କର ସାଦାବାବା

ନାମକ ଜଣେ ଗୋଁଡ଼ରାଜାଙ୍କର ଏଠାରେ ରାଜପଣ ଥିଲା । ତାଙ୍କର ବିବାହ ଲାଂଜିଗଡ଼ର କନ୍ୟା ସହ ସ୍ଥିର ହୋଇଥିଲା । ଗୋଁଡ଼ୀ ରୀତିରେ ବିବାହ ସଂପାଦନ କରିବା ନିମନ୍ତେ ତାଙ୍କର ବରଯାତ୍ରୀ(ପାଡ଼ୀନା ବାରାତ୍) ଲାଂଜୀଗଡ଼ ଯାଇଥିଲା । ସେଠାରୁ କନ୍ୟାକୁ ବୋହୁ ସଜେଇ ସୋନାଖାର ଫେରିବା ବେଳେ ସୋନାଖାର ପାଖରେ ଧରାପୃଷ୍ଠ ହଲଚଲ ହେଲା ଓ ଭୂମିକମ୍ପ ହୋଇଗଲା । ସାରା ବରଯାତ୍ରୀ ପୃଥିବୀ ଗର୍ଭରେ ମିଶିଗଲେ । ଏ ଘଟଣା ପରେ ସେଠାରେ ବରଯାତ୍ରୀଙ୍କର ମୂର୍ତ୍ତି ପଥରରେ ଖୋଦେଇ କରାଯାଇଛି ।

୭. **ହଟ୍ଟା** – ବାଲାଘାଟ ଜିଲ୍ଲାର ହଟ୍ଟା ଗ୍ରାମରେ ଏକ ପୁରାତନ ଦୁର୍ଗ ଓ ପାଚେରୀ ଅଛି । ଯାହାକୁ ଗୋଁଡ଼ରାଜା ମାରୁସିଂହ ତିଆରି କରିଥିଲେ । କିନ୍ତୁ ପରେ ନାଗପୁର ଠାରେ ମରହଟ୍ଟା ଆଧିପତ୍ୟ ସ୍ଥାପିତ ହେବାପରେ ଏଠାକାର ଦାୟିତ୍ୱ ଚିନ୍ନା ପଟେଲକୁ ଦିଆଯାଇଥିଲା ।

୮. **ବୀସାପୁର** – କଟଂଗୀ ପାଖରେ ଥିବା ବୀସାପୁର ଜଙ୍ଗଲରେ ଏକ ଗୁମ୍ଫା ଅଛି । ସେଠାରେ ସଂଭୁମହାଦେବଙ୍କ ଆସ୍ଥାନ ରହିଛି । ସେଠାରେ ମହାଶିବରାତ୍ରୀ ପର୍ବରେ ମେଳା ଅନୁଷ୍ଠିତ ହୁଏ । ଏଠାରେ ଅନେକ ପୁରାତନ ମନ୍ଦିର ଅଛି । ପାଖରେ ଗୋଁଡ଼୍‌ରାଜା ଭୀମାସୁରଙ୍କ ଦ୍ୱାରା ନିର୍ମିତ ଦୁର୍ଗର ଭଗ୍ନାବଶେଷ ଅଛି ।

୯. **ଲାଂଜୀ** – କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ ଜୀବ ମାନଙ୍କର ସାଂସ୍କୃତିକ ଧାର୍ମିକ ସ୍ଥଳ ଲାଂଜୀଗଡ଼ । ଏହା ଗୋଁଡ଼୍ ସଂସ୍କୃତିର ନାଭି କେନ୍ଦ୍ର । ଏଠାରେ ପ୍ରଥମେ ଗୋଁଡ଼ୀ (ପୁନେମ ମୁଠବା) ଧର୍ମଗୁରୁ ପହାଂଦି ପାରୀ କୁପାରୀ ଲିଂଗୋ ନିଜ ଶିଷ୍ୟଗଣଙ୍କୁ ସଗାବେନ୍ (କୁଳ) ବ୍ୟବସ୍ଥାରେ କଣ୍ଡା ସିମୁଳୀ ଗଛତଳେ ବିଭକ୍ତ କରିଥିଲେ । ଏବଂ ସେମାନଙ୍କ ଜରିଆରେ ସଂପୂର୍ଣ୍ଣ କୋୟାବଂଶୀୟ ଗୋଣ୍ଡଜୀବ ମାନଙ୍କୁ ଏ ଗୋଁଡ଼ାଲା (ଗୋଷ୍ଠୀ)ରେ ସଗାବେନ୍ (କୁଳ,ଗୋତ୍ର) ବ୍ୟବସ୍ଥାରେ ବ୍ୟବସ୍ଥିତ କରାଇଲେ ।

ଲାଂଜୀଗଡ଼ ଗୋଁଡ଼ବାନାର ରାଜକୀୟ ଶାସନର ପ୍ରାଚୀନ କେନ୍ଦ୍ର ଥିଲା । ସେଠାରେ ଏକ ପୁରାତନ ଦୁର୍ଗର ଭଗ୍ନଅବଶେଷ ଓ ଅନେକ ପୋଖରୀ ଅଛି । ଲାଂଜୀର ପୂର୍ବ ଦିଗରେ ଏକ କିଲୋମିଟର ଦୂରରେ ସଂଭୁ ମହାଦେବଙ୍କର କୋଇଟେଶ୍ୱର ମନ୍ଦିର ଅଛି । ପ୍ରାଚୀନ କାଳରେ ସମ୍ରାଟ ଅଶୋକଙ୍କ ଶାସନ କାଳରେ ଯେଉଁ ୧୮ଟି ଗୋଁଡ଼ରାଜ୍ୟ ଥିଲା ତନ୍ମଧ୍ୟରେ ଲାଂଜୀଗଡ଼ ଅନ୍ୟତମ ଥିଲା । ଗଡ଼ମଣ୍ଡଲାର ରାବେଣ (ନୀଲକଣ୍ଠ) ଗୋଁଡ଼ଚିହ୍ନ ଧାରୀ ମଡ଼ାବୀ ଗୋତ୍ରୀୟ ରାଜା ମାନଙ୍କର ଆଦିପୁରୁଷ ଯଦୁରାୟ ମଣ୍ଡଲାଗଡ଼ର ରାଜା ହେବା ପୂର୍ବରୁ ଲାଂଜୀଗଡ଼ର ଢ଼େକାମ୍ ଗୋତ୍ରୀୟ ରାଜାଙ୍କ ଦରବାରରେ ଏକ ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ ।

ଲାଂଜୀଗଡ଼ର ଦୁର୍ଗ ଭିତରେ ଲଂଜକାଇ ଦାଇ (ଲଂଜକାୟୀ ମାତା)ଙ୍କ ମନ୍ଦିର ଅଛି । ସେଠାକାର ସାତ ସ୍ତମ୍ଭରେ ଗୋଁଡ଼ୀ ପୁନେମ ମୁଠବା ବା ଧର୍ମଗୁରୁ ପହାଂଦୀ ପାରୀ କୁପାର ଲିଂଗୋ ଓ ଗୋଁଡ଼ୀ ପୁନେମ ଦାଇ (ଧର୍ମଗୁରୁ ମାତା) ରାୟତାରଜଂଗୋ ଙ୍କୁ (ଗୋଁଡ଼ୀପୁନେମ) ଗୋଁଡ଼ୀ ଧର୍ମର ସୂର୍ଯ୍ୟ ଚନ୍ଦ୍ର ର ଚିହ୍ନ ରୁପେ ଖୋଦିତ କରାଯାଇଛି ।

୧୦. **ରମରମା** – ବାଲାଘାଟ ର ପଶ୍ଚିମରେ ୩୦ କି.ମି. ଦୂରରେ ରମରମା ନାମକ ଗ୍ରାମ ଅଛି । ରମରମା ପାଖରେ ଥିବା ନାଳରେ ଏକ ଗୁମ୍ଫା ଅଛି । ସେଠାରେ ସଂଭୁ ମହାଦେବଙ୍କ ମୂର୍ତ୍ତି ଅଛି । ଗୁମ୍ଫା ପାଖରେ ଏକ କୁଣ୍ଡ ଅଛି । ସେଠାରେ ମହାଶିବରାତ୍ରୀ ପର୍ବରେ ଗୋଁଡ଼ ସଂପ୍ରଦାୟର ଲୋକେ ନିଜର ଦେବୀଦେବତା ମାନଙ୍କୁ ଗୋଧୋଇନେବା ଲାଗି ସୂତ୍ର (ପଇତା) ନେଇ ଯାଆନ୍ତି । ରମରମା, ଭୈସାଗଡ଼, ଭୀମଲାଢ଼ ବୋହର ସିୟାର ପାଟ ଆଦି କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଣ୍ଡଜୀବ ମାନଙ୍କର ପ୍ରାଚୀନ ଧାର୍ମିକ ସ୍ଥଳ ଅଛି । ସଂପୂର୍ଣ୍ଣ ବାଲାଘାଟ ଜିଲ୍ଲାରେ କୋୟାବଂଶୀୟ ଗୋଁଡ଼ରାଜାଙ୍କ ଦ୍ୱାରା ନିର୍ମିତ ଦୁର୍ଗ ଗୁଡ଼ିକର ଭଗ୍ନାବଶେଷ ଏଠି ସେଠି ରହିଛି । ଏଥିରୁ ସ୍ପଷ୍ଟ ଜଣା ପଡୁଛି ଯେ ଏ ଅଂଚଳରେ ଅନାଦି କାଳରୁ କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବାସ ସ୍ଥାନ ଥିଲା ।

# ଜବଲପୁର ଜିଲ୍ଲା

ଜବଲପୁର ମଧ୍ୟପ୍ରଦେଶର ଏକ ଜିଲ୍ଲାର ସଦରମହକୁମା ସହର ଜବଲପୁର ନାମକରଣ "ଜାବେଲ ପଠାର" (ପାଷାଣଭୂମି) ଅନୁସାରେ ହୋଇଛି । କାରଣ ଏହା ପଥର ଉପରେ ଅବସ୍ଥିତ ହୋଇଥିବା ନଗର । ଏହାର ପଶ୍ଚିମ ପାଖ ବିନ୍ଧ୍ୟପର୍ବତ ଶୃଙ୍ଖଳା, ଉତ୍ତର ପୂର୍ବ ସୀମା କୈମୁର ପର୍ବତ ଶୃଙ୍ଖଳା ଓ ମଧ୍ୟଭାଗ ଭିତ୍ରୀଗଢ଼ ପାର୍ବତୀୟ ଶୃଙ୍ଖଳା ଦ୍ୱାରା ପରିବେଷ୍ଟିତ । ଜବଲପୁର ଜିଲ୍ଲା ମଧ୍ୟଦେଇ ନର୍ମଦା ନଦୀ ପ୍ରବାହିତ ହେଉଛି । ସେଥିରେ ମଣ୍ଡଲା ଜିଲ୍ଲାର ପର୍ବତ ଶୃଙ୍ଖଳାରୁ ନିର୍ଗତ ହୋଇଥିବା ହିରନ୍ ନଦୀ ମିଶିଛି । ଏହା ବ୍ୟତୀତ ସୋନ,ନୀବାର,କଟନୀ ଓ କେନ୍ ନଦୀ ବି ଜବଲପୁର ଜିଲ୍ଲାର କିଛି ଅଂଚଳରେ ପ୍ରବାହିତ ହୋଇ ସୋନ ସହିତ ମିଳିତ ହୋଇଛନ୍ତି ଯାହା ଗଙ୍ଗାର ଏକ ଉପନଦୀ ।

ଜବଲପୁର ଜିଲ୍ଲାର ଉତ୍ତର ଦିଗରେ ମୈହର,ଉତ୍ତର ପଶ୍ଚିମ ଦିଗରେ ପନ୍ନା, ପୂର୍ବ ଦିଗରେ ବଘେଲଖଣ୍ଡ ଓ ଦକ୍ଷିଣୀ ଦିଗରେ ମଣ୍ଡଲା ଓ ସିଓନୀ ଜିଲ୍ଲା ସଂଲଗ୍ନ ହୋଇଛି । ଜବଲପୁର ଜିଲ୍ଲାରେ ପ୍ରବାହିତ ନଦୀରେ କୋୟା ବଂଶୀୟ ଗୋଁଡ୍ ସଂପ୍ରଦାୟର ଗୋଣ୍ଡଜୀବଙ୍କ ଅନାଦିକାଳରୁ ସମ୍ବନ୍ଧ ଅଛି । ଅମୂରକୋଟ (ଅମରକଣ୍ଟକ)ରୁ ବାହାରିଥିବା ନର୍ମଦା ନଦୀ ସେମାନଙ୍କର ପରସାପେନ୍ (ବଡ଼ ବାପା ଓ ମା) ଶକ୍ତିର ପ୍ରତୀକ ଅଟେ । ଯିଏ ନିଜ ଗର୍ଭରୁ କୋୟା ବଂଶୀୟ ଗୋଁଡ୍ ସଂପ୍ରଦାୟର ପ୍ରଥମ ପୁରୁଷ ଆଂଦୀ ରାବେନ ପେରିୟାର ଓ ଆଂଦୀ ସୁକମା ପେରୀଙ୍କୁ ଜନ୍ମ ଦେଇ ନିଜର କୋୟା ପିଲାଂଗ ଧାରା ନିଜ ଗର୍ଭଜାତ ପୁତ୍ର ମାନଙ୍କର ସ୍ରୋତ କୁ ନେଇ ପ୍ରବାହିତ ହୋଇଛି ଓ ସେମାନଙ୍କୁ ନେଇ ସିଂଗାର ଦ୍ୱିପରେ ପହୁଞ୍ଚାଇଛି ।

ନର୍ମଦା ନଦୀ ଓ ଏହାର ଉପନଦୀ ହିରନ୍ ଓ ଗୋର୍‌ନଦୀ କୂଳରେ ଅନାଦୀକାଳରୁ କୋୟାବଂଶୀୟ ଗୋଁଡ୍ ସଂପ୍ରଦାୟର ଗୋଣ୍ଡଜୀବଙ୍କ ବାସସ୍ଥାନ ରହି ଆସିଛି । ନର୍ମଦା ନଦୀର ଆବିଷ୍କାର ରେ ପ୍ରତ୍ନତତ୍ତ୍ୱ ବିତ୍ ମାନଙ୍କୁ ଅନେକ ସ୍ଥାନରେ ପ୍ରାଚୀନ ପ୍ରସ୍ତର ଯୁଗ, ମଧ୍ୟ ପ୍ରସ୍ତର ଯୁଗ ଓ ନୂତନ ପ୍ରସ୍ତର ଯୁଗର ଓ ଆଧୁନିକ ପ୍ରସ୍ତର ଯୁଗ ଓ ତାମ୍ର ଯୁଗର ଧ୍ୱଂସାବଶେଷ ମିଳିଛି । କଟନୀ,କସ୍ତରା,କୁଣ୍ଡମ ଜବଲପୁର ଜନଗାଁଓ,ଦରଗଢ଼, ନେଇ, ପିପରୀ ଓ ଭୋଡ଼ାଘାଟରେ ପ୍ରାଚୀନ ପ୍ରସ୍ତର ଯୁଗର ହତିଆର, କଳା, ମିଳିଛି । କୁଣ୍ଡମ୍,

କେବଲାରୀ,କଜବାଲା, ଗ୍ୱାରୀଘାଟ,ଗୌରଥା,ଚୌରଇକଲା,ଛିରପାନି,ଡ଼ୋଲୀ, ତିଲମନ୍,ଦରଗଡ଼,ଦେବରୀ,ସୁନବାରା,ନିମ୍‌ବେଡ଼ା,ପଡ଼ରିୟା,ପିପରିୟା,ବିରହୋଲା, ବିସନପୁରା, ଭିକମପୁର,ଭୀଟା,ଭେଡ଼ାଘାଟ୍,ରମଖିରିୟା,ଲମେଟା ଘାଟ ସଗୌଣା, ସାରଂଗପୁର,ସାଲୀପାଡ଼ା,ସୂପବାରା,ଆଦି ସ୍ଥାନରେ ମଧ୍ୟ ପ୍ରସ୍ତରଯୁଗୀୟ ଧ୍ୱଂସାବଶେଷ ଉମରିୟା,କଟାରିୟା,କନବାରା,ଖେରନୀ,ଗାଡ଼ାଘାଟଗୁବରା କଲାଂ,ଘୁଗରୀ,ଛିଢ଼ାକୁଦରୀ, ଜବଲପୁର, ଡ଼ୋଁଗରିଆ, ତମେର୍, ନିମରଖେଡ଼ା,ତାରସେଲ,ବୁଡ଼ବୁଡ଼ୀ,ଭୋପାର, ଭେଡ଼ାଘାଟ, ମଝୌଲି, ମଡ଼ଇକଲାଂ, ମାଢ଼ାମାର, ଲଖାରୀ, ସକରା, ସକରୀ, ସଗବାଂ, ସାଲୀବାଡ଼ା, ସିଲପୁରା, ସୁକଡ଼ୀ, ହନତାଲା, ତେବର ଆଦି ସ୍ଥାନରେ ନୂତନ ପ୍ରସ୍ତର ଯୁଗର ଧ୍ୱଂସାବଶେଷ, କୁଣ୍ଡମ୍, ଜବଲପୁର, ବୁରଚେକା, ମନଇ ଆଦି ସ୍ଥାନରେ ଆଧୁନିକ ପ୍ରସ୍ତର ଯୁଗର ଧ୍ୱଂସାବଶେଷ ଓ ନିରଂଦ୍‌ପୁର, ପାଟନ, ଭୀଟା, ତେବର ଠାରୁ ତାମ୍ରପାଷାଣ ଯୁଗର ଧ୍ୱଂସାବଶେଷ ପ୍ରତ୍ନତତ୍ତ୍ୱବିତ୍ ମାନଙ୍କୁ ମିଳି ସାରିଛି । ଯାହାକି ପ୍ରମାଣ କରୁଛି ଯେ ଏଠାରେ ଆଦି ଐତିହାସିକ କାଳରୁ ଆଦି ଗୋଣ୍ଡଜୀବ ମାନଙ୍କର ବାସସ୍ଥାନ ଥିଲା । ଉପର୍ଯ୍ୟୁକ୍ତ ଧ୍ୱଂସାବଶେଷ ବ୍ୟତୀତ ଏହି ଜିଲ୍ଲାରେ କଟନୀ ନିକଟରେ ଥିବା ପର୍ବତରେ ଏକ ଚିତ୍ରିତ ପଥରଗୃହ ଓ ଗାଢ଼ାଖେଡ଼ାରେ ଆଉଏକ ଚିତ୍ରିତ ପଥରଗୃହ ଅଛି ଯାହା ଆଦି ଗଣ୍ଡଜୀବ ମାନଙ୍କର ବାସସ୍ଥାନ ଥିଲା । ଗୋଁଡ଼ୀ ଗୋଁଡ଼୍ ଗାଥା ଅନୁସାରେ ପୃଥିବୀର ମହାପ୍ରଳୟ ପରେ ଅମରକଣ୍ଟକ ଫରାବେନ୍ ସୈଲାଙ୍ଗରା ଆଂଦୀ ରାବେନ୍ ପେରିୟୋର ଓ ଆଂଦି ସୁକମା ପରୀ ଙ୍କ ଜନ୍ମଦେଲେ ଯିଏ କଇଁଛ ଉପରେ ବସି ନିର୍ମଦା ନଦୀ ସ୍ରୋତରେ ଯାଇ ପ୍ରଥମେ ସିଂଗାର ଦ୍ୱୀପର ତୀବେର କୋଟରେ ପହଞ୍ଚିଥିଲେ । ତୀବେରକୋଟ୍ ରେ ସେ ନିଜର ପ୍ରଥମ ନିବାସ ସ୍ଥଳି ତିଆରି କଲେ । ସେଇ ତୀବେରକୋଟକୁ ଏବେ ତେବର କୁହାଯାଇଛି । ଯାହା ଜବଲପୁର ୬ କି.ମି. ଦୂରରେ ରହିଛି । ଏଥିରୁ ଏହା ନିର୍ବିବାଦ ସତ୍ୟ ଯେ ନର୍ମଦା ନଦୀ ଘାଟୀ ଅନାଦୀକାଳରୁ କୋୟା ବଂଶୀୟ ଗଣ୍ଡଜୀବ ମାନଙ୍କ ବାସସ୍ଥାନ ଥିଲା ।

୧. **ଅଭାନା** – ଜବଲପୁର ଜିଲ୍ଲାର ସିହେରା ତହସିଲରେ କହେଁଜୁରା ପର୍ବତ ପୃଷ୍ଠରେ ଥରବା ସୋହର ନଦୀ କୂଳରେ ଅଭାନା ଗ୍ରାମ ଅଛି । ସେଠାରେ ବିଜନା

ଟେକରୀ ଉପରେ ଗୋଁଡ୍ ରାଜାଙ୍କର ଏକ ଦୁର୍ଗ ଥିଲା ଯାହା ଭାଙ୍ଗିରୁଜି ଗଲାଣି । ଏ ଭଗ୍ନାବଶେଷ ନିକଟରେ ଏକ ପୋଖରୀରେ ବର୍ଷସାରା ପାଣି ରହେ ।

୨. **ଅମୋଦା** - ବହୁରୀବନ୍ଧ ର ଦକ୍ଷିଣ ପଶ୍ଚିମ ଦିଗରେ ୧୦ କି.ମି. ଗଲେ କୈମୁର ପର୍ବତ ଶିଖରରେ ଅମୋଦାଗଡ଼ ଅଛି । ଯାହାକୁ ଗଡ଼ ମଣ୍ଡଲାର ଗୋଁଡ଼ ରାଜାମାନେ ତିଆରି କରିଥିଲେ । ଏହା ସଂଗ୍ରାମ ସାହଙ୍କର ୫୨ ଗଡ଼ରୁ ଗୋଟିଏ ।

୩. **ବହୁରାବିନ୍ଦ** - ସିହୋର ତହସିଲରେ ଥିବା ଏ ଗ୍ରାମରେ ପ୍ରାଚୀନ ଧ୍ୱଂସାବଶେଷ ଯାହା ଜୈନ ଧର୍ମାବଲମ୍ବୀମାନଙ୍କ ସହ ସମ୍ବନ୍ଧିତ । ଅମୋଦାଗଡ଼ର ଗୋଁଡ୍ ରାଜା ମାନେ ଜୈନ ଧର୍ମାବଲମ୍ବୀ ମାନଙ୍କୁ ନିଜ ରାଜ୍ୟରେ ଆଶ୍ରୟପ୍ରଦାନ କରିଥିଲେ ।

୪. **ବରେଲାକଲା** - ଜବଲପୁରରୁ ମଣ୍ଡଲା ରୋଡ଼ରେ ଗଲେ ୧୬ କି.ମି. ଦୂରରେ ଏହି ଗ୍ରାମ ପଡ଼େ । ଏହି ଗ୍ରାମକୁ ଗଡ଼ମଣ୍ଡଲାର ଗୋଁଡ଼ରାଜା ମାନେ ବସାଇଥିଲେ । ଏଠାରେ ତାଙ୍କର ଅସ୍ତ୍ର ତିଆରି କରିବାର କାରଖାନା ଥିଲା । ଏହି କାର୍ଯ୍ୟ ନିମନ୍ତେ ଗୋଁଡ଼୍ଲୋହାର ମାନଙ୍କୁ ଏଠାରେ ରଖାଯାଇଥିଲା ।

୫. **ବରଗାଁଓ** - ଏହି ଗ୍ରାମକୁ ରାଜଗୋଁଡ଼ ଉପାଧୀ ଧାରୀ ଠାକୁର ଲାଲ ସାହ ବସାଇଥିଲେ । ଯାହା ସୁରବାଡ଼ା ତହସିଲ ଅନ୍ତର୍ଗତ । ଏଠାରେ ମଧ୍ୟ ପୁରାତନ ସଭ୍ୟତାର ଧ୍ୱଂସାବଶେଷ ମିଳେ । ଏଥିରେ ଜୀବ ବାଦୀ ଓ ଈଶ୍ୱର ବାଦୀ ଉଭୟଙ୍କର ଅବଶେଷ ମିଳୁଛି । ଏଠାରେ କଟଚୁରୀ(ସେଇ) ଗୋଁଡ଼୍ଚିହ୍ନଧାରୀ କରନଦେବ ରାଜାଙ୍କର ଶିଳାଲେଖ ରହିଛି ।

୬. **ବରଗୀ** - ଜବଲପୁର ର ଦକ୍ଷିଣକୁ ୨୫ କି.ମି. ଗଲେ ବରଗୀ ଗ୍ରାମପଡ଼େ । ଏହା ବରଗୀ ପ୍ରଗନାର ମହକୁମା । ଗଡ଼ମଣ୍ଡଲର ଗୋଁଡ଼ରାଜା ସଂଗ୍ରାମ ସାହଙ୍କ ୫୭ ଗଡ଼ରୁ ବରଗୀ ଏକ ଗଡ଼ । ସେଠାକାର ପାହାଡ଼ ଉପରେ ଗୋଁଡ଼ରାଜା ମାନଙ୍କର ପୁରାତନ ଦୁର୍ଗ ରହିଛି ।

୭. **ବରବାଡ଼ା** - ଭୂରବାଡ଼ା ତହସିଲରେ ଥିବା ଏହା ଏକ କ୍ଷୁଦ୍ରଗ୍ରାମ । ଯାହାକୁ ରାଜଗୋଁଡ଼ ସଂପ୍ରଦାୟର ଠାକୁର ହନୁମାନ ସିଂହ ବସାଇଥିଲେ । ଏହା ଜମିଦାରୀର

ମହକୁମା ଥିଲା । ଏହା ମୁରବାଡ଼ାର ଦକ୍ଷିଣ ପୂର୍ବରେ ୨୦ କି.ମି. ଦୂରବର୍ତ୍ତୀ କନୀ ବିଲାସପୁର ରେଳଲାଇନ୍ କଡ଼ରେ ଅବସ୍ଥିତ ।

୮. **ବେଲଖେଡ଼ା କଲାଁ** – ଗଡ଼ ମଣ୍ଡଲାର ଭୈରୋଂଘାଟ ପ୍ରଗଣାରେ ଥିବା ହିରନ ନଦୀ କୂଳରେ ଅବସ୍ଥିତ । ଏହି ଗ୍ରାମରୁ ପ୍ରାଚୀନ ପ୍ରସ୍ତର ଯୁଗର ଗୋଁଡ଼ଜୀବଙ୍କ ସଭ୍ୟତାର ଅବଶେଷ ପ୍ରତ୍ନତତ୍ତ୍ୱ ବିତ୍ ମାନଙ୍କୁ ମିଳିଛି ।

୯. **ଭାରନେର ପର୍ବତ** – ବିନ୍ଧ୍ୟ ପାର୍ବତ୍ୟ ଶୃଙ୍ଖଳାର ଏକ ଭାଗ ଭାରନେର ପର୍ବତ ଅଟେ । ଯାହା କଟଂଗୀ ପ୍ରଗଣାରେ ଅଛି । ଏହି କ୍ଷେତ୍ରାଞ୍ଚଳର ସବୁ ଗ୍ରାମରେ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ସଂଖ୍ୟା ଅଧିକ । ଭାରନେର ପର୍ବତ ଶୃଙ୍ଖଳାରେ ପ୍ରାଚୀନ ଚିତ୍ରିତ ପଥର ଘର ରହିଛି ।

୧୦. ଭେଡ଼ାଘାଟ – ଭେଡ଼ାଘାଟର ପ୍ରାଚୀନାମ ଭୈରବାଘାଟ ଥିଲା । ଗଡ଼ମଣ୍ଡଲାର ସଂଗ୍ରାମସାହଙ୍କର ବାଜନା ମଠର ଦେବତା କାଳଭୈରବଙ୍କ ଘଟ ଯେଉଁ ଘାଟରେ ବିସର୍ଜନ କରାଯାଏ ତାହା ନର୍ମଦା ନଦୀର ଭୈରବା ଘାଟ । ଏହି ଭୈରବା ଘାଟ ବର୍ତ୍ତମାନ ଭେରାଘାଟ ବା ଭେଡ଼ାଘାଟ, ସେଠାରେ ଥିବା ଗ୍ରାମକୁ ଭେଡ଼ାଘାଟ କୁହାଯାଏ । ଜବଲପୁରରୁ ୨୦ କି.ମି. ଦୂରରେ ଏହି ଘାଟ ଅଛି ଯେଉଁଠାରେ ନର୍ମଦା ଓ ବାବନ ଗଡ଼ର ପ୍ରତୀକ ବାବନ ଗଙ୍ଗାର ସଂଗମସ୍ଥଳ ଅଛି । ସେଠାରେ ଗୋଁଡ଼୍‌ରାଜାଙ୍କ ଦ୍ୱାରା ନିର୍ମିତ ଚୌଷଠୀ ଯୋଗିନୀ ମନ୍ଦିର ଅଛି । ଯାହା କଲୀକଙ୍କାଲୀ ମାତାଙ୍କର ଅନ୍ୟ ଏକରୂପ । ସେଠାକାର ସମ୍ଭୁମହାଦେବଙ୍କ ମନ୍ଦିର ବହୁ ପ୍ରାଚୀନ, ସେଠାରେ କାର୍ତ୍ତିକ ପୂର୍ଣ୍ଣିମାରେ ମେଳା ଅନୁଷ୍ଠିତ ହୁଏ ।

୧୧. **ବୀଜେ ରାଘବଗଡ଼** – ମୁରବାଡ଼ା ତହସୀଲରେ ଥିବା ଏହି ଗ୍ରାମ ମୈହର ପ୍ରଗଣା ଅନ୍ତର୍ଗତ । ବୀଜେ ରାଘବଗଡ଼ରେ ରାଜା ଦୁର୍ଜନସିଂହଙ୍କ ଶାସନ ଥିଲା । ଏଠାରେ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ଅଛି ।

୧୨. **ବିଲାହାରୀ** – ମୁରବାଡ଼ା ତହସିଲରେ ଥିବା ଏହାକ ପୁରାତନ ଗ୍ରାମ । ଯେଉଁଠାରେ କି ପ୍ରାଚୀନ କାଳରେ ଏକ ବିଶାଳ ନଗରୀ ଥିଲା । ସେଠାର ଭଗ୍ନ ସ୍ତୁପ ସୂଚାଏ ଯେ ସେଠାରେ ସବୁ ଧର୍ମାବଲମ୍ବି ମାନଙ୍କୁ ଗଡ଼ମଣ୍ଡଲାର ରାଜାମାନେ ଆଶ୍ରୟ ଦେଇଥିଲେ । ସେଠାରେ ଏକ ପ୍ରାଚୀନ ମହିଷୀକୁଣ୍ଡ ଅଛି । ଏହାର

ଚାରିପାଖରେ ପୁରାତନ ଧ୍ୱଂସାବଶେଷ ରହିଛି । ସେଠାରେ କଟଚୁରୀ (ସେଇ) ଚନ୍ଦେଲ (ଠେକୁଆ) ମହିଁଷୀ (ଗୋଧି) ଗୋଣ୍ଡଚିହ୍ନ ଧାରୀ ଗୋଁଡ଼୍‌ଜୀବ ମାନଙ୍କ ରାଜାମାନେ ଶାସନ କରିଥିଲେ । ସେଠାରେ ଛୋଟ ଦୁର୍ଗର ଧ୍ୱଂସାବଶେଷ ରହିଛି, ଯାହା ଲାଖନସିଂହ ନାମକ ରାଜାଙ୍କର ଥିଲା ।

୧୩. **ବୁଢ଼ାଗଢ଼** - ସିହୋରା ତହସିଲର ଦକ୍ଷିଣ ପଶ୍ଚିମ ଦିଗରେ ୧୮ କି.ମି. ଗଲେ ବୁଢ଼ାଗଢ଼ ପଡ଼େ । ସେଠାରେ ଯେଉଁ ପୋଖରୀ ଅଛି ତାହା ବୁଢ଼ାସାଗର ନାମରେ ପ୍ରସିଦ୍ଧ । ଏହି ପୋଖରୀ ବହୁତ ପୁରୁଣା । ଯାହାକୁ ଗଢ଼ମଣ୍ଡଲାର ଗୋଁଡ଼ରାଜା ହିରଦେ ସାହ ତିଆରି କରିଥରଲେ । ଏ ସଂପର୍କରେ ଯେଉଁ ଲୋକକଥା ପ୍ରଚଳିତ ଅଛି ତଦନୁସାରେ ଅତୀତ କାଳରେ ସେଠାରେ ମେଣ୍ଢା ଜଗୁଥିବା ଚାରିଜଣ ଭାଇ ନିଜର ଏକମାତ୍ର ଭଉଣି ସହ ରହୁଥିଲେ । ସେମାନେ ଦିନସାରା ଜମିବାଡ଼ିରେ କାମ କରନ୍ତି । ସେମାନଙ୍କ ଦିନ ବେଳା ଖାଇବା ଭଉଣୀ ନେଇ ଆସେ । ଦିନେ ଭଉଣୀ ବିଲକୁ ଯିବା ବେଳେ ସେ ଏକ ପଥରରେ ଝୁଣ୍ଟିଲା ଓତା ପାଦର ପାଉଁଜୀ ପଥରରେ ପଡ଼ିଲା । ଯାହାକୁ ସେ ନିଜର ଦା' ସାହାଯ୍ୟରେ ଉଠାଇଲା । ଦା' ପଥରରେ ଛୁଇଁ ଯିବା ମାତ୍ରେ ଲୁହାର ଦା' ସୁନାରେ ପରିଣତ ହୋଇଗଲା । ଏହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲା । ସେ ପଥରଟିକୁ ନେଇ ଭାଇମାନଙ୍କ ପାଖକୁ ଗଲା ଓ ଚମତ୍କାର ଘଟଣା ଭାଇ ମାନଙ୍କୁ କହିଲା । ତାର ଭାଇମାନେ ପଥରଟିକୁ ଘରକୁ ନେଇ ଗଲେ ଓ ସବୁ ଲୁହା ଜିନିଷରେ ପଥରକୁ ଛୁଆଁଇ ସେଗୁଡ଼ିକୁ ସୁନାରେ ପରିଣତ କଲେ । ସେ ମାନେ ବହୁ ଶୀଘ୍ର ଧନଶୀଳ ହୋଇଗଲେ । ସେମାନେ ଧନବାନ ହେବା ଖବର ରାଜାଙ୍କର ସନ୍ଦେହ ସୃଷ୍ଟି କରିପାରେ । ଏଣୁ ସେମାନେ ମହାରାଜା ହିରଦେ ସାହଙ୍କୁ ଭେଟି ସ୍ୱରୂପ ପଥରଟି ଦେଇଦେଲେ । ରାଜା କହିଲେ ତୁମ ଭାଗ୍ୟରେ ଯେଉଁ ସୁନା ମିଳିଲା ସେଥିର କିଛିଅଂଶ ଗ୍ରାମାଞ୍ଚଳର ପୋଖରୀ ଖୋଳିବା ନିମନ୍ତେ ଦାନ କରିଦିଅ । ସମାଜର ମଙ୍ଗଳ କାମନାକରି ଚାରିଭାଇ କିଛି ସୁନା ରାଜାଙ୍କୁ ଭେଟି ସ୍ୱରୂପ ଦେଲେ । ସେଇ ସୁନା ଖର୍ଚ୍ଚକରି ରାଜା ଚାରିଭାଇଙ୍କର ଗ୍ରାମାଂଚଳରେ ପୋଖରୀ ଖୋଳାଇଲେ । ସେଇ ପୋଖରୀ ଗୁଡ଼ିକର ନାମ ଚାରିଭାଇଙ୍କ ନାମରେ ରଖିଲେ । ବଡ଼ ଭାଇର ନାମ ବୁଢ଼ା, ଦ୍ୱିତୀୟର ନାମ ସରମନ, ତୃତୀୟ ଭାଇର ନାମ କୋବରାଇ, ଏବଂ ଚତୁର୍ଥର

ନାମ କୋଦୁ ଥିଲା । ବୁଢ଼ା ନାମରେ ବୁଢ଼ାତାଲ,ସରମନ ନାମରେ ସରମନ ତାଲ,କୋବରାଇ ନାମରେ କୋବରୀତାଲା ଓ କୋଦୁ ନାମରେ କୁଣ୍ଡମତାଲ ନାମରେ ୪ଟି ପୋଖରୀ ଖୋଳାଇଲେ । ବୁଢ଼ାଗଡ଼ରେ ବୁଢ଼ାତାଲ,ସରୋଲୀ ମଜଗାଁଓରେ ସରମନ ତାଲ, କୁଆନ ଗାଁଓରେ କୋବରୀତାଲ ଓ କୁଣ୍ଡମ ଗାଓଁରେ କୁଣ୍ଡମତାଲ ଖୋଳାଇଲେ ଯାହା ଆଜିଯାଏ ଅଛି ।

୧୪. **ଦାଇମାପୁର** - ଦାଇମାପୁର ସିହୋରା ତହସିଲ ମହକୁମା ଠାରୁ ୧୭ କି.ମି. ଦୂରରେ ଅବସ୍ଥିତ । ସେଠାକାର ଅନେକ ସ୍ଥାନରେ ପ୍ରାଚୀନ କାଳର ଧ୍ୱଂସାବଶେଷ ମାନରହିଛି । ଯାହାକି ଦ୍ୱାଦଶ ଶତାବ୍ଦୀର ପୂର୍ବରୁ ଥିଲା । ସେଠାରେ ଏକ ସତୀସ୍ତମ୍ଭ ଅଛି । ଏହା ଉପରେ ଗ୍ରାମର ନାମ ଦାଇମାପୁର ଲେଖା ଯାଇଛି । ସେଠାରେ କଟଚୁରୀ (ସେଇ) ଗୋଁଡ଼ଚିହ୍ନ ଧାରୀ ଗୋଡ଼ ସଂପ୍ରଦାୟର ରାଜାମାନଙ୍କର ଶାସନ ଥିଲା । ଯେଉଁମାନେ ସବୁ ଧର୍ମାବଲମ୍ବି ମାନଙ୍କୁ ଆଶ୍ରୟ ପ୍ରଦାନ କରିଥିଲେ ।

୧୫. **ଛୋଟୀଦେବରୀ** - ହରଦୁଆ ରେଳ ଷ୍ଟେସନରୁ ୬ କି.ମି. ଦୂରରେ ସତୀପାହାଡ଼ ପାଖରେ ଏହିଗ୍ରାମ ଅବସ୍ଥିତ । ସେଠାରେ କଟଚୁରୀ (ସେଇ) ଗୋଁଡ଼ଚିହ୍ନ ଧାରୀ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କର ଶାସନ ଥରଲା ଏହି ଗ୍ରାମର ମୁଖ୍ୟ ରାଜା ଗୋଁଡ଼ ସଂପ୍ରଦାୟର ଥିଲେ ।

୧୬. **ଗଢ଼ା** - ଜବଲପୁର ମହାନଗର ପାଳିକା ଅନ୍ତର୍ଗତ ଜବଲପୁରରୁ ୬ କି.ମି. ଦୂରରେ ଗଢ଼ା ଅବସ୍ଥିତ । ଏଠାରେ ଗଡ଼ମଣ୍ଡଲାର ଗୋଁଡ଼ରାଜା ମାନଙ୍କର ରାଜଧାନୀ ଥିଲା । ସେଠାକାର ମଦନମହଲ, ସଂଗ୍ରାମସାଗର ବାଜନା ମଠ, ରନୀତାଲ, ଚେରୀତାଲ, ଆଧାରତାଲ ଓ ଅନ୍ୟାନ୍ୟ ଧ୍ୱଂସାବଶେଷ ସେଠାକାର ରାଜପଣର କାହାଣୀ କହେ । ମହାରାଜା ସଂଗ୍ରମ ସାହଙ୍କ ପୂର୍ବରୁ ଗଢ଼ମଣ୍ଡଲାର ରାଜଧାନୀ ମଣ୍ଡଲାରେ ଥରଲା ମାତ୍ର ମହାରାଜା ସଂଗ୍ରମ ସାହ ତାକୁ ବର୍ତ୍ତମାନର ଜବଲପୁରର ଗଢ଼ାକଟଙ୍ଗା ସ୍ଥାନାନ୍ତରିତ କରିଥିଲେ, କିନ୍ତୁ ତାଙ୍କର ରାଜ୍ୟ ଗଢ଼ମଣ୍ଡଲା ନାମରେ ପ୍ରସିଦ୍ଧ । ମହାରାଣି ଦୁର୍ଗାବତୀଙ୍କ ମୃତ୍ୟୁପରେ ସେଠାରେ ଶାସନଭାର ପରିଚାଳନା ନିମନ୍ତେ ଏକ ଗଢ଼ା ସରକାର ସ୍ଥାପନ କରାଯାଇଥିଲା ।

୧୭. **ହିରନ ନଦୀ** – ଏହା ନର୍ମଦା ନଦୀର ପ୍ରମୁଖ ଉପନଦୀ । ଏହି ନଦୀର ଉତ୍ପତି ଜବଲପୁର ତହସିଲରେ ଥିବା କୁଣ୍ଡମ ସାଗରରୁ ହୋଇଥିଲା । ଯାହା ଜବଲପୁର ଠାରୁ ୫୦ କି.ମି. ଦୂରରେ ଅବସ୍ଥିତ । ଏହି ନଦୀର ଉତ୍ପତ୍ତି ସଂପର୍କରେ ଏକ ପୌରାଣିକ କଥା ଆଜିମଧ୍ୟ ଗୋଁଡ଼ ସଂପ୍ରଦାୟ ମଧ୍ୟରେ ପ୍ରଚଳିତ ଅଛି । ଏହି କଥା ଅନୁସାରେ ପ୍ରାଚୀନ କାଳରେ କୁଣ୍ଡମ୍ ଗ୍ରାମରେ କଲ୍ୟାଣସିଂହ ନାମକ ଜଣେ ଗୋଁଡ଼ ରହୁଥିଲା । ତାର ହୀରାନାମ୍ନି କନ୍ୟାଟିଏ ଥିଲେ । ବଡ଼ହେବା ପରେ ତାକୁ ବିବାହ କରିବାକୁ କୌଣସି ପ୍ରସ୍ତାବ ଆସୁନଥିଲା । ଏଥିଲାଗି କଲ୍ୟାଣସିଂହ ଚିନ୍ତିତ ଥିଲା । ଥରେ ସେ ଅଂଚଳରେ ମରୁଡ଼ି ପଡ଼ିବାରୁ ସବୁ ନଈନାଳ କୂଅ ପୋଖରୀ ଶୁଖିଗଲା । ମରୁଡ଼ି ପରିସ୍ଥିତିରୁ ରକ୍ଷା ପାଇବାକୁ ସେ ନିଜ ବିଲରେ କୂଅଟିଏ ଖୋଳିବାକୁ ଆରମ୍ଭ କଲା । ବହୁତ ଗଭୀର ଯାଏ ଖୋଳିବା ସତ୍ତ୍ୱେ କୂଅରେ ଜଳସ୍ରୋତ ପଡ଼ିଲା ନାହିଁ । ସେ ବ୍ୟତିବ୍ୟସ୍ତ ହୋଇ ପଡ଼ିଲା । ଦିନେ ରାତିରେ ସ୍ୱପ୍ନରେ ତାକୁ ଜଳଦେବୀ ପନ୍ନେରାନୀ ଦେଖାଦେଲେ ଓ କହିଲେ ଯେପର୍ଯ୍ୟନ୍ତ ତୁ ତୋର ଏକ ପ୍ରିୟ ବସ୍ତୁକୁ ବଳୀଦାନ ଦେଇ ନାହୁଁ ସେପର୍ଯ୍ୟନ୍ତ କୂଅରେ ଜଳସ୍ରୋତ ପଡ଼ିବ ନାହିଁ । ଏହା କହି ଜଳଦେବୀ ପନ୍ନେରାନୀ ଉଭେଇଗଲେ । ତାର ସ୍ୱପ୍ନ ଭାଙ୍ଗିଗଲା । ସକାଳୁ ଉଠି କଲ୍ୟାଣ ସିଂହ ସ୍ୱପ୍ନ ବୃତାନ୍ତ ନିଜ ସ୍ତ୍ରୀକୁ କହିଲା । ପିତା ମାତାଙ୍କ କଥା ସେମାନଙ୍କ ଝିଅ ଶୁଣିପାରିଲା । ସେ ମନେମନେ ଭାବିଲା ଏବେ ତ ବାପା ତା' ବିବାହ ପାଇଁ ଚିନ୍ତିତ ପୁଣି ଯା'ଉପରେ ବଳୀଦାନର ଆଉ ଏକ ଚିନ୍ତା ଆସିଗଲା । ସେ ବାପାଙ୍କ ଚିନ୍ତା ଦୂର କରିବାକୁ ସ୍ଥିରକଲା ଓ ସଂଗେସଂଗେ କାହାକୁ କିଛି ନକହି ବିଲକୁ ଯାଇ କୂଅକୁ ଡ଼େଇଁ ପଡ଼ିଲା । କୂଅ ବହୁତ ଗଭୀର ଥିଲା ତଳେ କଚାଡ଼ି ହୋଇ ସେ ମରିଗଲା । ଠିକ୍ ଏହି ସମୟରେ କୂଅ ମଝିରୁ ଏକ ଜଳ ଧାରା ବାହାରି ଆସିଲା ଓ କୂଅରେ ଜଳ ପୁରିବାକୁ ଆରମ୍ଭ କଲା । ଖୁବ୍ ଶୀଘ୍ର କୂଅ ଭରିଗଲା ଓ ଉଛୁଳି ଜଳ ସୁଅ ବହିବାକୁ ଆରମ୍ଭ କଲା ଠିକ୍ ଏତିକି ବେଳେ କୂଅ ଖୋଳୁଥିବା ମୂଲିଆ ମାନେ ଆସି ଦେଖିଲେ କୂଅଜଳରେ ଭରିଯାଇ ଉଛୁଳି ବହିବାକୁ ଆରମ୍ଭ କରିଛି । ସେମାନେ ଏ ଘଟଣା କୂଅ ମାଲିକକୁ କହି ଦେଲେ । କଲ୍ୟାଣ ସିଂହ ଏକଥା ଶୁଣି ବିଲକୁ ଦୌଡ଼ିଲା ଓ ଦେଖିଲା କୂଅରୁ ଜଳର ଏକ ସ୍ରୋତ ବାହାରକୁ ବହିଯାଉଛି ଓ ଜଳ ସୁଅରେ ନିଜ

କନ୍ୟାର ମୃତ ଦେହ ପାଣି ସୁଅରେ ବହି ଯାଉଛି । ଏହା ଦେଖି ମାତାପିତା କାନ୍ଦିବାକୁ ଲାଗିଲେ । କିନ୍ତୁ ଆଉ କିଛି କରିବାକୁ ନଥିଲା । ସେମାନଙ୍କ କନ୍ୟା ନଦୀର ପ୍ରଖର ସ୍ରୋତରେ ଭାସିଗଲା । ଏଥିଲାଗି ଏ ନଦୀକୁ ଗୋଁଡ଼ୀ ଭାଷାରେ "ହୀରା ନା ଢ଼ୋଡ଼"। କୁହାଯାଏ । ଏହି ହୀରା ନା ଢ଼ୋଡ଼ା କୁ ହୀରନ ନଦୀ କୁହାଯାଏ । ଏହିପରି ହୀରନ ନଦୀ କୁଣ୍ଡମର ଜଳକୁଣ୍ଡରୁ ଉତ୍ପନ୍ନ ହୋଇ ସିଂଗାର ଦୀପ ଦେଇ ନର୍ମଦା ନଦୀରେ ମିଶିଛି । ହୀରନ ନଦୀର ଏ ପୌରାଣିକ ଗୋଁଡ଼ ଗାଥାରୁ ଏକଥା ସ୍ପଷ୍ଟ ହୋଇଯାଏ ଯେ ଏ ଅଂଚଳରେ ଅନାଦୀକାଳରୁ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନେ ବସବାସ କରୁଥିଲେ ।

ହୀରନ ନଦୀର ଏଇ ଗୋଁଡ଼ୀ ପୌରାଣୀକ କଥାବସ୍ତୁ ବା ଉଲ୍ଲେଖ ଜବଲ ପୁର ଜିଲ୍ଲାର ଗେଜେଟିୟର ରେ ଏପରି କରାଯାଇଛି ।

It is said one kalyan singh a gond chief lined at Kundam in ancient times and had only daughter named Hira. She attained puberty but no party approached her father with the propoed marriage. Thus he was in trouble for the marriage of his daughter. To face the situation of draught Kalyan Singh had dug this well. While digging this wall one day the water God "Panne Rani" came to him in his dream and advised him to make sacrifice of his beloved daughter. He told this incident to his wife next day clandestinely. Hira heard this conversation and decided to make her sacrifice. Early in the morning she went and jumped in to the dry well. As soon as she throw herself into the well. The water immediately rose up and brust the embankment of the well and formed the Hiran river.

୧୮. **ଇମଲାଇ** - ଏହି ଗାଁ ଜବଲପୁର ୩୫ କି.ମି. ଦୂରରେ ଅବସ୍ଥିତ । ଏଠାକାର ଢ଼ାଲୁକ ଦାର ଗଢ଼ମଣ୍ଡଲାର ଗୋଁଡ଼ରାଜା ପ୍ରମନାରାୟଣଙ୍କ ସଗା ସଂବନ୍ଧୀ ଥିଲେ । ତାଙ୍କ ବଂଶଧର ମାନେ ଏବେ ବି ଇମଲାଇରେ ରହୁଛନ୍ତି ।

୧୯. **କୈମୋରୀ** - ଏହା ଏକ ବଡ଼ ଗାଁ । ଯାହା ହିରନ ନଦୀ କୂଳରେ ଭାରନେର ପାର୍ବତ୍ୟମାଳାରେ ଅବସ୍ଥିତ । ଏଠାରେ ରାୟ ଚୂଡ଼ାମନ ନାମକ ଅହୀର

(ନାଗ) ଗୋଣ୍ଡଚିହ୍ନ ଧାରୀ ଗୋଁଡ଼ ସଂପ୍ରଦାୟର ବ୍ୟକ୍ତିକୁ ଗଡ଼ମଣ୍ଡଳାର ଗୋଁଡ଼ରାଜା ନରିନ୍ଦ୍ ସାହ ମୋକଦ୍ଦମ କରିଥିଲେ । ଆଜି ମଧ୍ୟ ସେଠାରେ ରାୟଚୁଡ଼ାମନଙ୍କ ବଂଶଧର ମାନେ ବାସକରନ୍ତି ।

୨୦. **କୈମୁର ପର୍ବତ** - ଜବଲପୁର ର ଉତ୍ତର ପ୍ରାନ୍ତରେ ହ୍ଲେୟର ପ୍ରଗଣାରୁ କୈମୁର ପର୍ବତ ମାଳା ଆରମ୍ଭ ହୋଇ ମିରଦାପୁର ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଛି । କୈମୁର ପର୍ବତର ସିଧାସଳଖ ସିଂଗରୋଲୀ (ସୀରଡ଼ି ସିଂଗାର) ଅବସ୍ଥିତ । ଏଇ ପର୍ବତରେ ହ୍ଲେୟର ଠାରୁ ମିରଦାପୁର ପର୍ଯ୍ୟନ୍ତ ଅନେକ ଗୁମ୍ଫା ଅଛି । ସେଠାରେ ଅନାଦି କାଳରୁ କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗୋଁଡ଼୍‌ଜୀବ ମାନଙ୍କର ବସତି ରହି ଆସିଛି । କୈମୁର ପର୍ବତ ହିଁ କୋୟା ମୁରୀ ଦୀପର କୋୟାବଂଶୀୟ ଗୋଁଡ଼୍‌ଜୀବ ମାନଙ୍କର ସାକ୍ଷାତ ପ୍ରମାଣ ଅଟେ । ମିରଦାପୁରରେ ବିଜୟ ଗଡ଼ ନାମକ ଏକ ପ୍ରାଗୈତିହାସିକ ଦୁର୍ଗ ଥିଲା । ଯେଉଁଠି ଗୋଁଡ଼ରାଜା ମାନଙ୍କର ଶାସନଥିଲା । ଏଇ ପର୍ବତ ରେ ରୀବାପାଖରେ ରୋହତାସ ଗଡ଼ ଅଛି । ଯାର ଧ୍ୱଂସାବଶେଷ ଆଜିମଧ୍ୟ ରହିଛି ।

୨୧. **କରିଢ଼ଲାଇ** - ମୁଖାଡ଼ା ତହସିଲରେ ଥିବା କରିଢ଼ଲାଇ ଏକ ଗ୍ରାମ । ଏହା କୈମୁର ପର୍ବତମାଳାରେ ଅବସ୍ଥିତ । ଏଠାରେ ପ୍ରାଚୀନ କାଳ ସହ ସଂପର୍କିତ ଅନେକ ଧ୍ୱଂସାବଶେଷ ରହିଛି । ଯାହା ବିଭିନ୍ନ ଗୋଁଡ଼ ଚିହ୍ନଧାରୀ କୋୟାବଂଶୀୟ ଗୋଣ୍ଡଜୀବଗଣଙ୍କ ରାଜାମାନଙ୍କ ସହ ସଂପର୍କିତ । ଗୁପେତ୍ (ବୁଢ଼ିଆଣୀ),କଟଚୁରୀ (ସେଇ) କଶ୍ୟପ (କଇଁଛ) ତଥା ମୀନ (ମାଛ) ଗୋଁଡ଼୍‌ଚିହ୍ନ ଧାରୀ ରାଜାମାନେ ଏଠାରେ ଶାସନ କରିଥିଲେ ।

୨୨. **କତ୍ରା ବେଲଖେଡ଼ା** - ପାଟନ ର ଉତ୍ତର ପଶ୍ଚିମ ଦିଗରେ ହିରନ୍ ନଦୀ କୂଳରେ ଅବସ୍ଥିତ ଏହି ଗ୍ରାମରେ ଗଡ଼ମଣ୍ଡଳା ଗୋଁଡ଼ ରାଜାଙ୍କ ଏକ ଛୋଟ ଦଳର ମୁଖ୍ୟ ଯିଏକି ଲୋଧି ସଂପ୍ରଦାୟର ଥିଲା ଏଠାରେ ତାଙ୍କର ଶିବିରଥିଲା । ତାକୁ ୬ଟି ଗ୍ରାମର ଜାଗିରୀ ଦିଆଯାଇଥିଲା ।

୨୩. **କେନ୍ ନଦୀ** - ଏହି ନଦୀ ଜବଲପୁର ଜିଲ୍ଲାର ଉତ୍ତର ଭାଗରେ ଥିବା ମମାଡ଼ ଗ୍ରାମର ଏକ କୁଣ୍ଡରୁ ବାହାରିଛି । ଏହି ନଦୀର ଉତ୍ପତି ସଂପର୍କିତ ଏକ

ଗୋଁଡ଼ୀ ପୌରାଣିକ କାହାଣୀ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟରେ ପ୍ରଚଳିତ ଅଛି । ଏହି ଅନୁସାରେ ପ୍ରାଚୀନ କାଳରେ ଛନୁପୋରତା ନାମକ ଜଣେ ଗୋଁଡ଼ ସଂପ୍ରଦାୟର କୃଷକ ମମାଡ଼ ଗ୍ରାମରେ ବାସ କରୁଥିଲା । ତାର ଦୁଇଟି ସନ୍ତାନ ଥିଲେ । ପୁଟିର ନାମ କେନିଆ ଓ ଝିଅଟିର ନାମ କିନିୟା ଥିଲା । ପିତାମାତା ପିଲାଦିନରୁ ମରିଯିବାରୁ ସେମାନେ ଅନାଥ ହୋଇ ଯାଇଥିଲେ । ସେମାନେ ଗ୍ରାମର ମୁଖିଆଙ୍କ ପାଖରେ ରହୁଥିଲେ ଓ ସେଠାରେ ବିଲରେ କାମକରି ପେଟ ପୋଷୁଥିଲେ । ଗ୍ରାମମୁଖିଆ ନିଜ ଖେତରେ ଏକ ବନ୍ଧ ବାନ୍ଧିବାର କାର୍ଯ୍ୟ ଆରମ୍ଭକଲେ । ଯେଉଁଠି କେନ୍ୟା ଓ କିନୀ ଦୁହେଁ କାମ କଲେ । ଏ ବନ୍ଧର ବିଶେଷତ୍ୱ ଥିଲା ଖରା ଦିନେ ବନ୍ଧା ଯାଇଥିବା ବନ୍ଧଟି ବର୍ଷାଦିନେ ଧୋଇ ଯାଉଥିଲା । ଦିନେ କୃଷକ ପାଣିର ଦେବୀ ପନ୍ନେରାଣୀଙ୍କୁ ପ୍ରାର୍ଥନା କଲାଯେ ଦେବୀ ଯେଉଁ ବଳୀ ଚାହିଁବେ ସେ ଦେବ କିନ୍ତୁ ବନ୍ଧ ନଭାଙ୍ଗି ରହିଯାଉ । ଏହି କଥାରେ ପନ୍ନେରାନୀ ଜଣେ ଅବିବାହିତ ଯୁବକର ବଳୀ ଦେବାକୁ କହିଲେ । କୃଷକ ସେଇ ଅନାଥ ପିଲା କେନ୍ୟାର ବଳୀ ଦେଇ ଦେଲା ଓ ଶବକୁ ବନ୍ଧତଳେ ପୋତି ଦେଲା । ବଳୀ ଦେବାରୁ ବନ୍ଧ ମଜଭୂତ ହୋଇଗଲା । ଏଣେ ଭାଇ ହଜିଯିବାରୁ ଭଉଣୀ ବ୍ୟସ୍ତ ହୋଇପଡ଼ିଲା । ସେ କୃଷକକୁ ପଚାରା ଉଚରା କଲା, କୃଷକ ଦୋଷୀହୋଇ ଥିବାରୁ ତାର ପାଟି ଖନି ମାରିଗଲା । ଏହା ଦେଖି କିନୀ ବୁଝିପାରିଲା ଯେ ତାଭାଇକୁ ନିଶ୍ଚୟ ବଳୀ ଦିଆଯାଇଛି । ସେ ତୁରନ୍ତ ବନ୍ଧର ସେ ପାରିକୁ ଗଲା ବର୍ଷାଯୋଗୁଁ ପାଣି ଭର୍ତ୍ତି ହୋଇଯାଇଥିଲା । ସେ ଜଳ ଦେବତାଙ୍କୁ ପ୍ରାର୍ଥନା କଲା ଯଦି ତା ଭାଇକୁ ପଠାରେ ପୋତାଯାଇଛି ତେବେ ତା'ର ଶେଷ ଦର୍ଶନ କରାଇ ଦିଅନ୍ତୁ ସେ ନିଜ ଭାଇର ବଳୀଦାନ ସବୁଦିନେ ମନେରଖିବ । ଜଳ ଦେବତା ନିଜ ସୁଅରେ ପଠାକୁ ଭସାଇ ଦେଲେ ଏବଂ କିନୀ ଭାଇର ଶବ ବାହାରକୁ ଆସିଲା । ଏହା ଦେଖି କିନୀ କାନ୍ଦିଉଠିଲା ଓ ତା ଆଖିରୁ ଲୁହ ସେଠାରେ ପଡ଼ିଲା । ସେଠାରେ ଏକ ଜଳଧାର ପ୍ରଖର ଗତିରେ ବହି କେନ୍ୟାର ସୁଅର ସମାନ୍ତରାଳରେ ବହିଚାଲିଲା । ସେହି ପ୍ରବାହରେ କିନୀ ଭାସିଗଲା ଏହିପରି କେନିୟା ଓ କିନୀ ନାମରେ ଦୁଇଟି ଧାର ନଦୀର ଉଦ୍‌ଗମ ସ୍ଥଳରୁ ବାହାରିଲା ଓ ଆଗକୁ ଯାଇ ଏକାଠି ମିଳିତ ହେଲା । ଏଇ ନଦୀକୁ କେନ ନଦୀ କୁହାଗଲା । ଏହାକୂଳରେ

ଅନାଦୀ କାଳରୁ କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବାସସ୍ଥାନ ଥିଲା । ଏହି ପୌରାଣିକ କଥାବସ୍ତୁକୁ ଜବଲପୁର ଜିଲ୍ଲା ଗେଜେଟିୟର ରେ ଲିପିବଦ୍ଧ ହୋଇଛି ଯାହା ଠିକ୍ ଏପରି ;

"Thene were brother and sister being orphans the brother was cought and sacrificed and the sister came to know his late and began to wee and shed tears which ran into a strean and pent up waters of the fiuld joined wassing the buried brother and mingling him with the tears of his sister. There two brancks of the river near its source one said to be formed by the tears of the sister still called kinia a distinguished from the main channel which is known as ken.

୨୪. **କୁଣ୍ଡମ୍** - ଜବଲପୁର ନଗରୀ ର ପୂର୍ବକୁ ୫୦ କି.ମି. ଗଲେ କୁଣ୍ଡମ୍ ଗ୍ରାମ ପଡ଼ିବ । ସେଠାକାର କୁଣ୍ଡରୁ ହିରନ ନଦୀ ବାହାରିଛି । କୁଣ୍ଡମ ପାଖରେ ହିରନ୍ ନଦୀ କୂଳରେ ମହାରାଜା ସଂଗ୍ରାମ ସାହଙ୍କର ୫୨ ଗଡ଼ରୁ ଏକ ଗଡ଼ ଥିଲା ଯାର ନାମ ଦୟାଗଡ଼ ଥିଲା । ଦିୟାଗଡ଼ର ଅବଶେଷ ଆଜି ବି ଦେଖିବାକୁ ମିଳେ ।

୨୫. **କୁମ୍ଭୀ** - ଏହା ପ୍ରଗଣାର ମହକୁମା ସହର । ହିରନ ନଦୀକୂଳରେ ଅବସ୍ଥିତ । ଏଠାରେ ପୁରାତନ ଧ୍ୱଂସାବଶେଷ ବହୁଳ ଭାବେ ମିଳେ । ଏଠାରେ କଟଚୁରୀ (ସେଇ) ଗୋଁଡ଼ଚିହ୍ନ ଧାରୀଙ୍କ ଶାସନ ଗଡ଼ମଣ୍ଡଲାର ମଦନ ସାହଙ୍କ ପୂର୍ବରୁ ଥିଲା ।

୨୬. **ମଜଗବାନ** - ସିହୋରା ତହସିଲର ଏହା ବଡ଼ଗ୍ରାମ । ସେଠାରେ ସରମନ ମେଡ଼ ପୋଗରୀ ଖନନ ଗଡ଼ମଣ୍ଡଲାର ହିରଦେସାହ କରାଇଥିଲେ ଏହା ଏବେ ମଧ୍ୟ ଅଛି ।

୨୭. **ମଝୋଲୀ** - ସିହେରା ତହସିଲର ଏଇଗ୍ରାମରେ ସମ୍ଭୁ ମହାଦେବଙ୍କର ପୁରାତନ ମନ୍ଦିର ଅଛି । ସେଠାରେ ବି ପ୍ରାଚୀନ ଧ୍ୱଂସାବଧେଷ ମିଳେ ଯାହାକି ଗୋଁଡ଼ ରାଜାଙ୍କ କାଳର ।

୨୮. **ନର୍ମଦା** - ଏହା ଭାରତର ମୁଖ୍ୟ ନଦୀ ମାନଙ୍କ ମଧ୍ୟରୁ ଗୋଟିଏ । ଏ ନଦୀର ଆୟୁଷ ଅନ୍ୟାନ୍ୟ ନଦୀ ମାନଙ୍କଠାରୁ ଅଧିକ । ଏହାର ଉଦ୍‌ଗମ

ଅମୂରକୋଟ ବା ଅମର କଣ୍ଟକର କୋୟାବଂଶୀୟ ଭିଡ଼ିରୁ ହୋଇଛି । ଏହା ପିତା ଓ ମାତା ବା ବଡ଼ଦାଉ ଓଦାଇ ଶକ୍ତିର ପ୍ରତୀକ । ଏହି ନଦୀର ନାମକରଣ ବ୍ରାହ୍ମଣ ଲୋକଙ୍କ ଦ୍ୱାରା କରାଯିବାର ଉଦ୍ୟମ କରାଗଲା । ଏହାକୁ ରେବା ନଦୀ ନାମ ଦେଇ ଏହାର ପ୍ରାଚୀନତା ଉପରେ କୁଠାରାଘାତ କରିବାର ଉଦ୍ୟମ ସଂସ୍କୃତ ଭାଷୀମାନେ କରିଥିଲେ । ନର୍ମଦା କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବଙ୍କ ସଭ୍ୟତାର ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ଏକ ପୁରାତନ ନଦୀ । ଏହି ନଦୀ କୂଳରେ ଅନାଦୀକାଳରୁ ଗୋଁଡ଼୍ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କ ବାସସ୍ଥାନ ଥିଲା । ଏହି ଅମୁରକୋଟ ନାମ ନଗର,ମଣ୍ଡଲା,ଜବଲପୁର, ନରସିଂହପୁର, ହୋସଙ୍ଗାବାଦ ଦେଇ ଅରବସାଗରରେ ମିଶିଛି । ଜବଲପୁର ପାଖରେ ଭୋଡ଼ାଘାଟ ଠାରେ ଧୁଆଁଧାର ନାମକ ଜଳପ୍ରପାତ ୫୦ ଫୁଟତଳକୁ ଖସି ମାର୍ବଲ ପଥରକୁ କାଟି ଆଗକୁ ବହିଯାଇଛି ।

୨୯. **ତିଗାଁଓ** – ବହୁରୀ ବନ୍ଦର ଉତ୍ତରକୁ ୩ କି.ମି.ଦୂରରେ ଏହି ଗ୍ରାମ ଅବସ୍ଥିତ । ଏହା ଗୋଁଡ଼ୀ ଖୂଳର ମାତା କଲୀକଙ୍କାଲୀ ଙ୍କ ପ୍ରାଚୀନ ଆସ୍ଥାନ । ଏଠାରେ ୩୦ରୁ ଅଧିକ ମନ୍ଦିରର ଭଗ୍ନବଶେଷ ଦେଖିବାକୁ ମିଳେ ।

୩୦. **ବିନ୍ଧ୍ୟ ପର୍ବତ** – ବିନ୍ଧ୍ୟ ପର୍ବତକୁ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଲକେ ବେନଦଈଆ ବା ବେନଦା ମେଙ୍ଗା ବା ପର୍ବତ ବୋଲି ଜାଣନ୍ତି । ଏହାର ପୌରାଣିକ କଥା ଅନୁସାରେ ଗୋଁଡ଼ୀ କୂଳ ଦେବତାଙ୍କୁ ବେନୋଁକି ଦାଇ ବା ବେନଦଈୟା ବା ବେନ୍ ଦାଇ କହନ୍ତି । ଏହି ବେନଦାଇର ପଣତରେ ତାର ବଂଶ ବିସ୍ତାର ହୋଇଛି । ଜବଲପୁର ଜିଲ୍ଲାରେ ବିନ୍ଧ୍ୟ ପର୍ବତର ଦୁଇଟି ଶାଖା ପର୍ବତମାଳା ବିସ୍ତୃତ । ଗୋଟିଏ ଭାରୀର ଓ ଅନ୍ୟଟି କୈମର । କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର କୁଳଦେବତା ଦୁଇଭାଗରେ ବିଭକ୍ତ ( ୧ ) ଭୋରାଲବେନ ଓ ( ୨ ) କୋୟାଲବେନ କା ବାସସ୍ଥାନ ଭୋରେର ଶୃଙ୍ଖଳାରେ ଓ କୋୟାଲ ବେନୋ ମାନଙ୍କର ବାସସ୍ଥାନ କୈମର ପର୍ବତ ମାଳାରେ ଥିଲା । ଏହିପରି ଏ ଗୋଁଡ଼ ଦେବଙ୍କର ମାତା ବେନ୍ ଦାଇ କୁ ବର୍ତ୍ତମାନ ବିନ୍ଧ୍ୟ କୁହାଯାଉଛି । ବିନ୍ଧ୍ୟ ପର୍ବତ ଏମିତି ଏକ ପର୍ବତ ଯାହା ଆର୍ଯ୍ୟ ଓ ଅନାର୍ଯ୍ୟ ଲୋକଙ୍କ ସଭ୍ୟତାର ମଧ୍ୟରେ ରହିଛି ।

# ମଣ୍ଡଲାଜିଲ୍ଲା

'ମଣ୍ଡଲା' ଗୋଁଡ଼ୀଭାଷାର ଶବ୍ଦ ଅଟେ । ଯା'ର ଅର୍ଥ ଛତ୍ରଛାୟା । "ଇଦ ମାଓ୍ୱା ମଣ୍ଡଲା ଆଂଦୁ" ଅର୍ଥାତ୍ ଏହା ଆମର ଛତ୍ରଛାୟା ଅଟେ । ଏଭଳି ଗୋଁଡ଼ୀରେ କୁହାଯାଏ ଗଢ଼ମଣ୍ଡଲା ଗୋଁଡ଼୍‌ୱାନାର ଛତ୍ରଛାୟା ଗଢ଼ଥିଲା । ଏଥିଲାଗି ଗୋଁଡ଼ ସଂପ୍ରଦାୟର ଲୋକମାନେ ଏହାକୁ "ରାଜାଡ଼ାନା" ବା ରାଜାଙ୍କ ଆସ୍ଥାନ ବୋଲି କହନ୍ତି । ମଣ୍ଡଲା ବହୁ ପ୍ରାଚୀନ ସ୍ଥାନ, ଗୋଁଡ଼ୱାନାର ଏହି ମଣ୍ଡଲା ନଗରୀର ପ୍ରାଚୀନତାକୁ ନଷ୍ଟ କରିବା ଲାଡି ବ୍ରାହ୍ମଣଚିନ୍ତା ଧାରାର ଐତିହାସିକ ମାନେ ଏହାକୁ ମହାଭାରତ ଯୁଗୀୟ ମାହିଷ୍ମତି ନଗରୀ କହିବା ଆରମ୍ଭ କଲେ; ଯେମିତି – The real name of Mandla was said to be Mahis Mandal of Mahismati of ancient literature, the capital of Kartvirya of the thousand arms from which were spring the Gara mandala kings. କିନ୍ତୁ ସଂସ୍କୃତ ସାହିତ୍ୟର ମାହିଷ୍ମତୀ ନଗରୀର ଗବେଷଣା ଡଃ ଫ୍ଲୀଟ୍ କରି କହିଛନ୍ତି ଯେ ନିମାଡ଼ ଜିଲ୍ଲାରେ ଥିବା ମାଂଧାତା ହିଁ ମାହିଷ୍ମତି । ଏହା ସତ୍ତ୍ୱେ ଐତିହାସିକ ମାନେ ମଣ୍ଡଲାକୁ ମାହିଷ୍ମତୀର ଏକ ମଣ୍ଡଳ ହୋଲି କହିବାକୁ ଆରମ୍ଭ କଲେ । ଏଥି ଲାଗି ସେମାନେ ମତ ଦେଲେ ଯେ ହୈହୟ ବଂଶୀ ରାଜା କୋକଲଙ୍କ ୧୮ଜଣ ପୁତ୍ର ଥିଲେ । ତନ୍ମଧ୍ୟରୁ ବଡ଼ପୁଅ ତ୍ରିପୁରୀ ର ରାଜା ହେଲେ ଓ ଶେଷ ପୁତ୍ର ତ୍ରିପୁରୀ ରାଜ୍ୟର ମଣ୍ଡଳ ଗୁଡ଼ିକର ଉପରାଜ୍ୟପାଳ ହେଲେ । ଏମାନଙ୍କ ମଧ୍ୟରେ ମଣ୍ଡଲା ମୁଖ୍ୟମଣ୍ଡଳ ଥିଲେ ଏହି ଅନୁସାରେ ଏହାର ନାମ ମଣ୍ଡଲା ହେଲା ! The Haiya king Kokalla had eighteen soons of whom the eldest became lord of Tripuri (In Jabalpur district) which thus held the ont lying "Mandalas" as lieuenatnt Mandala may have been the most of these Mandlas and hence known as the Mandala.

ଉକ୍ତ କଥାନୁସାରେ ବ୍ରାହ୍ମଣ ଐତିହାସିକ ମାନଙ୍କ ପାଖରେ କିଛି ପ୍ରମାଣ ନାହିଁ । ମହାଭାରତ ହିଁ ଏକ ମାତ୍ର କାବ୍ୟ ଯେଉଁଠାରେ ସ୍ଥାନୀୟ ବାସ୍ତବିକତାର ପ୍ରମାଣ ନାହିଁ । ଏଥିପାଇଁ ଆଜିଯାଏ ତାକୁ ଇତିହାସ କୁହାଯାଉ ନାହିଁ । ଗୋଁଡ଼ ସଂପ୍ରଦାୟ ପାଖରେ ତାର ମାତୃଭାଷା ଗୋଁଡ଼ୀ, ଗୋଁଡ଼ୀ ସଂସ୍କୃତି ଓ ମଣ୍ଡଲାର

ରାମନଗର ରେ ଏକ ପଥର ଫଳକରେ ଉତ୍କୀର୍ଣ୍ଣ ଶୀଳାଲେଖ ଏମିତି ପ୍ରମାଣ ପ୍ରଦାନକରେ ଯାହା ସ୍ଥାନୀୟ ବାସ୍ତବିକତାର କାହାଣୀ କହେ । ଗୋଁଡ଼ୀଭାଷାରେ ମଣ୍ଡଲାର ଅର୍ଥ ଛତ୍ର ଛାୟା । ଗୋଁଡ଼ୀ ସଂସ୍କୃତି ଅନୁସାରେ ଯେଉଁ ନର୍ମଦା (ନର+ମାଦା)ନଦୀକୂଳରେ ମଣ୍ଡଲା ନଗରୀ ଅବସ୍ଥିତ ଏହି ନଦୀ ସେମାନଙ୍କର ଆଦି ପିତୃ ଓ ମାତୃ (ଦାଉ ଓ ଦାଈ) ଶକ୍ତିର ପ୍ରତୀକ ଯାହାଙ୍କ କୋଳରୁ ସେମାନଙ୍କର ଜନ୍ମ ହୋଇଛି । ନରମାଦା ଏହା ସଂସ୍କୃତ ସାହିତ୍ୟର ଶବ୍ଦ ନୁହେଁ । ଏହା ସମସ୍ତେ ଜାଣିଛନ୍ତି । ଯେଉଁ ମହାଭାରତର ସେମାନେ ଉଦାହରଣ ଦେଉଛନ୍ତି, ତାହା ଦେବନାଗରୀ ଲିପିରେ ସଂସ୍କୃତ ଭାଷାରେ ଲିଖିତ ହୋଇଛି ଏବଂ ଦେବନାଗରୀ ଲିପିର ଉତ୍ପତ୍ତି ଗୁପ୍ତକାଳର ପୂର୍ବର ନୁହେଁ । ଏମିତି ସ୍ଥଳେ ମହାଭାରତର ଘଟଣା ଐତିହାସିକ ଘଟଣା କହି ତର୍କ କରିବା ତର୍କ ସଙ୍ଗତ ହୋଇ ପାରିବ ନାହିଁ । ଏହାସତ୍ତ୍ୱେ ମଣ୍ଡଲାକୁ ମାହିଷ୍ମତୀ କହିବା, ନରମାଦାକୁ ରେବା କହିବା ପୂରାନା ନଦୀକୁ ପୟୋଷ୍ଣୀ ନଦୀ କହିବା ଅର୍ଥ ନିଜ କଥାକୁ ସ୍ଥାନୀୟ ପୋଷାକ ପିନ୍ଧାଇବାର ଉଦ୍ୟମ ଛଡ଼ା ଆଉ କିଛି ନୁହେଁ । ଯଦି ମାହିଷ୍ମତି ରାଜ୍ୟର ଏକମଣ୍ଡଳ ମଣ୍ଡଲା ଥିଲା ତେବେ ଅବଶିଷ୍ଟ ସତରଟି ମଣ୍ଡଳ କେଉଁଠି ଲୁପ୍ତ ହୋଇ ଗଲା ଏହା ଏକ ଅନୁତ୍ତରିତ ପ୍ରଶ୍ନ ହୋଇ ରହିଯାଉଛି । ଉପର୍ଯ୍ୟୁକ୍ତ ସବୁମିଛ କଥାକୁ ଉପସ୍ଥାପିତ କରି ଗଡ଼ମଣ୍ଡଲାର ରାବେଣ ଗୋଁଡ଼ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ରାଜା ମାନଙ୍କର ପ୍ରାଚୀନତା ଉପରେ ଆଘାତ ଦେବା ବ୍ୟତୀତ ଅନ୍ୟକିଛି ନୁହେଁ ।

ବାସ୍ତବିକତା ହେଲା ଗୋଁଡ଼ୱାନାର ହୃଦୟରେ ଥିବା ବିନ୍ଧ୍ୟାଚଳ ଓ ସତପୁଡ଼ାର ଉପତ୍ୟକାର ସଘନ ବନାନୀ ଓ ପର୍ବତମାଳା କାରଣରୁ ଏ ଅଂଚଳ ପ୍ରାଚୀନ କାଳରୁ ଅଗମ୍ୟ ରହିଆସିଛି । ଏହି ଅଗମ୍ୟକ୍ଷେତ୍ର ପ୍ରାଚୀନକାଳ ଓ ମଧ୍ୟ ଯୁଗୀୟ କାଳରେ ଉତ୍ତର ଦକ୍ଷିଣ ଭାରତ ଭିତରେ ଏକ ପ୍ରାଚୀର ସଦୃଶ ରହିଆସିଛି । ଏହାର ଭୌଗୋଳିକ ଅବସ୍ଥିତି ଉପରେ ଉତ୍ତର ଓ ଦକ୍ଷିଣ ଭାରତର ରାଜନୀତିର ଖୁବ କମ୍ ପ୍ରଭାବ ପଡ଼ିଛି । ପ୍ରାଚୀନ କାଳ ସଂପର୍କରେ ଏହ ଜଣା ପଡ଼େଯେ ମେସିଡ଼ୋନିଆର ଦଳପତି ଆଲେକଜାଣ୍ଡର ର ପ୍ରଭାବ ରାଜାଗୁରୁ ଙ୍କ ଉପରେ ପଡ଼ିଲା । କିନ୍ତୁ ତାଙ୍କ ହାତୀ ମାନଙ୍କ ଗର୍ଜନ ସତପୁଡ଼ା ଓ ବିନ୍ଧ୍ୟ ଉପତ୍ୟକା ମାନଙ୍କରେ ପ୍ରତିଧ୍ୱନିତ ହୋଇପାରିନାହିଁ । ଆଲେକ୍‌ଜାଣ୍ଡରଙ୍କ ଆଧିପତ୍ୟକୁ ପ୍ରତିହତ କରି

ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ନିଜର ଆଧିପତ୍ୟ ସ୍ଥାପନ କଲେ, ସେ ମଧ୍ୟ ନିଜ ସେନାବାହିନୀର ଅସ୍ତ୍ରର ଝଙ୍କାର ନର୍ମଦାର ଘାଟରେ ଶୁଣାଇ ବାରେ ଅସଫଳ ରହିଲେ । ଏପରିକି ତାଙ୍କର ନାତି ସମ୍ରାଟ ଅଶୋକଙ୍କ ସାମ୍ରାଜ୍ୟ ଯାହା ହିମାଳୟରୁ ମାନ୍ଦ୍ରାଜ ଯାଏ ବିସ୍ତୃତ ଥିଲା । ସେ ମଧ୍ୟ ପ୍ରତ୍ୟକ୍ଷ ରୂପରେ ଏ ଅଂଚଳରେ ନିଜର ଆଧିପତ୍ୟ ସ୍ଥାପନ କରିପାରିଲେ ନାହିଁ । ଯଦିଓ ଧର୍ମାଶୋକଙ୍କ ଧର୍ମପ୍ରଚାରକ ମାନଙ୍କୁ ଦୂର ଦୂରାନ୍ତ ସ୍ଥାନକୁ ଧର୍ମପ୍ରଚାର ନିମନ୍ତେ ପ୍ରେରଣା କରିଥିଲେ; ତଥାପି ତାଙ୍କର ସଂସ୍କାରଧର୍ମୀ ସେବା ମଧ୍ୟ ଏ କ୍ଷେତ୍ରରେ ନିଜର ଆଧିପତ୍ୟ ସ୍ଥାପନ କରିପାନି ନଥିଲା । ଏଠାକାର ଜନଜାତି ଗୋଁଡ୍‌ଜୀବମାନେ ସେଇ ସର୍ବମୟ କର୍ତ୍ତାଙ୍କ ଶକ୍ତିର ଅଧିନରେ ସାର୍ବଭୌମିକତାର ସ୍ୱାଦ ଚାଖି ବାକୁ ଲାଗିଥିଲେ ।

As regards the ancient period we are certained that the shok of the mecedonian phalax on porus elephant corps awake no echo in the mountains and forests of the Satpuras : Chandragupta mourya, who raised himself to throue of Hindustan on the ruins of Alexander's greatness;failed to carry his arms across Narmada and even his spillmore famous grandson, Ashok, whice empire streched from Himalayas to Madras, exercised only nominal control over the hill and dale forest and field and flod" of the central Indian high land. A through the missionaries of the pious experor penetrated to the deepest recesses of his dominian their ministration didnot enhance his authority in these parts adn the jungle tribes still enjoyed a limited autonomy under the swzerainaty of the paromaont power.

ଉପର ବର୍ଣ୍ଣିତ ତଥ୍ୟରୁ ଏକଥା ସ୍ପଷ୍ଟ ଜଣାପଡ଼େଯେ ନରମାଦା (ନର୍ମଦା) ନଦୀର କୂଳରେ ଥିବା ମଣ୍ଡଳା ଜିଲ୍ଲାର କ୍ଷେତ୍ରାଞ୍ଚଳରେ ଅନାଦିକାଳରୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଣ୍ଡଜୀବମାନଙ୍କର ରାଜା ମହାରାଜାଙ୍କର ଆଧିପତ୍ୟଥିଲା ଓ ଏହା ସେମାନଙ୍କର ବାସସ୍ଥାନ ଥିଲା । ଏ ଅଂଚଳରେ ମୌର୍ଯ୍ୟ,ଶୁଂଗ,କନ୍ଥ ପ୍ରଭୃତିଙ୍କର ଯେଉଁ ଆଧିପତ୍ୟ ଥିଲା ତାହା ନାମମାତ୍ର ଥିଲା ।

ଗଡ଼ମଣ୍ଡଲା ଗୋଁଡ଼ୀ ଗୋଁଡ଼ ଲୋକକଥା ଆଧାରରେ ସର୍ବପ୍ରଥମେ ନାଗ ଗୋଣ୍ଡଚିହ୍ନ ଧାରୀ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କର ଓ ପରେ ରାବେଣ (ନୀଳକଣ୍ଠ) ଗୋଁଡ଼ଚିହ୍ନ ଧାରୀ ରାଜା ମାନଙ୍କର ଶାସନ ଚାଲୁଥିଲା । ରାବେଣ ଗୋଣ୍ଡଚିହ୍ନ ଧାରୀ ପ୍ରଥମ ମଡ଼ାବୀ ଗୋତ୍ରୀୟ ରାଜା ଯଦୁରାୟ ଖ୍ରୀଷ୍ଟିୟ ୩୫୮ ସମୟରେ ଆରମ୍ଭହେଲା ଓ ଏହାଙ୍କର ବଂଶଧରମାନେ ଲଗାତାର ଖ୍ରୀଷ୍ଟିୟ ୧୭୫୧ ପର୍ଯ୍ୟନ୍ତ ଶାସନ କଲେ । ରାଜା ଯଦୁରାୟଙ୍କ ରାଜ୍ୟାଭିଷେକ ଘଟଣାର ବର୍ଣ୍ଣନା ଆଜିମଧ୍ୟ କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟରେ ପ୍ରଚଳିତ ଅଛି । ତଦନୁସାରେ ସେ ଗୋଦାବରୀ ନଦୀ କୂଳରେ ଥିବା ସେହଲ ଗାଁରେ ମୁଖିଆ ଯୋଧାସିଂହ ମଡ଼ାବୀଙ୍କ ପୁତ୍ରଥିଲେ । ଲାଂଜୀର ତତ୍କାଳୀନ ରାଜା କଇଁଛ ଚିହ୍ନଧାରୀ ଭୂରାସିଂହ ଟେକାମ୍ ଙ୍କ ରାଜ୍ୟରେ ଯଦୁରାୟ ସେନାପତି ଥିଲେ । ଲାଂଜୀ ଏକ ଶକ୍ତିଶାଳୀ ରାଜ୍ୟ ଥିଲା । ତା ଅଧୀନରେ କବର୍ଦ୍ଧା ରତନପୁର, ବଲଉଦ୍, ସିରପୁର, ବାରସୂର, କୋରାଇ, ଖଟୋଲା, ମକଡ଼ଇ, ଅମୂରାକୋଟ,ଗଡ଼ ଧନୋରା, ଧମଧା ଆଦି ପ୍ରଗନା ଥିଲା । ସେତେବେଳେ ଲାଂଜୀର ଦକ୍ଷିଣ ଭାଗରେ ରତନପୁର ରାଜାମାନଙ୍କ ସାମ୍ରାଜ୍ୟ ବିସ୍ତାରିତ ହେବାରୁ ଯଦୁରାୟଙ୍କ ଜନ୍ମସ୍ଥାନ ସେହଲ ଗାଁଓ ମଧ୍ୟ ତାଙ୍କ ଅଧୀନକୁ ଚାଲିଗଲା । ସେଥିଲାଗି ସେ ଲାଂଜୀରାଜାଙ୍କ ଠାରୁ ସେବାନିବୃତ୍ତ ହୋଇ ରତନପୁର ରାଜାଙ୍କ ପାଖକୁ ଚାଲିଯାଇ ନିଜ ଯୋଗ୍ୟତାବଳରେ ସେନାପତି ହୋଇଗଲେ ।

ଦିନେ ସେ ରାଜା ରତନଦେବଙ୍କ ସହ ଶୀକାର କରିବାକୁ ଅମରକଣ୍ଟକ ଜଂଗଲରେ ନର୍ମଦା ନଦୀ କୂଳକୁ ଗଲେ । ଦିନସାରା ଶୀକାର କରି ରାତିରେ ଯେତେବେଳେ ରାଜା ବିଶ୍ରାମ କରିବାକୁ ନିଜ ତମ୍ବୁକୁ ଗଲେ ; ସେତେବେଳେ ଯଦୁରାୟ ରାତିରେ ତମ୍ବୁବାହାରେ ପହରା ଦେବାକୁ ଲାଗିଲେ । ଘୋର ଜଙ୍ଗଲ ହୋଇଥିବା ଯୋଗୁଁ ସେ ଅଂଚଳରେ ଜଂଗଲୀ ପଶୁ ବହୁ ସଂଖ୍ୟାରେ ଥିଲେ । ରାତି ଅଧରେ ପହରା ଦେଲାବେଳେ ସେ କିଛି ଜଂଗଲୀ ଜନ୍ତୁଙ୍କ ଦୌଡ଼ିବା ଶବ୍ଦ ଶୁଣିପାରିଲେ । ସ୍ୱାମୀ ଭକ୍ତ ଯଦୁରାୟ ସାବଧାନ ହୋଇଗଲେ । ଖଣ୍ଡେ ଦୂରରୁ ସେ ଦେଖିଲେ ଯେ ଦଳେ ହାତୀ ଦୌଡ଼ି ଦୌଡ଼ି ସେଇ ଆଡ଼କୁ ଆସୁଥିବାର ଦେଖାଗଲା । ଯେଉଁ ହାତୀ ପଛରେ ଥିଲା ତା ପିଠିରେ ଏକ ସିଂହ ବସିଥିଲା ।

ହାତୀଙ୍କ ସହ ସିଂହକୁ ଦେଖି ଯଦୁରାୟଙ୍କୁ ଆଶ୍ଚର୍ଯ୍ୟ ବୋଧହେଲା । ଧନୁଶରରେ ସିଂହର ଶିକାର କରିବାକୁ ଇଚ୍ଛା ହେଲା । କିନ୍ତୁ ରାଜାଙ୍କୁ ତମ୍ବୁରେ ଏକୁଟିଆ ଛାଡ଼ିଯିବାକୁ ଯଦୁରାୟଙ୍କୁ ଠିକ୍ ଲାଗିଲା ନାହିଁ । କେବଳ ଗୋଟିଏ ସିଂହ ଭୟରେ ଦଳେହାତୀ ପଳାଉଥିଲେ ଓ ଯଦୁରାୟ ମୁକଦର୍ଶକ ସାଜି ଦେଖୁଥିଲେ । ଠିକ୍ ଏହି ସମୟରେ ହାତୀମାନଙ୍କ ପଛରେ ତିନିଜଣ ଯୁବକ ଧନୁଶର ଧରି ଆସୁଥିଲେ । ଯଦୁରାୟଙ୍କୁ ଦେଖି ସେମାନେ ତାଙ୍କ ପାଖକୁ ଆସିଲେ । ସେମାନଙ୍କ ମଧ୍ୟରୁ ଯିଏ ମୁଖ୍ୟଥିଲେ ସେ ଯଦୁରାୟଙ୍କୁ ହାତୀ ମାନଙ୍କ ବିଷୟରେ ପଚାରିଲେ । ଯଦୁରାୟ ନିଜ ଆଖିରେ ଦେଖିଥିବା ଦୃଶ୍ୟ ସେମାନଂକୁ କହିଲେ । ଠିକ୍ ସୂଚନା ଦେଇଥିବା ହେତୁ ଦଳମୁଖ୍ୟ ନିଜର ଧନୁଶର ଯଦୁରାୟଙ୍କୁ ଉପହାର ଦେଲେ ଓ ହାତୀଙ୍କ ପଛରେ ଚାଲିଗଲେ । ନିଜ ସ୍ଥାନରେ ଛିଡ଼ାହୋଇ ଯଦୁରାୟ ସେଇ ଧନୁଶରକୁ ଦେଖିବାକୁ ଲାଗିଲେ । ଠିକ୍ ଏତିକି ବେଳକୁ ତାଙ୍କର ପହରା ଦେବା ସମୟ ଶେଷ ହେଲା । ସେ ନିଜ ତମ୍ବୁକୁ ବିଶ୍ରାମ କରିବାକୁ ଚାଲିଗଲେ ।

ଶୀଘ୍ର ତାଙ୍କୁ ନିଦ ଆସିଗଲା । ଶୋଇଥିବା ବେଳେ ସ୍ୱପ୍ନରେ ଗୋଁଡ଼୍ ମାନଙ୍କର ଶକ୍ତି ଦେବତା ଭୀମାଲପେନ୍ ତାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ ହେ ଯଦୁରାୟ ! ପହରା ଦେବାବେଳେ ତମେ ଦେଖିଲ ଗୋଟିଏ ସିଂହ ଡ଼ରରେ ଦଳେହାତୀ ପଳାୟନ କରୁଥିଲେ । ଏହା ଗାଦୀରେ ବସିଥିବା ରାଜା କିଭଳି ରାଜ୍ୟ ଶାସନ କରନ୍ତି ତାର ପ୍ରତୀକ । ଜଂଗଲ ପଶୁମାନଙ୍କ ଭିତରେ ସିଂହ ଯେପରି ଗାଦୀରେ ବସିଥିବା ରାଜାଭଳି ଶାସନ କରେ, ଠିକ୍ ମଣିଷ ସମାଜରେ ଗାଦୀରେ ବସିଥିବା ରାଜାଙ୍କ ଶାସନ ହୋଇଥାଏ । ତୁମ ପାଖରେ ଯୋଗ୍ୟତା ଅଛି, ତୁମେ ମଧ୍ୟ ନିଜରାଜ୍ୟ ସ୍ଥାପନ କରିସିଂହ ଭଳି ରାଜ୍ୟଶାସନ କରିପାରିବ । ହାତୀ ଦଳର ପଛରେ ଆସିଥିବା ଯେଉଁ ତିନି ଯୁବକ ତୁମକୁ ଉପହାର ସ୍ୱରୂପ ଧନୁଶର ଦେଲେ ସେମାନେ ଆଉ କେହି ନୁହନ୍ତି ସେମାନେ ବାସ୍ତବରେ ବୁଢ଼ାଦେବ,ଠାକୁରଦେବ ଓ ଲିଂଗ ଦେବ ଥିଲେ । ସେମାନେ ତୁମକୁ ଧନୁଶର ରୂପରେ ନିଜର ଶକ୍ତି ପ୍ରଦର୍ଶନ କରିବାର ବରଦାନ ଦେଇଗଲେ । ଏ ଧନୁଶର ଦ୍ୱାରା ତୁମର ନିଜର ରାଜ୍ୟର ଉଦୟ ହେବ । ତୁମେ ଏବେ ଏ ଚାକିରୀ ଛାଡ଼ି ନାମ ନଗର ଚାଲିଯାଅ । ସେଠାରେ ନର୍ମଦାନଦୀ କୂଳରେ ତୁମର ସାକ୍ଷାତ ସର୍ଯୋମ ପାଟାଲୀର ସହ ହେବ ।

ସେ ତୁମକୁ ଠିକବାଟ ଦେଖାଇବେ । ଏହା କହି ଭୀମାଲ ପେନ୍ ଅନ୍ତର୍ଦ୍ଧାନ ହୋଇଗଲେ ଓ ଯଦୁରାୟଙ୍କ ସ୍ୱପ୍ନ ଭୋର ପୂର୍ବରୁ ଭାଂଗିଗଲା ।

ସ୍ୱପ୍ନ ଭାଂଗିଯିବାରୁ ସେ ବିଛଣାଛାଡ଼ି ଉଠିଲେ । ଧନୁଶରକୁ ଦେଖିବା ମାତ୍ରେ ତାଙ୍କ ଦେହରେ ଅଜଣା ଶକ୍ତି ସଂଚାରିତ ହେଲା । ସେ ତୁରନ୍ତ ଧନୁଶର ଧରି ରାଜା ରତନ ଦେବଙ୍କ ଶିବିରକୁ ଗଲେ ଓ ସମ୍ମାନର ସହ ଭେଟକଲେ । ତାଙ୍କଠାରୁ ଶେଷ ବିଦାୟ ନେଇ ସେଠାରୁ ହାତୀପୁରା ନାମନଗର ଉଦ୍ଦେଶ୍ୟରେ ନିଜଘୋଡ଼ାରେ ବାହାରିଗଲେ ।

ନାମନଗର ର ନର୍ମଦା କୂଳରେ ପହଞ୍ଚି ସେ ସୂର୍ଯ୍ୟୋମ ପାଟାଲୀର ସହ ସାକ୍ଷାତ କଲେ । ତାଙ୍କ ନିର୍ଦ୍ଦେଶରେ ସେ ଗଡ଼ମଣ୍ଡଲାର ନାଗଗୋଁଡ଼ ଚିହ୍ନଧାରୀ ରାଜା ନାଗଦେବଙ୍କ କନ୍ୟା ରତ୍ନାବଳୀ ସ୍ୱୟଂବରରେ ଭାଗନେଲେ । ସେଥିରେ ତାଙ୍କୁ ସଫଳତା ମିଳିଲା । ରାଜକୁମାରୀ ରତ୍ନାବଳୀ ତାଙ୍କୁ ବରମାଳା ପିନ୍ଧାଇଲେ । ବିବାହ ବନ୍ଧନରେ ଅବଦ୍ଧ ହୋଇ ସେ ନିଜର ଶ୍ୱଶୁର ର ମୃତ୍ୟୁ ପରେ ଗଡ଼ମଣ୍ଡଲାର ଗାଦୀରେ ଅଭିଷିକ୍ତ ହୋଇରାଜା ହେଲେ ।

ମଣ୍ଡଲାଜିଲ୍ଲାରେ ପ୍ରାଚୀନ ସ୍ମୃତି ସ୍ୱରୂପ ମଣ୍ଡଲାରେ ନର୍ମଦାନଦୀ କୂଳରେ ମହାରାଜା ନାଗଦେବଙ୍କ ପ୍ରାଚୀନ ଦୁର୍ଗର ଅବଶେଷ ଉପରେ ଆଉ ଏକ ଦୁର୍ଗ ପରବର୍ତ୍ତି ରାଜାମାନେ ନିର୍ମାଣ କଲେ । ପ୍ରାଚୀନ ଓ ନୂତନ ଦୁଇଦୁର୍ଗର ଅବଶେଷ ଏବେ ସେଠାରେ ଅଛି ।

୧. **ଭୀମକୁଣ୍ଡ** - ମଣ୍ଡଲାଜିଲ୍ଲାର ଡ଼ିଣ୍ଡୋରୀ ତହସିଲ ଭୀମକୁଣ୍ଡ ନାମରେ ଏକ ଗ୍ରାମ ଅଛି । ଯେଉଁଠାରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଭୀମାଲପେନ୍ (ଦେବତା)ଙ୍କ ଆସ୍ଥାନ ଅଛି । ପ୍ରାଚୀନ କାଳରେ ବୈହର ଲାଂଜି ପ୍ରଗଣାର ମୋହଘାଟା ଗ୍ରାମରେ ଭୂରା ଭଗତଙ୍କ ପରିବାରରେ ଏଭଳି ଜଣେ ମହାନ ଶକ୍ତିଶାଳୀ ଏବଂ ତନ୍ଦରୀ ଯୋଗର ଅଧିଷ୍ଠାତା ଭୀମାଲ ପେନଙ୍କ ଜନ୍ମ ହୋଇଥିଲା । ଯିଏ ନିଜ ଜୀବନ କାଳରେ ସଂପୂର୍ଣ୍ଣ ଗୋଁଡ଼ୱାନାର ପ୍ରଗଣା ମାନଙ୍କୁ ଯାଇ କୋୟାବଂଶୀୟ ଗୋଁଡ଼ଜୀବ ମାନଙ୍କର ସେବା କରିଥିଲେ । ଗୋଁଡ଼ୀ ପୁନେମ୍ (ଗୋଁଡ଼ୀଧର୍ମ)ର ଗୁରୁ ହୋ' ସମସ୍ତଙ୍କୁ ଜୀବବାଦୀ ଜୀବନ ମାର୍ଗର ଶିକ୍ଷାପ୍ରଦାନ

କରିଥିଲେ । ଏଥିପାଇଁ ଗୋଁଡ଼ୱାନାର ପ୍ରତିଗ୍ରାମରେ ଭୀମାଲପେନଙ୍କ ଆସ୍ଥାନ ଅଛି । ଏମିତି ଏକ ଇତିହାସ ପ୍ରସିଦ୍ଧ ଗ୍ରାମ ଏହି ଡ଼ିଣ୍ଡୋରୀ ତହସିଲର ଭୀମକୁଣ୍ଡ ଗ୍ରାମ । ଏହି ଆସ୍ଥାନ ନର୍ମଦା ନଦୀ କୂଳରେ ଅଛି ଓ ଏଠାରେ ଭୀମାଲପେନ ର ପାଦୁକା ଅଛି । ଏହାର ଦର୍ଶନ ଲାଗି ସେ ଅଂଚଳର କୋୟା ବଂଶୀୟ ଗୋଁଡ଼ସଂପ୍ରଦାୟର ଗୋଣ୍ଡଜୀବ ମାନେ ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣିମା ଦିନ ବହୁ ସଂଖ୍ୟାରେ ସେଠାକୁ ଆସନ୍ତି ଓ ସେଠାରେ ଏକ ବଡ଼ ମେଳା ଅନୁଷ୍ଠିତ ହୁଏ ।

୨. **ଦେବଗାଓଁ** - ବୁଢ଼ାଦେଇ ଓ ନର୍ମଦା ନଦୀ ଦ୍ୱୟର ସଂଗମ ସ୍ଥଳରେ ଦେବଗାଁଓ ଅବସ୍ଥିତ । ଯାହା ଡ଼ିଣ୍ଡୋରୀ ମଣ୍ଡଳା ରାସ୍ତାରେ ପଡ଼େ । ସେଠାରେ ଏକ ପୁରୁଣା ସଂଭୁଗବରାଙ୍କ ପିଣ୍ଡି ଅଛି । ଏହାକୁ ଗୋଁଡ଼ୀପୁନେମ ବା ଗୋଣ୍ଡୀ ଧର୍ମର କୋୟା ଲିଂଗୋ ମୁଠ୍ୱା ବା ଧର୍ମଗୁରୁ ସ୍ଥାପନ କରିଥିଲା । ଦେଓଗାଓଁ ଅଂଚଳରେ ସ୍ଥାନେ ସ୍ଥାନେ ପରସାପେନଙ୍କ ଆସ୍ଥାନ ଅଛି । ଯାହାକୁ ବ୍ରାହ୍ମଣ୍ୟ ଚିନ୍ତା ଧାରାରେ ଭୂଲକ୍ରମେ ପରଶୁରାମଙ୍କ ଫର୍ସା ରଖିବାରେ ସ୍ଥାନ ବୋଲି ବିବେକଚା କରାଯାଉଛି । ବାସ୍ତବରେ ସେ ଗୁଡ଼ିକ ପରସାପେନଙ୍କ ଆସ୍ଥାନ । ଦେବଗାଓଁ ଗଡ଼ମଣ୍ଡଳାର ମହାରାଣୀଙ୍କର ସତାବନ ପ୍ରଗଣା ମଧ୍ୟରୁ ଅନ୍ୟତମ । ଏକଥା ଆବୁଲଫାଜଲ ମଧ୍ୟ ସ୍ୱୀକାର କରିଛନ୍ତି । ଦେବଗାଓଁ ପାଖରେ ଏକ ସିଂଗାରଦ୍ୱିପ ସ୍ଥାନ ଅଛି ; ଆଜିକାଲି ଏହାକୁ ସିଂଗାରପୁର କୁହାଯାଉଛି ।

୩. **କପିଲଧାରା** - ଏହା ନର୍ମଦା ନଦୀର ଧାରା । ଏହା ବର୍ତ୍ତମାନ କପିଲାଧାର କୁହାଯାଛି । ଏହାର ପ୍ରାଚୀନ ନାମ "କୋୟାପିଲାଧାର" । କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟ ଆଜି ବି ଏହାକୁ କୋୟାପିଲାଧାର କହନ୍ତି । କୋୟାପିଲା ଧାରା ରେ ନର୍ମଦା ପ୍ରାୟ ୭୦ ଫୁଟ ଉପରୁ ତଳକୁ ପଡୁଛି । କୋୟାପିଲା ଧାରା ସଂପର୍କରେ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବଙ୍କର ଯେଉଁ ପୌରାଣିକ କାହାଣି ଅଛି ; ତଦନୁସାରେ (ନର+ମାଦା) ଏହା ସେମାନଙ୍କର ଆଦି ପିତା ମାତା ଶକ୍ତିଙ୍କ ପ୍ରତୀକ ଅଟେ । ଯାର ଉତ୍ପତ୍ତି ଅମୁରକୋଟ ବା (କେବେ ବୁଡ଼ି ଯାଉନଥିବା ପର୍ବତ) ଅମରକଣ୍ଟକ ର କୋୟବଂଶର ସମାବେଶ (ଭୀଡ଼ି)ରୁ ହୋଇଛି । ଏଠାରୁ ଆଦି ପିତୃ ଶକ୍ତି ଓ ମାତୃଶକ୍ତି ନରମାଦା ନିଜ କୋଳରୁ ଜନ୍ମିତ ସନ୍ତାନଙ୍କର ପ୍ରବାହକୁ ସଂଗରେ ଧରି ସିଂଗାରଦୀପ ଆଡ଼କୁ ପ୍ରବାହିତ ହୋଇଛି ।

ପ୍ରାଚୀନ କାଳରେ କୋୟାସୁରୀ ଦ୍ୱୀପ (କୋୟା ସଂତତିଙ୍କ ଦ୍ୱୀପ) ରେ ମହାପ୍ରଳୟ ହେଲା । ଯଦ୍ୱାରା ସମଗ୍ର ଧରା ପୃଷ୍ଠ ଜଳମଗ୍ନ ହେଲା, ଅମରକଣ୍ଟକ ଏକମାତ୍ର ଶିଖର ଯାହା ଜଳସ୍ତର ର ଉପରେ ଥିଲା । ସେଠାରେ ଫରାପେନ୍ ସଇଲାଂଗରା (ଆଦି ପିତାମାତା) ଗୋଟିଏ କଇଁଛ ଓ କୁଆ ସହିତ ଜୀବିତ ଥିଲେ । ଅବଶିଷ୍ଟ ପୃଥିବୀ ଜଳମଗ୍ନ ହୋଇଯିବାରୁ ସେଠାରେ ଫରାପେନ ସଇଲାଂଗରା ଦୁଇଟି ସନ୍ତାନ କୁ ଜନ୍ମ ଦେଲେ । ତନ୍ମଧ୍ୟରୁ ଗୋଟିଏ କନ୍ୟା ଆଂଦୀ ସୁକମାପେରୀ ଓ ଗୋଟିଏ ପୁତ୍ର ଆଂଦୀ ରାବେନ୍ ପେରିୟୋର ଥିଲେ ।

ସନ୍ତାନ ଦୁହେଁ ବଡ଼ ହେବା ଠାରେ ସେମାନଙ୍କ ପିତା ସେମାନଙ୍କୁ ସିଙ୍ଗାର ଦ୍ୱୀପ ଅନ୍ୱେଷଣରେ ଯିବାକୁ କହିଲେ । ସେଠାରେ ଯାଇ ନିଜର ବଂଶ ବିସ୍ତାର କରିବାକୁ ନିର୍ଦ୍ଦେଶ ଦେଲେ । ନିଜ ପିତା ମାତାଙ୍କ ନିର୍ଦ୍ଦେଶରେ ସେମାନେ ସିଂଗାରଦ୍ୱିପ ଖୋଜିବାକୁ ନିଜର ସାଥୀ କଇଁଛ ଓ କୁଆକୁ ପଠାଇଲେ । କଇଁଛ ଜଳପଥରେ ଓ କୁଆ ଆକାଶପଥରେ ସିଂଗାର ପୁର ଦ୍ୱୀପ ଖୋଜିପାଇଲେ । କିନ୍ତୁ ସେଠାକୁ କି ଉପାୟରେ ଯିବେ । ସେମାନଙ୍କ ପାଖରେ କଇଁଛ ହିଁ ଏକମାତ୍ର ଉପାୟ ଥିଲା, ତା ଉପରେ ବସି କେବଳ ସେମାନେ ପାରି ହୋଇ ପାରିବେ । ଏଭଳି ପରିସ୍ଥିତିରେ ଫରାପେନ ସଲ୍ଲାଙ୍ଗରା ନିଜର ଦୁଇ ସନ୍ତାନକୁ କଇଁଛ ଉପରେ ଚଢ଼ିବାକୁ କହିଲେ । କଇଁଛ ଅଳ୍ପଦୂର ପହଁରିଯାଇ ବହୁତ ଥକିଗଲା । ପିଲା ଦୁହେଁ ଡ଼ରିଗଲେ । ସେମାନେ ହାତ ଯୋଡ଼ି ଜଳଦେବତାଙ୍କୁ ପ୍ରାର୍ଥନା କଲେ ଯେ ସେମାନଙ୍କୁ ସିଂଗାରଦୀପ ଯାଏଁ ପହଞ୍ଚିବାରେ ସହାୟତା କରନ୍ତୁ । ଜଳଦେବତା ପିଲାଦୁହିଁଙ୍କର ପ୍ରାର୍ଥନା ସ୍ୱୀକାର କଲେ ଓ ଅଚାନକ ପୃଥିବୀ ଗର୍ଭରେ ବଡ଼ କମ୍ପନ ସୃଷ୍ଟି ହେଲା ; ଦେଖୁ ଦେଖୁ ଅମରକଣ୍ଟକର ଶିଖର ଉପରକୁ ଉଠିଗଲା, ଚାରିପାଖରେ ଥିବା ଜଳ ତୀବ୍ରଗତିରେ ନିମ୍ନ ଆଡ଼କୁ ବହି ଚାଲିଲା ସେ ପ୍ରବାହରେ କଇଁଛଟି ପିଲା ଦୁହିଁଙ୍କୁ ନେଇ ଭାସିଚାଲିଲା । ଏହି ପରି ଦୁହେଁ କଇଁଛ ଉପରେ ବସି ସିଂଗାର ଦ୍ୱିପ ପର୍ଯ୍ୟନ୍ତ ପହଞ୍ଚିଗଲେ । ଅମୁରକୋଟ ବା ଅମରକଣ୍ଟକ ଠାରୁ ଯେଉଁ ଧାରା ଦୁଇପିଲାଙ୍କୁ ନେଇ ପ୍ରବାହିତ ହେଲା ସେଇ ଧାରାକୁ ନରମାଦା ନଦୀର କୋୟାପିଲା ଧାରା ଅର୍ଥାତ୍ କୋୟାପିଲାଙ୍କ ପ୍ରବାହ କୁହାଗଲା ।

ବହୁ ଦିନ ପର୍ଯ୍ୟନ୍ତ ଅମୁରକୋଟର ଜଳ ପ୍ରବାହିତ ହୋଇ ଯେତେବେଳେ ପୁରାମାତ୍ରାରେ ଭୂପୃଷ୍ଠ ଶୁଖିଗଲା, ସେତେବେଳେ ସିଂଗାର ଦ୍ୱିପରୁ ଆଂଦୀ ରାବେନ ପେରୀୟୋର ଓ ଆଂଦୀ ସୁକମା ପେରୀ ନିଜର ପିତାମାତାଙ୍କୁ ଖୋଜିବାକୁ ଚେଷ୍ଟା କଲେ । ସେମାନେ ଅମୁରକୋଟ ଗଲେ କିନ୍ତୁ ସେଠାରେ ସେମାନେ ନଥିଲେ । ଯେଉଁ ଶିଖରରେ ସେମାନଙ୍କର ଘରଥିଲା ସେଠରୁ ଏକ ଜଳସ୍ରୋତ ଉତ୍ପନ୍ନ ହୋଇ ପ୍ରବାହିତ ହେଉ ଥିବାର ସେମାନେ ଦେଖିଲେ । ତାକୁ ସେମାନେ ନିଜର ପିତା ମାତାଙ୍କ ଶକ୍ତିର ପ୍ରବାହ ଅର୍ଥାତ୍ ଜନ୍ମଦାତ୍ରୀ ଆଦି ନର ନାରୀ ଶକ୍ତି ବା ପ୍ରବାହ ବୋଲି ନରମାଦାଢ଼ୋଡ଼ା ନାମରେ ସଂବୋଧିତ କଲେ । ଯେଉଁଠାରୁ ସେଇ ଜଳଧାରା ବାହାରିଛି ସେଇ ସ୍ଥାନକୁ କୋୟା ବଂଶ ଭିତୀ କହିଲେ । ଏହି ଧାରା ନରମାଦା ଶକ୍ତିର ଧାରା, ଯେଉଁପ୍ରବାହରେ ବହିଯାଇ ସିଂଗାର ଦ୍ୱିପ ପର୍ଯ୍ୟନ୍ତ ପହଞ୍ଚିଲେ ତାକୁ କୋୟାପିଲା ଧାର କହିଲେ । ବ୍ରହ୍ମଣ୍ୟ ବିଚାର ଧାରାରେ ଏହାକୁ କପିଳରଷିଙ୍କ ଧାରା କୁହାଗଲା ମାତ୍ର ଏହାର କୌଣସି ଐତିହାସିକ ଆଧାର ନାହିଁ । ମାତ୍ର ସେମାନେ ଅମୂରକୋଟକୁ ଅମରକଣ୍ଟକ, କୋୟାବଂଶ ଭୀଡ଼ିକୁ ବାଂଶଭୀଡ଼ା, ନରମଦା ନଦୀକୁ ରେବାନଦୀ ଓ କୋୟାପିଲା ଧାରାକୁ କପିଲଧାରା କହିବା ଆରମ୍ଭ କଲେ । ପ୍ରକୃତକଥା ହେଲା ଏହି ନର୍ମଦା ନଦୀ କୂଳର ଘାଟିରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଣ୍ଡଜୀବମାନେ ଅନାଦୀକାଳରୁ ରହି ଆସୁଥିଲେ ।

୪. **କିକରଝିରା** - ମଣ୍ଡଲା ଜିଲ୍ଲାର ଡ଼ିଣ୍ଡୋରୀ ତହସିଲ ଠାରୁ ୨୫ କି.ମି. ଦୂରରେ ଦକ୍ଷିଣକୁ କିକରଝିରା ଗ୍ରାମ ଅବସ୍ଥିତ । ଏହି କିକରଝିରାକୁ ସୁରଗଡ଼ ମଧ୍ୟ କହନ୍ତି । ଗୋଁଡ଼ୀ ଗାଥା ଅନୁସାରେ ଗଡ଼ମଣ୍ଡଳାର ନାଗଗଣ୍ଡଚିହ୍ନ ଧାରୀ ସୂହତଲାଲସିଂହ ନାମକ ଗୋଁଡ଼ରାଜାଙ୍କ ରାଜଧାନୀ ଏଠାରେ ଥରଲା । ଯାହାଙ୍କର ଅଠରଜଣ ବଂଶଧର ଏଠାରେ ଶାସନ କରିଥରଲେ । କିକରଝିରା ର ଅର୍ଥ କିକରୀର ସାତସୂର କା ଝିରା ବା ସ୍ଥଳ । ରାଜା ସୁହନାଲ ସିଂହ କିକରୀର ସାତ ସୂରରେ ନିଜର ଗୋଣ୍ଡଶକ୍ତି ନାଗକୁ ପ୍ରସନ୍ନ କରାଇଥିଲେ ଓ ତାଙ୍କ ଆଶୀର୍ବାଦରୁ ନିଜର ରାଜସତ୍ୱ ସ୍ଥାପନ କରି ପାରିଥିଲେ । ଏଥିପାଇଁ ସେ ନଗରୀକୁ ଗୋଁଡ଼ ସମ୍ପ୍ରଦାୟର ଲୋକେ କିକର ଝିରୀ ଅର୍ଥାତ୍ କିକରୀ ବଜାଉଥିବା ରାଜାଙ୍କ ସ୍ଥାନ

ମଧ୍ୟ କୁହାଯାଏ । ଏଠାକାର ଜଂଗଲରେ ଅତି ବିସ୍ତୃତ ପୁରୁଣା ନଗରୀର ଧ୍ୱଂସାବଶେଷ ରହିଛି ।

୫. **କାଂସଖେଡ଼ା** - ମଣ୍ଡଲାପାଖରେ ଅଂଜନୀୟା ଗାଁ କଡ଼ରେ କାଂସଖେଡ଼ା ଗ୍ରାମ ଅବସ୍ଥିତ । କାଂସଖେଡ଼ାର ପାହାଡ଼ରେ ଗୋଁଡ଼ରାଜା ମାନଙ୍କର ରାଜନଗରୀର ଧ୍ୱଂସାବଶେଷ ଅଛି । ଏହା ଖନନ କଲେ ପ୍ରାଚୀନ ଗୋଁଡ଼ୀ ସଭ୍ୟତାର ଧ୍ୱଂସାବଶେଷ ମିଳିପାରନ୍ତା ।

୬. **କିସଲପୁରୀ** - ଡ଼ିଣ୍ଡୋରୀ ରୁ ୨୦ କି.ମି. ପଶ୍ଚିମରେ ଗଡ଼ ମଣ୍ଡଲା ରାବେଣ (ନୀଲକଣ୍ଠ) ଚିହ୍ନ ଧାରୀ କିସନା ଦେବ ରାଜାଙ୍କ ଶାସନକାଳରେ ନିର୍ମିତ ପୁରାତନ ଦୁର୍ଗ ଅଛି । ଦୁର୍ଗର ଭଗ୍ନାବଶେଷ ଓ ପୁରାତନ ମୂର୍ତ୍ତି ଠାକୁର ଦେବଙ୍କ କୂଟୀର ପାଖରେ ଅଛି । ଯାହାକି ଅତି ପ୍ରାଚୀନ ଅଟେ । ହାତୀ ମାନଙ୍କର ଧାଡ଼ି ସେଠାକାର ମନ୍ଦିରରେ ପୁରୁଷେ ଉଚ୍ଚର ପଥର ଦେହରେ ସୂକ୍ଷ୍ମ କାରୁକାର୍ଯ୍ୟ କରାଯାଉଛି । ସେଠାରୁ ଗୋଁଡ଼୍ ରାଜାମାନଙ୍କର ସ୍ୱର୍ଣ୍ଣମୁଦ୍ରା ମଧ୍ୟ ଲୋକଙ୍କୁ ମିଳିଛି ।

୭. **କୁକୁର୍ରା ମଠ** - ଏହା ଡ଼ିଣ୍ଡୋରୀରେ ସ୍ଥାପିତ ହୋଇଛି । ଏହାକୁ ଗଡ଼ମଣ୍ଡଲାର ଗୋଁଡ଼ ରାଜା ମାନେ ନିଜର ପୂର୍ବ ପୁରୁଷ ମାନଙ୍କ ସ୍ମୃତିରେ ତିଆରି କରିଥରଲେ । କୁକୁର୍ରା ମଠର ଅର୍ଥ ପୂର୍ବପୁରୁଷଙ୍କ ମଠ ବା ମନ୍ଦିର । ଗୋଁଡ଼ୀ ଭାଷାରେ କୁକୁ ଅର୍ଥାତ୍ ପୂର୍ବପୁରୁଷ ଓ ରା ଏହା ବହୁବଚନରେ ବିଭକ୍ତିର ରପ 'ର' ବା 'ଙ୍କର' ହୋଇଥାଏ । ଏଣୁ କୁକୁରା ମଠ ମାନେ ପୂର୍ବପୁରୁଷଙ୍କ ମଠ ବୋଲି ଗୋଁଡ଼ୀ ଭାଷାରେ ଏହାର ଅର୍ଥ । ଗଡ଼ ମଣ୍ଡଲାର ବହୁ ସ୍ଥାନରେ ସଂଭୁ ଗବରା ପିଣ୍ଡର ମନ୍ଦିର ଅଛି । ଯେଉଁ କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗଣ୍ଡଜୀବ ମାନଙ୍କର କୁକୁ ବା କୋକୁ ଥରଲେ । କିଛି ଐତିହାସିକ ମାନେ ଏହି ମଠଗୁଡ଼ିକର ନିର୍ମାଣ କାର୍ଯ୍ୟ ତ୍ରିପୁରୀ ବା ତେବର ର ଶାସନ କରୁଥିବା କଟଚୁରୀ ବା କଲଚୁରୀ ରାଜା ମାନଙ୍କର ବୋଲି ମାନନ୍ତି କିନ୍ତୁ କଟଚୁରୀ ମାନେ ନିଜେ ସେଇ ଗଣ୍ଡଚିହ୍ନ ଧାରୀ କୋୟା ବଂଶୀୟ ଗୋଣ୍ଡ ସଂପ୍ରଦାୟର ଗୋଁଡ଼ଜୀବ ଥିଲେ କାହିଁକିନା ସେମାନେ ସଂଭୁଗବରାଙ୍କ ଉପାସକ ଥିଲେ ଓ ଜୀବବାଦୀ ଜୀବନ ମାର୍ଗରେ ଚାଲିବା ଶିଖିଥିଲେ । କୋକୁରା ବା କୁକୁର୍ରା ମଠରେ ସଂଭୁ ମହାଦେବଙ୍କ ଲିଂଗ ସ୍ଥାପନ କରିଥିଲେ ।

୮. **କିରଙ୍ଗୀ** - କିରଙ୍ଗୀର ପ୍ରାଚୀନାମ ପରତାବଗଡ଼ ଥିଲା କରଞ୍ଜିୟା ଠାରୁ ଚାରି କି.ମି. ଦୂରରେ ଅବସ୍ଥିତ । ଏହା ଗଡ଼ମଣ୍ଡଲାର ମହାରାଜା ସଂଗ୍ରାମ ସାହଙ୍କ ବାବନ ଗଡ଼ ମଧ୍ୟରୁ ଅନ୍ୟତମ ଗଡ଼ ଥିଲା । ଏଠାକାର ପୁରୁଣା ମହଲ ତଥା ପ୍ରାଚୀନ ବସ୍ତୁ ମାଟିତଳେ ପୋତି ହୋଇ ରହିଛି । ଏଠାରୁ ଗୋଁଡ଼ ରାଜା ମାନଙ୍କର ତାମ୍ର ମୁଦ୍ରା ମିଳିଛି ।

୯. **ଗୋରଖପୁର** - ଗଡ଼ମଣ୍ଡଲାର ମହାରାଜା ସଂଗ୍ରାମ ସାହଙ୍କ ପିତା ଖୋରଖଦାସ ଙ୍କ ନାମରେ ଗୋରଖପୁର ବସାଯାଇଛି । ଏଠାରେ ଏହାଙ୍କ ଦ୍ୱାରା ନିର୍ମିତ ଏକ କୋକୁରାମଠ ଅଛି । ଏହା ଡ଼ିଣ୍ଡୋରୀ ଠାରୁ ୪୦ କି.ମି. ଦୂରରେ ଅବସ୍ଥିତ । ଏଠାରେ ପୋଖରୀ କୂଳରେ ଗୋଁଡ଼ରାଜା ମାନଙ୍କର ନିର୍ମାଣ କାର୍ଯ୍ୟର ଧ୍ୱଂସାବଶେଷ ଭଗ୍ନ ଅବସ୍ଥାରେ ଅଛି ।

୧୦. **ଘୁଘରା** - ମଣ୍ଡଳାର ୯ କି.ମି. ପୂର୍ବ ଦିଗରେ ଥିବା ଏହି ଗ୍ରାମରେ ଖେରୋଦାଇ ଙ୍କର ଏକ ପୁରାତନ ଆସ୍ଥାନ ଅଛି । ସେଠାରେ ଖେରୋଦାଇଙ୍କର ପୁରୁଷେଉଢର ପ୍ରତିମୂର୍ତ୍ତି ଅଛି । ଏହାଙ୍କର ମୁକୁଟ କାରୁକାର୍ଯ୍ୟ ବିମଣ୍ଡିତ । ଏହାଙ୍କ ଚାରିପାଖରେ ଆୟାତାକାର ପଥର ପୋତା ଯାଇଛି । ଘୁଘରାର ଏହି ଶିଳାଖଣ୍ଡ ଆନୁମାନିକ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ହୋଇଥାଇ ପାରେ । ଏତେ ସବୁ ଶିଳାଖଣ୍ଡ ଗୋଁଡ଼ୱାନା ସଭ୍ୟତାର ପ୍ରାଚୀନତାର କଥା କହୁଛି ।

୧୧. **ଚନ୍ଦ୍ରଗଡ଼** - ଡ଼ିଣ୍ଡୋରୀ ଠାରୁ ୧୨ କି.ମି. ଦୂରରେ ପାହାଡ଼ ଉପରେ ଏକ ଦୁର୍ଗ ଅଛି । ଯାହାକୁ ଗଡ଼ମଣ୍ଡଲାର ମହାରାଜା ଚନ୍ଦ୍ରସାହୀ ନିର୍ମାଣ କରିଥିଲେ । ସେଠାରେ ଦୁର୍ଗ ଓ ଭଗ୍ନ ମନ୍ଦିରର ଅବଶେଷ ରହିଛି ।

୧୨. **ଚୌଗାନ୍** - ମଣ୍ଡଲାରୁ ୨୫ କି.ମି. ଦୂରରେ ଥିବା ନାମନଗର (ରାମନଗର) ପାଖରେ ଗୋଟେ ଚୌଗାନ ଅଛି । ସେଠାରେ ହିରଦେସାହଙ୍କ ନିର୍ମିତ ହୱାମହଲ ଅଛି । ଚୌଗାନ ଠାରେ ଦେବୀଙ୍କ ଆସ୍ଥାନ ଅଛି କିନ୍ତୁ ମୂର୍ତ୍ତିନାହିଁ । ସେଠାରେ ନବରାତ୍ରୀ ସମୟରେ ମେଳା ବସେ ଚୌଗାନରେ ଲୁହାର ନିଶୁଣି ପ୍ରାୟ ୨୫ ଫୁଟ ଉଚ୍ଚ । ସେଠାରେ ଏକ ଲୁହାର ଶିକୁଳୀ ଅଛି । ଏହି ଶିକୁଳୀକୁ ଛୁଇଁବା ମାତ୍ରେ ରୋଗୀ ରୋଗମୁକ୍ତ ହୁଏ ବୋଲି ବିଶ୍ୱାସ ଅଛି ।

୧୩. **ଝଲପୁର** - ନୈନପୁର ଠାରୁ ୨୫ କି.ମି. ଦୂରରେ ଏହି ଗ୍ରାମରେ ଏକ ତାରାଗଡ଼ ନାମକ ଦୁର୍ଗ ଅଛି । ଯାହାକୁ ଗଡ଼ମଣ୍ଡଲାର ଗୋଁଡ଼ରାଜା ମାନେ ନିର୍ମାଣ କରିଥିରଲେ । ସେଠାରେ କାରୁକାର୍ଯ୍ୟ ସଂବଳିତ ପଥରର ଗଦା ଅଛି । ସେଠାରେ ଅଜନ୍ତା ପରି କାରୁକାର୍ଯ୍ୟ ଯୁକ୍ତ ବହୁତ ମୂର୍ତ୍ତୀ ଅଛି । ପ୍ରତ୍ନତତ୍ତ୍ୱ ବିଦ୍ ମାନଙ୍କୁ ଏଠାରୁ ଅନେକ ଧ୍ୱଂସାବଶେଷ ମିଳିଛି ।

୧୪. **ଲିଂଗୋଗଡ଼** - ନିଂଗୋଗଡ଼କୁ କୋୟାବଂଶୀୟ ଗୋଁଡ଼ ସମୁଦାୟ ଲିଂଗୋଗଡ଼ କହନ୍ତି । ସେମାନଙ୍କ ମତରେ ଏଠାରେ ଗୋଣ୍ଡିପୁନେମ (ଗୋଣ୍ଡି ଧର୍ମଦର୍ଶନର) ଧର୍ମଗୁରୁ ପାହାନ୍ଦୀ ପାରୀ କୁପାରୀ ଲିଂଗୋ ଏହି ଗଡ଼ରେ ତପ ସାଧନା କରିଥିରଲେ । ତାଙ୍କ ନାମାନୁସାରେ ଏହି ଗଡ଼କୁ ଲିଂଗୋଗଡ଼ କୁହାଯାଏ । ଲିଂଗୋଗଡ଼ ନିମ୍ନଭାଗରେ ନର୍ମଦା ନଦୀ ପ୍ରବାହିତ ହେଉଛି । ଗଡ଼ମଣ୍ଡଲାର ରାଜା ଜୟସିଂହ ଏଇଗଡ଼କୁ ଆସି ପୂଜା ଆରାଧନା କରୁଥିଲେ । ସେ ଏଠାକୁ ଆସି ଯେଉଁ ସ୍ଥାନରେ ରହୁଥିରଲେ ତାକୁ ଜଗତପୁର କହାଯାଉଥିଲା । ଏହା ଲିଂଗୋଗଡ଼ର ନିକଟରେ ଅଛି । ଲିଂଗୋଗଡ଼ ଯିବାକୁ ହେଲେ କରଞ୍ଜିଆ ଯିବାକୁ ହୁଏ ; ସେଠାରୁ ଲିଂଗୋଗଡ଼ ୧୦ କି.ମି. ଦୂର ।

୧୫. **ବଂଜର ନଦୀ** - ଏହା ମଣ୍ଡଲା ନିକଟରେ ନର୍ମଦା ସହ ମିଶିଛି । ବଂଜର ନଦୀ ଛୁଇଖଣିର ଗଂଡ଼ଇ ଜମିଦାରୀରୁ ବାହାରି ବାଲାଘାଟ ଜିଲ୍ଲା ଦେଇ ମଣ୍ଡଲା ର ସୋନୋ ରୂପୋ ଘାଟିରେ କହ୍ନାର ନଦୀକୁ ନିଜସହ ମିଶାଇ ସେ ସୁବର୍ଣ୍ଣକଣିକା ଦେଇ ପ୍ରବାହିତ ହୁଏ । ବଂଜର ନଦୀରୁ ଏବେ ମଧ ସୁବର୍ଣ୍ଣ କଣିକା ମିଳୁଛି । ଏହି ନଦୀ କୂଳରେ ସୋନଝରିଆ ନାମଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗଣ୍ଡଜୀବମାନେ ବାସକରନ୍ତି ।

୧୬. **ଭୀମାଲ ଡ଼ୋଂଗରୀ** - ଭୀମାଲ ଡ଼ୋଗଂରୀ ଭୀମଲାତ ପାଖରେ ଅବସ୍ଥିତ । କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ଦେବତା ଭୀମାଲ ଓ ତାଙ୍କର ଛଅଭାଇ ତଥା ପାଞ୍ଚ ଭଉଣୀଙ୍କ ବାସସ୍ଥାନ ଏଠାରେ ଥିଲା । ଗୋଁଡ଼ୀ ଗୋଣ୍ଡ ଗାଥା ଅନୁସାରେ ଭୀମାଲପେନ୍ ସାରା ଗୋଣ୍ଡୱାନା ସେମାନଙ୍କ ମନ୍ଦିର,ମହଲ ଓ ପୁଷ୍କରିଣୀ,କୂଅ ପ୍ରାଚୀର ଆଦିର ନିର୍ମାଣ କରିଥିଲେ । ଯାହାର ଭଗ୍ନାବଶେଷ ଆଜିମଧ ଏଠି ସେଠି ଦେଖିବାକୁ ମିଳେ । ଏହି ଜିନିଷକୁ ରାକ୍ଷସ

ମାନଙ୍କ ଦ୍ୱାରା ନିର୍ମିତ ବୋଲି କୁହାଯାଏ । ଭୀମ ଡ଼ୋଂଗରୀ ଠାରେ ବଡ଼ବଡ଼ କଟା ଯାଇଥିବା ପଥର ନିର୍ମିତ ମନ୍ଦିର ଅଛି ।

୧୭. **ମଣ୍ଡଲା** - ମଣ୍ଡଲା ଗୋଁଡ଼ୱାନାର ପ୍ରାଚୀନ ନଗର ଅଟେ । ଏହା ନର୍ମଦା ଓ ବଂଜର ନଦୀର ସଂଗମ କୂଳରେ ଅବସ୍ଥିତ । ଏହି ନଗରୀକୁ ନର୍ମଦା ତିନିଦିଗରୁ ଅର୍ଦ୍ଧବୃତ୍ତାକାର ଭାବେ ପ୍ରଦକ୍ଷିଣ କରୁଛି । ଏହା ଗୋଁଡ଼ୱାନାର ମୁଣ୍ଡାନା ବା କେନ୍ଦ୍ରସ୍ଥଳି କୁହାଯାଏ । ଏହି ମୁଣ୍ଡାନାରୁ ମଣ୍ଡଲା ରୂପାନ୍ତରିତ ହୋଇଛି । ଏହା ନାଗପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ସଦସ୍ୟ ବ୍ୟଙ୍କଟେଶ ଆତ୍ରାମଙ୍କ ମତ । କିନ୍ତୁ ଗୋଁଡ଼ୀ ଭାଷାରେ ମୁଣ୍ଡାନା ର ଅର୍ଥ ତ୍ରିବେଣୀସଂଗମ ମଧ୍ୟ କୁହାଯାଏ । ଏହି ମୁଣ୍ଡାନା ବା ମଣ୍ଡାନାରୁ ମଣ୍ଡଲା ରୂପାନ୍ତରିତ ହୋଇଛି । ଯାହା ତ୍ରିବେଣୀସଂଗମ ଠାରେ ଅବସ୍ଥିତ । ମଣ୍ଡଲାରେ ମହାକାଲୀ କଙ୍କାଲୀ ମନ୍ଦିର,ଖେରୋଦାଇଙ୍କ ଆସ୍ଥାନ,ଭୀମାଲଠାନା ଆଦି ପ୍ରାଚୀନସ୍ଥଳ ଅଛି । ଯେରୟା ବାଇକ୍ ଗୋଁଡ଼ ସଂପ୍ରଦାୟର ଜଳ କନ୍ୟାମାନେ ଥିଲେ । ଯେଉଁ ମାନେ ପୂରା ଗୋଁଡ଼ୱାନା ର ଜଳସ୍ରୋତର ଅଧ୍ୟୟନକରି କୂଅ ପୋଖରୀ ବନ୍ଧାଇ ଗୋଣ୍ଡ ଜୀବଙ୍କ ସେବା କରିଥିଲେ । ମଣ୍ଡଲାରେ ରାଜଘାଟ, ବଇଗାଘାଟ,ଗୋଣ୍ଡଘାଟ.ମତରୀଘାଟ, ରାଣୀଘାଟ ଆଦିଥିଲା ଯାହା ନଦୀ ସ୍ରୋତ ପରିବର୍ତ୍ତନ କରିବା ଫଳରେ ବାଲିରେ ପୋତି ହୋଇରହିଛି ।

୧୮. **ମଧୁପୁରୀ** - ମଣ୍ଡଲାରୁ ପାଖାପାଖି ୧୦ କି.ମି. ଗଲେ ଏହି ଗ୍ରାମ ପଡ଼େ । ଏହି ଗ୍ରାମକୁ ଗଡ଼ମଣ୍ଡଲାର ଗୋଁଡ଼ରାଜା ମଧୁକର ସାହି ବସାଇଥିଲେ । ଏଭଳି କଥିତ ଅଛି କିନ୍ତୁ ଏଠାରେ ଏତେ ପ୍ରାଚୀନ ଧ୍ୱଂସାବଶେଷ ଅଛିଯେ ଏହାଙ୍କ ପୂର୍ବରୁ ସେଠାରେ ଗୋଁଡ଼ରାଜାଙ୍କ ନିର୍ମାଣକାର୍ଯ୍ୟ ଯଥା ପୁଷ୍କରିଣୀ, ସଂଭୁମହାଦେବଙ୍କର ମନ୍ଦିର ବହୁ ପ୍ରାଚୀନ ଅଟେ ।

୧୯. **ମବଇ** - ବିଛିୟାରୁ ଆନୁମାନିକ ୫୦ କି.ମି. ଦୂରରେ ମବଇଗ୍ରାମ ଅବସ୍ଥିତ । ଏହି ଗ୍ରାମର ୧୦ କି.ମି. ବ୍ୟାସରେ ପାଖାପାଖି ୧୫୦ ପୋଖରୀ ଅଛି । ସେମାନଙ୍କ ନାମ ଜଲ ସାଗର,ନାରୀ ସାଗର, ହାତୀ ସାଗର, ଜମ ସାଗର, ଭୀମାଲ ସାଗର, ବୁଢ଼ା ସାଗର ଆଦି । ଏସବୁ କୌଣସି ଉପକାରରେ ଲାଗୁନାହିଁ । ସେଠାରେ ପ୍ରାଚୀନ କାଳର ଗୋଁଡ଼ରାଜା ମାନଙ୍କର ରାଜଧାନୀ ଅବଶ୍ୟ ଥିବ ।

ସେଠାରେ ଥିବା ପାହାଡ଼ର ଶିଖରରେ ଏକ ହୌଜ ନିର୍ମିତ ହୋଇଥିଲା । ଏହା ପାଖରେ ରାଜମହଲ,ଦୁର୍ଗ,କୂଅ ଓ ଗଡ଼ିଆର ପ୍ରାଚୀନ ଅବଶେଷ ଅଛି । ସେଠାରେ ବିଭିନ୍ନ ପ୍ରକାର ଗଢ଼ାଯାଇଥିବା ପ୍ରସ୍ତର ଖମ୍ଭ ଅଛି । ମବଈ ପାଖରେ ରମତିଲା,ବସନୀ,ହର୍ରାଟୋଲା,ଅମବାର ଆଦି ଗ୍ରାମରେ ପ୍ରାଚୀନ ଅବଶେଷ ରହିଛି ।

ସ୍ଥାନୀୟ ଲୋକମାନଙ୍କର ବିଶ୍ୱାସ ଯେ ମୁଁଡ଼ିଆ ଗଡ଼ରେ ଗୋଁଡ଼ରାଜା ମାନଙ୍କର ପ୍ରାଚୀନ ରାଜଧାନୀ ଥିଲା ଏହି ସ୍ଥାନରେ ସୂହନାଲ ସିଂହ ନାମକ ଗୋଁଡ଼ରାଜା ସୂରଗଢ଼ରୁ ନିଜ ରାଜଧାନୀ ସ୍ଥାନାନ୍ତରିତ କରିଥିଲେ । ଏଥିପାଇଁ ଏହାକୁ ମୁଁଡ଼ିଆ ଗଢ଼ କୁହାଯାଏ । ଏହି ମୁଣ୍ଡିଆ ଗଢ଼ ପରେ ଗଢ଼ମଣ୍ଡଲା ରେ ରାଜଧାନୀ ନିର୍ମାଣ କରାଗଲା । ସ୍ଥାନୀୟ ଲୋକଙ୍କ ଏକଥାରେ କେତେ ସତ୍ୟତା ଅଛି ଏକଥା ଏଠାକାର ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ କରା ଯିବାପରେ ଜଣାପଡ଼ିବ ।

୨୦. **ମାରୁଗଢ଼** - ଜବଲପୁର ଓ ମଣ୍ଡଲା ମଝିରେ ମାରୁଗଢ଼ ଅଛି । ମାରୁଗଢ଼ର ଦୁର୍ଗର ପ୍ରାଚୀର ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି । ଏହା ମହାରାଜା ସଂଗ୍ରାମ ସାହଙ୍କ ୫୨ ଗଢ଼ ମଧ୍ୟରୁ ଅନ୍ୟତମ । ଏଠାରେ କୁକରା ରାଜାଙ୍କ ନିବାସ ଥିଲା ଯାହା ସଂଗ୍ରାମ ସାହଙ୍କ ଅଧୀନରେ ଥିଲା ।

୨୧. **ହିରଦେନଗର** - ମଣ୍ଡଲାରୁ ୧୩ କି.ମି. ଦୂରରେ ଅବସ୍ଥିତ ହିରଦେନଗରକୁ ମଣ୍ଡଲାର ରାଜା ହିରଦେସାହ ବସାଇଥିଲେ । ଏ ନଗର ଶିଖରରେ ଅତି ପ୍ରାଚୀନ ଭଗ୍ନାବଶେଷ ରହିଛି । ସମ୍ଭବତଃ ମଣ୍ଡଲାକୁ ରାଜଧାନୀ କରିବା ପୂର୍ବରୁ ଏ ହିରଦେନଗରରେ ସେମାନଙ୍କ ପୂର୍ବପୁରୁଷ ମାନଙ୍କର ରାଜଧାନୀ ହୋଇଥାଇପାରେ ।

## ସରଗୁଜା ଜିଲ୍ଲା

ସରଗୁଜା ର ପ୍ରାଚୀନ ନାମ ସୁରଗୁଜା କୋଟ ଥିଲା । ଏଠାରେ ଅନାଦିକାଳରୁ ସୁର (ଭାଲୁ) ଓ ଗୁଜା (ହାତୀ) ଗୋଁଡ଼ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ସଂପ୍ରଦାୟର ଗୋଣ୍ଡଜୀବ ମାନଙ୍କର ବାସସ୍ଥାନ ରହିଆସିଛି । ଆଜି ମଧ୍ୟ ସରଗୁଜାରେ ସୂର ଓ ଗୁଜା ଗୋଣ୍ଡଚିହ୍ନ ଧାରୀ ଗୋଣ୍ଡ ସଂପ୍ରଦାୟର ଲୋକେ

ଅଧିକ ସଂଖ୍ୟାରେ ଅଛନ୍ତି । ସୁରୁଗୁଜା କୋଟ ଅଂଚଳରେ ଜନକପୁରା,ଚଙ୍ଗମକାସ,ରମକୋଲା,ଜସପୁର, କୋରୀୟା, ମେନପାଟ, ତପକସ, ରମକେଶ ସିମଡ଼େଗା, ଗୁମଲା ଆଦି ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ମାନଙ୍କୁ ପୁରାତନ ପ୍ରସ୍ତର ଯୁଗ, ପ୍ରସ୍ତରଯୁଗ ଓ ନୂତନ ପ୍ରସ୍ତରଯୁଗର ଗୋଁଡ଼ୀ ସଭ୍ୟତାର ଅବଶେଷ ମିଳିଛି । ସେଗୁଡ଼ିକ ପ୍ରମାଣ କରୁଛନ୍ତି ଯେ ପ୍ରାଚୀନ କାଳରୁହିଁ ଏଠାରେ ଆଦିଗୋଣ୍ଡଜୀବ ମାନଙ୍କର ବାସସ୍ଥାନ ଥିଲା । ସୁରୁଗୁଜା କୌଣସି ଗ୍ରାମ ବା ସ୍ଥାନର ନାମ ନୁହେଁ । ଏହା ସେହି ଅଂଚଳର ନାମ ଅଟେ । ଏଠାରେ ସୂର ଓ ଗୁଜା ଚିହ୍ନ ଧାରୀ ଗୋଣ୍ଡଜୀବ ମାନଙ୍କର ଗହଳି ଥିଲା ଓ ବେନଦାଈ (ବିନ୍ଧ୍ୟ)ର କୋଳରୁ ଜନ୍ମ ନେଇଥିବା କୋୟାବଂଶୀୟ ଗୋଣ୍ଡଜୀବ ହିଁ ଥିଲେ । ବେନଦାଈ ଆଚେଲ (ବେନୋଙ୍କ ମା ଙ୍କ ଆଚେଲ)ରେ ଜନ୍ମଗ୍ରହଣ କରି କୋୟା ମାରିୟୋଁ (କୋୟା ସଂତାନ)ଙ୍କ ପ୍ରତୀକ କୋଇମୂରୀ ବା କୈମୁରୀ ପାର୍ବତ୍ୟ କ୍ଷେତ୍ର ଆଜି ବି ସେଠାରେ ଅଛି । ସୁରଗୁଜା ରକୋୟାବଂଶୀୟ ଗୋଁଡ଼ ସଂପ୍ରଦାୟ ମଧ୍ୟରେ ଏକ ଲୋକଗୀତ ପ୍ରଚଳିତ ଅଛି ! "ସରଗୁଜା ଗାଜବ ଗୁଜା, ମାଟୀକର ଦେବୀ ପାହାଡ଼ ପୂଜା" ଏହାର ଅର୍ଥ ହେଲା - ସୁର ଓ ଗୁଜା ଗୋଁଡ଼ଚିହ୍ନ ଧାରୀ ଗୋଡ଼ଜୀବଙ୍କର ଏଠାରେ ସ୍ୱର ଶୁଭୁଛି । ଯେ ନିଜର ଜନ୍ମ ଦାତ୍ରୀ ଧରିତ୍ରୀ ର ପୂଜା ପାହାଡ଼ ଓ ପର୍ବତର ରୂପରେ ବେନଦାଈ ଅର୍ଥାତ୍ ବିନ୍ଧ୍ୟାଚଳ ପର୍ବତକୁ ହିଁ କରନ୍ତି । ସୁରଗୁଜା କ୍ଷେତ୍ର ର କୋୟା ବଂଶୀୟ ଗଣ୍ଡଜୀବ ମାନେ ନିଜର ଧରତୀ ମାତା ରୂପୀ ବେନଦାଈ ସ୍ଥାପନ କୁସ୍‌ସୀ ଗ୍ରାମରେ କରିଛନ୍ତି । ଯେଉଁଠାରେ ଦେବୀଙ୍କ ପ୍ରତିମା ନୁହେଁ ମାଟିର ଏକଗଦା ଭଳି ସ୍ଥାନ ଅଟେ ।

ସଂପୂର୍ଣ୍ଣ ସରଗୁଜା ଗୋଁଡ଼ୀ ବେନୋଁଙ୍କ ଦେବୀ ଦେବତା ମାନଙ୍କର, ସରଜା, ପେନକଡ଼ା ଆଦିରେ ବ୍ୟାପ୍ତ । ଡୁମରୀଡ଼ୀହ, ଦେବଟିକରା, ଟେଂଗୀନାଥ ତପମାଲା, ପିପରୋଲ, ପରତାଗଢ଼, ହର୍ରାଟୋଲା,ଚଲଗଲୀ,ରଜପୁର କୋଟ, ମାନେଂଦର ଗଢ଼ ରମଗଢ଼, ଚୀରମୀର, ଧନପୁର, କୁଦରଗଢ଼, ସାମରୀପାଠ, ରକମ୍‌ଗଂଡ଼ା, ଦୁନ୍ଧୀଗଢ଼ ଆଦି ଅନେକ ପ୍ରାଚୀନ ଧାର୍ମିକ ସ୍ଥଳ ଅଛି । ଯାହା ଅନେକ ଜୀବନ ମୂଲ୍ୟବୋଧ ସହ ଜଡ଼ିତ ଅଛି ।

ସୂରଗୁଜା ଜଙ୍ଗଲ,ପର୍ବତ ଓ ପାହାଡ଼ ଦ୍ୱାରା ଆଚ୍ଛାଦିତ ହୋଇଥିବାରୁ ବାହ୍ୟଆକ୍ରମଣରୁ ସର୍ବଦା ରକ୍ଷାପାଇ ଆସିଥିଲା । ସେଠାରେ ବିସ୍ତାରିତ ପାର୍ବତ୍ୟ ଶୃଙ୍ଖଳା ମଧ୍ୟରେ ରମଗଡ଼ମେଟ୍ଟା, ମେନପାଟମେଟ୍ଟା,ଜାରଙ୍ଗମେଟ୍ଟା,ପପରିଙ୍ଗ ମେଟ୍ଟା,ଗୋରାଖାଜୀ ମେଟ୍ଟା, କୁଦୁରଗଡ଼ ମେଟ୍ଟା ଆଦି ମୁଖ୍ୟ ଏମାନଙ୍କ ବ୍ୟତୀତ ମେନପାଟ,ସାମେରପାଟ, ଲସୁନ ପାଟ, ବନଗବା ପାଟ,ବୈଗାପାଟ ଆଦି ଉପତ୍ୟକା ରହିଛି ଯାହା ଘନଜଂଗଲରେ ପରିପୂର୍ଣ୍ଣ ।

ସୂରଗୁଜା ର ମୁଖ୍ୟ ନଦୀ ମାନଙ୍କ ଭିତରେ ରେଣ୍ଡ, କନହର ଓ ମାଂଦ ଅଛନ୍ତି । ଏସବୁ ନଦୀ ସୂରଗୁଜା,କୋରୀୟାରେ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱ ପର୍ଯ୍ୟନ୍ତ ପ୍ରବାହିତ । ଅନ୍ୟସବୁ ନଦୀ ଏହିତିନି ନଦୀର ଉପନଦୀ ଅଟନ୍ତି । ରେଣ୍ଡ ଏ ଜିଲ୍ଲାର ସବୁଠାରୁ ବଡ଼ନଦୀ । ଏହାକୁ ସୂରଗୁଜାର ଭାଗ୍ୟ ବିଧାତା କୁହାଯାଏ । ଏହି ନଦୀର ପୁରାତନ ନାମ ରେଣ୍ଡୁକୋୟାଥିଲା । ଏହାର ଅର୍ଥ ଦୁଇ କୋୟାବଂଶୀ (ସୂର ଓ ଗୁଜା) ଗୋଣ୍ଡ ଚିହ୍ନ ଧାରୀଙ୍କ ନଦୀ । ଏହି ନଦୀର ଉପନଦୀ ଧୁନଘୁଟା, ଗୋବରୀ, ମହାନ ଓ ମୋରଙ୍ଗ ଅଟନ୍ତି । ଏ ନଦୀର ଧାରା ରମକୋଲା ପାଖରେ ରକସଗଣ୍ଡା ପ୍ରପାତ ର ରୂପ ଧାରଣ କରିଛି । ଏହି ନଦୀ କୂଳରେ ରମଗଡ଼ ଓ ଦେବଗଡ଼ ଐତିହାସିକ ସ୍ଥାନ । ଏହି ନଦୀ ଆଗକୁ ଯାଇ ଅମରକଣ୍ଟକରୁ ବାହାରିଥିବା ସୋନଗୋଦା ନଦୀରେ ମିଶିଛି ।

କନହର ସୂରଗୁଜାର ଦ୍ୱିତୀୟ ବଡ଼ନଦୀ । ଏହା ଜସପୁର ଜିଲ୍ଲାର ଗୀଧାଟୋଢ଼ୀ ରୁ ବାହାରି ସୂରଗୁଜା ଓ ବିହାର ରାଜ୍ୟର ସୀମାରେ ଗତିକରି ମୀର୍ଜାପୁର ଜିଲ୍ଲାରେ ସୋନଗୋଦା ନଦୀରେ ମିଶିଛି । ଏହା ଜଂଗଲ ଓ ପାହାଡ଼ି ଇଲାକାରେ ପ୍ରବାହିତ ହୋଇଛି । ଶଙ୍କରଗଡ଼ରେ କୋଠଲୀ ଗାମ୍ ରେ ଏହା ଆନୁମାନିକ ୧୦୦ ଫୁଟ ଉଚ୍ଚରୁ ତଳକୁ ପଡୁଛି । ଏହି ଅଂଚଳରେ କୋୟାବଂଶୀୟ ଗୋଁଡ଼ସଂପ୍ରଦାୟର ଲୋକେ କନହର ରେଘରେଘା ବା ଆଖିକୁ ଜଳକା କରିଦେବା ଜଳପ୍ରପାତ କହନ୍ତି ।

ମାଂଦ୍ ନଦୀ ସରଗୁଜାର ତୃତୀୟ ନଦୀ ଯାହା ଗଢ଼ ପାହାଡ଼ କୋଳ ବା ମାଂଦରୁ ବାହାରି ପ୍ରବାହିତ ହେଉଛି । ଏହା ମହାନଦୀର ପ୍ରମୁଖ ଉପନଦୀ । ଏହି ନଦୀ କୂଳରେ ଅନେକ ଗୁମ୍ଫା ଅଛି ; ଯେଉଁଠାରେ ଅନାଦିକାଳରୁ କୋୟାବଂଶୀୟ

ଗୋଁଡ଼୍ ସଂପ୍ରଦାୟର ଗୋଣ୍ଡଜୀବ ମାନଙ୍କର ବସତି ଥିଲା । ସୂରଗୁଜାର ସମସ୍ତ ନଦୀ ପାହାଡ଼ି ଯାହା ବର୍ଷାଋତୁରେ ପ୍ରବଳ ବେଗରେ ବହିଥାନ୍ତି ।

ସୂରଗୁଜା ଜିଲ୍ଲା ଐତିହାସିକ ଦୃଷ୍ଟିକୋଣରୁ ମହତ୍ୱପୂର୍ଣ୍ଣ । ଏଠାରେ ଅନେକ ପ୍ରାଚୀନ ଗୁମ୍ଫା ପୁରାତନ ଦେବାଳୟ ଏବଂ ମୂର୍ତ୍ତି ଅଛି । ଗୁମ୍ଫାମାନଙ୍କରେ ଆଦି ଗୋଣ୍ଡଜୀବ ମାନଙ୍କ ଦ୍ୱାରା ଖୋଦିତ ଅନେକ ଭିତ୍ତିଚିତ୍ର ଅଛି । ଘଘରା ଗ୍ରାମ ପାଖରେ ଦୁଇଟି ନଦୀର ସଂଗମ ସ୍ଥାନରେ ଏକ ଶୀତଳାମଢ଼ୀ ଗମ୍ଫା ଅଛି । ଏଠି ସଂଭୁ ମହାଦେବଙ୍କ ମୂର୍ତ୍ତି ଅଛି । ମହାଶିବ ରାତ୍ରୀ ପର୍ବରେ ଏଠାରେ ମେଳ ଅନୁଷ୍ଠିତ ହୁଏ । କରଞ୍ଜିୟା ଗ୍ରାମ ପାଖରେ ଏକ ଶିତଳା ମଢ଼ୀ ଗୁମ୍ଫା ଅଛି । ଆର୍ଯ୍ୟ ବ୍ରାହ୍ମଣ ମାନେ ଏହାକୁ ସୀତାମଢ଼ି କହିବା ଆରମ୍ଭ କଲେ ।

୧. **ଦେବଗଢ଼** - ଦେବଗଢ଼ର ପ୍ରାଚୀନ ନାମ ପେନଟିକିରା ଥିଲା । ଏହି ପେନଟିକିରାର ନାମକରଣ ଦେବଗଢ଼ କରାଯାଇଛି । ପେନଟିକିରା ଗୋଁଡ଼ୀଶବ୍ଦ । ଯାର ଅର୍ଥ ଦେବଗଢ଼ । ଏହି ଗ୍ରାମର ବହୁ ପଥର ଖଣ୍ଡରେ ଦେବୀ ଦେବତା ମାନଙ୍କ ମୂର୍ତ୍ତି ଅଛି । ଏହା ରେଣ୍ଡ ନଦୀକୂଳରେ ଅବସ୍ଥିତ । ଏଠାରେ ପାଞ୍ଚଖଣ୍ଡ ପୃଥ୍ୱୀର ରାଜା ସଂଭୁମହାଦେବଙ୍କ ବାସସ୍ଥଳୀ । ଏଠାରେ ସଂଭୁଗବରାଙ୍କ ପ୍ରତୀକର ସ୍ଥାପନା ବହୁସଂଖ୍ୟାରେ  କରାଯାଇଛି । ଏ ସମସ୍ତ ଅବଶେଷ ନାଗ ଗୋଁଡ଼୍‌ଚିହ୍ନ ଧାରୀ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜା ମାନଙ୍କ ଦ୍ୱାରା ନିର୍ମିତ । ଏହା ବହୁ ପ୍ରାଚୀନ ।

୨. **ଡ଼ୀପାଡ଼ୀହ** - ସାମରୀ ତହସିଲର ଡ଼ୀପାଡ଼ୀହ ଗ୍ରାମରେ ପ୍ରାଚୀନ ଗଡ଼,ଦୁର୍ଗ,ମନ୍ଦିର ଆଦିର ଭଗ୍ନାବଶେଷ ଓ ପୋଖରୀ ରହିଛି । ପ୍ରାଚୀନ କାଳରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ମହାରାଜ ସାମରୀ ସିଂହଙ୍କ ରାଜ୍ୟଥିଲା । ତାଙ୍କ ଉପରେ ସରଗୁଜାର ବିଷ୍ଣୁପ୍ରତାପ ସିଂହ ଆକ୍ରମଣ କଲେ, ଯୁଦ୍ଧରେ ସାମରୀ ସିଂହଙ୍କ ମୃତ୍ୟୁହେଲା ଓ ତାଙ୍କର ସାତରାଣୀ ପୋଖରୀକୁ ଡ଼େଇଁ ଆତ୍ମହତ୍ୟା କଲେ । ଡ଼ୀପାଡ଼ୀହ ପାଖରେ ମନ୍ଦିର ଓ ପୋଖରୀର ଅବଶେଷ ଅଛି । ପୋଖରୀ କୂଳରେ ଅନେକ ଦେବୀ ଦେବତାଙ୍କ ମୂର୍ତ୍ତି ଅଛି,  ଯାହା ଭାରାଶିବ ନାଗ ରାଜାଙ୍କ କାଳରେ ନିର୍ମିତ ହୋଇଥିଲା । ସେଠାକାର ପାହାଡ଼ରେ ଖନନ କରାଯାଇ ୪୦ଟି ଗୁମ୍ଫାର

ସନ୍ଧାନ ମିଳିଛି । ଏଥିରେ ବେଶୀ ସଂଭୁମହାଦେବଙ୍କ ମୂର୍ତ୍ତି ଅଛି , ଏସବୁ ରତନପୁରର କୋୟା ବଂଶୀୟ କଟଚୁରୀ ଗୋଁଡ଼ଚିହ୍ନ ଧାରୀ ରାଜାମାନଙ୍କ ଦ୍ୱାରା ନିର୍ମିତ । କଟଚୁରୀ ଗୋଣ୍ଡଚିହ୍ନ ଧାରୀ ରାଜା ବ୍ରାହ୍ମଣ୍ୟ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିବା ଯୋଗୁଁ ନିଜରାଜ୍ୟରେ ବ୍ରାହ୍ମଣମାନଙ୍କୁ ଆଶ୍ରୟ ପ୍ରଦାନ କରିଥିଲେ । ଡ଼ୀପାଡ଼ୀହର ସମ୍ଭୁମହାଦେବଙ୍କ ମନ୍ଦିର ବେସର ଶୈଳୀରେ ନିର୍ମିତ ହୋଇଛି, ଯାହା ଗୋଡ଼ୱାନା ଶୈଳୀ ଅଟେ ।

୩. **କୁଦରଗଢ଼** - କୁଦରଗଢରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ସଗାବେନ ମାନଙ୍କର ଜନ୍ମଦାତ୍ରୀ ଶକ୍ତି ବେନଦାଇଙ୍କ ଆସ୍ଥାନ ଅଛି । କୁଦରଗଢ ସୂରଜପୁର ତହସିଲରେ ଅଛି । କୁଦରଗଢର ପୁରୁଣା ନାମ କୋଦାଇଗଢ଼ ଥିଲା, ଏହାର ଅର୍ଥ କୋୟା ବଂଶୀୟ ମାନଙ୍କ ମାତା ଅଟେ । କୋୟା ବଂଶୀୟ ଗୋଁଡ଼ସଂପ୍ରଦାୟର ଉଁଦୀବେନ୍, ରଣ୍ଡବେନ୍, ସଂଦ୍‌ବେନ୍,ପାରଣ୍ଡବେନ୍, ସୈବେନ୍, ସାର୍ବେନ, ଯେର୍ବେନ, ଅରବେନ୍, ନରବେନ, ପଦବେନ, ପାରୁଁଦବେନ୍, ପାରଣ୍ଡବେନ୍ ଏଭଳି ମୋଟ ୧୨ ସଗା ଭାଇ ଅଟନ୍ତି । ଏହି ସଗାବେନ ମାନଙ୍କର ଦାଇ କୋଦାଇ ଅଟେ । ଏଣୁ ତାକୁ ବେନଦାଇ କୁହାଯାଏ । ଏବେ କିଛି ଲୋକ ତାକୁ ପ୍ରକୃତି ମାତା ତ କିଛି ଭଗବତୀ ମାତା କହୁଛନ୍ତି ।

କୁଦରଗଢ ପର୍ବତ ଉପରେ ପ୍ରାୟ ଦଇ କି.ମି. ଉପରକୁ ଚଢିଲେ କୋଦାଇ ବା ବେନଦାଇଙ୍କ ଆସ୍ଥାନ ଅଛି । ଏ ଆସ୍ଥାନରେ କିଛି ପ୍ରତିମା ନାହିଁ । ସେଠାକାର ପ୍ରକୃତିହିଁ ପ୍ରତିମା ରୂପେ ଆବିଭୂତ । ଅନାଦି କାଳରୁ ଆଜି ପର୍ଯ୍ୟନ୍ତ ସେଦେବୀଙ୍କ ପୂଜାରୀ କୋୟାବଂଶୀୟ ଗୋଁଡ଼ସଂପ୍ରଦାୟର ପୂଜାହାରୀ ଦ୍ୱାରା ହୋଇଆସୁଛି । ପ୍ରାଚୀନ କାଳରେ ଦେବୀଙ୍କ ଆସ୍ଥାନ ପାହାଡ଼ର ଶିଖରରେ ଥିଲା । ଯାହା ସମୁଦ୍ର ପତନରୁ ପ୍ରାୟ ୪ ହଜାର ଫୁଟ ଉଚ୍ଚ । ସେଠାକୁ ଚଢ଼ିବା ମୃତ୍ୟୁକୁ ନିମନ୍ତ୍ରଣ କରିବା ସହ ସମାନ ଥିଲା । ଏଥିପାଇଁ ଦେବୀ ନିଜର ଭକ୍ତଙ୍କୁ ଦର୍ଶନ ଦେବା ଲାଗି ପାହାଡ଼ ତଳେ ପ୍ରକଟିତ ହୋଇଛନ୍ତି ।

୪. **ମହାମାୟା** - କେବଳ ସୂରଗୁଜା ନୁହେଁଶ ବରଂ ସମଗ୍ର ଗୋଣ୍ଡୱାନାରେ ମହାମାୟାଙ୍କ ଉପାସନା କରାଯାଏ । ମାତ୍ର ସୂରଗୁଜା ର ମୁସୁମୀ ରେ ବିରାଜିତ ମହାମାୟାଙ୍କ ଯେଉଁ ଆସ୍ଥାନ ଅଛି ସେଠାକାର ଲୋକକଥା ଅନୁସାରେ "ସୂରଗୁଜା

ଗାଜବ ଗୁଜା ମାଟୀକର ଦେବୀ ପାହାଡ଼ ପୂଜାକୁ” ସାର୍ଥକ କରିବା ଅନୁରୂପ ଅଟେ । ଏଠାରେ ଦେବୀଙ୍କ ସ୍ଥାନରେ କେଉଁଠାରେ କୌଣସି ପ୍ରତିମା ନାହିଁ ; ପୁରୁଣା ଉଈଙ୍କ ଏକ ଉଚ୍ଚ ହୁଙ୍କା ଯାହାକୁ ଗୋଁଡ଼ୀ ଭାଷାରେ ପୁତ୍ତୀ କୁହାଯାଏ । ଏହି ପୂତ୍ତୀକୁ ମାହାମାୟାଙ୍କର ପ୍ରତିମା ଭାବେ ବିଶ୍ୱାସ କରି ପ୍ରତିବର୍ଷ ଆଶ୍ୱୀନ ଦଶମୀ ତିଥିରେ ପୂଜା କରାଯାଏ ଯାହା ଗ୍ରାମର ପୂଜକ କରେ ।

ସୂରଗୁଜାର ଏହି ମହାମାୟା ଆଉ କେହିନୁହନ୍ତି ବରଂ ପ୍ରଥମ ସଂଭୁମହାଦେବଙ୍କ ଅର୍ଦ୍ଧାଙ୍ଗିନୀ ମୂରାଦାଈ (ମହାଦାଈ,ମାଦାଈ) ଅଟନ୍ତି । ଏସଂପର୍କରେ ସୂରଗୁଜାର ଗୋଁଡ଼ ସଂପ୍ରଦାୟରେ ଏକ କିମ୍ବଦନ୍ତୀ ଅଛିଯେ ପ୍ରାଚୀନ କାଳରେ ପେନକମେଢ଼ୀର ସଂଭୁ ମାଦାବ କୋସାଡୁମଙ୍କ ଦର୍ଶନ ନିମନ୍ତେ ସୂରଗଢ କୋଟର ମୂରାଦାଈ ତାଙ୍କ ଆସ୍ଥାନକୁ ଗଲେ । କିନ୍ତୁ ସଂଭୁମାଦାବ ନିଜର ବୃଷଭରେ ଚଢି ସିଂଗାର ଦ୍ୱିପ ଦର୍ଶନ କରିବାକୁ ବାହାରିଗଲେ । ସବୁ ସ୍ଥାନରେ ତାଙ୍କୁ ଖୋଜି ଖୋଜି ମୂରାଦାଈ ତାଙ୍କୁ ପାଇଲେ ନାହିଁ । ତେଣୁ ସେ ସଂଭୁ ମାଦାବଙ୍କୁ ଖୋଜିବା ଛାଡ଼ି ଗୋଟିଏ ସ୍ଥାନରେ ବସିଗଲେ ଓ ନାଗ ଡୁଆର କୋଟର ନାଗ ଦେବତାଙ୍କୁ ସ୍ମରଣ କରି ତାଙ୍କୁ ପାଖକୁ ଡ଼ାକିଲେ ; କହିଲେ ଯେ ତୁମେ ସିରଡ଼ୀ ସିଂଗାର ଦ୍ୱିପ ଭ୍ରମଣ କରି ସଂଭୁମାଦବଙ୍କୁ ଖୋଜି ମୋତେ କୁହ ଯେ ସେ କେଉଁଠି ଅଛନ୍ତି । ନାଗ ଦେବତା ତାଙ୍କୁ ପରାମର୍ଶ ଦେଲେ ଯେ ସେ ଏମିତି ଏକ ସ୍ଥାନରେ ଲୁଚିକରି ବସନ୍ତୁ ଯଦ୍ୱାରା ସଂଭୁମାଦାବ ନିଜେ ବ୍ୟସ୍ତ ହେବେ ଯେ ତାଙ୍କୁ ପୂଜାର୍ଚ୍ଚନା କରୁଥିବା ମୂରାଦାଈ (ମହାମାୟା) କୁଆଡ଼େ ଗଲେ । ନାଗ ଦେବତାଙ୍କ ପରାମର୍ଶ କ୍ରମେ ମୁରାଦାଈ ପୃଥିବୀ ଗର୍ଭରେ ଲୁଚିଗଲେ, ତାହା ପୃଥିବୀର ଗର୍ଭ ଅର୍ଥାତ୍ ଉଈଙ୍କର ଘର ଯାହାକୁ ପୁତ୍ତୀ ବା ହୁଙ୍କା କୁହାଯାଏ ।

ନାଗଦେବତା ବୃଷଭ ବାହନଙ୍କୁ ଖୋଜି ବାକୁ ପାହାଡ଼ ପର୍ବତ,ଗୁମ୍ଫାକୁ ଦେଖିଲେ । ଏଣେ ମୂରାଦାଈ (ମହାମାୟା) ପୃଥିବୀ ଗର୍ଭରେ ଲୁଚିଯିବା କାରଣରୁ ଭୂପୃଷ୍ଠରେ ଜୀବଜଗତରେ ରୋଗ ବେମାରୀ ବ୍ୟାପିଗଲା । ଗାଁ ଗଣ୍ଡାରେ ମନ୍ଦିର ମାନଙ୍କରେ ରହୁଥିବା ସଂଭୁମହାଦେବଙ୍କ ଅନୁଚର ଗଣଙ୍କ ମଧ୍ୟରେ ରୋଗବେମାରୀ ଯୋଗୁଁ ହାହାକାର ପଡ଼ିଗଲା । ଗଛ ଲତା,ତୃଣ ମଧ୍ୟ ଶୁଖିବାକୁ ଲାଗିଲା । ଏ ପରିସ୍ଥିତି ଦେଖି ସବୁ ଦେବୀ ଦେବତା ଯଥା - ନାଗଦେବ, ସୀଡ଼ୀପେନ୍,

କୋଡ଼ୋପେନ୍, ଦଇତୁରପେନ୍, ପୁଲ୍ଲୀପେନ.. ୟେରପେନ୍,ବଡ଼ୀପେନ, ଅଦ୍ଦିପେନ,ଚୀଡ଼ିପେନ୍ ଆଦି ବ୍ୟସ୍ତ ହୋଇପଡ଼ିଲେ, ସେଇ ସବୁ ଦେବତା ନାଗ ଦେବତାଙ୍କ ସହମିଶି ସଂଭୂମାଦାବଙ୍କ ଗୁମ୍ଫାକୁ ଗଲେ ଏବଂ ମୂରାଦାଈ (ମହାମାୟାଙ୍କ) ଦର୍ଶନ ଦେବାକୁ କହିଲେ, ପ୍ରାର୍ଥନା କଲେ । କିନ୍ତୁ ସଂଭୁମାଦାବ ରାଜି ହେଲେ ନାହିଁ । ଶେଷରେ ସବୁ ଦେବଗଣ ସଂଭୁମାଦାବଙ୍କୁ ନାଗଫାଶରେ ବାନ୍ଧି ଭୂପୃଷ୍ଠର ସେଇ ସ୍ଥାନକୁ ଆଣିଲେ ଯେଉଁ ଠାରେ ମୂରାଦାଈ ଲୁଚିଥିଲେ । ସଂଭୁ ମାଦାବଙ୍କ ଆସିବା ଦେଖି ମୂରାଦାଈ ହୁଙ୍କାରୁ ବାହାରି ଆସିଲେ ଓ ପୃଥିବୀରେ ବ୍ୟାପିଥିବା ସବୁ ବେମାରୀ ଭଲ ହୋଇଗଲା । ଏହି ପରି ସଂଭୁ ମାଦାବଙ୍କୁ ଦର୍ଶନ କରିବା ପରେ ମୂରାଦାଇଙ୍କ ରାଗ ଶାନ୍ତ ହୋଇପଡ଼ିଲା । ସେଇ ମହାମାୟା ଶକ୍ତିଙ୍କୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଣ୍ଡଜୀବ ମାନେ ସବୁଗ୍ରାମରେ ଶୀତଲାମାଈ,ମାତାଦାଈ,ଖେରୋଦାଈ,ମୂରାଦାଈ, ମରୀଦାଈ ରୂପରେ ପୂଜା କରନ୍ତି । ପୂଜା ସ୍ଥଳରେ କୌଣସି ମୂର୍ତ୍ତୀ ନଥାଏ ଏକ ତ୍ରିଶୂଳ ପୋତା ହୋଇଥାଏ ।

୫. **ରମଗଢ** – ରମଗଢ ଅର୍ଥାତ୍ ଚପସାଧନାର ଗଢ ବା ଭୂମି ଯେଉଁଠାରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ସପ୍ତମ କ୍ରମାଙ୍କର ଦେବଗଣ ମୁଠ୍ୱାଲିଂଗୋ (ଗୁରୁ) ସାଧନା କରିଥିଲେ । ସେହି ଦେବଗଣ ମୁଠ୍ୱାଲିଂଗୋଙ୍କ ସାଧନାଭୂମି ଏ ରମଗଢରେ ଥିଲା । ଏମିତି ତ ଏଠାରେ ଗୋଁଡ଼ ସଂପ୍ରଦାୟର ସବୁ ଦେବତା ମାନଙ୍କର ନିବାସ ସ୍ଥଳ ମାତ୍ର ଗୁରୁ ସମସ୍ତଙ୍କର ପୂଜ୍ୟ ଅଟନ୍ତି । ପାର୍ବତ୍ୟ କ୍ଷେତ୍ର ତିନି ଭାଗ୍ୟରେ ବିଭାଜିତ ହୋଇଛି । ତିନି ସ୍ତରକୁ ଅତିକ୍ରମ କରି ଶିଖର ଉପରେ ପହଞ୍ଚିଲେ ସେଠାରେ ଗୁରୁଙ୍କ ପ୍ରାଚୀନ ତପଭୂମିର ଅବଶୋଷ ଦେଖିବାକୁ ମିଳେ । ଅନାଦିକାଳରୁ ଏଇଗଢର ଦେବୀଦେବତାଙ୍କ ପୂଜାରୀ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ପୂଜକ ଅଟେ । ତାଙ୍କର ବଂଶଧର ଏବେ ମଧ୍ୟ ଡୁମରୀଡ଼ୀହରେ ଅଛନ୍ତି ।

ଗହୀର ଗୁରୁଗୁମ୍ଫାରୁ ପର୍ବତର ତୀଖ ଉଠାଣି ଆରମ୍ଭ ହୁଏ । ରାସ୍ତା ବହୁ କଠିନ । ଗୋଟିଏ ପଥରରୁ ଆଉ ଏକ ପଥରକୁ ଆଶ୍ରାକରି ପ୍ରାୟ ଦୁଇ କି.ମି. ଚଢିବା ପରେ ଶିଖର ପହୁଁଚିବାକୁ ହୁଏ । ସେଠାରେ ପାର୍ବତ୍ୟ ଜଳର ଏକ ସ୍ରୋତ ଅଛି ଏବଂ ଗୋଟିଏ କୁଣ୍ଡ ତିଆରି ହୋଇଛି । ସେଇ ସ୍ଥାନରେ ଗୋଁଡ଼ୀ ସଗା

ଠାକୁରମାନଙ୍କର ମାତା କଲୀକଙ୍କାଲୀଙ୍କ ପ୍ରତିମା ଅଛି । ପର୍ବତ ଶିଖରରେ ମୁଣ୍ଡାଲି ପେନ୍‌ଙ୍କ ଆସ୍ଥାନ ଅଛି । ଯାହା ଆଧୁନିକ ଅଟେ । ଶିଖରରୁ ପଶ୍ଚିମ ଦିଗରେ ଆଉଏକ ଗୁମ୍ଫା ଅଛି ସେଠାକୁ ବହୁକଷ୍ଟରେ ପହଞ୍ଚିହେବ । ଗୁମ୍ଫା ଅତ୍ୟନ୍ତ ରମଣୀୟ ପର୍ବତ ଅନ୍ୟପାଖରେ ପାକାପାଖୀ ୧ କି.ମି. ଦୂରରେ ଦେବଗଣ ଗୁରୁଙ୍କର ଏକ ଖଣ୍ଡିତ ପ୍ରତିମା ଅଛି । ଏହାକୁ ଆର୍ଯ୍ୟବ୍ରାହ୍ମଣ ଲୋକେ ବଶିଷ୍ଟ ଗୁମ୍ଫା ନାମ ଦେଇଛନ୍ତି ମାତ୍ର ଏହା ଦେବଗଣ ଗୁରୁଙ୍କ ଗୁମ୍ଫା ।

ଆଗକୁ ପର୍ବତର ପାହାଚ ପାହାଚ ଚଢିବାକୁ ପଡ଼େ । ପାଖାପାଖି ଏକ କି.ମି. ଚଢିବାପରେ ପର୍ବତ ସର୍ବଶେଷ ଶିଖର ପହଂଚେ । ସେଠାରେ ବିଷ୍ଣୁ,ବ୍ରହ୍ମାଣୀ,ଗରୁଡ଼ ଦେବ ଓ ରାମସୀତା ଏବଂ ଲକ୍ଷ୍ମଣଙ୍କ ମୂର୍ତ୍ତି ଅଛି । ଏସବୁ ପରବର୍ତ୍ତୀ କାଳରେ ତପସ୍ୟା କରୁଥିବା ସାଧୁମାନଙ୍କ ଦ୍ୱାରା ସ୍ଥାପିତ ହୋଇଛି । ଏଇ ସାଧୁମାନେ ପ୍ରାଚୀନରମଗଢ ଅର୍ଥାତ୍ ତପୋଭୂମି କୁ ରାମଗଢ କହିବା ଆରମ୍ଭ କଲେ । ଯଦ୍ୱାରା ଆର୍ଯ୍ୟରାଜା ରାମଙ୍କୁ ସେଠାରେ ସ୍ଥାପିତ କରାଯାଇ ପାରିବ । ସେଠାରୁ ଆଗରେ ଏକ ଯୋଗୀ ମାଡ଼ା ଗୁମ୍ଫା ଅଛି । ସେଠାରେ ମାନଚିତ୍ର ଅଙ୍କିତ ହୋଇଛି । ୧୯୪୧ ମସିହାଯାଏଁ ସେଠାରେ ରାମ ସୀତା,ଲକ୍ଷ୍ମଣ,ହନୁମାନ ଆଦିଙ୍କ ମୂର୍ତ୍ତି ନଥିଲା । ଯାହାକୁ ପଛରେ ବ୍ରାହ୍ମଣ୍ୟ ଧର୍ମୀ ମାନେ ସ୍ଥାପନ କରିଛନ୍ତି । ଏକଥା ଯୋଗେଶ୍ୱର ପାଣ୍ଡେୟଜୀ ତାଙ୍କର "ସରଗୁଜା ତପୋଭୂମି" ପୁସ୍ତିକାରେ ଉଲ୍ଲେଖ କରିଛନ୍ତି । ଏହାପରେ ଏଠାରେ ପର୍ଶୁରାମ,କାଳୀଦାସ ରାମଚନ୍ଦ୍ରଙ୍କ ବନବାସ ଆଦି ଘଟଣା ସହ ସଂପର୍କିତ ବୋଲି ପ୍ରୟାସ କରାଯାଇଛି । ଯାହା ବ୍ରାହ୍ମଣ୍ୟ ଧର୍ମର କୂଟନୈତିକ ଚକ୍ରାନ୍ତ । ଏଠାରେ ସ୍ଥାପିତ ବିଷ୍ଣୁମୂର୍ତ୍ତି କଟଚୂରୀ କାଳୀନ ଏହାପୂର୍ବରୁ ନୁହେଁ । ରାମଗଢ କୁ ରାମଗଢ କହି ଏହାର ସମ୍ବନ୍ଧ ରାମାୟଣ ମହାଭାରତ ଓ ପୁରାଣର କାଳ୍ପନିକ ଘଟଣାସହ ଯୋଡ଼ିଥାନ୍ତି । ତେବେ ସେଠାକାର ପୂଜାରୀ ବୈଗାମାନେ ହୋଇନଥାନ୍ତେ । ଏସବୁ ମୂର୍ତ୍ତି କଟଚୁରୀ କାଳେ ପୂର୍ବର ହୋଇ ପାରିବ ନାହିଁ ବୋଲି ଯୋଗେଶ୍ୱର ପାଣ୍ଡେୟ ମତ ଦେଇଛନ୍ତି ।

ରମଗଢ ପର୍ବତ ସଂପର୍କରେ ସ୍ଥାନୀୟ ଲୋକଙ୍କମତ ଯେ ଏହାର ସୃଷ୍ଟି ଅନାଦୀକାଳରୁ ଯାହାକୁ ମାତ୍ର ଦୁଇହଜାର ବର୍ଷର ସୀମା ମଧ୍ୟରେ ରଖାଯାଇପାରିବ ନାହିଁ । କୋୟାବଂଶୀୟ ଗୋଁଡ଼ଜୀବ ମାନଙ୍କର ବିଶ୍ୱାସ ଯେ ଏଠାକାର ଦେବତା

ଓ ଶକ୍ତି ମାନଙ୍କର ପୂଜାରୀ ଗୋଁଡ଼ ସଂପ୍ରଦାୟର 'ବୟଗା' ଅଟେ । ଏହାର ପ୍ରତ୍ୟକ୍ଷ ପ୍ରମାଣ ଏହାଯେ ଏଠାକାର ସବୁ ମଠମାନଙ୍କରେ ପୂଜାରୀ ବୈଗା । ଏଠାକାର ଯେ କୌଣସି ସ୍ଥାନୀୟ ଲୋକଙ୍କୁ ପଚାରିଲେ ଏକଥା ଶୁଣିବାକୁ ମିଳିବ ଯେ ରମଗଢରେ ଦେବଗଣ ଗୁରୁଙ୍କ ପୂଜା ହୁଏ ।

ପରବର୍ତ୍ତିତ ସମୟକ୍ରମେ ଏହି ଗୁମ୍ଫାରେ ବୌଦ୍ଧ ପ୍ରଚାରକଙ୍କ ଆସିବା, ସେଠାରେ ନାଟ୍ୟଶାଳା ଖୋଲିବା, ରାମ,ସୀତା,ଲକ୍ଷ୍ମଣ,ହନୁମାନ,ବିଷ୍ଣୁ ଆଦିଙ୍କର ମୂର୍ତ୍ତିର ସ୍ଥାପନ କରିବା ପରବର୍ତ୍ତୀ କଥା । ସେଠାରେ ସଂଭୂମାଦାବଙ୍କ ନାମରେ କେବଳ ତ୍ରିଶୁଳ ମିଳେ । ମୂର୍ତ୍ତି ନୁହେଁ । ଯାହା ଏଇ ତଥ୍ୟକୁ ପ୍ରମାଣ କରେ ଯେ ଏଠାକାର ପ୍ରଚଳିତ କିମ୍ବଦନ୍ତୀ "ସରଗୁଜା ଗାଜବଗୁଜା ମାଟିକର ଦେବୀ ପାହାଡ଼ ପର୍ବତ ପୂଜା" ଏଠାକାର ପ୍ରାଚୀନ ସଭ୍ୟତାର ମୂଲ୍ୟାଙ୍କନ କରେ ।

୬. **ଦେଉରଘାଟ** - ସୀତାପୁର କ୍ଷେତ୍ରର ଗ୍ରାମ ଗେରସା ପାର୍ବତ୍ୟ କ୍ଷେତ୍ରରୁ ବାହାରିଥିବା ସାତଟି ସ୍ରୋତ ର ମାଂଦ ନଦୀର ଉଦଗମ ହୋଇଛି । ଏହି ମାଂଦନଦୀ ପ୍ରତାପ ଗଡ଼ର ପାଖରେ ପ୍ରବାହିତ ହୋଇଛି ଓ ସହେଲି ନଦୀ ସହ ମିଶିଛି । ଏହି ସଂଗମ ସ୍ଥଳରେ ଦେଉରପାଟ ଅବସ୍ଥିତ । ସେଠାରେ ପ୍ରାକୃତିକ ସଂଭୁ ଗବରାଙ୍କ ଲିଂଗ ଅଛି ଓ ଏଠାରେ ମହାଶିବରାତ୍ରୀ ପର୍ବରେ ଏଠାରେ ମେଳା ଅନୁଷ୍ଠିତ ହୁଏ । ଏଠାରେ ମଧ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ବୈଗା ପୂଜାରୀ ଥାଆନ୍ତି ଯିଏ କି ସେଠାକୁ ଆସୁଥିବା ଦୁଃଖୀ ଦର୍ଶନାର୍ଥିଙ୍କ ଚିକିତ୍ସା ମଧ କରନ୍ତି । ଏଠାରେ ଦେବଗଣ ଗୁରୁ କିଛି ସମୟ ପର୍ଯ୍ୟନ୍ତ ସାଧନା କରିଥିଲେ ।

୭. **ରାଜପୁର କୋଠୀ** - ରାଜପୁର ର ଦକ୍ଷିଣ ଦିଗକୁ ୩ କି.ମି. ଗଲେ ଗେଉର ନଦୀ କୂଳରେ ଓ ଫରାଗ୍ରାମ ପାଖରେ ଏକ ଉଚ୍ଚ ପଥର ଉପରେ ରାଜପୁର କୋଠୀ ଅଛି । ଏହା ପ୍ରାଚୀନ କାଳର ନିର୍ମିତ ଏକ ମନ୍ଦିର ସେଠାରେ ସଂଭୁ ଗବରାଙ୍କ ଲିଂଗ ସ୍ଥାପିତ ହୋଇଛି । ଏଠାରେ ସଂଭୁଜାଗରଣ (ମହାଶିବରାତ୍ରୀ) ପର୍ବରେ ମେଳା ବସେ । ରାଜପୁର ପାଖରେ ଥିବା ଲାଲମାଟୀ ଗ୍ରାମରେ ଏକ ପ୍ରାଚୀଗଡ଼ ଅଛି ସେଠାରେ କନେର ନାମକ ଗୋଁଡ଼ରାଜା ଶାସନ କରୁଥିଲେ ।

ଏସବୁ ବ୍ୟତୀତ ବେଲସର ହର୍ରାଟୋଲାର କେରାକଛାର ରେ ସଂଭୁମହାଦେବଙ୍କ ମନ୍ଦିର ଅଛି । ଚଲଗଲିର ମହାମାୟା ମନ୍ଦିର ଜୋଖାପାଟର

ଘନଜଂଗଲରେ ଥିବା ଅର୍ଜ୍ଜୁନଗଢର ପାହାଡ଼ରେ ଗୁମ୍ଫା ସିଦ୍ଧୋମାଝପ ଗଢ,ପର୍ବତର ପ୍ରାଚୀନ ସଂଭୁମହାଦେବ ମନ୍ଦିର,କୋରୀୟା ଗଢର ରମଗଢ ପର୍ବତ ର ସଂଭୁ ଶିବପୁର ର ସଂଭୁ ମହାଦେବ ମନ୍ଦିର, ଆରାପାହାଡ଼ର ସଂଭୁମହାଦେବଙ୍କ ପ୍ରାଚୀନ ଆସ୍ଥାନ ପିପରୋଲ ପର୍ବତର ପ୍ରାଚୀନ ସଂଭୁ ମହାଦେବଙ୍କ ତପୋଭୂମି,ବଚ୍ଛରାଜ ପର୍ବତରେ ଥିବା ନାଗରାଜଙ୍କ ନିବାସ, ରଂଗଇଜଂଗଲର ସଂଭୁମହାଦେବଙ୍କ ଗୁମ୍ଫା, ରମକୋଲାର ପିଂଗଲାଇ ଦେବୀ, ସୀରୀକୋଟ ଉଦେବରୀ ସଂଭୁମହାଦେବ ମନ୍ଦିର, ନାଗେଶ୍ୱରର ପାଷାଣର ପ୍ରାକୃତିକ ସ୍ଥାନ ଅଛି ଯେଉଁଠାରେ ଅନାଦିକାଳରୁ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବଙ୍କ ବାସସ୍ଥାନ ଥିଲା । ଦୁଦ୍ଧୀର ରମଗଢ ପର୍ବତ, ଯାହାସୋନଭଦ୍ର ଜିଲ୍ଲାରେ ଥିବା ବେନଦାଇ ପର୍ବତର କୈମର ଶୃଙ୍ଖଳାର ସୋନନଦୀ କୂଳରେ ଏହାର ଶିଖରରେ ଥିବା ସମତଳ ଭୂଭାଗରେ ଏକ ପ୍ରାଚୀନ ଦୁର୍ଗ ଅଛି । ଏହି ଦୁର୍ଗ ଗୋଁଡ଼ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ସେଠାରେ ସାତଟି ପୋଖରୀ ଅଛି, ଯାହାର ପାଣି କେବେ ଶୁଖେନାହିଁ । ଏ ଦୁର୍ଗର ନିର୍ମାଣ କର୍ତ୍ତା ଭୂରନାଗ ଗୋଁଡ଼ଚିହ୍ନ ଧାରୀ ଗୋଁଡ଼ରାଜା ଥିଲେ । ଏଭଳି ଏଠାକାର ସୂଚନାରୁ ଏହା ଜଣାଯାଏ ଯେ ଏଠାରେ ଏହାଙ୍କ ପରେ ଏଠାରେ ଖୈର ଓ ଚନ୍ଦେଲ ଗୋଁଡ଼ଚିହ୍ନ ଧାରୀ ଗୋଁଡ଼ ରାଜାମାନେ ଶାସନ କରୁଥିଲେ ।

୮. **ସରଗୁଡ଼ା** – ଏହାକୁ ସୋରଗଡା ବା ସୋଗଡା ମଧ୍ୟ କୁହାଯାଏ । ସୂରଗୁଜା ବେନାଂଚଲ ଅର୍ଥାତ୍ ସୂର ଓ ଗୁଜା ଗୋଁଡ଼ଚିହ୍ନ ଧାରୀ କୋୟାବଂଶୀୟ ଗୋଁଣ୍ଡ ସଂପ୍ରଦାୟର ସଗାବେନଙ୍କର ଅଂଚଳ ଥିଲା । ଏହି ବେନାଂଚଳ ଆଜିମଧ୍ୟ ନିଜର ପ୍ରାକୃତିକ ସ୍ୱରୂପରେ ପ୍ରାଚୀନ ଗୌରବ ସଜାଇ ରଖିଛି । ଏହି ଅଂଚଳରେ ସୂରଗଡା ଗ୍ରାମ । ସରଗଡା ବା ସୋଗଡା ପୂର୍ବରେ ୨ କି.ମି. ଦୂରରେ ଭୈରବ ପର୍ବତ ଅଛି । ଯାହାକୁ ଗୋଁଡ଼ ସଂପ୍ରଦାୟର ଲୋକେ ଭୋରମେଟା କହନ୍ତି । ଏହି ପର୍ବତ ଉପରେ ପ୍ରାଚୀନ କାଳର ଏକ ବଡ ଗୁମ୍ଫା ଅଛି । ଏହି ଗୁମ୍ଫା ଉପରେ ଆଉ ଏକ ଗୁମ୍ଫା ଅଛି ଯେଉଁଠାରେ ମହାଦେବଙ୍କ ତ୍ରିଶୁଳ ଅଚି । ଏହା ନିକଟରେ ଆର ବୀରୋଦାଇଙ୍କ ପର୍ବତ ଅଛି । ଏହାଙ୍କ ସମ୍ବନ୍ଧରେ ଏମିତି ବିଶ୍ୱାସ ଅଛିଯେ ଏଇ ପାଞ୍ଚଖଣ୍ଡ ପୃଥିବୀର ଶାସନ ସଂଭାଳୁଥିବା ଅଠାଶୀ ସମ୍ଭୁଙ୍କ ମଧ୍ୟରେ ଭୋରଶମ୍ଭୁ ଓ ବୀରୋଦାଇଙ୍କ ଏକ ଯୋଡ଼ି ଅଛି । ବୀରୋ ପର୍ବତକୁ ଆଜିକାଲି ବିହାର ଦେବୀ

ପର୍ବତ କୁହାଯାଏ । ସ୍ଥାନୀୟ ଲୋକଙ୍କର ବିଶ୍ୱାସ ଯେ ବୀରୋ ପର୍ବତରେ ପ୍ରକୃତିର ସବୁ ଶକ୍ତି ବାସ କରନ୍ତି । ଏଠାରେ ରାତିର ଶକ୍ତି ମାନଙ୍କର ନୃତ୍ୟଗୀତ ଭୂଗର୍ଭରେ ଶୁଣାଯାଏ ।

୯. **ମାଡ଼ାର ଗୁମ୍ଫା** - ଗୋପଦ ନଦିର ପୂର୍ବାଂଚଲ କ୍ଷେତ୍ର ସିଧି ଜିଲ୍ଲାର ସିଂଗରୋଲୀ କ୍ଷେତ୍ରରେ ମାଡ଼ାଗ୍ରାମ ଅଛି । ଏଠାରେ ପ୍ରାଚୀନ କାଳର ଅନେକ ଗୁମ୍ଫା ତଥା କଳାକୃତୀ ଅଛି ଏହି ଗୁମ୍ଫା ଗୁଡ଼ିକର ନିର୍ମାଣ ପାହାଡ଼ କାଟି କରାଯାଇଛି । ଗୁମ୍ଫାଗୁଡ଼ିକରେ ଥିବା ମୂର୍ତ୍ତିକା କଳାକୃତି ତାହା ପଥରକୁ କାଟି କରାଯାଇଛି । ସ୍ଥାନୀୟ ଲୋକମାନେ ଏହି ଗୁମ୍ଫାକୁ ରାବଣ ମାଡ଼ା ନାମରେ ଜାଣନ୍ତି । ମାଡ଼ାର ମୂର୍ତ୍ତୀ ସଂଭୁ ମହାଦେବଙ୍କ ଉପାସନାର ପ୍ରତୀକ ଅଟେ । ଏହି ପରି ସଂପୂର୍ଣ୍ଣ ସରଗୁଜା କ୍ଷେତ୍ରରେ ଅନାଦିକାଳରୁ ସଂଭୁମହାଦେବଙ୍କ ଗଣଙ୍କ ନିବାସ ରହିଛି । ଯେଉଁ ମାନେକି କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ଥିଲେ ।

## ରୀବା ସିଧି, ସିଂରୋଲି ସହଡ଼ୋଲ କ୍ଷେତ୍ର

ରୀବା ସୀଧି ସିଂରୋଲୀ, ସହଡ଼ୋଲ କ୍ଷେତ୍ରର ପ୍ରାଚୀନ ନାମ ସିରିଡ଼ୀ ସିଂଗାର ସାର୍ଡ୍ରୋଲ ଥିଲା । ଗୋଣ୍ଡୀ ଭାଷାରେ ଏହାକୁ ସୀରୀବା ସିରଡ଼ୀ ସିଂଗାର ସାଡ଼ୋଲ କୁହା ଯାଉଥିଲା । ଏ ଅଂଚଳକୁ ଅତୀତକାଳରେ ସିର୍ଡ଼ିସିଂଗାର କୋଟ କୁହାଯାଉଥିଲା । ଏବେ ସୀଧୀ ଜିଲ୍ଲାରେ ଅକାବରୀ, ଅଗ୍ନୀନଦୀ, ଖତାଲୀ, ଖୈରପୁର, ଘିତୋରା, ଚନ୍ଦ୍ରେହା, ଦେବଲୋଂଦ୍, ଧରାବଳୀ, ନାଗଝୁରା, ବଓଆରୀ, ବରଗମା ନରଡ଼ୀ, ବରହଇ,ବିଡ଼ୀ, ରାଜଘାଟ, ରମପୁର, ରମନଗର, ସିଂହାବଳୀ, ହିନୋତୀ ଓ ଲୋଆରୁ, ରୀବା ଜିଲ୍ଲାର ଲୈଖନିଆ ପାହାଡ଼, ଇତର ପାହାଡ଼, ପାଟନଜୋର, କୋରିୟା, ଗୋବିନ୍ଦଗଡ଼, ଚଚାଇପ୍ରତାପ, ନୋନଘାଟୀ, ଖୁସିୟାର ଘାଟ ଓ ଚଚେରା ତଥା ସହଡ଼ୋଲ ଜିଲ୍ଲାର ଅନୁପପୁର, ଚନ୍ଦୋଲୀ, ମାର୍କଣ୍ଡା, ରୁହାନିୟା, ଶହଡ଼ୋଲ, ଶିକରଗଞ୍ଜ, ସିଂଗରୋଲୀ, ସୋନଘାଟ, ହରହା, ଅଖଡ଼ାର, ଜମୋଇ, ଲାଲପୁର, ଅମରକଣ୍ଟକ ଓ ସୋନନଦୀ ଆଦି ଅନେକ

ସ୍ଥାନରେ ପ୍ରାଚୀନ ପ୍ରସ୍ତରଯୁଗର, ମଧ୍ୟପ୍ରସ୍ତର ଯୁଗ ଓ ନୂତନ ପ୍ରସ୍ତରଯୁଗର ଆଦି ଗୋଁଡ଼ ଜୀବମାନଙ୍କର ସଭ୍ୟତାର ଅବଶେଷ ପ୍ରତ୍ନତତ୍ତ୍ୱ ବିଦମାନଙ୍କୁ ମିଳିଛି । ଏହାଛଡ଼ା ରୀବାର ଇତର ପାହାଡ଼ରେ ଥିବା ଚିତ୍ରିତ ଶିଳାଶ୍ରୟ,ଖୁସିୟାରପାଟର ପାଞ୍ଚ ଚିତ୍ରିତ ଶିଳାଶ୍ରୟ, ସିଧୀ ଜିଲ୍ଲାର ସିଂଗରୋଲୀ କ୍ଷେତ୍ରରେ ଥିବା ରାବଣମାଡ଼ାର ଅନେକ ଚିତ୍ରିତ ଗୁମ୍ଫା ଓ ଶହଡ଼ୋଲ ଜିଲ୍ଲାର ଅମୂରକୋଟ (ଅମରକଣ୍ଟକ) ପର୍ବତ ଶୃଙ୍ଖଳାରେ ନର୍ମଦା ନଦୀର କୋୟାପିଲାଙ୍ଗ ଧାରା ପାଖରେ ଥିବା ପ୍ରାଚୀନ ଗୁମ୍ଫା ପ୍ରମାଣ କରେ ଯେ ଏହି ସିରଡ଼ୀ ସିଂଗାର ସାର୍ଡ଼ୋଲ ଅଂଚଳରେ ଅନାଦୀ କାଳରୁ ଗଣ୍ଡଜୀବମାନଙ୍କର ବାସସ୍ଥାନ ରହିଆସିଥିଲା । ଏବଂ ବର୍ତ୍ତମାନ ରୀବା, ସୀଧୀ, ଶହଡ଼ୋଲ ଜିଲ୍ଲା ଗୁଡ଼ିକରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗଣ୍ଡଜୀବମାନଙ୍କର ସଂଖ୍ୟାର ପରିମାଣ ଅଧିକ ।

ରୀବା,ସୀଧି ଓ ଶହଡ଼ୋଲ ଅଂଚଳରେ ସୋନ ଓ ଏହାର ସହାୟକ ଉପନଦୀ ମାନଙ୍କର ଘାଟୀ ଦ୍ୱାରା ବ୍ୟାପ୍ତ । ସୋନଘାଟୀର ସଭ୍ୟତା ପ୍ରତ୍ନତତ୍ତ୍ୱ ବିଦ୍ ମାନଙ୍କ ଅନୁସାରେ ୮ ହଜାର ବର୍ଷର ପୁରୁଣା । ସୋନନଦୀକୁ ସୋନଭଦ୍ର ନଦୀ କୁହାଯାଏ । ଏହା ନର୍ମଦା ଉଦଗମ ସ୍ଥଳୀର ୮ କି.ମି. ଅମୂରକୋଟ କୋଳରୁ ବାହାରିଚି । ଏହି ନଦୀ ଏଠାରୁ ଶହଡ଼ୋଲ ଜିଲ୍ଲାର ବାନ୍ଧବଗଡ଼ ତହସିଲ ଦେଇ ଜୁହୀଲା ନଦୀକୁ ନେଇ ସୀଧି ଜିଲ୍ଲାର ଶିବାରଗଂଜ ପାଖରେ ଏହାସହ ଗୋପଦ ନଦୀ ମିଶିଛି । ଏ ଭଳି ଭାବରେ ସୋନ ନଦୀ ପ୍ରାୟ ୩୧୫ କି.ମି. ଯାତ୍ରାକରି ରୋହତାସଗଡ଼ ନିକଟରେ ଗଙ୍ଗାନଦୀ ସହ ମିଶିଯାଇଛି ।

କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟରେ ପ୍ରଚଳିତ ପୌରାଣିକ କଥାଅନୁସାରେ ନର୍ମଦା ସୋନ,ଜବରାଲ ଆଦି ନଦୀ ମାନେ ଅମୂରକୋଟ ପର୍ବତ ଓ ବିନ୍ଧ୍ୟାଚଳ ପର୍ବତ ଗୋଁଡ଼ୀ ସଂସ୍କୃତି ଏବଂ ଧାର୍ମିକ ମୂଲ୍ୟ ଦୃଷ୍ଟିରୁ ବହୁତ ନିକଟ ସଂବନ୍ଧ ଅଛି । ଏହି ଅନୁସାରେ ପ୍ରାଚୀନକାଳରେ କୋୟାସୂରୀ ଦ୍ୱିପରେ ମହାପ୍ରଳୟ ହୋଇଥିଲା । ସେଥିରେ ଭୂପୃଷ୍ଠର ଚାରିଆଡ଼େ ଜଳମଗ୍ନ ହୋଇଗଲା । ଭୂପୃଷ୍ଠ ସମୁଦ୍ରଜଳରେ ବୁଡ଼ି ଯାଇଥିଲା । ଅମୂରକୋଟ (ଅମରକଣ୍ଟକ)ର ଶିଖର ସମୁଦ୍ର ଉପରକୁ ଦେଖା ଯାଉଥିଲା । ସେଠାରେ ଫରାପେନ୍ ସଇଲାଂଗରା (ଆଦି ମାତାପିତା) ଦୁହେଁ କଇଁଛ ଓ କୁଆ ସହିତ ଜୀବିତ ଥିଲେ । କୋୟାସୂରୀ ହିଗର

ଅବସିଷ୍ଟ ଜୀବମାନଙ୍କ ଅନ୍ତ ହୋଇଥିଲା । କିଛି ଦିନପରେ ଫାରାପେନ୍ ସଈଲାଗଂରା ଦୁଇଟି ସନ୍ତାନ ଜନ୍ମ ଦେଲେ । ପୁଅ ଟିର ନାମ ଆଂଦୀ ରାବେଣ ପେରୀୟୋର ଓ କନ୍ୟାର ନାମ ଆଂଦୀ ସୁକମା ପେରୀ ।

ପିଲାଦୁହେଁ ବୟସ୍କ ହେବାପରେ ସେମାନଙ୍କ ମାତାପିତା ସେମାନଙ୍କୁ ସିଂଗାର ଦ୍ୱିପ ସଂନ୍ଧାନରେ ଯିବାକୁ କହିଲେ । ମାତାପିତାଙ୍କ ଆଦେଶକ୍ରମେ ସେମାନେ ସିଂଗାରଦ୍ୱୀପ ଖୋଜିବାକୁ କୁଆ ଓ କଇଁଛ ଯଥାକ୍ରମେ ଆକାଶ ଓ ଜଳ ପଥରେ ପଠାଇଲେ । ସେମାନେ ଆକାଶ ଓ ଜଳପଥରେ ସିଂଗାରଦ୍ୱୀପ ଆବିଷ୍କାର କରିପାରିଲେ । କିନ୍ତୁ ସେମାନଙ୍କ ସାମ୍ନାରେ ଏକ ସମସ୍ୟା ଥିଲା କଇଁଛ ହିଁ ଏକମାତ୍ର ଯାନ ଥିଲା ଯାଉପରେ ଚଢି ସେମାନେ ସିଂଗାର ଦ୍ୱୀପ ଯାକେ ଯାଇପାରିବେ । ଫରାପେନ ସଈଲାଂଗରା ସେମାନଙ୍କୁ କଇଁଛ ଚଢ଼ି ଯିବାକୁ କହିଲେ । ସେମାନେ ଜଳପଥରେ କଇଁଛ ପିଠିରେ ଚଢ଼ି ଚାଲିଲେ । ଅଳ୍ପବାଟ ଯାଇ କଇଁଛ ଥକିଗଲା । ପିଲା ଦୁଇଟି ଡ଼ରିଗଲେ । ସେମାନେ ସମୁଦ୍ର ମାତାଙ୍କୁ ପ୍ରାର୍ଥନାକଲେ ଯେ ସେମାନଙ୍କୁ ଭୂଭାଗ ପର୍ଯ୍ୟନ୍ତ ପହୁଞ୍ଚାଇବାରେ ସହାୟତା କରନ୍ତୁ । ସମୁଦ୍ରମାତା ସେମାନଙ୍କ ପ୍ରାର୍ଥନା ଶୁଣିଲେ । ଅଚାନକ ସମୁଦ୍ର ଭିତରେ ହଲଚଲ ହେଲା ଦେଖୁ ଦେଖୁ ଅମୁରକୋଟ ପର୍ବତ ଶିଖର ଜଳ ଉପରକୁ ଉଠିଗଲା ; ତା ଚାରିପାଖର ଜଳ ତୀବ୍ର ବେଗରେ ତଳଆଡ଼କୁ ବହିଗଲା । ଏହାର ସୁଅରେ କଇଁଛ ଓ ପିଲାଦୁହେଁ ଭାସିଚାଲିଲେ ଓ ଶେଷରେ ସେମାନେ ସିଂଗାର ଦ୍ୱୀପଯାଏଁ ପହଞ୍ଚିଗଲେ ।

ଅମୂରକୋଟର ଚାରିପାଖରେ ଥିବା ଜଳ ବହୁଦିନଯାଏ ବହିବାକୁ ଲାଗିଲା, କାଳାନ୍ତରରେ ଯେତେବେଳେ ସବୁପାଣି ବହିଗଲା ଓ ସେଠାରେ ଭୂପୃଷ୍ଟ ଦେଖାଗଲା ସେତେବେଳେ ପିଲାଦୁହେଁ ନିଜ ମାତାପିତାଙ୍କୁ ଖୋଜିବାକୁ ଅମୂରକୋଟ ଆସିଲେ କିନ୍ତୁ ସେମାନଙ୍କୁ ପିତାମାତା କେଉଁଠି ବି ମିଳିଲେ ନାହିଁ । ନିଜ ଘର ଯେଉଁ ଠାରେ ଥିଲା ସେଠାରେ ଭୂଗର୍ଭରୁ ଏକ ଜଳଧାରା ବାହାରି ପ୍ରବାହିତ ହୋଇସାରିଥିଲା । ସେମାନେ ବୁଝିଲେ ଯେ ପିତାମାତା ଜଳସ୍ରୋତରେ ଭାସିଯାଇଛନ୍ତି । ସେମାନେ ନିଜ ଜନ୍ମଦାତା ଫରାବେନ ସଈଲାଂଗରାଙ୍କ ଅବସାନପରେ ସେଠାରେ ଏକ ପ୍ରତୀକ ସ୍ଥାପନ କଲେ ଯାହା ଫରାପେନ ସଲ୍ଲାଂ

ଗାଂଗରା ନାମରେ ବିଖ୍ୟାତ ହେଲେ । ଏହି ଫରାବେନ ସଲ୍ଲାଂଗାଗରା ପ୍ରତୀକ ଫରାବେନ ଶକ୍ତି,ଫଡ଼ାପେନ ଶକ୍ତି,ବୁଡ଼ାଲପେନ ଶକ୍ତି ବା ସଜୋର ପେନ ଶକ୍ତି କୁହାଯାଏ, ଫଡ଼ାପେନ ସଲ୍ଲାଂଗାଂଗରା ର ପ୍ରତୀକ ଯେଉଁଠାରେ ସ୍ଥାପିତ ହୋଇଥିଲା ସେ ସ୍ଥାନକୁ କୋୟାବଂଶ ଭୀଡ଼ୀ କୁହାଯାଏ । ସେଠାରୁ ଯେଉଁ ଜଳଧାର ବାହାରି ପ୍ରବାହିତ ହେଉଛି ତାକୁ ମାତାପିତା ରୂପୀ ଜନ୍ମଦାୟିନୀ ନର୍ମଦା ଶକ୍ତି କୁହାଯାଏ । ଏହି ନର୍ମଦା ଶକ୍ତିର ପ୍ରବାହକୁ ନର୍ମଦା ଢ଼ୋଡ଼ା ବା ନରମାଦା ଶକ୍ତି କୁହାଯାଏ । କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼୍‌ଜୀବ ମାନଙ୍କର ବିଶ୍ୱାସ ଯେ "ଫାରାବେନ ସଈଲାଂଗରା" ସେଇଶକ୍ତି ଅଟନ୍ତି । ଯିଏ ନିଜର ପୂର୍ବପୁରୁଷମାନଙ୍କୁ ନିଜ ଗର୍ଭରୁ ଜନ୍ମଦେଇ କୋୟାପିଲାଙ୍ଗଧାରା କୁ ନେଇ ସେଠାରୁ ପ୍ରବାହିତ ହୋଇଛନ୍ତି ।

ଏକଥା ବି ବିଶ୍ୱାସ ଅଛିଯେ ଆଂଦୀ ପେରୀୟୋର ଓ ଆଂଦୀ ସୁକମାପେରୀଙ୍କ ଜନ୍ମ ପରେ ପିତାମାତା ସେମାନଙ୍କର ନାଭିନାଡ଼ କାଟି ସମୁଦ୍ର ପାଣିରେ ଯେଉଁ ଦିଗରେ ଭସାଇ ଦେଇଥିଲେ ସେଇ ଦିଗରେ ସୋନତାଡ଼ ଅର୍ଥାତ୍ ସୋନନଦୀ ପ୍ରବାହିତ ହେଉଛି ଏବଂ କେଶ (ଜାଉର) କାଟି ଯେଉଁ ଦିଗରେ ଭସାଇ ଦେଇଥିଲେ ସେ ଦିଗରେ ଜ୍ୱାଲା ନଦୀ ପ୍ରବାହିତ ହେଉଛି । ଏଇ ନଦୀକୂଳରେ ଆଂଦୀ ରାବେନ ପେରୀୟାର ଓ ଆଂଦୀ ସୁକମା ପେରୀଙ୍କ ସନ୍ତାନମାନେ ଆଗକୁ ନିଜର ବଂଶ ବିସ୍ତାର କରି ଚାଲିଲେ । ଏହିପରି ଅନାଦୀକାଳରୁ ଅମୂରକୋଟ, ସିର୍ଡ଼ି ସିଂଗାର ଦ୍ୱିପ,ନରମାଦା ସୋନତାଡ଼ ଓ ଜାଉରଲା (ଜ୍ୱାଲା) ନଦୀ ସହ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବଙ୍କ ସମନ୍ଧ ରହିଛି ।

ଆଗକୁ ସଂପୂର୍ଣ୍ଣ କୋୟାସୂରୀ ଦ୍ୱୀପରେ ସଂପୂର୍ଣ୍ଣ ସିର୍ଡ଼ି ସଂଗାର ଦ୍ୱୀପରେ କୋୟାବଂଶୀୟ ଗୋଁଣ୍ଡ ଜୀବଗଣ ନିଜର ବଂଶ ବିସ୍ତାର କରି ପାର୍ବତ୍ୟ କନ୍ଦର,ଗୁମ୍ଫା, ଶିଳାଶ୍ରୟ,ଗୁମ୍ଫାରେ ଆଶ୍ରା ଗ୍ରହଣ କଲେ ଓ ଗୋଁଡ଼୍‌ଲାଇ (ସାମୁହିକ) ଜୀବନ ଯାପନ କରିବାକୁ ଆରମ୍ଭ କଲେ । ସେମାନେ ଛୋଟ ଛୋଟ ଗଡ଼ ସ୍ଥାପନକରି ନିଜରାଜ୍ୟ ବ୍ୟବସ୍ଥା ସ୍ଥାପନକଲେ । ଏଭଳି ଗଢ଼ ବ୍ୟବସ୍ଥା ସିରୀଡ଼ି ସିଂଗାର କୋଟ,ଅମୂରକୋଟ,ସୂରଗୁଡ଼ା କୋଟ,ତୀବେରକୋଟ ଆଦି ରୀବାସୀଧି ସିଂଗରୋଲୀ ଶହଡ଼ୋଲ ଅଂଚଳରେ ଥିଲା ।

ସମୟକ୍ରମେ କୋୟାସୂରୀ ଦ୍ୱୀପର ପେନକିମେଡ଼ୀ କୋଟ ର କୁଲୀତରା ନାମକ ଗୋଁଡ଼ ମୂଖିଆ ପରିବାରରେ କୋସୋଡୁମ ନାମକ ପୁତ୍ର ଜନ୍ମ ହେଲା ଓ ସେ ନିଜର ଯୋଗ୍ୟତା ବଳରେ ପଂଚଖଣ୍ଡ ପୃଥିବୀର ଅଧିକାରୀ ହେଲା । ତାହାଙ୍କୁ ସଂଜୁଭୁଇର ରାଜା ଭାବରେ ସଂଭୁମାଦାବ ଉପାଧୀରେ ସମ୍ମାନିତ କରାଗଲା । ଏହା ପାଞ୍ଚଖଣ୍ଡ ପୃଥିବୀରେ ଜଣକ ପରେ ଜଣେ ମୋଟ ଅଠାଶୀ ଜଣ ସମ୍ଭୁମାଦାବ ହେଲେ । ତନ୍ମଧ୍ୟରେ ସଂଭୁଗବରା ଜଣେ । ଏହାଙ୍କ ବାସସ୍ଥାନ ଅମୂରକୋଟ ଥିଲା । ଏଇ ସଂଭୁଗବରାଙ୍କ ଜୀବନ କାଳ ମଧ୍ୟରେ ପୂର୍ବାକୋଟର ଗୋଁଡ଼ମୂଖ୍ୟ ପୁଲଶିବଙ୍କ ପରିବାରେ ରୂପୋଲିଂଗ ପହାଂଦୀ ପରିକୁପାର ଲିଂଗୋଙ୍କ ଜନ୍ମ ହେଲା । ସେ କୋୟଲୀ କଚ୍ଛାର ଲୋହଗଡ଼ ଗୁମ୍ଫାରୁ କଲୀକଙ୍କାଲୀ ମାତାଙ୍କର ସନ୍ତାନ ମାନକୁ ମୁକ୍ତକଲେ ଓ ସେମାନଙ୍କୁ ମାଧ୍ୟମ କରି (ସେମାନଙ୍କୁ ନିଜର ଶିଷ୍ୟ କରି) ସଂପୂର୍ଣ୍ଣ କୋୟାବଂଶୀୟ ଗୋଁଡ଼ଜୀବ ସଂପ୍ରଦାୟର ସଗାବେନ୍ ବ୍ୟବସ୍ଥାର ପ୍ରଚଳନ କଲେ । ଏଭଳି ଭାବରେ ସେଇ କୋୟାବଂଶୀୟ ଗୋଁଡ଼ଜୀବଙ୍କ ସଗାବେନଙ୍କ ଜନ୍ମଦାତ୍ରୀ ବେନଦାଇଙ୍କ ବାସସ୍ଥାନ ଯେଉଁ ପର୍ବତରେ ଥିଲା ସେଇ ପର୍ବତକୁ ବେନଦାଈ ମେଟ୍ଟା (ବିନ୍ଧ୍ୟ ପର୍ବତ) କୁହାଯାଏ । ଯାହା ରୀବା,ସିଧି, ସିଂଗରୋଲୀ,ଶହଡ଼ୋଲ ଅଂଚଳର ଉତ୍ତର ଭାଗରେ ଅବସ୍ଥିତ । ଗୋଁଣ୍ଡି ପୁନେମ ମୁଠବା ପହାନ୍ଦୀ ପାରୀ କୁପାରୀ ଲିଂଗୋ (ଗୋଣ୍ଡୀ ଧର୍ମ ଦର୍ଶନର ଧର୍ମଗୁରୁ ପହାଂଦୀ ପାରୀ କୁପାର ଲିଂଗୋଙ୍କ "ଲିଂଗୋଗଡ଼" ଆଜିମଧ୍ୟ ଅମୂରଲୋଟ ପର୍ବତ ଶୃଙ୍ଖଳରେ କରଂଜିୟା ପାଖରେ ଅଛି । କୋୟା ମାର୍ରିୟୋ ("କୋୟାପୁତ୍ର") ଙ୍କା କୋୟସୂର ପର୍ବତ ଶୃଙ୍ଖଳା ମଧ୍ୟ ଏ ଅଂଚଳରେ ଅଛି । ଏଣ ଏକଥା ସ୍ପଷ୍ଟ ଯେ ଏ ଅଂଚଳରେ ଅନାଦୀକାଳରୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବାସସ୍ଥାନ ରହିଆସିଥିଲା ।

ରୀବା ସୀଧୀ ସିଂଗରୋଲୀ ଓ ଶହଡ଼ୋଲର ସବୁ ଅଂଚଳରେ ସଂଭୁମାଦାବ ଓ ଗବରା ମାତାଙ୍କ ପ୍ରତୀକର ସ୍ଥାପନା ଅନାଦୀକାଳରୁ ହୋଇଛି । ଯାହାଙ୍କର ଉପାସନା କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟ ର ଗୋଁଡ଼ଜୀବ ମାନେ କରନ୍ତି । ଏ ଅଂଚଳରେ ଆର୍ଯ୍ୟ ବିଚାରଧାରା ର ଯେଉଁ ଚିହ୍ନ ଦେଖିବାକୁ ମିଳେ, ସେ ସବୁ ଗୁପ୍ତକାଳର ପୂର୍ବବର୍ତ୍ତୀ ନୁହେଁ । ଗୁପ୍ତ ଶାସନକାଳରେ ମୂର୍ତ୍ତିକଳାକୁ ପ୍ରୋତ୍ସାହନ

ମିଳିଲା ଆଉ ଯେଉଁ ଯେଉଁ ସ୍ଥାନରେ ସେମାନଙ୍କ ଶାସନ ଚାଲୁଥିଲା ସେହି ସେହି ସ୍ଥାନରେ ବ୍ରହ୍ମା,ବିଷ୍ଣୁଙ୍କ ପ୍ରତୀମା ଅଂକିତ ହୋଇଛି । ଗୁପ୍ତ,ସାତବାହନ,କଟଚୂରୀ,ଚନ୍ଦେଲ,ରାବେନ୍ ଆଦି ସମସ୍ତେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜା ମହାରାଜା ଥିଲେ । କିନ୍ତୁ ବ୍ରାହ୍ମଣ୍ୟ ଧର୍ମର ଗୋଲାମୀ କରି ସେମାନେ ନିଜ ରାଜ୍ୟରେ ବ୍ରାହ୍ମଣମାନଙ୍କୁ ଆଶ୍ରୟ ଦେଲେ । ଏହିଭଳି ଏ ଗୋଁଡ଼ୱାନା ଗୋଁଡ଼ଜୀବଙ୍କ ପ୍ରାନ୍ତରେ ଆର୍ଯ୍ୟଧର୍ମୀୟ ବିଚାରଧାରା ର ପ୍ରଚାର ବ୍ରାହ୍ମଣ ମାନେ କଲେ ଓ ନିଜର ପୌରାଣିକ କଥା ଯାହା ଗ୍ରନ୍ଥରେ ଥିଲା ତାକୁ ସେମାନେ ବାହାରୁ ଆଣିଥିବା ପୋଷାକ ପିନ୍ଧାଇବାର କାର୍ଯ୍ୟକରିଗଲେ ।

## ବିଲାସପୁର, ରାୟପୁର ଏବଂ ଦୁର୍ଗ ଜିଲ୍ଲା

ବିଲାସପୁର, ରାୟପୁର ଓ ଦୁର୍ଗଜିଲ୍ଲାର ପରିସର ମହାନଦୀ ଓ ଶିବନାଥ ନଦୀର ଦୁଇ ଅବବାହିକାରେ ବ୍ୟାପି ରହିଛି । ପ୍ରାଚୀନକାଳରେ ଏହି ଅଂଚଳକୁ "ମହାକୋଶଳନାଡୁ" ଅର୍ଥାତ୍ ଆମ କୋଶଳ ଦେଶ କୁହାଯାଉଥିଲା । ଏହି ତିନି ଜିଲ୍ଲାର ଉତ୍ତରରେ ମୈକଲ ପର୍ବତ ଶୃଙ୍ଖଳା ଦକ୍ଷିଣରେ ବସ୍ତରର ପର୍ବତ ଶୃଙ୍ଖଳା, ପୂର୍ବରେ ସମ୍ବଲପୁର ଓ ପଶ୍ଚିମରେ ବାଲାଘାଟ ଓ ଭଣ୍ଡାରା ଜିଲ୍ଲାର ସୀମା ରହିଛି । ମହାନଦୀ, ଶିବନାଥ ସ୍ୱାଭର ଓ ପୈରୀ ନଦୀ ସମୂହର ତୀରବର୍ତ୍ତୀ ଅନେକ ସ୍ଥାନରେ ଗୋଁଡ଼ଜୀବଙ୍କ ସଭ୍ୟତାର ଧ୍ୱଂସାବଶେଷ ମିଳିଛି । ରତନପୁର, ମଲ୍ଲାର, ଶିବରୀନାରାୟଣ ରାଜୀମ୍, ଶିରପୁର, କବର୍ଦ୍ଧା, ଧମଧା, ବଲଉଦ୍ ଏଭଳି ସ୍ଥାନ ଯେଉଁଠାରୁ ପ୍ରାଗୈତିହାସିକ ଠାରୁ ଐତିହାସିକ କାଳ ପର୍ଯ୍ୟନ୍ତ ପ୍ରଚୂରମାତ୍ରାରେ ଧ୍ୱଂସାବଶେଷ ମିଳୁଛି । ଯେଉଁ ଠାରେ ମୂର (ବଦକ) ସାତବାନ (ମିଠୁ ବା ଶୁଆ) ବକାଟକ (ଶାଳିଆ ପତନି ବା ଗନ୍ଧମାର୍ଜାର) କଟଚୁରୀ (ସେଇ) ଆଦି ଗୋଁଡ଼ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ଜୀବ ମାନଙ୍କର ରାଜାମାନେ ଶାସନ କରିଥିଲେ ।

ଦୁର୍ଗ ଜିଲ୍ଲାର କହ୍ନୀ ଭଣ୍ଡାର, କାବରାହାଟ, ଚିରଚୋରୀ, ଧନୋରା, ମଜଗହାନ, ସାରୋର ଆଦି ସ୍ଥାନରେ ପ୍ରତ୍ନତତ୍ତ୍ୱ ବିତ୍ ମାନଙ୍କୁ ପୁରାତନ ପ୍ରସ୍ତରଯୁଗର ଚିହ୍ନ ସବୁ ମିଳୁଛି । ଯାହା ଏକଥାର ପ୍ରମାଣ ଯେ ଏ କ୍ଷେତ୍ରରେ ଅନାଦୀକାଳରୁ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କ

ସାଂସ୍କୃତିକ କେନ୍ଦ୍ରବିନ୍ଦୁ ରହି ଆସିଥିଲା । ଏଠାକାର ପାହାଡ଼ ଉପରେ ନିର୍ମିତ ସଂଭୁ ମାହାଦେବଙ୍କ ମନ୍ଦିର ଏହି କଥାର ସାକ୍ଷ୍ୟ ପ୍ରଦାନ କରେ ଯେ ଏମାନେ ସମସ୍ତେ ପଞ୍ଚଖଣ୍ଡ ପୃଥିବୀ ଉପାସକ ଥିଲେ । ସୀରପୁରରେ ସାତବାହାନ (ଶୁଆ) ଗୋଁଣ୍ଡଚିହ୍ନ ଧାରୀ ରାଜାଙ୍କର ନଗରୀଥିଲା । ଯାହାର ଗୋଁଡ଼ଚିହ୍ନ ମିଠୁ ବା ସିରିସତବା ଥିଲା । ଏଇ ସୀରୀସତବାଙ୍କ ପୁରୀକୁ ସୀରିପୁର କୁହାଯାଏ । ରତନପୁରରେ କଇଁଛ, ପାଲମୂରା (ଦୁହ୍ନାଁଳଗାଇ) କଟଚୁରୀ (ସେଇ) ସୀରପୁରରେ ସୀରାସତବା ଶୁଆ ଓ ପାଣ୍ଡୁ (ଉଇ) ଗୋଣ୍ଡଚିହ୍ନ ଧାରୀ ରଜୀମରେ କଟଚୁରୀ ଓ ଭୋରମଦେବ ଗଡ଼ରେ ନାଗ ଗୋଁଡ଼ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ ଜୀବମାନଙ୍କ ରାଜାମାନଙ୍କ ରାଜ୍ୟଥିଲା । ଏହି ସ୍ଥାନରେ ଯେଉଁ ଧ୍ୱଂସାବଶେଷ ମିଳୁଛି ସେଥିରୁ ଏହା ଜଣାପଡ଼େ ଯେ ଏଠାକାର ଗୋଁଡ଼ ରାଜାମାନେ ସବୁ ଧର୍ମର ଲୋକଙ୍କୁ ଆଶ୍ରୟ ପ୍ରଦାନ କରିଥିଲେ । ସେ ସବ ଧାର୍ମିକ ସହିଷ୍ଣୁତାର କେନ୍ଦ୍ରଥିଲା ।

ପ୍ରାଚୀନ କାଳରୁ ଏଇ ଅଂଚଳରେ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ନିବାସ ରହି ଆସିଛି । ଏଥି ପାଇଁ ସେମାନେ ଏହି ରହଣୀ ସ୍ଥାନକୁ "ମାବା କୋଶଲନାଡୁ" ବା ଆମର ଆବାସ ଦେଶ କହୁଥିଲେ ଏହି ମାବା କୋଶଲକୁ ପ୍ରାକୃତ ଭାଷାରେ ମହାକୋଶଲ କୁହାଗଲା । ଯେମିତି ମାବା କୋୟାନ୍ତରକୁ ମହାକାନ୍ତାର, ମାହା ଦାଉକୁ ମହାଦେବ, ମାବା ବଲିସ୍ତାନ କୁ ମହାବଳୀ ସ୍ଥାନ, ମାବାକୋଶୀ କୁ ମହାକୋଶୀ, ମାବାରୋଟୀକୁ ମହାରାଷ୍ଟ୍ର, ମାବା ଡ଼ୋଡ଼ାକୁ ମହାନଦୀ, ମବାକୂଟକୁ ମାହକୂଟ, ମାବାଗଙ୍ଗା କୁ ମହାଗଙ୍ଗା, ମାବାଖୁଷାର କୁ ମହାଖୁଷାର ଆଦି । ଏହି ପରି ଆଉ ଟିକେ ଆଗକୁ ଯାଇ ମାବା କୋଶଲନାଡୁ ବା ମହାକୋଶଲ ଦେଶର ସଂବନ୍ଧ ଆଯୋଧ୍ୟାର କୋଶଳଦେଶସହ ଯୋଡ଼ିବାରୁ ଏହାକୁ ଦକ୍ଷିଣ କୋଶଳ କୁହାଗଲା । ନିଜ କଥାକୁ ପ୍ରମାଣିତ କରିବାକୁ ଏଇ ମହାକୋଶଳ ଅଂଚଳର ଯେଉଁ ପୁରୁଣା ସ୍ଥାନ,ଗ୍ରାମ,ସାହି,ପାହାଡ଼ ପର୍ବତ ଓ ନଈନାଳ ଅଛି ସେମାନଙ୍କ ନାମକରଣ କରିବାର ଚେଷ୍ଟା କରାଗଲା । ବର୍ତ୍ତମାନ ଏ ଅଂଚଳକୁ ଛତିଶଗଡ କୁହାଯାଉଛି ଯାହା ନାଗପୁର ର ଭୋଁସଲା ମାନଙ୍କ ଦ୍ୱାରା ନିଜର ରାଜସ୍ୱଆଦାୟ କରିବାର ସୁବିଧା ନିମନ୍ତେ ବିଭାଜିତ କରାଯିବା ଅଂଚଳ । ଯାହାକୁ ପୌରାଣିକ ଚେଦୀ ଦେଶସହ ସଂପୃକ୍ତି ଦେବାର ଚେଷ୍ଟା କିଛି

ଐତିହାସିକ ମାନେ କରିଛନ୍ତି । କିନ୍ତୁ କଟଚୁରୀ (ସେଈ) ଗୋଁଡ଼ଚିହ୍ନ ଧାରୀ, କଇଁଛ ଚିହ୍ନ ଧାରୀ,କାକଡ଼େୟ (କାଉ) ଚିହ୍ନଧାରୀ,ଚାଉଳ (କୋକିଶିଆଳୀ) ଚିହ୍ନଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜା ମହାରାଜାଙ୍କ ଶାସନ ପରେ ଏ ସ୍ଥାନ ମରାଠା ମାନଙ୍କ ଆଧିପାତ୍ୟ ସ୍ଥାପିତ ହେଲା ; ସେତେବେଳେ ଏ ଅଂଚଳରେ ଥିବା ଗଡ଼ ମାନଙ୍କର ସଂଖ୍ୟାକୁ ଆଧାର କରି ଏହାକ ଛତିଶଗଡ଼ କୁହାଗଲା । ଏ ନାମ କୌଣସି ବ୍ୟକ୍ତି ବା ବଂଶ ସହ ସଂପର୍କତ ନହୋଇ ଏଠାକାର ଗଡ଼ର ବ୍ୟବସ୍ଥା ସହିତ ସଂବଧିତ ହୋଇଛି ।

ଡାଃ ଭଗବାନ ସିଂହ ବର୍ମାଙ୍କର ମଧ୍ୟ ଏହି ମତ ଯେ ଛତିଶଗଡ଼ର ପୂର୍ବରୁ ଏଠାରେ ଗୋଁଡ଼ୀ ଭାଷାଭାଷୀ ରାଜା ମାନଙ୍କ ଶାସନ ଓ ଭାଷା ପ୍ରଚଳିତ ରହିଥିବ ଏକଥା ଛତିଶଗଡ଼ରେ ଥିବା ସଂଭୁମହାଦେବଙ୍କୁ ମାନୁଥିବା କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟରୁ ଆପେ ପ୍ରମାଣିତ ହୁଏ । କାରଣ ସଂଭୁ ମହାଦେବଙ୍କ ଉପାସନା ଏଠାରେ ବହୁପୂର୍ବରୁ ଚାଲି ଆସୁଅଛି । ଯାହା ଏଠାକାର ସଂଭୁଙ୍କ ଅନୁଚରଙ୍କ ପ୍ରଭାବ ର ପରିଚାୟକ ଅଟେ । ଏଠାକାର ଗୁପେତ ବା ଗୁପ୍ତ, ସିରୀ ସତାବାନ, ପାଣ୍ଡୁ, ନଳ, ଗଙ୍ଗ, କଟଚୁରୀ ଆଦି ଗୋଁଡ଼ଚିହ୍ନ ଧାରୀ ରାଜାମାନେ ନିଜ ରାଜ୍ୟରେ ସବୁ ଧର୍ମାବଲମ୍ବୀ ମାନଙ୍କୁ ଆଶ୍ରୟ ଦେଲେ । ଏଥିପାଇଁ ଏଠାରେ ବୈଷ୍ଣବ ଓ ଶାକ୍ତ ଧର୍ମାବଲମ୍ବୀ ମାନଙ୍କର ଚିହ୍ନ ମଧ୍ୟ ଖୋଦିତ ହେବା ଦେଖାଯାଏ ।

ଏ ଅଂଚଳରେ ଗ୍ରାମ ମାନଙ୍କର ଯେଉଁନାମ ଦେଖିବାକୁ ମିଳେ ସେମାନଙ୍କ ଶେଷରେ ଗୁଡ଼ା, ପାରା, ପାଲୀ, ଟୋଲା, ଡ଼ିହ, ବୋଡ଼, କସ୍‌ସା, ଝରୀ ଆଦି ଉପପଦ ଏହାପ୍ରମାଣ କରେ ଯେ ସେସବୁ ଗୋଁଡ଼ୀ ଭାଷାର ଶବ୍ଦ ଅଟେ, ଯାର ଅର୍ଥ ଗ୍ରାମ । ଏଇ ଉପପଦ ର ସ୍ଥାନରେ ଏବେ ପୁର ପୁରୀ ଆଦି ଶବ୍ଦ ଲଗାଇ ଏଠାକାର ଅଧିକାଂଶ ଗ୍ରାମର ନାମକରଣ କରାଯାଇ ସାରିଛି । ଉଦାହରଣ ସ୍ୱରୂପ ରମଗଡ଼ କୁ ରାମଗଡ଼, ଲଲବା କୁ କୃଷ୍ଣପୁର,କୋଟମୀକୁ କୋଟପୁର, ସରଜୁକୁ ସୁରଜପୁର, ବଠ୍‌ବା କୁ ବୈକୁଣ୍ଠପୁର ନାମକରଣ କରି ଏହାର ସମ୍ବନ୍ଧ ରାମାୟଣ ବା ମହାଭାରତ କାଳୀନ ଘଟଣା ସହ ଯୋଡ଼ିବାକୁ ଚେଷ୍ଟା କରାଯାଇଛି । ଏଠାରେ ସ୍ଥାପିତ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଆଦିଙ୍କ ମୂର୍ତ୍ତି ସପ୍ତଦଶ ଶତାବ୍ଦୀ ପୂର୍ବର ନୁହେଁ । ଏକଥା ଯୋଗେଶ୍ୱର ପାଣ୍ଡେୟଙ୍କ ମତ ।

୧. **ମଲ୍ଲାର** - ବିଲାସପୁର ଜିଲ୍ଲା ସଦର ମହକୁମାର ଦକ୍ଷିଣ ପୂର୍ବ ଦିଗରେ ପ୍ରାୟ ୩୨ କି.ମି. ଦୂରରେ ଶିବନାଥ, ଅରପା, ଲୀଲାଶର ଆଦି ନଦୀସମୂହ ମଧରେ ଥିବା ମଲ୍ଲାର ନଗର ଅତୀତକାଳରେ ମହାକୋସଳ ନାଡୁ ର ଏକ ଧାର୍ମିକ ଓ ସାଂସ୍କୃତିକ ଆନ୍ଦୋଳନର ମୁଖ୍ୟ କେନ୍ଦ୍ର ଥିଲା । ମହାକୋସଳ ନାମରେ ବିଖ୍ୟାତ ଏଇ ପ୍ରାଚୀନ ଗୋଁଡ଼ ରାଜ୍ୟର ସାଂସ୍କୃତିକ ଏବଂ ଧାର୍ମିକ ଧାରାକୁ ନିର୍ମଳ ରଖି ଥିବା ଏହି ଐତିହାସିକ ନଗର ଏବେ ଛତିଶଗଡ଼ର ବିଳାସପୁର ଜିଲ୍ଲାରେ ଅଛି । ଏହି ନଗର ପ୍ରାଚୀନ ସଭ୍ୟତା ସଂସ୍କୃତି ଏବଂ କଳାର ଅମୂଲ୍ୟ ସଂପଦ ନିଜ ଭିତରେ ସାଇତି ରଖିଛି । ପ୍ରାଚୀନ ଦେବାଳୟ, ଧ୍ୱଂସସ୍ତୁପର ଏ ସହରର ଧାର୍ମିକ ଜୀବନରେ ମହାଶିବ ରାତ୍ରୀ ବିଶେଷ ରୂପେ ପାଳିତ ହୁଏ । ଏ ଅଂଚଳରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ଏ ସ୍ଥାନକୁ ଅତି ପବିତ୍ର ସ୍ଥଳ ଭାବରେ ମାନନ୍ତି । ମହାଶିବରାତ୍ରୀ ପର୍ବରେ ଏଠାରେ ୧୫ ଦିନ ଧରି ମେଳ ଅନୁଷ୍ଠିତ ହଏ । ଯେଉଁଥିରେ ସେମାନେ ସଂଭୁମହାଦେବଙ୍କ ସୁପ୍ତ ଅବସ୍ଥାରୁ ଜାଗ୍ରତ ଅବସ୍ଥାକୁ ଆଣିବାକୁ ପ୍ରାର୍ଥନା କରନ୍ତି ।

ମହାକୋସଳନାଡୁ ର ରାଜନୈତିକ ଏବଂ ସାଂସ୍କୃତିକ ଇତିହାସ ଗଠନରେ ଏଇ ମଲ୍ଲାର ନଗରର ଉଲ୍ଲେଖନୀୟ ଯୋଗଦାନ ରହିଛି । ଏଠାରୁ ଅନେକ ତାମ୍ରପତ୍ର,ଶିଳାଲେଖ, ମାଟିର ମୁଦ୍ରା, ମୁଦ୍ରା, ସ୍ମୃତି ଚିହ୍ନ ଏବଂ କଳାକୃତିର ଧ୍ୱଂସାବଶେଷରୁ ଏକଥା ଜଣାପଡ଼େ ଯେ ଏ ନଗର ପ୍ରାଚୀନ କାଳରେ ଅତି ଉନ୍ନତ ଥିଲା । ଏଠାରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଶରଭପୁଡ଼ି (ତେନ୍ତୁଳିଆ ବିଛା) କଟଚୁରୀ (ସେଇ ବା ହୈୟୟ) କଇଛ,ପାଣ୍ଡୁ (ଉଇ) ଆଦି ଗୋଁଡ଼ ଚିହ୍ନ ଧାରୀ ରାଜାମାନଙ୍କ ଶାସନ ଚାଲୁଥିଲା । ତେନ୍ତୁଳିଆ ବିଛା ଗୋଁଡ଼ ଚିହ୍ନ ଧାରୀ ରାଜା ମହେନ୍ଦ୍ରଙ୍କର ମାଟିର ମୁଦ୍ରା,ଉଇଚିହ୍ନ ଧାରୀ ମହାଶିବଗୁପ୍ତଙ୍କର ତାମ୍ରପତ୍ର,କଟଚୁରୀ ଗୋଁଡ଼ଚିହ୍ନ ଧାରୀ ଜାଜଲଦେବଙ୍କ ତାମ୍ରପତ୍ରରୁ ଏଠାରେ ଶାସନ କରିଥିବା ରାଜାମାନଙ୍କ ସଂପର୍କରେ ଜାଣିହୁଏ ।

ମଲ୍ଲାର ର ଖନନ ରୁ ଏକଥା ପ୍ରମାଣିତ ହୁଏ ଯେ ଏଠାକାର ପ୍ରାଚୀନ ଇତିହାସ ଅତ୍ୟନ୍ତ ଗୌରବ ପୂର୍ଣ୍ଣଥିଲା । ଏ ଅଂଚଳରେ ସଂଭୁମହାଦେବଙ୍କର ଜୀବବାଦୀ ଜୀବନଦର୍ଶନ ସହିତ ବୈଦିକ ପୌରାଣିକ ଧର୍ମ, ବୌଦ୍ଧଧର୍ମ ଓ ଜୈନ ଧର୍ମକୁ ମଧ ରାଜାନୁ ଗ୍ରହ ମିଳିଥିଲା ।

ମଲ୍ଲାର ବା ମହ୍ଲାର ନାମର ଯଥାର୍ଥ୍ୟ ହେଲା ଏ ନାମ ପଞ୍ଚଖଣ୍ଡ ପୃଥିବୀର ମୋଟ ଅଠାଅଶୀ ସଂଭୁ ମହାଦେବ ମଧ୍ୟରୁ ୪୦ ତମ ସଂଭୁ ମହାଦେବଙ୍କ ନାମ ମଲ୍ଲାର ଥିଲା । ଗୋଁଡ଼ୀ ଗୋଁଡ୍ ସଂପ୍ରଦାୟର ଲୋକେ ଆଜିମଧ୍ୟ ଏହାକୁ ମଲ୍ଲାରୀପାଟ କହନ୍ତି । ଏହି ମଲ୍ଲାରୀପାଟ ବିଭିନ୍ନ ସମୟରେ ମଲ୍ଲାଲପଟନ, ମହ୍ଲାରପଟନ ଆଦିନାମରେ ତାମ୍ରପତ୍ରରେ ଲେଖା ଅଛି । ତେନ୍ତୁଳିଆ ବିଛା ଗୋଁଡ଼ଚିହ୍ନ ଧାରୀ ମହେନ୍ଦ୍ରରାଜାଙ୍କ ରାଜ୍ୟକୁ ସମୁଦ୍ର ଗୁପ୍ତ ଆକ୍ରମଣ କରିଥିଲେ ଓ ତାଙ୍କର ଶାସନକାଳରେ ଏଠାରେ ମୂର୍ତ୍ତି କଳା ଓ ସାହିତ୍ୟ ର ପ୍ରଚାର ପ୍ରସାର ହେଲା ଏହା ପୂର୍ବରୁ ଏଠାରେ ଜୀବବାଦୀ ଜୀବନ ମାର୍ଗକୁ ମାନୁଥିବା ସମ୍ଭୁମହାଦେବଙ୍କ ଅନୁଚର ଗଣଙ୍କର ବ୍ୟବସ୍ଥା ଥିଲା । ପ୍ରାଚୀନ କାଳରେ ଏଠାରେ ମଲ୍ଲାସୁର ନାମ କୋୟାବଂଶୀୟ ଗୋଁଡ୍ ସଂପ୍ରଦାୟର ରାଜା ଶାସନ କରୁଥିଲେ ।

କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟ ରେ ଥିବା ପୌରାଣିକ କଥା ଅନୁସାରେ ମାବା କୋସଲ ନାଡୁରେ ରତନଗଡ଼,ମଲ୍ଲାରୀ ଗଡ଼, ସୀରୀଗଡ଼, କୋୟାନାରଗଡ଼, ପାମଗଡ଼, କୋଟଗଡ଼, ବଛୋରଗଡ଼, ଖରୋଦଗଡ଼,ଧ୍ୱରାକୋଟଗଡ଼ ଆଦି ସବୁ ମାଟିର ଗଡ଼ ଥିଲା, ଯାର ଧ୍ୱଂସାବଶେଷ ଏବେ ମଧ୍ୟ ଦେଖିବାକୁ ମିଳେ ।

ସାଗର ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ସର୍ଭେ ରୁ ଜଣା ଗଲାଯେ ଏଠାକାର ମୂଖ୍ୟ ସଂଭୁମହାଦେବଙ୍କ (ଛାତାଳେଶ୍ୱର) ମନ୍ଦିର ର ଦ୍ୱାରବନ୍ଧରେ ଗାଈ,ଘୋଡ଼ା,ଗଜଶାର୍ଦ୍ଦୁଳ,ପୂଜକଯୁଗଳ,ନାଗକନ୍ୟା ଆଦିର କଳାତ୍ମକ ଚିତ୍ର ଅଂକା ଯାଇଛି । ଯାହା ଗୋଁଡ଼ୱାନାର ଗୋଁଡ଼ ରାଜାମାନଙ୍କର କଳା କଥା କହେ । ଗଜଶାର୍ଦ୍ଦୁଳ ଅର୍ଥାତ୍ ହାତୀ ଉପରେ ବସିଥିବା ସିଂହ ଆବାହମାନ କାଳରୁ ରାଜଚିହ୍ନ ରହିଆସିଛି । ପୁଣି ସେମାନେ ଉଦାଳିଆ, ସେଈଡା ହୈୟୟ, ସାତବାହନ, ନାଗ, ଉଇ, ରାଜହଂସ, ଚନ୍ଦେଲ, ଗଙ୍ଗା, ଚେନ୍ତୁଳିଆ ବିଛା ବା କୁଆ ଚିହ୍ନ ଧାରୀ ହୁଅନ୍ତୁନା କାହିଁକି ସମସ୍ତେ ଗଜଶାର୍ଦ୍ଦୁଳକୁ ରାଜଚିହ୍ନ ମାନୁଥିଲେ ।

୨. **ସିରପୁର** - ମହାକୋସଳ ର ପ୍ରାଚୀନ ରାଜଧାନୀ ରାୟପୁର ଜିଲ୍ଲାର ମହାସମୁନ୍ଦ ତହସିଲର ମହାନଦୀର ପୂର୍ବକୂଳରେ ଅବସ୍ଥିତ । ବର୍ତ୍ତମାନର ସିରପୁର ପ୍ରାୟ ୮୦ ଘର ଅଛି । କିନ୍ତୁ ପ୍ରାଚୀନ ଭଗ୍ନାବଶେଷ ସବୁ ଆଡ଼େ ବିଛାଡ଼ି ହୋଇ

ପଡ଼ିଛି । ମହାନଦୀର ପୂର୍ବ କୂଳରେ ଅବସ୍ଥିତ ସିରପୁର ନିବିଡ଼ ଜଂଗଲ ମଧ୍ୟରେ ଅବସ୍ଥିତ । ଏବର ସିରପୁର ଚାରିପାଖରେ ଜଂଗଲ ଏମିତି ମାଡ଼ିଯାଇଛି ଯେ ଏହାର ଅଧିକାଂଶ ଧ୍ୱଂସାବଶେଷ ନିବିଡ଼ ଜଂଗଲରେ ଲୁଚି ଯାଇଛି । ତଥାପି ଏଠାରେ ଅଧିକାଂଶ ଭଗ୍ନାବଶେଷ ପାଖାପାଖି ଦୁଇ କି.ମି. ଲମ୍ବ ଓ ୧ କି.ମି. ଚଉଡାର ବିଛାଡ଼ି ହୋଇ ପଡ଼ିଛି ।

ସିରପୁର ଶବ୍ଦ ସିଡ଼ୀପୁରରୁ ଉତ୍ପନ୍ନ ହୋଇଛି । ଏହି ନାମ ପଞ୍ଚମ ଶତାବ୍ଦୀ କାଳରେ ମହାକୋସଳ ଅଂଚଳର ରାଜଧାନୀ ଥିଲା । ଏଠାକାର ତେନ୍ତୁଳିଆ ବିଛା ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କ ଲେଖାରୁ ଜଣାପଡୁଛି । ତେନ୍ତୁଳିଆ ବିଛା ରାଜା ମାନଙ୍କ ପରେ ଏଠାରେ ଉଇଚିହ୍ନ ଧାରୀ ଗୋଁଡ଼ ସଂପ୍ରଦାୟର ରାଜାମାନେ ଶାସନକଲେ । ଏହାଙ୍କ ପରେ ହୈୟୟ,ନାଗ,ରାଜହଂସ ଗଣ୍ଡଚିହ୍ନଧାରୀ ରାଜା ମାନେ ମଧ୍ୟ ସିରପୁରରେ ଶାସନ କରିଥିଲେ । ଏମାନଙ୍କର ଶାସନ ସୀରପୁର, ଆରଙ୍ଗ ଓ ରାଜୀମରେ ମଧ୍ୟଥିଲା ।

କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟରେ ପ୍ରଚଳିତ ପୌରାଣିକ ଗୋଣ୍ଡ ଲୋକକଥା ଅନୁସାରେ ସୀରୀପୁର ର ପ୍ରାଚୀନ ନାମ ସୀରୀମତ ପାଟଥିଲା । ଏହାର ଅର୍ଥ ପକ୍ଷୀଶକ୍ତି ସ୍ଥଳ ଅଟୋସୀରୀସତ୍ ପକ୍ଷୀ ମାନଙ୍କ ଶକ୍ତି ମିଠୁ ବା ଶୁଆକୁ କୁହାଯାଏ । ଏହା ସୀରିସତ (ଶୁଆ) ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କର ଏହା ରାଜଧାନୀ ଥିଲା । ଯେଉଁ ମାନଙ୍କୁ ସୀରୀସତବାନ କୁହାଯାଏ । ଏହି ସୀରିସାତବାହନ ରାଜାମାନଙ୍କ ମୂଳପୁରୁଷ ସୀରିମୁଖ ହିଁ ଏଠାରେ ନିଜର ରାଜଧାନୀ ସ୍ଥାପନ କରିଥିଲେ । ଏଥି ପାଇଁ ଏହାକୁ ସୀରୀପାଟ ବା ସୀରୀପୁର କୁହାଯାଏ । ଏହାଙ୍କ ପରେ ଏଠାରେ ତେନ୍ତୁଳିଆ ବିଛା,ଉଇ କଟଚୁରୀ ବା ହୈୟୟ,ରାଜହଂସ ଆଦି ଗୋଁଡ଼ଚିହ୍ନ ଧାରି ଗୋଁଡ଼ରାଜା ମାନେ ଏଠାରେ ଶାସନ କରିଥିଲେ ।

ଉପର ବର୍ଣ୍ଣିତ ସବୁରାଜାମାନେ ସଂଭୁଗବରାଙ୍କ ଉପାସକଥିଲେ । ସେମାନେ ନିଜ ରାଜ୍ୟରେ ଜୈନ,ବୈଦ୍ଧ, ଆଦି ସବୁ ଧର୍ମାବଲମ୍ବୀମାନଙ୍କୁ ରାଜାଶ୍ରୟ ପ୍ରଦାନ କରିଥିଲେ । ଏଠାରେ କରାଯାଇଥିବା ଖନନରୁ ସଂଭୁମହାଦେବଙ୍କ ମନ୍ଦିର ର ଭଗ୍ନାବଶେଷ ଏକ ବଡ଼ ସମ୍ଭୁଗବରାଙ୍କ ଲିଂଗ ଏବଂ ରାଜ ଦମ୍ପତିଙ୍କ ମୂର୍ତ୍ତି ଏକ

ପାହାଡ଼ରୁ ମିଳିଛି । ଯାହାକି ସବୁଠାରୁ ପୁରୁଣା ଅନ୍ୟଏକ ପାହାଡ଼ରୁ ବୈାଦ୍ଧ ମଠର ଭଗ୍ନାବଶେଷ ଛୋଟ ଭବନ ଓ ବିହାର ର ଭଗ୍ନାବଶେଷ, ସାଢ଼େ ଛଅଫୁଟ ଉଚ୍ଚ ବୁଦ୍ଧ ମୂର୍ତ୍ତି, ଚୌଦଟି କୋଠରୀ ଓ ମହାଶିବ ଗୁପ୍ତଙ୍କ ୧୪ ଧାଡ଼ିର ଲେଖା ମିଳିଛି । ଏହି ଲେଖା ଅନୁସାରେ ମହାଶିବ ଗୁପ୍ତଙ୍କ ଶାସନ କାଳରେ ଆନନ୍ଦ ପ୍ରଭୁ ନାମକ ଭିକ୍ଷୁ ଲାଗି କୁଟୀ ବିହାର ନିର୍ମାଣ କରାଯାଇଥିଲା । ଏହା ବ୍ୟତୀତ ଏକା ସଂଗରେ ଦୁଇ ହଜାର ରୁ ଅଧିକ ବୌଦ୍ଧ ଭିକ୍ଷୁଙ୍କ ରହଣୀର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

ପାଣ୍ଡୁ (ଉଇ) ଗୋଣ୍ଡଚିହ୍ନ ଧାରୀ ରାଜା ମାନଙ୍କ ପୂର୍ବରୁ ଏଠାରେ ୟେନଚିଂଗ (ସାତା ପୋହୋ) ରାଜାମାନଙ୍କ ଶାସନ ଚାଲୁଥିଲା । ଏହାଙ୍କ ସମୟରେ ତାଙ୍କର ଜଣେ ବନ୍ଧୁ ନାଗାର୍ଜୁନ ଏଠାକୁ ଆସିଥିଲେ । ତାଙ୍କ ପାଇଁ ସାତାପୋହୋ ମାନେ ସାତବାହାନ ରାଜାମାନେ ପୋଲୋମୋଲୋ କଲି (ଭ୍ରମର କୋଟ ଅର୍ଥାତ୍ ବର୍ତ୍ତମାନର ଚକ୍ରକୋଟ) ପର୍ବତର ସଂଘାରାମ ତିଆରି କରିଥିଲେ । ଏହା ଚୀନ ପରିବ୍ରାଜକ ହୁଏନସାଂଙ୍କ ନିଜ ବିଦେଶ ଯାତ୍ରା ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ଯେକି ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀର ଶେଷଭାଗରେ ସମ୍ଭବତଃ ମହାଶିବଗୁପ୍ତଙ୍କ ଶାସନକାଳର ମହାକୋଶଳକୁ ଯାତ୍ରାକରିଥିଲେ ।

ପ୍ରାୟ ସମସ୍ତ ଦକ୍ଷିଣ କୋସଳକୁ ଜଳର ସୁବିଧା ଯୋଗାଉଥିବା ମହାନଦୀର ଦକ୍ଷିଣ କୂଳରେ ଥିବା ସୀରପୁର କେବଳ ରାଜନୈତିକ ଦୃଷ୍ଟିକୋଣରୁ ମହାକୋଶଳର ରାଜଧାନୀ ନଥିଲା ବରଂ ସମସ୍ତ ମହାକୋଶଳ ନାଡ୍ଡୁର କଳା,ସଂସ୍କୃତି ଏବଂ ଏହାର ଜୀବବାଦୀ ଧର୍ମ ଏ ସୀରପୁରରେ କେନ୍ଦ୍ରିତ ଥିଲା । ବାସ୍ତବରେ ଗୁପ୍ତମାନଙ୍କ କଳା କ୍ଷେତ୍ରରେ ମହାକୋଶଳ ନିଜର ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ରଖିଥିଲା । ଫଳତଃ ଗୋଁଡଓାନାର ମହାକୋଶଳରେ ଥିବା ମହାନଦୀ କୂଳରେ ରାଜିମ ଆରଂଗ ପୂଜାରୀପାଲି,ଖରୋଦ ଓ ଶବରୀନାରାୟଣ ର କଳାକେନ୍ଦ୍ର ସ୍ଥାପନ କରାଗଲା ଯାର ଭଗ୍ନାବଶେଷ ଆଜିମଧ୍ୟ ଏ କଥାର ସାକ୍ଷ୍ୟ ପ୍ରଦାନ କରୁଛି ଯେ ଏ ଅଂଚଳରେ ଗୁପ୍ତଶାସନ କାଳୀନ କଳାକେନ୍ଦ୍ର ସୀରପୁରର ସହାୟକ ଭାବେ ପୂର୍ଣ୍ଣଭାବରେ ସହାୟତା କରୁଥିଲା ଓ ସେମାନେ ମହାନଦୀ କୂଳରେ ଏକ ସ୍ୱତନ୍ତ୍ର ସଂସ୍କୃତିକୁ ଜନ୍ମଦେଲେ ।

୩. **ରାଜିମ୍** - ରାୟପୁର ରୁ ପ୍ରାୟ ୫୩ କି.ମି. ଦୂରରେ ଦକ୍ଷିଣ ପୂର୍ବରେ ମହାନଦୀ ଓ ପୈରୀନଦୀର ସଂଗମରେ ଥିବା ରାଜିମ୍ ସୀରପୁରର ସମକାଳୀନ କଳାକେନ୍ଦ୍ର ଥିଲା । ଏଠାରେ ଥିବା ମନ୍ଦିର ଗୁଡ଼ିକ ଯଦିଓ ବହୁମାତ୍ରାରେ ପୁନର୍ନିର୍ମିତ ହୋଇସାରିଛି ତଥାପି ଏହାର ଯୋଜନା ଏବଂ ଏହାର ବିବିଧଅଂଗ ଓ ଶୀଳ୍ପ ଓ ମୂର୍ତ୍ତିକଳା ସୀରପୁରର ପାଣ୍ଡୁ (ଉଈ) ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଶାସକମାନଙ୍କର ସମକାଳୀନ କଳାର ପ୍ରତିନିଧିତ୍ୟ କରୁଛି । ରାଜିମ୍‌ରେ ପାଣ୍ଡୁ (ଉଈ) ଚିହ୍ନଧାରୀ ରାଜା ତୀବରଦେବଙ୍କ ତାମ୍ରପତ୍ର ବି ଏହାଙ୍କର ସମକାଳୀନ ହୋଇଥିବାର ପ୍ରମାଣ ଦିଏ ।

ରାଜୀମରେ ଥିବା ରାଜୀବ ଲୋଚନ ମନ୍ଦିର ର ଯୋଜନା ସୀରପୁର ସ୍ଥିତ ବୈକୁଣ୍ଠ ମନ୍ଦିର ସହିତ ସମାନ । ଏଠାରେ ଶରଭପୁଡ଼ୀ (ତେନ୍ତୁଳିଆ ବିଛା) ଗୋଁଡ଼ଚିହ୍ନ ଧାରୀ ରାଜାମାନଙ୍କର କଲାକୃତି ର ଝଲକ ଦେଖିବାକୁ ମିଳେ । ରାଜିମରେ ବି ସଂଭୁଗବରାଙ୍କ ଲିଂଗର ଅବଶେଷ ଓ ସେଠାରେ ମହାଶିବରାତ୍ରି ର ମେଳା ଏକଥାକୁ ପ୍ରମାଣିତ କରେ ଯେ ସେଠାକାର ଗୋଁଡ଼ଜୀବମାନେ ସଂଭୁଗବରାଙ୍କ ଉପାସକ ଥିଲେ ।

୪. **ଆରଙ୍ଗ** - ରାଜିମରୁ ପ୍ରାୟ ୩୮ କି.ମି. ଉତ୍ତରକୁ ମହାନଦୀ କୂଳରେ ଥିବା ଆରଙ୍ଗ ଏକଦା ଗୋଁଡ଼ୱାନାର ମହାକୋଶଳ ଅଂଚଳର ପ୍ରାଚୀନତମ ସ୍ଥାନ ମାନଙ୍କରୁ ଅନ୍ୟତମ । ଏବେ ନିକଟରେ ଆରଙ୍ଗର ପାଖଗ୍ରାମ ଗୁଜରା ଗାଁଓ୍ଁରୁ ମିଳିଥିବା ରୂପାର ଖଣ୍ଡିତ ମୁଦ୍ରାରୁ ଜଣାପଡ଼େଯେ ଏହାର ଐତିହାସିକ କଥା ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ପୂର୍ବ ପର୍ଯ୍ୟନ୍ତ ପହଞ୍ଚ ଯାଇଛି । ଆରଙ୍ଗରୁ ପ୍ରାପ୍ତ ରାଜସୀ (ଚାତକ) ଗୋଁଡ଼ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜା ଭୀମସେନ ଦ୍ୱିତୀୟ ନାମର ତାମ୍ରପତ୍ର, ସୀରପୁର ର ପାଣ୍ଡୁ ଗୋଁଡ଼ଚିହ୍ନ ଧାରୀ କୋୟା ବଂଶୀୟ ଗୋଁଡ଼ରାଜାଙ୍କ ସମସାମୟିକ ପରିସ୍ଥିତିର ସୂଚନା ଦିଏ । ଶରଭପୁଡ଼ି (ତେନ୍ତୁଳିଆ ବିଛା) ନରେଶ ମହାଜୟରାଜ ଏବଂ ମହାସୁଦେବ ରାଜଙ୍କ ଶିଳାଲେଖ ମଧ୍ୟ ଆରଙ୍ଗରୁ ମିଳିଛି । ଏହା ବ୍ୟତୀତ ଆଦିଗୋଣ୍ଡଜୀବ ମାନଙ୍କର ପ୍ରସ୍ତର ଯୁଗୀୟ ଅସ୍ତ୍ର ଶସ୍ତ୍ର ମଧ୍ୟ ଏଠାରୁ ମିଳିଛି ଯାହା ଏକଥାର ପ୍ରମାଣ ଦେଉଛି ଯେ ଏଠାରେ ଅନାଦିକାଳରୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବାସ ସ୍ଥାନ ରହି ଆସିଥିଲା ।

୫. **ଖରୋଦ** – ବିଳାସପୁର ଜିଲ୍ଲାର ମହାନଦୀ କୂଳରେ ଥିବା ଖରୋଦ ରେ ମଧ୍ୟ ଗୋଁଡଓ୍ୱାନାର ମହାକୋସଳରେ ବିକସିତ ହୋଇଥିବା ଗୁପ୍ତଯୁଗର ପରବର୍ତ୍ତୀ ସମୟର କଳାର କେନ୍ଦ୍ରଥିଲା । ଏମିତି ତ ଏ ଅଂଚଳରେ କୋୟାବଂଶୀୟ ଗୋଁଡ଼ଜୀବମାନଙ୍କର ରାଜା ମହାରାଜା ମାନେଥିଲେ । ସେମାନଙ୍କ ଉପରେ ଗୁପ୍ତକାଳୀନ ମୂର୍ତ୍ତି କଳା ଓ ସାହିତ୍ୟର ପ୍ରଭାବ ପଡ଼ିଥିବା କଥା ଏଠାରେ ଦେଖାଯାଏ । ସେମାନଙ୍କ ପୂର୍ବରୁ ମୂର୍ତ୍ତିକଳାର ପ୍ରଚଳନ ନଥିଲା । ସପ୍ତମ ଓ ଅଷ୍ଟମ ଶତାବ୍ଦୀ ବେଳକୁ ମହାକୋସଳ ଅଂଚଳରେ ଇଟା ନିର୍ମିତ ମନ୍ଦିର ର ନିର୍ମାଣ ଏବଂ ମହାଯାନ ବୌଦ୍ଧ ଧର୍ମର ପୁନରୁତ୍ଥାନ ର କାଳ ଥିଲା । ଏଇଧର୍ମ ପ୍ରଚାରକ ମାନଙ୍କୁ ଗୋଁଡ଼ଓ୍ୱାନାର ମହାକୋସଳ କ୍ଷେତ୍ରରେ ରାଜାମାନେ ଆଶ୍ରୟ ପ୍ରଦାନ କରିଥିଲେ । ଯାହା ସେମାନଙ୍କ ଧାର୍ମିକ ସହିଷ୍ଣୁତାର ପରିଚୟ ପ୍ରଦାନ କରେ ଖରୋଦଠାରେ ସ୍ଥାପିତ ଇଟାର ମନ୍ଦିର ସେଇକାଳର ପ୍ରତିନିଧିତ୍ୱ କରେ । ଖରୋଦଠାରେ ପାଣ୍ଡୁ (ଉଇ) ଗଣ୍ଡଚିହ୍ନ ଧାରୀ ଇସାନଦେବ ରାଜା ଙ୍କ ଅଭିଲେଖ ମିଳିଛି, ଯେକି ତୀବରଦେବଙ୍କ ପିତା ନନ୍ନଦେବଙ୍କ ଭାଇଥିଲେ ।

୬. **ପୂଜାରୀପାଲୀ** – ରାୟଗଡ଼ ଜିଲ୍ଲାରେ ଥରବା ସାରଂଗଗଡ଼ ରାଜ୍ୟରେ ପୂଜାରୀପାଲି ନାମକ ଏକ ଛୋଟ ଗ୍ରାମ ଅଛି । ଯେଉଁଠାରେ ଅନେକ ଇଟାର ମନ୍ଦିର ର ଅବଶେଷ ଏବଂ ପଥରର ତୋରଣ ଓ ସେଥିରେ ଯନ୍ତ୍ର ତନ୍ତ୍ର ଖୋଦନ କରାଯାଇଥିବାର ଦେଖିବାକୁ ମିଳେ । ପୂଜାରୀପାଲୀର ଏଇଭଗ୍ନ ମନ୍ଦିର ଏବଂ ପଥରର ସ୍ତମ୍ଭ ସେଠାରେ ଥିବା କୌଣସି ପ୍ରାଚୀନ ନଗରୀର ସୂଚନା ପ୍ରଦାନକରେ । ଉଲ୍ଲେଖନୀୟ ଏହି ଯେ ଏହା ଷଷ୍ଠ ଶତାବ୍ଦୀ କାଳୀନ ନଗରୀ ବୋଲି ଅନୁମାନ କରାଯାଏ । ସିରପୁର ର ପ୍ରସିଦ୍ଧ ପାଣ୍ଡୁ (ଉଇ) ଗୋଣ୍ଡଚିହ୍ନ ଧାରୀ ଶାସକ ମହାଶିବଗୁପ୍ତ ବାଳାର୍ଜ୍ଜୁନଙ୍କ ଏକ ତାମ୍ରପତ୍ର ଏଇ ପୂଜାରୀପାଲୀ ନିକଟସ୍ଥ ଲୋଧିୟା ନାମକ ଗ୍ରାମରୁ ମିଳିଛି । ଲୋଧିୟା ଗ୍ରାମରୁ ମଧ୍ୟ ସଂଭୁଗବରାଙ୍କର ଲିଂଗ, ପାଲିସକରା ପଥର, ଶିଳ୍ପକଳାଯୁକ୍ତ ପଥରସ୍ତମ୍ଭ,ସୁନ୍ଦରମୂର୍ତ୍ତି ଓ କଳାକୃତି ପ୍ରାପ୍ତ ହୋଇଛି । ଲୋଧିୟାର ପ୍ରାୟ ଦେଢ଼ କି.ମି. ଦୂରରୁ ବହୁ ଭଗ୍ନାବଶେଷର ଗଦା ମିଳିଛି ; ଯାହା ଏ ସ୍ଥାନର ପ୍ରାଚୀନତା ଓ ସେଠାରେ ଶାସନ କରିଥିବା କୋୟାବଂଶୀୟ ଗୋଣ୍ଡଜୀବଙ୍କ ରାଜାମାନଙ୍କ ଚିହ୍ନ ।

୭. **ରତନପୁର** - ବିଳାସପୁର ଜିଲ୍ଲାରେ ଥିବା ରତନପୁର ଗୋଁଡ଼ୱାନାର ମାବାକୋସଲନାଡୁର ଏକ ପ୍ରାଚୀନ ନଗରୀ । ମାବା କୋସଲନାଡୁ କୁ ସ୍ଥାନୀୟ (ପ୍ରାକୃତ) ଭାଷାରେ ମହାକୋସଳ ଦେଶ କୁହାଯାଏ ଯାର ଅର୍ଥ ଆମର କୋସଳ ଦେଶ । ପ୍ରାଚୀନ କାଳରେ ଏଇ ମାବାକୋସଲ ନାଡୁକୁ ମାବା କୋୟାନ୍ତର କୁହାଯାଉଥିଲା । ଏଇ ମାବା କୋୟାନ୍ତରକୁ ପ୍ରାକୃତଭାଷାରେ ମହାକାନ୍ତାର ନାମ ଦିଆଗଲା । ରତନପୁରର ପାଖରେ ଥିବା ପାହାଡ଼ରୁ ପ୍ରାଚୀନ ପ୍ରସ୍ତର ଯୁଗର ଅସ୍ତ୍ର ଶସ୍ତ୍ର ମିଳିଛି । ଯାହା ଏକଥାକୁ ପ୍ରମାଣ କରୁଚି ଯେ ଏଠାରେ ଅନାଦୀ କାଳରୁ କୋୟା ବଂଶୀୟ ଗୋଁଡ଼ଜୀବ ମାନେ ବସବାସ କରୁଥିଲେ ।

ମାବା କୋସଲ ନାଡୁରେ ଗାଦୀ ନାସୀନ ରାଜା ରୂପେ ଶାସନ କରିଥିବାର ଶ୍ରେୟ ଗଡ଼ମଣ୍ଡଲାର ରାବେଣ (ନୀଲକଣ୍ଠ ବା ଭଦାଳିଆ) ଚିହ୍ନଧାରୀ ଯଦୁରାୟଙ୍କୁ ଯାଏ, ଯିଏ ଗଡ଼ମଣ୍ଡଲା ଆସିବା ପୂର୍ବରୁ ଲାଂଜୀ ଓ ରତନପୁର ଦରବାରରେ ଜଣେ ସେନାପତି ରୂପେ କାର୍ଯ୍ୟ କରିଥିଲେ । ପୌରାଣିକ କାଳରେ ରତନପୁର କୁ ହୀରାପୁର,ମହାଜନପଦ କାଳରେ ମନୀପୁର ଓ ମଧ୍ୟଯୁଗୀୟ କାଳରେ ରତନପୁର ନାମରେ ଏ ନଗରୀ ପରିଚିତ ଥିଲା ।

ଗୋଁଡ଼ୀ ଗୋଣ୍ଡଗାଥା ଅନୁସାରେ ରତନପୁରକୁ କଇଁଛ ଗୋଣ୍ଡଚିହ୍ନଧାରୀ ରାଜା ହୀରାସିଂହ ବସାଇଥିଲେ । ଯେ କି ମରବାମଡ଼ା ବା ମରକାମ ଗୋତ୍ରୀୟ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାଥିଲେ । ସେଇ ହୀରାସିଂହଙ୍କ ନାମାନୁସାରେ ପୌରାଣିକ କାଳରେ ଏହାକୁ ହୀରାପୁର କୁହାଯାଉଥିଲା । ଏ ନଗରୀରେ ରାଜା ହୀରାସିଂହଙ୍କ ଠାରୁ ଆରମ୍ଭକରି ମୟୁରଧ୍ୱଜ ପର୍ଯ୍ୟନ୍ତ ପ୍ରାୟ ପଚାଶଜଣ ରାଜା ଶାସନ କରିଥିଲେ ଏହାପରେ ସେଠାରେ ପାଲମୂରା (ଦୁଧିଆଳୀ ଗାଈ) ଗୋଣ୍ଡଚିହ୍ନ ଧାରୀ ରାଜା ମଣିପାଳ ନିଜର ଆଧିପତ୍ୟ ବିସ୍ତାର କଲେ ତାଙ୍କ ନାମାନୁସାରେ ଏ ନଗରୀକୁ ମଣିପୁର କୁହାଗଲା । ଏହାପରେ ସେଠାରେ ପୁନର୍ବାର କଇଁଛ ଚିହ୍ନ ଧାରୀ ରାଜାମାନେ ନିଜର ଶାସନ ସ୍ଥାପିତ କଲେ ସେତେବେଳେ ରତନ ସେନ ନାମକ ସେଠାରେ ରତନତାଲ ନାମରେ ପୋଖରୀ ଖୋଳାଇଲେ । ତାଙ୍କ ନାମରେ ଏ ନଗରୀର ନାମ ରତନପୁର ହେଲା । ଏହାଙ୍କ ଶାସନ କାଳରେ ଗଡ଼ମଣ୍ଡଲାର ରାବେଣ (ନୀଲକଣ୍ଠ) ବଂଶୀୟ ରାଜା ମାନଙ୍କର ମୂଳପୁରୁଷ

ଯଦୁରାୟ ସେନାପତି ଥିଲେ । ଯିଏ ପରବର୍ତ୍ତୀ କାଳରେ ଗଢ଼ମଣ୍ଡଳାର ନାଗବଂଶୀରାଜାଙ୍କ କନ୍ୟା ରତ୍ନାବଳୀକୁ ବିବାହ କରି ସେଠାରେ ସିଂହାସନ ଆରୋହଣ କରି ରାଜା ହେଲେ ।

ରତନପୁରରେ କଇଁଛ, ପାଲମ୍ବରା ଓ କଟଚୁରୀ ଗୋଁଡ଼ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନେ ଶାସନ କରିଥିଲେ । ଯାର ଧ୍ୱଂସାବଶେଷ ଆଜିମଧ୍ୟ ରହିଛି ।

୮. **ଧନୋରା** - ରାୟପୁର ଜିଲ୍ଲାର ଧମତରୀ ନିକଟରେ ଧନୋରା ନାମକ ସ୍ଥାନରୁ ମହାପ୍ରସ୍ତର ଯୁଗର ପ୍ରାୟ ୫୦୦ ସ୍ମୃତିଚିହ୍ନ ମିଳିଛି । ଏଠାରେ ଖନନ କରାଯିବା ବେଳେ ଡଃ ମା.ଗୋ.ଦୀକ୍ଷିତଙ୍କୁ ହାଡ଼ଖଣ୍ଡ,କନ୍‌କେ, କାଚଚୁଡ଼ୀର ଖଣ୍ଡ ତଥା ତମ୍ବାପାତ୍ର ମିଳିଛି । ଏଥିରୁ ଏହା ଜଣାପଡ଼େ ଯେ ପ୍ରସ୍ତର ଯୁଗରେ ଏ ଅଂଚଳରେ ଆଦୀଗୋଣ୍ଡଜୀବ ମାନେ ବାସ କରୁଥିଲେ ।

୯. **ଡ଼ୋଙ୍ଗରୀଗଢ଼** - ବର୍ତ୍ତମାନ ବିଳାସପୁର ଜିଲ୍ଲାର ଖଡ଼ିଆ ରାଜସ୍ୱ ମଣ୍ଡଳ ଅନ୍ତର୍ଗତ ଡ଼ୋଙ୍ଗରୀଗଢ଼ ନିକଟରେ ପର୍ବତ ଶିଖରରେ ପ୍ରାଚୀନ ଦୁର୍ଗର ଅବଶେଷ ଅଛି । ଡ଼ୋଙ୍ଗରୀଗଢ଼ରେ ଏକ ପ୍ରାଚୀନ ଗୁମ୍ଫାରେ ବେନଦେବୀଙ୍କ ଆସ୍ଥାନ ଅଛି ସେଠାରେ କଂଚାଲୁହାର ତ୍ରିଶୂଳ, ଖଣ୍ଡା ଓ ପିତ୍ତଳର ଦୁଇଟି ନାଗରା ଅଛି । ସେଠାରେ ଚୈତ୍ର ମାସରେ ଏକ ମେଳା ଅନୁଷ୍ଠିତ ହୁଏ । ଏଇମେଳାରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗଣ୍ଡଜୀବମାନେ ନିଜର (ବେନୋ କୀ ଦାଈ) ନିଜ ଗୋତ୍ରର ମାତାଙ୍କୁ ପୂଜାକରିବାକୁ ପ୍ରତିବର୍ଷ ଭାଗନିଅନ୍ତି ।

୧୦. **କଂବରୀଗଢ଼** - ରାୟପୁର ଜିଲ୍ଲାର ଧମତରୀ ତହସିଲରେ ଥିବା କଂବରୀଗଢ଼ରେ ବର୍ତ୍ତମାନ ମଧ୍ୟ ଗୋଁଡ଼ରାଜା ମାନଙ୍କର ଏକ ପ୍ରାଚୀନଗଢ଼ର ଧ୍ୱଂସାବଶେଷ ରହିଛି । ଏଠାରେ "ସାତଆଗର ସାତ କୋରୀ ପଲାବ" ନାମକ ପୁଷ୍କରୀଣୀ ଅଛି । ଯାହାକୁ ଆମେ ୧୪୭ଟି ପୋଖରୀ ବୋଲି କହିପାରିବା । ଏଠାକାର ଗଢ଼ର ଧ୍ୱଂସବଶେଷରେ ଗଢ଼ିଆ ଦେବ ଓ ମାଉଲୀ ମାତା ଅଛନ୍ତି । ଗଢ଼ିୟା ଦେବ ଓ ମାଉଲୀ ମାତା ଅଛନ୍ତି । ଗଢ଼ିୟା ଦେବଙ୍କ ଠାରୁ ଦୁଇ ଫର୍ଲଙ୍ଗ ଦୂରରେ ଚଣ୍ଡୀ ଦାଇ ବା ଚଣ୍ଡୀ ମାତାଙ୍କ ଆସ୍ଥାନ ଅଛି ସେଠାରେ ଆଶ୍ୱୀନ ଓ

ଚୈତ୍ର ମାସରେ ମେଳା ଅନୁଷ୍ଠିତ ହୁଏ । ଏଠାରେ ସଂଭୁଗବରାଙ୍କ ଲିଂଗର ଅବଶେଷ ମିଳିଛି । କଂବରୀ ଗଡ଼ର ମଝିରେ ନରସିଂହ ନାଥଙ୍କ ମନ୍ଦିର ଅଛି । ନରସିଂହ ନାଥ ମାନେ ଗ୍ରାମକୁ ରକ୍ଷା କରୁଥିବା ଦେବତା । ଯାହାଙ୍କ ମନ୍ଦିରର ଗାତ୍ରରେ ସିଂହ,ଭାଲୁ,ଘୋଡ଼ା ମାଙ୍କଡ଼ ଆଦିର ଚିତ୍ର ଖୋଦିତ ହୋଇଛି । ଏଇ ଦେବାଳୟର ପାଖରେ ସତବହିନୀ ଦେବାଳୟ ଅଛି । ଏଠାରେ ସାତ ଭଉଣୀଙ୍କର ପୂଜା ହୋଇଥାଏ । ଯାହାକୁ ଗୋଁଡ଼ୀରେ ରୟାବାୟିକ ପେନକ କୁହାଯାଏ ।

୧୧. **ଲାଫାଗଢ଼** - ବିଳାସପୁର ଜିଲ୍ଲାର ବିଳାସପୁର ଅମ୍ବିକାପୁର ରାସ୍ତାରେ ଥିବା ଏକ ପାଲୀ ଗ୍ରାମରୁ ୧୧ କି.ମି. ଦୂରରେ ଲାଫାନାମକ ଜମିଦାରୀ ଗ୍ରାମ ଅଛି । ଏଇ ଲାଫାଗ୍ରାମରୁ ୧୬ କି.ମି. ଦୂରରେ ଲାଫାଗଢ଼ ଦୁର୍ଗ ଏକ ବିଶାଳ ପର୍ବତ ଉପରେ ଅବସ୍ଥିତ । ଲାଫାଗଢ଼ ଦୁର୍ଗ ମୁଖ୍ୟ ଦ୍ୱାର ପାଖରେ ପହଞ୍ଚିବା ପରେ ଯାଇ ଦେଖାହୁଏ । ମୁଖ୍ୟଦ୍ୱାର ଠିକ୍ ଅବସ୍ଥାରେ ଅଛି । ଏହା ୪ କି.ମି. ଲମ୍ବା ଓ ୧.୫ କି.ମି. ଓସାରରେ ଏକ ମଜଭୁତ୍ ପାଚେରୀ ମଧ୍ୟରେ ତିଆରି ହୋଇଛି । ଦୁର୍ଗର ତିନୋଟି ଦ୍ୱାର ଅଛି । ସିଂହଦ୍ୱାର ବ୍ୟତୀତ ଜଂଗେଦ୍ୱାର ଓ ହୁଙ୍କାଦ୍ୱାର ସବୁ ଦ୍ୱାର ଦୁଇପ୍ରସ୍ତ ବିଶିଷ୍ଟ । ଯାହା ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାର ସୂଚକ । ଦୁର୍ଗର ଭିତରେଥିବା ଉଆସ ଧ୍ୱଂସସ୍ତୁପରେ ପରିଣତ ହୋଇସାରିଛି । ଦେବତାଙ୍କ ଆସ୍ଥାନ ସୁରକ୍ଷିତ ଅଛି ।

ଏହାର ନିର୍ମାତା ଓ ନିର୍ମାଣ କାଳ ବିଷୟରେ ରତନପୁର ଇତିହାସ ଏବଂ ସାହିତ୍ୟର ରଚୟିତା ବାବୁ ରେବାରାମ ଗୋଁଡ଼ରାଜାଙ୍କ ବଶାନୁକ୍ରମ ବିଷୟରେ ଲେଖିଛନ୍ତି ଯେ ସୁରଦେବଙ୍କ ପୁତ୍ର ରାଜା ପୃଥ୍ୱୀଦେବଙ୍କ ରାଜଧାନୀ ମଣିପୁର ଦୁର୍ଗ ଲାଫାଗଢ଼ ପାହାଡ଼ ଉପରେ ଥିଲା । ସେ ମଣିପୁରକୁ ବସବାସ ଯୋଗ୍ୟ କଲେ ଓ ଲାଫାଗଢ଼ ଦୁର୍ଗ ନିର୍ମାଣ କଲେ । ରାଜା ପୃଥ୍ୱୀଦେବ କଇଛ ଗୋଣ୍ଡଚିହ୍ନ ଧାରୀ ମରକାମ ଗୋତ୍ରୀୟ କୋୟାବଂଶୀୟ ଗୋଣ୍ଡ ସଂପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ ।

୧୨. **ପଂଡ଼ରିୟା** - ବିଳାସପୁର ଜିଲ୍ଲାର ମୁଂଗେରୀ ତହସିଲରେ ଥିବା ପଣ୍ଡରିୟାର ପ୍ରାଚୀନ ନାମ ପ୍ରତାପ ଗଢ଼ ଥିଲା । ପଣ୍ଡରିୟାରେ ଏବେ ମଧ୍ୟ ବକେଲା,ଦେବସରା, କମଠୀ,ମନୁମନାରେ କୂଅ ପୋଖରୀ,ଦୁର୍ଗ,ପ୍ରାଚୀର ଓ

ପ୍ରାଚୀନ ମନ୍ଦିର ମାନଙ୍କର ଭଗ୍ନାବଶେଷ ରହିଛି । ଏଠାରେ ଗୋଁଡଓ୍ୱାନାର ରାଜଚିହ୍ନ "ହାତୀ ଉପରେ ବସିଥିବା ସିଂହ" ବିଶାଳ ପଥର ଖଣ୍ଡରେ ଖୋଦିତ ହୋଇଛି । ସେଠାର ଦମଗଡ଼ ଓ ଭେଡ଼ାଗଡ଼ରେ ପ୍ରାଚୀନ ମନ୍ଦିରର ଅବଶେଷ ଭଗ୍ନଅବସ୍ଥାରେ ଅଛି । ଏବଂ କୋଦଂବା ଗୋଡ଼ାନ ନାମକ ଗ୍ରାମର ନଦୀକୂଳରେ ପ୍ରାଚୀନ ସହରର ସେତେବେଳେ ଲାଂଜୀଗଡ଼ର ଅଧିନରେ ଗଁଡ଼ଈ, ପଂଡ଼ରିୟା, ରତନପୁର, ଚାନ୍ଦା, ବଲଉଦ, ଗୋଁଡ଼ିଆ ସେବତାଗଡ଼ ଆଦି ଥିଲା । ଏଇ ଅଂଚଳର ଅନେକ ସ୍ଥାନରେ ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ ଅବଶେଷ ବିଛାଡ଼ି ହୋଇ ପଡ଼ିଛି । ଯାହା କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ପ୍ରାଚୀନ ବାସସ୍ଥାନ ଥିବାର ପ୍ରମାଣ କରୁଛି ।

୧୩. **ଭୋରମ ଦେବଗଡ଼** - ବର୍ତ୍ତମାନ ରାଜନନ୍ଦଗାଁଓ ଜିଲ୍ଲାର କବର୍ଦ୍ଧା ତହସିଲରେ କବର୍ଦ୍ଧାପାଖରେ ସଲ୍ଲେଟେକରୀ ପାର୍ବତ୍ୟ ଶୃଙ୍ଖଳାର ପାଦଦେଶରେ ଥିବା ଭୋରମଦେବଗଡ଼ରେ ନାଗ ଗୋଁଡ଼ ଚିହ୍ନଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କ ନଗରୀ ଥିଲା । ଅତୀତ କାଳରେ ଏଇ ଅଂଚଳକୁ କୁବୁଧରାଗଡ଼ କୁହାଯାଉଥିଲା । ଗୋଁଡ଼ୀଗୋଣ୍ଡ ଗାଥା ଅନୁସାରେ କବୁଧରାଗଡ଼ରେ ନିଜର ରାଜ୍ୟ ସ୍ଥାପନ କରିଥିବା ପ୍ରଥମ ରାଜା ଭୋରଦେବ ଥିଲେ । ଯେ କି ଗଡ଼ମଣ୍ଡଲାର ନାଗଗୋଣ୍ଡଚିହ୍ନ ଧାରୀ ଉଇକା ଗୋତ୍ରୀୟ ନାଗଦେବ ରାଜାଙ୍କର ଭାଇଥିଲେ । ଏ ସଂପର୍କରେ ଗଡ଼ବୀରଙ୍କ କାହାଣୀରେ ଯେଉଁ ସୂଚନା ଉଲ୍ଲେଖ କରାଯାଇଛି ସେହି ଅନୁସାରେ ଗଡ଼ମଣ୍ଡଲାର ପୋଲସିଂହ ନାମକ ନାଗ ଗୋଁଡ଼ଚିହ୍ନ ଧାରୀ ରାଜାଙ୍କ ତିନି ପୁତ୍ର ଥିଲେ । ପିତାଙ୍କ ମୃତ୍ୟୁପରେ ତିନିଭାଇ ମାନେ ନିଜରାଜ୍ୟକୁ ତିନିଭାଗରେ ବାଣ୍ଟିନେଲେ । ନାଗ ଦେବଗଡ଼ମଣ୍ଡଲାରେ ଧୂରଦେବ ପାଚାଲଗଡ଼ରେ ଓ ଭୋର ଦେବ କବୁଧରା ଗଡ଼ରେ ରହିଲେ ଓ ରାଜଧାନୀ ସ୍ଥାପନ କଲେ । ଏବେ ଯାହାକୁ କବର୍ଦ୍ଧା କୁହାଯାଉଛି ସିଏ ପ୍ରାଚୀନ କାଳ କବୁଧରାଗଡ଼ । ଏଇ ଭୋରଦେବ ରାଜାଙ୍କ ନାମାନୁସାରେ ସେ ସ୍ଥାପିତ କରିଥିବା ରାଜଧାନୀର ନାମ ଭୋରମଦେବଗଡ଼ କୁହାଯାଉଛି ।

ଭୋରମଦେବଗଡ଼ରେ ମଣ୍ଡବାମହଲ,ଖଣ୍ଡାବାମହଲ,ଛେରକୀମହଲ ଓ ଛବରୀମହଲ ଛାଡ଼ିଦେଲେ ଏକ ଭୋରମଦେବ ନାମକ ସଂଭୁଗବରା (ଲିଂଗ ଓ ଶକ୍ତି)ଙ୍କ ପିଣ୍ଡର ମନ୍ଦିର ଅଛି । ସେଠାକାର ରାଜା ପଂଚଖଣ୍ଡ ପୃଥ୍ୱୀର ରାଜା ସଂଭୁ

ମହାଦେବଙ୍କ ଉପାସକଥିଲେ । ସେ ଅଂଚଳରେ ସବୁ ଜନସଂପ୍ରଦାୟର ଲୋକ କହନ୍ତି ଯେ ଭୋରମଗଡ଼ ରାଜା ଗୋଁଡ଼ ସଂପ୍ରଦାୟର ଥିଲେ କିନ୍ତୁ ଐତିହାସିକ ମାନେ ଏକଥା ମାନିବାକୁ ରାଜି ନୁହନ୍ତି । ସେମାନେ ଐତିହାସିକ ଦୃଷ୍ଟି କୋଣରୁ ଭୋରମଗଡ଼ର ନିର୍ମାଣକର୍ତ୍ତା ନାଗବଂଶୀ ରାଜାଙ୍କୁ ସ୍ୱୀକାର କରନ୍ତି କିନ୍ତୁ ସେମାନେ ନାଗ ଗୋଣ୍ଡଚିହ୍ନଧାରୀ ମାନେ ଗୋଣ୍ଡ ସଂପ୍ରଦାୟର ରାଜାଥିଲେ । ଏହା ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହଁନ୍ତି । ଅନ୍ୟପକ୍ଷରେ ବାସ୍ତବିକତା ହେଲା ଯେ ଏହି ଗୋଁଡ଼ୱାନା ଅଂଚଳରେ ସେମାନେ କଟଚୁରୀ (କଲଚୁରୀ) କଇଁଛ, ନାଗ, ପାଣ୍ଡୁ, ଗଙ୍ଗ, ନଳ, ଶରଭପୁଡ଼ି ଆଦି ହୁଅନ୍ତୁ ନା କାହିଁକି ସମସ୍ତେ ଗୋଁଡ଼ ସଂପ୍ରଦାୟର ଥିଲେ ଓ ସେମାନେ ନିଜର ଗୋଣ୍ଡ ଚିହ୍ନ ଯୋଗୁଁ ଜଣାପଡ଼ନ୍ତି । ଏସବୁ ନାମମଧ୍ୟ ଗୋଁଡ଼ୀ ଭାଷାର ଓ ପ୍ରାଣୀମାନଙ୍କର ନାମ ମଧ୍ୟ ଗୋଁଡ଼ୀର । ସେମାନେ ସବୁ ଧର୍ମାବଲମ୍ବୀ ମାନଙ୍କୁ ନିଜ ରାଜ୍ୟରେ ରାଜାଶ୍ରୟ ପ୍ରଦାନ କରିଥିଲେ । ସେମାନଙ୍କ ଦ୍ୱାରାନିର୍ମିତ ବସ୍ତୁରେ ଧାର୍ମିକ ସହିଷ୍ଣୁତାର ଝଲକ ଦେଖାଯାଏ । ନାଗ, ହୈୟୟ, ଗଙ୍ଗ, କଇଁଛ, ନଳ, ପାଣ୍ଡୁ.ଶରଭପୁଡ଼ୀ ଗୋଁଣ୍ଡଚିହ୍ନ ଧାରୀ ରାଜା ମାନଙ୍କ ମଧ୍ୟରେ ପାରସ୍ପରିକ ବିବାହ ସଂବନ୍ଧ ସ୍ଥାପନ କରାଯାଇଥିବାର ଅନେକ ଉଦାହରଣ ଅଛି । କାହିଁକିନା ସେମାନଙ୍କ ସଂପ୍ରଦାୟରେ ବିଷମ ଗଣ୍ଡଚିହ୍ନ ଧାରୀ ଦୁଇଟି ପରିବାର ମଧ୍ୟରେ ବିବାହ ସମ୍ବନ୍ଧ ସ୍ଥାପନ କରିବାର ପ୍ରଥା ଥିଲା । ସମ ଗୋଁଡ଼ଚିହ୍ନ ଧାରୀଙ୍କ ମଧ୍ୟରେ ନୁହେଁ ।

ଭୋରମଦେବ ସଂଭୁମହାଦେବ ମନ୍ଦିରର ସ୍ଥାପନ କାହିଁକି କରାଗଲା ଏ ସଂପର୍କରେ ମଧ୍ୟ ଏକ ପୌରାଣିକ କଥା ଏ ଅଂଚଳରେ ବସବାସ କରୁଥିବା ଗୋଁଡ଼ ସଂପ୍ରଦାୟରେ ପାଳିତ ହୋଇଥାଏ । ଭୋରଦେବ ରାଜାଙ୍କ ବଂଶଧରଙ୍କ ରାଜ୍ୟ କବ୍ଧୁଧରାଗଡ଼ର ପୁରବାସୀ ଗ୍ରାମରେ ଥିଲା । ସେଠାରୁ ସେମାନେ ନିଜର ରାଜ୍ୟକାର୍ଯ୍ୟ ବୁଝାସୁଝା କରୁଥିଲେ । ଥରେ ନବମ ଶତାବ୍ଦୀ କାଳରେ ପୁରବାସୀ ର ରାଜା ଅହିରାଜ ପନ୍ନାସିଂହ ମୈକଲ ପର୍ବତର ସାଲଟେକରୀକୁ ଶିକାର କରିବାକୁ ଗଲେ । ସେତେବେଳେ ସେଠାରେ ଜାନୁକର୍ଣ୍ଣ ଗୁଣିଆଁର ସାଧନା ସ୍ଥଳ ତଥା ମଡ଼ିଆ ଥିଲା । ଜାନୁକର୍ଣ୍ଣ ଗୁଣିଆଁର ଦୁଇଟି ପୁତ୍ର ଓ ଗୋଟିଏ କନ୍ୟା ଥିଲା । ସେ ପ୍ରତିଦିନ ଜଙ୍ଗଲ ଓ ପାହାଡ଼କୁ ଆୟୁର୍ବେଦିକ ଓଷଧ ଖୋଜିବାକୁ ଯାଉଥିଲା ।

ଦିନେ ଜଙ୍ଗଲରେ ବୁଲୁବୁଲୁ ପୁରବାସୀ ର ଗୋଣ୍ଡରାଜା ଅହିରାଜ ପନ୍ନାସିଂହ ସହ ମିଥିଲାଇ ଦେଖାହେଲା । ମିଥିଲାଇ ଜାନୁକର୍ଣ୍ଣ ଗୁଣିଆଁର ଝିଅ ଥିଲା । ପ୍ରଥମ ସାକ୍ଷାତରୁ ହିଁ ସେ ମିଥିଲାଇର ସୌନ୍ଦର୍ଯ୍ୟରେ ମୋହିତ ହୋଇ ଗଲା । ରାଜା ପ୍ରତିଦିନ ତାକୁ ଏକାନ୍ତରେ ଭେଟିବାକୁ ଯାଆନ୍ତି । ଏଣୁ ସେମାନଙ୍କ ଭିତରେ ପ୍ରେମସଂପର୍କ ନିବିଡ଼ ହେବାକୁ ଲାଗିଲା । ପ୍ରଣୟକୁ ବିବାହରେ ପରିଣତ କରିବାକୁ ଆଲୋଚନା ହେଲା । ଅହିରାଜ ପନ୍ନାସିଂହ ଜାନୁକର୍ଣ୍ଣ ଗୁଣିଆ ଆଗରେ ବିବାହ ପ୍ରସ୍ତାବ ରଖିଲେ । ଜାନୁକର୍ଣ୍ଣ ରାଜି ହେଲେନାହିଁ । ଏଥିଲାଗି ଅହିରାଜ ପନ୍ନାସିଂହ ଓ ମିଥିଲାଇ ସଂଭୁମହାଦେବଙ୍କ ଆରାଧନା କରି କଠୋର ତପ କଲେ । ଏହା ଦେଖି ଜାନୁକର୍ଣ୍ଣ ଗୁଣିଆ ତରଳି ଗଲା ଓ ସେ ସେଦୁହିଁଙ୍କୁ ବିବାହ ବନ୍ଧନରେ ବାନ୍ଧିବାକୁ ଅନୁମତି ପ୍ରଦାନ କଲା । ବିବାହ ପରେ ଅହିରାଜ ପନ୍ନାସିଂହ ନିଜ ସଂଭୁମହାଦେବଙ୍କ ସ୍ଥାପନ ମୈକଲ ପର୍ବତ ଶୃଙ୍ଖଳାରେ ବୃତ୍ତାକାର ସ୍ଥଳରେ କରି ଏକ ମନ୍ଦିର ନିର୍ମାଣ କଲେ ଓ ଏହାଙ୍କର ନାମ ନିଜ ପୂର୍ବପୁରୁଷଙ୍କ ନାମାନୁସାରେ ଭୋରମଦେବ ରଖିଲେ । ଏହି ଭୋରମଦେବ ମନ୍ଦିର ପରିସରରେ ରାଜା ଅହିରାଜ ଖଣ୍ଡବା ମହଲ ମଂଡ଼ବାମହଲ, ଛପରୀମହଲ ଓ ଛେରାମହଲ ନିର୍ମାଣକରି ପୁରବାସୀରୁ ନିଜ ରାଜଧାନୀ ସ୍ଥାନନ୍ତରିତ କଲେ । ଭୋରମଦେବ ମନ୍ଦିର ନିର୍ମାଣକାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ କଲେ ଯାହାକୁ ଆଜି ଗୋଁଡ଼ୱାନାର ମହାକୋସଳ ପ୍ରଗଣାର ଖଜୁରାହେ ନାମରେ ପରିଚିତ ।

ସଂଭୁ ମହାଦେବ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ପଞ୍ଚଖଣ୍ଡ ପୃଥିବୀର ସ୍ୱାମୀ ଥିଲେ । ଭୋରମଦେବ ଠାରେ ସର୍ବାଧିକ ମୂର୍ତ୍ତି ସଂଭୁମହାଦେବ ଓ ତାଙ୍କ ଅନୁଚରମାନଙ୍କର ଅଛି । ମନ୍ଦିରର ତିନି ଦିଗରେ ତିନୋଟି ପ୍ରବେଶ ଦ୍ୱାର ଅଛି । ସେଠାରେ ପାହାଚ ସାହାଯ୍ୟରେ ଉପରକୁ ଚଢ଼ି ହେବ । ସଭାମଣ୍ଡପ ବର୍ଗାକାର ହୋଇଛି, ଏଠାରୁ ଗର୍ଭଗୃହକୁ ପ୍ରବେଶକରିବାକୁ ଦ୍ୱାର ଅଛି । ଗର୍ଭଗୃହର ପ୍ରବେଶ ଦ୍ୱାର ବହୁତ ଅଳଙ୍କୃତ ହୋଇଛି ।

କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଧାର୍ମିକ ବିଶ୍ୱାସ ଅନୁସାରେ ଭୋରମଦେବ ମନ୍ଦିର ଆଜିମଧ୍ୟ ପୂଜିତ ହେଉଛି । ସେଠାରେ ଆଶ୍ୱିନମାସରେ ବିରାଟମେଳା ଅନୁଷ୍ଠିତ ହୁଏ । ଏହା ସାମ୍ନାରେ ଏକ ବୁଢ଼ା ପୁଷ୍କରୀଣୀ ଅଛି ।

ଭୋରମଦେବ ଗଡ଼ରେ ମଣ୍ଡବା ମହଲରେ ରାଜା ଛେରକୀମହଲରେ ରାଣୀ, ଛୋରାମହଲରେ ରାଜକୁମାର ଓ କୁପରୀ ମହଲରେ ରାଜକୁମାରୀ ମାନେ ରହୁଥିଲେ । ନାଗ ଗୋଁଡ଼ଚିହ୍ନ ଧାରୀ ଗୋଁଡ଼ ରାଜା ମାନଙ୍କର ଏହା ଏକ ବିସ୍ମୟକର ମହଲଥିଲା ।

୧୪. **ଶିବନାଥ ନଦୀ** – ଗୋଁଡ଼ୱାନାର ମହାକୋଶଳ ଭାଗରେ ଶିବନାଥ ନଦୀର ଉପତ୍ୟକା ବ୍ୟାପି ରହିଛି । ଏ ନଦୀର ଉତ୍ତରରେ ୧୮ଟି ଗଡ଼ ଓ ଦକ୍ଷିଣରେ ୧୮ଟି ଗଡ଼ ଅଛି । ଏହିପରି ଏ ଛତିଶଗଡ଼ ମାନଙ୍କ ମଧ୍ୟରେ ପ୍ରବାହିତ ଶିବନାଥ ନଦୀର ଉତ୍ପତ୍ତି ସଂପର୍କରେ ଏକ ପୌରାଣିକ କାହାଣୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟ ମଧ୍ୟରେ ଅନାଦୀ କାଳରୁ ପ୍ରଚଳିତ ହୋଇଆସୁଛି । ଏହି ନଦୀର କାହାଣୀ ମହାକୋସଳ ଅଂଚଳରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ସାମାଜିକ ମୂଲ୍ୟବୋଧ ଉପରେ ଆଧାରିତ । ଯାହା  ସେମାନଙ୍କର ଅବିବାହିତା କନ୍ୟା ଓ ସେମାନଙ୍କର ବାଗଦତ୍ତାସ୍ୱାମୀଙ୍କ ପ୍ରତି ସଚ୍ଚାପ୍ରେମର ଆଦର୍ଶର ଏକ ପୌରାଣିକ କାହାଣୀ, ଯାହାର ଆତ୍ମୋତ୍ସର୍ଗ ଅମର ଓ ପ୍ରାତଃ ସ୍ମରଣୀୟ ଅଟେ ।

ଦୁରୁଗ୍ ଜିଲ୍ଲାର ସଦରମହକୁମା ଠାରୁ ବହୁଦୂରରେ ଥିବା ଏକ ଗ୍ରାମ ଜଂଗଲରେ ଘେରି ରହିଥିଲା ; ସେଠାରେ ଗୋଁଡ଼ ଜାତିର ଜଣେ କୃଷକ ବାସକରୁଥିଲା । ତାର ଏକ କନ୍ୟା ଥିଲା ଯା'ର ନାମ ଶିବାଥିଲା । କୃଷକର ଭଉଣୀ ନିଜର ଏକମାତ୍ର ପୁତ୍ର ସହ ଭାଇ ପାଖରେ ରହୁଥିଲା । କିଛି ବର୍ଷପରେ ସ୍ୱାସ୍ଥ୍ୟ ଖରାପ ହେବାରୁ ଭଉଣୀ ମରିଗଲା । ୟା'ପରଠାରୁ କୃଷକ ସେବାସିଂହର କନ୍ୟା ଓ ଭଉଣୀର ପୁତ୍ର ମଙ୍ଗୁଲୁ ସିଂହ ରହିବାକୁ ଲାଗିଲେ ।

କିଛିଦିନ ପରେ ସେବାସିଂହ ଚିନ୍ତାକଲା ଯେ ଝିଅତ ବଡ଼ହୋଇଗଲାଣି ତେଣୁ ତାର ବିବାହ ସେଠାକାର ଅନ୍ୟ କୌଣସି ପରିବାରରେ କରିବାଠାରୁ ନିଜ ଭଣଜା ମଙ୍ଗୁଲୁ ସିଂହ ସହ କାହିଁକି କରାନଯିବ । ଯଦ୍ୱାରା ନିଜର ଚିନ୍ତା ଦୂର ହୋଇଯିବ । ମନେ ମନେ ଏକଥା ସ୍ଥିରକରି ଗ୍ରାମର ବୟସ୍କ ମାନଙ୍କ ସହ ଏକଥା ଆଲୋଚନା କରିବାକୁ ସ୍ଥିର କଲା । କିଛି ଦିନପରେ ପିଲାମାନେ ଯୌବନରେ ପଦାର୍ପଣ କରିବା ପରେ ସେମାନଙ୍କୁ ଏକଥା କହିଲା ଓ ସେମାନେ ଭାରି ଖୁସି ହେଲେ ।

ମଣିଷ ଗୋଟେ କଥା ଭାବେ କିନ୍ତୁ ବିଧାତା ଅନ୍ୟ କିଛି କରିଥାଏ । ସେହି ବର୍ଷ ବର୍ଷା ନ ହେବାରୁ ସବୁଆଡ଼େ ମରୁଡ଼ି ପଡ଼ିଲା । ଗାଁର ସବୁଲୋକ ପାଣି ପାଇଁ ହନ୍ତସନ୍ତ ହେଲେ ସେ ନିଜର ଜଳଶକ୍ତିକୁ ପ୍ରାର୍ଥନା କଲେ ଏ ସମସ୍ୟାର ସମାଧାନ କରିବା ଲାଗି ସେ ନିଜର ପାଣି ଯଥାଶୀଘ୍ର ବର୍ଷା କରନ୍ତୁ । ରାତି ସମୟରେ ସମସ୍ତେ ଦୁଃଖୀତ ମନରେ ଶୋଇଗଲେ । ଶୋଇବା ଅବସ୍ଥାରେ ତାକୁ ଜଳଶକ୍ତି ରୟାବାଇକ (ସାତଭଉଣୀ) ଦର୍ଶନ ଦେଇ ଆଦେଶ ଦେଲେ ସେ ଜଳଶକ୍ତି ଉଦ୍ଦେଶ୍ୟରେ ନରବଳୀ ଦେଲେ ଜଳଧାରା ତା କ୍ଷେତରେ ବାହାରିବ । ସ୍ୱପ୍ନ ଭାଂଗିଗଲାପରେ ସେ ଏ ବିଷୟରେ ଚିନ୍ତାକଲାଯେ କେଉଁ ବ୍ୟକ୍ତିକୁ ବଳୀ ଦେବ ।

ହଠାତ୍ ତା ମନରେ ଏକ ବିଚାର ଆସିଲା ସେ ଚିନ୍ତାକଲା ମଙ୍ଗୁଲୁ ସିଂହ କଥା । ସେ ଭାବିଲା ମଙ୍ଗୁଲୁ ସିଂହ ଓ ଶିବାର ବିବାହ କଥା ସେ ଏ ଯାଏଁ କାହାକୁ କହିନି ଏହା ନିଜପରିବାର ଭିତର କଥା । ଜନକଲ୍ୟାଣ ଲାଗି ସେ କାହିଁକି ମଙ୍ଗୁଲୁର ବଳୀ ଚଢ଼ାଇବ ନାହିଁ ? ଏଥିଲାଗି ସେ ନିଜ ଜମିର ସମତଳ ଜାଗାରେ ଗୋଟେ କୂଅ ଖୋଳିବାକୁ ଆରମ୍ଭକଲା । କୁଅ କିଛି ଗଭୀରହବା ପରେ ଦିନେ ସେ ମଙ୍ଗୁଲୁକୁ ନେଇ ସକାଳୁ ସକାଳୁ ବିଲକୁ ଗଲା । ମଙ୍ଗୁଲୁ ଆଗରେ ଓ ସେବା ସିଂହ ପଛରେ ଚାଲୁଥାନ୍ତି । କୂଅପାଖରେ ପହଞ୍ଚିବାପରେ ସେବା ସିଂହ ମଙ୍ଗୁଲୁକୁ କୂଅ ଭିତରକୁ ଠେଲି ଦେଲା । ଉପରୁ ତଳକୁ ପଡ଼ିସେ ତଳେଥିବା ପଥରରେ ପିଚି ହୋଇ ମରିଗଲା । ସେବାସିଂହ ନିଜ ଲୋକଙ୍କ ସହାୟତାରେ କୁଅରେ ମାଟି ପକାଇ ପୋତି ଦେଲା । ଏଇ ଭଳି ମଙ୍ଗୁଲୁ ସିଂହକୁ କୂଅରୂପୀ ଗାତରେ ପୋତା ହୋଇଗଲା ।

ସେବାସିଂହର ଝିଅ ଶିବା ଯଦିଓ ମଙ୍ଗୁଲୁ ସିଂହକୁ ରୀତିନିତିସହ ବିବାହକରି ନଥିଲା ତଥାପି ଯେଉଁ ଦିନୁ ପିତା ସେମାନଙ୍କ ବିବାହ କରିଦେବାକୁ କହିଥିଲା ସେହି ଦିନଠାରୁ ସେ ମଙ୍ଗୁଲୁକୁ ନିଜର ସ୍ୱାମୀ ବୋଲି ସ୍ୱୀକାର କରି ନେଇଥିଲା । ସେ ଦିନ ସକାଳୁ ମଙ୍ଗୁଲୁକୁ ନଦେଖି ତାକୁ ବଡ଼ ଅସ୍ୱସ୍ତିକର ମନେହେଲା । ସାହସ କରି ସେ ବାପାକୁ ଏ ବିଷୟରେ ପଚାରିଲା ତାର ପିତା ବି ନିଜର ଭୁଲପାଇଁ ଅନୁତାପ କରୁଥିଲା ; ତେଣୁ ସେ ନିଜ ଝିଅକୁ ସତକଥା କହି ଦେଲା । ଏହା ଶୁଣି ଶିବା ସ୍ତବ୍ଧ ହୋଇଗଲା । ତାର ମନ ଦୁଃଖରେ ଭରିଗଲା କିନ୍ତୁ ସେ ନିଜର ଦୁଃଖ କାହାରିକୁ ଜାଣିବାକୁ ଦେଲା ନାହିଁ ।

ସେ ସାଂଗେ ସାଂଗେ ଜଣେ ସଧବା ସ୍ତ୍ରୀ ଜନ ସୂଲଭ ସାଜ ସଜ୍ଜା କରିନେଲା ଓ ହାତରେ କଟାରୀ ନେଇ ସେଇ ସ୍ଥାନକୁ ଗଲା ଯେଉଁଠାରେ ମଙ୍ଗୁଲୁ ସିଂହକୁ ପୋତାଯାଇଥିଲା । ସେଠାରେ ସେ ପୋତା ସ୍ଥାନକୁ ପରିକ୍ରମାକରି କାନ୍ଦି କାନ୍ଦି କହିଲା ହେ ମୋର ପ୍ରାଣନାଥ ମୁଁ ତୁମ ପାଖକୁ ଆସୁଛି । ଏହାକହି ସେ ନିଜହାତରେ ନିଜ ପେଟକୁ କଟାରୀରେ ଭୂଷି ଦେଲା । ପେଟରେ କଟାରୀ ପଶିଯିବା ମାତ୍ରେ ଦେହରୁ ରକ୍ତର ଧାର ବହିବାକୁ ଲାଗିଲା ଓ ସେଇ ସ୍ଥାନରେ ପଡ଼ିଲା ଯେଉଁଠାରେ ମଙ୍ଗୁଲୁ ସିଂହକୁ ପୋତା ଯାଇଥିଲା । ପୋତାଯାଇଥରବା ସ୍ଥାନରେ ରକ୍ତ ପଡ଼ିମା ମାତ୍ରେ ସେଠାରୁ ଏକ ଜଳଧାରା ବାହାରି ପଡ଼ିଲା ଯାର ତୀବ୍ର ବେଗ ଦ୍ୱାରା ମଙ୍ଗୁଲୁର ମୃତ ଦେହ ବାହାରକୁ ବାହାରିଆସିଲା ଓ ଶିବାର ମୃତଦେବ ସହ ଲାଗିଗଲା । ଦୁଇଟି ଯାକ ମୃତ ଦେହ ଜଳଧାରାର ପ୍ରଚଣ୍ଡ ସ୍ରୋତରେ ଭାସିଗଲେ । ଏଇଭଳି ଶିବାର ନାଥ ଶିବନାଥ ନଦୀ ଉତ୍ପତ୍ତି ହୋଇ ଲୋକ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରବାହିତ ହେଉଛି ।

ଏହା ମହାନଦୀର ଏକ ଉପନଦୀ । କିନ୍ତୁ ଗୋଁଡ଼ୱାନାର ମହାକୋସଲ ଅଂଚଳର ବହତ ବଡ଼ ଭୂଭାଗରେ ବସବାସ କରୁଥରବା ଗୋଁଡ଼ଜୀବ ମାନଙ୍କୁ ତୃପ୍ତ କରିଆସୁଛି । ଶିବନାଥ ନଦୀର ଉତ୍ପତ୍ତି କାହାଣୀ ଏଅଂଚଳରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟଙ୍କର ଅତୀତର ବର୍ଣ୍ଣନା କରି ପ୍ରମାଣ କରୁଛି ଯେ ଏଠାରେ ଅନାଦିକାଳରୁ ଗୋଁଡ଼ସଂପ୍ରଦାୟର ବସତି ଥିଲା । ଏଇ ଶିବନାଥ ନଦୀ କୂଳର ଅନେକ ସ୍ଥାନରେ ପ୍ରତ୍ନତତ୍ତ୍ୱବିଦ୍ ମାନଙ୍କୁ ପ୍ରାଚୀନ ପ୍ରସ୍ତର ଯୁଗ ଠାରୁ ଆରମ୍ଭକରି ଐତିହାସିକ କାଳଯାଏ ଅନେକ ଧ୍ୱଂସାବଶେଷ ମିଳିଅଛି ।

ଶିବନାଥ ନଦୀର ନାମ ସଂପର୍କରେ ଏକଥା ମଧ୍ୟ କୁହାଯାଏଯେ ଏହାକୁ ପ୍ରାଚୀନ କାଳରେ ଶିବାନା ଢ଼େଡ଼ା ଅର୍ଥାତ୍ ଶିବାର ନଦୀ କୁହାଯାଉଥିଲା କାରଣ ଏହା ଶିବାର ରକ୍ତ ଧାରାରୁ ଏହା ପ୍ରବାହିତ ହୋଇଥିଲା । "ଶିବାନା ଢ଼ୋଡ଼ା" ଏକ ଗୋଁଡ଼ୀଶବ୍ଦ ଓ ଏହାର ଅପଭ୍ରଂଶ ଶିବନାଥ ନଦୀ ହୋଇଛି ।

୧୫. **ମହାନଦୀ** – ମହାନଦୀକୁ ଗୋଁଡ଼ୀ ଭାଷାରେ "ମାବାଢ଼ୋଡ଼ା" କୁହାଯାଏ । ଯେମିତି "ମାବା କୋସଲ ନାଡ଼ୁ ରୁ ମହାକୋସଲ ଦେଶ ଅନୁବାଦିତ ହୋଇଛି ଠିକ୍ ସେଇପରି ମାବାଢ଼ୋଡ଼ାରୁ "ମହାନଦୀ" ର ଅନୁବାଦ ହୋଇଛି । ମାବା

କୋସଲ ନାଡୁର ଅର୍ଥ ଆମର କୋଶଲ ଦେଶ ହେବାପରି ମାବାଡ଼ୋଡ଼ାର ଅର୍ଥ ଆମର ନଦୀ ହୋଇଛି । ଏ ମହାନଦୀର ବା ମାବାଡ଼ୋଡ଼ାର ଉତ୍ପତ୍ତି ଏବର ଧମତରୀ ଜିଲ୍ଲାର ସିହାବା ଗ୍ରାମ ନିକଟସ୍ଥ ଗୋଟେ ଛୋଟ ପାହାଡ଼ ଶିଖରରୁ ହୋଇଛି । ଏଇ ମାବାଡ଼ୋଡ଼ା ର ଉତ୍ପତ୍ତି ସଂବଧରେ ଏକ ପୌରାଣିକ କଥା ଏ ଅଂଚଳରେ ବସବାସ କରୁଥିବା କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟ ଭିତରେ ଅନେକ ଯୁଗରୁ ଶୁଣିବାକୁ ମିଳି ଆସିଛି । ସେଇ କଥାଟି ହେଲା ସେତେବେଳେ ସିହାବା ଗ୍ରାମର ନାମ ସିହାବା ନେଇଥିଲା । ଗୋଣ୍ଡି ଶବ୍ଦ ସିହାବାନେଇ ର ଅର୍ଥ ଜଂଗଲୀ କୁକୁର (ସୋନହା ବା ବଳିଆ କୁକୁର) । ଏଇ ସିହାବାଦେଇ ଗଣ୍ଡଚିହ୍ନଧାରୀ କୋୟାବଂଶୀୟ ଗୋଁଡ଼ସଂପ୍ରଦାୟର ନେଇତାମ୍ ଗୋତ୍ରୀୟ ଗୋଁଡ଼ଜୀବ ମାନଙ୍କର ଗ୍ରାମ ଥିଲା । ଏ ଗ୍ରାମର ମୁଖ୍ୟ ମଙ୍ଗତୁ ନାମକ ଏକ କୃଷକ ଥିଲା । ତା ସ୍ତ୍ରୀର ନାମ ରାଜୋଦାଇ ଥିଲା । ଏ ଗାଁର ଲୋକେ ମୁଖିଆକୁ ମାଦାଉ ଓ ତାଙ୍କ ପତ୍ନୀଙ୍କୁ ମାଉଲୀ ବୋଲି ଡ଼ାକୁଥିଲେ । ମାଦାଉର ଅର୍ଥ ଆମର ପିତା ଓ ଆଉଲୀର ଅର୍ଥ ଆମର ମାତା । ଏଭଳି ସେଇ ମଙ୍ଗତୁ ମାଦାଉ ଓ ରାଜୋମାଉଲୀଙ୍କ ସମୟରେ ଲୋକ ମାନେ ସୁଖଶାନ୍ତିରେ କାଳକାଟୁଥିଲେ । ଥରେ ବର୍ଷା ନହେବା କାରଣରୁ ସେ ଅଂଚଳରେ ଭୀଷଣ ମରୁଡ଼ି ପଡ଼ିଥିଲା । ଲୋକମାନେ ପାଣି ପାଇଁ ତ୍ରାହି ତ୍ରାହି ଡ଼ାକିଲେ । ଏମିତି ମରୁଡ଼ି ସମୟରେ ରାଜୋମାଉଲୀ ଗୋଟିଏ ପୁତ୍ର ସଂତାନକୁ ଜନ୍ମ ଦେଲେ । ଏପରି ସମୟ ଆସିଲା ଯେତେବେଳେ ସାରା ଗ୍ରାମାବସୀ ବିକଳ ହୋଇ ଛୁଆପିଲାଙ୍କ ସହ ମୁଖିଆଙ୍କ ଘର ଅଗଣାରେ ଜମା ହୋଇ ହାତ ଯୋଡ଼ି ପାଣି ପାଇଁ ନିବେଦନ କଲେ । ଗ୍ରାମବାସୀଙ୍କ ପରିସ୍ଥିତି ଯାହାଥିଲା ମୁଖିଆର ମଧ୍ୟ ସେଇ ପରିସ୍ଥିତି ଥିଲା । ଏପରି ପରିସ୍ଥିତିରେ କଣ କରାଯିବ ସେ ବୁଝିପାରୁନଥିଲେ । ମାଉଲୀ ଦାଇ ନିଜ ନବଜାତ ପୁତ୍ରକୁ ଆଣି ଲୋକଙ୍କ ଆଗରେ କହିଲେ ମୋପିଲାବି ପାଣିବୁନ୍ଦେ ଲାଗି ବିକଳ ହେଉଛି ।

ଛୋଟ ପିଲାଟିର ଶୁଖିଲା ଓଠ ଦେଖି ସମସ୍ତେ ଚକିତ ହୋଇଗଲେ । ମାଉଲୀଦାଇ (ମାଉଲୀ ମାତା) ନିଜ ଛୋଟ ପିଲାଟିକୁ ଅଗଣାରେ ଥିବା ଗଛ ଛାଇରେ ରଖିଦେଲେ ଓ ଏବଂ ନିଜ ପିତାଙ୍କର ଇଷ୍ଟ ଗୋଁଡ଼ଶକ୍ତୀଙ୍କୁ ସ୍ମରଣ କଲେ । ସେ ନାଗ ଗୋଁଡ଼ ଚିହ୍ନଧାରୀ ପରିବାରର ଝିଅ ଥିଲେ । ପିଲାବେଳେ ସେ

ନାଗଦେବତାଙ୍କର ପୂଜା କରୁଥିଲେ । ସେ ନିଜର ନାଗଶକ୍ତିକୁ ଭୂଗର୍ଭରୁ ଜଳସ୍ରୋତ ନେଇ ଆସିବାକୁ ପ୍ରାର୍ଥନା କଲେ । ନାଗଦେବତା ତାଙ୍କ ପ୍ରାର୍ଥନା ଶୁଣିଲେ ଓ ପାଖରେ ଥିବା ପାହାଡ଼ ଶିଖରରୁ ଭୂଗର୍ଭକୁ ଯାଇଥିବା ଗୋଟେ ଗାତରେ ପଶିଲେ । ଏହା ତଳେ ଯେଉଁଜଳସ୍ରୋତ ପ୍ରବାହିତ ହୋଉଥିଲା ତାକୁ ଭୂପୃଷ୍ଠକୁ ନେଇ ଆସିଲେ ଯେଉଁ ଢ଼ୋଡୁର ବା ଗାତରେ ନାଗ ଦେବତା ପାହାଡ଼ ଭିତରକୁ ପ୍ରବେଶ କରିଥିଲେ ସେ ଢ଼ୋଡୁର ବୀଲ ବା ଗାତରୁ ଜଳଧାରା ଆସି ସିହ ବା ନୋଇ ଗ୍ରାମଯାଏଁ ପହଞ୍ଚିଗଲା । ସମସ୍ତ ଲୋକେ ଜଳଧାରାକୁ ଦେଖି ମାଉଲୀ ମାତାଙ୍କ ଝରଣା ଆସିଲା ବା ମାଉଲୀ ମାତାଙ୍କ ଝରଣା ଆସିଗଲା ବୋଲି କହିଲେ ଓ ଆନନ୍ଦିତ ହେଲେ ।

ଏଇ ମାଉଲୀ ଢ଼ୋଡ଼ାର ଉତ୍ପତ୍ତି ପାହାଡ଼ର ଏକ ସୂଡ଼ଙ୍ଗରୁ ହୋଇଥିଲା । ଏଥି ପାଇଁ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଲୋକେ ଏହାକୁ ଢ଼ୋଡ଼ା କହିଲେ । ମାଉଲୀଙ୍କ ଚେଷ୍ଟାରୁ ଉତ୍ପତ୍ତି ହୋଇଥିବାରୁ ଏହାକୁ ମାଓଲୀ ଢ଼ୋଡ଼ା କହିଲେ । ମାଉଲୀ ଢ଼ୋଡ଼ାର ସଂକ୍ଷିପ୍ତ ରୂପ ମାବାଢ଼ୋଡ଼ା ହେଲା । ପରେ ଏ ଅଂଚଳକୁ ଆର୍ଯ୍ୟ ଭାଷାଭାଷୀ ଲୋକେ ଆସିଲେ ଓ ସେମାନେ ଏହାକୁ ମହାନଦୀ କହିବାକୁ ଲାଗିଲେ । ଯେପରି ମାବାକୋସଲକୁ ମହାକୋସଲ,ମାବାଦାଉକୁ ମହାଦେବ କୁହାଯାଏ । ଏହି ମାବାଢ଼ୋଡ଼ା ପାହାଡ଼ର ଏକ ଢ଼ୋଡ଼ାର ଅର୍ଥାତ୍ ସୁରଙ୍ଗରୁ ବାହାରିଛି, ଏଥିପାଇଁ ଏ ସ୍ଥାନର ନାମ ନିଜର ପୌରାଣିକ ଶୃଙ୍ଗ ଋଷିଙ୍କ ଆଶ୍ରମ ସହ ଯୋଡ଼ି ଦେଲେ । କିନ୍ତୁ ଏ ଋଷିଙ୍କ ସହ ମାବାଢ଼ୋଡ଼ାର ବା ମହାନଦୀର କୌଣସି ଦୂର ସଂପର୍କ ମଧ୍ୟ ନାହିଁ ।

ଏହିପରି ସଂପୂର୍ଣ୍ଣ ମହାକୋସଳ ଅଂଚଳ ପ୍ରତ୍ୟେକ ଗ୍ରାମ ବସ୍ତି କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବଙ୍କ ପରିଚୟର ବିବରଣୀ ପ୍ରଦାନ କରେ । ଏକ୍ଷେତ୍ରର ଅନାଦିକାଳରୁ ଉକ୍ତ ସଂପ୍ରଦାୟର ବାସସ୍ଥାନ ରହିଆସିଛି । ଏ ଅଂଚଳର ପାହାଡ଼ ପର୍ବତ,ନଈନାଳ,ପ୍ରାଚୀନ ସ୍ଥାନର ଯେଉଁ ନାମ ପ୍ରଚଳିତ ଅଛି ସେ ସବୁ ଗୋଁଡ଼ୀଶାଳ ବା ଗୋଁଡ଼ୀ ଭାଷାର ଶବ୍ଦ ଅଟେ । ଯାହା ସେମାନଙ୍କର ପ୍ରାଚୀନତାର କାହାଣୀ କହେ । ମହାନଦୀ କୂଳର ସିରପୁର,ଆରଙ୍ଗ,ରାଜୀମ ଆଦି ଐତିହାସିକ ସ୍ଥାନ ଏ ତଥ୍ୟର ସ୍ପଷ୍ଟ ପ୍ରମାଣ ।

# ବସ୍ତର ଜିଲ୍ଲା

ବସ୍ତର ପୁରୁଣା ମଧ୍ୟପ୍ରଦେଶ ଓ ଏବର ଛତିଶଗଡ଼ ରାଜ୍ୟର ଠିକ୍ ଦକ୍ଷିଣ ଭାଗରେ ଅବସ୍ଥିତ । ଏମିତି ତ ବସ୍ତର ଏକ ଛୋଟ ଗାଁ ଟିଏ । ଯାର ନାମାନୁସାରେ ଏକ ବିଶାଳ ଭୂଖଣ୍ଡ ବସ୍ତର ଜିଲ୍ଲାକୁ ନାମଦିଆ ଯାଇଛି । ଏହି ବସ୍ତର ଗ୍ରାମ ଜଗଦଲପୁର (ଜଗଦୁଗୁଡ଼ା) ଠାରୁ ୨୦ କି.ମି. ଉତ୍ତର ଦିଗରେ ଅବସ୍ଥିତ । ଏ ଅଂଚଳକୁ କାଙ୍କେର (କାଙ୍କରାଝାଡ଼) ବସ୍ତେର କୁହାଯାଏ । ଯଦିଓ ଏ ଜିଲ୍ଲାର ନାମ ବସ୍ତର ବା ବସ୍ତେର କିନ୍ତୁ ଏହାର ଜିଲ୍ଲା ମହକୁମା କାଙ୍କେରରେ ଅବସ୍ଥିତ । କାଙ୍କେର,ବସ୍ତେର ଏସବୁ ଗୋଁଡ଼ୀଶବ୍ଦ । କାଙ୍କେରର ଗୋଁଡ଼ୀ ପରିଭାଷା କାଙ୍କରାଝାଡ଼ ଯାହାର ଅର୍ଥ ପଥୁରିଆଜଙ୍ଗଲି ପ୍ରଦେଶ ହୋଇଥାଏ । ବସ୍ତରର ଅର୍ଥ ସମତଳ ଭୂଖଣ୍ଡ ଏଣୁ ବସ୍ତର ବା ବସ୍ତେର ସେଇ ପ୍ରଦେଶ ଯାହା ସମତଳ ଅଟେ । ଯେଉଁଠି ବସ୍ତର ନାମକ ଗ୍ରାମ ରହିଛି ।

ବସ୍ତର ଜିଲ୍ଲାର ପୂର୍ବରୁ ପଶ୍ଚିମ ଆଡ଼କୁ ଇନ୍ଦ୍ରାବତୀ ନଦୀ ବହିଯାଇଛି । ଏହାର ପ୍ରାଚୀନ ନାମ ଇନ୍ଦାରବୋତୀ । ବର୍ତ୍ତମାନ ଏହାକୁ ଇନ୍ଦ୍ରାବତୀ କୁହାଯାଉଛି । ଏହା ବସ୍ତରକୁ ଦୁଇଟି ଭାଗରେ ବିଭକ୍ତ କରୁଛି । କେସକାଲଘାଟ, ଅବୁଝମାଡ଼ଘାଟ, ରାବଘାଟ, ଦନ୍ତେଓ୍ୱାଡ଼ାଘାଟ ଓ ବେଲାଡ଼ୀଲାଘାଟ, ଏହି ପର୍ବତ ଶ୍ରେଣୀ ବସ୍ତରକୁ ବ୍ୟାପି ରହିଛି । ଜିଲ୍ଲାର ସବୁଠାରୁ ବଡ଼ନଦୀ ଇନ୍ଦ୍ରାବତୀ । ଏହାର ଉତ୍ପତ୍ତି ଓଡ଼ିଶାର କଳାହାଣ୍ଡିର ରମପୁର ଡ଼ୋହୋରୁ  ହୋଇଛି । ରମପୁରଡ଼ୋହୋ ଡ଼ୋଙ୍ଗରଲା ପାହାଡ଼ ଉପରେ ଅଛି । ଏ ନଦୀର ୩୦ଟି ଉପନଦୀ ଅଛି ତନ୍ମଧ୍ୟରୁ କୋଟରୀ,ଭଂବରଡ଼ୀହ,ଗୁଣ୍ଡରା,ଗୋଇନ୍ଦର, ନିବରା ଓ ନାରଙ୍ଗୀ ଆଦି ଉତ୍ତର ଦିଗର ଉପନଦୀ ଏବଂ ବାଲୋର,ଚାରଙ୍ଗା ଓ ଖଣ୍ଡୀ ମତଲାଘାଟ, ରାଓଘାଟ, ଶଂକନୀ, ଡଂଙ୍କନୀ ଆଦି ଦକ୍ଷିଣ ଦିଗର ଉପନଦୀ ଅଟନ୍ତି ।

ବସ୍ତର ଜିଲ୍ଲାର କାଲୀପୁର,ଗଡ଼ଗୋଧରା, ଗଢଚନ୍ଦେଲା, ଘାଟ ଲୋହଂଗା, ଦେଉରଗାଁଓ, ଭାଟିଓ୍ୱାଡ଼ା, ଗୁପନସର, ଚିତେରକୁଟ ଆଦି ସ୍ଥାନରୁ ପ୍ରାଗୈତିହାସିକ ଏବଂ ଆଦି ଐତିହାସିକ ଯୁଗର ଗୋଣ୍ଡଜୀବ ମାନଙ୍କର ସଭ୍ୟତାର ଅବଶେଷ ପ୍ରତ୍ନତତ୍ତ୍ୱବିତ୍ ମାନଙ୍କୁ ମିଳିସାରିଛି । ଏଠାକାର ପାର୍ବତ୍ୟ ଶୃଙ୍ଖଳାରେ ଅନେକ

ଶିଳାଶ୍ରୟ ଅଛି ଯୋଉଠାରେ ଆଦି ଗୋଁଡ଼ଜୀବମାନଙ୍କର ରହଣି ସ୍ଥାନ ଥିଲା । ଏଇ ଅଂଚଳର ପ୍ରାଚୀନ ନାମ "ମହାକୋୟାନ୍ତର" ଥିଲା । ଏହାର ଅର୍ଥ ହେଲା ଆମ କୋୟା ବଂଶୀଙ୍କର ବାସସ୍ଥାନ । ଏ ଅଂଚଳରେ ନଳ (ରାଜହଂସ) ଗଙ୍ଗ (ଶଙ୍ଖ) ନାଗ (ବୃଭ) କାକତେୟ (ରାଉଲ ବା କୁଆ) ଆଦି ଗୋଁଡ଼ଚିହ୍ନଧାରୀ କୋୟା ବଂଶୀୟ ଗୋଁଡ଼ସଂପ୍ରଦାୟର ରାଜାମାନଙ୍କ ଶାସନ ଲଗାତାର ରହି ଆସିଥିଲା । ଏ ଅଂଚଳରେ ଗୋଁଡ଼ୀ ସଗାଦେବଙ୍କର ମାତା କଲୀକଙ୍କାଲୀଙ୍କ ନାନା ଓ ନାନୀ (ଅଜା ଓ ଆଇଙ୍କ ଘର) କଲୀକୁଟ ବର୍ତ୍ତମାନର କୋରାପୁଟ ଠାରେ ଓ ଦାଦୀଙ୍କ ବାପଘର ସୋନୋପୁର (ବର୍ତ୍ତମାନର ସୋନପୁର)ରେ ଥିଲା । ଏ ଅଂଚଳର ବଡ଼େ ଡ଼ୋଙ୍ଗର ରେ ପେନଦାଇ (ଦେବମାତା)ଙ୍କ ଆସ୍ଥାନ ଓ ସେମର ଗାଓଁରେ ଗୋଁଡ଼ୀ ଧର୍ମର ଗୁରୁ ଲିଂଗୋଙ୍କ ସମାଧିସ୍ଥଳ ଅଛି ।

ଗବେଷଣା କାରୀ ମାନଙ୍କୁ ଇନ୍ଦ୍ରାବତୀ ଶାବରୀ,ନାରଙ୍ଗୀ ଓ ଅନ୍ୟ ନଦୀତଟରୁ ପ୍ରସ୍ତର ଯୁଗର ଅବଶେଷ ବହୁଳ ପରିମାଣରେ ମଳିଛି । ତୀରଥଗଡ଼ ଜଳପ୍ରପାତ ପାଖରେ ଏକ ପୁରୁଣା ଗୁମ୍ଫା ଅଛି ସେଠାରୁ ପଥରର ଅସ୍ତ୍ରଶସ୍ତ୍ର ମିଳିଛି । ଏଇ ଗୁମ୍ଫା ପାଖରେ ଏକ ପୁରୁଣା ଦୁର୍ଗର ଅବଶେଷ ଅଛି, ଯାହା ପ୍ରାଗୈତିହାସିକ ଗୋଣ୍ଡଜୀବ ମାନଙ୍କର ନିବାସସ୍ଥଳ ଅଟେ ।

୧ **ନଲଭ୍ବାଡ଼ା** – ଏହା ନଳ (ରାଜହଂସ) ଗୋଣ୍ଡଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କର ମୂଳ ସ୍ଥାନ । ଯେଉଁଠାରେ କୋଁଡ଼ା ଗାଓଁ ନିକଟରେ ଥିବା ଗ୍ରାମ ଓ ଡ଼ଙ୍ଗାରେ ଅନେକ ସ୍ୱର୍ଣ୍ଣ ମୁଦ୍ରା ମିଳିଛି । ଏଠାରେ ନଳ ଚିହ୍ନ ଧାରୀ ରାଜାଗଣ ଏଠାରେ ଅନାଦୀକାଳରୁ ଶାସନ କରୁଥରଲେ ।

୨ **ବାରସୁର** – ଇନ୍ଦ୍ରାବତୀ ନଦୀର ଦକ୍ଷିଣକୂଳରେ ଅବସ୍ଥିତ ବାରସୂର ଠାରେ ପ୍ରାଚୀନ ଦୁର୍ଗର ଅବଶେଷ ଅଛି । ଏଠାରେ ଏକ ଶହ ସତଚାଳିଶ ମନ୍ଦିର, ଏକଶହ ସତଚାଳିଶ ପୋଖରୀ ଓ ପାଚେରୀ ଅଛି । ଏଠାରେ ନାଗ (ବୃଭ) ଗୋଁଡ଼ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କର ଶାସନ ଚାଲିଥିଲା । ଏଠାରେ ଥିବା ସଂଭୁମହାଦେବ ମନ୍ଦିରରେ ସଂଭୁଗବରାଙ୍କ ମୂର୍ତ୍ତି ଅଛି । ମାମୁଭଣଜା ଗୁଡ଼ୀ,ବତ୍ତୀଶାଗୁଡ଼ି,ଭଗବାନଗୁଡ଼ୀ,ପେନଦମାଗୁଡ଼ୀ,ମହାଦେବଗୁଡ଼ୀ,ନାରାୟଣଗୁଡ଼ୀ

ଆଦି ଏଭଳି ସ୍ମୃତି ଚିହ୍ନଅଛି ଯାହା କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଉନ୍ନତି ସଭ୍ୟତାର ପରିଚୟ ଦିଏ ।

୩. **ନାରାୟଣପାଳ** - ନାରାୟଣପାଳରେ ନାଗ ଗୋଁଡ଼ଚିହ୍ନଧାରୀ ଗୋଁଡ଼ ରାଜା ଜଗଦେବ ଭୂଷଣଙ୍କ ଦ୍ୱାରା ନିର୍ମିତ ଏକ ମନ୍ଦିର ଅଛି । ଏ ମନ୍ଦିରରେ ଖୋଦିତ କଳା ଓ ଦେବୀ ଦେବତାିଙ୍କ ମୂର୍ତ୍ତିରୁ ଏହା ସ୍ପଷ୍ଟ ହୋଇ ଯାଉଛିଯେ ନାଗ ଗୋଁଡ଼ଚିହ୍ନ ଧାରୀ ରାଜା ମାନେ ସବୁ ଧର୍ମାଲମ୍ବୀ ମାନଙ୍କୁ ଆଶ୍ରା ପ୍ରଦାନ କରିଥିଲେ ।

୪. **କେଶରପାଳ** - କେଶରପାଳରେ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର କାକତେୟ (କୁଆ) ଗୋଁଡ଼ଚିହ୍ନଧାରୀ ରାଜାମାନଙ୍କର ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ଅଛି । ଏଠାରେ ଗୋଁଡ଼ୀ ସଗାଦେବ ମାନଙ୍କର ମାତା ବେନଦାଇଙ୍କ ମନ୍ଦିରଅଛି । ଯାହାଙ୍କୁ ଦନ୍ତେଶ୍ୱରୀ ଦେବୀ ମଧ୍ୟ କୁହାଯାଉଛି । ଏହା ଛଡ଼ା ଏଠାରେ ଭୈରବ,ସଂଭୁମହାଦେବ, ଗବରା ଆଦି ମୂର୍ତ୍ତିର ଭଗ୍ନାବଶେଷ ଅଛି ।

୫. **ବସ୍ତର** - ବସ୍ତର ଗ୍ରାମରେ କାକତେୟ (କୁଆ) ରାଜାମାନଙ୍କର ପ୍ରାଚୀନ ରାଜଧାନୀ ର ଧ୍ୱଂସାବଶେଷ ଅଛି । ଯାହା ପ୍ରମାଣ କରୁଛି ଯେ ଏଠାରେ ପ୍ରାଚୀନ କାଳରେ ଏକ ବିକଶିତ ସଭ୍ୟତାର ଲୋକେ ବାସକରୁଥିଲେ । ସେଠାରେ ଦନ୍ତେଶ୍ୱରୀ ଦେବୀଙ୍କ ମନ୍ଦିର ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ଅଛି । ସେଠାକାର ଭୀମାଲପେନଗୁଡ଼ୀ ଆଗରେ ଏକ ଦୁର୍ଗର ଅବଶେଷ ଅଛି । ଯୋଉଠି ଗାୟତାଦ୍ୱାର, ଭୋଁଡ଼ଦ୍ୱାର,ଡ଼ୋଙ୍ଗରଦ୍ୱାର. ଦନ୍ତେଶ୍ୱରୀ ଦ୍ୱାର,ରାଜଦ୍ୱାର ଓ ପେନଦ୍ୱାର ର ଭଗ୍ନାବଶେଷ ବିଛାଡ଼ି ହୋଇ ପଡ଼ିଛି । ଗ୍ରାମ ଭିତରେ ମାଟି ମାତାଙ୍କର ଗୁଡ଼ୀ ଅଛି , ଯାର ପୂଜା ସେଠାକାର ପୂଜାରୀ କରୁଛନ୍ତି । ବସ୍ତର ଗ୍ରାମର ପରିସରରେ ବାସ୍ତୁଶିଳ୍ପର ଭଗ୍ନାବଶେଷ ବ୍ୟାପି ରହିଛି । ପାଖରେ ରାଜମହଲ ପାହାଡ଼ ଅଛି । ସେଠାରେ ପୁରୁଣା ଗଡ଼ର ଅବଶେଷ ଅଛି । ଏହା ପାଖରେ ବାଣ ସମୁଦ ପୋଖରୀ ଅଛି । ପୋଖରୀ କୂଳରେ ସଂଭୁମହାଦେବଙ୍କ ମନ୍ଦିର ଅଛି । ମନ୍ଦିର ଭିତର କଲୀକଙ୍କାଲୀ ମାତାଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି ।

୬. **ଭଦରାକାଲୀ** -ଇନ୍ଦ୍ରାବତୀ ଓ ଗୋଦାବରୀ ର ସଂଗମ ସ୍ଥଳରେ ପାଖାପାଖି ଚାରି କି.ମି. ଦୂରରେ ଭଦରକାଲୀ ନାମକ ଗ୍ରାମ ଅଛି । ସେଠାରେ ଭଦରାକାଲୀଙ୍କ

ମନ୍ଦିର ଅଛି । ଯାର ସ୍ଥାପନା ଚାନ୍ଦାଗଡ଼ ରାଜାମାନଙ୍କ ଦ୍ୱାରା ହୋଇଥିଲାବୋଲି ସେ ଗ୍ରାମରେ ବାସକରୁଥିବା କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଣ୍ଡଜୀବ ମାନଙ୍କର ବିଶ୍ୱାସ ।

୭. **କୁଟୁମ୍ବସାର** – ଜଗଦଲପୁର ର ଦକ୍ଷିଣକୁ ପ୍ରାୟ ୩୨ କି.ମି. ଦୂରରେ କୁଟୁମ୍ବସାର ନାମକ ଗ୍ରାମ ଅଛି । ଏଠାରେ ପ୍ରାଚୀନ କାଳର ବିଚିତ୍ର ପ୍ରାକୃତିକ ଗୁମ୍ଫାମାନ ଅଛି । ଗୋଟିଏ ଗୁମ୍ଫାରେ ସଂଭୁମହାଦେବଙ୍କ ସ୍ଥାପନା କରାଯାଇଛି । ଏଇ ଗୁମ୍ଫାରୁ ଆଗକୁଗଲେ ଗୋଟିକ ପରେ ଗୋଟିଏ ୩ଟି ଜଳପ୍ରପାତ ଅଛି । ସେଠାକାର ଏକ ଗୁମ୍ଫାରେ ଏକ ବହୁତ ବଡ଼ଜଳକୁଣ୍ଡ ଅଛି । ଯାହାକୁ ସଂଭୁକୁଣ୍ଡ କୁହାଯାଏ । ଏ କୁଣ୍ଡ ଆଗରେ ଏକ ସୁଡ଼ଙ୍ଗ ଅଛି । ପ୍ରାୟ ୧୦୦ ଫୁଟ ଆଗରେ ଆଗକୁ ଆଉ ଏକ କୁଣ୍ଡ ଅଛି । ଏହ ପରି ଗୁମ୍ଫା ଭିତର ଦେଇ ପ୍ରାୟ ୧ ଫର୍ଲଙ୍ଗ ଦୂରରେ ବହିବା ପରେ କାଙ୍ଗେରଘାଟି ଠାରେ ଏକ ଝରଣା ରୂପରେ ବାହାରିଛି । ଏହି କୁଟୁମ୍ବସାର ଗୁମ୍ଫାରେ ଚାଳିଶବର୍ଷରେ ଥରେ ମେଳା ଅନୁଷ୍ଠିତ ହୁଏ ଯାହାକୁ ଭିଡ଼ୀ ପୂଜା ବା ଯତରା କୁହାଯାଏ ।

କୁଟୁମ୍ବସାର ର ଦକ୍ଷିଣରେ ଥିବା ପାହାଡ଼ ତଳେ ଆଉ ଏକ ଗୁମ୍ଫା ଅଛି । ସେ ଗୁମ୍ଫାର ଉଚ୍ଚତା ପାଖାପାଖି ୪୦ ଫୁଟ ହେବ । ସେଠାରେ ପ୍ରାକୃତିକ ସଂଭୁ ଚାନ୍ଦିନୀ ଅଛି । ତାକୁ ଗବରା ନିବାସ କୁହାଯାଉଛି । ଏହାଛଡ଼ା ନଡ଼ପଲ୍ଲୀ ପାହାଡ଼ରେ ଏକ ଅଦଭୁତ ଗୁମ୍ଫା ଅଛି । ସେ ଗୁମ୍ଫାରେ କଲୀକଙ୍କାଲୀ ଦେବୀଙ୍କର ଆସ୍ଥାନ ଅଛି । ପାଖରେ ଏକ ଝରଣା ବହି ଯାଉଛି । ସେଠାରୁ ଏକ ସୁଡ଼ଙ୍ଗ ଗୋଦାବରୀ ନଦୀକୁ ସଂଯୋଗ କରୁଛି । ସେଠାରେ ଗୋଁଡ଼ୀ ପୁନେମ ମୁଠବା (ଗୋଁଡ଼ୀ ଧର୍ମର ଧର୍ମଗୁରୁ) ରୂପୋଲଂଗ ପହାନ୍ଦୀ ପାରିକୁପାର ଲିଂଗୋଙ୍କ ଅସ୍ତ୍ରଶସ୍ତ୍ର ରଖାଯାଇଛି । ସେଠାକାର କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନେକରନ୍ତି । ସେଠାରେ ବିଶ୍ୱାସ କରାଯାଏ ଯେ ଲୋଂଗୋଙ୍କ ଅସ୍ତ୍ରଶସ୍ତ୍ରକୁ ପୂଜା ନକରି ଶିକାର କରିବା ଲିଂଗୋ ପ୍ରତି ଅବମାନନା । କାରଣ ଶସ୍ତ୍ର ଚଳାଇବା ଏବଂ ପ୍ରୟୋଗ ବିଧି ସେ ଶିଖାଇଥିଲେ ।

୮. **ଚିତରକୋଟ ତୀରଥଗଡ଼** - କୁଟୁମ୍ବସାର ଗୁମ୍ଫା ର ଜଳପ୍ରପାତ ବ୍ୟତୀତ ଚିତରକୋଟ ଓ ତୀରଥଗଡ଼ ଇନ୍ଦ୍ରାବତୀ ନଦୀର ଅନ୍ୟଦୁଇଟି ଜଳ ପ୍ରପାତ । ସେଠାରୁ ପାଣି ଆଣି କୋୟା ବଂଶୀୟ ଗୋଁଡ଼ ଜୀବମାନେ ନିଜର ଦେବୀ ଦେବତାମାନଙ୍କୁ ପୂଜାର୍ଚ୍ଚନା କରନ୍ତି । କୁଟୁମ୍ବସାର ଚିତରକୋଟ ତୀରଥଗଡ଼ ସେମାନଙ୍କର ପବିତ୍ର ପୂନେମୀ ଧାର୍ମିକ ସ୍ଥଳ ଅଟେ । ସେମାନଙ୍କର ବିଶ୍ୱାସ ଅଛିଯେ ଚିତରକୋଟ ଓ ତୀରଥଗଡ଼ର ଜଳ ଅଣାଯାଇ ଗୋଁଡ଼ୀ ପୁନେମ ମୁଠବା ଲିଂଗୋ ସ୍ନାନ କରାଇ ନିଜର ବୁଢ଼ାଲ ପେନ୍ ଶକ୍ତିଙ୍କ ଉପାସନା କରାଯାଇଥାଏ ।

୯. **ସେମୁର ଗାଁଓ** - ଅନ୍ତାଗଡ଼ ରୁ ଆମାବେଡ଼ାର ବନାନୀପରିବେଷ୍ଟିତ ପ୍ରଦେଶର ପାର୍ବତ୍ୟ ଶିଖରରେ ସେମୁରଗାଁଓ ନାମକ ଏକ ଛୋଟ ଗ୍ରାମ ଅଛି । ଏ ଗ୍ରାମ ପାଖରେ ଏକ ଛୋଟ ନଈ ଅଛି । ଏହାକୁ ପେନଝାଡ଼ୀ କୁହାଯାଏ । ଏଇ ପେନଝୋଡ଼ୀ କୂଳରେ ଏକ ପାହାଡ଼ରେ ଲିଂଗଙ୍କର ଏକ ପବିତ୍ର ସ୍ଥାନ ଅଛି । ଏଠାରେ ଏକ ବଡ ଚାଳତଳେ ଲିଂଗୋଙ୍କ ବାହାନ ଛିଡ଼ା ହୋଇଛି । ଏହାପରେ ମୟୂରପୁଚ୍ଛ ଖଞ୍ଜାଯାଇଛି । ଏଇ ବାହନ ଉପରେ ଲିଂଗୋଙ୍କ ଜୀବା ବସିଥାଏ । ଯାହା ତୃଣାଚ୍ଛାଦିତ ଏକ ଲୌହଖଣ୍ଡ ଭଳି ଦେଖାଯାନ୍ତି । ଲିଂଗୋଙ୍କର ଗୋଲ ବେକରେ ତାଙ୍କ ପୁତ୍ର ନେତୁର ଗୁଣ୍ଡି ଘଣ୍ଟି ରୂପରେ ଠିଆହୋଇଛନ୍ତି । ଡ଼ାହାଣ ପାଖରେ ଲିଂଗୋଙ୍କ ସିଂହାସନ ଏକ ଅର୍ଦ୍ଧ ଗୋଲାକୃତି କଫାଳ ଆକୃତିର ପ୍ରସ୍ତରଖଣ୍ଡ ଅଛି । ଏହାଉପରେ ପାଲୋ ବା ପବିତ୍ର ବସ୍ତ୍ର ଅଛି । ଏଠାରେ ଲିଂଗୋଙ୍କ ଦୁଇ ଅସ୍ତ୍ର, ଅଶ୍ୱ ଓ ବର୍ତ୍ତୁଳାକାର ଦଣ୍ଡ ଅଛି । ଏହାଉପର ପୂଜାରୀ ଧ୍ୟାନାବସ୍ଥାରେ ବସେ ।

ପ୍ରତି ତିନି ବର୍ଷ ବ୍ୟବଧାନରେ ସେମୁର ଗାଁଓରେ ଲିଂଗୋଙ୍କ ମେଳା ଅନୁଷ୍ଠିତ ହୁଏ ଓ ତାଙ୍କର ପୂଜାହୁଏ । ସେଇ ସମୟରେ ସଂପୂର୍ଣ୍ଣ ଗୋଁଡ଼ୱାନାର କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟ ଯେଉଁ ମାନେ ୧୨ ସଗା ଶାଖାରେ ବିଭକ୍ତ ନିଜନିଜର ଇଷ୍ଟ ଦେବତାଙ୍କୁ ସଂଗରେ ନେଇ ଆସନ୍ତି । ଏଭଳି ଆଲୋର ଠାରେ ଗୋଁଡ଼ୀ ପୁନେମର ଦ୍ୱିତୀୟ ଧର୍ମଗୁରୁ ନେତୁର ଗୁଣ୍ଡୀ ଯାତ୍ରା ପ୍ରତି ୩ ବର୍ଷରେ ଅନୁଷ୍ଠିତ ହୁଏ । ସଂପୂର୍ଣ୍ଣ ବସ୍ତର, ଛତିଶଗଡ଼ (ମାବା କୋଶଳ) ଓ ଗୋଁଡ଼ୱାନାରେ ଲିଂଗୋଙ୍କ ପ୍ରସିଦ୍ଧ ପ୍ରସରିଯାଇଛି । କାରଣ ସେହିଁ  କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର

ଗୋଁଡ଼ଜୀବ ମାନଙ୍କର ସଗାବେନ୍ ଶାଖାର ରଚନା ଗୋତ୍ରବ୍ୟବସ୍ଥା, ଦେବ ବ୍ୟବସ୍ଥା, ଗୋଟୁଲ ବ୍ୟବସ୍ଥା, ଶାସନବ୍ୟବସ୍ଥା, ସଂଗୀତକଳା,ନୃତ୍ୟକଳା ଆଦି ସହିତ ନେଲକୁରୀ ବା କୃଷିଜ୍ଞାନ ଶିକ୍ଷା ଦେଇଥିଲେ । ପ୍ରାଚୀନ କଳାରେ ସଂପୂର୍ଣ୍ଣ ଗୋଁଡ଼ୱାନାରେ ଲିଂଗୋ ସଂସ୍କୃତି (ଲିଂଗୋ କିମାଡ଼) ପ୍ରଚଳୀତ ଥିଲା ।

୧୦. **ଦନ୍ତେ ବାଡ଼ା** – ଜଗଦଲପୁର ବିଛେଲୀ ରାସ୍ତାରେ ଦନ୍ତେବାଡ଼ା ଗ୍ରାମ ଅଛି । ସେଠାରେ ଦନ୍ତେବାଡ଼ୀନ୍ ଦାଇ (ବେନଦାଇ)ଙ୍କ ଆସ୍ଥାନ ଅଛି । ସେଠାରେ ଫାଲଗୁନ ମାସରେ ମେଳା ଅନୁଷ୍ଠିତ ହୁଏ । ସାଧାରଣତଃ କେବଳ ବସ୍ତର ନୁହେଁ ସଂପୂର୍ଣ୍ଣ ଗୋଁଡ଼ବାନାର କୋୟାବଂଶୀୟ ଗୋଣ୍ଡଜୀବଙ୍କ ସଂସ୍କୃତିରେ ମାତୃଶକ୍ତି ସର୍ବୋପରି । ମାତୃଶକ୍ତିର ଛତ୍ରଛାୟା ସର୍ବମାନ୍ୟ । ଏ ଅଂଚଳର ମାତୃଶକ୍ତିର ବହୁ ସ୍ଥାନୀୟ ନାମ ଅଛି । ଯଥା – ଦନ୍ତୋବାଡ଼ୀନ, ମାଉଲୀ, କଂକାଲୀନ୍, କୋଦାଈ, ଭଂଡ଼ରୀନ, ହିଂଗଲାଈ, କୋରମୁଡ଼ୀନ୍ ଆଦି ପ୍ରତିଗ୍ରାମରେ ମାତୃଶକ୍ତିର ଗୁଡ଼ି ଅଛି । ମାତ୍ର ଦନ୍ତୋବାଡ଼ାର ଦାଈ ବା ମାତା ସମସ୍ତଙ୍କ ଠାରୁ ଉଚ୍ଚାସନ ଦାବୀ କରନ୍ତି । ଏଠାରେ ଦଶହରାବେଳକୁ ସବୁ ଦେବାଦେବୀ ଏକତ୍ରିତ ହୁଅନ୍ତି ଓ ସେମାନଙ୍କ ଦେବଯାତ୍ରାରେ ପୂଜା ହୁଏ ।

୧୧. **ଅବୁଝ ମାଡ଼** – ବସ୍ତର ଜିଲ୍ଲାର ଅବୁଜ ମାଡ଼ କ୍ଷେତ୍ର ଯଦିଓ ଶାସନ ଦୃଷ୍ଟିରୁ ତିନୋଟି ତହସିଲରେ ବିଭକ୍ତ ମାତ୍ର ଏଠାକାର କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ଯାହାଙ୍କୁ ମାଡ଼ିଆ କୁହାଯାଏ ସେମାନଙ୍କର ନିଜର ଏକ ଶାସନ ଭୟବସ୍ଥା ରହିଛି । ଏମାନଙ୍କର ବିଭାଜିତ କ୍ଷେତ୍ରକୁ ପ୍ରଗଣା କୁହାଯାଏ, ଏହାର ମୁଖ୍ୟଙ୍କୁ ମାଝି କୁହାଯାଏ । ମାଁଝୀ ନିଜର ସଂପ୍ରଦାୟିକ ବ୍ୟକ୍ତିଗତ କଳହର ମୀମାସା କରିବାର ନ୍ୟାୟମୂର୍ତ୍ତିର କାର୍ଯ୍ୟ କରନ୍ତି । ଅବୁଝମାଡ଼ ର ଅର୍ଥ କେହି କେହି ଅବୁଝା ଲୋକ ତେଣୁ ଅବୁଝା ରାଜ୍ୟ ବୋଲି କହନ୍ତି । କିନ୍ତୁ ଗୋଁଡ଼ୀଭାଷାରେ ଏହାର ଅର୍ଥ ସରଈ ଗଛର ଜଂଗଲ କୁହାଯାଏ । ଗୋଁଡ଼ୀରେ ଅବୁଝମାଡ଼ର ଅର୍ଥ ସରଈ ବା ଶାଳ ଗଛର ଜଂଗଲ । ଓ ଏଇ ଅବୁଝ ମଡ଼ାଙ୍କର ପ୍ରଦେଶକୁ ଅବୁଝମାଡ଼ କୁହାଯାଏ । ଏଭଳି ଏଠାକାର ଅବୁଝମାଡ଼ର ନିବାସୀଙ୍କୁ ଅବୁଝମାଡ଼ିଆ ବା ମାଡ଼ିଆ କୁହାଯାଏ । ଏହାର ଅର୍ଥ ଜଂଗଲର ନିବାସୀ ।

ଅବୁଝ ମାଡ଼ ଅଂଚଳରେ ପ୍ରାୟ ୨୬ ପ୍ରଗଣା ରହିଛି । ଯାହା ଏଇ ପ୍ରଗଣାର ମାଝି ମାନଙ୍କ ସହ ସଂପର୍କିତ । ଆମ୍ବେଡ଼ା,ଅନ୍ତାଗଡ଼,ବଂଦାଦେଶ, ବଡ଼ଗାଁଓ,ବେନୁର, ଭାଁମରା, ଛୋଟାଡ଼ୋଙ୍ଗର, ଦୁଗାଲ, ଝରିଆ, କଂଗଲ, କଲଘାଟୀ, କିଂଡ଼ୀଗଲ, କୋଲର, ଅବରୀ,ବମନୀ,ବେଙ୍ଗେଲୀ,ଚାଲକା, ହଟିଆ, କେଶକାଲ, କେଙ୍ଗୁର, କାପରା, ମକରୀ, ମରଦାପାଲ, ସାମପୁର, ସୋନପାଲ ଆଦି ପ୍ରଗଣା । ଏସବୁ ପ୍ରଗଣାର ଶାସନ ବ୍ୟବସ୍ଥା ମାଝୀ ମାନଙ୍କର ହାତରେ ଥାଏ । ଯେଉଁ ମାନେ ନିଜ ସଂପ୍ରଦାୟର ଗୋଣ୍ଡଜୀବ ମାନଙ୍କର ପରମ୍ପରା ଗତ ପଞ୍ଚାୟତି ବ୍ୟବସ୍ଥା ଅନୁସାରେ ପରିଚାଳିତ କରନ୍ତି ।

୧୨. **ଇନ୍ଦରାବତୀ** - ବସ୍ତର ଜିଲ୍ଲାର ବଡ଼ନଦୀ ହେଲା ଇନ୍ଦ୍ରାବତୀ । ଏହାର ଉତ୍ପତ୍ତି ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଜୟମାଲ ନାମକ ସ୍ଥାନରୁ ଏକ ପର୍ବତ ଉପରଥିବା "ଇନ୍ଦରାବାଟୀ" ଜଳକୁଣ୍ଡରୁ ହୋଇଛି । ଏ ନଦୀର ଉତ୍ପତ୍ତି ସଂପର୍କରେ ଏକ ପୌରାଣିକ ଗୋଁଡ଼ୀଗାଥା କଳାହାଣ୍ଡି ଜିଲ୍ଲାର କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟରେ ପ୍ରଚଳିତ ଅଛି । ସେଇ ଅନୁସାରେ ପ୍ରାଚୀନ କାଳରେ ଟିରକାମାଲୁ ନାମକ ଜଣେ କୃଷକ ଜୟମାଲ ଗ୍ରାମରେ ବାସ କରୁଥିଲା । ତାର ଇନ୍ଦରୋଁନାମକ ଝିଅଟିଏ ଥିଲେ । ଝିଅଟିର ମା ପିଲାଦିନୁ ମରିଯାଇଥିଲା । ଝିଅଟି ଘରର ସବୁକାମ କରିବା ସହ ବାପାଙ୍କ ଚାଷବାସରେ ମଧ୍ୟ ସାହାଯ୍ୟ କରୁଥିଲା ।

ସେ ପାଞ୍ଚଖଣ୍ଡ ପୃଥିବୀର ମାଲିକ ମାରାଂବୁରୁ (ସଂଭୁମହାଦେବ)ଙ୍କ ଉପାସିକାଥିଲା । ଜୟମାଲ ଗ୍ରାମ ପାଖରେ ଥିବା ପର୍ବତ ଉପରେ ମାରାଂବୁରୁଙ୍କ ଆସ୍ଥାନଥିଲା । ସେ ତାଙ୍କ ପୂଜାକରିବାକୁ ନିତି ସେଠାକୁ ଯାଉଥିଲା । ଥରେ କଳାହାଣ୍ଡି ଅଂଚଳରେ ଘୋର ମରୁଡ଼ି ପଡ଼ିଲା ଲୋକ ମାନେ ପାଣି ପାଇଁ ଡ଼ହଳ ବିକଳହେଲେ । ସେମାନେ ଗାଁ ଛାଡ଼ି ଅନ୍ୟ ଜାଗାକୁ ଯିବାକୁ ଚାହିଁଲେ ଏକଥା ଶୁଣି ଇନ୍ଦରୋଁ ଚିନ୍ତିତ ହୋଇପଡ଼ିଲା । ସେ ଚିନ୍ତାକଲା ସେ ଚାଲିଗଲେ ମାରାଂବୁରୁଙ୍କ ପୂଜା କିଏ କରିବ ? ସେ ମନକୁ ମନ ସ୍ଥିରକଲା ଯେ ପାଣି ବିନା ପଛେ ମରିଯିବ କିନ୍ତୁ ନିଜର ଉପାସ୍ୟଦେବ ମାରାଂବୁରୁଙ୍କୁ ଛାଡ଼ି ଯିବ ନାହିଁ । ସେ ଦିନେ ଡ଼ୋଙ୍ଗର (ପର୍ବତ) ଉପରକୁ ଯାଇ ମାରାଂବୁରୁଙ୍କ ସାମ୍ନାରେ ବସି ପ୍ରତିଜ୍ଞାକଲା ଯେ ଗ୍ରାମବାସୀ ପାଣି ପାଇଁ ଡ଼ହଳ ବିକଳ ହେଉଛନ୍ତି ଯେପର୍ଯ୍ୟନ୍ତ ପାଣିର

ବ୍ୟବସ୍ଥା ହୋଇନାହିଁ ସେ ପର୍ଯ୍ୟନ୍ତ ସେ ଫେରିବ ନାହିଁ । ଏହାକହି ମାରାଂବୁରୁଙ୍କ ଆଗରେ ନିଜର ମଥା ପିଟିବାକୁ ଲାଗିଲା ମାରାଂବୁରୁଙ୍କ ଗୋଁଡ଼ଶକ୍ତି ନାଗ ଦେବତା ଏକଥା ଦେଖି ପାରିଲେ ନାହିଁ, ଡଙ୍ଗର ଭିତରେ ପ୍ରବେଶ କରି ସେଠାରୁ ଏକ ଜଳଧାରା ପ୍ରବାହିତ କରାଇଲେ । ସେଇ ଜଳଧାରା ଠିକ୍ ସେଇ ସ୍ଥାନରେ ବାହାରିଲା ଯେଉଁଠାରେ ଇନ୍ଦରୋ ଭାସିଗଲା । ଯେଉଁଠାରେ ଜଳଧାରା ବାହାରିଥିଲା ସେଠାରେ ଏକ କୁଣ୍ଡ ହେଲା ଯାହାକୁ "ଇନ୍ଦରୋବାଟି" ଅର୍ଥାତ୍ "ଇନ୍ଦରୋ ର କୁଣ୍ଡ" କୁହାଗଲା । ସେଇ କୁଣ୍ଡରୁ ଯେଉଁ ଜଳଧାରା ପ୍ରବାହିତ ହୋଇ ନଦୀର ରୂପ ଧାରଣ କଲା ତାକୁ ଇନ୍ଦରୋବାଟି (ଇନ୍ଦ୍ରାବତୀ) ନଦୀ କୁହାଗଲା ।

ଏଇଭଳି ସେଇ ଇନ୍ଦରାବତୀ ନଦୀ ଉତ୍ପତ୍ତିସ୍ଥଳରୁ ପ୍ରାୟ ୫୫ କି.ମି. ପର୍ଯ୍ୟନ୍ତ ଦକ୍ଷିଣ ପଶ୍ଚିମକୁ ଯାଇ କୋରାପୁଟ (କଲିପୁଟ) ଜିଲ୍ଲାର କାଶୀପୁଟ ତହସିଲ ରେ ଥିବା ନବରଙ୍ଗପୁର ଦେଇ ବକ୍ରଗତିରେ ଯାଇ ଜୟପୁର ପାଖଦେଇ ବସ୍ତର ସୀମାରେ ପ୍ରବେଶ କରିଛି । ବସ୍ତରରେ ଇନ୍ଦ୍ରାବତୀର ଗତି ପୂର୍ବରୁ ପଶ୍ଚିମ ଦିଗକୁ ହୋଇଛି । ବାଟରେ ବେଲଗାଓଁ, ଗୁମଡ଼େଲ, ମାଲଗାଁଓ, କୁରୁସପାଲ, ସୁକରାପାଲ, ଧୋବୀଗୁଡ଼ା, ଆସନା, ଜଗଦଗୁଡ଼ା (ଜଗଦଲପୁର), ତିତରାଏଁ, ଘାଟପଦୂର ହୋଇ ଆଗକୁ ଟିକରା ଲୋହଙ୍ଗା, ବାଲୀକୋଟା, କବି ଆସନା, ଘାଟାକକାଲୀ, ଟିକରା ଧନୋରା, ଘାଟସରପାଲ, ବୋଡ଼ନପାଲ, ପଲ୍ଲୀଚକବା, ଗଡ଼ବୋଦରା, ନାରାୟଣପାଳ, ଚିତରକୋଟ, ବୋଧଘାଟ, ହୋଇ ଦନ୍ତେବାଡ଼ାକୁ ପ୍ରବେଶ କରିଛି । ସେଠାରୁ ସେ ବାରସୂର,ଛନ୍ଦନାର ମୁସ୍ତଲନାର ଦେଇ ବିଜାପୁର ତହସିଲରେ ମୋଡ଼ିଯାଇ କରକାବାଡ଼ା, ପସେବାଡ଼ା, ମଟ୍ଟୀମରକା, ଲିଗପୁରମ ଆଦି ପାରି ହୋଇ ଭୋପାଲ ପଟ୍ଟନମ ର ଆଗକୁ ଗୋଦାବରୀ ସହ ମିଳିତ ହୋଇଛି ।

ଏହି ନଦୀର ମୋଟ ୩୦ରୁ ଅଧିକ ଉପନଦୀ ଅଛି । ତନ୍ମଧ୍ୟରୁ ଉତ୍ତର ଭାଗରେ କୋତରୀ,ଭଁବରଡ଼ିଂଗ,ଗୁଣ୍ଡରା,ନିବରା ଓ ନାଡଂଗୀ ପ୍ରମୁଖ । ଦକ୍ଷିଣ ଭାଗରେ ଉପନଦୀ ମଧ୍ୟରେ ଦନ୍ତେବାଡ଼ା,ଡଂଖନୀ,ଶଂଖନୀ,ବେରୁନ୍ଦୀ,ମାଂଡ଼େର ଓ ଚିନ୍ତାବଗୁ । ଏପରି ଭାବରେ ଇନ୍ଦୁରୋକୁଣ୍ଡରୁ ବାହାରି ଇନ୍ଦ୍ରାବତୀ ଅନାଦିକାଳରୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ସେବା କରି ଆସୁଛି ।

# ଭଣ୍ଡାରା ଜିଲ୍ଲା

ଭଣ୍ଡାରା ଜିଲ୍ଲା ମହାରାଷ୍ଟ୍ରର ପୂର୍ବାଞ୍ଚଳରେ ଅବସ୍ଥିତ । ଏହି ଜିଲ୍ଲା ବେନଗଂଗା ଓ ଏହାର ସହାୟକ ଉପନଦୀର ଉପତ୍ୟକା ଦ୍ୱାରା ପରିବ୍ୟାପ୍ତ । ବେନଗଂଗା ର ଉପନଦୀ ନଦିୟାଂବାଘ,ବାବନଥଡ଼ୀ,କନ୍ନାଣ୍ଡ,ଚୁଲବନ୍ଧ ଆଦି । ଭଣ୍ଡାରା ର ପ୍ରାଚୀନ ନାମ ଉନାରାଗଡ଼ ଥିଲା ସେଠାରେ ଭନାରା ନାମକ ଗୋଁଡ଼ ଜାଗୀରଦାର ଥିଲା । ଭଣ୍ଡାରା ଜିଲ୍ଲାରେ ପ୍ରବାହିତ ବେନଗଂଗା,ବାଘ,ବାବନଥଡି ଓ ଚଲବନ୍ଧ ପ୍ରଭୃତି ନଦୀମାନଙ୍କ କୂଳରେ ପ୍ରାଗୈତିହାସିକ ଯୁଗର କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ପ୍ରଚୁର ମାତ୍ରାରେ ଧ୍ୱଂସାବଶେଷ ମିଳିଛି । ଗାୟମୁଖ,କଛାରଗଡ଼,ସମାକରଣ କୋଲଝିରା, ସୂର୍ଯ୍ୟାବାଇ,ମାଂଡ଼ୋବାଇ,କରଣମହଲ ଆଦି ପାର୍ବତ୍ୟ ଅଂଚଳରେ ଥିବା ଶିଳାଶ୍ରୟରେ ଆଦି ଗୋଁଡ଼ଜୀବ ମାନଙ୍କର ବାସସ୍ଥାନ ଅନାଦିକାଳରୁ ରହିଆସିଛି । ବେନଗଂଗା କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ସଗାବେନର ଚିହ୍ନ । ବାବନଥଡ଼ୀ ମହାରାଜ ସଂଗ୍ରାମ ସାହଙ୍କ ବାବନଗଡ଼ର ପ୍ରତୀକ । କୋୟଲୀ କଛାର ଲୋହଗଡ଼ ଠାରେ କୋୟା ବଂଶୀୟ  ଗୋଁଡ଼ ସଂପ୍ରଦାୟର ସଗା ବେନ ମାନଙ୍କର ବସତି ଥିଲା ।

ସମାକରଣ ଗୁମ୍ଫାରେ ଗୋଁଡ଼ୀସଗା ଦେବତାମାନଙ୍କର ୭ଟି କୁଣ୍ଡ ଅଛି । ଗାୟମୁଖ ମେଟ୍ଟା ରେ ପାଞ୍ଚଖଣ୍ଡ ପୃଥିବୀ ର ରାଜା ସଂଭୁମହାଦେବ ଓ ଗବରାମାତାଙ୍କ ଆସ୍ଥାନ ଅଛି । ସେଇଭଳି ବେନଗଙ୍ଗା ନଦୀକୂଳରେ ଥିବା ଅମ୍ବାରା ମାତାଙ୍କ ଆସ୍ଥାନ ପାଖରେ ଥିବା କୋଲାସୂର ମେଟ୍ଟାରେ ଗୋଁଡ଼ୀ ଭୂମକା କୋଲାସୂର ଙ୍କ ଆସ୍ଥାନ ରହିଛି ।

ଭଣ୍ଡାରା ଜିଲ୍ଲାର ଖୈରୀ, ବରାହମୀ, ପବନୀ, ନାଗରା, ମାଣ୍ଡୋବାଇ, କେଲାଝିରା ଆଦି ସ୍ଥାନରେ ପ୍ରସ୍ତର ଯୁଗୀୟ ଅସ୍ତ୍ରଶସ୍ତ୍ର ମିଳିଛି । ଯାହା ପ୍ରମାଣକରେ ଯେ ଏ ଅଂଚଳରେ ଅନାଦିକାଳରୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବାସସ୍ଥାନ ରହିଆସିଥିଲା । ପବନୀ, ସାନଗଡ଼ୀ, ପ୍ରତାବଗଡ଼, ଭଣ୍ଡାରା, ଅମ୍ବାଗଡ଼ ଆଦି ସ୍ଥାନରେ ଗୋଁଡ଼ ରାଜାମାନଙ୍କର ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ସେମାନଙ୍କର ରାଜ୍ୟଶାସନର ଐତିହାସିକ ଗାଥା ବର୍ଣ୍ଣନା କରୁଛି । ଏହା ଛଡ଼ା

କୋୟଲୀ କଛାର ଲୋହଗଢ଼, ଗାୟମୁଖ, କୁପାରମେଟ୍ଟା ଆଦି ସ୍ଥାନ ସେମାନଙ୍କ ଧାର୍ମିକ ବିଶ୍ୱାସର କେନ୍ଦ୍ରସ୍ଥଳ ରୂପେ ପରିଚିତ ।

୧. **ଅଡ଼୍ୟାଲ** - ଜିଲ୍ଲା ମହକୁମାର ୨୪ କି.ମି. ଦୂରରେ ଆଡ଼୍ୟାଲ ଗ୍ରାମ ଅବସ୍ଥିତ । ସେଠାରେ ସଂଭୁ ମହାଦେବଙ୍କ ପ୍ରାଚୀନ ମନ୍ଦିର ରହିଛି ; ଯାହାକୁ ପବନୀଗଢ଼ ର ପୋନାର ଗଣ୍ଡଚିହ୍ନ ଧାରୀ କୋୟା ବଂଶୀୟ ଗୋଁଣ୍ଡ ସଂପ୍ରଦାୟର ପବନରାଜା ନିର୍ମାଣ କରିଥିଲେ । ସେଠାରେ ମହାଶିବରାତ୍ରୀରେ ମେଳା ଆୟୋଜିତ ହୁଏ ।

୨. **ଅମ୍ବାଗଢ** - ଭଣ୍ଡାରା ଜିଲ୍ଲାର ତୁମସହ ତହସିଲରେ ଥିବା ଅମ୍ବାଗଢ ପର୍ବତ ଶିଖରରେ ଦେବଗଢ ନାଗପୁରର ଗୋଁଡ଼ରାଜା ବକ୍ତବୁଲନ୍ଦସାହଙ୍କ ଏକ ଦୁର୍ଗ ଅଛି । ଯାହା ବର୍ତ୍ତମାନ ଭଗ୍ନସ୍ତୁପ ପାଲଟି ସାରିଛି । ଏହାର ପଶ୍ଚିମରେ ଚାନ୍ଦପୁର କିଲ୍ଲା ବା ଦୁର୍ଗ ଅଛି ଯାହା ଅମ୍ବାଗଢ଼ଠାରୁ ଆହୁରୀ ପୁରାତନ । ତାପାଖରେ ଗାୟମୁଖ ପର୍ବତ ଶିଖରେ ସଂଭୁମହାଦେବଙ୍କ ଆସ୍ଥାନ ଅଛି । ପର୍ବତର ଏକ ଗୁମ୍ଫାରେ ଗବରାମାତାଙ୍କର ଆସ୍ଥାନ ଅଛି ଏଠାରେ ମହାଶିବରାତ୍ରୀରେ ୧୫ ଦିନ ଧରି ମେଳା ଅନୁଷ୍ଠିତ ହୁଏ । ଏ ମେଳାରେ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଲୋକେ ନିଜର ଦେବୀ ଦେବତା ମାନଙ୍କର ସୂତା (ପଇତା) ନେଇ ଯାଆନ୍ତି ।

୩. **ପଦମପୁରା** - ଭଣ୍ଡାରା ଜିଲ୍ଲାର ଆମଗାଁଓ ପାଖରେ ଥିବା ଏହା ଏକ ପ୍ରାଚୀନ ସ୍ଥାନ । ଯେଉଁଠି ଐତିହାସିକ କାଳୀନ ପ୍ରାଚୀନ ଭଗ୍ନାବଶେଷ ମିଳିଛି । ଏଠାରେ ବକାଟକ (ଉଦବିଲ,ଶାଳିଆ ପତନି) ଗୋଁଡ଼ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କର ରାଜ୍ୟ ଶାସନର ଏକ କେନ୍ଦ୍ରଥିଲା । ଏହାକୁ ବିଷ୍ଣୁରଭଦ୍ ମଧ୍ୟ କୁହାଯାଏ । ବିଷ୍ଣୁରଭଦ ଏକ ଗୋଁଡ଼ୀଶବ୍ଦ ଏହାର ଅର୍ଥ ଉଦବିଲାବ (ଶାଳିଆ ପତନି) । ଏ ଅଂଚଳରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଲୋକଙ୍କ ବିଶ୍ୱାସ ଯେ ପଦମପୁରାରେ ସେମାନଙ୍କ ପଡ଼ବଂଶୀର ବର୍କାଟକ ରାଜା ଶାସନ କରୁଥିଲେ ।

୪. **ଭଣ୍ଡାରା** - ଜିଲ୍ଲାର ସଦର ମହକୁମା ଏଠାରେ ଅଛି । ଏଠାରେ ମଧ୍ୟ ଦେବଗଢ଼ ନାଗପୁରର ଗୋଁଡ଼ରାଜା ବକ୍ତବୁଲନ୍ଦ ସାହଙ୍କର ଏକ ଦୁର୍ଗ ରହିଥିଲା ।

ଏହାର ଅବଶେଷ ଏବେ ମଧ୍ୟ ଅଛି । ଏହା ବେନଗଙ୍ଗା ନଦୀ କୂଳରେ ସାତ ପ୍ରସ୍ତ ପାଚେରୀ ମଧ୍ୟରେ ନିର୍ମିତ ହୋଇଥରଲା । ଏହି ଦୁର୍ଗ ସ୍ଥାନରେ ଏବେ କେନ୍ଦ୍ରିୟ କାରାଗୃହ ନିର୍ମିତ ହୋଇଛି । ଭଣ୍ଡାରାର ଲୋକ ମାନଙ୍କ ବିଶ୍ୱାସ ଯେ ଭଣ୍ଡାରାର ରାବେଶ (ନୀଳକଣ୍ଠ) ଚିହ୍ନ ଧାରୀ ଗୋଁଡ଼ ରାଜା ନିର୍ମାଣ କରିଥିଲେ । ଭଣ୍ଡାରାର ପ୍ରାଚୀନ ନାମ ଭନାରାଗଢ ଏଇ ଭନାରାଗଡ କାଳକ୍ରମେ ଭଣ୍ଡାର ଗଡ଼ କୁହାଯାଉଛି ।

୫. **ବିଜଲୀ** – ଭଣ୍ଡାରା ଜିଲ୍ଲାର ସାଲେକସା ତହସିଲରେ ଥିବା ବିଜଲୀପୁରାରେ ଗୋଁଡ଼ ରାଜାଙ୍କ ଏକ ଜମିଦାରୀ ଥିଲା । ପାରୀପଟୋର ବିଜିଲୀପୁରାରେ ଅନାଦିକାଳରୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବାସସ୍ଥାନ ରହିଥିଲା । ଏହାର ପ୍ରମାଣ ସେଠାରୁ ମିଳିଥିବା ପ୍ରସ୍ତରଯୁଗର ପ୍ରତ୍ନତାତ୍ତ୍ୱିକ ଅବଶେଷ ।

୬. **ବରାହମୀ** – ଭଣ୍ଡାରା ଜିଲ୍ଲାରେ ଥିବା ଏହା ଗୋଟିଏ ଛୋଟ ଗାଁ । ଏଠାରେ ପ୍ରାଚୀନ ଦୁର୍ଗର ଅବଶେଷ ଅଛି । ଯାହା ବିଶାଳକାୟ ପଥରରେ ତିଆରି ହୋଇଥିଲା । ଏ ଅଂଚଳର କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଲୋକେ ଏହାକୁ ରାବେଣ (ନୀଳକଣ୍ଠ,ଭଦାଳିଆ)ଗୋଣ୍ଡଚିହ୍ନ ଧାରୀ ରାଜାଙ୍କ ଦୁର୍ଗ ଥିଲାବୋଲି କହନ୍ତି ।

୭. **ଚାନ୍ଦପୁର** – ଭଣ୍ଡାରାର ଉତ୍ତର ରେ ୬୦ କି.ମି. ଦୂରରେ ଥିବା ଏହି ସ୍ଥାନରେ ଏକ ପୁରୁଣା ଦୁର୍ଗ ଅଛି । ଏହାକୁ ବୈହରଲାଂଜି ପ୍ରଗଣାର ଭୀମାଲପେନ ଭାଇ ମାନେ ତିଆରି କରି ଥିଲେ ବୋଲି ଗୋଁଡ଼ ସଂପ୍ରଦାୟର ଲୋକେ ବିଶ୍ୱାସ କରନ୍ତି । ଏଠାରୁ ପାଖରେ ଏକ ଚାନ୍ଦପୁର ପୁଷ୍କରିଣୀ ଅଛି । ଏହା ବହୁପ୍ରାଚୀନ ଓ ଏହାକୁ ଭୀମାଲପେନ ଭାଇମାନେ ଖୋଳାଇ ଥିଲେ ।

୮. **ଦରେକସା** – ଏହା ଏକ ଜମିଦାରୀ ଗ୍ରାମ । ଏହାପାଖରେ କୋୟଲୀ କଛାର ଲୋହଗଡ଼ ପର୍ବତ ଅଛି । ଏଠାରେ ପ୍ରାୟ ଦଶଟି ଗୁମ୍ଫା ଅଛି । ପ୍ରଥମ ଗୁମ୍ଫାକୁ ବାବା କୁଟୀ । ଏଠାରେ ଗୋଁଡ଼ୀ ପୁନେମ ମୁଠବା (ଧର୍ମଗୁରୁ) ରୂପୋଲଂଗ ପହାଂଦୀପାରୀ କୁପାର ଲିଂଗୋ ଙ୍କ କୁଟୀ କୁହାଯାଏ । ସେଠାରେ ଏକ ବଡଗୁମ୍ଫାରେ

କୋୟାବଂଶୀୟ ଗୋଁଣ୍ଡ ସଂପ୍ରଦାୟର ସଗାବେନ ମାନଙ୍କୁ ସଂଭୁମହାଦେବ ବନ୍ଦକରି ରଖିଥିଲେ । ସେହି ସଗାବେନ୍ ଙ୍କୁ ଗୋଁଡ଼ୀ ପୁନେମ ମୁଠବା ରୂପୋଲଙ୍ଗ ପହାନ୍ଦୀ ପାରି କୁପାର ଲିଂଗୋ ମୁକ୍ତ କରିଥିଲେ ଓ ସେମାନଙ୍କୁ ନିଜର ଶିଷ୍ୟ କରି ସେମାନଙ୍କ ଜରିଆରେ ସମଗ୍ର କୋୟାବଂଶୀୟ ଗୋଁଡ଼ଜୀବ ମାନଙ୍କୁ ଏକ ସଗାବେନ ମାନଙ୍କର ସାମ୍ପ୍ରଦାୟିକ ବ୍ୟବସ୍ଥାରେ ବ୍ୟବସ୍ଥିତ କଲେ । ସେମାନଙ୍କ ମାଧ୍ୟମରେ ଗୋଁଡ଼ୀପୁନେମ ଦର୍ଶନର ପ୍ରଚାର ପ୍ରସାରକଲେ । କୋୟଲୀ କଛାର ଲୋହଗଢ ଗୁମ୍ଫାରେ ପ୍ରତ୍ୟେକ ବର୍ଷ ମାଘ ମାସ ପୂର୍ଣ୍ଣିମାରେ ମେଳା ଅନୁଷ୍ଠିତ ହୁଏ । ଏଠାକୁ ସମଗ୍ର ଗୋଁଡଓାନାର ପ୍ରାୟ ପାଞ୍ଚ/ଦଶଲକ୍ଷ ଲୋକ ଦର୍ଶନ କରିବାକୁ ଆସନ୍ତି । ଏଠାରେ ଗୋଁଡ଼ୀଧର୍ମ ଦର୍ଶନର ମାତା ଦାଈକଲୀ କଙ୍କାଲୀଙ୍କ ଶକ୍ତିସ୍ଥଳ । ଗୋଁଡ଼ୀ ସଗାଦେବକୁ ନିଜର ବଳୀଦାନ ଦେଇ ମୁକ୍ତ କରିଥିବା ହୀରାସୁକା ପାଟାଲୀଙ୍କ ବଳୀଦାନ ସ୍ଥଳ, ଗୋଁଡ଼ୀ ସଗାଦେବଙ୍କ ମୁକ୍ତି ଗୁମ୍ଫା ଓ ଗୋଣ୍ଡି ପୁନେମ ମୁଠବାଙ୍କ କୁଟୀ ଅଛି । ଏଠାରୁ ୫ କି.ମି. ଦକ୍ଷିଣରେ ଗୋଁଡ଼ୀପୁନେମ ମୁଠବାଙ୍କ ସାଧନାସ୍ଥଳ କୁପାର ମେଟ୍ଟା ଅଛି ।

୯. **ଗାୟମୁଖ** - ଭଣ୍ଡାରାଜିଲ୍ଲାର ତୁମସର ତହସିଲ ରେ ଥିବା ଗାୟମୁଖ ଏକ ଛୋଟ ଗ୍ରାମ । ଏଠାରେ ଥିବା ପାହାଡ଼ରେ ସଂଭୁମହାଦେବଙ୍କ ଓ ଗୁମ୍ଫାରେ ଗବରା ମାତାଙ୍କ ଆସ୍ଥାନ ଅଛି । ଏଠାରେ ମହାଶିବ ରାତ୍ରୀରେ ପନ୍ଦର ଦିନ ବ୍ୟାପି ମେଳା ବସେ । ଏହି ମେଳାକୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଲୋକମାନେ ନିଜର ସଂଭୁ ମହାଦେବଙ୍କ ପଇତା ନେଇ ଆସନ୍ତି ଓ ସଂଭୁମହାଦେବଙ୍କୁ ଚେତନ ଅବସ୍ଥାକୁ ଆଣିବାକୁ ପ୍ରାର୍ଥନା କରନ୍ତି ।

୧୦. **ଗୋନ୍ଦିଆ** - ଏହାର ପ୍ରାଚୀନ ନାମ ଗୋଁଡ଼ୀନାର ଥିଲା । ଏହା ଏକ ପ୍ରାଚୀନ ନଗର । ଏବର ଗୋଁଦିୟା ନଗରୀ ପାଖରେ ଗୋଁଡ଼ୀନାର ସ୍ଥାନ ଅଛି । ଯାହାକୁ ଏବେ ଗୋଁଡ଼ୀ ନାଗରା କୁହାଯାଉଛି । ଏଠାରେ ପ୍ରସ୍ତର ଯୁଗୀୟ ଅବଶେଷ ଏବେ ମଧ୍ୟ ଅଛି । ଏଠାରେ ନାଗଗୋଣ୍ଡ ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କ ପ୍ରାଚୀନ ଗଢ ଥିଲା । ଯାର ଭଗ୍ନ ଅବଶେଷ ସେଠାକାର ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଛି । ସେଠାରେ ସଂଭୁ ମହାଦେବଙ୍କ ଆସ୍ଥାନ ଅଛି ।

୧୧. **ପ୍ରତାପଗଢ଼** – ବର୍ତ୍ତମାନ ସାକୋଲୀ ତହସିଲରେ ଥିବା ପ୍ରତାପଗଢ଼ ପାହାଡ଼ ଉପରେ ଏକ ପୁରାତନ ଦୁର୍ଗ ଅଛି ଯାହା ଧ୍ୱଂସସ୍ତୁପରେ ପରିଣତ ହୋଇଗଲାଣି । ଏ ପାହାଡ଼ର ଶିଖରେ ଗୋଁଡ଼ ସଂପ୍ରଦାୟର ସାତ ଭଣୀ "ରେୟାବାଈକ" ଦେବତାଙ୍କ ଆସ୍ଥାନ ଅଛି । ଅତିତକାଳରେ "ରେୟାବାଈକ" ସାତଭଉଣୀଙ୍କ କାମ ସମଗ୍ର ଗୋଁଡ଼ୱାନା ରେ ଥିଲା । ଏମାନେ ଗୋଁଡ଼ ସଂପ୍ରଦାୟର ଜଳକନ୍ୟା ଥିଲେ । ଜଳସ୍ରୋତ ଖୋଜି ସେମାନଙ୍କୁ ଭୂପୃଷ୍ଟକୁ ଆଣିବା ଏମାନଙ୍କର କାର୍ଯ୍ୟ ଥିଲା ।

୧୨. **ପବନୀ** – ଏହା ଭଣ୍ଡାରା ଜିଲ୍ଲାର ପ୍ରାଚୀନ ଐତିହାସିକ ନଗରୀ । ଏହା ବେନଗଙ୍ଗା ନଦୀ କୂଳରେ ଅବସ୍ଥିତ । ଏଠାରେ ପବନରାଜାଙ୍କର ଏକଦୁର୍ଗ ଥିଲା । ପବନୀ,ପୋହନା ଓ ପବନାର ଆଦି ନଗରୀର ରାଜା ଥିଲେ । ସେ ପୋନାର (ହରୀୟଲ) ଗୋଁଡ଼ଚିହ୍ନ ଧାରୀ ଗୋଁଡ଼ ସଂପ୍ରଦାୟର ରାଜାଥିଲେ । ପବନରାଜାଙ୍କ ପୂର୍ବରୁ ଏଠାରେ ନାଗ ଗୋଣ୍ଡଚିହ୍ନ ଧାରୀ ରାଜା ମାନେ ଶାସନ କରୁଥିଲେ । ଶାସନ କାଳରେ ସେମାନେ ସବୁ ଧର୍ମର ପ୍ରଚାରକ ମାନଙ୍କୁ ଆଶ୍ରୟ ପ୍ରଦାନ କରୁଥରଲେ । ସମ୍ରାଟ ଅଶୋକଙ୍କ ଶାସନକାଳରେ ତାଙ୍କ ରାଜୋଚିତ ବିଚାର ଧାରା ଏଠାରେ ପହଞ୍ଚାଇବାକୁ ତାଙ୍କର ଦୂତ ଆସିଥିଲେ । ଯାହାକୁ ପବନୀଗଢର ନାଗବଂଶୀ ରାଜା ମାନେ ରାଜାଶ୍ରୟ ଦେଇଥିଲେ । ସେମାନେ ଧମ୍ମଲିପରେ ଶିଳାଲେଖ ଖୋଦେଇ କରି ନିଜର ପ୍ରଚାର କାର୍ଯ୍ୟ କରିପାରିଥିଲେ । ସେମାନଙ୍କ ପ୍ରାକୃତ ଭାଷା ବା ଧମ୍ମଲିପି ଯଦିଓ ନାଗବଂଶୀ ରାଜା ଜାଣିନଥିଲେ ତଥାପି ସେମାନଙ୍କୁ ନାଗବଂଶୀ ରାଜାମାନେ ଆଶ୍ରୟ ପ୍ରଦାନ କରିଥିଲେ ।

ନାଗ ଗୋଣ୍ଡଚିହ୍ନ ଧାରୀ ରାଜାମାନଙ୍କ ପରେ ପବନୀ ଅଂଚଳରେ ସିରିସଟବା (ମିଠ୍ଠୁ ବା ସାତବାହନ) ଓ ବର୍କାଟକ (ବିଷ୍ଟୁରଭଦ ବା ଉଦ୍‌ବିଲାବ) ଗୋଁଡ଼ଚିହ୍ନ ଧାରୀ ରାଜାମାନେ ଶାସନକରିଥିଲେ । କିନ୍ତୁ ଏମାନଙ୍କର କୌଣସି ପ୍ରମାଣ ପବନୀରେ ମିଳିନାହିଁ । ବର୍କାଟକ ବା ଉଦବିଲାବ (ଶାଳିଆପତନି) ନାଗଚିହ୍ନଧାରୀଙ୍କ ପରେ ପବନ ରାଜଙ୍କ ଶାସନ ଚାଲିଲା । ଏହାଙ୍କ ନାମାନୁସାରେ ଏହାକୁ ପବନୀ ଗଢ଼ କୁହାଗଲା । ଏହା ନାଗପୁରରାଜା ବକ୍ତବୁଲନ୍ଦ ସାହଙ୍କ ଅଧିନରେ ଥିଲା ।

୧୩. **ସାନଗଢ଼ୀ** - ସାକୋଲୀ ତହସିଲରେ ଥିବା ସାନଗଢ଼ୀ ଗାଓଁରେ ଏକ ଦୁର୍ଗଅଛି ଯାହା ଦେବଗଡ଼ ରାଜାଙ୍କ ଅଧୀନରେ ଥିଲା । ଅତୀତରେ ଏହା ପ୍ରତାବଗଢ଼ ପବନୀ ଓ ସାନଗଢ଼ୀ ପ୍ରଗଣାର ମହକୁମାଥିଲା । ଗୋଁଡ଼ ରାଜାଙ୍କପରେ ଏଠାରେ ଭୋଁସଲା ମାନଙ୍କ ଅଧିକାର ସାବ୍ୟସ୍ତ ହୋଇଥିଲା ।

ଭଣ୍ଡାରାଜିଲ୍ଲାରେ ଦେବଗଢ ନାଗପୁର ଓ ଗଢମଣ୍ଡଲାର ଗୋଁଡ଼ରାଜା ମାନଙ୍କର ଅନେକ ଜମିଦାରୀ ଥିଲା ଯଥା ଆମଗାଁ, ଅର୍ଜୁନୀ, ବିଜଲୀ, ଚାନ୍ଦପୁର, ଚିଚବାଡ଼ା, ଚିତଗଢ଼, ଦଲ୍ଲୀ, ଦରେକସା, ଦେବରୀ, କିସୋରୀ, ଡଂଗରାଲୀ, ଗଙ୍ଗାଝରୀ, ଗୋଁଡ଼ ଉମରୀ, ଜାଂଭଲୀ, କାମଠା, ଖୈରୀ, ମହାଗାଁଓ, ନନସାରୀ, ପଲସାଗାଁଓ, ଫୁକୀ ମେଟା, ପରଡ଼ା, ସାଲେକସା, ସାନଗଢ଼ୀ, ତୀଖଁଡ଼ୀ, ମାଲପୁରୀ, ତୁରମପୁରୀ, ରମରୀ, ବରଲ ଆଦି ଜମିଦାରୀ ଯାହା ପ୍ରଥମେ ଦେବଗଢ଼ ଓ ଗଢ଼ମଣ୍ଡଲାର ଗୋଁଡ଼ରାଜା ମାନଙ୍କର ଅଧୀନରେ ଥିଲା ଓ ତାଙ୍କ ପରେ ମରାଠା ମାନେ ନିଜର ରାଜତ୍ୱ ସାବ୍ୟସ୍ତ କଲେ ।

## ନାଗପୁର ଜିଲ୍ଲା

ନାଗପୁର ଜିଲ୍ଲାର ସଦରମହକୁମା ନାଗନଦୀ କୂଳରେ ନାଗପୁର ନଗରୀରେ ଅବସ୍ଥିତ । ନାଗନଦୀକୂଳରେ ଥିବା ଯୋଗୁଁ ଏ ନଗରର ନାମ ନାଗପୁର ହୋଇଛି । ଦେବଗଢ଼ର ଗୋଁଡ଼ରାଜା ବକ୍ତବୁଲନ୍ଦ ସାହ ଏ ନଗରକୁ ବସାଇ ଥିଲେ । ନାଗନଦୀ କୂଳରେ ଥିବା ୧୨ ଟି ଗ୍ରାମକୁ ଗୋଟିଏ ସ୍ଥାନକୁ ଆଣି ପ୍ରଥମେ ସେ ରାଜାପୁର ବାରସା ନିର୍ମାଣ କଲେ ନିଜ ରାଜ୍ୟର ଦ୍ୱିତୀୟ ରାଜଧାନୀ ରାଜାପୁର ବାରସାରେ ସ୍ଥାପନ କଲେ । ଏହା ନାଗନଦୀ କୂଳରେ ଥିଲା ଏଣୁ ଏହାର ନାମ ନାଗପୁର ଦିଆଗଲା ।

ନାଗପୁର ଜିଲ୍ଲାର ଉତ୍ତର ଭାଗରେ ବେନଗଙ୍ଗା ନଦୀର ଉପନଦୀ ଗୁଡ଼ିକ ଦ୍ୱାରା ବ୍ୟାପ୍ତ । ଏଥିରେ ପେନକ (ପେଞ୍ଚ) କୋଲାର, ସ୍ୱର,କନ୍ହାଣ୍ଡ ଆଦି ଅନ୍ତର୍ଗତ । ଜିଲ୍ଲାର ମଧ୍ୟ ଓ ଦକ୍ଷିଣ ଭାଗ ଉନ୍ନା ଓ ଜାମ ଯାହାକି ଓ୍ୱାର୍ଦ୍ଧାନଦୀର ଉପନଦୀର ଉପତ୍ୟକା ଦ୍ୱାରା ପରିବ୍ୟାପ୍ତ । ଉତ୍ତରରେ ସତପୁଡ଼ାର ମାଳ ଅଂଚଳରେ ପେନକ୍ ନଦୀ କୂଳରେ କୁବାରା ଭିମାଲ ପେନ୍ଙ୍କ ଆସ୍ଥାନ, ନନ୍ଦପୁର ଧୁଗଗୁସଗଢ଼,

ଭାଗୀମାହରୀ, କରୋଡ଼ୀ ଓ ପାରୀଶବନୀ ତଥା ରାମଟେକ ଏବଂ ତୁମସର ର ମଝିରେ ଥିବା ପାହାଡ଼ ଗୁଡ଼ିକରେ କେଶବାରାଜା, ଜାଟବା ରାଜା,ହୀରବାରାଜା,ଭାଜୀ ମୁକୋସା,ମୁଂଗୁର,କୁମାର ଆଦି ଦେବତାଙ୍କ ଆସ୍ଥାନରେ ପ୍ରାଚୀନତମ ପ୍ରାଚୀ ଐତିହାସିକ ଯୁଗର ପ୍ରତ୍ନତାତ୍ତ୍ୱିକ ଅବଶେଷ ଅଛି । ନାଗପୁର ଜିଲ୍ଲାର ଟାକଲଘାଟ ଖାପା,ଗଙ୍ଗାପୁର,ଜୁନାପାନୀ,କାମଠୀ,ମହରଝରୀ, ନୈକୁଣ୍ଡ, ମାଂଡ୍ୱୋର ଗାଓଁ, ଆଗ ଗାଓଁ ସାରବା ଆଦି ସ୍ଥାନରେ ପ୍ରତ୍ନତତ୍ତ୍ୱବିଦମାନଙ୍କୁ ମିଳିଥିବା ପ୍ରାଗୈତିହାସିକ ଯୁଗର ଅସ୍ତ୍ରଶସ୍ତ୍ର ପ୍ରସ୍ତର ବଳୟ ଓ କାଳାସୁର ପର୍ବତ,ଫୋପପର ଡ଼ୋଲ ପର୍ବତ, ବାଜାର ଗାଓଁ ଟେକରୀ ଆଦିରେ ଥିବା ଶିଳାଶ୍ରୟ ତଥା ଭିତ୍ତିଚିତ୍ର ଏକଥାର ପ୍ରମାଣ ଯେ ନାଗପୁର ଜିଲ୍ଲାର ପେନ୍କ (ପେଚ୍) କନ୍ହାଣ୍ଡ, କୋଇଲାର, ବେନାସୁର, ନାଗ ଆଦି ନଦୀ କୂଳରେ ଅନାଦୀକାଳରୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବସତି ସ୍ଥାନ ଥିଲା । ପେନ୍କ ଡ଼ୋଡ଼ା,କନ୍ହାଣ୍ଡ ଡ଼ୋଡ଼ା, କୋଇଲାର ଡ଼ୋଡ଼ା, ଭୀମଗଡ଼, ବାକାଲମେଟ୍ଟା, ପିଇକାମେଟ୍ଟା, ମନସୂର ମେଟ୍ଟା ଆଦି ନଦୀ ଓ ପର୍ବତର ନାମ ଗୋଁଡ଼ୀ ଭାଷାର ନାମ । ଯାହା ଅନାଦୀକାଳରୁ ଯେଭଳି ଥିଲା ସେପରି ଅଛି । ଏ ଜିଲ୍ଲାର ବିଭିନ୍ନ ଅଂଚଳରେ ମଳିଥିବା ପ୍ରତ୍ନତାତ୍ତ୍ୱିକ ଅବଶେଷ, ଯାହା ରମଟେକ,ମନସର,ଚିଗାଡ଼ା, ମାଂଢ଼ଲ, ମାହୁରଝରୀ,ଭୀମଗଡ଼ ଆଦି ସ୍ଥାନରେ ମିଳିଛି । ଏଠାରୁ ଜଣାଯାଏ ଯେ ଏଠାରେ ନାଗ, ବକାଟକ (ଉଦବିଲାବ) ସିଡ଼ୀସତ୍ୱଂ । (ମିଠ୍ଠୁ) ପୋନାର (ହରୀୟଲ) ମୀଣ୍ଡ (ମାର) ଆଦି ଗୋଁଡ଼ଚିହ୍ନ ଧାରକ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନେ ଶାସନ କରୁଥିଲେ । ଏହି ରାଜା ମାନେ ନିଜରାଜ୍ୟରେ ସବୁଧର୍ମର ପ୍ରଚାରକ ମାନଙ୍କୁ ଆଶ୍ରୟ ଦେଇଥିଲେ । ନାଗପୁର ନଗର ବସାଇଥିବା ନାଗ ଗୋଁଡ଼ଚିହ୍ନ ଧାରୀ ଦେବଗଡ଼ର ଗୋଁଡ଼ ମହାରାଜା ଓ ତାଙ୍କ ବଂଶଧର ବକ୍ତବୁଲନ୍ଦ ସାହଙ୍କ ଗଡ଼ର ଧ୍ୱଂସାବଶେଷ ନାଗପୁର, ଉମରେଡ଼, ନଗରଧନ, ଭୀବାପୁର,ସାବନେର, କେଲଝର, ପାଟନ ସାବଂଗୀ, କୋଟଲ ଆଦି ସ୍ଥାନରେ ରହିଅଛି ।

୧. **ଆଦାସା** – ସାବନେର ତହସିଲରେ ଥିବା ଏକ ଛୋଟ ଗାଁ । ଏଠାରେ ସଂଭୁମହାଦେବ ଓ ଗଣପତିଙ୍କ ପ୍ରାଚୀନ ମନ୍ଦିର ରହିଛି । ସଂଭୁମହାଦେବଙ୍କ ମନ୍ଦିର ପାହାଡ଼ ଉପରେ ଅଛି । ଏଠାରେ ମହାଶିବରାତ୍ରୀ ପର୍ବରେ ମେଳା ଅନୁଷ୍ଠିତ ହୁଏ ।

ଏ ମନ୍ଦିର ବିଶାଳକାୟ ପଥର ଖଣ୍ଡ ଦ୍ୱାରା ନିର୍ମିତ ହୋଇଛି । ଯାହାକୁ ଭୀମାଲ ପେନ ଭାଇମାନେ ନିଜ ଶାସନ କାଳରେ ନିର୍ମାଣ କରିଥିଲେ ଏହା କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଣ୍ଡଜୀବମାନେ ବିଶ୍ୱାସ କରନ୍ତି ।

୨. **ଅଂଭୋରା** – ଉମରେଡ଼ ତହସିଲରେ ବେନଗଙ୍ଗା ନଈକୂଳରେ ଥିବା ଏଇ ଗ୍ରାମର ପାହାଡ଼ ଉପରେ ସଂଭୁମହାଦେବଙ୍କ ମନ୍ଦିର ଅଛି । ଯାହାକୁ ଏବେ ଚୈତନ୍ୟେଶ୍ୱର କୁହାଯାଉଛି । ପାଖରେ ଅନ୍ୟ ପାହାଡ଼ରେ କୋଲାସୂରର ଆସ୍ଥାନ ଅଛି । ଯିଏକି କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ସଗା ଭୂମକା ଥିଲା । ଏଠାରେ ବେନଗଙ୍ଗା, କନ୍ହାଣ୍ଡ ଓ ଅମ୍ଭୋରା ଏଇ ତିନି ନଦୀର ସଙ୍ଗମ ସ୍ଥଳ । ଏହି ଗ୍ରାମର ଗୋଁଡ଼ ସଂପ୍ରଦାୟର ଲୋକେ ବିଲମ୍ୱାଡ଼ା କହନ୍ତି । ଯାର ଅର୍ଥ ବିଲମ୍ୱାଲ ପେନ (ଧନୁର୍ଦ୍ଧାରୀ ଦେବତା) ଭୀମାଲପେନ୍ ଙ୍କ ମାତାଙ୍କ ଆସ୍ଥାନ ଅଟେ ।

୩. **ଭିବକୁଣ୍ଡ** – ଉମରେଡ଼ ତହସିଲରେ ଥିବା ଏହା ଏକ ଛୋଟ ଗାଁ । ଏଠାକାର ପାହାଡ଼ ଉପରେ ତିନୋଟି ଗୁମ୍ଫା ଅଛି । ଯାହାକୁ କୁବାରା ଭୀମାଲ ପେନଙ୍କ ସାତ ଭାଇ  ଓ ଛଅ ଭଉଣୀ ମାନେ ତିଆରି କରିଥିଲେ । ପାଖରେ ସାରବା ଗ୍ରାମରେ କଙ୍ଗାଲୀଗୋତ୍ରୀୟ ଏବଂ କଟଚୁରୀ ଗୋତ୍ରୀୟ (ସେଈ) ଗୋଁଡ଼ଚିହ୍ନଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ପରସାପେନଙ୍କ ଆସ୍ଥାନ ଅଛି । ସେଠାରେ ସେମାନଙ୍କର ଅନାଦିକାଳରୁ ବାସସ୍ଥାନ ରହିଆସିଛି ।

୪. **ଭିବଗଢ଼** – ପାରିସୀବନୀ ତହସିଲରେ ସତପୁଡ଼ା ପାର୍ବତ୍ୟ ଇଲାକାରେ ଥିବା ଏକ ଛୋଟ ଗ୍ରାମ । ଏଠାରୁ ପ୍ରାୟ ୫ କି.ମି. ଗଲେ ଘୁଗଗୁସ ଓ ନାଂଦପୁର ଗଡ଼ର ଭଗ୍ନାବଶେଷ ଅଛି । ଏଠାରେ ଅତୀତ କାଳରେ ବର୍କାଟକ (ଉଦବିଲାବ) ଗୋଣ୍ଡଚିହ୍ନ ଧାରୀ ଗୋଁଡ଼ରାଜା ମାନଙ୍କର ରାଜଧାନୀ ଥିଲା । ଏଠାରେ କୁବାର ଭିମାଲ ପେନଙ୍କ ଆସ୍ଥାନ ଅଛି । ସେଠାକୁ ଚୈତ୍ର ପୂର୍ଣ୍ଣିମାରେ ଲକ୍ଷ ଲକ୍ଷ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗଣ୍ଡଜୀବ ମାନେ ଦର୍ଶନ କରିବାକୁ ଆସନ୍ତି ।

କୁବାରା ଭିମାଲପେନ ର ପୌରାଣିକ କାହାଣୀ ଆଜିମଧ୍ୟ ଗୋଁଡ଼ ସଂପ୍ରଦାୟରେ ଶୁଣିବାକୁ ମିଳେ । କାହାଣି ଅନୁସାରେ ତାଙ୍କର ପିତାମାତାଙ୍କ ମୂଳ

ସ୍ଥାନ ବାଲାଘାଟ ଜିଲ୍ଲାରେ ଥିବା ଲାଂଜୀବେୟର ପ୍ରଗଣା ର ମୋହଭାଟା ପାଖରେ ଥିଲା । କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ସେବା କରିବା ଲାଗି ତାଙ୍କର ଛଅ ଭାଇ ଓ ପାଞ୍ଚ ଭଉଣୀ ମାନେ ନିଜର ରାଜସୁଖ ତ୍ୟାଗକରି ସମଗ୍ର ଗୋଁଡ଼ଓ୍ୱାନା ଭ୍ରମଣ କଲେ । ଶେଷରେ ଏ ଅଂଚଳର ଭୀମାଲମେଟ୍ଟା, ହିବୁମେଟ୍ଟା, ବାକାଲମେଟ୍ଟା, ଘୋଘରୀମେଟ୍ଟା ରେ ବାସକଲେ । ଏବେ ମଧ୍ୟ ପାରିସବନୀ, ଦେବଲାପାର, ମନସର, ରାମଟେକ ଓ ତୁମସର ଅଂଚଳରେ ସେମାନଙ୍କ ବାସସ୍ଥାନର ଭଗ୍ନାବଶେଷ ରହିଛି । ସବୁ ଗାଁରେ ସେମାନଙ୍କର ଦେବସ୍ଥାନ ଦେଖିବାକୁ ମିଳେ । ସଂପୂର୍ଣ୍ଣ ଗୋଁଡ଼ଓ୍ୱାନା ଅଂଚଳରେ ଏଠି ସେଠି ପ୍ରାଚୀନ ମନ୍ଦିର ନିର୍ମିତ ହୋଇଥିବା ଦେଖାଯାଏ ଯାହା ବିଶାଳ ପଥର ଖଣ୍ଡ ଖୋଦିତ ହୋଇ ନିର୍ମିତ ହୋଇଛି । ଏହାର ନିର୍ମାଣ ପାଞ୍ଚଟି ସ୍ତମ୍ଭ ଉପରେ ହୋଇଥିବା ଦେଖିବାକୁ ମିଳେ । ଯାହାକୁ ଗୋଁଡ଼ୀ ଭାଷାରେ ହେମାଣ୍ଡେରୀ ପେଁଠିଆ କୁହାଯାଏ । ଏହାର ଅର୍ଥ ପାଞ୍ଚ ସ୍ତମ୍ଭକୁ ଆଧାରକରି ନିର୍ମିତ ହୋଇଥିବା ଦେବସ୍ଥାନ । ଏହି ହେମାଣ୍ଡରୀ ପେଁଠିୟା ଦେବାଳୟର ନିର୍ମାଣ ରାକ୍ଷସଙ୍କ ଦ୍ୱାରା ନିର୍ମିତ ମନ୍ଦିର ବୋଲି କୁହାଯାଏ । ଯେବେଠାରୁ ଏହି ଅଂଚଳରେ ୟାଦ୍ (ଗାଈ) ଗୋଁଡ଼ଚିହ୍ନ ଧାରୀ ଗୋଁଡ଼ଜୀବ ମାନଙ୍କର ରାଜାମାନଙ୍କର ଶାସନ ଚାଲିଥିଲା ସେତେବେଳେ ସେମାନେ ଏହାକୁ ହେମାନ୍ଦ୍ରୀପନ୍ଥୀ ମନ୍ଦିର କହିବାକୁ ଲାଗିଲେ ।

୫. **ଭୀବାପୁର** – ନାଗପୁର ଡ଼ମରେଡ଼ ଚାନ୍ଦାଗଡ଼ ରାସ୍ତାରେ ଭୀବାପୁର ନାମକ ଏକଗ୍ରାମ ଅଛି । ଏହା ଭୀବାପୁର ତହସିଲର ମହକୁମା । ଏଠାରେ ଦେବଗଢ ନାଗପୁରର ଗୋଁଡ଼ଚିହ୍ନ ଧାରୀ ରାଜା ବକ୍ତବୁଲନ୍ଦ ସାହଙ୍କ ଦ୍ୱାରା ନିର୍ମିତ ଏକ ଦୁର୍ଗ ଅଛି । ଏଇ ଦୁର୍ଗରେ ଭୀବା ନାମକ ଜଣେ ମସରାମ ଗୋତ୍ରୀୟ ଗୋଁଡ଼ ସଂପ୍ରଦାୟର ଦୁର୍ଗପତି ଥିଲେ । ତାଙ୍କ ନାମାନୁସାରେ ଏ ନଗରର ନାମ ଭୀବାପୁର ହୋଇଛି ।

୬. **ଘୋଗରା** – କାଟୋଲ ତହସିଲରେ ଥିବା ଏଇ ଗ୍ରାମର ପାହାଡ଼ ଉପରେ ଏକ ହେମାଂଡ଼ରୀ ପେଁଠିୟା ମନ୍ଦିର ଅଛି । ଯାହାକୁ ଭୀମାଲପେନ ଓ ତାଙ୍କ ଭାଇମାନେ ନିର୍ମାଣ କରିଥିଲେ । ବିଶ୍ୱାସ କରାଯାଏ କିଛି ଲୋକ ଏହାକୁ ରାକ୍ଷସମାନେ ରାତାରାତି ତିଆରି କରିଥିଲେ ବୋଲି କହନ୍ତି । ଏଇ ମନ୍ଦିର ଗୁଡ଼ିକର

ନିର୍ମାଣ କୌଣସି ଦ୍ୱିତୀୟ ତୃତୀୟ ଲୋକ ନୁହଁନ୍ତି ବରଂ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଣ୍ଡଜୀବ ମାନେ ହିଁ କରିଥିଲେ ।

୭. **ଘୋରାଡ଼** - ନାଗପୁର ଜିଲ୍ଲାର ପଶ୍ଚିମରେ ପ୍ରାୟ ୨୪ କି.ମି. ଏହି ଗ୍ରାମର ଚାରିପାଖରେ ଜାମନଦୀ କୂଳରେ ମହାପ୍ରସ୍ତର ଯୁଗର ଆଦିଗୋଣ୍ଡଜୀବ ମାନଙ୍କର ପାଷାଣ ବଳୟ ଅଛି । ଏଥିରୁ ଏହା ସ୍ପଷ୍ଟ ହୋଇ ଯାଏ ଯେ ଏ ଅଂଚଳରେ ଅନାଦିକାଳରୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନେ ବସବାସ କରୁଥିଲେ ।

୮. **ଜୁନାପାନୀ** - ନାଗପୁର ତହସିଲର ଏଇ ଛୋଟ ଗ୍ରାମରେ ପ୍ରାଗୈତିହାସିକ ଯୁଗର ଆଦି ଗୋଁଡ଼ଜୀବ ମାନଙ୍କର ପାଷାଣ ବଳୟ ଅଛି । ଏହାଛଡ଼ା ଆଖ ପାଖ ଗ୍ରାମ ମାନଙ୍କରେ ମଧ୍ୟ ଅଛି ।

୯. **କଲମେଶ୍ୱର** - ନାଗପୁର ଠାରୁ ୨୦ କି.ମି. ଦୂରରେ ଥିବା ଏଇ ଗ୍ରାମରେ ଏକ ପୁରୁଣା ଦୁର୍ଗର ଅବଶେଷ ଅଛି, ସେଠାରେ ସଂଭୁମହାଦେବଙ୍କ ମନ୍ଦିର ଅଛି । ଏହାକୁ ମଧ୍ୟ ହେମାଣ୍ଡରୀ ପେଁଠିୟା କୁହାଯାଏ । ଯାହା ପୁରୁଣା ଓ ବିଶାଳକାୟ ପଥରକୁ ଖୋଦେଇ କରାଯାଇଥିବା ପଥରରେ ନିର୍ମିତ ହୋଇଛି । ଏବେ ଏହାକୁ କଲମେଶ୍ୱର ମନ୍ଦିର କୁହାଯାଉଛି ।

୧୦. **କାମଠି** - ନାଗପୁର ଜିଲ୍ଲାର କାମଠୀ ନଗରୀର ପୁରାତନ ନାମ ୟେରଖେଡ଼ା ଥିଲା । ଏହାର ଅର୍ଥ ପାଣିଭିତରେ ଥିବା ଗ୍ରାମ । ଏଠାରେ ଗୋଁଡ଼ରାଜା ମାନଙ୍କ ଦ୍ୱାରା ନିର୍ମିତ ଏକ ଛୋଟ ଦୁର୍ଗ ଓ ମହାକାଲୀ କଂକାଲୀଙ୍କ ମନ୍ଦିରର ଭଗ୍ନାବଶେଷ ଅଛି । ଇଂରେଜମାନେ ଏଠାରେ ନିଜର ସେନାଛାଉଣୀ ସ୍ଥାପନ କରିଥିଲେ ଯାହାକୁ କେମ୍ପଟି କୁହାଯାଏ । ଏଇଁ କେମଟିରୁ କାମଠୀ ନାମ ହୋଇଛି ।

୧୧. **କୋଦ୍ମାଲୀ** - ନାଗପୁରରୁ ୩୮ କି.ମି. ଦୂରରେ ପଶ୍ଚିମ ଦିଗରେ ଏଇ ଗ୍ରାମ ପାଖରେ ଏକ ସିଂଗାରଦ୍ୱୀପ ନାମକ ସ୍ଥାନ ଅଛି । ଏଠାରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଣ୍ଡଜୀବ ମାନଙ୍କର ମୟୁରପେନ ଆସ୍ଥାନ ଅଛି । ଯାହାଏ ଅଂଚଳର ଜଙ୍ଗଲରେ ଥିବା ବୃକ୍ଷ ରାଜିର ରକ୍ଷା କରନ୍ତି । ବିଶ୍ୱାସ କରାଯାଏ ଏଇ

ସିଂଗାର ଦ୍ୱିପ ଜଙ୍ଗଲରୁ କୌଣସି ବ୍ୟକ୍ତି ଏଇ ଶକ୍ତି ବିନାନୁ ମତିରେ  କାଠ ନେଇ ଯାଇ ପାରିବ ନାହିଁ ।

୧୨. **କାଟୋଲ** - ନାଗପୁର ଜିଲ୍ଲାର ଏକ ତହସିଲର ଏହା ମହକୁମା ସହର ଅଟେ । ଯାହା ନାଗପୁର ଠାରୁ ୫୦ କି.ମି. ଦୂରରେ ଅଛି । ଏଟାରେ ଦୁଇଟି ହେମାଣ୍ଡେରୀ ପେଂଠିୟା ଅଛି । ଲୋକ ମାନଙ୍କର ବିଶ୍ୱାସ ଯେ ଲଂକାଗଡ଼ର ରାଜା ରାବଣର ସମୟର ରାକ୍ଷସମାନେ ଏହାକୁ ତିଆରି କରିଛନ୍ତି । ହେମାଣ୍ଡରୀ ପେଂଠିୟା (ପଞ୍ଚସ୍ତମ୍ଭୀ ମନ୍ଦିର) ର ନିର୍ମାତା କୁବାରାଭୀମାଲପେନ ଓ ତାଙ୍କ ଭାଇମାନେ ହିଁ ଥିଲେ । ଏହାର ଆଲୋଚନା ପୂର୍ବରୁ କରାଯାଇଛି । ଏମାନଙ୍କୁ ଆର୍ଯ୍ୟମାନେ ରାକ୍ଷସ ଉପାଧିରେ ଡ଼ାକୁଥିଲେ । କାଟୋଲରେ ମାଟିର ଏକପୁରୁଣା ଦୁର୍ଗ ଅଛି । ଯାହାକୁ ଦେବଗଡ଼ ନାଗପୁରର ଗୋଁଡ଼ରାଜାମାନେ ନିର୍ମାଣ କରିଥିଲେ । ଦୁର୍ଗର ସମ୍ମୁଖରେ ରାଜା ଜାଟବାଙ୍କ ଆସ୍ଥାନ ଭଗ୍ନାବସ୍ଥାରେ ରହିଛି ।

୧୩. **କିଲୋଦ** - ନାଗପୁର ଉତ୍ତରକୁ ୪୫ କି.ମି. ଦୂରରେ କିଲୋଦ ଗ୍ରାମ ଅବସ୍ଥିତ । ସେଠାକାର ପାହାଡ଼ ଉପରେ କୋୟାପିଲା ଦେବ ବା କୋୟାବଂଶୀୟ ସନ୍ତାନ ମାନଙ୍କର ଦେବତାଙ୍କ ଆସ୍ଥାନ ଅଛି । କିଲୋଦ ବହୁତ ପୁରାତନ ଗ୍ରାମ । ଏହାର ପ୍ରାଚୀନ ନାମ କୋଇଲଓଦ୍ ଥିଲା । ଯାର ଅର୍ଥ କୋଇଲ ଦେବତାଙ୍କ ଆସ୍ଥାନ । ଏଇ କୋଇଲ ଓସ ରୁ କାଳକ୍ରମେ କିଲୋଦ ନାମ ହୋଇଛି । ଏଠାରେ ଏକ ସଂଭୁମହାଦେବଙ୍କ ମନ୍ଦିର ଅଛି । ପାହାଡ଼ ଉପରେ ଏକ ଗୁମ୍ଫା ଅଛି ତାକୁ କୋଇପିଲା କୋପ ଅର୍ଥାତ୍ କୋୟାବଂଶୀୟ ସନ୍ତାନମାନଙ୍କର କୋପ କୁହାଯାଏ ।

୧୪. **ମନସର** - ନାଗପୁରର ଉତ୍ତରରେ ୪୦ କି.ମି. ଦୂରରେ ଏହା ଏକ ଛୋଟ ଗ୍ରାମ । ଏହା ନାଗପୁର ଜବଲପୁର ରାଷ୍ଟ୍ରୀୟ ରାଜପଥ ପାର୍ଶ୍ୱରେ ଅଛି । ଏଠାରେ ମନିସାର ପୋଖରୀ, ତାକୁ ଲାଗି ଏକ ଛୋଟ ପାହାଡ଼ ଉପରେ କୋଁଡ଼ୟା କୁମରା ରାଜାଙ୍କର ଦୁର୍ଗ ଅଛି । କୋଁଡ଼ୟା କୁମରା ନିଜ ରାଜ୍ୟରେ ସବୁ ଧର୍ମାବଲମ୍ବି ମାନଙ୍କୁ ଆଶ୍ରୟ ଦେଇଥିଲେ । ସେଇ ପାହାଡ଼ ଉପରେ ସମ୍ଭୁ ଗବରାଙ୍କର ପ୍ରତୀକ ମାନଙ୍କର ସ୍ଥାପନା କରାଯାଇଛି ମଝିରେ ବୌଦ୍ଧ ଧର୍ମାବଲମ୍ବି ମାନଙ୍କ ପାଇଁ ସ୍ତୁପ ନିର୍ମାଣ କରାଯାଇଛି । ପୋଖରୀ କୂଳର ସୀଡ଼ାମ୍ମାପେନଙ୍କ ଆସ୍ଥାନ ଅଛି, ତାଙ୍କୁ

ଚଢ଼େଇ ମାନଙ୍କର ଦେବତା ବୋଲି ବିଶ୍ୱାସ କରାଯାଏ । ଏଇ ସୀଡ଼ୀମ୍ୱାଙ୍କୁ ପରେ ହୀଡ଼ୀମ୍ୱା ନାମରେ ପ୍ରଚାର କରାଗଲା । ସୀଡ଼ୀମ୍ୱା ପେନ୍ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ସୀଡ଼ୀ ଖୁଣ୍ଟ ଅଟେ । ଯାର ଉପାସନା ଏବେ ମଧ୍ୟ ଚାଲିଛି । ଏଇ ସୀଡ଼ୀସତ୍ ଗୋଁଡ଼ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜା ମାନଙ୍କୁ ସୀଡ଼ୀସତବାନ କୁହାଯାଏ । ଯେଉଁ ମାନେ ମହାରାଜ ଅଶୋକଙ୍କ ପରେ ଏଇ ଗୋଁଡ଼ୱାନା ପୃଥ୍ୱୀରେ ନିଜର ଶାସନ ଚଳାଇଥିଲେ ।

୧୫. **କୋରାଡ଼ି** - ନାଗପୁରରୁ ଆଠ କି.ମି. ଦୂରରେ ଥିବା ଏକ ଛୋଟ ଗ୍ରାମ । ଏଠାରେ କୋରାଡ଼ୀ ଦାଈଙ୍କ ପ୍ରାଚୀନ ଆସ୍ଥାନ ଅଛି । ଏହାଙ୍କୁ ଆଜିକାଲି ଶ୍ରୀଲକ୍ଷ୍ମୀଦେବୀ କରାଯାଇଛି । ମାତ୍ର କୋରାଡ଼ୀ ଦାଈ ଙ୍କ ନାମାନୁସାରେ ଯେଉଁ ଗ୍ରାମର ନାମ ହୋଇଛି ତାକୁ ଆର୍ଯ୍ୟ ବ୍ରାହ୍ମଣ ମାନେ ବଦଳି ପାରି ନାହାନ୍ତି । କୋରାଡ଼ୀ ଦାଈଙ୍କର ଯେଉଁ ପୌରାଣିକ କଥା କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟରେ ପ୍ରଚଳିତ ଅଛି ତଦନୁଯାୟୀ ଏଇ ମାତାଙ୍କ ସେବିକା ମରକାମ ଗୋତ୍ରୀୟ ଗିରୋଲାଗଢ଼ର ରାଜକନ୍ୟା ଥିଲେ । ଏଇ ଗିରୋଲାଗଢ଼ ଡ଼ୋଙ୍ଗରଗଢ଼ର ପାଖରେ ଅବସ୍ଥିତ । ଗିରୋଲାଗଢ଼ର ସେବିକା ରାଜକନ୍ୟା ତିଲକାଙ୍କର ବିବାହ ଲାଂଜୀବୈୟରର ଭୂରାରାଜାଙ୍କ ପୁତ୍ର ଭୀମାଲଙ୍କ ସହ ସ୍ଥିରକରା ଯାଇଥିଲା । ସେ ଭୀମାଲଙ୍କୁ ଦେଖି ମୋହିତ ହୋଇ ଯାଇଥିଲେ । କିନ୍ତୁ ଭୀମାଲ ସାଂସାରିକ ବନ୍ଧନରୁ ମୁକ୍ତରହି କୋୟା ବଂଶୀୟ ଗୋଁଡ଼ଜୀବମାନଙ୍କର ସେବା କରିବାକୁ ଚାହୁଁଥିଲେ । ଏଇକାରଣରୁ ସେ ବିବାହ କରିବାକୁ ସ୍ୱୀକୃତି ଦେଲେ ନାହିଁ । ଏହାଶୁଣି ରାଜକନ୍ୟା ପଣକଲେ ଯେ ସେ ଭୀମାଲଙ୍କୁ ମନେଇ ପାରିବେ । ଏଥିଲାଗି ସେ ପିତାଙ୍କର ଅନୁମତି ନେଇ ବୈୟର ଲାଂଜୀ ଉଦ୍ଦେଶ୍ୟରେ ବାହାରିଗଲେ ।

ବୈୟର ଲାଂଜୀପ୍ରଗଣାରେ ଥିବା ଭୀମାଲଙ୍କର ପୂର୍ବପୁରୁଷଙ୍କ ରାଜଦରବାରକୁ ଯାଇ ଭୀମାଲଙ୍କୁ ଦେଖାକଲେ ଏବଂ ନିଜର ଇଚ୍ଛା ତାଙ୍କ ଆଗରେ ପ୍ରକାଶ କଲେ ଯେ ସେ ବିବାହ କରିବେ ଯଦି କେବଳ ଭୀମାଲଙ୍କୁ ହିଁ କରିବେ ନହେଲେ ସାରାଜୀବନ କୁମାରୀ ରହିବେ । ତିଲକାଦାଈଙ୍କର ଏ ପ୍ରତିଜ୍ଞା ଶୁଣି

ଭୀମାଲ କହିଲେ ତାଙ୍କ ସହ ବିବାହ କରିବାକୁ ନିଜର କିଛି ଆପତ୍ତି ନାହିଁ। ଏଥିଲାଗି ତାଙ୍କୁ ଏକ ସର୍ତ୍ତମାନିବାକୁ ହେବ ଯେ ସେ ନିଜର ଗୁରୁ ମହାରୁ ଭୂମକାଙ୍କୁ କଥା ଦେଇଛନ୍ତି ଯେ ସମଗ୍ର କୋଇସୂରୀ କୁପରେ ସେ କୋୟାବଂଶୀୟ ଗୋଁଡ଼ଜୀବମାନଙ୍କ ନିମନ୍ତେ କୁଅ ପୋଖରୀ, ହେଇ ଖଣ୍ଡଭୁଇ (ପଞ୍ଚଖଣ୍ଡ ପୃଥ୍ୱୀ)ର ରାଜା ସଂଭୁମହାଦେବଙ୍କ ନିମନ୍ତେ ହେଇ ମୁଣ୍ଡା ଡ଼େରୀ ପେଁନଠିୟା ନିର୍ମାଣ କରିବାକୁ ଚାହାନ୍ତି । (ଗୋଁଡ଼ଭାଷାରେ ହେଇ ଖଣ୍ଡଭୂଇକୁ ସେଇ ଖଣ୍ଡଭୂଇ ମଧ୍ୟ କୁହାଯାଏ ଓ ହେଇମୁଣ୍ଡା ଡ଼େରୀ ପେନ ଠିୟା କୁ ସେଇ ମୁଣ୍ଡା ଡ଼େରୀ ପେନଠିୟା ମଧ୍ୟ କୁହାଯାଏ । ଏହି ହେଇ ମୁଣ୍ଡାଡ଼େରୀ ପେନଠିୟାର ସଂକ୍ଷୀପ୍ତ ରୂପ ହେମାଣ୍ଡେରୀ ପେଁଠିୟା କୁହାଯାଏ) ତାଙ୍କୁ ଗୋଟିଏ ରାତିରେ ସବୁ ସ୍ଥାନରେ କୂଅ ପୋଖରୀ ଓ ହେମାଣ୍ଡେରୀ ପେଁଠିୟାର ନିର୍ମାଣ କାର୍ଯ୍ୟ କରିବାକୁ ଅଛି । ଏଥିଲାଗି ତାଙ୍କୁ ଗୋଟୋଏ ରାତିରେ ସମଗ୍ର କୋଇସରୀ ଦ୍ୱୀପ ର ପରିଭ୍ରମଣ କରିବାକୁ ଅଛି । ଯଦି ସେ ବିବାହ କରିବାକୁ ଚାହାନ୍ତି ତ ରାତାରାତି ସେ ଯେଉଁ ଗତିରେ ଏକସ୍ଥାନରୁ ଅନ୍ୟସ୍ଥାନକୁ ଯାଇ ନିଜ କାର୍ଯ୍ୟ କରିବେ ସେଇଗତିରେ ଯାଇ ଭୀମାଲଙ୍କୁ ଧରିବାରେ ଯଦି ସେ ସଫଳହେବେ ତେବେ ଦୁହେଁ ବୈବାହିକ ବନ୍ଧନରେ ଆବଦ୍ଧ ହେବେ । ଯଦି ସେ ସକାଳ ହେବାଭିତରେ ତାଙ୍କୁ ଭେଟି ପାରିବେନାହିଁ ତେବେ ରାତ୍ରୀଗମନକାଳରେ ଯେଉଁ ସ୍ଥାନରେ ପହଞ୍ଚିଥିବେ ସେଠାରେ ସ୍ଥାପିତ ହୋଇଯିବେ । ଏହାକହି ଭୀମାଲ ବାୟୁ ବେଗରେ ନିଜର କାର୍ଯ୍ୟ ଏକ ସ୍ଥାନରୁେ ଅନ୍ୟ ସ୍ଥାନକୁ ଯାଇ କରିବାକୁ ଲାଗିଲେ । ତିଲକାଦାଇ ତାଙ୍କୁର ଅନୁଧାବନ କରିବାକୁ ଚେଷ୍ଟା କରିଚାଲିଲେ । କିନ୍ତୁ ଭୀମାଲପେନଙ୍କ ପାଖକୁ ସେ ଏକରାତ୍ରୀ ମଧ୍ୟରେ ପହଞ୍ଚିପାରିଲେ ନାହିଁ । ଶେଷରେ ଗୋଟିଏ ସ୍ଥାନରେ ପହଞ୍ଚିବା ବେଳକୁ ସକାଳ ହେବାର ସଂକେତ କୁକୁଡ଼ାର ଡ଼ାକରୁ ଜାଣିପାରିଲେ । କୁକୁଡ଼ାର ଡ଼ାକ "କକ୍ ରେ କୋ" କୁ ଗୋଣ୍ଡିଭାଷାରେ "କୋର୍ର ଆଡ଼ୀ" କୁହାଯାଏ । ଏଇ କୋର୍ରଆଡ଼ି ଶବ୍ଦ କାନରେ ପଡ଼ିବାମାତ୍ରେ ତିଲକାଦାଇ ଯେଉଁଠାରେ ଥିଲେ ସେଠାରେ ସ୍ଥିର ହୋଇ ଛିଡ଼ା ହୋଇଗଲେ । ସେଠାରୁ ଭୀମାଲକୁ ଭେଟିବାକୁ ଆଗକୁ ଯାଇପାରିଲେ ନାହିଁ, ସେଠାରେ ସ୍ଥାପିତ ହୋଇଗଲେ । ଏଥିପାଇଁ କୋର୍ରାଆଡ଼ି ଧ୍ୱନୀରେ ସ୍ଥାପିତ ହୋଇଥିବା ଦାଇ (ଶକ୍ତି)ଙ୍କୁ କୋର୍ରାଡ଼ ଦାଇ କୁହାଯାଏ ଓ କୋର୍ରାଡ଼ିଦାଇଙ୍କ ଆସ୍ଥାନ ଥିବା ଗ୍ରାମକୁ କୋର୍ରାଡ଼ି ଗ୍ରାମ କୁହାଯାଏ ।

୧୬. **ନଗରଧନ** – ରାକଟେକ ଠାରୁ ପାଖାପାଖି ୬ କି.ମି. ଦୂରରେ ଥିବା ଏଇ ଗ୍ରମାରେ ସଲ୍ଲାମ ଗୋତ୍ରୀୟ ନଂଗରେଦା ମୀନ (କାଟବା କଛଲୀ),(କଣାବୁଦା ମାଛ) ଗୋଣ୍ଡଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାଙ୍କର ରାଜଧଅନୀ ଥରଲା । ନଂଗରେଦାମୀନ ଗୋଁଡ଼ଚିହ୍ନ ଧାରୀ ରାଜାଙ୍କ ଯୋଗୁଁ ଏ ନାଗରୀର ନାମ ନଂଗେରଧନ ବା ନଂଗରଧନ କୁହାଯାଏ । ଇତିହାସକାରମାନେ ଏ ନଗରରେ ବର୍କାଟକ (ଉଦବିଲାବ(ଶାଳିଆ ପତନୀ) ଗୋଁଡ଼ଚିହ୍ନ ଧାରୀ ରାଜଙ୍କର ରାଜଧାନୀ ବୋଲି ବିଶ୍ୱାସ କରନ୍ତି । କିନ୍ତୁ ଏ ନଗରରେଥିବା ଦୁର୍ଗର ମୁଖ୍ୟଦ୍ୱାରରେ ନଂଗରେଦାମୀନ ଗୋଁଡ଼ଚିହ୍ନ ଖୋଦେଇ ହୋଇଛି । ଯାହା ପ୍ରମାଣ କରୁଛି ଯେ ଏଠାରେ ନଂଗରେଦାମୀନ ଗୋଁଡ଼ଚିହ୍ନ ଧାରୀ ରାଜା ମାନଙ୍କର ଶାସନ ଚାଲୁଥିଲା । ନଗରଧନ ଠାରେ ଏଇ କୋୟାବଂଶୀୟ ରାଜାମାନଙ୍କ ଦ୍ୱାରା ନିର୍ମିତ ସଂଭୁ ମହାଦେବଙ୍କ ପ୍ରାଚୀନ ମନ୍ଦିର ଅଛି । ଯାହାକୁ କୋୟାଟେଶ୍ୱର ବା କୋୟାବଂଶୀୟ ଙ୍କ ଈଶ୍ୱର କୁହାଯାଏ । ଏଠାରୁ କିଛି ଦୂରରେ ଏକ ପୁରୁଣା ଦୁର୍ଗର ଅବଶେଷ ରହିଛି ।

୧୭. **ନାଗପୁର** – ଗୋଁଡ଼ୀଭାଷାରେ ଏ ନଗରକୁ ନାଂଗପୁର କୁହାଯାଏ । ଏହା ନାଂଗନଦୀ କୂଳରେ ଥିବା ବାରଟି ଗ୍ରାମର ବାରସା ସ୍ଥାନ ଅଟେ । ଏହାକୁ ରାଜାପୁର ବାରସା ମଧ୍ୟ କୁହାଯାଏ । ନାଂଗନଦୀ କୂଳରେ ଅବସ୍ଥିତ ହୋଇଥିବା କାରଣରୁ ଏହାକୁ ନାଂଗପୁର କୁହାଯାଏ । ଦେବଗଡ଼ର ଗୋଁଡ଼ରାଜା ବକ୍ତବୁଲନ୍ଦସାହ ଏହାକୁ ୩ଶହ ବର୍ଷ ପୂର୍ବେ ବସାଇ ଏଠାରେ ନିଜର ଦ୍ୱିତୀୟ ରାଜଧାନୀ ସ୍ଥାପନ କରିଥିଲେ । ବକ୍ତବୁଲନ୍ଦସାହଙ୍କ ଦୁର୍ଗର ଅବଶେଷ ଆଜିମଧ୍ୟ ଭଗ୍ନ ଅବସ୍ଥାରେ ଦେଖିବାକୁ ମିଳେ । ଗୋଁଡ଼ରାଜା ଚାନ୍ଦସାହ ଖୋଳାଇଥିବା ଚାନ୍ଦତାଲ ପୋଖରୀ ଆଜିମଧ୍ୟ ଅଛି । ଏଇ ଚାନ୍ଦତାଲକୁ ପରେ ଜୁମ୍ମାଷଲ, ଶୁକ୍ରବାରୀତାଲ, ଗାନ୍ଧୀସାଗର କୁହାଗଲା । ଗୋଁଡ଼ ରଜାମାନଙ୍କ ନାଗନଦୀ କୂଳରେ ଥିବା ବାର ଗ୍ରାମର ବାର ସଂମ୍ଭୁମହାଦେବଙ୍କ ମନ୍ଦିର ନିର୍ମାଣ କରାଯାଇଛି ଯାହା ନିଜର କାଷ୍ଠଶୀଳ୍ପ କାରଣରୁ ଅଦ୍ଭୁତ ରୂପରେ ଜଣାଯାଆନ୍ତି । ଏ ଦୁର୍ଗର ରାଜାମାନଙ୍କ ପରେ ମରହଟ୍ଟା ସରଦାର ଭୋଁସଲେ ଏହାଉପରେ ଆଧିପତ୍ୟ ସ୍ଥାପନ କଲେ ।

୧୮. **ରାମଟେକ** - ରାମଟେକ ର ପ୍ରାଚୀନ ନାମ ଶେଁଦରୀ ଗଡ଼ ଥିଲା । ଏଠାରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର କୋଁଡ଼୍ୟା ରାଜାଙ୍କ "ଟୋଁଗୀ ମହଲ" ଥିଲା । ଯାହାକୁ ଦଗଡ଼ୀ ମହଲ ଭାବରେ ଜଣାଶୁଣା । ଏହାର ଅବଶେଷ ଆଜି ମଧ ଭଗ୍ନ ଅବସ୍ଥାରେ ଦେଖିବାକୁ ମିଳେ । ଏହି କୋଁଡ଼୍ୟା ରାଜା ନିଜରାଜ୍ୟରେ ସବୁ ଧର୍ମାଲମ୍ବିମାନଙ୍କୁ ଆଶ୍ରୟ ଦେଇଥିଲେ । ତାଙ୍କ ରାଜ୍ୟରେ ବୌଦ୍ଧ, ଶାକ୍ତ, ବୈଷ୍ଣବ, ଜୈନ ଆଦି ଧର୍ମର ପ୍ରଚାରକ ମାନେ ନିଜ ନିଜର ପ୍ରଚାର କେନ୍ଦ୍ର ଏଠାରେ ସ୍ଥାପନ କରିଥିଲେ । ଏଇ ଦୁର୍ଗରେ ଭୋଁସଲେଙ୍କ ଶାସନକାଳରେ ରାମ,ଲକ୍ଷଣ,ସୀତା ଆଦିଙ୍କ ମନ୍ଦିର ନିର୍ମାଣ କରାଇଥିଲେ । ରାମଟେକ ପାହାଡ଼ ଉପରେ ନିର୍ମିତ ମନ୍ଦିର ଅଷ୍ଟାଦଶ ଶତାବ୍ଦୀର ମଧଭାଗର ବୋଲି ଜଣାପଡ଼େ । ପାହାଡ଼ର ପୂର୍ବଦିଗରେ ଅମ୍ବାଲତାଲ ନାମରେ ପୋଖରୀ ଟିଏ ଅଛି ତାକୁ ଗୋଁଡ଼ୀଭାଷାରେ ଅମ୍ବାନାବାଡ଼ା (ମାତାଙ୍କ ଆସ୍ଥାନ) କୁହାଯାଏ ।

ଏହିପରି ଏହ କୋୟା ବଂଶୀୟ ଗୋଁଡ଼ ରାଜାମାନଙ୍କ ଦୁର୍ଗ ଶେଁଦରୀଗଡ଼କୁ ଭୋଁସଲା ମାନେ ରାମଟେକ ନାମ ଦେଇଛନ୍ତି ଓ ସେମାନଙ୍କ ଦରବାରୀ ବ୍ରାହ୍ମଣମାନେ ଏହାର ସମ୍ବନ୍ଧ ରାମାୟଣ ସହ ବୋଲି ଏହାକୁ ରାମଙ୍କ ଯୁଗର ବୋଲି ତାଙ୍କ ସମସାମୟିକ ଘଟଣା ସହ ଜୋଡ଼ି ଦେଲେ । ମାତ୍ର ଏଇ ରାମଟେକ ସହ ରାମଙ୍କର କୌଣସି ସଂବଧ ନଥିଲା ।

ରାମଟେକ ର ଏଇ ପାହାଡ଼ର ସଂବନ୍ଧ କାଳିଦାସଙ୍କ ତପୋଭୂମି ଚିତ୍ରକୂଟର ରାମଗିରି ସହଯୋଡ଼ିବାର ପ୍ରୟାସ ଡାଃ ବି.ମିରାଶୀ କରିଛନ୍ତି । ଚନ୍ଦ୍ରଗୁପ୍ତ ଦ୍ୱିତୀୟ ବିକ୍ରମାଦିତ୍ୟଙ୍କ ରାଜଦରବାରରେ ନବରତ୍ନ ମଧରୁ କାଳୀଦାସ ଏକ ରତ୍ନଥିଲେ । ଏହି ରାଜାଙ୍କ ଶାସନକାଳ ଖ୍ରୀଷ୍ଟିୟ ୩୭୫ରୁ ୪୧୧ ପର୍ଯ୍ୟନ୍ତ ଥିଲା । ସେ ପାଟଳୀପୁତ୍ରର ରାଜା ଥିଲେ । ତାଙ୍କ ଶାସନକାଳରେ କାଳିଦାସ "ମେଘଦୂତ" ରଚନା କରିଥିଲେ । କବି କାଳିଦାସ ରାମଗିରି ପର୍ବତ ଭ୍ରମଣ କରିଥିଲେ । ଯାହା ଉତ୍ତରପ୍ରଦେଶର ବାଂଧାଜିଲ୍ଲାର ଚିତ୍ରକୂଟ ପର୍ବତର ଏକ ଶିଖର ଥିଲା । କାଳିଦାସଙ୍କ ମେଘଦୂତ କାବ୍ୟର ଯକ୍ଷ ସେଇ ରାମଗିରି ପର୍ବତରେ ନିର୍ବାସିତ ହୋଇଥିଲା । ସେ ତାଙ୍କ କବି କଳ୍ପନାରେ ଚିତ୍ରକୂଟର ରାମଗିରି ରୁ ଆମ୍ରକୂଟ,ନରମାଦା ହୋଇ ଉଜ୍ଜୟିନୀ ପର୍ଯ୍ୟନ୍ତ ଯିବାର ରାସ୍ତା କଥା ଉଲ୍ଲେଖ ନିଜର ମେଘଦୂତରେ କରିଛନ୍ତି ।

ଏକଥା ଡାଃ ହଂସମୁଖ ସାଂଖୋଲିୟାଙ୍କ ମତ ସମର ବାହାଦୂର ସିଂହ ଅନୁସାରେ ସରଗୁଜା ଜିଲ୍ଲାର ରମଗଢ଼ ତପୋଭୂମି କାଳିଦାସଙ୍କ ରାମଗିରି ଥିଲା । ସେ ମୀରାଶିଙ୍କ ମତକୁ ମାନିବାକୁ ମନା କରିଛନ୍ତି । କାରଣ ନାଗପୁର ଜିଲ୍ଲାର ରାମଟେକ ଟେକରୀ (ରାମଗିରି) କାଳିଦାସଙ୍କ ରାମଗିରି ନୁହେଁ । କାହିଁକି ନା ରାମଟେକ ଠାରୁ ଉଜ୍ଜୟିନୀ ରାସ୍ତାରେ ଆମ୍ରକୂଟ (ଅମରକଣ୍ଟକ) ପଡ଼େ ନାହିଁ । ଇତିହାସକାର ଅ.ଜ.ରାଜୁରକର ମଧ୍ୟ ମୀରାଶିଙ୍କ ମତରେ ସହମତ ହୋଇ ନାହାନ୍ତି । ଯଦିଓ ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟଙ୍କ କନ୍ୟା ପ୍ରଭାବତୀ ଗୁପ୍ତା ବକାଟକ ରାଜା ପ୍ରବର ସେନଙ୍କ ସହ ବିବାହ କରିଥିଲେ କିନ୍ତୁ କାଳିଦାସ ଗୁପ୍ତରାଜ୍ୟରୁ ଆସି ବକାଟକ ରାଜ୍ୟରେ ରହିଥିବାର କୌଣସି ପ୍ରମାଣ ନାହିଁ । ରାମଟେକ କାଳିଦାସଙ୍କ ରାମଗିରି ହୋଇ ନପାରେ କାରଣ ସେଠାରେ ନିର୍ମିତ ରାମ ଲକ୍ଷ୍ମଣ ସୀତାଙ୍କ ପାଇଁ ନିର୍ମିତ ମନ୍ଦିର ଅଷ୍ଟାଦଶ ଶତାବ୍ଦୀ ପୂର୍ବର ନୁହେଁ । ତେଣୁ କାଳିଦାସଙ୍କ ରାମଗିରି ଅନ୍ୟ କେଉଁଠାରେ ହୋଇଥାଇପାରେ ମାତ୍ର ରମଟେକରେ ନୁହେଁ । ଏହିପରି କାଳିଦାସଙ୍କ ରାମଗିରିର ସତ୍ୟତା କେଉଁଠାରେ ? ଏକଥାର ଉତ୍ତର ରାମଟେକ ହୋଇ ନପାରେ ଏହା ନାଗପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ସଦସ୍ୟ ସ୍ୱର୍ଗତ ଭେଙ୍କଟେଶ ଆତ୍ରାମଙ୍କ ମତ ।

୧୯. **ସାବନେର** - ନାଗପୁର ଜିଲ୍ଲାର ଏକ ତହସିଲ ମହକୁମା ସାବନେର, ଯାହା କାଲୋର ନଦୀ କୂଳରେ ଅବସ୍ଥିତ । ଏହି ନଦୀ କୂଳରେ ଦେବଗଢ଼ ର ଗୋଁଡ଼ ରାଜାଙ୍କ ଦୁର୍ଗର ଭଗ୍ନାବଶେଷ ଅଛି । ଏଠାରେ ସଂଭୁ ମହାଦେବଙ୍କର ଏକ ପୁରାତନ ମନ୍ଦିର ଅଛି ଯାହା ଆନୁମାନିକ ୪୦୦ ବର୍ଷ ପୂର୍ବର ଅଟେ ।

୨୦. **ଟାକଲଘାଟ** - ନାଗପୁର ତହସିଲ ରେ ଥିବା ଏଇ ଗ୍ରାମରେ ପ୍ରାଚୀନ ପ୍ରସ୍ତଯୁଗର ଅବଶେଷ ମିଳିଛି । ଟାକଲଘାଟ କୋଇସେନା ନଦୀକୂଳରେ ଅବସ୍ଥିତ ଏକ ପ୍ରାଚୀନ ଗ୍ରାମ । ଏଠାରେ ପ୍ରସ୍ତ ଯୁଗର ଅନେକ ପ୍ରସ୍ତର ବଳୟ ମିଳୁଛି । ଯାହା ପ୍ରମାଣ କରୁଛି ଯେ ଏଠାରେ ଅନାଦିକାଳରୁ କୋୟାବଂଶୀୟ ଗୋଁଡ଼ଜୀବ ମାନଙ୍କର ବସତି ଥିଲା ।

୨୧. **ତାରନା** – ଉମରେଡ଼ ତହସିଲରେ ଥିବା ତାରନା ଗ୍ରାମ ପାଖରେ ସାତୀଘାଟ ପର୍ବତରେ ଅନେକ ପ୍ରାଚୀନ ଗୁମ୍ଫା ଅଛି । ଯେଉଁଠି କରାଯାଇଥିବା ଚିତ୍ରକଳାରୁ ଏହା ଜଣାପଡ଼େ ଯେ ଏଠାରେ ଥିବା ଗୁମ୍ଫା ଗୁଡ଼ିକରେ ଆଜି ଗୋଁଡ଼ଜୀବମାନେ ବସବାସ କରୁଥିଲେ । ସେଠାକାର ଗୁମ୍ଫାରେ ସଂଭୁ ଗବରା (ଶିବଶକ୍ତି)ଙ୍କ ପ୍ରତିମା ସ୍ଥାପିତ ହୋଇଛି । ସେଠାରେ ମହାଶିବରାତ୍ରୀର ମେଳା ଅନୁଷ୍ଠିତ ହୁଏ ।

୨୨. **ଉମରେଡ଼** – ନାଗପୁର ଜିଲ୍ଲାର ଉମରେଡ଼ ତହସିଲ ମହକୁମାର ସହର । ଏଠାରେ ଚାନ୍ଦାଗଢର ଗୋଁଡ଼ରାଜା କରଣଙ୍କ ଦ୍ୱାରା ନିର୍ମିତ ଏକ ଦୁର୍ଗ ଅଛି । ଯାର ଭଗ୍ନାବଶେଷ ଆଜି ମଧ୍ୟ ଦେଖିବାକୁ ମିଳେ । ଦୁର୍ଗ ପାଖରେ ଏକ ପେନତାଲ (ପୋଖରୀ) ଅଛି । ଏହାର କୂଳରେ ସଂଭୁ ମହାଦେବଙ୍କ ମନ୍ଦିର ଅଛି ।

୨୩. **ଜାଟବା ରାଜା କେଶବା ରାଜା** – ରାମଟେକ ତହସିଲର ଅମ୍ବାଗଢ଼ ପାର୍ବତ୍ୟ ଶୃଙ୍ଖଳାରେ ଘୁଗୁଲଡ଼ୋହ ନାମକ ଗ୍ରାମ ଅଛି । ଏ ଗ୍ରାମର ପାଖ ପାହାଡ଼ିଆ ସ୍ଥାନରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଦେବତା କୁବାରା ଭୀମାଲଙ୍କ ଭାଇ ଜାଟବା, କେଶବା, ହିରବା, ଭାଜୀ ଓ ମୁକେଶା ଏବଂ ଭଉଣୀ ପଂଡ଼ରୀ,ଫୁଂଗାର,ମୁଂଗୁର ଓ କୁସାରଙ୍କ ଦେବସ୍ଥାନ ଅଛି । ଏହା ଅତ୍ୟନ୍ତ ପ୍ରାଚୀନ କାଳୀନ ଅଟେ । କୁବାରା ଭୀମାଲ ପେନଙ୍କ ପୌରାଣିକ କଥା "କୁବାରା ଭୀମାଲ ପେନ ତା ସାର" ପୁସ୍ତିକାରେ ଲେଖକ ଆଚାର୍ଯ୍ୟ କାଙ୍ଗାଲୀ ଲିପିବଦ୍ଧ କରିଛନ୍ତି ।

୨୪. **ଡ଼ୋଙ୍ଗରତାଲ** – ରାମଟେକ ତହସିଲର ଦେବଲାପାର ଖଣ୍ଡରେ ବୋଙ୍ଗରତାଲ ନାମକ ଗ୍ରାମ ଅଛି । ଏଠାରେ ଗଢମଣ୍ଡଲାର ମହାରାଜା ସଂଗ୍ରାମ ସାହଙ୍କର ଏକ ଗଢ ଥିଲା । ଏହାର ଭଗ୍ନାବଶେଷ ଏବେ ମଧ୍ୟ ଅଛି । ଏଇ ଗଢର ପ୍ରମୁଖ ବଲ୍ଲୀ ଉଇକା ଥିଲେ । ଦେବଗଢ ରାଜ୍ୟର ବକ୍ତବୁଲନ୍ଦ ସାହଙ୍କ ସମୟରେ ଏଠାରେ ପ୍ରଗଣା ପ୍ରମୁଖ ଏକ ମୁସଲମାନକୁ କରାଯାଇଥିଲା ।

୨୫. **ବାଘୋଲୀକୁଣ୍ଡ** – ରାମଟେକ ତହସିଲରେ ବାଘୋଲୀକୁଣ୍ଡ ନାମକ ଗ୍ରାମରେ ଏକ ପ୍ରାକୃତିକ କୁଣ୍ଡ ଅଛି । ଏଠାରେ ସଂଭୁଗବରା ପିଣ୍ଡ ସ୍ଥାପିତ ହୋଇଛି ।

ଏ କୁଣ୍ଡର ପାଖରେ ଏକ ଗୋଲାପାହାଡ଼ ନାମକ ପର୍ବତ ଅଛି । ଯାର ପାଦ ଦେଶରେ ତିନୋଟି ଗୁମ୍ଫା ଅଛି । ସେଟାର ଆଦିଗୋଁଡ଼ ଜୀବମାନେ ବସବାସ କରୁଥିଲେ । ବାଘୋଲୀକୁଣ୍ଡରେ ପ୍ରତିବର୍ଷ ମହାଶିବରାତ୍ରି (ସଂଭୁଜାଗରଣ)ରେ ଏଠାରେ ମେଳା ଅନୁଷ୍ଠିତ ହୁଏ । ଏ ଅଂଚଳର କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ଏଠାକୁ ସଂଭୁଗବରାଙ୍କ ଦର୍ଶନ କରିବାକୁ ଆସନ୍ତି ।

## ବର୍ଦ୍ଧା ଜିଲ୍ଲା (ୱାର୍ଦ୍ଧା ଜିଲ୍ଲା)

ୱାର୍ଦ୍ଧା ଜିଲ୍ଲାର ମୂଖ୍ୟାଳୟ ସହର ଅଟେ । ଏହା ନାଗପୁର ଜିଲ୍ଲାର ଦକ୍ଷିଣରେ ଅବସ୍ଥିତ । ଏ ସହର ନାମ ବର୍ଦ୍ଧା ନଦୀ ନାମାନୁସାରେ ହୋଇଛି । ଏ ନଦୀର ଉତ୍ପତ୍ତିସ୍ଥଳ ମୂଳତାଇ ଜିଲ୍ଲାର ସତପୁଡ଼ାର "ଦାଉଡ଼ାଢ଼ାନା" ପର୍ବତ ଶିଖରରୁ ହୋଇଛି । ଦାଉଡ଼ାଢ଼ାନାକୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଲୋକେ ବରୁଦାଉଢ଼ାନା (ପ୍ରଥମ ପୂର୍ବ ପୁରୁଷଙ୍କ ସ୍ଥଳ) କୁହନ୍ତି । ସେଠାରୁ ଉତ୍ପନ୍ନ ନଦୀକୁ ବରୁଦାଉ ଢ଼ୋଡ଼ା (ପ୍ରଥମ ପୂର୍ବଜଙ୍କ ନଦୀ କହନ୍ତି) । ଏହି ବରଦାଉ ଢ଼ୋଡ଼ାକୁ ପ୍ରାକୃତ ଭାଷାରେ ବରଦାନଦୀ କୁହାଯାଏ ଓ ଏଇ ନଦୀର ନାମାନୁସାରେ ବର୍ଦ୍ଧାନଗରର ନାମକରଣ କରାଯାଇଛି । ସଂପୂର୍ଣ୍ଣ ବର୍ଦ୍ଧା ଜିଲ୍ଲା ବର୍ଦ୍ଧା ନଦୀର ଉପତ୍ୟକା ଦ୍ୱାରା ପରିପୂର୍ଣ୍ଣ । ଯେଉଁ ସ୍ଥାନରେ ଜିଲ୍ଲାର ସଦର ମହକୁମା ଅଛି, ତାର ପ୍ରାଚୀନ ନାମ ପାଲକବାଡ଼ି ଥିଲା । ପାଲକବାଡ଼ି ମଧ୍ୟ ପୂର୍ବ ପୁରୁଷଙ୍କ ସ୍ଥାନର ପ୍ରତୀକ ଅଟେ । ପ୍ରାକୃତ ମରାଠୀରେ ପାଲକ ଅର୍ଥାତ୍ ପାଳିପୋଷି ବଢାଇଥିବା ପୁର୍ବପୁରୁଷ ।

ବର୍ଦ୍ଧା ଜିଲ୍ଲାର ସଂପୂର୍ଣ୍ଣ ଭାଗ ବର୍ଦ୍ଧା ଓ ଏହାର ମୁଖ୍ୟ ଉପନଦୀ ବେନା ନଦୀର କୂଳରେ ପରିବ୍ୟାପ୍ତ । ବେନା ନଦୀର ଉତ୍ପତ୍ତି ନାଗପୁର ଜିଲ୍ଲାର ମହାଦାଉଗଢ ପର୍ବତ ଶୃଙ୍ଖଳାରୁ ହୋଇଛି । ଏହା ହିଂଗଣଘାଟ ନଗର ସୀମାରେ ପ୍ରବାହିତ ହୋଇ ବର୍ଦ୍ଧା ନଦୀ ସହ ମିଳିତ ହୋଇଛି । ମହାଦାଉଗଢ ଅର୍ଥାତ୍ ଆମ ପିତାଙ୍କ ଗଢ । ଏହି ପରି ଦାଉଡ଼ାଢ଼ାନା, ବରଦାଉ ଢ଼ାନା,ମହାଦଉ ବେନା ଆଦି ସବୁ ଶବ୍ଦ ଗୋଁଡ଼ୀଭାଷାର ଏବଂ ଏଇ ସ୍ଥାନ ଓ ନଦୀ ମାନଙ୍କ ସହ ଗୋଁଡ଼ ସଂପ୍ରଦାୟର ଅନାଦିକାଳରୁ ସଂବନ୍ଧ ରହିଆସିଛି । ପୋଥରାନାଲା ବେନାର

ଉପନଦୀ, ଯାହା ବାଜାର ଗାଁଓରେ ପର୍ବତରୁ ଉତ୍ପତ୍ତି ହୋଇ ଦକ୍ଷିଣକୁ ପ୍ରବାହିତ ହୋଇଛି ଓ ଧାମନଦୀ ସହ ମିଶିଛି । ଧାମ ନଦୀର ପ୍ରାଚୀନ ନାମ ଢ଼ମଢ଼ୋଡ଼ା ଥିଲା ଯାହା ଢ଼ଗା ପର୍ବତରୁ ବାହରି ପବନାର ଦେଇ ବୋର ନଦୀ ସହ ମିଶିଛି । ଢ଼ଗା ସମ୍ଭୁ ମହାଦେବଙ୍କ ଡ଼ମ୍ବରୁରନାମ । ଏହାର ଢ଼ମ ଶବ୍ଦରୁ ଢ଼ମ ନଦୀ ବାହାରିଛି । ଏଇ ଢ଼ମ ନଦୀକୁ ବର୍ତ୍ତମାନ ଧାମନଦୀ କୁହାଯାଉଛି । ଢ଼ଗା ସଂଭୁମହାଦେବଙ୍କ ଏକ ଆସ୍ଥାନ । ସେଠାରେ ମହାଶିବରାତ୍ର ବେଳେ ସଂଭୁଜାଗରଣରେ ମେଳା ଅନୁଷ୍ଠିତ ହୁଏ । ଏ ବ୍ୟତୀତ କାର ବାକଡ଼ୀ ଓ ଅସୋଲା ନଦୀ ମଧ ବର୍ଦ୍ଧା ଜିଲ୍ଲାରେ ପ୍ରବାହିତ ହେଉଛନ୍ତି ।

ବର୍ଦ୍ଧା ଜିଲ୍ଲାର ଧାମନଦୀ କୂଳରେ ଥିବା ପବନାର , ଖୈରବାଡ଼ା,ଢ଼ଗା ଓ ଜିବରୀ ଗାଓଁରେ ପ୍ରାଗୈତିହାସିକ ଆଦି ଗଣ୍ଡଜୀବ ମାନଙ୍କର ଅବଶେଷ ପ୍ରାପ୍ତ ହୋଇଚି । ଯାହାପ୍ରମାଣ କରୁଛି ଯେ ଏ ନଦୀ କୂଳରେ ଅନାଦୀ କାଳରୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବସତି ଥିଲା । ଢ଼ଗା ପାର୍ବତ୍ୟ ଶୃଙ୍ଖଳାରେ ପ୍ରଗୈତିହାସିକ ପ୍ରତ୍ନତାତ୍ତ୍ୱିକ ଅବଶେଷ ବିଛାଡ଼ି ହୋଇ ପଡ଼ିଛି । ଯାହା ଏଠାରେ ବସବାସ କରିଥିବା ଗୋଁଡ଼ଜୀବଙ୍କର ।

୧. **ଆର୍ବି** – ଯଦିଓ ଏହା ଏକ ପ୍ରାଚୀନ ନଗର ନୁହେଁ ମାତ୍ର ଏହାର ଆଖପାଖରେ ଆଷ୍ଟା ବାଢ଼ୋନା ଢ଼ାଗା,କଚନୁର ଆଦି ଏପରି ସ୍ଥାନ ଅଛି ଯେଉଁଠି ପ୍ରଗୈତିହାସିକ କାଳୀନ ଆଦି ଗୋଁଡ଼ଜୀବ ମାନଙ୍କର ପ୍ରତ୍ନତାତ୍ତ୍ଵିକ ଅବଶେଷ ଦେଖିବାକୁ ମିଳେ । ଏ ଅଂଚଳରେ ପ୍ରାଚୀନ କାଳରୁ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କ ଦ୍ୱାରା ଅଧିକୃତ ଥିଲା । ଅତୀତ କାଳରେ ଗୋଁଡ଼ୀନାପୁର (କୋଂଡ଼ୀନାପୁର) ଶାସନର କେନ୍ଦ୍ରସ୍ଥଳ ଥିଲା । ଶାହାନଶାହ ଆକବରଙ୍କ ରାଜତ୍ୱକାଳରେ ଏ ଅଂଚଳ ଯଦିତ ତାଙ୍କ ଶାସନାଧୀନ ଥିଲା । କିନ୍ତୁ ବାସ୍ତବରେ ଶାସନ ଦେବଗଢର ଜାଟବାଙ୍କ ହାତରେ ଥିଲା । ଏଇ ସଂପୂର୍ଣ୍ଣ ଅଂଚଳ ଗାବିଲ ପ୍ରଗଣାରେ ସାମିଲଥିଲା । During emperor Akbar’s reign his authority was only dejure the defacto authority being held by Gond rulers.

୨. **ଢ଼ାଗା** – ଆର୍ବି ତହସିଲରେ ଢ଼ମ (ଧାମ) ନଦୀକୂଳରେ ଢ଼ଗା ଏକ ଛୋଟ ଗ୍ରାମ । ସେଠାକାର ପାହାଡ଼ ଉପରେ ଏକ ଗୁମ୍ଫା ଅଛି । ଯାହା ଘନ ଜଙ୍ଗଲ

ଦ୍ୱାରା ପରିବେଷ୍ଟିତ । ଏଇ ଗୁମ୍ଫାରେ ସଂଭୁମହାଦେବଙ୍କ ମନ୍ଦିର ଅଛି । ଏଠାରେ ମହାଶିବରାତ୍ରୀରେ ମେଳା ବସେ । ଢ଼ଗା ଏମିତି ଏକ ସ୍ଥାନ ଯେଉଁଠାରେ ଏକ ଗୁମ୍ଫାରେ ଛୋଟ ସଂଭୁମହାଦେବ ନିଜର ଅନୁଚର ମାନଙ୍କ ଶୋଷ ମେଣ୍ଟାଇବାକୁ ନିଜ (ଡ଼ମ୍ବରୁ) ଢ଼ଗା ର ଡ଼ମଡ଼ମ ଆବାଜ ରେ ଏକ ଧ୍ୱନୀ ତରଙ୍ଗ ସୃଷ୍ଟି କଲେ ଓ ଆକାଶର ବାଦଲକୁ ଏଠାରୁ ଏକ ସ୍ଥାନକୁ ନେଇ ମୂଷଳଧାରରେ ବର୍ଷା କରାଇଥିଲେ । ଏଇ ବର୍ଷାରୁ ସେଠାର ପାହାଡ଼ର ଗୁମ୍ଫାରୁ ଯେଉଁ ଜଳଧାରା ପ୍ରବାହିତ ହୋଇ ନଦୀର ରୂପ ଧାରଣ କରିଗଲା ତାକୁ ଗୋଁଡ଼ୀଭାଷାରେ ଡ଼ମନା ଢ଼ୋଡ଼ା (ଡ଼ମ୍ବରୁନଦୀ) କୁହାଯାଏ । ଏଇ ଢ଼ମ ଢ଼ୋଡ଼ାକୁ ଧାମନଦୀ କୁହାଯାଏ ।

୩. **ଗୀରଡ଼୍** - ହିଂରଣଘାଟ ତହସିଲରେ ଥିବା ଗୀରଡ଼୍ ଏକ ପ୍ରାଚୀନ ଗ୍ରାମ ସେଠାର ଏକ ପାହାଡ଼୍ ଉପରେ ପ୍ରାଗୈତିହାସିକ ଯୁଗର ପ୍ରସ୍ତର ଅସ୍ତ୍ରଶସ୍ତ୍ର ପ୍ରଚୁର ପରିମାଣର ଅଛି । ପ୍ରାଚୀନ କାଳରେ ସେଠାକାର ପାହାଡ଼୍ ଉପରେ ଗିର୍ଦ୍ଦୋଲକୋଡ଼ା ଗୋଁଡ଼ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ଗୋଁଡ଼୍ ମୁଖିଆର ଘରଥିଲା । ସେଇପରି ସୂନମୂନ ଦ୍ୱିପର ପରିଭ୍ରମଣ କରିବାକୁ ଗିର୍ଦ୍ଦୋଲକୋଡ଼ା ଉପରେ ଚଢ଼ି ଗୋଁଡ଼ୀ ପୁନେମ ଧର୍ମଗୁରୁ ପାରୀ କୁପାର ଲିଂଗୋ ଏଠାରେ ବିଶ୍ରାମ କରିଥିଲେ । ଏଥିପାଇଁ ସେ ପାହାଡ଼କୁ ଗିର୍ଦ୍ଦୋଲମେଟ୍ଟା କୁହାଯାଏ । ଏହି ଅନୁସାରେ ସେ ଗ୍ରାମର ନାମ ଗୀରଡ଼୍ ହୋଇଛି । ସେଠାରେ ଗିର୍ଦ୍ଦାମୋଡ଼ା ବାବାଙ୍କ ପୂଜା କୋୟା ବଂଶୀୟ ଗୋଁଡ଼୍ ସଂପ୍ରଦାୟର ଲୋକେ କରନ୍ତି । ଆଗକୁ ଏଇ ସ୍ଥାନକୁ ବାବା ଫରିଦ୍ ଲୋକ ମାନଙ୍କୁ କିଛି ଅଲ୍ପ ହୁନ୍ଦର ଦେଖାଇଥିଲେ । ଏଥିଲାଗି ଏହି ଗୀରଡ଼୍ ପାହାଡ଼୍ ବାବା ଫରୀଦଙ୍କ ପାହାଡ଼୍ ନାମରେ ପରିଚିତ ।

୪. **ହୀଂଗନଘାଟ** - ବେନା ନଦୀ କୂଳରେ ଏହି ସହର ଅବସ୍ଥିତ । ବେନା ନଦୀ ଗୋଁଡ଼୍ ମାନଙ୍କର ସଗା ବେନ୍ ମାନଙ୍କର ନଦୀ । ଏଇ ନଦୀ କୂଳରେ ଅନେକ ସ୍ଥାନରେ ପ୍ରସ୍ତର ଯୁଗର ଗୋଁଡ଼ଜୀବ ମାନଙ୍କର ସଭ୍ୟତାର ଅବଶେଷ ରହିଛି । ହିଂଗଣଘାଟର ପ୍ରାଚୀନ ନାମ "ସଂଭୁଗଣ" ଥିଲା । ଏହାର ଅର୍ଥ ସଂଭୁଙ୍କ ଅନୁଚର ଗଣଙ୍କ ଘାଟ ହୋଇଥାଏ । ଏହାକୁ ଅନ୍ୟ ଭାଷା ଭାଷୀ ଲୋକମାନେ ପରେ ଶିଂବଗଣଘାଟ ଶିଂଗନଘାଟ ହିଂଗନଘାଟ କହିବାକୁ ଲାଗିଲେ । ଏବେ

ଏହାକୁ ହିଂଗନଘାଟ କୁହାଯାଉଛି । ହିଂଗନଘାଟ ପାଖରେ ବେନାନଦୀର ଏବେ ମଧ୍ୟ ଏମିତି ପଥର ମିଳୁଛି ଯାହା ସଂଭୁ ଗବରା  ପିଣ୍ଡର ଆକାରର ।

୫. **କେଲଝର** - ନାଗପୁର ବର୍ଦ୍ଧା ରୋଡ଼ ଉପରେ ଥିବା କେଲଝର ଗ୍ରାମରେ ଏକ ପ୍ରାଚୀନ ଦୁର୍ଗର ଅବଶେଷ ଅଛି । ଦେବଗଢ ନାଗପୁରର ଗୋଁଡ଼ ରାଜା ମାନଙ୍କର ଏଠାରେ ଏକ ଗଡ଼ ଥିଲା କେଲଝର ପାଖରେ ଥିବା ପାର୍ବତ୍ୟ ଶୃଙ୍ଖଳାରେ ବହୁ ପ୍ରାଚୀନ ଗୁମ୍ଫା ଅଛି, ଯେଉଁଠାରେ ଆଦି ଗୋଁଡ଼ ଜୀବ ମାନେ ବାସ କରୁଥିଲେ ।

୬. **ପବନାର** - ପବନାର ଗ୍ରାମ ଢ଼ମ ( ଧାମ) ନଦୀକୂଳରେ ଅବସ୍ଥିତ । ଏହା ବହୁ ପ୍ରାଚୀନ ସ୍ଥାନ ଅଟେ । ପ୍ରାଗୈତିହାସିକ ଆଦି ଗୋଣ୍ଡଜୀବ ମାନଙ୍କର ପ୍ରତ୍ନତାତ୍ତ୍ୱିକ ଅବଶେଷ ପ୍ରତ୍ନତାତ୍ତ୍ୱିକ ବେତ୍ତାଙ୍କୁ ମିଳିଛି । ଏହା ପୋନାର (ହରୀୟୟ) ଗୋଁଡ଼ ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ପବନ ରାଜାଙ୍କ ରାଜଧାନୀ ଥିଲା । ଏହାଙ୍କର ଗୋଁଡ଼ଚିହ୍ନ ନାମାନୁସାରେ ଏ ସ୍ଥାନର ନାମ (ପବନାର ବା ପୋନାର ) କୁହାଯାଏ । ପବନ ରାଜାଙ୍କ ରାଜ୍ୟ ପବନୀ, ପୋହନା,ପୋନାର ରେ ଥିଲା ପବନାର ଶବ୍ଦର ଅର୍ଥ ପବନ ରାଜାଙ୍କ ନାର ବା ଗ୍ରାମ ହୋଇଥାଏ ।

୭. **ପୋହନା** - ହୀଂଗନଘାଟ ତହସିଲରେ ଥିବା ଏହି ଗ୍ରାମ ବହୁ ପୁରୁଣା ଅଟେ । ପବନ ରାଜାଙ୍କ ନାମାନୁସାରେ ଏଇ ଗ୍ରାମର ନାମ ପବନା ବା ପୋହନା କୁହାଯାଏ । ଏଟାରେ ସଂଭୁ ମହାଦେବଙ୍କ ଏକ ମନ୍ଦିର ଅଛି ଯାହା ପବନ ରାଜା ତିଆରି କରାଇଥିଲେ । ସେଠାରେ ମହାଶିବରାତ୍ରୀ ରେ ମେଳା ଅନୁଷ୍ଠିତ ହୁଏ ।

୮. **ରୋହନୀ** - ବର୍ଦ୍ଧା ତହସିଲରେ ଥିବା ଏ ଗ୍ରାମକୁ ବର୍ଦ୍ଧା ନଦୀ କୂଳରେ ପବନ ରାଜାଙ୍କ ଦ୍ୱାରା ବସାଇ ଥିଲେ । ସେଠାରେ ଏକ ସଂଭୁମହାଦେବଙ୍କ ମନ୍ଦିର ଅଛି । ଏଇ ମନ୍ଦିରକୁ କୋଇଟେଶ୍ୱର ଅର୍ଥାତ କୋୟାବଂଶୀୟ ଲୋକଙ୍କ ଈଶ୍ୱର କୁହାଯାଏ । ଏଠାରେ ମହାଶିବରାତ୍ରୀରେ ମେଳା ବସେ ।

୯. **ସେଲୁ** - ବର୍ଦ୍ଧା ଜିଲ୍ଲାର ଏକ ମୁଖ୍ୟ ଗ୍ରାମ । ଏଠାରେ ଗୋଁଡ଼ ରାଜାଙ୍କ ଦ୍ୱାରା ନିର୍ମିତ ପ୍ରାଚୀନ ମନ୍ଦିର ଅଛି । ଏହା ବୋର ନଦୀ କୂଳରେ ଅବସ୍ଥିତ । ବୋର ନଦୀ କୂଳର ଏଇ ଗ୍ରାମରେ ପ୍ରାଗୈତିହାସିକ ଗୋଁଡ଼ ଜୀବମାନଙ୍କର ପ୍ରତ୍ନତାତ୍ତିକ ଅବଶେଷ ମିଳିଛି । ଆହୁରି ଖନନ କଲେ ଆହୁରି ଅନେକ ଜିନିଷ ମିଳିପାରନ୍ତା ।

ଖ୍ରୀଷ୍ଟିୟ ୧୯୬୭ ରେ ନାଗପୁର ବିଶ୍ୱବିଦ୍ୟାଳୟର ପୁରାତତ୍ତ୍ୱ ବିଭାଗ ଦ୍ୱାରା ବର୍ଦ୍ଧା ଜିଲ୍ଲାର ପବନାର ନଗରୀରେ ଖନନକାର୍ଯ୍ୟ କରାଗଲା । ସେଠାରୁ ମିଳିଥିବା ଅବଶେଷରୁ ଜଣାଯାଏ ଯେ ସେଠାରେ ଖ୍ରୀଷ୍ଟପୂର୍ବ ୧୦୦୦ରୁ ୮୦୦ ଖ୍ରୀଷ୍ଟପୂର୍ବ କାଳରେ ଆଦି ଗୋଁଡ୍‌ଜୀବ ମାନଙ୍କର ବସତି ରହିଥିଲା । ସେହି ପରି ଗୋଁଡ୍‌ୀନାପୁର (କୋଂଡ୍‌ୀନାପୁର)ରେ ଚାଲକ୍ଲିଥିକ କାଳରେ ପ୍ରତ୍ନତତ୍ତ୍ୱିକର ଅବଶେଷ ମିଳିଛି । ଯୋଉଥିରୁ ପ୍ରମାଣ ମିଳେଯେ ବର୍ଦ୍ଧାନଦୀ କୂଳରେ ଅନାଦୀକାଳରୁ ଆଦି ଗୋଁଡ୍‌ଜୀବ ମାନେ ବସତି ଥିଲେ ।

ଏ ଅଂଚଳରେ ବାସ କରୁଥିବା ଆଦି ଗୋଁଡ୍‌ଜୀବ ମାନଙ୍କ ବିଷୟରେ ପ୍ରତ୍ନତତ୍ତ୍ୱ ବିଭାଗର ମନ୍ତବ୍ୟ ହେଲା -For weapons they used product of the chalcedony blade industr,Flat copper axes and sings with round balls of various sizes.Their tools were made of dolerite and coper. They pounded their grains with plane convex rubber stones.Handing and animols grazing formed their main occupations.

They buried their dead outside their locality. The children were burried in wide mouthed urns. The dead were providend with towdes sputed vessels and necklaces of copper and carnetion.

ଉକ୍ତ ବିଶେଷତ୍ୱ କୋୟାବଂଶୀୟ ଗୋଁଡ୍ ସଂପ୍ରଦାୟର ସଭ୍ୟତାରେ ଏବେ ମଧ୍ୟ ଦେଖିବାକୁ ମିଳେ ।

## ଚାନ୍ଦା ଜିଲ୍ଲା

ଚାନ୍ଦାଗଡ୍ ବର୍ତ୍ତମାନ ଚାନ୍ଦା (ଚନ୍ଦ୍ରପୁର) ଜିଲ୍ଲାର ସଦରମହକୁମା ସହର । ଚାନ୍ଦଗଢନାମ ଚନ୍ଦ୍ରା ମଲୋଲ (ଧଳା ଠେକୁଆ) ଆଧାରରେ ଦିଆ ଯାଇଛି । ଏ ସଂପର୍କରେ ଏକ ପୌରାଣିକ ଗାଥା ଗୋଁଡ୍ ସଂପ୍ରଦାୟରେ ଶୁଣାଯାଏ ସେହି ଅନୁସାରେ ଥରେ ଜିଲ୍ଲାର ଶାଗଢ ର ରାଜା ଖାଣ୍ଡକ୍ୟା ବଲ୍ଲାଡ୍ ସିଂହ ମହାକାଳୀ କଳିକଂକାଲୀଙ୍କ ଦର୍ଶନ କରି ଝରପଟ ନଦୀ କୂଳରେ ଥିବା ଜଂଗଲକୁ ଶିକାର କରିବାକୁ ଗଲେ । ସେତେବେଳେ ତାଙ୍କର ଶୀକାରୀ କୁକୁର ବି ତାଙ୍କ ସହିତ

ଥିଲା । ହଠାତ୍ ଏକ ବୁଦା ଭିତରୁ ଗୋଟିଏ ଚନ୍ଦିଆ ଖର୍‌ଗୋସ୍ (ଧଳା ଠେକୁଆ) ବାହାରି ପଡିଲା ଓ କୁକୁର ଉପରେ ଆକ୍ରମଣ କଲା କୁକୁର ପ୍ରାଣ ବିକଳରେ ଦୌଡ଼ି ପଳେଇଲା । ଠେକୁଆ ତା ପଛରେ ଗୋଡ଼େଇଲା । ଏ ଘଟନା ଦେଖି ରାଜା ବିସ୍ମିତ ହୋଇଗଲେ । ଏକ ଛୋଟ ଠେକୁଆ କୁକୁରକୁ ଡ଼ରାଇଦେବା କଥା ସେ ବୁଝିପାରିଲେ ନାହିଁ । ରାଜା ଠେକୁଆର ପିଛା କଲେ ; କୁକୁର ଆଡ଼ା ତିରଛା ଦୌଡ଼ି ଗୋଟେ ଘେରା ବୁଲି ଆସି ଯେଉଁ ସ୍ଥାନରୁ ଠେକୁଆ ବାହାରି ତାକୁ ଗୋଡ଼େଇ ଥିଲା ସେଇ ସ୍ଥାନରେ ପହଞ୍ଚି ଛିଡ଼ା ହୋଇଗଲା ଓ ଠେକୁଆକୁ ପ୍ରତିଆକ୍ରମଣ କରି ତାକୁ ମାଡ଼ିବସି ମାରି ପକେଇଲା । ରଜା ଏ ଘଟଣା ରାଣୀଙ୍କୁ କହିଲେ । ରାଣୀ ଚିନ୍ତାକରି ସେଇ ସ୍ଥାନରେ ଏକ ଗଡ଼ ତିଆରି କରିବାକୁ ରାଜାଙ୍କୁ ପରାମର୍ଶ ଦେଲେ । କାରଣ ସେଇସ୍ଥାନ ଏପରି ଥିଲା ଯେ ସେଠାରେ ଦୁର୍ବଳରୁ ଦୁର୍ବଳ ଜନ୍ତୁ ମଧ ବଳବାନ ହୋଇଯାଏ । ଏଥିପାଇଁ ସେଠାରେ ଦୁର୍ଗ ନିର୍ମାଣ କଲେ ତାହା ଅଭେଦ୍ୟ ଦୁର୍ଗ ହୋଇପାରିବ । ରାଣୀଙ୍କ ପରାମର୍ଶ ଅନୁସାରେ ରାଜା ଠେକୁଆ ଓ କୁକୁର ପାଦଚିହ୍ନ ଦେଖି ସେଠାରେ ଏକ ମଜଭୂତ ପାଚେରୀ ତିଆରି କରାଇଲେ ଏବଂ ମଝିରେ ନିଜର ଦୁର୍ଗ ନିର୍ମାଣ କରି ଚନ୍ଦିଆ ଖରଗୋସ (ଧଳା ଠେକୁଆ) ଅନୁସାରେ ଚାନ୍ଦାଗଡ଼ ବୋଲି ନାମ ଦେଲେ । ସେଇ ଚନ୍ଦିଆ ଗଡ଼କୁ  ଚାନ୍ଦାଗଡ କୁହାଯାଏ ଯାହା ଆଜି ମଧ ଏକ ନଗରୀ ରୂପ ଧାରଣ କରି ଏକ ଜିଲ୍ଲାର ମହକୁମା ହୋଇଛି ।

ଚାନ୍ଦାଜିଲ୍ଲାର କ୍ଷେତ୍ରାଞ୍ଚଳ ରେ ବର୍ଦ୍ଧା ବେନଗଙ୍ଗା,ପ୍ରାଣହିତା ଓ ଇନ୍ଦ୍ରାବତୀ ନଦୀର ଅବବାହିକା ଅଛି । ବର୍ତ୍ତମାନ ଚାନ୍ଦାଜିଲ୍ଲା କୁ ଦୁଇଟି ଜିଲ୍ଲାରେ ବିଭକ୍ତ କରାଯାଇଛି । ଗୋଟିଏ ଚାନ୍ଦାଜିଲ୍ଲା ଓ ଅନ୍ୟଟି ଗଡ଼ଚିରୋଲୀ, ଚାନ୍ଦାଗଡର ନାମକରଣ ୧୯୬୪ ମସିହାରେ ନଗରପରିଷଦରେ ପାଶ୍ କରି ଚନ୍ଦ୍ରପୁର କରାଯାଇଛି । ଯେଉଁ ସହର ଦ୍ୱାଦଶ ଶତାବ୍ଦୀରୁ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚାନ୍ଦାଗଡ ଥିଲା । ତାକୁ ବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଏୟା ବିଶ୍ୱାସ କରି ଚନ୍ଦ୍ରପୁର କରାଗଲା ଯେ ଏହା ଅତୀତ କାଳରେ ଚନ୍ଦ୍ରହାସ ରାଜାଙ୍କର ଚନ୍ଦ୍ରପୁର ନଗରୀଥିଲା । ଏକ ମିଥ୍ୟା ଜନଶ୍ରୁତି ଯାହାର କୌଣସି ପ୍ରତ୍ନତାତ୍ତ୍ୱିକ ଆଧାର ନଥିବା ସତ୍ତ୍ୱେ ଚାନ୍ଦାଗଡକୁ

ଚନ୍ଦ୍ରପୁର ପରିବର୍ତ୍ତନ କରି ଗୋଁଡ଼ ରାଜାମାନଙ୍କ ଐତିହାସିକ ଗାଥାକୁ ନଷ୍ଟ କରାଯିବାର ଅପଚେଷ୍ଟା କରାଯାଇଛି ଯାହା ଆଦୌ ପ୍ରଶଂସନୀୟ ହୋଇ ନପାରେ ।

ଚାନ୍ଦାଜିଲ୍ଲାରେ ନାଗଭିଡ଼ୀ,ମାନିକଗଢ,ସୀରୀକୋଁଡ଼ା,ଭାମରାଗଢ, ସୂରଜଗଢ,ଟୀପାଗଢ,ପଲସଗଢ ଆଦି ପର୍ବତ ଅଛି । ଯାର ପାଦ ଦେଶରେ ବେନଗଙ୍ଗା,ବର୍ଦ୍ଧା,ପରାଣହିତା,ଇନ୍ଦ୍ରାବତୀ ନଦୀ ମାନଙ୍କର କୂଳରେ ଅନାଦି କାଳରୁ କୋୟାବଂଶୀୟ ଗୋଁଡ଼ ମାନଙ୍କର ବସତି ଥିଲା । ଏଇ ଜିଲ୍ଲାର ଅବନପଲ୍ଲୀ ଅର୍କପଲୀ ଅଲିଜନ୍ତା, ଆଂବେନେରୀ,ଅଡ଼େଗାଁଓ,ଇନ୍ଦରମ,ଡ଼େବରୀ,ଉକୁଡ଼ାପାର,ଉସରାଲା, କାଥେଗାଓଁ,କାନେପଲ୍ଲୀ,ତିକଡ଼ୀ,କଢ଼ୋଲୀ,କୁରା,କୋତୁର,କୋଲପଲ୍ଲୀ,ଚିମୁର,ଝାରୀ, ମାଂଗଲୀ,ତଲୋଦୀ,କୋଲାର ଖପତୀ, ଖୈରା, ଖାପରୀ, ଚାରପଲ୍ଲୀ,ଚିଗନାଗୁଡ଼ି,ଚିଚଘାଟ, ଚିଚପଲ୍ଲୀ, ଚିମୁର, ଟୀରବୀ, ଧନୋରା, ନନ୍ଦରା, ଚାର୍ମୋଶୀ, ନାଂଦଗାଓଁ, ପରଡ଼ପାର, ବେଲଗାଓଁ, ବୋଥଲୀ, ଭବରା ଗଢ,ବଡଗା ମସରଲ,ତୁକୁମ,ମହାଗାଓଁ,ତୋରନା, ମନଝରୀ, ମୁନସା, ରୋଂଗୋବାଡ଼ୀ, ଲିଂଗପଲ୍ଲୀ, ସାନେଗାଁଓ ଉସେଗାଓଁ ଆଦି ଅନେକ ଗ୍ରାମରେ ପୂର୍ବ ପ୍ରସ୍ତରଯୁଗର, ତାମ୍ରଯୁଗର, ପ୍ରତ୍ନତାତ୍ତିକ ଅବଶେଷ ବହୁଳ ପରିମାଣରେ ମିଳିଛି । ବେନଗଙ୍ଗା, ବର୍ଦ୍ଧା, ଇରାଈ, ପରାଣହିତା, ଝରପଟ, ଇଂଦ୍ରାବତୀ, ନିବରା, କୋଠରୀ, ବଂଡ଼ରା ଆଦି ନଦୀ ମାନଙ୍କର ନାମ ଗୋଁଡ଼ୀଭାଷାର । ଯେଉଁ ମାନଙ୍କ ସହ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଧାର୍ମିକ ଓ ସାଂସ୍କୃତିକ ଭାଗବେଗର ଅତୁଟ ସଂବନ୍ଧ ରହିଛି ।

ଦାରୁଡ଼ାଢ଼ାନାରୁ ଉତ୍ପନ୍ନ ହୋଇ ପ୍ରବାହିତ ହେଉଥିବା ବରୁଦାଉଢ଼ୋଡ଼ା (ବର୍ଦ୍ଧା ନଦୀ) ପେଙ୍କମେଢ଼ୀ ର ଜୁନ୍ନୋର ପେନ ଢ଼ାନା (ଜୁନାରଦେବ) ଉତ୍ପନ୍ନ ହୋଇ ବହିଯାଇଥିବା ପେଙ୍କ ଢ଼ୋଡ଼ା ପେଙ୍କ ନଦୀ,ବେନମେଢ଼ୀ ମୁଣ୍ଡାରା ହିରୋଗଙ୍ଗାରୁ ଉତ୍ପନ୍ନ ହୋଇ ବହିଯାଉଥିବା ବେନ୍‌ଗଙ୍ଗା ବୁଢ଼ାଲ ଢ଼ାନା (କୁଲଢ଼ାନା)ର ପେନୂରଘାଟ (ଦେଉରଘାଟ) ଠାରୁ ଉତ୍ପନ୍ନ ହୋଇ ବହିଥିବା ବେନଗଙ୍ଗାର ସଂଗମ ଚାନ୍ଦାଜିଲ୍ଲାରେ ହୋଇ ପରାଣ ହିଲାଲ (ପ୍ରାଣହିତା) ନଦୀ ହୋଇ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ଙ୍କର ଜୀବନଦାତ୍ରୀ (ପରାଣହିଲାଲ)ନଦୀ ହୋଇଛି । ଏହି ସବୁ ନଦୀର ଗୋଁଡ଼ୀ ସଂସ୍କୃତିର ବିକାଶ

ପ୍ରକ୍ରିୟାକୁ ମହତ୍ତ୍ୱ ପୂର୍ଣ୍ଣ ଅବଦାନ ରହିଛି । ଗୋଁଡ଼ୀ ବେନଙ୍କ ପ୍ରତୀକ ବେନଗଙ୍ଗା,ଗୋଁଡ଼ ପେନଙ୍କ ପ୍ରତୀକ ପେନଗଙ୍ଗା,ଗୋଁଡ଼ୀ ପୂର୍ବପୁରୁଷଙ୍କ (ବରୁଦାଉ)ଙ୍କ ପ୍ରତୀକ ବରଦାଉ (ବର୍ଦ୍ଧା)ନଦୀ,ଗୋଁଡ଼ୀପେନ ମେଢ଼ୀର ପ୍ରତୀକ ପେନଢ଼ୋଡ଼ା (ପେଞ୍ଚନଦୀ) ଆଦି ନଦୀ ମାନେ ଏବେ ମଧ୍ୟ ନିଜର ପ୍ରାଚୀନ ମହତ୍ୱ ସହ ପ୍ରବାହିତ ହେଉଛନ୍ତି । ଏମାନଙ୍କର ସଂଗମ ଚାନ୍ଦାଜିଲ୍ଲାରେ ହୋଇଛି । ଏଇ ନଦୀମାନଙ୍କର କୂଳରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ବସସ୍ଥାନ ଅନାଦୀ କାଳରୁ ରହି ଆସିଛି ।

ସିରପୁରଗଢ, ମାନିକଗଢ, ଚାନ୍ଦାଗଢ, ବଲ୍ଲାରଶାଗଢ, ଭାନକାଗଢ, ପବନୀଗଢ, ସୂରଦାଗଢ, ବୈରାଗଢ, ଟୀପାଗଢ, ଭାମରାଗଢ, ଲୋହରୀଗଢ, ବାଜାଗଢ, ପଲସଗଢ, ଆଦି ସ୍ଥାନ ମାନଙ୍କରେ ଯେଉଁ ଠାରେ ପ୍ରାଚୀନ ଦୁର୍ଗ ମାନଙ୍କର ଅବଶେଷ ରହିଛି ସେସବୁ ଦକ୍ଷିଣ ଗୋଁଡ଼ବାନା କର୍ମଭୂମି । ଯେଉଁଠି ହଜାରହଜାର ବର୍ଷ ଧରି ନାଗ,ସୀରୀସଟବାନ,ବର୍କାଟକ ଆଦି ଗୋଁଡ଼ ଚିହ୍ନଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମହାରାଜାଙ୍କ ଶାସନ ଥିଲା ।

୧. **ଅହେରୀ** - ପରାଣହିତାଲ ନଦୀ କୂଳରେ ଥିବା ଏ ନଗର ଚାନ୍ଦାଗଢ ର ଗୋଁଡ଼ ରାଜାଙ୍କ ଏକ ଜମୀଦାରୀ ର ସ୍ଥାନ । ସେଠାରେ ଯେତେଗୁଡ଼ିଏ ପ୍ରାଚୀନ ମନ୍ଦିର ଅଛି ସବୁ ହେମାଣ୍ଡରୀ ପେନଠିୟା ଶୈଳୀରେ ନିର୍ମିତ ହୋଇଛି । ଏସବୁ ସଂଭୁମହାଦେବଙ୍କ ମନ୍ଦିର ଓ ଏମାନଙ୍କର ନିର୍ମାଣକାର୍ଯ୍ୟ କୁବାରା ଭୀମାଲ ଓ ତାଙ୍କର ସାତଭାଇ ମାନଙ୍କ ଦ୍ୱାରା କରାଯାଇଛି । କିନ୍ତୁ ଅନ୍ୟ ସଂପ୍ରଦାୟର ଲୋକେ ଏହା ରାକ୍ଷସ ମାନେ ନିର୍ମାଣ କରିଛନ୍ତି ବୋଲି ବିଶ୍ୱାସ କରନ୍ତି ।

୨. **ଆରମୋରୀ** - ବେନଗଙ୍ଗା ନଦୀ କୂଳରେ ଥିବା ଏଇ ଗ୍ରାମରେ ଚନ୍ଦାଗଢର ଗୋଁଡ଼ରାଜା ଜୀରାସିଂହଙ୍କ ଦ୍ୱାରା ନିର୍ମିତ ହୋଇଥିବା ସଂଭୁମହାଦେବଙ୍କ ମନ୍ଦିର ଅଛି । ସେଠାକାର ଦୁର୍ଗାଧିପତି ହରୀଚନ୍ଦ ଆରମାଚୀ ପାଖରେ ଥିବା ବୈରାଗଢରେ ରହୁଥିଲେ ।

୩. **ବଲ୍ଲାର ପୁର** - ବର୍ଦ୍ଧା ନଦୀ କୂଳରେ ଥିବା ଏହା ଏକ ପୁରାତନ ଗ୍ରାମ । ଏଠାରେ ଏକ ଅଭେଦ୍ୟ ଦୁର୍ଗ ନିର୍ମାଣ କରି ସୀରପୁର ଗଢର ଗୋଁଡ଼ରାଜା

ଭୀମବଲ୍ଲାଡ଼ସିଂହ ନିଜର ରାଜଧାନୀ ସ୍ଥାନାନ୍ତର କରିଥିଲେ । ତାଙ୍କ ନାମାନୁସାରେ ଏ ସହରର ନାମ ବଲ୍ଲାରଶା ଗଡ କୁହାଯାଏ ।

୪. **ଭଦ୍ରାବତୀ** - ଭଦ୍ରାବତୀର ପ୍ରାଚୀନ ନାମ ଭାନକାଗଢ ଥିଲା ଯାହାକୁ ଭାଂଦକବୋଲି ମଧ୍ୟ କୁହାଯାଏ । ଭଦ୍ରାବତୀ କରାଯାଉଥିବା ଖନନରୁ ପ୍ରାଚୀନ ପ୍ରସ୍ତର ଯୁଗର ପ୍ରତ୍ନତାତ୍ତ୍ୱିକ ଅବଶେଷ ପ୍ରନ୍ନତତ୍ତ୍ୱ ବିତ୍ ମାନଙ୍କୁ ମିଳିଛି । ଏଠାରେ ନାଗ ବଂଶୀୟ ଗୋଁଡ଼ ମାନଙ୍କର ରାଜଧାନୀ ଥିଲା । ଏଠାକାର ରାଜାମାନେ ସବୁ ଧର୍ମାଲମ୍ବୀ ମାନଙ୍କୁ ଆଶ୍ରୟ ଦେଇଥିଲେ । ଏଣୁ ଏଠାରେ ଜୈନ,ବୈଦ୍ଧ ଓ ଅନ୍ୟାନ୍ୟ ଧର୍ମର ଧାର୍ମିକ ପ୍ରତ୍ନତାତ୍ତ୍ୱିକ ଅବଶେଷ ରହିଛି । ଏଠାରେ ଅତୀତ କାଳର ଭଦ୍ରନାଗଙ୍କ ମନ୍ଦିର ଅଛି । ନାଗଚିହ୍ନ ଧାରୀ ରାଜାମାନଙ୍କ ପରେ ସିରୀସତବା (ସିରୀସାତବାନ) ବା ଶୁଆଚିହ୍ନ ଧାରୀ ଗୋଁଡ଼ ରାଜା ମାନେ ଏଠାରେ ଶାସନ କରିଥିଲେ । ଚାନ୍ଦାଗଢରେ ଆତ୍ରାମ ଗୋତ୍ରୀୟ ସୋଡ୍ରୁମ ଗୋଁଡ଼ଚିହ୍ନ ଧାରୀଙ୍କ ସମୟରେ ପରସୋ ସେରମାକା ନାମକ ଦୁର୍ଗପତି ଥିଲେ । ଦୁର୍ଗର ଭଗ୍ନ ଅବଶେଷ ଏବେ ମଧ୍ୟ ଅଛି । ଏହାର ମୁଖ୍ୟ ଦ୍ୱାରରେ ଗୋଁଡ଼ବାନାର ରାଜଚିହ୍ନ ହାତୀ ଉାପରେ ସିଂହ ଚିହ୍ନ ଖୋଦିତ ହୋଇଛି । ଏଠାକାର ସଂଭୁମହାଦେବଙ୍କ ମନ୍ଦିରରେ ସଂଭୁଜାଗରଣ (ମହାଶିବରାତ୍ରୀ) ପର୍ବରେ ମେଳା ଅନୁଷ୍ଠିତ ହୁଏ । ଏଠାରେ ମହାକାଳିକଙ୍କାଲୀଙ୍କ ମୂର୍ତ୍ତୀ ସ୍ଥାପିତ ହୋଇଛି । ଏଠାର ଉତ୍ତରପୂର୍ବ ଦିଗରେ ବୌଦ୍ଧଗୁମ୍ଫା ମାନ ରହିଛି । ଯାହାକୁ ବିଜାସନ କୁହାଯାଏ । ନାଗ ଗୋଁଡ଼ଚିହ୍ନ ଧାରୀ ରାଜାମାନଙ୍କ କାଳରେ ଏହି ଗୁମ୍ଫା ଗୁଡ଼ିକର ନିର୍ମାଣ କାର୍ଯ୍ୟ ବୌଦ୍ଧ ଭିକ୍ଷୁମାନଙ୍କ ଲାଗି କରାଯାଇଥିଲା ।

୫. **ଭଟାଲା** - ବରୋରା ତହସିଲରେ ବରୋରା ଠାରୁ ୧୬ କି.ମି. ଦୂରରେ ଉତ୍ତର ଦିଗରେ ଭଟାଲା ଗ୍ରାମ ଅଛି । ଏଠାକାର ପାହାଡ଼ ଉପରେ ସଂଭୁ ମହାଦେବଙ୍କ ମନ୍ଦିର ଅଛି । ଏଠାରେ ସଂଭୁଜାଗରଣ ଉତ୍ସବରେ ମେଳା ବସେ । ଏଇ ମନ୍ଦିର ଗୁଡ଼ିକର ନିର୍ମାଣ ଚାନ୍ଦାଗଢର ରାଜା ମାନେ କରାଇ ଥିଲେ ।

୬ **ବରମାପୁରୀ** - ବରମାପୁରୀ ତହସିଲର ସଦର ମହକୁମା ସହର ଅଟେ । ଏଠାରେ ମଧ୍ୟ ଚାନ୍ଦାଗଢର ଗୋଁଡ଼ ରାଜାମାନଙ୍କର ଏକ ଦୁର୍ଗ ଥିଲା । ଯାହାର ଭଗ୍ନାବଶେଷ ଏବେ ମଧ୍ୟ ଅଛି । ଦୁର୍ଗ ଭିତରେ ଦୁର୍ଗ ପୋଖରୀ ଅଛି । ଏହାର ହୁଡ଼ାସବୁ ପଥର ଦ୍ୱାରା ବନ୍ଧା ଯାଇଛି । ଏଠାକାର ଦୁର୍ଗପତିର ନାମ ବରମାପୁରାମ

ଥିଲା । ତାଙ୍କ ନାମାନୁସାରେ ଏ ସହର ବରମାପୁରୀ ଭାବେ ପରିଚିତ । ଏବେ ଏହାକୁ ବ୍ରହ୍ମପୁରୀ କୁହାଯାଉଛି ।

୭. **ଚାର୍ମୋସୀ** - ଏବର ଗଢଚିରୋଲୀ ଜିଲ୍ଲାର ଏକ ମୁଖ୍ୟ ସହର । ଯାହା ବେନଗଙ୍ଗା ନଦୀ କୂଳରେ ଅବସ୍ଥିତ । ଚାର୍ମୋସୀ ପାଖରେ ଚାନ୍ଦାଗଢର ଗୋଁଡ଼ ରାଜା ମାନଙ୍କ ଦ୍ୱାରା ନିର୍ମିତ ମାର୍କଣ୍ଡା ମନ୍ଦିର ଅଛି । ସେଠାରେ ସଂଭୁଗବରା (ଶିବଶକ୍ତିଙ୍କ) ପିଣ୍ଡ ସ୍ଥାପିତ ହୋଇଛି । ଏଠାରେ ଶିବରାତ୍ରୀରେ ମେଳା ହୁଏ ।

୮. **ଚାନ୍ଦାଗଢ** - ଚାଁନ୍ଦାଗଢକୁ ବଲ୍ଲାଡ଼ଶା ଗଢର ଗୋଁଡ଼ରାଜା ଖାଣ୍ଡକ୍ୟା ବଲ୍ଲାଡ଼ଶା ସିଂହ ଖ୍ରୀଷ୍ଟିୟ ୧୨୮୨ରେ ଝରପଟ ଓ ଇରଈ ନଦୀ ର ସଂଗମ ପାଖରେ ଏକ ଦୁର୍ଗ ତିଆରି କରିଥିଲେ । ଚାନ୍ଦାଗଢ ଦୁର୍ଗ ଗୋଁଡ଼ୱାନାର ଏକ ଉତ୍କୃଷ୍ଟ ବାସ୍ତୁଶୀଳ୍ପର ପରିଚୟ ପ୍ରଦାନକରେ । ଏଠାରେ ଆତ୍ରାମ ଗୋତ୍ରୀୟ କୋୟା ବଂଶୀୟ ରାଜାମାନେ ପ୍ରାୟ ୯୦୦ ବର୍ଷଧରି ନିରଙ୍କୁଶ ରୂପେ ନିଜର ଶାସନ କରି ଆସିଥିଲେ । ସେମାନଙ୍କ ଶାସନ କାଳରେ ଏଠାରେ ଅନେକ ନିର୍ମାଣ କାର୍ଯ୍ୟ କରାଯାଇଥିଲା । ଯାହାର ଭଗ୍ନାବଶେଷ ଆଜି ମଧ୍ୟ ରହିଅଛି । ଦୁର୍ଗର ପ୍ରାଚୀରରେ ଜଟପୁରା,ପଠାନପୁର,ଅଚଲେଶ୍ୱର ଓ ବିଗବା ପ୍ରବେଶ ଦ୍ୱାର ରକାଯାଇ ଥିଲା । ଏହା ଭିତରେ କୋନେରୀ ପୋଖରୀ ରମାବା ପୋଖରୀ, ଅଚଲେଶ୍ୱର ସଂଭୁ ମହାଦେବଙ୍କ ମନ୍ଦିର ମହାକାଲୀକଙ୍କାଲୀ ମନ୍ଦିର,ବୀରଶାହ ସମାଧିସ୍ଥଳ, ବାବୁପେଠ ସ୍ତମ୍ଭ ଆଦି ଏଭଳି ଅନେକ ସ୍ଥାନ ଅଛି ଯାହା ଚାନ୍ଦାଗଢର ଭବ୍ୟତା ଓ ସେଠାକାର ରାଜନୈତିକ ଶକ୍ତିର ପ୍ରମାଣ ପ୍ରଦାନ କରେ ।

କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କ ଶାସନ ଏ ଅଂଚଳରେ ଦେଖିବାକୁ ଗଲେ ସପ୍ତମ ଶତାବ୍ଦୀ ପୂର୍ବରୁ ରହିଆସିଛି । କିନ୍ତୁ ଆର୍ଯ୍ୟ ବ୍ରାହ୍ମଣ ମାନେ ଏ ନଗର ସଂପର୍କିତ କପୋଳ କଳ୍ପିତ କାହାଣୀ କହି ଭ୍ରମ ଜନ୍ମାଇବାକୁ ଚେଷ୍ଟା କରିଛନ୍ତି । ଯେଉଁ ଚାନ୍ଦାଗଢର ନାମ ଗୋଁଡ଼,ମୁସଲମାନ ଓ ଇଂରେଜୀ ଶାସନ କାଳ ପର୍ଯ୍ୟନ୍ତ ଚାନ୍ଦାଗଢ ଥିଲା, ତାହାର ନାମକରଣ ୧୯୬୪ ମସିହାରେ ସେଠାକାର ନଗର ପରିଷଦ ରେ ଏକ ପ୍ରସ୍ତାବ ପାଶ୍ କରି ଚନ୍ଦ୍ରପୁର କରାଯାଇଛି ଓ ମିଥ୍ୟା ପ୍ରଚାର କରାଯାଇଛି ଯେ ଏଠାରେ ପ୍ରାଚୀନ କାଳରେ ଚନ୍ଦ୍ରହାସ ରାଜାଙ୍କର

ରାଜଧାନୀ ଇଂଦ୍ରପୁର ଥିଲା ଓ ଇନ୍ଦୁପୁରକୁ ଲୋକପୁର ବା ଚନ୍ଦ୍ରପୁର କୁହାଯାଏ । ମାତ୍ର ଏଇ କଳ୍ପିତ କାହାଣିର କୌଣସି ପ୍ରତ୍ନତାତ୍ତ୍ୱିକ ଆଧାର ନାହିଁ ।

୯. **ଦେବଟେକ** – ବ୍ରହ୍ମପୁରୀ ତହସିଲରେ ଥିବା ଏହା ଏକ ଛୋଟ ଗ୍ରାମ । ଏଠାରେ ଯେଉଁ ମନ୍ଦିର ଅଛି, ଏଥିରୁ ଜଣାପଡ଼େ ଯେ ଏହାଏକ ପୁରାତନ ସ୍ଥାନ । ଏଠାରେ ନାଗ ଗୋଁଡ଼ଚିହ୍ନ ଧାରୀ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କର ପ୍ରାଚୀନ ନାଗଭୀଡ଼ି ଥିଲା । ନାଗଭୀଡ଼ିରେ ତାଙ୍କର ରାଜଧାନୀ ଥିଲା । ଏ ଅଂଚଳରେ ଚିକମାରା,ପାନୋରୀ, ନୌଖଲା ଓ ନାଗଭୀଡ଼ି ଆଦି ସ୍ଥାନରେ ଆଦି ଗୋଁଡ଼ ଜୀବ ମାନଙ୍କର ସଭ୍ୟତାର ପ୍ରତ୍ନତାତ୍ତ୍ୱିକ ଅବଶେଷ ଏବେ ମଧ୍ୟ ଅଛି । ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇ ଏଠାକାର ପ୍ରାଚୀନ ସଭ୍ୟତାର ଅନୁସଂଧାନ କରାଯାଇ ପାରିବ ।

୧୦. **ଦେଉଳବାଡ଼ା** – ବରେରା ତହସିଲରେ ଥିବା ଦେଉଳବାଡ଼ା ଏକ ଛୋଟ ଗ୍ରାମ ଅଟେ । ଯାହା ଭଦ୍ରାବତୀର ୧୨ କି.ମି. ଉତ୍ତରକୁ ଅବସ୍ଥିତ । ସେଠାରେ ମଧ୍ୟ ଚାନ୍ଦାଗଢ ରାଜାମାନଙ୍କର ଏକ ଛୋଟ ଦୁର୍ଗ ରହିଛି । ଏବେ ଏହା ଭାଂଗିରୁଜି ଗଲାଣି । ଏହା ବ୍ୟତୀତ ଏଠାରେ କୁବାରା ଭୀମାଲପେନଙ୍କ ଏକ ଆସ୍ଥାନ ଅଛି । ଏଠାରେ ତାଙ୍କର ପାଦଚିହ୍ନ ଏକ ପ୍ରସ୍ତର ଖଣ୍ଡରେ ଅଙ୍କିତ ହୋଇଛି । ପାଖରେ ଏକ ପୁରାତନ ପୋଖରୀର ଅବଶେଷ ରହିଛି । ପାହାଡ଼ ଉପରେ ଅନେକ ଗୁମ୍ଫା ଅଛି । ତନ୍ମଧ୍ୟରେ ନାରାସିଂହ ପେନ୍ (ଗ୍ରାମଦେବତା)ଙ୍କ ଗୁମ୍ଫା ସବୁଠାରୁ ବଡ଼ ।

୧୧. **ଗଢଚିରୋଲି** – ବର୍ତ୍ତମାନ ଏହା ଗଢଚିରୋଲି ଜିଲ୍ଲାର ସଦର ମହକୁମା । ବେନଗଙ୍ଗା ନଦୀ କୂଳରେ ଅବସ୍ଥିତ ଏଇ ସହରରେ ଏକଦା ଗୋଁଡ଼ମାନଙ୍କର ଏକ ପୁରାତନ ଦୁର୍ଗ ଥିଲା ଯାହା ମାଟିରେ ମିଶିଯାଇଛି ।

୧୨. **ଗୌରାଲା** – ବରୋଲା ତହସିଲରେ ଭଦ୍ରାବତୀର ଦକ୍ଷିଣକୁ ୩ କି.ମି. ଗଲେ ଗୌରାଲା ଗ୍ରାମ ପଡ଼ିବ । ଏହା ବହୁ ପୁରାତନ । ଏଠାରୁ ୩ କି.ମି. ଦକ୍ଷିଣକୁ ଗଲେ ଏକ ପାହାଡ଼ ଉପରେ ପ୍ରାଚୀନ ସଭ୍ୟତାର ଅବଶେଷ ଦେଖିବାକୁ ମିଳିବ । ସେଠାକାର ସଂଭୁ ମହାଦେବଙ୍କ ମନ୍ଦିରକୁ ଭାଙ୍କାସିଂହ ଯୁବନାଥ ନାମକ ଭାଙ୍କାଗଢର ଗୋଁଡ଼ରାଜା ତିଆରି କରାଇଥିଲେ । ତାଙ୍କ ନାମାନୁସାରେ ଏହି

ସଂଭୁମହାଦେବଙ୍କ ମନ୍ଦିରକୁ ଯୁବନାଥାସନ କୁହାଯାଏ । ସେ ମନ୍ଦିରରୁ ସଂଭୁମହାଦେବଙ୍କ ବିଗ୍ରହକୁ ସ୍ଥାନାନ୍ତର କରି ବିଷ୍ଣୁ ବିଗ୍ରହ ସ୍ଥାପନ କରାଯାଇଛି । ଏହା ପ୍ରାଚୀନ ଭାଙ୍କାଗଢର ଏକ ଅଂଶଥିଲା ।

୧୩. **ଘୁଗଗୁସ** - ଘୁଗଗୁସ ପାଖରେ ତିନୋଟି ପ୍ରାଚୀନ ଗୁମ୍ଫା ଅଛି, ଯେଉଁଠି ଭୈରବଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି । ପ୍ରାଚୀନ କାଳରେ ଭୈରବଙ୍କ ଉଚ୍ଚତା ଦିନକୁ ଦିନ ବଢ଼ିଚାଲିଥିଲା ଏଥିଲା ତାଙ୍କ ମାତା ତାଙ୍କ ମୁଣ୍ଡରେ ଏକ ବଡ଼ ପଥର ରଖିଦେଲେ ସେ ଘଟଣା ପରେ ଏ ମୂର୍ତ୍ତି ଖୋଦିତ ହୋଇଛି ।

୧୪. **ଜୁନୋନା** - ଚାନ୍ଦାଗଢର ୧୨ କି.ମି. ପୂର୍ବକୁ ଏହି ଗ୍ରାମକ ବଲାଡ଼ଶା ଗଢର ରାଜା ଧୁଣ୍ଡ୍ୟା ରାମଶାହଙ୍କ ରାଜ ଭବନ ଓ କୂଅ ପୋଖରୀ ଅଛି । ଏସବୁ ବର୍ତ୍ତମାନ ଭଗ୍ନ ଅବସ୍ଥାରେ ଅଛି ।

୧୫. **ଖାଟୋଡ଼ା** - ଚାନ୍ଦାଗଢର ଉତ୍ତରକୁ ୪୦ କି.ମି. ଦୂରରେ ଥିବା ଏହି ଗ୍ରାମରେ ଗୋଁଡ଼ ରାଜାମାନଙ୍କର ଏକ ପ୍ରସ୍ତର ନିର୍ମିତ ଦୁର୍ଗ ଅଛି । ଏହାର ଚାରିପାଖରେ ଦୁଇ ପ୍ରସ୍ତ ବିଶିଷ୍ଟ ପାଚେରୀ  ନିର୍ମିତ ହୋଇଛି ।

୧୬. **ମାର୍କଣ୍ଡା** - ଗଢଚିରୋଲୀ ଜିଲ୍ଲାର ଗଢଚିରୋଲୀ ତହସିଲ ଅନ୍ତର୍ଗତ ମାର୍କଣ୍ଡା ଗ୍ରାମ ବେନଗଙ୍ଗା ନଦୀକୂଳରେ ଅବସ୍ଥିତ । ବେନଗଙ୍ଗା ନଦୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର "ସଗାବେନ"ର ପ୍ରତୀକ । ମାର୍କଣ୍ଡା ସେମାନଙ୍କ ପ୍ରାଚୀନ ଧାର୍ମିକ ସ୍ଥାନ । ସେତେବେଳେ ମାର୍କଣ୍ଡା ବହୁତ ବଡ଼ ସହରଥିଲା ଯାହା ଚାର୍ମୋଶୀ ପର୍ଯ୍ୟନ୍ତ ବ୍ୟାପି ରହିଥିଲା । ବେନଗଙ୍ଗା ନଦୀରେ ମାର୍କଣ୍ଡା ନାମକ ଏକ ଡ଼ୋହ (କୁଣ୍ଡ) ବେନଗଙ୍ଗା ନଦୀରେ ଅଛି । ସେଠାରେ ସ୍ନାନ କଲେ ସବୁ ପ୍ରକାର ଚର୍ମରୋଗ ଭଲହୁଏ ବୋଲି ଗୋଁଡ଼ ସଂପ୍ରଦାୟର ଲୋକେ ବିଶ୍ୱାସ କରନ୍ତି । ମାର୍କଣ୍ଡା ଗୋଣ୍ଡି ଭାଷାର ଶବ୍ଦ ଏହାର ବ୍ୟୁତ୍ପତ୍ତି ମା+ଅର୍କ+ଅଣ୍ଡା । ମା ମାନେ ମାବା ଅର୍ଥାତ୍ ଆମର ଅର୍କ ମାନେ ରୋଗ ଅଣ୍ଡା ମାନେ ନିବାରଣ । ଏହିପରି ମାର୍କଣ୍ଡା ପେନ ଅର୍ଥାତ୍ ଆମର ଦୁଃଖ ନିବାରକ ଶକ୍ତି । ମାର୍କଣ୍ଡାରେ ମାର୍କଣ୍ଡାପେନଙ୍କ ଆସ୍ଥାନ ଅଛି । ଏହାବ୍ୟତୀତ ଏଠାରେ ପାଞ୍ଚଖଣ୍ଡ ପୃଥ୍ୱୀର ସ୍ୱାମୀ ସଂଭୁ ମହାଦେବଙ୍କ ଲିଂଗର ପ୍ରତାକ ଥିବା ଏକ "ହେମାଣ୍ଡରୀ

ପେଣ୍ଡ୍ୟା" ଅଛି । ଯାହାକୁ ଚାନ୍ଦାଗଢର ରାଜା ଦିନକର ଶାହ ଏକାଦଶ ଶତାବ୍ଦୀରେ ନିର୍ମାଣ କରାଇଥିଲେ । ମାର୍କଣ୍ଡାରେ ଥିବା ପୁରାତନ ମନ୍ଦିରଟି ରାକ୍ଷାସ ମାନେ ତିଆରି କରିଛନ୍ତି ବୋଲି ପ୍ରଚାର କରାଯାଇଛି । ଯାହା ଏକଥାର ପ୍ରମାଣ ଦେଉଛି ଯେ ଆର୍ଯ୍ୟ ବ୍ରାହ୍ମଣମାନେ କୋୟା ବଂଶୀୟ  ଗୋଁଡ଼ ସଂପ୍ରଦାୟର ଗୋଣ୍ଡଜୀବ ମାନଙ୍କ ରାକ୍ଷସ ବୋଲି କହୁଥିଲେ । ଏଠାକାର ହେମାଣ୍ଡରୀ ପେଣ୍ଡ୍ୟା (ପଞ୍ଚସ୍ତମ୍ଭ ଆଧାରିତ) ମନ୍ଦିରକୁ ହେମାଂଦ୍ରୀ ପଣ୍ଡିତଙ୍କ ସହ ଯୋଡ଼ି ଏହାର ନିର୍ମାଣକାଳ ଯାଦବ ମାନଙ୍କ ଶାସନକାଳ ଦର୍ଶାଯାଇଛି । ଏହିପରି ଗୋଁଡ଼୍ୱାନାର କୋୟାବଂଶୀୟ ଗୋଣ୍ଡ ସଂପ୍ରଦାୟର ରାଜା ମାନଙ୍କ ଗାଥାକୁ ନଷ୍ଟ କରାଯିବାର ଅପଚେଷ୍ଟା କରାଯାଇଛି । ସଂଭୁ ଜାଗରଣ (ମହାଶିବରାତ୍ରୀ) ଅବସରରେ ଏଠାରେ ମେଳା ବସେ । ଯେଉଁଠି କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଲୋକେ ନିଜର ପାଞ୍ଚଖଣ୍ଡ ପୃଥ୍ୱୀର ରାଜା ଅରୁଅରୁ ସଂଭୁ (ହର ହର ମହାଦେବ) ଙ୍କ ଉପାସନା କରନ୍ତି ।

୧୭. **ମାନିକଗଢ** – ରାଜୁରା ତହସିଲର ମାନିକଗଢ ପାହାଡ଼ ଉପରେ ଗୋଟିଏ ପ୍ରାଚୀନ ଦୁର୍ଗ ଅଛି । ଯାହାକୁ ମାନିକଗଢ କୁହାଯାଏ । ଗୋଁଡ଼ୀ ଗୋଣ୍ଡଗାଥା ଅନୁଯାୟୀ ଏହାକୁ ମାନକାସିଂହ ବେଲାଦି ନାମକ ନାଗ ଗୋଁଡ଼ଚିହ୍ନ ଧାରୀ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜା ନିର୍ମାଣ କରିଥିଲେ । ମାନକାସିଂହ ବେଲାଦୀଙ୍କର ପୁତ୍ର ତୋଣ୍ଡ୍ୟାସିଂହ ର କନ୍ୟା ମାନକୋ ତୁଣ୍ଡୟାଲର ବୀରଗାଥା ଆଜିମଧ୍ୟ ଗୋଁଣ୍ଡ ସଂପ୍ରଦାୟରେ ଶୁଣାଯାଏ । ତୁଣ୍ଡ୍ୟାଲ ମାନକୋଙ୍କୁ ମାନକେଶ୍ୱରୀ ଦେବୀ ରୂପେ କରାଯାଏ । ତୁଣ୍ଡ୍ୟାଲ ମାନକୋ ରାୟତାର ଜଂଗୋଦାଇଙ୍କ ଉପାସିକା ଥିଲେ । ଯାହାଙ୍କର ପେନଠାନା (ଦେବସ୍ଥାନ) ମାନିକଗଢ ପାଖରେ "କୋଟାପରଂଦୁଲୀ"ରେ ଅଛି । ମାନିକଗଢ ରାଜାମାନଙ୍କର ଗୋଁଡ଼ଚିହ୍ନ ନାଗଙ୍କ ପୂଜା କେଶଲାଗୁଡାରେ କରାଯାଉଛି । ଯାହା ଆଦିଲାବାଦ  ଜିଲ୍ଲାର ଉଟନୂର ପାଖରେ ଅଛି । ମାନିକଗଢ ଜିଲ୍ଲାର ମୁଖ୍ୟଦ୍ୱାରରେ ଗୋଁଡ଼୍ୱାନାର ରାଜଚିହ୍ନ ହାତୀ ଉପରେ ସିଂହ ଖୋଦିତ ହୋଇଛି । ଦୁର୍ଗର ଭଗ୍ନାବଶେଷକୁ ଦେଖିଲେ ସେଠାରେ ରାଜକୀୟ ଶକ୍ତିର ଅନୁମାନ କରାଯାଇପାରେ । ଏହା ଦକ୍ଷିଣ ଗୋଁଡ଼୍ୱାନାର ଏକ ଦୁର୍ଗ ।

୧୮. **ମାରୋଡ଼ା** - ମୂଲ ତହସିଲରେ ଥିବା ମାରୋଡ଼ାର ପର୍ବତ ଉପରେ ସୋମାନାଗ ସଂଭୁ ମହାଦେବଙ୍କ ମନ୍ଦିର ଅଛି । ଏହାର ନିର୍ମାଣ କାର୍ଯ୍ୟ ମଧ୍ୟ ଚାନ୍ଦାଗଢର ଗୋଁଡ଼ ରାଜା ମାନେ କରିଥିଲେ । ଏବେ ଏଇ ଜରାଜୀର୍ଣ୍ଣ ମନ୍ଦିରର ଜିର୍ଣ୍ଣୋଦ୍ଧାର କରାଯାଇଛି ।

୧୯. **ନାଗଭୀଡ଼** - ନାଗଭୀଡ଼କୁ ଗୋଁଡ଼ ସଂପ୍ରଦାୟର ଲୋକେ ନାଂଗଭୀଡ଼ୀ କହନ୍ତି । ଏଟାରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ନାଗ ଗୋଁଣ୍ଡଚିହ୍ନ ଧାରୀ ଗୋଣ୍ଡଜୀବ ମାନଙ୍କର ସ୍ଥାନ ଥିଲା । ଏଇ ଗ୍ରାମ ବ୍ରହ୍ମପୁରୀ ତହସିଲ ଅନ୍ତର୍ଗତ । ଏଠାକାର ପାହାଡ଼ରେ ଏକ ପ୍ରାଚୀନ ଗୁମ୍ଫା ଅଛି । ପାହାଡ଼ ଉପରେ ସଂଭୁ ମହାଦେବଙ୍କର ମନ୍ଦିର ଅଛି । ଏଠାରେ ସଂଭୁଜାଗରଣ (ମହାଶିବ ରାତ୍ରୀ) ରେ ମେଳା ଅନୁଷ୍ଠିତ ହୁଏ ।

୨୦. **ନଲେଶ୍ୱର** - ଚାଂଦାଗଢରୁ ପ୍ରାୟ ୪୦ କି.ମି. ଦୂରରେ ଥିବା ଏଇ ଗ୍ରାମରେ ଏକ ହେମାଣ୍ଡେରୀ ପେନଠିୟା (ପାଞ୍ଚସ୍ତମ୍ଭ ବିଶିଷ୍ଟ ମନ୍ଦିର) ଅଛି । ସେଥିରେ ସଂଭୁଗବରାଙ୍କ ଲିଂଗ ସ୍ଥାପିତ ହୋଇଛି । ସେଠାର ପାହାଡ଼ରୁ ଏକ ଚିରସ୍ରୋତ ଝରଣା ପ୍ରବାହିତ ହେଉଛି । ଏଠାରେ ନଲେଂଜ ଗୋଁଡ଼ଚିହ୍ନ ଧାରୀ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କ ପ୍ରାଚୀନ ସ୍ଥାନ ଅଛି ।

୨୧. **ନେରୀ** - ବରୋରା ତହସିଲରେ ଥିବା ନେରୀ ଏକ ଗ୍ରାମ । ଏଠାକାର ପାହାଡ଼ରେ ପ୍ରାଚୀନ ଗୁମ୍ଫା ଅଛି । ଗୁମ୍ଫା ମାନଙ୍କରେ ସଂଭୁଗବରାଙ୍କ ପ୍ରତୀକ ସ୍ଥାପିତ ହୋଇଛି । ଏଟାରେ ଚଉଲ (ଲୋମଡ଼ୀ ବା କୋକି ଶିଆଳୀ) ଗୋଁଡ଼ଚିହ୍ନ ଧାରୀ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କର ଏକ ପୁରାତନ ଦୁର୍ଗ ଥିଲା । ଯାହା ଧ୍ୱଂସ ସ୍ତୁପରେ ପରିଣତ ହୋଇଯାଇଛି ।

୨୨. **ପୋନାଲୀ** - ବ୍ରହ୍ମପୁରୀ ତହସିଲରେ ଥିବା ଦେବଟେକର ୩ କି.ମି. ଉତ୍ତରକୁ ଗଲେ ପୋନାଲୀ ନାମକ ଛୋଟ ଗ୍ରାମ ପଡ଼େ । ଏହାକୁ ନାଗଗୋଣ୍ଡଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜା ମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା ।

୨୩. **ରାଜଗଢ଼** - ରାଜଗଢ ଏକ ପୁରାତନ ଗ୍ରାମ । ଏଠାରେ ଚାନ୍ଦାଗଢର ଗୋଁଡ଼ ରାଜା ଦିନକର ସାହଙ୍କ ଦ୍ୱାରା ଦ୍ୱାଦଶ ଶତାବ୍ଦୀ ବେଳକୁ ନିର୍ମାଣ କରିଥିବା ସଂଭୁମହାଦେବଙ୍କ ମନ୍ଦିର ଅଛି । ଯାହା ମାର୍କଣ୍ଡା ପେନଠିୟା (ମନ୍ଦିର) ସହ ସମାନ । ଏଠାରେ ମଧ୍ୟ ଶିବରାତ୍ରୀରେ ମେଳା ଅନୁଷ୍ଠିତ ହୁଏ ।

୨୪. **ତାଡ଼ୋବା** - ଚାନ୍ଦାଗଢ ଜିଲ୍ଲାର ଏକ ଜାତୀୟ ଉଦ୍ୟାନ ତାଡ଼ୋବାଠାରେ ଅଛି । ଏହା ଚାନ୍ଦାଗଢରୁ ୫୪ କି.ମି. ଦୂରରେ ଅବସ୍ଥିତ । ଏହି ଉଦ୍ୟାନରେ ତିନୋଟି ପାହାଡ଼ ମଝିରେ ଏକ ପୋଖରୀ ଅଛି । ଏହା ବହୁତ ପ୍ରାଚୀନ । ଏଇ ପୋଖରୀକୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନେ ତାଦୋବାକୁଣ୍ଡ (ପିତାମହ ତାଲାବ) ଜେଜେବାପା ପୋଖରୀ କହନ୍ତି । ଏହି ତାଦୋବାରୁ ତାଡ଼ୋବା ଡ଼ାନା କୁହାଯାଏ । ପୌଷମାସରେ ଏଠାରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଲୋକେ ନିଜର ପୂର୍ବ ପୁରୁଷଙ୍କର ପୂଜାର୍ଚ୍ଚନା କରିବାକୁ ଏଠାକୁ ଆସନ୍ତି । ଏବେ ଜାତୀୟ ଉଦ୍ୟାନ ହୋଇଥିବାରୁ ଯିବା ଆସିବାରେ କଟକଣା ଜାରୀ କରାଯାଇଛି । ଏ ପୋଖରୀର ଜଳରେ ଏତେ ଶକ୍ତି ଅଛିଯେ ଲୋକ ମାନେ ଏଠାରୁ ପାଣି ନେଇ ନିଜ ନିଜ କ୍ଷେତରେ ଛିଞ୍ଚନ୍ତି । ବିଶ୍ୱାସ କରାଯାଏ ଯେ ଏ ପୋଖରୀ ଜଳ କ୍ଷେତରେ ସିଂଚନକଲେ ଭଲଫସଲ ହୁଏ । ଏଇ ଜଙ୍ଗଲରେ ତାଡ଼ବା ନାମକ ଏକ ଗଛ ମିଳେ ଯାହାକୁ ସେବନ କଲେ ମରଣ ସହ ଲଢୁଥିବା ଲୋକ ଜୀବନ୍ୟାସ ପାଏ ।

୨୫. **ଟୀପାଗଢ** - ଚାନ୍ଦାଗଢରୁ ପ୍ରାୟ ୧୫୦ କି.ମି. ଦୂରରେ ଟୀପାଗଢ ପର୍ବତ ଅଛି । ସେଠାରେ କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜା ପୂରାମଙ୍କ ଦୁର୍ଗ ଥିଲା । ଏହାର ଭଗ୍ନାବଶେଷ ଏବେ ମଧ୍ୟ ଅଛି । ଦୁଇଟି ପାହାଡ଼ ମଝିରେ ଏକ ପୋଖରୀ ଅଛି । ପୋଖରୀ କୂଳରେ ଭୀମାଲପେନଙ୍କ ଆସ୍ଥାନ ଅଛି । ଟୀପାଗଢ ରାଜା ଓ ରାଣୀଙ୍କ ବଳୀଦାନର କାହାଣୀ ଏବେ ମଧ୍ୟ ଗୋଁଡ଼ ସଂପ୍ରଦାୟରେ ଶୁଣିବାକୁ ମେଳେ ।

୨୬. **ବୈରାଗଢ** - ଗୋବରା ଗଢୀ ଓ ସତନାଲା ନଦୀ ଦ୍ୱୟର ସଂଗମ ସ୍ଥଳରେ ବୈରାଗଢ ଗ୍ରାମ ଅଛି । ଏଠାରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ନାଗ ଗୋଁଡ଼ଚିହ୍ନ ଧାରୀ ଗୋଁଡ଼ରାଜାଙ୍କ ଏକ ପ୍ରାଚୀନ ଦୁର୍ଗ ଅଛି । ଏଠାରେ

ପୁରାତନ ହୀରାଖଣି ଅଛି । ଚାନ୍ଦାଗଡର ରାଜା ମାନଙ୍କ ସମୟରେ ଏହା ଏକ ପ୍ରଗଣା ରୂପରେ ଥିଲା ମାତ୍ର ଏହା ପୂର୍ବରୁ ଏହା ଏକ ସ୍ୱତନ୍ତ୍ର ରାଜ୍ୟ ଥିଲା । ଏହା ଉପରେ ଓଡିଶାର (ଖାରବେଳ (ଗରୁଡ଼) ଗଣ୍ଡଚିହ୍ନଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ରାଜା ରାଜତ୍ୱ କରିଥିଲେ । ଏହା ଖଣ୍ଡଗିରି ର ହାତୀଗୁମ୍ଫା ଶୀଳା ଲେଖରୁ ଜଣାପଡ଼େ । ବୈରାଗଢରେ ଦୁମଶାହ ନାମକ ଗୋଁଡ଼ ରାଜାଙ୍କ ସମାଧି ଅଛି । ଏଠାରେ ସଂଭୁମହାଦେବଙ୍କ ପ୍ରାଚୀନ ମନ୍ଦିର ଅଛି । ଏହାକୁ ଏକାଦଶ ଶତାବ୍ଦୀରେ ଚାନ୍ଦାଗଡର ରାଜା ଦିନକର ସାହ ନିର୍ମାଣ କରିଥିଲେ ।

୨୭. **ବାଜାଗଢ** - ଗଢଚିରୋଲୀରୁ ପ୍ରାୟ ୩୦ କି.ମି. ଦୂରରେ କୁଲଭଟ୍ଟୀ ଗ୍ରାମ ପାଖରେ ବାଜାଗଢ ପର୍ବତ ଅଛି । ଏଠାରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ସଗାବେନଙ୍କ ମୁଠବା (ଧର୍ମଗୁରୁ) ପହାଂଦୀ ପାରୀ କୁପାରଲିଂଗୋଙ୍କର ଆସ୍ଥାନ ଅଛି । ଏଠାରେ ପ୍ରତି ବର୍ଷ ମାଘ ପୂର୍ଣ୍ଣିମା ଦିନ ଲିଂଗୋ ମେଳା ଅନୁଷ୍ଠିତ ହୁଏ ।

ଚାନ୍ଦାଗଡର ଗୋଁଡ଼ ରାଜାମାନଙ୍କ ଶାସନ କାଳରେ ରାଜ୍ୟ ଜମିଦାରୀରେ ବିଭକ୍ତ ଥିଲା । ତନ୍ମଧ୍ୟରେ ଅଂବାଗଢ, ଚୌକୀ, ଧନୋରା, ଦୂଧମାଲା, ଗେବାଈ, ଜାରାପାରା, କୁଟଗାଁଓ, କୋରୋବା, କୋଟଗୁଲ, ମୁରୁମଗାଁଓ, ପାନାବରସ, ପଲସଗଢ, ରାଂଗୀ, ସିରିଂଗୁଡ଼ି, ସୋନସାରୀ, ଅହେରୀ, ଚଣ୍ଡାଲା, ଗୋଲଗାଁଓ, ପାବୀ, ମୁରାଂଡ଼ା, ପୋଟେଗାଁଓ ଆଦି ପ୍ରମୁଖ ଜମିଦାରୀ ଥିଲା ।

## ଯବତମାଲ ଜିଲ୍ଲା

ଯବତମାଲ ଜିଲ୍ଲା ସଦରମହକୁମା ସହର ଅଟେ । ଏ ଜିଲ୍ଲା ବରୁଦାଓ (ବର୍ଦ୍ଧା) ଓ ପେନଗଙ୍ଗା ନଦୀ ଦ୍ୱୟର ମଝିରେ ଅବସ୍ଥିତ । ଏ ଜିଲ୍ଲା ପୁସଦ, ଦାରବା, ଯବତମାଲ, ବେଲାପୁର ଓ ବଣୀ ତହସିଲରେ ବିଭକ୍ତ । ଏସବୁ ଜିଲ୍ଲାର ଅଧିକାଂଶ ଅଂଚଳ ପାହାଡ଼ିଆ ଇଲାକା ଦ୍ୱାରା ଆଚ୍ଛାଦିତ । ତନ୍ମଧ୍ୟରେ ବଡାଘାଟ, ପୈନଘାଟ ପ୍ରଭୃତି ପାର୍ବତ୍ୟ ଶୃଙ୍ଖଳା ଅଛି । ଏହି ପାର୍ବତ୍ୟ ଶୃଙ୍ଖଳା ଏବଂ ବରୁଦାଓ ଓ ପେନଗଙ୍ଗାର ଅବବାହିକାରେ ଅନାଦିକାଳରୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଣ୍ଡଜୀବ ମାନଙ୍କର ବାସସ୍ଥାନ ରହି ଆସିଛି । ବରୁଦାଓ ତୋଡ଼ା

ଅର୍ଥାତ୍ ପୂର୍ବ ପୁରୁଷଙ୍କ ନଦୀ, ପେନଗଙ୍ଗା ଅର୍ଥାତ୍ ସେମାନଙ୍କ ପେନମାନଙ୍କର (ଦେବତାମାନଙ୍କର) ନଦୀ, ବଡ଼ାଘାଟ ଅର୍ଥାତ୍ ବଡ଼ାଦେବଙ୍କ ଘାଟ ପୈନଘାଟ ମାନେ ଦେବତା ମାନଙ୍କର ଘାଟ ଆଦି ତଥ୍ୟ ପ୍ରମାଣ କରେ ଯେ ଏ ଅଂଚଳରେ ସେମାନଙ୍କ ସଭ୍ୟତାର ମୂଳଆଧାର ଅତି ପ୍ରାଚୀନ କାଳରୁ ସ୍ଥାପିତ ହୋଇଥିଲା ।

ଯବତମାଲ ଜିଲ୍ଲାରେ ଥିବା ମାହୁରଗଡ଼ ର ଦୁର୍ଗ ଓ କଲଂବଗଡ଼ର ଦୁର୍ଗ ଏକଥା ପ୍ରମାଣ କରେ ଯେ ଏଠାରେ ସିରପୁର,ବଲ୍ଲାଡ଼ଶା ଓ ଚାନ୍ଦାଗଡ଼ର ଗୋଁଡ଼ରାଜା ମାନଙ୍କର ଶାସନ ଖ୍ରୀଷ୍ଟିୟ ୮୭୦ରୁ ୧୭୫୧ ପର୍ଯ୍ୟନ୍ତ ଥିଲା । ଏହା ପୂର୍ବରୁ ସମ୍ରାଟ ଅଶୋକଙ୍କ ସମୟରେ ଏଠାରେ ଭାନକାଗଢ (ଭାଂଦକ)ର ନାଗ ଗୋଁଡ଼ ଚିହ୍ନଧାରୀ ଗୋଁଡ଼ ସଂପ୍ରଦାୟର ରାଜାମାନଙ୍କ ଶାସନ ଚାଲୁଥିଲା । ଏ ଅଂଚଳରେ ଅନେକ ସ୍ଥାନରେ ହେମାଣ୍ଡରୀ ପେନଠିୟା (ପଞ୍ଚସ୍ତମ୍ଭ ଆଧାରିତ ମନ୍ଦିର)ର ଅବଶେଷ ଦେଖିବାକୁ ମିଳେ । ଯାର ସଂବନ୍ଧ ଯାଦବମାନଙ୍କର କାଳ୍ପନିକ ମନ୍ତ୍ରୀ ହେମାଂଦ୍ରୀ ପଂନ୍ତଙ୍କ ସହ ଯୋଡ଼ିବାର ଅପଚେଷ୍ଟା କରାଯାଇଛି । ହେମାଣ୍ଡରୀ ପେନଠିୟା ମଧ୍ୟଭାରତର ଗୋଁଡ଼ୱାନା ଅଂଚଳରେ ହିଁ ମିଳିଥାଏ । ଯାର ନିର୍ମାତ୍ ଗୋଁଡ଼ ସଂପ୍ରଦାୟର ଭୀମାଲପେନ ଓ ତାଙ୍କର ଛଅଭାଇ ଏବଂ ପାଞ୍ଚ ଭଉଣୀଙ୍କ ଦ୍ୱାରା ଦେବାଳୟ ବା ମନ୍ଦିର । ଯାହାକୁ ଗୋଁଡ଼ୀ ଭାଷାରେ ହୟ ମୁଣ୍ଡାଡ଼େରୀ ପେନଠିୟା କୁହାଯାଏ । ଯାର ଅର୍ଥ ପାଞ୍ଚସ୍ତମ୍ଭ ଆଧାରିତ ମନ୍ଦିର । ଏହି ହୟମୁଣ୍ଡାଡ଼େରୀ ପେନଠିୟାର ସଂକ୍ଷୀପ୍ତ ରୂପ ହେମାଣ୍ଡରୀ ପେନଠିୟା ଅଟେ । ଏଇ ହେମାଣ୍ଡରୀ ପେନଠିୟାର ଶୈଳୀକୁ କାଳ୍ପନିକ ଚରିତ୍ର ହେମାନ୍ଦ୍ରୀ ପନ୍ଥ ସହ ଯୋଡ଼ିବାର ଅର୍ଥ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଣ୍ଡଜୀବଙ୍କ ସଂସ୍କୃତି ଉପରେ ଆଘାର କରିବା ।

୧. **ଆଂଜୀ** - କେଲାପୁର ତହସିଲର ଏକ ଛୋଟ ଗ୍ରାମ । ଏଠାରେ ଏକ ହେମାଣ୍ଡରୀ ପେନଠିୟା ଅଛି । ଯାହା ନାରସିଂଗ (ଗ୍ରାମ ରକ୍ଷକ) ଦେବତାଙ୍କ ମନ୍ଦିର ଦେବାଳୟ ସାମ୍ନାରେ ଏକ କୁଣ୍ଡ ଅଛି । ଏଠାକୁ ବୈଶାଖ ମାସରେ ଦର୍ଶନକରିବାକୁ ଲୋକମାନେ ଆସନ୍ତି ।

୨. **ଆର୍ଣ୍ଣୀ** – ଦାରବା ତହସିଲରେ ଥିବା ଏଇ ଗ୍ରାମରେ ଅନେକ ସ୍ଥାନରେ ନୂତନ ପ୍ରସ୍ତରଯୁଗୀୟ ଅସ୍ତ୍ରଶସ୍ତ୍ର ମିଳିଛି । ଏଠାରେ ଅନାଦିକାଳରୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବାସସ୍ଥାନ ରହି ଆସିଅଛି ।

୩. **ଦୁର୍ଗା** – ଯବତମାଲ ତହସିଲରେ ଥିବା ଏହା ଏକ ଛୋଟ ଗ୍ରାମ । ଏହା ଯବତମାଲ ଠାରୁ ୨୫ କି.ମି. ଦୂରରେ ଅବସ୍ଥିତ । ଏଠାକାର ପାହାଡ଼ ଉପରେ ଗୋଁଡ଼ ରାଜାଙ୍କର ଏକ ପୁରୁଣା ଦୁର୍ଗ ରହିଛି । ବର୍ତ୍ତମାନ ଏହା ଧ୍ୱଂସ ସ୍ତୁପରେ ପରିଣତ ହୋଇସାରିଛି । ଦୁର୍ଗର ନିର୍ମାଣ ଆନୁମାନିକ ୨ କି.ମି. ଘେରାରେ ବହୁତ ମଜଭୁତ ଭାବେ କରାଯାଇ ଥିଲା । ଭିତରେ ଏକ ପୋଖରୀ ଏବଂ ସଂଭୁ ମହାଦେବଙ୍କ ମନ୍ଦିର ଅଛି । ଏଇ ଦୁର୍ଗର ଚତୁପାର୍ଶ୍ୱ ଘନ ଜଙ୍ଗଲରେ ପରିପୂର୍ଣ୍ଣ ।

୪. **କଲମ** – ଯବତମାଲର ପୂର୍ବ ଦିଗରେ ଥିବା ଏଇ ଗ୍ରାମରେ ଗୋଁଡ଼ ରାଜାମାନଙ୍କର ଏକ ଦୁର୍ଗ ଥିଲା । ଯାହାକୁ ବାହମନୀର ରାଜା ଅହମ୍ମଦ ଶାହ ବଲୀ ଚାନ୍ଦାଗଢର ଗୋଁଡ଼ରାଜାଙ୍କ ଶାସନରୁ ଖ୍ରୀଷ୍ଟିୟ ୧୪୨୫ରେ ନିଜ ଅଧିନକୁ ନେଇ ଯାଇଥିଲେ । ସେ ପର୍ଯ୍ୟନ୍ତ କଲମ୍ବ ଓ ମାହୁର ଦକ୍ଷିଣ ଗୋଁଡ଼ୱାନାର ମଜବୁତ୍ ଦୁର୍ଗ ଥିଲା । ଏବେ କଲମ୍ବର ଦୁର୍ଗ ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇ ଯାଇଛି ।

୫. **କାପ** – କେଲାପୁର ର ଦକ୍ଷିଣପଶ୍ଚିମ ଦିଗରେ ବେନଗଙ୍ଗା ନଦୀ କୂଳରେ ଥିବା ଏଇ ଗ୍ରାମରେ ଗୋଁଡ଼ରାଜା ମାନଙ୍କ ଦ୍ୱାରା ନିର୍ମିତ ସଂଭୁ ମହାଦେବଙ୍କର ପ୍ରାଚୀନ ମନ୍ଦିର ଅଛି । ମହାଶିବ ରାତ୍ରୀରେ ଏଠାରେ ମେଳା ଅନୁଷ୍ଠିତ ହୁଏ ।

୬. **କାୟର** – ବଣୀ ତହସିଲରେ ଥିବା ଏଇ ଗ୍ରାମରେ ଏକ ପୁରୁଣା ଦୁର୍ଗ ଅଛି । ଯାହାକୁ ଗୋଁଡ଼ରାଜାମାନେ ନିର୍ମାଣ କରିଥିଲେ । ଏବେ ଏହାର ଭଗ୍ନାବଶେଷ ଅଛି । ଏଠାରେ ମଧ୍ୟ ହେମାଣ୍ଡରୀ ପେନଠିୟା ଅଛି । ଯାହା ବହୁତ ପୁରୁଣା । କାୟର ଏକ ପ୍ରଗଣାର ମହକୁମା ସେଠାକାର ପ୍ରଗଣା ମୁଖ୍ୟ ଖୁରସଂଗା ଗୋତ୍ରୀୟ ଗୋଁଡ଼ ଥିଲା ।

୭. **ଲାକ** – ଦରବା ତହସିଲରେ ଥିବା ଏଇ ଗ୍ରାମରେ ମଧ୍ୟରେ ସଂଭୁ ମହାଦେବଙ୍କ ପ୍ରାଚୀନ ହେମାଣ୍ଡରୀ ପେନଠିୟା ଅଛି । ଏହାକୁ ମଧ୍ୟ କୁବାରା ଭିମାଲପେନ ଭାଇମାନେ ନିର୍ମାଣ କରିଥିଲେ । ଏ ଅଂଚଳର ଲୋକମାନେ ଏଇ

ମନ୍ଦିରକୁ ରାକ୍ଷସମାନେ ନିର୍ମାଣ କରିଥିଲେ ବୋଲି ଜନଶ୍ରୁତି ଅଛି । ଗୋଁଡ଼ ସଂପ୍ରଦାୟର ଲୋକେ ରକ୍ଷ ସଭ୍ୟତାର ପୃଷ୍ଠ ପୋଷକ ଥିଲେ ।

୮. **ଲୋହରା** - ଯବତମାଲଠାରୁ ୫ କି.ମି.ଦୂରରେ ଲୋହରା ଗ୍ରାମ ଅବସ୍ଥିତ । ଏଠାରେ ଗୋଁଡ଼ ରାଜାଙ୍କର ଏକ ପ୍ରଗଣା ମୁଖ୍ୟ ମହକୁମା ଥିଲା । ଯାହା ଭୀମାଲପେନ ଭାଇମାନେ ନିର୍ମାଣ କରିଥିଲେ । ଏଠାଏକ ସଂଭୁମହାଦେବଙ୍କ ହେମାଣ୍ଡରୀପେନଠିୟା ଅଛି । ଏ ମନ୍ଦିରର ସଭାମଣ୍ଡପ ୧୮ ସ୍ତମ୍ଭ ଉପରେ ନିର୍ମିତ ହୋଇଛି ।

୯. **ମାହୁର** - ଯବତମାଲ ଜିଲ୍ଲାର ଏକ ପ୍ରାଚୀନ ସ୍ଥାନ ମାହୁରର ପାହାଡ଼ ଉପରେ ଗୋଁଡ଼ରାଜାଙ୍କ ଏକ ପୁରାତନ ଦୁର୍ଗ ଅଛି । ଏହା ଦକ୍ଷିଣ ଗୋଁଡ଼ବାନାର ଏକ ଅଭେଦ୍ୟ ଏବଂ ମହତ୍ୱପୂର୍ଣ୍ଣ ଦୁର୍ଗ ଥିଲା । ଦୁଇ ସ୍ତରୀୟ ସୁରକ୍ଷିତ ପ୍ରାଚୀର ପରିବେଷ୍ଟିତ ଏଇ ଦୁର୍ଗର ଭଗ୍ନ ଅବଶେଷ ଏବେମଧ ଦେଖିବାକୁ ମିଳେ । ଦୁର୍ଗ ଭିତରେ ଗୋଁଡ଼ ସଗା ଦେବ ତାଙ୍କ ଦାଇ କଲୀକଙ୍କାଲୀଙ୍କ ମନ୍ଦିର ଅଛି ।

୧୦. **ମହାଗାଁଓ** - ଦାରବା ତହସିଲରେ ଥିବା ମହାଗାଁଓରେ ସଂଭୁମହାଦେବଙ୍କ ପ୍ରାଚୀନ ମନ୍ଦିର ଅଛି । ଏହାର ନିର୍ମାଣ ଗୋଁଡ଼ରାଜଙ୍କ ଶାସନକାଳରେ କୁବାର ଭିମାଲପେନ ଓ ତାଙ୍କ ଭାଇମାନଙ୍କ ଦ୍ୱାରା କରାଯାଇଛି । ଏଇ ହେମାଣ୍ଡରୀ ପେନଠିୟାକୁ ରାକ୍ଷସ ମାନଙ୍କ ଦ୍ୱାରା ନିର୍ମିତ ବୋଲି ଜନଶ୍ରୁତି ରହିଛି ।

୧୧. **ପେନଘାଟ** - ପେନଘାଟ ଅର୍ଥାତ୍ "ଦେବତା ମାନଙ୍କର ଘାଟ" ଗୋଁଡ଼ୀରେ ଏଭଳି ଅର୍ଥ ହୋଇଥାଏ । ଗାବୀଲ ଗଢ ଓ ଅଜନତା ପାର୍ବତ୍ୟ ଶୃଙ୍ଖଳାର ମଝିରେ ଥିବା ଦେଉଲଘାଟ ଅଂଚଳକୁ ପେନଘାଟ କୁହାଯାଏ । ଯେଉଁଠାରୁ ପେନଗଙ୍ଗା ନଦୀର ଉଦଗମ ହୋଇଛି ।

୧୨. **ପେନଗଙ୍ଗା** - ପେନଗଙ୍ଗା ଅର୍ଥାତ୍ ଦେବନଦୀ । ଏହା ବୁଲଢାନା (ବୁଢ଼ାଲ ଢ଼ାନା)ରେ ଥିବା ଦେଉଲଘାଟ (ପେନଘାଟ) ପର୍ବତରେ ଉଦଗମିତ ହୋଇ ଯବତମାଲ ଜିଲ୍ଲାର ଦକ୍ଷିଣ ସୀମାରେ ପ୍ରବାହିତ ହୋଇଛି ଓ ବଣି ତହସିଲ ର ଦୁଗାର ଗଢରେ ବର୍ଦ୍ଧାନଦୀ ନିଜସହ ମିଳିତ କରି ବେନଗଙ୍ଗାରେ ମିଶିଛି । ପେନଗଙ୍ଗା ଏହା କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ପେନ ବା ଦେବତାଙ୍କ

ଗଙ୍ଗା (ନଦୀ) ପେନଘାଟ,ବୁଢ଼ାଲଢ଼ାନ, ବେନଗଙ୍ଗା,ଜୁଗାଦଗଢ ଆଦି ସବୁ ଶବ୍ଦ ଗୋଣ୍ଡୀ ଭାଷାର ନାମ । ଯୋଉଥିରୁ ପେନଗଙ୍ଗା ନଦୀ କୂଳରେ ଅନାଦି କାଳରୁ ଗୋଁଡ଼ ସଂପ୍ରଦାୟର ଗୋଣ୍ଡଜୀବ ମାନେ ବସବାସ କରୁଥିବାର ପ୍ରମାଣ ମିଳେ ।

୧୩. **ପୁସଦ** - ପୁସ ନଦୀ ଅନୁସାରେ ଏ ଗ୍ରାମର ନାମ ପୁସଦ ହୋଇଛି । ଏଟାରେ ମଧ୍ୟ ଗୋଁଡ଼ ରାଜା ମାନଙ୍କ ଦ୍ୱାରା ନିର୍ମିତ ହେମାଣ୍ଡରୀ ପେନଠିୟା ରେ ସଂଭୁମହାଦେବ ଅଛନ୍ତି । ଏହା ବଡ ବଡ ପ୍ରସ୍ତର ଖଣ୍ଡ ଦ୍ୱାରା ନିର୍ମିତ ହୋଇଥିବାରୁ ଏହା ରାକ୍ଷସ ମାନଙ୍କ ଦ୍ୱାରା ନିର୍ମିତ ବୋଲି କୁହାଯାଏ ।

୧୪. **ରାବେରୀ** - କେଲାପୁର ତହସିଲର ରାଲେଗାଁଓ ପାଖରେ ରାବେରୀ ଗ୍ରାମ ଅଛି । ଏଠାରେ ମଧ୍ୟ ସଂଭୁମହାଦେବଙ୍କ ହେମାଣ୍ଡରୀ ପେନଠିୟା ଅଛି । ଏହି ହେମାଣ୍ଡରୀ ପେନଠିୟା ବିଶାଳ ପ୍ରସ୍ତର ଖଣ୍ଡ ଦ୍ୱାରା ନିର୍ମିତ । ଏହାର ପାଖରେ ଗୋଁଡ଼ ରାଜାଙ୍କର ଏକ ଦୁର୍ଗ ଭଗ୍ନାବସ୍ଥାରେ ଅଛି ।

୧୫. **ସାତେଫାଲ** -ଦାରବା ତହସିଲରେ ଥିବା ସାତେଫାଲ ଗ୍ରାମରେ କୋୟାପିଲା ଈଶ୍ୱରଙ୍କ ମନ୍ଦିର ଅଛି । ଏହାକୁ କୋଇପିଲେଶ୍ୱର କୁହାଯାଏ । ଏଇ ହେମାଣ୍ଡରୀ ପେନଠିୟାକୁ ବିଶାଳ ପ୍ରସ୍ତରଖଣ୍ଡ ଦ୍ୱାରା କରାଯାଇଥିବା କାରଣରୁ ଏହାକୁ ମଧ୍ୟ ରାକ୍ଷସ ମାନଙ୍କ ଦ୍ୱାରା ବୋଲି ବିଶ୍ୱାସ କରାଯାଏ ।

୧୬. **ତାପୋନା** - ଦାରବା ତହସିଲରେ ତାପୋନୋ ନାମକ ଗ୍ରାମ ଅଛି । ଏଠାରେ ସଂଭୁମହାଦେବଙ୍କ ହେମାଣ୍ଡରୀ ପେନଠିୟା ଅଛି । ଏହି ମନ୍ଦିର ମଧ୍ୟ ପ୍ରସ୍ତଖଣ୍ଡଦ୍ୱାରା ନିର୍ମିତ ହୋଇଥିବାରୁ ଏହାକୁ ରାକ୍ଷସମାନେ ନିର୍ମାଣ କରିଛନ୍ତି ବୋଲି ବିଶ୍ୱାସ କରାଯାଏ । ଏକଥା ସର୍ବଜନ ବିଜିତ ଯେ ସଂଭୁ ମହାଦେବ ଭୂତ,ପ୍ରେତ,ପିଶାଚ ରାକ୍ଷସ ମାନଙ୍କର ରାଜାଥିଲେ । ଏବଂ ତାଙ୍କର ଉଦ୍ଦେଶ୍ୟରେ ନିର୍ମିତ ପେନଠିୟାକୁ ରାକ୍ଷସ ମାନଙ୍କ ଦ୍ୱାରା ବୋଲି ମାନି ନେବା କିଛି ଆଶ୍ଚର୍ଯ୍ୟ ଜନକ କଥାନୁହେଁ । କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଣ୍ଡଜୀବ ପାଞ୍ଚଖଣ୍ଡ ପୃଥ୍ୱୀର ରାଜା ସଂଭୁମହାଦେବଙ୍କ ଉପାସକ ଥିଲେ ଓ ଏଣୁ ନିଜର ପୂର୍ବ ପୁରୁଷଙ୍କ ନାମରେ ନିର୍ମିତ ପେନଠିୟାକୁ ରାକ୍ଷସ ମାନଙ୍କ ଦ୍ୱାରା ନିର୍ମିତ କହିବା ପୁରାପୁରୀ ଯୁକ୍ତିସଂଗତ ।

୧୭. **ଯବତମାଲ** - ଯବତମାଲ ନଗର ଜିଲ୍ଲାର ସଦରମହକୁମା । ଏହାର ପ୍ରାଚୀନ ନାମ ଯେବତା ମାଡ଼ା ଥିଲା । ଯେବତା ମାବାର ଅର୍ଥ ଯେବତା ଗୋତ୍ରୀୟ ଗୋଁଡ଼ରାଜା ଙ୍କ ମହଲ । ଯବତମାଲ ନଗରରେ ଏକ ପ୍ରାଚୀନ ଦୁର୍ଗ ଥିଲା ଏବେ ତାହା ନଷ୍ଟ ହୋଇ ସାରିଛି ।

## ଅକୋଲା ଜିଲ୍ଲା

ଅକୋଲା ଜିଲ୍ଲାର ସଦରମହକୁମା ଅକୋଲା ସହରରେ ଅଛି । ଏ ଜିଲ୍ଲାର ଉତ୍ତର ସୀମାରେ ସତପୁଡ଼ା ପାର୍ବତ୍ୟ ଶୃଙ୍ଖଳାର ମେଲଘାଟ ଅଂଚଳ ଓ ଦକ୍ଷିଣରେ ଅଜଂତା (ଆଭତବଂଟା) ପର୍ବତ ଶୃଙ୍ଖଳା ଅଛି । ମେଲଘାଟ ପାର୍ବତ୍ୟ ଶୃଙ୍ଖଳାରେ ନରନଲା (ନରୁନଡ଼ା),ଜାଫରାବାଦ,ତେଲୀୟାଘାଟ ଆଦି ପ୍ରାଚୀନ ଦୁର୍ଗ ଅଛି । ସେମାନଙ୍କ ମଧ୍ୟରୁ ନରନାଲା କିଲା ଚାନ୍ଦାଗଢ ର ଗୋଁଡ଼ରାଜା ନିର୍ମାଣ କରାଇଥିଲେ । ଏଇ ଦୁର୍ଗ ଏସିଆ ଖଣ୍ଡର ସବୁଠାରୁ ବଡଦୁର୍ଗ ଥିଲା । ଏହା କଳାପଥରେ ନିର୍ମାଣ କରାଯାଇଥିଲା । ଏହି ଜିଲ୍ଲାରେ ପୂରାନା (ପୂର୍ଣ୍ଣ) ଓ ପେନଗଙ୍ଗା ଦୁଇଟି ପ୍ରମୁଖ ନଦୀ । ପୂରାନା ନଦୀ ଅମରାବତୀ ଜିଲ୍ଲାର ଗାବିଲଗଢ ପର୍ବତରୁ ଉଦଗମ ହୋଇ ଅକୋଲା ଜିଲ୍ଲାର ଉତ୍ତର ସୀମାରେ ପେନଘାଟ ସମତଳ ଅଂଚଳରେ ପ୍ରବାହିତ ହେଉଛି । ପେନଗଙ୍ଗା ନଦୀ ବୁଢ଼ାଲ ଢ଼ାନା (ବୁଲଢ଼ାନା) ଜିଲ୍ଲା ଦେଉଲଘାଟ (ପେଣ୍ଡେରମେଙ୍ଗେ)ରୁ ଉଦଗମିତ ହୋଇ ଅକୋଲା ଜିଲ୍ଲାରେ ପ୍ରବାହିତ ହେଉଛି । ଦେଉଲଘାଟକୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଲୋକେ ପେଣ୍ଡୁରମେଙ୍ଗା କହନ୍ତି, ଯୋଉଠାରୁ ପେନଗଙ୍ଗା ଉଦଗମିତ ହେଇଛି ।

ଅକୋଲାର ପ୍ରାଚୀନ ନାମ "ଅକୋଡ଼ାନାର" (ନାନଜୀଙ୍କ ଗ୍ରାମ) ଥିଲା । ଯାହାକୁ ଗୋଁଡ଼ୀୟ ଅକୋଡ଼ାକୋଟ କୁହାଯାଉଥିଲା । ଗୋଁଡ଼ୀ ପୁନେମ ଗାଥା ଅନୁସାରେ ଏହି ଅକୋଡ଼ାକୋଟର ଝିଅ ସୋନାଦାଇ ଥିଲା । ଯାହାଙ୍କର ବିବାହ ତାଦୋବାକୋଟ (ତାଡ଼ୋବା)ର ଯାଦରାହୁଡ଼ରାହୁଡ଼ଙ୍କ ସହ ହୋଇଥିଲା । ଏହାଙ୍କ ପରିବାରରେ ସଗାଦେବତାଙ୍କ ମାତା କଲୀକଙ୍କାଲୀ ଙ୍କର ଜନ୍ମ ହୋଇଥିଲା । ଏହି ଜିଲ୍ଲାର ପେନଗଙ୍ଗର ସ୍ରୋତରେ ଗୋଁଡ଼ୀପୁନେମ ମୁଠବା (ଗୋଁଡ଼ଧର୍ମ ଦର୍ଶନର ଧର୍ମଗୁରୁ) ରୂପୋଲଂଗ ପହାନ୍ଦୀ ପାରୀ କୁପାର ଲିଂଗୋ ସୁନମୁନ ଦ୍ୱୀପ ଭ୍ରମଣ

କରିବା ବେଳେ ଭାସି ଯାଇଥିଲେ । ତାଙ୍କୁ ସଂଭୁମହାଦେବ ଓ ଗବରାଦାଇ ପହାଂଦି ଫୁଲ ସହାୟତାର ପୂନର୍ବାର ଜୀବନ ଦାନ ଦେଇଥିଲେ । ଅକୋଲା ଜିଲ୍ଲାର ପାହାଡ଼ ପର୍ବତ ନଦୀନାଳ ଓ ସମତଳ ଅଂଚଳରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଅନାଦିକାଳରୁ ନିକଟ ସମ୍ପର୍କ ରହିଆସିଛି ।

ପେନଗଙ୍ଗା,ପୁରାନା (ପୂର୍ଣ୍ଣା) ଉମା,ପୁସ ଆଦିନଦୀ ମାନଙ୍କ କୂଳରେ ଅନେକ ସ୍ଥାନରେ ପ୍ରତ୍ନତତ୍ତ୍ୱବିଦ ମାନଙ୍କୁ ପ୍ରାଚୀନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ଓ ଅନ୍ୟ ଦ୍ରବ୍ୟ ମିଳିଛି । ଯାହା ଏକଥାକୁ ପ୍ରମାଣିତ କରୁଛି ଯେ ଦେଉଳଘାଟ (ପେଁଡୁରଘାଟ) ପେନଘାଟ (ଦେବଘାଟ) ଓ ବଡ଼ାଘାଟ ଅଂଚଳରେ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବାସସ୍ଥାନ ରହିଆସିଥିଲା । ଏ ଅଂଚଳରେ ନାଗ (ବୃତ୍ତ ବା କୁଣ୍ଡଳୀ), ସିରୀମଟବାନ (ମିଠୁ ବା ଶୁଆ) ବର୍କାଟକ (ଉଦବିଲାବ - ଶାଳିଆପତନୀ) ଚଉଲ ବା ଚୋଛ (ଲୋମଡ଼ୀ-କୋକିଶିଆଳୀ) ଯାଦବ (ଗାୟ-ଗାଇ) କନୀରକାଲ (କୁକୁଡ଼ା -କୁକୁଡ଼ୀ) ଶକରାଲ (ଗରୁଡ଼) ଚନ୍ଦିଆଲ (ଖରଗୋସ - ଠେକୁଆ) ପୋନାର (ହରିୟଲ) ଆଦି ଗୋଁଡ଼ ଚିହ୍ନଧାରୀ ଗୋଁଡ଼ ସଂପ୍ରଦାୟର ରାଜା ମହାରାଜଙ୍କ ଶାସନ ଚାଲୁଥିଲା । ଏହାଙ୍କ ପରେ ମୋଗଲ ଓ ମରହଟ୍ଟା ମାନଙ୍କ ଶାସନ ଚାଲିଲା ।

୧. **ଅକୋଲା** - ଏହାର ପ୍ରାଚୀନ ନାମ ଅକୋଡ଼ା କୋଟଥିଲା । ଏଠାରେ ପ୍ରାଚୀନ କାଳରେ ଘୋର ଜଙ୍ଗଲ ଥିଲା । ଏଠାରେ ସଂଭୁ ମାଦାବଙ୍କ ଅତି ପ୍ରାଚୀନ ମନ୍ଦିର ଅଛି । ଏଇ ସଂଭୁ ମାଦାବ ବା ମହାଦେବଙ୍କ ଉପାସକ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ସଗା ଦେବତାଙ୍କର ଜନ୍ମଦାୟିନୀ ମା କଲୀକଙ୍କାଲୀ ଅକୋବା ଅକୋଡ଼ା କୋଟର ଅଧିବାସୀ ଥିଲେ । ଏଇ ଅକୋଡ଼ା କୋଟକୁ କାଳକ୍ରମେ ଅକୋଲା କୁହାଯାଉଛି ।

୨. **ଆକୋଟ** - ଅକୋଲା ଜିଲ୍ଲାର ଆକୋଟ ଗ୍ରାମରେ ଏକ ପୁରୁଣା ଦୁର୍ଗ ଥିଲା ଯାର ଅବଶେଷ ମଧ୍ୟ ନଷ୍ଟ ହୋଇ ଯାଇଛି । ମୋଗଲ ଓ ମରହଟ୍ଟାଙ୍କ ଯୋଗୁଁ ଏଠାରୁ ଗୋଁଡ଼ ମାନଙ୍କର ଶାସନ ସମାପ୍ତ ହୋଇଥିଲା ।

୩. **ବାରସୀଟାକଲୀ** - ବାରସୀଟାକଲୀରେ ଗୋଁଡ଼ ରାଜାମାନଙ୍କର ଏକ ଗଢଥିଲା । ମୋଗଲଙ୍କ ଆକ୍ରମଣ ଯୋଗୁଁ ଏଠାରୁ ସେମାନଙ୍କ ଶାସନ ଚାଲିଗଲା ଏଠାରେ ଦୁଇଟି ହେମାଣ୍ଡରୀପେନଠିୟା ଅଛି । ଗୋଟିଏ ସଂଭୁମହାଦେବଙ୍କର ଅନ୍ୟଟି ଗବରା ଦାଈ (ଶକ୍ତିମାତା) ଙ୍କର ।

୪. **ନରନାଲା** - ଅକୋଲା ଜିଲ୍ଲାର ଆକୋଟ ତହସିଲର ସତପୁଡ଼ାର ମେଲଘାଟ ପାର୍ବତ୍ୟ ଶୃଙ୍ଖଳାର ନରନାଲା ନାମକ ଏକ ପ୍ରାଚୀନ ଦୁର୍ଗ ଥିଲା । ଏହାର ପୁରୁଣାନାମ ନରୁତରା ଥିଲା ଯା'ର ଅର୍ଥ ନଅଟି ଗ୍ରାମକୁ ନେଇ ନିର୍ମିତ ହୋଇଥିବା ଦୁର୍ଗ । ନରୁତରାକୁ ଅନୁସରଣ କରି ନରନାଲା କୁହାଯାଉଛି । କେତେକ ଏହାକୁ ସହାପୁର ଦୁର୍ଗ ମଧ୍ୟ କହନ୍ତି । ଏ ଦୁର୍ଗ ସମୁଦ୍ର ପତ୍ତନରୁ ପ୍ରାୟ ୩୦୦୦ ଫୁଟ ଉଚ୍ଚତାରେ ଅଛି । ଏହା ଆକୋଟରୁ ୨୦ କି.ମି. ଦୂର । ସେଠାକୁ ଯିବାକୁ ହେଲେ ଶାହନୂର ବୋର୍ଡ଼ିରୁ ଚଢିବା ଆରମ୍ଭ ହୋଇଛି ; ପ୍ରାୟ ଏକଘଣ୍ଟା ଚଢ଼ିବାପରେ ଦୁର୍ଗରେ ପହଞ୍ଚି ହୁଏ । ଆନୁମାନିକ ଅଧାରାସ୍ତା ପାର କଲେ ପ୍ରଥମ ସମତଲ ଭୂମି ଓ ଏହାକୁ ପାରିକରିଗଲେ ଦ୍ୱିତୀୟ ସମତଳ ଭୂମି ପଡ଼େ । ଦ୍ୱିତୀୟ ସମତଳଭୂମୀର ରାସ୍ତାର ବାମପାଖରେ ଏକ ସତୀସ୍ତମ୍ଭ ଅଛି । ଯାର ଆଶିର୍ବାଦ ମୁଦ୍ରାରେ ହାତ ଉପରକୁ ଉଠିଥିବା ଓ ଏହାର ଉଭୟ ପାର୍ଶ୍ୱରେ ଅର୍ଦ୍ଧଚନ୍ଦ୍ର ଓ ସୂର୍ଯ୍ୟଙ୍କ ଚିହ୍ନ ଖୋଦିତ ହୋଇଛି, ଠିକ୍ ଏମିତି ଚିହ୍ନ ଚାନ୍ଦାଗଢ, ଲାଂଜୀଗଢ, ଭୋରମଦେବଗଢ, ବାରସୂରଗଢ, ଅମରକଣ୍ଟକ ଓ ଗଢମଣ୍ଡଳାର ଦୁର୍ଗମାନଙ୍କରେ ଖୋଦିତ ହୋଇଛି । ଏହି ଦୁଇପଡ଼ିଆକୁ ଚୁଡୁରଫଡ଼ା (ଛୋଟ ବଡ଼) ସତୀମୟାଣ କହନ୍ତି । ସତୀମୟାଣର ଅର୍ଥ ଶ୍ମଶାନଘାଟ । ସେଠାରୁ ତଳ ପାଚେରୀ ଯାହା କଳା ପଥରରେ ନିର୍ମିତ ହୋଇଛି ଦେଖାଯାଏ । ୩ ଚତୁର୍ଥାଂଶ ବାଟ ଉଠିବାପରେ ପ୍ରଥମ ପ୍ରବେଶ ଦ୍ୱାର ଆସେ । ପାଖାପାଖି ତିରଶଫୁଟ ଉଚ୍ଚତାର ପଥର ର ପ୍ରାଚୀର ଉପରେ ଏକ କମାନୀ ଦ୍ୱାର ଅଛି । ଯା ଉପରେ ସିଂହ ଓ ହାତୀ ଚିହ୍ନ ଖୋଦିତ ହୋଇଛି । ଏହା ଏଠାକାର ରାଜାଙ୍କର ରାଜଚିହ୍ନ ହୋଇଥିଲା । ଏହାକୁ ଛାଡ଼ି ଆଉ ଦୁଇଟି ପ୍ରବେଶ ଦ୍ୱାର ଦେଇ ଆଗକୁ ଯିବାକୁ ହୁଏ । ଦୁଇ ପ୍ରବେଶ ଦ୍ୱାର ମଝିରେ ଶାହାବଲୀଙ୍କ ସମାଧୀ ଅଛି । ସର୍ବଶେଷ ଦ୍ୱାରା ପାରିହେଲେ ରାଜଙ୍କ କଚେରୀ ଦେଖାଯାଏ । ଏହାପରେ ନୟଗଢ଼ ବା (କୁକୁର ମଠ) ପଡ଼େ । ଏଠାରେ କୁକୁର କାମୁଡ଼ି ଥିବା

ଲୋକର ଚିକିତ୍ସା କରାଯାଏ । ଏହାପାଖରେ ଏକ ସକ୍‌କର ପୋଖରୀ ଅଛି । ଏଠାରେ ସଂଭୁମହାଦେବ ଲିଂଗ ସ୍ଥାପିତ ହୋଇଛି । ଆର ପାଖରେ ୪ଟି କୁଣ୍ଡ ଅଛି । ଏହା ଚାନ୍ଦାଗଢର ଆତ୍ରାମ ଗୋତ୍ରୀୟ ରାଜାମାନଙ୍କର ୪ ଦେବ୍‌ର ଚିହ୍ନ ଅଛି ।

ଏଇ ଦୁର୍ଗର ପ୍ରାଚୀର ପ୍ରାୟ ୩୯୨ ମାଇଲ ପରିଧି ଉପରେ ନିର୍ମିତ ହୋଇଛି । ପାଚେରୀ ଭିତରେ ୨୨ଟି ପୋଖରୀ, ୨୨ଟି ଦ୍ୱାର ଓ ୩୭୦ଟି ବୁରୁଜ ଥିଲା । ଏହାର ନିର୍ମାଣ ଚାନ୍ଦାଗଢର ଗୋଁଡ଼ ରାଜା ଦିନକର ସାହ ଦ୍ୱାଦଶ ଶତାବ୍ଦୀ କାଳରେ କରିଥିଲେ । ଖ୍ରୀଷ୍ଟିୟ ୧୪୨୫ ଏହା ଉପରେ ଅହମଦ ଶାହ ନିଜର ଆଧିପତ୍ୟ ବିସ୍ତାର କଲେ ଓ ଏହାର ଭଗ୍ନଅବଶେଷର ମରାମତି କରାଇଲେ । ପ୍ରଥମେ ସେ ଗାବିଲ ଗଡକୁ ନିଜ କବ୍ଜାକୁ ନେଲେ ଓ ପରେ ଏଇ ଦୁର୍ଗକୁ ଆକ୍ରମଣ କରି କବ୍ଜା କଲେ । ଏଠାରେ ନଗାରକାନା,ଜନାନ ଖାନା,ତୋପଖାନା ଆଦିର ଭଗ୍ନାବଶେଷ ଏବେମଧ୍ୟ ଅଛି । କଚେରୀର ଦକ୍ଷିଣକୁ ଏକ ସୁଡ଼ଙ୍ଗ ଅଛି, ଯାହା ଗାବିଲ ଗଢ ପର୍ଯ୍ୟନ୍ତ ଯାଇଛି ବୋଲି ଲୋକମାନେ ବିଶ୍ୱାସ କରନ୍ତି । ଏବେ ଶାହନୂର ,ଆକୋଟ,ଦିଲ୍ଲୀ ଓ ମହାକାଳୀକ ଦ୍ୱାର ସୁରକ୍ଷିତ ଅବସ୍ଥାରେ ଅଛି । ଏ ଅଂଚଳରେ ଜଲାରାବାଦ,ନରତାଲା ଓ ତୌଲିୟଘାଟ ଏମିତି ତୋନୋଟି ଗଢ ଅଛି । ଦୁର୍ଗର ମୁଖ୍ୟ ପ୍ରବେଶ ଦ୍ୱାରରେ ହାତୀ ଉପରେ ସିଂହର ଚିତ୍ର ଅଙ୍କିତ ହୋଇଛି । ଏହା ଗୋଁଡ଼ୱାନାର ଗୋଁଡ଼ ରାଜାମାନଙ୍କର ଚିହ୍ନ ।

୫. **ପାତୁର** – କଲାପୁର ତହସିଲରେ ଥିବା ପାତୁର ର ଏକ ପାହାଡ଼ ଉପରେ ପ୍ରାଚୀନ ଗୁମ୍ଫା ଅଛି । ଏଇ ଗୁମ୍ଫାରେ ସଂଭୁମହାଦେବ ଗବରାଦାଇଙ୍କ ଲିଂଗ ଓ ଶକ୍ତି ସ୍ଥାପିତ ହୋଇଛି । ଏଠାରେ ମଧ୍ୟ ସଂଭୁମହାଦେବଙ୍କ ଅନୁଚର ମାନଙ୍କ ନିବାସ ଥିଲା ପ୍ରମାଣିତ ହୋଇଯାଏ ।

୬. **ପିଂଜାର** – ଅକୋଲାର ଦକ୍ଷିଣ ପୂର୍ବରେ ୩୫ କି.ମି. ଗଲେ ପିଂଜାର ଗ୍ରାମର ପାହାଡ଼ ଉପରେ କୋୟାପିଲେଶ୍ୱର ନାମକ ସଂଭୁ ମହାଦେବଙ୍କର ମନ୍ଦିର ଅଛି । ପାଖରେ ଏକ ଚତୁଷ୍କୋଣି ଚଉତରା ଅଛି । ସଂଭୁ ମହାଦେବଙ୍କ ମନ୍ଦିର ପ୍ରସ୍ତଖଣ୍ଡ କାଟି ନିର୍ମାଣ କରାଯାଇଛି । ଯାହା ହେମାଣ୍ଡରୀ ପେନଠିୟା ଅଟେ ।

ଏହାକୁ ମଧ୍ୟ ପ୍ରାଚୀନ କାଳର ରାକ୍ଷସମାନେ ତିଆରି କରିଛନ୍ତି ବୋଲି ଲୋକମାନେ ବିଶ୍ୱାସ କରନ୍ତି ।

## ଅମରାବତୀ ଜିଲ୍ଲା

ଅମରାବତୀ ଜିଲ୍ଲାର ସଦର ମହକୁମା ସହର । ଏଠାରେ ଅମ୍ୟାଡ଼ା ଦେବୀଙ୍କ ଆସ୍ଥାନ ଅଛି । ଏଇ ଅମ୍ୟଡ଼ା ଦେବୀଙ୍କ ନାମାନୁସାରେ ଏହାକୁ ଅମ୍ୟରାବତୀ କୁହାଯାଏ । ବର୍ତ୍ତମାନ ଏହାକୁ ଉମରାବତୀ ବା ଅମରାବତୀ କୁହାଯାଉଛି । ଏ ଜିଲ୍ଲା ପେନଘାଟ (ଦେବଘାଟ) ସମତଳ ଅଂଚଳ ଓ ମେଲଘାଟ ପାର୍ବତ୍ୟ ଶୃଙ୍ଖଳା ଯାଏଁ ବ୍ୟାପିଛି । ଉତ୍ତର ସୀମାରେ ତାପି,ପୂର୍ବରେ ବରୁଦାଉ ମଝିରେ ପୂରାନା (ପୂର୍ଣ୍ଣ) ନଦୀ ପ୍ରବାହିତ ହୋଇଛି । ପୁରାନା,ବରୁଦାଉ (ବର୍ଦ୍ଧା) ଓ ତାପି ନଦୀ କୂଳରେ ଓ ମେଲଘାଟ ଅଂଚଳରେ ଅନାଦୀକାଳରୁ କୋୟା ବଂଶୀୟ ଗୋଁଣ୍ଡ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କ ବାସସ୍ଥାନ ଥିଲା । ପେନକମେଢ଼ୀ (ପେଞ୍ଚମେଢ଼ୀ) କୋଟର ପାଞ୍ଚଖଣ୍ଡ ପୃଥ୍ୱୀର ରାଜା ପ୍ରଥମ ସଂଭୁକୋସୋଡୁମଙ୍କ ପତ୍ନୀ ମେଲକୋଟ (ମେଲାଘାଟ)ରେ ଗୋଁଡ଼ ମୁଖିୟାଙ୍କ କନ୍ୟା ମୂଳାଦାଈ ଥିଲେ । ମୂଳାଦାଈଙ୍କ ସ୍ନାନକୁଣ୍ଡ (ପୁରାନାଝିରିୟା)ରୁ ପୁରାନା ବା ପୂର୍ଣ୍ଣ ନଦୀର ଉଦଗମ ହୋଇଛି । ଏହିପରି ଦାଉଡ଼ା ଢ଼ାନାରୁ ବରୁଦାଉ (ବର୍ଦ୍ଧା) ନଦୀ ଉଦଗମ ହୋଇଛି । ତାପି,ପୁରାନା ଓ ବର୍ଦ୍ଧା ନଦୀ ସହ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଧାର୍ମିକ ଓ ସ୍କୃତିକ ଆଧାର ସହ ଘନିଷ୍ଠ ସଂପର୍କ ଅଛି । ବରୁଦାଉ ବା ବର୍ଦ୍ଧା ନଦୀକୂଳରେ ଗୋଁଡ଼ୀନାପୁର (କୋଣ୍ଡିନାପୁର) ଗୋଁଡ଼ ମାନଙ୍କର ପ୍ରାଚୀନ ସ୍ଥାନ । ଗୋଁଡ଼ୀନାପୁର,ସାଲବେଢ଼ୀ, ଚାଂଗଦେବ,ମାନେଗାଁଓ ଓ ଝରଖେଡ଼, କରଣଖେଡ଼,କୁରଲ,ତୁଳଜାପୁର,ଦେଉରବାଡ଼ା, ନିଂଭୋର, ବରୁଡ଼, ମାଂଜାରଖେଡ଼, ମୋରସୀ, ବାଲଗାଁଓ, ସୀରୂର ଆଦି ସ୍ଥାନରୁ ପ୍ରତ୍ନତତ୍ତ୍ୱବିଦ ମାନଙ୍କୁ ପୁରାଶ୍ମ ଯୁଗର,ପ୍ରସ୍ତର ଯୁଗର ମଧ୍ୟ ପ୍ରସ୍ତର ଯୁଗର ତଥା ତାମ୍ର ଯୁଗର ପ୍ରତ୍ନତାତ୍ତ୍ୱିକ ଅବଶେଷ ବହୁଳ ପରିମାଣରେ ମିଳିଛି, ଯାହା ପ୍ରମାଣ କରେ ଯେ ଏ ଅଂଚଳରେ

ଅନାଦିକାଳରୁ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ବାସସ୍ଥାନ ରହି ଆସିଥିଲା । ଏହାକୁ ହିଁ ଗୋଁଡ଼ୀନାଂଗ ଭିଡ଼ାର ବା ଗୋଁଡ଼ ମାନଙ୍କର ମୂଳନିବାସ ସ୍ଥଳ କୁହାଯାଏ ।

ଭିଡ଼ାର ବା ବିଡ଼ାର ଶବ୍ଦରୁ ପ୍ରାକୃତ ମରାଠୀରେ ଏହାର ରୂପ ବିରାଡ଼ ବା ବରାଡ଼ ହେବ । ବାହମନୀ,ମୋଗଲ,ମରହଟ୍ଟା ଓ ଇଂରେଜ ଶାସନକାଳରେ ଏଇ ଅଂଚଳକୁ, ବିଦାର ବରାର,ବରାଡ଼ ଓ ବେରାର କୁହାଗଲା । ଏଇ ବରାଡ଼ ବା ବେରାର ର ସଂବନ୍ଧ ଆର୍ଯ୍ୟ ଐତିହାସିକ ମାନେ ସେମାନଙ୍କ ପୌରାଣିକ କାବ୍ୟ ମହାଭାରତ କାଳୀନ ବିଦର୍ଭ ସହ ଯୋଡ଼ିବାକୁ ଚେଷ୍ଟାକଲେ । ଏଥି ନିମନ୍ତେ ଗୋଁଡ଼ୀନାପୁର (କାଂଡ଼ୀନାପର)କୁ ମହାଭାରତ ସମୟର କୋଁଣ୍ଡୟପୁର ବା କୁଣ୍ଡିନପୁର କହିବାକୁ ଆରମ୍ଭ କଲେ । ମହାଭାରତ କାବ୍ୟରେ ବିଦର୍ଭକୁ ବିନ୍ଧ୍ୟ ପାଦଦେଶର ପ୍ରଦେଶ କୁହାଯାଇଛି । ତାକୁ ସତପୁଡ଼ା ପାଦଦେଶର ବୋଲି କୁହାଯାଇ ନାହିଁ । ବିଦର୍ଭରେ ପ୍ରବାହିତ ପୟୋଷ୍ଣୀ ନଦୀ ବିନ୍ଧ୍ୟ ପର୍ବତରୁ ଉଦଗମ ହୋଇ ପ୍ରବାହିତ ହୋଇଛି କିନ୍ତୁ ସତପୁଡ଼ା ନୁହେଁ । କିନ୍ତୁ ନିଜକଥାକୁ ପ୍ରମାଣିତ କରିବାକୁ ମେରଘାଟ ପର୍ବତ ଶୃଙ୍ଖଳାରୁ ଉଦଗମ ହୋଇଥିବା ପୁରାନା (ପୂର୍ଣ୍ଣ) ନଦୀକୁ ପୟୋଷ୍ଣୀ ନଦୀ ଓ ସତପୁଡ଼ାକୁ ବିନ୍ଧ୍ୟର ପୁତ୍ର ଓ ଗୋଁଡ଼ୀ ନାଂଗଭୀଡ଼ାରକୁ ବିଦର୍ଭ ଘୋଷିତ କରାଯାଇଛି । କିନ୍ତୁ ପ୍ରକୃତ କଥାହେଲା ପେନ୍‌କମେଢ଼ୀ (ପେଁଚମେଢ଼ୀ)ରେ ପଞ୍ଚଖଣ୍ଡ ପୃଥ୍ୱୀର ରାଜା ସଂଭୁମହାଦେବଙ୍କ ଶାସନର କେନ୍ଦ୍ର ଥିଲା । ଓ ପେନକମେଢ଼ୀର ସମତଳ ଅଂଚଳକୁ ପେନଘାଟ କୁହାଗଲା । ଏହି ପେନଘାଟ ସମତଳ ଅଂଚଳର ଅମରାବତୀ ନଗରୀ ଅବସ୍ଥିତ । ପେନଘାଟକୁ ପୟେନଘାଟ,ପେଣ୍ଡୁରମେଟ୍ଟାକୁ ଦେଉଲଘାଟ,ପେନକମେଢ଼ୀକୁ ପେଂଚମେଢ଼ୀ, ସତପୁଡ଼ାକୁ ଋକ୍ଷପର୍ବତ, ବରଦାଉ ଢ଼ୋଡ଼ାକୁ ବର୍ଦ୍ଧାନଦୀ,ପୂରାନା ଢ଼ୋଡ଼ାକୁ ପୂର୍ଣ୍ଣା ବା ପୟୋଷ୍ଣୀ ନଦୀ, ପେନଗଙ୍ଗାକୁ ପଇନଗଙ୍ଗା, ଚିଖଲାଦାରେକୁ କିଚକଧାରା,ଗୋଁଣ୍ଡୀନାପୁରକୁ କୋଂଡ଼ୀନାପୁର ବା କୋଣ୍ଡୟପୁର, ପେନଢ଼ୋଡ଼ାକୁ ପେଁଚନଦୀ କନାଣ୍ଡଢ଼ୋଡ଼ାକୁ କନହାନ ନଦୀ, ବେନଗଙ୍ଗାକୁ ବଇନଗଙ୍ଗା, ବେନଢ଼ୋଡ଼ାକୁ ବୁନାନଦୀ, ଭୀଡ଼ାରକୁ ବିଦର୍ଭ, ଚାନ୍ଦାଗଢ଼କୁ ଚନ୍ଦ୍ରପୁର,ଗୋଁଦୁର ମେଟ୍ଟାକ ରାମଟେକ, ନଂଗେରଧନକୁ ନଂଦୀ ବର୍ଦ୍ଧନ କହି କୋୟାବଂଶୀୟ ଗୋଁଡ଼

ସଂପ୍ରଦାୟର ଗୋଁଡ଼ଜୀବ ମାନଙ୍କର ପ୍ରାଚୀନ ଗୋଁଡ଼ୀନାଂଗଭୀଡ଼ାର ର ସ୍ଥିତି ନିଷ୍କକରିବାର ଯୋଜନା କରା ଯାଇଛି ।

ମହାଭାରତରେ ବନପର୍ବରେ ବର୍ଣ୍ଣନା କ୍ରମେ ବିଦର୍ଭ ଯଦି ବିନ୍ଧ୍ୟ ପ୍ରଦେଶର ପୃଷ୍ଟବର୍ତ୍ତୀ ପ୍ରଦେଶଥିଲା ତେବେ ବର୍ତ୍ତମାନ ସତପୁଡ଼ାର ପୃଷ୍ଟବର୍ତ୍ତୀ ବିଦର୍ଭ ହୋଇପାରିବନାହିଁ । ଏକଥା ସତ୍ୟ ଯେ ଏହା କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ଗୋଁଡ଼ ଜୀବଙ୍କର ଗୋଁଡ଼ୀନାଂଗ ଭିଡ଼ାର ପ୍ରଦେଶ ଥିଲା । ଯେଉଁଠି ଅନାଦୀକାଳରୁ ଏମାନଙ୍କର ବାସସ୍ଥାନ ରହି ଆସିଛି । ସମ୍ରାଟ ଅଶୋକଙ୍କ ସମୟରେ ମଧ୍ଭାରତରେ ଯେଉଁ ଅଠରଟି ଗୋଁଡ଼ ରାଜ୍ୟ ଥରଲା ଏମାନଙ୍କ ଉପରେ ତାଙ୍କର ପ୍ରତ୍ୟକ୍ଷ ପ୍ରଭୃତ୍ୟ ନଥିଲା । ଏହି ଅଂଚଳରେ ପେନମେଢ଼ୀ କୋଟର ନାଗ (ବୃତ୍ତ),କୋରକ (ମୃର୍ଗି କୁକୁଡ଼ା), ସୀରୀସତବା (ମିଠୁ) ବର୍କାଟକ (ଉଦବିଲାବ ଶାଳିଆପତନୀ) କାନିଷ୍କାଲ (ମାଇ କୁକୁଡ଼ା) ଶକରାଲ (ଗରୁଡ଼) ଯାଦ (ଗାଈ) କୋଂଦାଲୀର (ବୃଷଭ) ଆଦି ଗୋଁଡ଼ଚିହ୍ନ ଧାରୀ ରାଜା ମହାରାଜାଙ୍କ ଶାସନ ଚାଲୁଥିଲା । ଏହି ଅଂଚଳରେ ପଞ୍ଚସ୍ତମ୍ଭା ଆଧାରିତ ହେମାଣ୍ଡରୀ ପେନଠିୟ (ମନ୍ଦିର) ଦେଖିବାକୁ ମିଳେ । ସେ ସବୁ ଗୋଁଡ଼ରାଜା ମାନଙ୍କର ଦ୍ୱାରା ନିର୍ମିତ ହୋଇଥିଲା । ଏଇ ମନ୍ଦିର ସବୁ ରାକ୍ଷସ ମାନଙ୍କ ଦ୍ୱାରା ନିର୍ମିତ ମନ୍ଦିର ବୋଲି କୁହାଯାଏ । କୋୟା ବଂଶୀୟ ଗୋଁଡ଼ ସଂପ୍ରଦାୟର କୁବାରାଭିମାଲ ପରନ, ଯାହାଙ୍କ ଆସ୍ଥାନ ଏ ଅଂଚଳର ପ୍ରତ୍ୟେକ ଗ୍ରାମରେ ମିଳେ । ସ୍ୱୟଂ ରାବେଣ (ନୀଲକଣ୍ଠ - ଭଦାଳିଆ) ଗୋଁଡ଼ ଚିହ୍ନଧାରୀ ଥିଲେ । ଏହାଙ୍କର ବଂଶଧର ଗଢମଣ୍ଡଲାର ୫୨ ଗଢ ଓ ୫୭ ପ୍ରଗଣାରେ ଶାସନ କରି ଥିଲେ । ରାବେଣ ଗୋଁଡ଼ଚିହ୍ନ ଧାରୀ ରାଜାମାନଙ୍କୁ ଆର୍ଯ୍ୟମାନେ ରାକ୍ଷସ କହି ଥିଲେ ଓ ଏମାନଙ୍କ ଦ୍ୱାରା ନିର୍ମିତ ହେମାଣ୍ଡରୀ ପେନଠିୟାକୁ ରାକ୍ଷସ ମାନଙ୍କ କୃତି କୁହାଗଲା ଯଦି ଏ କଥାସତ ତେବେ ଏକଥା ସତ ବୋଲି ମାନି ନିଆଯିବ ତେବେ ଏ ଅଂଚଳରେ ଆର୍ଯ୍ୟ ମାନଙ୍କର ପ୍ରାଚୀନତା ପ୍ରମାଣିତ ହୋଇ ପାରିବ ନାହିଁ । ଏଥିପାଇଁ ଏଇ ହେମାଣ୍ଡରୀ ପେନଠିୟାକୁ ଯାଦବ ମାନଙ୍କର କାଳ୍ପନିକ ମନ୍ତ୍ରୀ ହେମାଂଦ୍ରୀପନ୍ତଙ୍କ ସହ ଯୋଡ଼ିବାର ଅପଚେଷ୍ଟା କରାଯାଇଛି । କିନ୍ତୁ ସ୍ୱୟଂ ଯାଦବ ମାନେ ଗାଈ ଗୋଁଡ଼ଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ଜୀବ ଥିଲେ । ଯେଉଁ ମାନେ ଆର୍ଯ୍ୟମାନଙ୍କ ପ୍ରଭାବରେ ଆସି ସେମାନଙ୍କ ସଂସ୍କୃତି ବାହକ ହୋଇଗଲେ ।

୧. **ଅମ୍ବାଡ଼ା** - ମୋର୍ସି ତହସିଲରେ ଥିବା ଅମ୍ବାଡ଼ା ଏକ ପ୍ରାଚୀନ ଗ୍ରାମ । ଏଠାରେ ପାଞ୍ଚଖଣ୍ଡ ପୃଥ୍ୱୀର ରାଜା ସଂଭୁ ମହାଦେବଙ୍କ ଅର୍ଦ୍ଧାଙ୍ଗିନୀ ଅମ୍ବାଦାଇଙ୍କ ଆସ୍ଥାନ ଅଛି । ମୋଗଲ ଓ ମରହଟ୍ଟା ମାନଙ୍କ ଆସିବା କାରଣରୁ ଏଠାରୁ ଆଦି ଗୋଁଡ଼ଜୀବ ମାନଙ୍କୁ ବିସ୍ଥାପିତ ହେବାକୁ ପଡ଼ିଥିଲା ।

୨. **ଆମଲା** - ଚାନ୍ଦୁର ତହସିଲରେ ଥିବା ଏହି ଗ୍ରାମରେ ସଂଭୁମହାଦେବଙ୍କ ଏକ ପ୍ରାଚୀନ ମନ୍ଦିର ଅଛି । ଏଠାରେ ସଂଭୁଜାଗରଣ (ମହାଶିବରାତ୍ରୀ) ପର୍ବରେ ମେଳା ଅନୁଷ୍ଠିତ ହୁଏ ।

୩. **ଆମନେର** - ମେଲଘାଟ ତହସୀଲରେ ଥିବା ଏହା ଏକ ଗ୍ରାମ । ଏଟାରେ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ରହିଛି । ଏଇ ଗଢକୁ ଝିଲପୀ ଆମନେର ଗଢ କୁହାଯାଏ । ଆମନେର ର ଅର୍ଥ ମାତାଙ୍କ ଗାଁ, ଏଠାକାର ରାଜାଙ୍କ ନାମ ଖୁମାନ ସିଂହ ଥିଲା । ଏ ଅଂଚଳରେ ଅଧିବାସୀ ତଂଟ୍ୟାଭୀଲ ଥିଲେ ।

୪. **ଅମରାବତୀ** - ଏହାର ପ୍ରାଚୀନ ନାମ ଉମ୍ବରାବତୀ ଥିଲା । ଏହା ଉମାମାତାଙ୍କର ପ୍ରାଚୀନ ଆସ୍ଥାନ ଥିଲା । ଉମା ମାତାଙ୍କ ଆସ୍ଥାନ ହୋଇଥିବାରୁ ଏହାକୁ ଉମରାବତୀ କୁହାଯାଉଥିଲା । ଏବେ ଏହାକୁ ଅମରାବତୀ କୁହାଯାଉଛି । ଏହା ଏଇ ଜିଲ୍ଲାର ସଦରମହକୁମା । ଗୋଁଡ଼ୀ ଗୋଣ୍ଡ ଗାଥା ଅନୁସାରେ ପେନ୍‌କମେଢ଼ୀ କୋଟ (ପର୍ବତର) ଶେଷ ସଂଭୁ ମହାଦେବଙ୍କ ପତ୍ନୀ ଉମ୍ବାଦାଇ ଥିଲେ । ଯିଏ ଉମ୍ବରାବତୀ କୋଟର ଗୋଁଡ଼ ପ୍ରମୁଖଙ୍କ କନ୍ୟା ଥିଲେ । ଏହାଙ୍କ ଆସ୍ଥାନ ଅମରାବତୀରେ ଅଛି । ତାଙ୍କୁ ଏବେ ଅମ୍ବାଦେବୀ କୁହାଯାଉଛି ।

୫. **ବୈରାଗଢ** - ମେଲଘାଟ ତହସିଲରେ ଥିବା ଏଇ ଗ୍ରାମ ପ୍ରାଚୀନ ପ୍ରଗଣାର ମହକୁମା ଥିଲା । ଏଠାରେ ମୁଖ୍ୟ ରୂପରେ କୋରକୁ (ମାଈ କୁକୁଡ଼ା) ଗଣ୍ଡଚିହ୍ନ ଧାରୀ ଗୋଁଡ଼ଜୀବ ମାନଙ୍କର ବହୁଳତା ଅନାଦୀକାଳରୁ ଥିଲା । ଏହା ଧାରଣୀ ଠାରୁ ପ୍ରାୟ ୩୦ କି.ମି. ଦୂର ।

୬. **ବୈରମଘାଟ** - ଅଚଲପୁର ତହସିଲରେ ଥିବା ଏଇ ଗ୍ରାମରେ ଭୀମାଲପେନଙ୍କର ଏକ ପ୍ରାଚୀନ ଆସ୍ଥାନ ଥିଲା । ଏଠାରେ ଅକ୍ଟୋବର ମାସରେ ମେଳା ହୁଏ । ଏଠାରେ ଏକ ପ୍ରସ୍ତର ଚଟାଣ ନାମରେ ବଳୀ ଅର୍ପଣ କରାଯାଏ । ଏ ଅଂଚଳର କୋୟାବଂଶୀୟ ଗୋଁଡ଼ ଲୋକଙ୍କର ଏହା ଦେବତା ଅଟନ୍ତି ।

୭. **ବୈରାତ୍** - ମେଲଘାଟ ପାର୍ବତ୍ୟ ଶୃଙ୍ଖଳାରେ ବୈରାତ ସବୁଠାରୁ ଉଚ୍ଚତମ ଶୃଙ୍ଗ । ଏହା ଚିଖଲଦାରା ଠାରୁ ୧୦ କି.ମି. ଦୂରରେ ଅଛି । ଏହାର ଶିଖରରେ ସଂଭୁ ମହାଦେବଙ୍କ ପ୍ରାଚୀନ ମନ୍ଦିର ଅଛି । ଏହାଙ୍କୁ ବୈରାଦେଶ୍ୱର ନାମରେ ପୂଜା କରାଯାଏ । ଚିଖଲଦରା ଠାରେ ଚିଖଲା ମାତାଙ୍କ ଆସ୍ଥାନ ଅଛି । ସେ ଏ ଅଂଚଳରେ ବସବାସ କରୁଥିବା କୋୟାବଂଶୀୟ ଗୋଁଡ଼ଜୀବଙ୍କ ଆରାଧ ଦେବତା ଅଟନ୍ତି ।

୮. **ଭୀଲଟେକ** - ଚାନ୍ଦୁର ତହସିଲରେ ଥିବା ଭୀଲଟେକ ଏକ ପୁରୁଣା ଜାଗା । ଏଠାରେ ଭୀଲନାଗଙ୍କ ଏକ ଚଉତରା ଅଛି । ଏଠାରେ ମେଳା ବସେ । ଏହା ପୌଷ ମାସରେ ଅନୁଷ୍ଠିତ ହୁଏ ; ଏଠାକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଭୀଲ ନାଗୋବାଙ୍କ ପୂଜା କରିବାକୁ ଆସନ୍ତି ।

୯. **ଚିଖଲଦାରା** - ମେଲଘାଟ ପାର୍ବତ୍ୟ ଶୃଙ୍ଖଳାରେ ଥିବା ଚିଖଲଦାରା ବହୁ ପ୍ରାଚୀନ ସ୍ଥାନ ଅଟେ । ଏଠାରେ ଚିଖଲା ମାତାଙ୍କ ଆସ୍ଥାନ ଅଛି । ଏହାଛଡ଼ା ଏଠାକାର କଡ଼ୀୟାଲ ଖୋରୀ ରେ ସଂଭୁମହାଦେବଙ୍କ ପ୍ରାଚୀନ ମନ୍ଦିର ଅଛି । ସେଠାରେ ପୁରୁଣା ସମୟର ୬ ଟି ପୋଖରୀ ଅଛି । ଏ ମାନଙ୍କ ନାଗ ସାଗର,କାଲାପାନୀ,ଧୋବୀ,ମଛୀ, ନାଗଝିରା ଓ ବୀର ତାଲାବ (ପୋଖରୀ) । ଏହି ମେଲଘାଟର ଗାବୀଲଗଢ ଦୁର୍ଗ ଅଛି । ଯାହାକୁ ଖେରଲାଗଢର ଗୋଁଡ଼ରାଜା ଗୋପାଲଶାହ ନିର୍ମାଣ କରାଇଥିଲେ । ଏଇ ଦୁର୍ଗ ଉପରେ ବାହମନୀ ରାଜାମାନେ ପରବର୍ତ୍ତୀ କାଳରେ ଦଖଲ କଲେ ।

୧୦. **ଦରୟାପୁର** - ଦରୟା ଅର୍ଥାତ୍ ନଦୀ ଓ ଦରୟା କୂଳରେ ଥିବା ଗ୍ରାମକୁ ଦରୟାପୁର କହାଯାଏ । ଚନ୍ଦରାଭାଗା ନଦୀ କୂଳରେ ଏହି ଦରୟାପୁର ଅବସ୍ଥିତ । ଗୋଁଡ଼ ସଂପ୍ରଦାୟରେ ପ୍ରଚଳିତ ଏକ ବିଶ୍ୱାସ ଅନୁସାରେ ଏଇ ଗ୍ରାମରେ ମହାଡ଼ୋର ନାମକ କୃଷକ ଥିଲା । ସେ ସପ୍ତାହକୁ ଦିନେ ରାତ୍ରିସମୟରେ ନିଜ ଘରେ ଥରବା ସୁଡ଼ଙ୍ଗ ଦେଇ ନିଜ ପତ୍ନୀର ସମାଧି ସ୍ଥାନକୁ ଯାଉଥିଲା । ତାର ଦୁଇଟି ଝିଅ ଥିଲେ । ଜଣକ ନାମ ଚନ୍ଦରୋଁ ଓ ଅନ୍ୟଟିର ନାମ ଭାଗୋ । ଝିଅ ଦୁଇଟି ମାର ମୃତ୍ୟୁ ବେଳକୁ ବହୁତ ଛୋଟ ଥିଲେ । ସେମାନଙ୍କୁ ମାର ମୃତ୍ୟୁ ସଂପର୍କରେ କିଛିଜଣା ନଥିଲା ଦିନେ ରାତିବେଳେ ସେମାନେ ନିଜ ବାପାକୁ ସୁଡ଼ଙ୍ଗଭିତରେ

ପଶୁଥିବାର ଦେଖିଲେ । ସୁଡ଼ଙ୍ଗରେ ପଶିବା ପରେ ତାର ଦ୍ୱାର ବନ୍ଦ ହୋଇ ଗଲା । ସେ ମାନେ ଚିନ୍ତାରେ ପଡ଼ିଗଲେ ଯେ ସେମାନଙ୍କ ବାପା କୁଆଡ଼କୁ ଯାଉଥିବେ । ପରଦିନ ସେମାନେ ଶୋଇକରି ଉଠିଲେ ତ ସେମାନେ ବାପାଙ୍କୁ ନିଜ ବିଛଣାରେ ଥିବାର ଦେଖିଲେ । ଦୁଇଝିଅ ରାତିରେ ଦେଖିଥିବା ଘଟଣା ସଂପର୍କରେ ବାପାଙ୍କୁ ପଚାରିଲେ । ବାପା କହିଲେ ଯେ ଥରେ ପିଲାଦୁହିଁଙ୍କୁ ଓ ସ୍ତ୍ରୀଙ୍କୁ ନେଇ ସେ ଶ୍ୱଶୁର ଘରକୁ  ଯାଇଥିଲେ । ଶଶୁରଙ୍କ ଘର ଦୁଇଦିନ ରହିବା ପରେ ସେମାନେ ୪ ଜଣଯାକ ଫେରୁଥିଲେ ସେତେବେଳେ ଅକସ୍ମାତ ପତ୍ନୀଙ୍କ ଦେହ ଖରାପ ହୋଇଗଲା । ଅବସ୍ଥା ଏତେ ଖରାପ ହେଲାଯେ ସେତେବେଳେ ପତ୍ନୀ ପାଣି ପିଇବାକୁ ମାଗିଲେ କିନ୍ତୁ ସେ ତାଙ୍କୁ ପାଣି ଦେଇପାରିଲେ ନାହିଁ । କାରଣ ତହା ଏମିତି ପାହାଡ଼ିଆ ସ୍ଥାନ ଥିଲା ଯେ ଆଖ ପାଖରେ ପାଣିର ଚିହ୍ନ ବର୍ଣ୍ଣ ନଥିଲା । ପତ୍ନୀ ପାଣି ପାଣି କହିଶେଷ ନିଶ୍ୱାସ ତ୍ୟାଗ କରିଦେଲେ । ସେ ପିଲାଦୁହିଁଙ୍କୁ ଗଛଛାଇ ତଳେ ରଖି ଏକୁଟିଆ ନିଜର ପତ୍ନୀଙ୍କୁ ପଥର ତଳେ ସମାଧିସ୍ଥ କରିଦେଲେ ଏବଂ ପିଲାଙ୍କୁ ନେଇ ଘରକୁ ଫେରିଲେ । ସେ ରାତି ବେଳେ ସେଇ ସମାଧି ସ୍ଥଳକୁ ଯାଇ ପତ୍ନୀଙ୍କୁ ଦେଖି ଆସନ୍ତି ।

ଏହାଙ୍କର ଗବରୀ (ସ୍ତ୍ରୀ) ଯେଉଁ ପାହାଡ଼ରେ ସମାଧିସ୍ଥ ହୋଇଥିଲେ ତାକୁ ଗବରୀଗଢ କୁହାଯାଏ । ଝିଅ ଦୁହେଁ ନିଜର ମାତାଙ୍କ ସମାଧି ସ୍ଥଳ ଦେଖିବାକୁ ଚାହିଁଲେ । ବାପା ପିଲାମାନଙ୍କୁ ନେଇ ମାତାଙ୍କ ସମାଧି ଦେଖାଇଲେ । ଝିଅ ଦୁହେଁ ମନଦୁଃଖରେ ସେଇଠି ବସିଗଲେ ଓ ମନେ ମନେ ପ୍ରାର୍ଥନା କଲେ ସେମାନଙ୍କର ମାତା ପାଣି ବିନା ମୃତ୍ୟୁ ବରଣ କଲେ ; ଏଇ ଅଂଚଳରେ ପାଣି ଅଭାବରେ ଯେପରି କେହି ଜଣେ ମଧ୍ୟ ନମରେ, ସେଥିପାଇଁ ସେମାନେ ସଂଭୁମହାଦେବଙ୍କ ଗୋଁଡ଼ ଶକ୍ତି ନାଗ ଦେବତାଙ୍କୁ ପ୍ରାର୍ଥନା କଲେ ଯେ ସେ ମାଟିତଳେ ସୁଡ଼ଙ୍ଗ କରି ପାଣି ପ୍ରବାହିତ କରନ୍ତୁ ଯାହା ଚିର ସ୍ରୋତା ହୋଇଥିବ । ଏଥିପାଇଁ ସେମାନେ ନିଜର ଜୀବନ ବିସର୍ଜନ କରିବାକୁ ପ୍ରସ୍ତୁତ ଥିଲେ । ନାଗଶକ୍ତି ସେମାନଙ୍କ ପ୍ରାର୍ଥନା ଶୁଣିଲେ ଏବଂ ସମାଧୀ ସ୍ଥଳରୁ ଏକ ଜଳଧାରା ପ୍ରବାହିତ ହୋଇ ଭଉଣୀ ଦୁହିଁଙ୍କୁ ଭସାଇନେଲା । ଏହିପରି ଭାବେ ଚନ୍ଦ୍ରରୋଁ ଓ ଭାଗୋ ଆତ୍ମବିସର୍ଜନ ଦେଇ ଏକ ନଦୀ ପ୍ରବାହିତ କଲେ । ଏହାକୁ ଚନ୍ଦରୋଁ ଭାଗୋ ଢ଼ୋଡ଼ା କୁହାଗଲା ଏବେ

ଏହାକୁ ଚନ୍ଦ୍ରଭାଗା ନଦୀ କୁହାଯାଉଛି । ଏହି ନଦୀ ଯେଉଁ ଗବରୀ ନଦୀରୁ ବାହାରିଛି ତାକୁ ଏବେ ଗାବିଲ ଗଢ କହୁଛନ୍ତି ।

୧୧. **ଧମଂତ୍ରୀ** - ବର୍ଦ୍ଧା ନଦୀ କୂଳରେ କୋଂଡ଼ୀନାପୁର (ଗୋଂଡ଼ୀନାପୁର)ର ଉତ୍ତର କୁ ଥିବା ଏହିଗ୍ରାମରେ ଅତି ପ୍ରାଚୀନ କାଳରୁ ଏକ ହେମାଣ୍ଡରୀ ପେଣ୍ଠ୍ୟାରେ ସଂଭୁ ମହାଦେବ ବିରାଜିତ ଅଛନ୍ତି ।

୧୨. **ଅଚଲପୁର** - ଗୋଁଡ଼ୀ ଗାଥାନୁସାରେ ଅଚଲପୁରର ପ୍ରାଚୀନ ନାମ ଆଚଲାପୁର ଥିଲା । ସୋମାଡୁମ ଆଚଲା ନାମକ ପୁଲିୟାଲ (ବାଘ) ଗୋଣ୍ଡଚିହ୍ନ ଧାରୀ କୋୟାବଂଶୀୟ ଗୋଁଡ଼ ସଂପ୍ରଦାୟର ପ୍ରଗନା ପ୍ରମୁଖର ଏକ ମାଟିର ଦୁର୍ଗ ଥିଲା ତାଙ୍କ ଉପରେ ଚଉଲ (ଲୋମଡ଼ୀ), କୋକିଶୀଆଲୀ ଗୋଁଡ଼ଚିହ୍ନ ଧାରୀ ରାଜାମାନେ ଆକ୍ରମଣ କରି ଏହି ଗଡକୁ ନିଜ ଅଧିନକୁ ନେଲେ । ସେଇ ସମୟରେ ଜୈନ ଧର୍ମାବଲମ୍ବୀ ତୀର୍ଥଙ୍କର ମାନଙ୍କର ଆଗମନ ହେଲା ତାଙ୍କୁ ଚଉଲ ଗୋଁଡ଼ଚିହ୍ନ ଧାରୀ ରାଜା ମାନେ ଆଶ୍ରୟ ଦେଲେ । ଏହି ଚଉଲ ରାଜା ମାନଙ୍କ ମଧ୍ୟରୁ ଜଣେ ରାଜା ଜୈନ ଧର୍ମରେ ଦୀକ୍ଷିତ ହେଲେ, ତାଙ୍କ ନାମ ଇଲ ଥିଲା । ପରେ ଏହାଙ୍କ ନାମାନୁସାରେ ଏହାର ନାମ ଇଲୀଚପୁର କୁହାଗଲା । ମାତ୍ର ଗୋଁଡ଼ ସଂପ୍ରଦାୟର ଲୋକେ ଏବେ ମଧ୍ୟ ଏହାକୁ ଅଚଲପୁର କହୁଛନ୍ତି । ଇଲ ରାଜାଙ୍କ ପରେ ସେଠାରେ ଖେରଲାଗଢର କୁମରା ଗୋତ୍ରୀୟ ଏଟି (ଛେଳି) ଚିହ୍ନଧାରୀ ଗୋଣ୍ଡ ରାଜାମାନେ ଶାସନ କଲେ । ତାଙ୍କ ପରେ ଏ ଅଂଚଳ ବାହମନିରାଜାଙ୍କ ଅଧୀନକୁ ଆସିଲା । ବାହମନି ରାଜାମାନଙ୍କ ପରେ ପୁନହା ଦେବଗଢର ଜାଟବା ମାନଙ୍କ ଶାସନଚାଲିଲା ଶେଷରେ ମରହଟ୍ଟା ମାନଙ୍କ ଶାସନାଧୀନ ହେଲା ।

୧୩. **ଗାବିଲଗଢ** - ଏହାର ପ୍ରାଚୀନ ନାମ ଗବରୀଗଢ ଥିଲା । ଗୋଁଡ଼ୀ ଗୋଣ୍ଡ ଗାଥା ଅନୁସାରେ ମେଲକୋଟ ପାର୍ବତ୍ୟ ଶୃଙ୍ଖଳାରେ ଥିବା ଏଇଗଢକୁ ନିର୍ମାଣ କରାଯିବା ପୂର୍ବରୁ ଏଠାରେ ଅତୀତର ସେଠାରେ ଚିକାଲୀଦାରେ (ଚିଖଲଧରା) ଗ୍ରାମରେ କୋଦୁ କୁମରା ନାମକ କୃଷକ ଥିଲା । ତା'ର ଝିଅଟିଏ ଥିଲା ତା'ର ନାମ ଗବରୀ । ଗବରୀ ଦରୟାପୁରର ମହାଡ଼ୋର ଧୁରବାକୁ ବିବାହ କରି ଦୁଇଟି ଯାଆଁଳା ଝିଅର ମା' ହୋଇଥିଲା ।ିଲା ଓ ପତି ସହ ସେଥରେ ବାପଘରକୁ ଯାଇ କିଛିଦିନ ରହିବାପରେ ଗାବିଲଗଢ ଫେରୁଥିବା ବେଳେ ଅସୁସ୍ଥତା କାରଣରୁ

ମରିଗଲା । ତାର ଯାଆଁଳା ଝିଅଙ୍କୁ ନେଇ ତାର ସ୍ୱାମୀ ମହାଡ଼ୋରଧୁରବା ଘରକୁ ଫେରିଲା । ପିଲାମାନେ ବହୁତ ଛୋଟ ଥିଲେ ସେମାନଙ୍କ ନାମ ଚନ୍ଦରୋଁ ଓ ଭାଗୋ ଥିଲା । ବଡ଼ ହେବାପରେ ସେମାନେ ମାର ଦୁର୍ଭାଗ୍ୟ ପୂର୍ଣ୍ଣ ମୃତ୍ୟୁକଥା ପିତାଙ୍କ ପାଖରୁ ଶୁଣିଲେ ଓ ମାର ସମାଧି ସ୍ଥଳକୁ ଯାଇ ସଂଭୁ ମହାଦେବଙ୍କ ଗୋଁଡ଼ ନାଗଶକ୍ତି ପ୍ରାର୍ଥନା କରି ନିଜ ନିଜ ଜୀବନ ବିନିମୟରେ ଏକ ଜଳଧାରା ଦେବାକୁ ପ୍ରାର୍ଥନା କଲେ । ତାଙ୍କର ପ୍ରାର୍ଥନା ସଂଭୁମହାଦେବଙ୍କ ଗୋଁଡ଼ ଶକ୍ତି ମଂଜୁର କରି ଏକ ଜଳସ୍ରୋତ ଉଦଗମ କରାଇଲେ । ସେଇ ଜଳଧାରରେ ଚନ୍ଦରୋଁ ଓ ଭାଗୋ ଭାସିଗଲେ । ଏହାକୁ ଚନ୍ଦ୍ରଭାଗୋ ଢ଼ୋଢ଼ା ବା ଚନ୍ଦ୍ରଭାଗା ନଈ ନାମରେ ପ୍ରବାହିତ ହେଉଛି । ସେମାନଙ୍କ ମାତା ବଗରୀଦାଈଙ୍କ ନାମାନୁସାରେ ସେ ପାହାଡ଼ର ପୃଷ୍ଠଭାଗରେ ଥିବା ଗବରୀଗଢ ସହରରେ ଚିକାଲୀ ଦାରୋ ଗ୍ରାମ ପାଖରେ ଖେରଲାଗଢ ର ଗୋଁଡ଼ ରାଜାମାନେ ଏକ ଦୁର୍ଗ ତିଆରି କଲେ । ତାକୁ ଗବରୀଗଢ କୁହାଗଲା । ମୋଗଲ ମାନେ ଏହାକୁ ଦଖଲ କରିବା ପରଠାରୁ ଏହାକୁ ଗାବିଲଗଢ଼ କୁହାଯାଉଛି ।

ଗାବିଲଗଢର ମୁଖ୍ୟ ପ୍ରବେଶ ଦ୍ୱାରକୁ ସୋଡ଼ୂମ ଡୁଆର (ସିଂହଦ୍ୱାର) କୁହାଯାଏ । ସେଟାରେ ଗୋଁଡ଼ରାଜଚିହ୍ନ ହାତୀ ଉପରେ ବସିଥିବା ସିଂହ ଖୋଦିତ ହୋଇଛି । ଏଇ ଗଢକୁ ଗୁଲବର୍ଗାର ମୁସଲମାନ ଶାସକ ଅହମଦସାହ ନିର୍ମାଣ କରାଇଥିଲେ ବୋଲି କୁହାଯାଏ । ମାତ୍ର ଗୋବିୟ ଗଢର ଭିତରର ପ୍ରାଚୀରର ପ୍ରବେଶ ଦ୍ୱାର ଦେଖିଲେ ସେଥିରେ ମୋଗଲ ବା ସ୍ଥକଳାର ଚିହ୍ନବର୍ଣ୍ଣ ଦେଖିବାକୁ ମିଳେ ନାହିଁ । ଏଥି ପାଇଁ ଏହାକ ଅହମଦଶାହ ତିଆରି କରିଥିବାକଥା ସତ୍ୟ ସାବ୍ୟସ୍ତ ହୋଇପାରେ ନାହିଁ । ଏକଥା ସତ ଯେ ସେ ଏହାକୁ ଦଖଲ କରିଥିଲେ ଓ ବାହରର ପାଚେରୀ ତିଆରି କରିଥିଲେ । ଅମରାବତୀ ଜିଲ୍ଲାର ଗେଜେଟିୟରରେ,

Gawaligarh was probably fortitied lons before the time of Ahamed Sah ଲେଖାଯାଇଛି । ସେଠାରେ ଥିବା ଦେବତାଲ, ଲେଂଡ଼ୀତାଲ, ସତୀତାଲ, ଧୋବୀତାଲ, ମୁଣ୍ଡାତାଲ ଏସବୁ ପ୍ରମାଣ କରେ ଯେ ଏହାକୁ ଗୋଁଡ଼ ରାଜାମାନେ ତିଆରି କରିଥିଲେ । ବୁଢ଼ା ଦେବତାଲ, ଲେଂଡ଼ୀତାଲ, ମୁଣ୍ଡାତାଲ ଆଦି ଗୋଁଡ଼ୀ ଭାଷାର ଶଦ୍ଦ ଅଟେ ।

ଗାବୀଲ ଗଡକୁ ଗବଲୀ ରାଜା ମାନଙ୍କ ଦୁର୍ଗ ମଧ୍ୟ କୁହାଯାଏ । କିନ୍ତୁ ଏହା କେବଳ ଅନୁମାନ ଏହାର କୌଣସି ଆଧାର ନାହିଁ, ଯେଉଁ ଗାବିଲ ଗଡର ଦକ୍ଷିଣରେ ନରନାଲା,ଉତ୍ତରରେ ଖେରଲା ଓ ପଶ୍ଚିମରେ ଅଶୀର ଗଢ ଭଳି ଗୋଁଡ଼ ରାଜାମାନଙ୍କର ଦୁର୍ଗ ଥିଲା ତାର ମଝୀରେ ଅନ୍ୟ କୌଣସି ରାଜାଙ୍କର ରାଜ୍ୟଥିବା ସଂଭବନୁହେଁ । ଏହା ଗୋଁଡ଼ଓ୍ୱାନାର ଗୋଁଡ଼ ରାଜାମାନଙ୍କର ପ୍ରାଚୀନତା କୁ ନଷ୍ଟ କରିଦେବାକୁ ଏହା ଏ ଆର୍ଯ୍ୟ ମାନଙ୍କର ଏକ ଚକ୍ରାନ୍ତ ।

୧୪. **କୋଂଡ଼ୀନାପୁର** - ଚାନ୍ଦୁର ତହସିଲରେ ବରୁଦାଉ (ବର୍ଦ୍ଧା) ନଦୀ କୂଳରେ ଥିବା କୋଣ୍ଡିନାପୁର ର ପ୍ରାଚୀନ ନାମ ଗୋଁଡ଼ୀନାପୁର । ଏହାର ପାକରେ ଦେଉଳବାଡ଼ା ଗ୍ରାମରେ ପ୍ରସ୍ତର ଯୁଗୀୟ ପ୍ରତ୍ନତାତ୍ତ୍ୱିକ ଅବଶେଷ ପ୍ରତ୍ନତାତ୍ତ୍ୱିକ ମାନଙ୍କୁ ମିଳିସାରିଛି । ଏ ଗ୍ରାମର ସଂବଧ ମହାଭାରତ ଯୁଗୀୟ କୁଂଡ଼ୀନପୁର ସହ ଯୋଡ଼ିବାକୁ ଆର୍ଯ୍ୟ ବିଚାର ଧାରା ଇତିହାସକାର ମାନେ ଚେଷ୍ଟା କରିଛନ୍ତି । ଏହାକୁ ବିଦର୍ଭର ରାଜଧାନୀ ଘୋଷିତ କରାଯାଇଛି । ମାତ୍ର ମହାଭାରତ କାଳୀନ ବିଦର୍ଭ ନୈଷଧ ଦେଶର ଦକ୍ଷିଣରେ ଏକ ବିନ୍ଧ୍ୟ ପୃଷ୍ଠ ବାଲା ପ୍ରଦେଶ ଥିଲା, ସତପୁଡ଼ା ପୃଷ୍ଠାବାଲା ପ୍ରଦେଶ ନୁହେଁ ।

୧୫. **କୋଂଡ଼େଶ୍ୱର** - ଅମରାବତୀ ତହସିଲରେ ବଡ଼ନେରା ର ୨ କି.ମି. ଦୁର ଏକ ପଂଚଖଣ୍ଡ ପଥରରେ ନିର୍ମିତ ଏକ ମନ୍ଦିର ଅଛି । କୋଂଡ଼େଶ୍ୱର ର ଅର୍ଥ ଗୋଣ୍ଡେଶ୍ୱର । ଏହାକୁ ରାକ୍ଷସ ମାନଙ୍କ ଦ୍ୱାରା ନିର୍ମିତ ମନ୍ଦିର କୁହାଯାଉଛି ।

୧୬. **ଲାସୁରା** - ଦରୟାପୁର ତହସିଲରେ ଲାସୁରା ଗ୍ରାମରେ ମଧ୍ୟ ସଂଭୁମହାଦେବଙ୍କର ହେମାଣ୍ଡରୀ ପେଣଠିୟା ଶୈଳୀର ମନ୍ଦିର ଅଛି । ଏବେ ଏହା ଭାଂଗିରୁଜି ଗଲାଣି । ଏହାକୁ ମଧ୍ୟ ରାକ୍ଷସ ମାନଙ୍କ ଦ୍ୱାରା ନିର୍ମିତ ମନ୍ଦିର ବୋଲି ବିଶ୍ୱାସ କରାଯାଉଛି ।

୧୭. **ନେରାପିଙ୍ଗଲାଇ** - ନେରାପିଂଗଲାର ଗ୍ରାମରେ ଏକ ହେମାଣ୍ଡରୀପେଣଠିୟା ଶୈଳୀରେ ନିର୍ମିତ ମନ୍ଦିରରେ ସଂଭୁମହାଦେବଙ୍କ ଲିଂଗ ସ୍ଥାପିତ ହୋଇଛି । ଏହା ରାକ୍ଷସ ମାନେ ତିଆରି କରିଛନ୍ତି ବୋଲି ବିଶ୍ୱାସ କରାଯାଉଛି ।

୧୮. **ପୂର୍ଣ୍ଣାନଦୀ** - ଏହାର ପ୍ରାଚୀନ ନାମ ପୂରାନାଢ଼ୋଡ଼ା ଅର୍ଥାତ୍ ପୁରାନା ନଦୀ । ଭୈସ ଦେହୀ ତହସିଲର ଗାବୀଲଗଢ ପାର୍ବତ୍ୟ ଶୃଙ୍ଖଳରେ ଥିବା "ପୁରାନାଝିରିୟା" (ସ୍ନାନକୁଣ୍ଡ)ର ଉଦଗମ ହୋଇଥିବା ପୁରାନାଢ଼ୋଡ଼ା ବା ପୂର୍ଣ୍ଣା ନଦୀ ସଂପର୍କରେ ଗୋଣ୍ଡଜୀବଙ୍କ କିଂବଦନ୍ତୀ ଅଛି ଯେ ମେଲକୋଟ ଗୋଣ୍ଡରାଜ୍ୟର ସୈମାଡ଼ୋର ନାମକ ଏକ ଗୋଁଡ଼ ପ୍ରମୁଖର ଝିଅ ମୂଲାଦାଈ ପିଲାବେଳେ ଯେଉଁ (ଝିରିୟା) କୁଣ୍ଡରେ ଗାଧୋଇଥିଲେ ତାକୁ ଗୋଁଡ଼ୀ ଭାଷାରେ "ପୁରାନା ଝିରିୟା" କୁହାଯାଏ । ସେଥିରୁ ଉଦଗମ ହୋଇଥିବା ନଦୀକୁ ପୁରାନାଢ଼ୋଡ଼ା ବା (ପୂର୍ଣ୍ଣାନଦୀ) କୁହାଯାଏ । ଏହି ପୁରାନା ନଦୀ ଆରମ୍ଭରେ ଗାବୀଲଗଢର ପାହାଡ଼ିଆ ଦକ୍ଷିଣ ଗଡାଣିରେ ଓହ୍ଲାଇ ପ୍ରାୟ ୫୦ ମାଇଲ ନୈଋତ ଦିଗକୁ ଯାଇ ସେଠାରୁ ପଶ୍ଚିମ ଅଭିମୁଖୀ ହୋଇଛି । ନିଜ ଧାରା ସହ ଚନ୍ଦ୍ରବାଗା ନଦୀକୁ ମିଶାଇ ଅକୋଲା ଜିଲ୍ଲାରେ ପଶିଛି । ତାପରେ ଜଲଗାଓ ତହସିଲ ଦେଇ ବୁଲଢାନା ଜିଲ୍ଲାରେ ପ୍ରବେଶ କରି ଅରୁଟବଣ୍ଡା (ଅଜନ୍ତା)କୁ ଛୁଇଁ ଖାଦ ଦେଶରେ ପହଞ୍ଚି ତାପି ନଦୀରେ ନିଲୟ ହୋଇଯାଇଛି ।

ସତପୁଡ଼ାର ମେଲଘାଟ ପାର୍ବତ୍ୟ ଶୃଙ୍ଖଳାରେ ଉଦଗମ ହୋଇ ବହିଯାଇଥିବ ପୁରାନ ନଦୀକୁ ଥୟୋଷ୍ଣୀ ନଦୀ ଓ ସତପୁଡ଼ାକୁ ବିନ୍ଧ୍ୟ ପର୍ବତର ଅଂଶ ବୋଲି କହିବାକୁ ଚେଷ୍ଟା କରାଯାଇଛି । ମହାଭାରତର ନଳଦମୟନ୍ତୀ ଉପାଖାନରେ ପୟୋଷ୍ଣୀ ନଦୀକୁ ବିନ୍ଧ୍ୟ ପର୍ବତରୁ ଉଦଗମ ହୋଇ ଦକ୍ଷିଣକୁ ଯାଇ ସମୁଦ୍ରରେ ମିଶିଥିବା କାଳ୍ପନିକ କଥା କୁହାଯାଇଛି ।

ମେଲଘାଟ ପାର୍ବତ୍ୟ ଶୃଙ୍ଖଳାରୁ ଉଦଗମ ହୋଇଥିବା ପୁରାନା ଢ଼ୋଡ଼ା,ଚନ୍ଦରୋଁ ଭାଗୋ ଢ଼ୋଡ଼ା,ଦେଉଲଘାଟରୁ ଉଦଗମିତ ପେନଗଙ୍ଗା,ମୂଲାତାପିର ଉଦଗମ ତାପି ଢ଼ୋଡ଼ା ଦାଉଡ଼ା ଘାନାର ବରୁଦାଉ (ବର୍ଦ୍ଧା) ଢ଼ୋଡ଼ା,ଜୁନୋରଦେବ ପେନଠାନାର ପେନକ ଢ଼ୋଡ଼ା,କନକନାଣ୍ଡ ଝିରିୟାର କନ୍ନାଣ୍ଡ ଢ଼ୋଡ଼ା, ମୁଣ୍ଡାରା ହୀରୋଗଙ୍ଗାର ବେନଗଙ୍ଗା ହିରଦା ଢ଼ୋହାର

ତାବା ଢ଼ୋଡ଼ା, ଅମୂରକୋଟ ନରମାଦା ଢ଼ୋଡ଼ା, ସୁଦୁର ଉଦଗିତ ଶିବନାଥ ଢ଼ୋଡ଼ା, ସିହାବାର ମହାଢ଼ୋଡ଼ା ଅଦି ନଦୀ ମାନଙ୍କର ପୌରାଣିକ ଗୋଁଡ଼ୀ ଗାଥା ଓ ସେମାନଙ୍କ ଉପତ୍ୟକାରେ ବାସକରିଥିବା କୋୟାବଂଶୀୟ ଗୋଁଡ଼୍ ସଂପ୍ରଦାୟର ପ୍ରତ୍ନତାତ୍ତ୍ୱିକ ଅବଶେଷ । ପେନମେଢ଼ୀ, ମେଲଘାଟ, ଅମ୍ବରକୋଟ, ସାଲେଘାଟ, ବେନଦିୟାଲରେ ଥିବା ପ୍ରାଚୀନ ପେନଠିୟା (ମନ୍ଦିର) ଆଦି ଏକଥାର ଅକାଟ୍ୟ ପ୍ରମାଣ ପ୍ରଦାନକରେ ଯେ ଏ ଅଂଚଳରେ ହିଁ ଗୋଁଡ଼ୀନାଂଗଭୀଡ଼ାର (ଗୋଁଡ଼୍ ସଂପ୍ରଦାୟର ବସତି ସ୍ଥାନ) ଅନାଦିକାଳରୁ ରହିଆସିଥିଲା ।

ଜୟସେବା,
ଜୟ ବୁଢ଼ାଦେବ,
ଜୟ ଗୋଁଡ଼୍‌ୱାନା ।

।।।



## ବିରଞ୍ଚି ନାୟକ

ଜନ୍ମ -୨୩.୧୦.୧୯୫୨

ଗୌଡ଼୍ ମାନଙ୍କର ମୂଳ ନିବାସ ପରିଚୟ ପୁସ୍ତକଟିକୁ
ଓଡ଼ିଆରେ ଅନୁବାଦ କରିଛନ୍ତି ଅବସରପ୍ରାପ୍ତ ଓଡ଼ିଶା
ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ବିରଞ୍ଚି ନାୟକ ।
ଶ୍ରୀ ନାୟକ ପ୍ରବୃତ୍ତିରେ ଜଣେ ସାହିତ୍ୟିକ ।
ତାଙ୍କ ଲେଖନୀର ନିଃସୃତ କବିତା ପୁସ୍ତକ

୧. ଅନ୍ୱେଷା
୨. ଖଇରୀ ନଦୀ ଓ ଅନ୍ୟାନ୍ୟ କବିତା
୩. ଅନ୍ୟ ଅରଣ୍ୟର ପକ୍ଷୀ
୪. ରାଗ ବିଷାଦ
୫. କାହ୍ନୁ ଲାଗି କେତୋଟି ସନେଟ୍

ପ୍ରକାଶିତ ହୋଇ ପ୍ରଚୁର ପାଠକୀୟ ଶ୍ରଦ୍ଧା ସାଉଁଟିଛି ।
ଶ୍ରୀଯୁକ୍ତ ନାୟକ ସାମାଜିକ ଆଚରଣ ସଂହିତା
(ଆଠମଲ୍ଲିକର ଘରୋଇ ପ୍ରସାରଣ ନିମନ୍ତେ) ମଧ୍ୟ
ସଂକଳନ କରିଛନ୍ତି । ସଂପ୍ରତି ତାଙ୍କର ଗଳ୍ପ ପୁସ୍ତକ -
ବୈରାଗ୍ୟରୁ ଶୃଙ୍ଗାର ପର୍ଯ୍ୟନ୍ତ ଏବଂ
କବିତା ପୁସ୍ତକ - ଲୁବ୍ଧକର ଗୀତ ପ୍ରକାଶ ଅପେକ୍ଷାରେ ।
ଏହା ଛଡ଼ା ସେ ତ୍ରିଧାରା ସାହିତ୍ୟ ସଂସଦ ବଇଁଡ଼ା ସଭାପତି,
ଗାନ୍ଧୀ ମେମୋରିଆଲ୍‌ଟ୍ରଷ୍ଟ ବାମୁର ର କାର୍ଯ୍ୟକାରୀ
ସଭାପତିର ଦାୟିତ୍ୱରେ ଥାଇ ନିଷ୍ଠାପର ଭାବେ ଅନୁଷ୍ଠାନ
ଗୁଡ଼ିକର ପରିଚାଳନା କରୁଛନ୍ତି ।

ପ୍ରକାଶକ ।